ନାଟ୍ୟକାର

ରାମଚନ୍ଦ୍ର ମିଶ୍ର



ଅଜୟ କୁମାର ମିଶ୍ର

Digitized by srujanika@gmail.com

ନାଟ୍ୟକାର ରାମଚନ୍ଦ୍ର ମିଶ୍ର

ଡକ୍ଟର ଅଜୟ କୁମାର ମିଶ୍ର

ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର

Digitized by srujanika@gmail.com

ନାଟ୍ୟକାର ରାମଚନ୍ଦ୍ର ମିଶ୍ର

ଲେଖକ : ଡକ୍ଟର ଅଜୟ କୁମାର ମିଶ୍ର

ପ୍ରକାଶକ : ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧୦୧୪

ପ୍ରଥମ ପ୍ରକାଶ : ୨୦୦୫

ମୁଦ୍ରଣ : ଆନନ୍ଦ ପ୍ରିଣ୍ଟର୍ସ, କଟକ - ୧

ମୂଲ୍ୟ : ଟ୭୦.୦୦ (ସତୁରି ଟଙ୍କା ମାତ୍ର)

Natyakara Rama Chandra Mishra

By Dr. Ajaya Kumar Mishra

Published by : Orissa Sahitya Akademi
Sanskruti Bhawan
Bhubaneswar-751014

First Edition : 2005

Printing : Ananda Printers, Cuttack-1

Price : Rs 70=00 (Rupees Seventy only)

ISBN : 81 - 7586 - 118 - 5

Digitized by srujanika@gmail.com

ପ୍ରାଗ୍‌ଭାଷ

ଓଡ଼ିଶାର ନାଟ୍ୟ ଜଗତରେ ରାମଚନ୍ଦ୍ର ମିଶ୍ର (୧୯୨୦ରୁ ୧୯୯୨) ଜଣେ ଏକନିଷ୍ଠ ସାଧକ ଭାବରେ ସାରାଜୀବନ ନାଟକରଚନା, ନିର୍ଦ୍ଦେଶନା, ଚର୍ଚ୍ଚା, ଆଲୋଚନା ପ୍ରଭୃତିରେ ମନୋନିବେଶ କରି, ଓଡ଼ିଆ ନାଟ୍ୟଧାରାକୁ ବିଭିନ୍ନ ଦିଗରୁ ସଂବୃଦ୍ଧ କରି ଯାଇଛନ୍ତି । ଓଡ଼ିଶାର ନାଟ୍ୟଚେତନାକୁ ସେ ସମଦର୍ଶକ ସମାଜ ନିକଟରେ ଅତି କୌଶଳର ସହିତ ଉପସ୍ଥାପନ କରି, ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କରିଛନ୍ତି । ତାଙ୍କ ସାଧନାର ସ୍ୱାକ୍ଷର ବହନ କରି ଓଡ଼ିଆ ନାଟକ ଆଧୁନିକ ଯୁଗରେ ପଦାର୍ପଣ କରିଛି । ଆମର ପାରମ୍ପରିକ ମୂଲ୍ୟବୋଧ, ତ୍ୟାଗ-ଆଦର୍ଶ ପ୍ରଖ୍ୟାପନର ମହାନ ଉଦ୍ଦେଶ୍ୟ, ଗାନ୍ଧୀବାଦୀ ଚେତନାର ପ୍ରସାରଣ ଘଟାଇବା ଦିଗରେ, ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକ ସଦା ତତ୍ପର । ସେ ଓଡ଼ିଶାର ନାଟ୍ୟପ୍ରେମୀମାନଙ୍କ ମନୋଭୂମିକୁ ଠିକ୍‌ଭାବରେ ଚିହ୍ନିଥିଲେ ଏବଂ ନାଟକ ମାଧ୍ୟମରେ ସେମାନଙ୍କ ମନୋରଂଜନ କରାଇବା ସହିତ, ସେମାନଙ୍କୁ ନୈତିକ ମୂଲ୍ୟବୋଧ, ତ୍ୟାଗ, ଆଦର୍ଶ ପ୍ରତି ଅବହିତ କରାଇଥିଲେ । ବିଶେଷତଃ ମନୋରଂଜନ ସହିତ ଲୋକଶିକ୍ଷା ଥିଲା ତାଙ୍କ ନାଟକର ଦୁଇଟି ମୁଖ୍ୟ ବିଭବ, ଯାହା ତାଙ୍କର ପ୍ରତିଟି ନାଟକରେ ଛନ୍ଦାଛନ୍ଦି ହୋଇ ରହିଥିବା ଲକ୍ଷ୍ୟ କରାଯାଏ । ପୁଣି ତାଙ୍କ ଜୀବନଧାରାରୁ ଜଣାଯାଏ ଯେ, ସେ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ । ସାଧାରଣ କଥାରେ ଚାକିରି ଛାଡ଼ି, ସ୍ୱାଧୀନଜୀବନ ନିର୍ବାହ କରିଥିବା ରାମଚନ୍ଦ୍ର ଥିଲେ ନୀତି-ଆଦର୍ଶ ଓ ମୂଲ୍ୟବୋଧର ପୂଜକ । ତାଙ୍କ ବ୍ୟକ୍ତିଗତ ଜୀବନର ଯାବତୀୟ ଘନଘଟା ମଧ୍ୟରେ ବି, ଜୀବନର ଶେଷକାଳ ଯାଏ ସେ ନାଟକ ରଚନା ଅବ୍ୟାହତ ରଖିଥିଲେ । ଓଡ଼ିଶାର ପ୍ରାୟ ପ୍ରତି ନାଟ୍ୟଶାଳାରେ ଉପସ୍ଥିତ ହେଉଥିଲେ ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ବିରଳ ପ୍ରତିଭା ସଂପର୍କରେ ମନୋଗ୍ରାଫଟିଏ ପ୍ରସ୍ତୁତ କରିବା ନିମିତ୍ତ ଓଡ଼ିଶା ସାହିତ୍ୟ ଏକାଡେମୀ ଅନେକ ଦିନରୁ ଚେଷ୍ଟା କରିଆସିଛି । ଏ ସଂପର୍କରେ ମଧ୍ୟ ଓଡ଼ିଶାର ଅନେକ ବିଦ୍ୱାନ୍‌ଙ୍କୁ ଅନୁରୋଧ କରିଆସିଛି । ମାତ୍ର କୌଣସି କାରଣରୁ ସଂପୃକ୍ତ କାର୍ଯ୍ୟଟି ସଂପାଦିତ ହୋଇ ପାରି ନ ଥିଲା । ଚଳନ୍ତି ସମୟରେ ଓଡ଼ିଶାର ଜଣେ ବିଦଗ୍ଧ ନିବନ୍ଧକାର, ଗବେଷକ, ସମାଲୋଚକ ତଥା କଥାକାର ଡକ୍ଟର ଅଜୟ କୁମାର ମିଶ୍ରଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ସଂକ୍ଷିପ୍ତ ଜୀବନାଲେଖ୍ୟଟିଏ ପ୍ରସ୍ତୁତ କରିବାକୁ ଅନୁରୋଧ କରିଥିଲା । ଆନନ୍ଦର ବିଷୟ, ଡକ୍ଟର ମିଶ୍ର ବହୁ ଶ୍ରମ ସ୍ୱୀକାର କରି, ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଜୀବନାଲେଖ୍ୟ ଓ ନାଟ୍ୟକୃତି ଉପରେ ଉପଯୁକ୍ତଭାବରେ ଆଲୋକପାତ କରି, ଏକାଡେମୀର ଶୁଭ ପ୍ରୟାସକୁ ସାକାର କରିଛନ୍ତି । ତାଙ୍କ ଶ୍ରମସାଧନାକୁ ସଶ୍ରଦ୍ଧ ସ୍ୱୀକୃତି ଜଣାଉଛୁ ।

ସଂପୃକ୍ତ ଜୀବନାଲେଖ୍ୟଟି ପାଠକମାନଙ୍କୁ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସଂପର୍କରେ ଅଧିକ ଜାଣିବା ନିମିତ୍ତ ଜିଜ୍ଞାସା ସୃଷ୍ଟି କରିପାରିଲେ ଏକାଡେମୀର ଉଦ୍ଦେଶ୍ୟ ସିଦ୍ଧ ହେବ ତଥା ଗ୍ରନ୍ଥକାରଙ୍କ ଶ୍ରମ ସାର୍ଥକ ହେବ ।

ଚନ୍ଦ୍ରଶେଖର ଦାସବର୍ମା
ସଂପାଦକ
ଓଡ଼ିଶା ସାହିତ୍ୟ ଏକାଡେମୀ

ଶ୍ରୀପଞ୍ଚମୀ-୨୦୦୫

Digitized by srujanika@gmail.com

ମୁଖଶାଳା

ଓଡ଼ିଆ ଜାତି କଳାପ୍ରିୟ । ଏହାର ନାଟ୍ୟକଳା ପରମ୍ପରାପୁଷ୍ଟ । ଖଣ୍ଡଗିରିର ଶିଳାଗୃହ ଅଥବା କୋଣାର୍କର ସ୍ଥାପତ୍ୟ - କେଉଁଠି ନା କେଉଁଠି, ପ୍ରସ୍ତର ଗାତ୍ରରେ ଖୋଦିତ, ଅଭିନୟପଟୁ, ନର୍ତ୍ତନଶୀଳ ଓଡ଼ିଆର ନୃତ୍ୟ-ନିପୁଣ ନଟ ଜୀବନର ପରିପ୍ରକାଶ । ତାହା ଜୀବନର ପ୍ରେରଣା, ଜୀବନରେ ଭରିଦିଏ ନବ ସର୍ଜନଶୀଳତାର ନୂତନ ପରିଭାଷା । ଓଡ଼ିଆ ନାଟ୍ୟ ପରମ୍ପରାରେ ଜଣେ ମର୍ତ୍ତ୍ୟ-ଗନ୍ଧର୍ବ ଥିଲେ, ଆଧୁନିକ ଓଡ଼ିଆ ନାଟ୍ୟପର୍ବର ଅଦ୍ଭୁତ ବିନ୍ଧାଣି, ବିଚିତ୍ର ବିଶ୍ୱକର୍ମା ରାମଚନ୍ଦ୍ର ମିଶ୍ର ।

ପ୍ରତିଟି ଓଡ଼ିଆ ଭିତରେ ଜୀବନ୍ତ ଥାଏ; ଛଳ ଛଳ କୈଶୋରର ସେଇ ନାଟ୍ୟପ୍ରିୟତା । ଗାଁରୁ ଯାତ୍ରାଦଳ ଫେରିଗଲା ପରେ, ବାଉଁଶବୁଦା କି ଆମ୍ବତୋଟା ଛାଇରେ ନଡ଼ିଆ ଚାଞ୍ଚ ପକାଇ ଚାଲେ ଆମର ଅଭିନୟ, ତାଳବାହୁଙ୍ଗା ବା ବାଉଁଶ ବତାର ଖଣ୍ଡା ଧରି ଆରମ୍ଭ ହୁଏ ଆମର ସମରପର୍ବ । ଏଇ ଅଣଆନୁଷ୍ଠାନିକ ଅଭିନେତାଗିରି, ଆନୁଷ୍ଠାନିକ ସିଦ୍ଧି ପାଇଲାବେଳକୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ 'ନରୋତ୍ତମ ଦାସ କହେ' ନାଟକରେ 'ନରୋତ୍ତମ' ଭୂମିକାରେ କେତେ ତାଳି ପାଇଚି । ଇଚ୍ଛା ଥିଲା ଏଇ 'ନରୋତ୍ତମ'ଙ୍କୁ ତିଆରିଥିବା ରାମଚନ୍ଦ୍ରଙ୍କୁ ଭେଟି ପାରନ୍ତିକି, ଧନ୍ୟ ହୋଇଯାଆନ୍ତି । ଧନ୍ୟ ହେଲି, ଭୁବନେଶ୍ୱର ସୂଚନା ଭବନରେ ଅନୁଷ୍ଠିତ 'ନାଟ୍ୟଚକ୍ର'ର ଉତ୍ସବରେ ତାଙ୍କୁ ଭେଟି ମୁଣ୍ଡିଆ ମାରି ତାଙ୍କ ଆଶୀର୍ବାଦ ନେଲାବେଳେ । ଆଗରୁ ତାଙ୍କ ନାଟକରେ ତ ଅଭିନୟ କରିଥିଲି, କିନ୍ତୁ ଏବେ ତାଙ୍କୁ ଦେଖିବାର, ଭେଟିବାର ସ୍ୱପ୍ନ ସାକାର ହେଇଗଲା । ସବୁଠାରୁ ସ୍ମରଣୀୟ ହେଲା, ଉତ୍ସବ ଶେଷରେ, ସେଦିନ ତାଙ୍କ ସହିତ କଟକ ବାହୁଡ଼ିବାବେଳେ, ନାଟକ ସଂପର୍କରେ କେତେ କଥା, କେତେ ବକ୍ତବ୍ୟ - ସେତେବେଳକୁ ମୁଁ ଅଧ୍ୟାପନା ବୃତ୍ତିରେ, ତାଙ୍କ ନାଟକ ପଢ଼ିଥିଲି, କେତୋଟିରେ ଅଭିନୟ କରିଥିଲି, କେତୋଟିରେ ନିର୍ଦ୍ଦେଶନା ମଧ୍ୟ ଦେଇଥିଲି ।

ମୋର ପ୍ରିୟ ନାଟ୍ୟକାର ରାମଚନ୍ଦ୍ରଙ୍କ ଉପରେ ଏକ ଜୀବନାଲେଖ୍ୟ ପ୍ରସ୍ତୁତି ପାଇଁ, ଓଡ଼ିଶା ସାହିତ୍ୟ ଏକାଡେମୀ ଯେତେବେଳେ ଅନୁରୋଧ କଲେ, ଏହାକୁ ଏକ ସୌଭାଗ୍ୟ ମଣିଲି ।

Digitized by srujanika@gmail.com

କାମ ଆରମ୍ଭ କଲି, ନାଟ୍ୟକାରଙ୍କୁ ବିଚାର କରିବାବେଳେ, ମୋ ଆଗରେ ସେ ଯେମିତି ଆପେ ଉଭା ହେଲାଭଳି ଲାଗନ୍ତି, ତାଙ୍କୁ ମନଶ୍ଚକ୍ଷୁରେ ଦେଖି ଭୟ ପାଉଥାଏ - ନାଟକ ରଚନା କରିଥିବା ଓ ନାଟକ ସଂପର୍କରେ ଆଲୋଚନା ଲେଖିଥିବା ରାମଚନ୍ଦ୍ରଙ୍କୁ ବିଚାର କରିବି କେମିତି ? ମାତ୍ର ତାଙ୍କ ଦୃଢ଼ ବ୍ୟକ୍ତିତ୍ୱର ନିର୍ଭୀକତାରେ ପ୍ରଚୋଦିତ ହୋଇ କାମରେ ହାତ ଦେଲି । ତାଙ୍କର ସୁଯୋଗ୍ୟ ପୁତ୍ର, ରେଭେନ୍ସା କଲେଜର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରବୀଣ ଅଧ୍ୟାପକ ଓ ଗବେଷକ ଡକ୍ଟର ଗିରୀଶ ଚନ୍ଦ୍ର ମିଶ୍ର, ଏଇ କାମରେ ଅକୁଣ୍ଠ ସାହାଯ୍ୟ କଲେ, ତାଙ୍କ ସହଯୋଗ ଅନୁପ୍ରେରିତ କଲା ମୋତେ । ସ୍ମରଣିକା, ପୁସ୍ତକାଦି ଶ୍ରଦ୍ଧାର ସହିତ ଯୋଗାଇଦେଇ ମୋତେ ଅନୁଗୃହୀତ କରିଛନ୍ତି । ତାଙ୍କୁ କୃତଜ୍ଞତା ଜ୍ଞାପନ କରୁଛି ।ଓଡ଼ିଆ ଭାଷା-ସାହିତ୍ୟର ପ୍ରଖ୍ୟାତ ଗବେଷକ, କଥାକାର, ନାଟ୍ୟକାର ଓ ସାହିତ୍ୟ ସଂଗଠକ, ସଂକଳକ ଓ ସଂପାଦକ ମୋର ଗୁରୁ ଡକ୍ଟର ରତ୍ନାକର ଚଇନି, ନାଟ୍ୟଚକ୍ର ଅନୁଷ୍ଠାନ ମାଧ୍ୟମରେ, ରାମଚନ୍ଦ୍ରଙ୍କ ସହିତ ମୋତେ ପରିଚିତ କରାଇଥିଲେ ଏବଂ ତାଙ୍କ ନାଟ୍ୟ ବୃତ୍ତିର ଚର୍ଚ୍ଚା କରିବା ନିମିତ୍ତ ମଧ୍ୟ ମୋତେ ଉତ୍ସାହିତ କରିଥିଲେ । ତାଙ୍କୁ କୃତଜ୍ଞତା ଜଣାଉଛି ।

ପୂର୍ବରୁ କେତେକ ନାଟ୍ୟ ସମାଲୋଚକଙ୍କ କୃତିରେ ନାଟ୍ୟକାର ରାମଚନ୍ଦ୍ର ଆଲୋଚିତ, କେତେଜଣ ବିଦ୍ୱାନ୍ ମଧ୍ୟ ତାଙ୍କ କୃତିର ଗବେଷଣା କରିସାରିଛନ୍ତି । ଆଲୋଚକ ଓ ଗବେଷକ ଡକ୍ଟର ନାରାୟଣ ସାହୁଙ୍କ ସଂପାଦନାରେ 'ନାଟ୍ୟକାର ରାମଚନ୍ଦ୍ର ସୃଷ୍ଟିବଳୟ' (୧୯୯୩) ଏବଂ ଗବେଷକ ବ୍ରଜଗୋପାଳ ମହାନ୍ତିଙ୍କ ଗବେଷଣା ସନ୍ଦର୍ଭ 'ରାମଚନ୍ଦ୍ର ସୃଷ୍ଟିମାନସ' (୧୯୯୩) ପୁସ୍ତକ ଦୁଇଟି ପ୍ରକାଶ ପାଇ, ରାମଚନ୍ଦ୍ରଙ୍କ ନାଟ୍ୟଚେତନାକୁ, ନାଟ୍ୟାମୋଦୀମାନଙ୍କ ନିକଟରେ ଉପଯୁକ୍ତ ଭାବରେ ଉପସ୍ଥାପନ କରିଛି । ଏହା ସହିତ, ରାମଚନ୍ଦ୍ରଙ୍କ ନାଟ୍ୟ ସଂଭାରକୁ ଭିତ୍ତିକରି ଅନ୍ୟ କେତେଜଣ ଗବେଷଣା କାର୍ଯ୍ୟ କରିଛନ୍ତି, ଯାହା ପୁସ୍ତକ ଆକାରରେ ପ୍ରକାଶ ପାଇପାରିନାହିଁ । ସଂପୃକ୍ତ ଆଲୋଚନା ପୁସ୍ତକଟି ପ୍ରସ୍ତୁତ କରିବା କାଳରେ, ଏସବୁର ସହାୟତା ନିଆଯାଇଛି । ପ୍ରସ୍ତୁତ ଗ୍ରନ୍ଥକାର, ଗବେଷକ, ଆଲୋଚକ ଓ ସଂକଳକମାନଙ୍କୁ ଏଇ ଅବସରରେ କୃତଜ୍ଞତା ଜ୍ଞାପନ କରୁଅଛି ।

ରାମଚନ୍ଦ୍ର ଜଣେ ନାଟ୍ୟକାର ଭାବରେ ଅସାଧାରଣ ସିଦ୍ଧିର ଅଧିକାରୀ । ମାତ୍ର ନାଟ୍ୟ ଆଲୋଚନା କ୍ଷେତ୍ରରେ ତାଙ୍କର ଅନ୍ୟତମ କୃତି 'ଲୋକନାଟକ' ଭିନ୍ନ ଦିଶାର ପରିଚୟ ନିଶ୍ଚୟ । ପୁନଶ୍ଚ ତାଙ୍କ ରଚିତ ଦୁଇଟି ଉପନ୍ୟାସ 'ବିବାହିତା' ଏବଂ 'ସେଇ ଲକ୍ଷ୍ମୀପୁର' ପ୍ରତି କୌଣସି ଆଲୋଚକ ଦୃଷ୍ଟିଦେଇ ନ ଥିବା ଦୁଃଖଦାୟକ । ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକ ଗବେଷଣା ଓ ମୂଲ୍ୟାୟନ କ୍ଷେତ୍ରରେ ତାଙ୍କ ରଚିତ ଉପନ୍ୟାସ ଦୁଇଟିର ଚର୍ଚ୍ଚାର ପ୍ରାସଙ୍ଗିକତା ଅନୁଭବ କରିଛି ଏବଂ ଏ ସଂପର୍କୀୟ କିଂଚିତ ଆଲୋଚନା ମଧ୍ୟ ସଂପୃକ୍ତ ପୁସ୍ତକଟିରେ ସ୍ଥାନିତ ହୋଇଛି । 'ଲୋକନାଟକ' ସଂପର୍କରେ ରାମଚନ୍ଦ୍ରଙ୍କ ମହାର୍ଘ ଚିନ୍ତନକୁ

Digitized by srujanika@gmail.com

ମଧ୍ୟ ଏଇ ପୁସ୍ତକର ସଂକ୍ଷିପ୍ତ କଳେବର ମଧ୍ୟରେ ସ୍ଥାନ ଦିଆଯିବା ଅଧିକ ପ୍ରାସଙ୍ଗିକ ମନେହେବାରୁ ସେ ସଂପର୍କରେ ମଧ୍ୟ ସଂକ୍ଷିପ୍ତ ଆଲୋଚନା କରାଯାଇଛି ।

ମୋ ଜାତିର ନାଟ୍ୟକଳାକୁ, ସଂବୃଦ୍ଧ କରାଇବାରେ ଯେଉଁ ବରେଣ୍ୟ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ତାଙ୍କର ସମଗ୍ର ଜୀବନକୁ ଉତ୍ସର୍ଗ କରିଗଲେ, ତାଙ୍କ ପ୍ରତିଭା ବିଚାର ନିମିତ୍ତ ପ୍ରସ୍ତୁତ ପୁସ୍ତକର କ୍ଷୁଦ୍ର କଳେବର ଆଦୌ ପ୍ରତୁଳ ନୁହେଁ । ତାଙ୍କ ବିସ୍ମୟକର ପ୍ରତିଭା ଓ ବିପୁଳ ଜୀବନଧାରାର ସାଧାରଣ ବିଚାର ସଂପୃକ୍ତ ପୁସ୍ତକରେ ସାଧାରଣ ଭାବରେ ଦର୍ଶାଇବାର କ୍ଷୁଦ୍ର ଉଦ୍ୟମଟିଏ ରହିଛି ମାତ୍ର । ମୋର ପ୍ରିୟ ଓ ସମ୍ମାନନୀୟ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସଂପର୍କରେ, ଏପରି ଏକ ପୁସ୍ତକ ରଚନା କରିବାପାଇଁ ମୋତେ ସୁଯୋଗ ଦେଇଥିବାରୁ, ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ମାନନୀୟ ସଂପାଦକ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ଦାସବର୍ମାଙ୍କ ନିକଟରେ ମୁଁ କୃତଜ୍ଞ । ଏକାଡେମୀର ପ୍ରକାଶନ ଅଧିକାରୀ ବନ୍ଧୁ ରବି ରାୟ - ସେ ତ ଏକ ପ୍ରକାର ପ୍ରେରଣାର ଉତ୍ସ-ତାଙ୍କୁ ଏଇ ଅବସରରେ କୃତଜ୍ଞତା ।

ଏଇ ଜୀବନାଲେଖ୍ୟ ପ୍ରସ୍ତୁତ କରିବା ବେଳେ ଅନେକ ପତ୍ର-ପତ୍ରିକା, ଗବେଷଣା ପୁସ୍ତକ ଇତ୍ୟାଦିର ସହାୟତା ନେଇଛି । ସେଇ ପତ୍ର ପତ୍ରିକା ଓ ଗ୍ରନ୍ଥଗୁଡ଼ିକରେ ରାମଚନ୍ଦ୍ର ଓ ତାଙ୍କ ନାଟକକୁ, ଯେଉଁମାନେ ଚର୍ଚ୍ଚା କରିଛନ୍ତି, ସେମାନଙ୍କ ବିଚାରଧାରାକୁ ସମ୍ମାନ ଜଣାଇ, ସେମାନଙ୍କ ଋଣ, ମୁକ୍ତକଂଠରେ ସ୍ୱୀକାର କରୁଛି । ଏଇ ଅବସରରେ ପ୍ରସ୍ତୁତ ପୁସ୍ତକଟିକୁ ଆଲୋକକୁ ଆଣୁଥିବା ଓଡ଼ିଶା ସାହିତ୍ୟ ଏକାଡେମୀର କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଉଛି ।

ପୁସ୍ତକଟି ନାଟ୍ୟାମୋଦୀ, ରସଗ୍ରାହୀ ରାମଚନ୍ଦ୍ରପ୍ରେମୀମାନଙ୍କ ନିକଟରେ କିଂଚିତ କାର୍ଯ୍ୟରେ ଆସିଲେ, ଶ୍ରମ ସାର୍ଥକ ହେବ ବୋଲି ମନେ କରିବି ।

ଅଜୟ ମିଶ୍ର

ଶ୍ରୀପଞ୍ଚମୀ-୨୦୦୫

ମିଶ୍ର ଘର

ମଧୁପାଟଣା, କଟକ-୧୦

Digitized by srujanika@gmail.com

ପ୍ରସଙ୍ଗ ପ୍ରକରଣ :

|| ଏକ || ଉପସ୍ଥାପନା

(କ) ରାମଚନ୍ଦ୍ରଙ୍କ ସମକାଳ, ସାମାଜିକ, ରାଜନୀତିକ ଓ ସାଂସ୍କୃତିକ ପ୍ରେକ୍ଷାପଟ ୦୨

୧. ଓଡ଼ିଶାରେ ନବଜାଗରଣର ପ୍ରତିକ୍ରିୟା ୦୪

୨. ଓଡ଼ିଶାର ଆର୍ଥନୀତିକ ଅବସ୍ଥା ୦୫

୩. ସାମାଜିକ ଅବସ୍ଥା ୦୬

୪. ନବଚେତନା ଓ ନବଭାବତରଙ୍ଗ ୦୬

(ଖ) ରାମଚନ୍ଦ୍ରଙ୍କ ପୂର୍ବବର୍ତ୍ତୀ ଓଡ଼ିଆ ନାଟ୍ୟଧାରା ୦୮

|| ଦୁଇ || ନାଟ୍ୟକାର ରାମଚନ୍ଦ୍ର : ସଂକ୍ଷିପ୍ତ ଜୀବନାଲେଖ୍ୟ ୧୫

କ. କୁଆଁରବ ୧୫

ଖ. ସଂଘର୍ଷରୁ ସୃଷ୍ଟି ୧୭

ଗ. ନାଟ୍ୟରଚନା ୧୮

ଘ. ବୃତ୍ତିଜୀବନ ୧୯

ଙ. ରାଜନୀତିକ ଜୀବନ ୨୧

|| ତିନି || ରାମଚନ୍ଦ୍ରଙ୍କ ସୃଷ୍ଟି ସାମ୍ରାଜ୍ୟ : ଏକ ପରିଚୟ : ୨୩

କ. ସମାଲୋଚକ ରାମଚନ୍ଦ୍ର ୨୪

ଖ. ରାମଚନ୍ଦ୍ରଙ୍କ ଉପନ୍ୟାସ ୨୫

ଗ. ରାମଚନ୍ଦ୍ରଙ୍କ ନାଟ୍ୟବଳୟ : ଏକ ସାଧାରଣ ପରିଚୟ : ୩୪

ଘ. ରାମଚନ୍ଦ୍ରଙ୍କ ଛୋଟ ନାଟକ ୭୭

|| ଚାରି || ରାମଚନ୍ଦ୍ରଙ୍କ ନାଟ୍ୟ ପ୍ରତିଭା : ଦୃଷ୍ଟି ଓ ଦିଗନ୍ତ : ୯୧

(କ) ଦୃଷ୍ଟି ଓ ଦର୍ଶନ ୯୨

୧. ପଲ୍ଲୀ ଜୀବନାଲେଖ୍ୟ ୯୨

୨. ଗାନ୍ଧୀଚେତନାର ମୁକ୍ତ ଇସ୍ତାହାର ୯୩

୩. ସାମାଜିକ ଅଙ୍ଗୀକାର ୯୫

୪. ରାଜନୀତିକ ଦୃଷ୍ଟିଭଂଗୀ ୧୦୦

୫. ସାଂସ୍କୃତିକ ଜୀବନର ଶୁଦ୍ଧ ସେବକତ୍ୱ ୧୦୨

Digitized by srujanika@gmail.com

(ଖ) ରାମଚନ୍ଦ୍ରଙ୍କ ନାଟ୍ୟକଳାର ଶିଳ୍ପ ପ୍ରବିଧି ୧୦୫
୧. କାହାଣୀକଳା ୧୦୫
୨. ଚରିତ୍ର ସୃଜନ ଓ ଚିତ୍ରଣ ୧୦୭
୩. ସଂଳାପ ପ୍ରୟୋଗରେ ସଫଳତା ୧୧୦
୪. ସଂଗୀତ ପ୍ରୟୋଗ ରୀତି ୧୧୩
୫. ନାଟକୀୟ ଦ୍ୱନ୍ଦ୍ୱ ଓ ସଂଘର୍ଷ ୧୧୭
୬. ନାଟ୍ୟୋତ୍କଣ୍ଠା ସୃଜନ ୧୨୦
୭. ପରିବେଷଣ ପ୍ରକାର୍ଯ୍ୟ ୧୨୨

।। ପାଞ୍ଚ ।। ଓଡ଼ିଆ ନାଟ୍ୟଜଗତ ଓ ନାଟ୍ୟକାର ରାମଚନ୍ଦ୍ର ମିଶ୍ର : ଉପସଂହାର ୧୨୬

ପରିଶିଷ୍ଟ :
କ. ନାଟ୍ୟକାର ରାମଚନ୍ଦ୍ର : ସଂକ୍ଷିପ୍ତ ଜୀବନପଞ୍ଜି ୧୩୩
ଖ. ସାରସ୍ୱତ ସାଧନା ପଞ୍ଜି ୧୩୫
ଗ, କିୟଦଂଶ ୧୩୭
ଘ. ନାଟ୍ୟକାର ରାମଚନ୍ଦ୍ରଙ୍କ ଫଟୋଚିତ୍ର ୧୪୦

***

Digitized by srujanika@gmail.com

॥ ଏକ ॥

ଉପସ୍ଥାପନା

ଓଡ଼ିଶାର ନାଟ୍ୟକଳା ଓ ଓଡ଼ିଆ ନାଟ୍ୟଶାଳା - ଉଭୟର ପରମ୍ପରା, ଅନେକ ନାଟ୍ୟକର୍ମୀଙ୍କ ଦ୍ୱାରା ଭିନ୍ନ ଭିନ୍ନ ରୂପରେ ସମୃଦ୍ଧ । କେଉଁ ସୁଦୂର ଅତୀତରୁ ଏଇ ପରମ୍ପରା ପ୍ରତି ନାଟ୍ୟକାର, ଅଭିନେତା, ନାଟ୍ୟ ନିର୍ଦ୍ଦେଶକ ଏବଂ ନାଟ୍ୟଶିଳ୍ପୀମାନଙ୍କର ଅସାଧାରଣ ଅବଦାନ ରହି ଆସିଛି । ଆଦିପର୍ବର ଓଡ଼ିଆ ନାଟ୍ୟଧାରା, ଦର୍ଶକୀୟ ରୁଚିବୋଧ ଓ ସାମାଜିକ ତଥା ସାଂସ୍କୃତିକ ପରିବର୍ତ୍ତନ ପ୍ରତି ସତର୍କତା ଅବଲମ୍ବନ କରି, କ୍ରମେ ମଧ୍ୟପର୍ବରେ ପଦାର୍ପଣ କଲା । ସମାଜ-ସଂସ୍କୃତି ଓ ସମୟର ପ୍ରାଣ ସ୍ପନ୍ଦନକୁ ଅବଧାରଣ କରିଥିବା ସାହିତ୍ୟର ପ୍ରତ୍ୟକ୍ଷ ପ୍ରୟୋଗାତ୍ମକ କଳା ହିଁ ନାଟକ, ଯେଉଁ ସାରସ୍ୱତ କଳାର ପ୍ରକୃତ ପରୀକ୍ଷାଗାର ହେଉଛି ନାଟ୍ୟମଞ୍ଚ । ୧୯୪୦ ପରବର୍ତ୍ତୀ ଓଡ଼ିଆ ନାଟ୍ୟକଳା ଓ ନାଟ୍ୟମଞ୍ଚର ଧୁରୀଣ ନାଟ୍ୟଶିଳ୍ପୀ ଭାବରେ, ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଥିଲେ ଜଣେ ସ୍ୱତନ୍ତ୍ର ସ୍ରଷ୍ଟା । ସେ ଥିଲେ ଆର୍ଯ୍ୟଭୂମି ଭାରତୀୟ ଚିନ୍ତା-ଚେତନାର ଜଣେ ମନ୍ତ୍ରିତ ନାଟ୍ୟଶିଳ୍ପୀ ।

୧୯୪୨-୧୯୯୨ ସୁଦୀର୍ଘ ଅର୍ଦ୍ଧଶତକ ଅବଧି ପ୍ରଲମ୍ବିତ କାଳ ଥିଲା, ରାମଚନ୍ଦ୍ରଙ୍କର ନାଟ୍ୟଜୀବନ । ନାଟ୍ୟ ସାହିତ୍ୟରେ ଅର୍ଦ୍ଧଶତକର ସାଧନାକୁ ବ୍ୟୟ କରିଥିବା ରାମଚନ୍ଦ୍ରଙ୍କ ଭଳି ଶିଳ୍ପୀଙ୍କ ସାଧନା କ୍ୱଚିତ ପରିଲକ୍ଷିତ ହୋଇଥାଏ । ବ୍ୟକ୍ତି-ପରିବାର-ସମାଜ ଏତାଦୃଶ ତିନିଗୋଟି ଅନ୍ତରୀଣ ପ୍ରମୁଖ ଏକକରେ ପ୍ରବୃଦ୍ଧ ଥିଲା ତାଙ୍କର ନାଟ୍ୟ-ମାନସ । ଭାରତୀୟ ଐତିହ୍ୟ ଏବଂ ପରମ୍ପରାର ବିମୁଗ୍ଧ ପୂଜକ ରାମଚନ୍ଦ୍ରଙ୍କ ନାଟ୍ୟଚେତନା, ଆଦର୍ଶବୋଧ ଓ ସାମାଜିକ ବାସ୍ତବତା ପ୍ରତି ଉନ୍ମୁଖତା ପ୍ରକାଶ କରିଥିଲା । ନାଟ୍ୟ ଚେତନା ଭିତରେ, ନାଟ୍ୟକାର ରାମଚନ୍ଦ୍ର ତାଙ୍କର ସାମାଜିକ ଦାୟିତ୍ୱ ସଂପାଦନ କରିଯାଇଥିବା ଲକ୍ଷ୍ୟ କରାଯାଏ ।

ରାମଚନ୍ଦ୍ର, କେବଳ ଜନ-ମନୋରଂଜନ ନିମିତ୍ତ ନାଟକ ସୃଷ୍ଟି କରିନଥିଲେ, ଅପରନ୍ତୁ ମନୋରଞ୍ଜନ ମାଧ୍ୟମରେ ଏଇ ଆଦର୍ଶବାଦୀ ନାଟ୍ୟକାର, ଗୋଟାଏ ସୁସ୍ଥ ସମାଜ ଗଠନର ସ୍ୱପ୍ନ ଦେଖିଥିଲେ । ଏଇ ସ୍ୱପ୍ନକୁ ସାକାର କରିବା ନିମିତ୍ତ ସେ ବ୍ୟକ୍ତିଜୀବନ ଓ ସମାଜ ଜୀବନ ଆଡ଼କୁ ସତର୍କ ଦୃଷ୍ଟି ନିକ୍ଷେପ କରିଛନ୍ତି । ବ୍ୟକ୍ତିଗତ ଓ ସାମାଜିକ ଦୋଷ ଦୁର୍ବଳତାଗୁଡ଼ିକୁ ସଂସ୍କାରିତ କରିବା ନିମିତ୍ତ ସେ ନିଜସ୍ୱ ସର୍ଜନ-କର୍ମକୁ ବଳିଷ୍ଠ ଆଧାର ରୂପେ ଗ୍ରହଣ କରିଛନ୍ତି । ଆଦର୍ଶର ପରିପ୍ରକାଶ କରିବା କ୍ଷେତ୍ରରେ, ତାଙ୍କ ସମକାଳର ନାଟ୍ୟଶିଳ୍ପୀମାନଙ୍କ ମଧ୍ୟରେ ତାଙ୍କର ସ୍ୱାତନ୍ତ୍ର୍ୟ ସ୍ୱତଃ ବାରି ହୋଇପଡ଼େ ।

Digitized by srujanika@gmail.com

ଦୀର୍ଘକାଳ ଧରି ନାଟ୍ୟରଚନା, ନାଟ୍ୟାଭିନୟ, ନାଟକ ବିଚାର, ନାଟକ ସଂପାଦନା, ନାଟକ ଆଲୋଚନା, ନାଟକ ନିର୍ଦ୍ଦେଶନା ଇତ୍ୟାଦି ନାଟ୍ୟଶିଳ୍ପର ବିବିଧ କର୍ମ ସହିତ ଘନିଷ୍ଠ ହୋଇଥିବା ଏଇ ନାଟ୍ୟଶିଳ୍ପୀଙ୍କ ଏକନିଷ୍ଠ କୃତିତ୍ୱ ଫଳରେ ଓଡ଼ିଆ ନାଟ୍ୟସାହିତ୍ୟ ନାନା ଭାବରେ ହୋଇଛି ଉପକୃତ । ଭାରତୀୟ ପରମ୍ପରା, ଗାନ୍ଧୀବାଦୀ ଆଦର୍ଶ ଏବଂ ମୂଲ୍ୟବୋଧଭିତ୍ତିକ ଜୀବନଶୈଳୀକୁ, ତାଙ୍କ ନାଟକଗୁଡ଼ିକରେ ରୂପ-ପ୍ରଦାନ କରି, ଓଡ଼ିଆ ନାଟ୍ୟଧାରାରେ ସେ ଆପଣାର ସୁବର୍ଣ୍ଣ ସ୍ୱାକ୍ଷରକୁ ଦୀପ୍ତ କରିଯାଇଛନ୍ତି । ସମଗ୍ର ଜୀବନ ତାଙ୍କର ଥିଲା ନାଟ୍ୟମନସ୍କ, ଏଇ ନାଟ୍ୟପ୍ରାଣ ଶିଳ୍ପୀ, ଜୀବନର ଶେଷ ଲଗ୍ନ ପର୍ଯ୍ୟନ୍ତ ନାଟକ ପାଇଁ କଲମ ଧରି, ଓଡ଼ିଆ ନାଟ୍ୟପ୍ରେମୀ, ଓଡ଼ିଆ ଭାଷା ଓ ଓଡ଼ିଆ ରଙ୍ଗମଞ୍ଚ ନିମିତ୍ତ ଆପଣାର ମହାର୍ଘ ଦାୟିତ୍ୱ ଓ କର୍ତ୍ତବ୍ୟ ନିଷ୍ପାଦନ କରିଯାଇଛନ୍ତି ।

କ. ରାମଚନ୍ଦ୍ରଙ୍କ ସମକାଳ : ସାମାଜିକ, ରାଜନୀତିକ ଓ ସାଂସ୍କୃତିକ ପ୍ରେକ୍ଷାପଟ

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ଜନ୍ମ ବିଂଶଶତକର ଦ୍ୱିତୀୟଦଶକର ଶେଷଭାଗରେ, ଯେତେବେଳେ ଭାରତବର୍ଷ ତଥା ଓଡ଼ିଶାର ରାଜନୀତିକ ଐତିହ୍ୟ ଘୋର ସନ୍ଧିକ୍ଷଣ ମଧ୍ୟରେ ଥିଲା ଗତିଶୀଳ । ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଏତେବେଳକୁ ଗାନ୍ଧୀଙ୍କ ଆବିର୍ଭାବ ଓ ତାଙ୍କ ନେତୃତ୍ୱ, ଦେଶବାସୀଙ୍କୁ ନବ ମନ୍ତ୍ରରେ ଅଭିମନ୍ତ୍ରିତ କଲାଣି । ସମଗ୍ର ଦେଶବାସୀ ଗାନ୍ଧୀଙ୍କ ନେତୃତ୍ୱରେ ଏକତାବଦ୍ଧ ହୋଇ ସ୍ୱାଧୀନତାଉନ୍ମୁଖୀ ହୋଇ ଉଠିଲେଣି । ଜାତୀୟ କଂଗ୍ରେସ ମାଧ୍ୟମରେ ବିଭିନ୍ନ ଆନ୍ଦୋଳନ, ବିଭିନ୍ନ ଆଳରେ ହିଂସାତ୍ମକ ରୀତିରେ ବ୍ରିଟିଶ ସରକାରଙ୍କ ଆନ୍ଦୋଳନ ଦମନର ବୀଭତ୍ସ ଦୃଶ୍ୟ, ଗୋଟିଏ ଜାତିର ସ୍ନାୟୁ ତନ୍ତ୍ରୀରେ ଅଗ୍ନିସଂଯୋଗ କରିସାରିଲାଣି । ଏଣେ ଖଣ୍ଡବିଖଣ୍ଡିତ ଓଡ଼ିଶା, ଆପଣାର ସ୍ୱାତନ୍ତ୍ର୍ୟ ପାଇଁ ସଜାଗ ହୋଇଉଠୁଛି । ଗୋପବନ୍ଧୁ, ମଧୁବାବୁ, ମହତାବ ପ୍ରମୁଖଙ୍କ ନେତୃତ୍ୱରେ ଓଡ଼ିଆର ଏକତା ମଞ୍ଚ ଉତ୍କଳ ସମ୍ମିଳନୀ ଅତ୍ୟନ୍ତ କ୍ରିୟାଶୀଳ ହୋଇଉଠିଥିଲା ।

ସମଗ୍ର ଭାରତବର୍ଷରେ ଇଂରେଜମାନଙ୍କର ଶାସନ-ଶୋଷଣ ତୀବ୍ର ଆକାର ଧାରଣ କରିବା ସହିତ, ଇଂରେଜମାନଙ୍କର ପ୍ରତିକ୍ରିୟାଶୀଳ ଓ ପ୍ରତିହିଂସାପରାୟଣ ମନୋଭାବ, ରାଜନୀତିକ ଇତିହାସରେ ବହୁ ରକ୍ତରଂଜିତ ଅଧ୍ୟାୟର ସୂତ୍ରପାତ ଘଟାଇଥିଲା । ଇଂରେଜଶାସକର ହିଂସାତ୍ମକ ଓ ଦମନମୂଳକ ପ୍ରବୃତ୍ତି ବିରୋଧରେ ଅନେକ ବିଚାରବନ୍ତ ଓ ଚିନ୍ତାଶୀଳ ବ୍ୟକ୍ତି, ସ୍ୱଦେଶପ୍ରୀତି ଓ ଜାତିପ୍ରେମର ପ୍ରାବଲ୍ୟରେ ସଂଘବଦ୍ଧ ହୋଇସାରିଥିଲେ । ଭାରତୀୟମାନଙ୍କର ବିଧିବଦ୍ଧ ଗୋଷ୍ଠୀଗତ ସଂଗଠନ ମାଧ୍ୟମରେ ମୁକ୍ତିସଂଗ୍ରାମ ଚରମ ପର୍ଯ୍ୟାୟରେ ଉପନୀତ ହେଲା । ଫଳତଃ ୧୮୮୫ ମସିହାରେ ଗଠିତ 'ଜାତୀୟ କଂଗ୍ରେସ' ମାଧ୍ୟମରେ ଭାରତୀୟ ଜନନାୟକମାନଙ୍କ ମଧ୍ୟରେ ରହିଥିବା ବହୁସଂଚିତ ମୁକ୍ତିପ୍ରୟାସ କ୍ରମେ ବ୍ୟାପକରୁ, ବ୍ୟାପକତର ହେବାକୁ ଆରମ୍ଭକଲା ।

Digitized by srujanika@gmail.com

ଭାରତବର୍ଷର ପ୍ରମୁଖ ଜନନାୟକମାନଙ୍କ ଉପରେ ଆମେରିକାର ସ୍ୱାଧୀନତା ଆନ୍ଦୋଳନ, ଫରାସୀ ବିପ୍ଳବର ସାମ୍ୟ-ମୈତ୍ରୀବାଣୀ, ଇତ୍ୟାଦିର ପ୍ରଭାବ ମଧ୍ୟ, ସେମାନଙ୍କ ଆତ୍ମବିଶ୍ୱାସକୁ କ୍ରମେ ଦୃଢ଼ୀଭୂତ କଲା । ଜାତୀୟତାର ଭୂୟୋବିକାଶକୁ ମୁଖ୍ୟ କରିହିଁ ଏହାର ପ୍ରତିକ୍ରିୟା ଉପଲବ୍ଧ ହେଲା, ଯାହାର ସ୍ୱଚ୍ଛ ପ୍ରତିଫଳନ ଘଟିଲା, ସମାଜ, କଳା, ଧର୍ମ, ସାହିତ୍ୟ, ଶିକ୍ଷା ଓ ସଂସ୍କୃତି ଇତ୍ୟାଦିରେ ।

ବିଂଶ ଶତକର ଆଦ୍ୟପାଦରେ ସମଗ୍ର ଭାରତବର୍ଷର ଇତିହାସରେ ଅନେକ ଘଟଣାପ୍ରବାହ, ଯାହା ଜାତୀୟତା ସହିତ ଘନିଷ୍ଠ ଭାବରେ ଥିଲା ସଂପୃକ୍ତ । ୧୯୦୫ ମସିହାରେ ଲର୍ଡକର୍ଜନ ବଂଗବିଭାଜନ ଘଟାଇ ଏକପ୍ରକାର ସାମ୍ପ୍ରଦାୟିକତା ସୃଷ୍ଟି କଲେ । ୧୯୦୬ ମସିହାରେ ମୁସଲିମ୍ ଲିଗ୍ ଗଠିତ ହେଲା ଓ ସ୍ୱରାଜ୍ୟ ଦାବୀ ଉପସ୍ଥାପିତ ହେଲା । ସ୍ୱଦେଶୀ ଆନ୍ଦୋଳନ, ସ୍ୱଦେଶୀ ଦ୍ରବ୍ୟର ପ୍ରଚଳନ ଓ ଜାତୀୟ ଶିକ୍ଷାନୀତିର ପ୍ରବର୍ତ୍ତନ ଭିତରେ ଜନମାନସରେ ଅଭୂତପୂର୍ବ ପରିବର୍ତ୍ତନ ପରିଲକ୍ଷିତ ହେଲା । ୧୯୦୯ ମସିହାରେ ମର୍ଲେମଣ୍ଟୋ ଶାସନ ସଂସ୍କାର, ୧୯୧୧ ମସିହାରେ ପଞ୍ଚମ ଜର୍ଜଙ୍କ ଭାରତ ଆଗମନ, ଦରବାର ଦ୍ୱାରା ତାଙ୍କୁ ବିପୁଳ ସ୍ୱାଗତ ସଂବର୍ଦ୍ଧନା, ବଂଗଭଂଗ ରଦ୍ଦ, ଇତ୍ୟାଦି ପରେ ୧୯୧୪-୧୯୧୮ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱଯୁଦ୍ଧର ଭୟଙ୍କର ବିଭୀଷିକା ଭାରତୀୟମାନଙ୍କୁ ତୀବ୍ର ଭାବରେ ସନ୍ତୁଳିତ କରିବାକୁ ଆରମ୍ଭ କଲା । ୧୯୧୬ର ଲକ୍ଷ୍ନୌ ଚୁକ୍ତି, ୧୯୧୭ ମସିହାର ମଣ୍ଟେଗୁଙ୍କ ଆଇନ୍, ୧୯୧୯ ମସିହାର ରାଓଲାଟ୍ ଆଇନ୍ ପ୍ରଭୃତି ଅନେକ ଘଟଣା ଭାରତୀୟ ଜାତୀୟ ଜାଗରଣକୁ ପ୍ରତିକ୍ରିୟାଶୀଳ କଲା । ଜାତୀୟତାର ମହାଯଜ୍ଞରେ ଘୃତ ନିକ୍ଷେପ କରିଥିଲେ ନୃଶଂସ ଇଂରେଜ ଅଫିସର୍ ଡାୟାର୍ ସାହେବ । ୧୯୧୯ର ଲୋମହର୍ଷଣକାରୀ, ଜାଲିଆନାୱାଲାବାଗ ହତ୍ୟାକାଣ୍ଡ, ଭାରତ ଇତିହାସରେ ଗୋଟାଏ କଳଙ୍କିତ ରକ୍ତିମ ଆଲେଖ୍ୟ ।

ଗାନ୍ଧୀଙ୍କର ସତ୍ୟ-ଅହିଂସା ନୀତି ଓ ଅସହଯୋଗର ବୀଜମନ୍ତ୍ରରେ ମହାଭାରତୀୟ ଜାତୀୟତା ହେଲା ଦୀକ୍ଷିତ । ଦେଶର ଜନତାଙ୍କୁ ରାଜନୀତି ସଚେତନ କରାଇ ଐକ୍ୟବଦ୍ଧ କରିବାକୁ ଗାନ୍ଧୀଥିଲେ ଚେଷ୍ଟିତ । ରାଓଲାଟ୍ ଆଇନ୍, ଖିଲାଫତ ଆନ୍ଦୋଳନ, ଭାରତ ସରକାର ଆଇନ୍, ମଣ୍ଟେଗୁ ଚେମସ୍‌ଫୋର୍ଡ ଆଇନ୍ ଇତ୍ୟାଦି ଇଂରେଜ ଶଠତାର ଅନେକ ଦୃଷ୍ଟାନ୍ତ, ଗାନ୍ଧୀଙ୍କୁ କ୍ରମେ ଅସହଯୋଗୀ କରାଇଲା । ଫଳତଃ ୧୯୨୦ ମସିହା ଅଗଷ୍ଟ କୋଡ଼ିଏ ତାରିଖରେ କଲିକତାଠାରେ ଅନୁଷ୍ଠିତ ଜାତୀୟ କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନରେ, ବର୍ବର ବ୍ରିଟିଶ ଶାସନ କବଳରୁ ମୁକ୍ତି ପାଇବା ନିମିତ୍ତ ଅହିଂସା ଓ ଅସହଯୋଗ ଏକମାତ୍ର ଅସ୍ତ୍ର ବୋଲି ମହାତ୍ମାଗାନ୍ଧୀ ଘୋଷଣା କଲେ । ଗାନ୍ଧୀଆଦର୍ଶର ମହାପ୍ରବାହରେ ଭାରତବାସୀ ସାମିଲ ହେଲେ ।

ସଂଶିତ ସମୟରେ ପ୍ରକାଶିତ ସଂବାଦ ପତ୍ର - 'ସଂବାଦ କୌମୁଦୀ', 'ବଂବେ ସମାଚାର', 'ବଙ୍ଗଦୂତ', 'ଇଣ୍ଡିଆନ୍ ମିରର୍', 'କମ୍ରେଡ୍', 'ହିନ୍ଦ୍', 'ପେଟ୍ରିୟଟ୍', 'ବଂଗଦର୍ଶନ', 'ଅମୃତବଜାର ପତ୍ରିକା', ଏବଂ 'ନିଉ ଇଣ୍ଡିଆ' ଇତ୍ୟାଦି ଅନେକ ପତ୍ରିକା

Digitized by srujanika@gmail.com

ସତ୍ୟ ସମ୍ବାଦ ପରିବେଷଣ କରି, ଭାରତୀୟମାନଙ୍କ ଭିତରେ ରାଜନୀତିକ ସଚେତନତା ବୃଦ୍ଧି କରାଉଥିଲେ । ଏହାଫଳରେ ଗାନ୍ଧୀଙ୍କ ଅନୁସୃତ ପ୍ରତ୍ୟେକ କାର୍ଯ୍ୟଧାରା, ସିଧାସଳଖ, ଜନତା ନିକଟରେ ସଂବାଦପତ୍ର ମାଧ୍ୟମରେ ପହଞ୍ଚି ପାରୁଥିଲା । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଭାରତୀୟମାନଙ୍କୁ ଏକ ଜାତି 'ଭାରତୀୟ' ବୋଲି ଗାନ୍ଧୀ ଉପସ୍ଥାପିତ କଲେ, ଯାହା ସମଗ୍ର ଦେଶରେ ନବଭାବତରଙ୍ଗ ସୃଷ୍ଟି କଲା ।

୧. ଓଡ଼ିଶାରେ ନବ-ଜାଗରଣର ପ୍ରତିକ୍ରିୟା :

ସମଗ୍ର ଭାରତବର୍ଷ ଯେତେବେଳେ, କେବଳ ସ୍ୱାଧୀନତା ଆନ୍ଦୋଳନରେ ପ୍ରମତ୍ତ, ଠିକ୍ ସେତିକିବେଳେ, ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ସହିତ ଜାରି ରହିଥିଲା ଓଡ଼ିଆ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ବ୍ୟାପକ କାର୍ଯ୍ୟକ୍ରମ । ପଣ୍ଡିତ ଗୋପବନ୍ଧୁ ଏବଂ ମଧୁବାବୁଙ୍କ ନେତୃତ୍ୱ, ଓଡ଼ିଶାରେ ଜାତୀୟତା କ୍ଷେତ୍ରରେ ନବ ଜାଗରଣ ସୃଷ୍ଟି କରିଥିଲା । ରାଜନୀତିକ ଅସ୍ଥିରତା ସହିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ବିଚ୍ଛିନ୍ନାବସ୍ଥା, ଗଡ଼ଜାତ ଆନ୍ଦୋଳନ, ମରୁଡ଼ି ଓ ବନ୍ୟା ଇତ୍ୟାଦି ଦୈବୀ ଦୁର୍ବିପାକ, ଓଡ଼ିଶାକୁ ବିଭିନ୍ନ ଦୃଷ୍ଟିକୋଣରୁ ଅସ୍ଥିର କରୁଥିଲା । ଓଡ଼ିଶୀ ଜାତୀୟତା ନିମିତ୍ତ ୧୯୦୩ ମସିହାରେ ମଧୁବାବୁଙ୍କ ନେତୃତ୍ୱରେ 'ଉତ୍କଳ ସମ୍ମିଳନୀ' ଗଠନ, ଗୋପବନ୍ଧୁ ଓ ତାଙ୍କ ସହକର୍ମୀମାନଙ୍କ ଦ୍ୱାରା, ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ଇତ୍ୟାଦି ସ୍ୱତନ୍ତ୍ର ଉତ୍କଳ ଗଠନର ସଂକଳ୍ପକୁ କାର୍ଯ୍ୟକାରୀ କରାଇଲା । ୧୯୦୩ ମସିହାଠାରୁ ୧୯୧୮ ମସିହା ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ 'ଉତ୍କଳ ସମ୍ମିଳନୀ'ର ବିଭିନ୍ନ ଅଧିବେଶନମାନ ଅନୁଷ୍ଠିତ ହୋଇଥିଲା ଏବଂ ଓଡ଼ିଶାର ଦେଶ ମିଶ୍ରଣ ପ୍ରସଙ୍ଗକୁ କାର୍ଯ୍ୟକାରୀ କରାଇବାକୁ ତତ୍ପରତା ପ୍ରକାଶ କରୁଥିଲା । ଉତ୍କଳ ସମ୍ମିଳନୀର ସମଚିନ୍ତା ଓ ସାମଞ୍ଜସ୍ୟ ରକ୍ଷା କରି, ମହାଭାରତୀୟ ଜାତୀୟତାରେ ଉଦ୍‌ବୁଦ୍ଧ ହେବାକୁ, ଗୋପବନ୍ଧୁ ଆହ୍ୱାନ ଦେଉଥିଲେ । ମାତ୍ର ମଧୁବାବୁ, ଉତ୍କଳୀୟମାନଙ୍କୁ ଉତ୍କଳଜନନୀର ସେବାରେ ଆତ୍ମନିୟୋଗ କରି, ଏହାର ଗୌରବ ଏବଂ ଐତିହ୍ୟକୁ ଚେତାଇ ଦେଉଥିଲେ । ଉତ୍କଳସମ୍ମିଳନୀ ମାଧ୍ୟମରେ ଭାଷା-ସାହିତ୍ୟ-ଶିଳ୍ପ-ଶିକ୍ଷା ଓ ସଂସ୍କୃତିର ଉନ୍ନତି ଏବଂ ବିଚ୍ଛିନ୍ନାଞ୍ଚଳର ମିଶ୍ରଣ ଘଟାଇ ନବଉତ୍କଳ ଗଠନର ପ୍ରଚେଷ୍ଟା ସାକାର ହେଲା । ମଧୁବାବୁ ଓଡ଼ିଶାର ଗୌରବକୁ ଏବଂ ଗୋପବନ୍ଧୁ ଓଡ଼ିଆଙ୍କ ବିମୂର୍ତ୍ତ ବେଦନାକୁ ରୂପଦେବାକୁ ଆରମ୍ଭ କରିଥିଲେ ।

ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଗାନ୍ଧୀଙ୍କର ପଦଯାତ୍ରା, ବିଭିନ୍ନ ସଭାସମିତି ମାଧ୍ୟମରେ ହରିଜନ କଲ୍ୟାଣ, ଚରଖା ଚାଳନା,ସ୍ୱଦେଶୀ ଦ୍ରବ୍ୟ ପ୍ରତି ଆଗ୍ରହ ପ୍ରକାଶ, ବିଦେଶୀ ଦ୍ରବ୍ୟ ବର୍ଜନ ଏବଂ ସଂରଚନାତ୍ମକ କାର୍ଯ୍ୟ ସଂପର୍କୀୟ ଭାଷଣ, ଓଡ଼ିଆମାନଙ୍କ ଆତ୍ମପ୍ରତ୍ୟୟ ଏବଂ ଜାତୀୟତାକୁ ସୁଦୃଢ଼ କଲା । ଗାନ୍ଧୀଙ୍କ ସ୍ୱଦେଶୀ ଡାକରା ଏବଂ ଲବଣ ସତ୍ୟାଗ୍ରହରେ ଓଡ଼ିଆମାନେ ସାମିଲ ହେଲେ । 'ମୁକୁର' (୧୯୦୫), 'ସନାତନ ଧର୍ମ' (୧୯୦୬), 'ପ୍ରଭାତ' (୧୯୦୯), 'ସତ୍ୟବାଦୀ' (୧୯୧୫), 'ପ୍ରଦୀପ' (୧୯୧୬), 'ହୀରାଖଣ୍ଡ' (୧୯୧୯), 'ପଞ୍ଚାମୃତ' (୧୯୨୦), 'ସେବା ଓ ସାଧନା' (୧୯୭୧), ଇତ୍ୟାଦି ଅନେକ ସଂବାଦପତ୍ର ମାଧ୍ୟମରେ ଜାତୀୟତାର ବାର୍ତ୍ତା ଜନତାଙ୍କୁ ପ୍ରଭାବିତ କଲା । ଫଳତଃ ଓଡ଼ିଶାର

Digitized by srujanika@gmail.com

ରାଜନୀତିକ ସଚେତନତା ବୃଦ୍ଧି କରିବା କ୍ଷେତ୍ରରେ ଏସବୁ ପତ୍ରପତ୍ରିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଲେ । ଜନତାର ଚିନ୍ତା ଏବଂ କବି-ଲେଖକମାନଙ୍କର ଭାବ-ଭାବନା, ପ୍ରମୁଖ ପତ୍ର-ପ୍ରତିକାଗୁଡ଼ିକ ମାଧ୍ୟମରେ ପ୍ରକାଶ ପାଇ, ରାଜନୀତିକ ଚେତନାକୁ ତ୍ୱରାନ୍ୱିତ କଲା ।

୨. ଓଡ଼ିଶାର ଆର୍ଥନୀତିକ ଅବସ୍ଥା :

ଭାରତୀୟ ରଙ୍ଗଭୂମିରେ ଅନେକ ସମୟରେ ବହୁ ବୈଦେଶିକ ଶକ୍ତି ନୃତ୍ୟକରି ଚାଲିଯିବା ପରେ ଆସିଥିଲେ ଶୋଷକ ଇଂରେଜ ବଣିକମାନେ । ବ୍ୟବସାୟିକ ସଂପର୍କ ଯୋଡ଼ିବା ନାମରେ, ଭାରତୀୟ ଶାସକମାନଙ୍କର ପାରସ୍ପରିକ ମତାନୈକ୍ୟର ଦୁର୍ବଳତା ଦେଖି, କୌଶଳରେ ଭାରତୀୟ ଶାସନଡୋରିକୁ ହାତ କରିନେଲେ । ଫଳତଃ ଶାସନ ନାମରେ ଦେଖାଦେଲା ଶୋଷଣ, ପୀଡ଼ନ ଓ ଲୁଣ୍ଠନ । ସରଳ ଭାରତୀୟଙ୍କୁ ନିର୍ଯ୍ୟାତିତ କରି, ରାଜକୋଷକୁ ଶୂନ୍ୟ କରିଦେଲେ ଇଂରେଜମାନେ । ତେଣୁ ଭାରତୀୟ ଜନ-ଜୀବନ, ଘୋର ଆର୍ଥିକ ଦୁର୍ଗତି ମଧ୍ୟ ଦେଇ ଗତିକଲା ।

ଭାରତୀୟମାନଙ୍କର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେବାକୁ ଇଂରେଜମାନେ ଅତି କୌଶଳ ପ୍ରୟୋଗ କରି, ଅତ୍ୟାବଶ୍ୟକ ନିତ୍ୟ-ବ୍ୟବହାର୍ଯ୍ୟ କେତୋଟି ଦ୍ରବ୍ୟ ଉପରେ କଟକଣା ଜାରିକଲେ । ଭାରତବର୍ଷରୁ ନାମ ମାତ୍ର ମୂଲ୍ୟ ଦେଇ ସେମାନେ କଞ୍ଚାମାଲ ସଂଗ୍ରହ କରି, ନିଜ ଦେଶରେ ଏସବୁକୁ ବିଭିନ୍ନ ସାମଗ୍ରୀ ରୂପେ ପ୍ରସ୍ତୁତ କରି, ଭାରତରେ ଏହାର ବିପଣନ ଆରମ୍ଭ କଲେ । ଏହାଦ୍ୱାରା ଭାରତର ବାଣିଜ୍ୟିକ ସଂସ୍ଥାଗୁଡ଼ିକ ଅଥର୍ବ ହୋଇଗଲେ, ସେଗୁଡ଼ିକର ଅର୍ଥାଗମର ପନ୍ଥା ଅବରୁଦ୍ଧ ହେଲା ।

ଭାରତବର୍ଷର କୃଷିଭିତ୍ତିକ ଜୀବନ ଚଳଣିର ପ୍ରମୁଖ କେନ୍ଦ୍ର କୃଷି ଭୂମି । ଧୂର୍ତ୍ତ ଇଂରେଜମାନେ ଏଇ କୃଷି ଭୂମି ଉପରେ ବିଚିତ୍ର ଅଧିକାର ବ୍ୟବସ୍ଥା ଜାରି କଲେ । କମ୍ପାନୀ ସରକାରର କୁଟୀଳ ରାଜସ୍ୱନୀତି, ଉଭୟ ଜମିଦାର ଏବଂ କୃଷକମାନଙ୍କୁ ଧ୍ୱଂସମୁଖୀ କରାଇଲା । ବିଭିନ୍ନ ସମୟରେ ଭୂ-ରାଜସ୍ୱନୀତିର ବିଚିତ୍ର ବ୍ୟବସ୍ଥା, ନୂତନ ଜମିଦାର ଗୋଷ୍ଠୀର ଅଭ୍ୟୁଦୟ ଘଟାଇଲା । କମ୍ପାନୀ ରାଜସ୍ୱ ଭରଣା କରିବା ନିମିତ୍ତ, ନବ୍ୟ ଜମିଦାର ଗୋଷ୍ଠୀ ପ୍ରଜାମାନଙ୍କୁ ନିର୍ମମ ଭାବରେ ଶୋଷଣ କରିବାକୁ ଲାଗିଲେ । ଅତ୍ୟଧିକ ରାଜସ୍ୱ, ନିଷ୍ଠୁର ଉପାୟରେ ଏହାର ଆଦାୟ ଏବଂ ରାଜସ୍ୱ କର୍ମଚାରୀମାନଙ୍କର ଜୋର୍‌ଜୁଲମର ଶିକାର ହୋଇ, ରୟତମାନେ ଅସହ୍ୟ ନିର୍ଯ୍ୟାତନା ଭୋଗକଲେ । କୃଷକ ରାଜସ୍ୱ ଭାରରେ ଅବନମିତ ହୋଇ ନିଜର ଭାତହାଣ୍ଡି ସ୍ୱରୂପ ଜମିକୁ ହରାଇଲା, ଏପରିକି ଅନେକ କୃଷକ ମଧ୍ୟ ରାଜସ୍ୱ ଅନାଦାୟ ଅଭିଯୋଗର ଶିକାର ହୋଇ ସର୍ବସ୍ୱାନ୍ତ ହେଲେ । ଅନାବୃଷ୍ଟି ଓ ଅତିବୃଷ୍ଟି ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ସରକାରର ଅତ୍ୟାଚାର ଓ ଶୋଷଣ କୃଷିଜୀବୀର ଜୀବନଧାରାକୁ ବିକଳ କରିପକାଇଲା । ଓଡ଼ିଶାର କୃଷିକାରୀମାନେ ଗୋରା ସରକାର, ଏବଂ ବଙ୍ଗାଳି ଜମିଦାରମାନଙ୍କ ଦ୍ୱାରା ଶୋଷିତ ହେଲେ, ନବ୍ୟସମାନ୍ତମାନଙ୍କ ଶୋଷଣ, ଚରମ ସୀମାରେ ଉପନୀତ ହେଲା । ମୂର୍ଖକୃଷକ ଆପଣାର ଅଜ୍ଞତାବଶତଃ ଦିନକୁଦିନ ତଳିତଳାନ୍ତ ହେବାକୁ ଲାଗିଲା ।

Digitized by srujanika@gmail.com

୩. ସାମାଜିକ ସ୍ଥିତାବସ୍ଥା :

ଭାରତୀୟମାନେ ହିନ୍ଦୁଧର୍ମ ବିଶ୍ୱାସୀ । ହିନ୍ଦୁଧର୍ମ ଉପରେ ଅତ୍ୟଧିକ ଆସ୍ଥାବାନ ଭାରତୀୟମାନଙ୍କ ଧର୍ମବିଶ୍ୱାସର ସୂକ୍ଷ୍ମ ତନ୍ତ୍ରୀରେ, ଇଂରେଜମାନେ ହସ୍ତକ୍ଷେପ ଆରମ୍ଭ କରିଦେଲେ । ସାମାଜିକ ସ୍ଥିତାବସ୍ଥା, ଧର୍ମଭିତ୍ତିକ ଚିନ୍ତନ ଉପରେ ଅନେକ ପରିବର୍ତ୍ତନ ଆଣିଲା ଇଂରେଜମାନଙ୍କ ହସ୍ତକ୍ଷେପ । ଭାରତୀୟମାନଙ୍କୁ ମାନସିକ ସ୍ତରରେ ପୀଡ଼ିତ କଲେ ବିଦେଶୀ ସରକାର । ଦୁର୍ଭିକ୍ଷ ପୀଡ଼ିତ ଅନାହାରୀ ମଣିଷ ତୁଣ୍ଡରେ ମୁଠାଏ ମାତ୍ର ଦାନା ଦେଇ, ସେମାନଙ୍କୁ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରାଇଲେ ଚତୁର ଇଂରେଜମାନେ । ଆପଣାର ଧର୍ମ ଓ ଆଚାରକୁ ଜବରଦସ୍ତ ଭାରତୀୟଙ୍କ ଉପରେ ମଧ୍ୟ ଲଦିଦେଲେ ଇଂରେଜମାନେ । ଭାରତୀୟସମାଜ ପାଇଁ ଇଂରେଜମାନେ କେତେକ ନବସଂସ୍କାର ଆଣିଲେ ମଧ୍ୟ, ପରମ୍ପରାପନ୍ଥୀ ଭାରତୀୟମାନେ ଏହାକୁ ଭଲଭାବରେ ଗ୍ରହଣ କରିପାରି ନଥିଲେ । କରଭାର, ଆର୍ଥନୀତିକ ଦୁର୍ବଳତା, ଜେଲ୍, ଜୋରିମାନା ଇତ୍ୟାଦି ଆର୍ଥିକ ଓ ଶାରୀରିକ ନିର୍ଯ୍ୟାତନା ସାଙ୍ଗକୁ ଧର୍ମ ଓ ସମାଜ ଜୀବନରେ ସେମାନେ ସ୍ୱାଧୀନତା ହରାଇ, ପୀଡ଼ିତ ଆତ୍ମାର ଆର୍ତ୍ତଚିତ୍କାର ଶୁଣାଇଲେ ।

ଓଡ଼ିଶାରେ ଇଂରେଜମାନଙ୍କ ଅତ୍ୟାଚାର ସହିତ, ସାମାନ୍ୟ ଶିକ୍ଷିତ ଦଳେ କୁଚକ୍ରୀ ବଂଗାଳିଙ୍କ କୁଚକ୍ରାନ୍ତ ତଥା ବନ୍ୟା, ମରୁଡ଼ି ଇତ୍ୟାଦି ଦୈବୀ ଦୁର୍ବିପାକ ଓଡ଼ିଶାର ସତ୍ତାକୁ ଦୁର୍ବଳ କରିପକାଇଲା । ଶାସନ ଓ ବିଚାର କ୍ଷେତ୍ରରେ ଭର୍ତ୍ତିହୋଇ, କେତେକ ବଙ୍ଗାଳି ଓଡ଼ିଶା ଓ ଓଡ଼ିଆଙ୍କୁ ଘୃଣା କଲେ ବି, ଓଡ଼ିଶାରେ ସ୍ଥାୟୀ ଭାବରେ ବିପୁଳ ସଂପତ୍ତି ଠୁଳ କରିବାକୁ ଲାଗିଲେ । ଏମାନଙ୍କ ସହିତ ଓଡ଼ିଶାର କେତେଜଣ ଧୂର୍ତ୍ତ କରଣ ମଧ୍ୟ ସହଯୋଗ କଲେ ଫଳତଃ ଭୂମିକୈନ୍ଦ୍ରିକ ଓଡ଼ିଆର ପାରମ୍ପରିକ ଜୀବନଧାରା, କ୍ରମେ ତଳିତଳାନ୍ତ ହେବାକୁ ଆରମ୍ଭ କଲା । ଶାସନକଳ ସହିତ ବଙ୍ଗାଳିମାନଙ୍କ ସଂପୃକ୍ତି, ଓଡ଼ିଆ ଭାଷା ବଦଳରେ ଶାସନ କ୍ଷେତ୍ରରେ ବଙ୍ଗଳାଭାଷା ପ୍ରସାରଣର ଉଦ୍ୟମ, ଓଡ଼ିଆକୁ ବଂଗଳାର ଉପଭାଷା ରୂପେ ଅପପ୍ରଚାରାଦି ନାନା ପ୍ରକାରର ଚକ୍ରାନ୍ତରେ ଶିକାର ହେଲେ ଓଡ଼ିଆମାନେ । ସାମାଜିକ ଓ ଧର୍ମନୀତିକ ଅବସ୍ଥାରେ ଏତେବେଳେ ଘୋର ଅବନତି ପରିଲକ୍ଷିତ ହେଲା ।

୪. ନବଚେତନା ଓ ନବଭାବତରଙ୍ଗ :

ସକଳ ପ୍ରକାରର ଦୁଃଖ-ଯାତନା ବିପର୍ଯ୍ୟୟ-ଯନ୍ତ୍ରଣା-ଅଭାବ-ଅନଟନ ମଧ୍ୟରେ ପୀଡ଼ିତ ଜୀବନ ଭିତରେ ଆଶାର ଆଲୋକ ଉସ୍ସ ରୂପେ ଦେଖାଦେଲା ଦୁଇଟି ପ୍ରମୁଖ ଆଲୋକ ରଶ୍ମି । ଜଣେ ଗଣବନ୍ଧୁ ଗାନ୍ଧୀ ଏବଂ ଅପର ଜଣକ ସାମ୍ୟବାଦୀ ଚେତନାର ପ୍ରବର୍ତ୍ତକ ମନୀଷୀ କାର୍ଲମାର୍କସ୍ । ଉଭୟଙ୍କ ଚିନ୍ତାଧାରା, ସାମାଜିକ ଏବଂ ରାଜନୀତିକ ଜୀବନରେ ଗଭୀର ପ୍ରଭାବ ସୃଷ୍ଟିକଲା । ଗୋଟାଏ ଶୋଷଣହୀନ ଆଦର୍ଶ ସମାଜ ପ୍ରସ୍ତୁତ କରିବା ଥିଲା ମନୀଷୀମାର୍କସ୍‌ଙ୍କ ଉଦ୍ଦେଶ୍ୟ । ତାଙ୍କର ଚିନ୍ତନ, ମୁଷ୍ଟିମେୟ କେତେକ ଶୋଷକଙ୍କୁ ବାଦ୍‌ଦେଇ, ଅବଶିଷ୍ଟ ଶୋଷିତ ଗଣଜୀବନକୁ ନୂତନ ଆଲୋକ ପ୍ରଦାନ କରିଥିଲା । ପାଶ୍ଚାତ୍ୟ

Digitized by srujanika@gmail.com

ଶିକ୍ଷାପ୍ରାପ୍ତ ନବ୍ୟଶିକ୍ଷିତ ଗୋଷ୍ଠୀ, ଏଇ ଚିନ୍ତନକୁ ଅକୁଣ୍ଠ ସମର୍ଥନ କଲେ । ମାର୍କସ୍‌ଙ୍କ ପ୍ରଚଳିତ ସାମ୍ୟନୀତି, ଶୋଷିତମାନଙ୍କ ପାଇଁ ଥିଲା ଅସାମାନ୍ୟ ଶଲ୍ୟଚିକିତ୍ସା । ମାର୍କସ୍‌ଙ୍କ ଚିନ୍ତନ, ସମାଜ ବ୍ୟବସ୍ଥା, ଧାର୍ମିକ ଅବବୋଧ ଓ ବିଶେଷ କରି ଆର୍ଥନୀତିକ ଅସମତୁଲତା ଇତ୍ୟାଦିକୁ ପ୍ରଭାବିତ କଲା, ପରେ ପରେ ଏହା ଚିନ୍ତାନାୟକମାନଙ୍କୁ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ ନିମିତ୍ତ ଅନୁପ୍ରେରିତ କଲା ।

ବିଂଶ ଶତକର ତୃତୀୟ ଦଶକ ବେଳକୁ ଗାନ୍ଧୀ ଚେତନାର ପ୍ରବାହ, ନବଯୁବଗୋଷ୍ଠୀଙ୍କୁ ଆକୃଷ୍ଟ କରିଥିଲା । ଅବହେଳିତ ଗୋଷ୍ଠୀକୁ ସାମାଜିକ ନ୍ୟାୟ ନ ମିଳିଲେ ସ୍ୱାଧୀନତା ଅସମ୍ଭବ ବୋଲି ଗାନ୍ଧୀ ପ୍ରକାଶ କରିଥିଲେ । ସାମାଜିକ ନ୍ୟାୟ ପ୍ରତିଷ୍ଠା ନିମିତ୍ତ ଗାନ୍ଧୀଙ୍କର ଆନ୍ଦୋଳନ ହେତୁ, ଅସ୍ପୃଶ୍ୟମାନେ ମର୍ଯ୍ୟାଦା ଲାଭ କରିବା ସହିତ, କାଳକାଳର ପରମ୍ପରା କଂପିତ ହେଲା । ମାର୍କସ୍ ଶ୍ରେଣୀ ସଂଘର୍ଷକୁ ଗୁରୁତ୍ୱ ପ୍ରଦାନ କରୁଥିବା ବେଳେ, ଗାନ୍ଧୀ ଶ୍ରେଣୀ ସହଯୋଗକୁ ସ୍ୱାଗତ କରୁଥିଲେ । ସମସ୍ତଙ୍କୁ ଅହିଂସା ନୀତିରେ ଦୀକ୍ଷିତ କରାଇ, ଜାତି, ଧର୍ମ, ବର୍ଣ୍ଣ ଓ ଆର୍ଥିକ ଅସମତାକୁ ଦୂର କରି, ସବୁରି ସହଯୋଗ ରକ୍ଷା ନିମିତ୍ତ, ଗାନ୍ଧୀ ଥିଲେ ଦୃଢ଼ ଭାବରେ ଆଶାୟୀ ।

ଗାନ୍ଧୀଙ୍କ ତାତ୍ତ୍ୱିକ ବ୍ୟାଖ୍ୟାନକୁ ସାକାର କରିବା ଓ ସ୍ୱାଧୀନତା ଆନ୍ଦୋଳନରେ ପ୍ରମୁଖ ନେତୃତ୍ୱ ଗ୍ରହଣ କରିଥିବା ପଣ୍ଡିତ ନେହେରୁ, ଭାରତୀୟ ଜାତୀୟ କଂଗ୍ରେସର ଏକ ପ୍ରମୁଖ ଅଂଗ ରୂପେ ପ୍ରଗତିଶୀଳ ଯୁବଗୋଷ୍ଠୀ ମାଧ୍ୟମରେ ସମାଜବାଦୀ ଚେତନାକୁ ଦୃଢ଼ ଭାବରେ ପ୍ରତିଷ୍ଠା କରାଇଲେ । ଏହା ପ୍ରଭାବରେ ଓଡ଼ିଶାରେ ଗଠିତ ହେଲା ''ଓଡ଼ିଶା କଂଗ୍ରେସ ସୋସାଲିଷ୍ଟ ପାର୍ଟି'', ଯାହା ଓଡ଼ିଶାର କୃଷକ, ଶ୍ରମିକ ଏବଂ ନିର୍ଯ୍ୟାତିତ ଗଡ଼ଜାତବାସୀଙ୍କ ଭିତରେ ନବଜାଗରଣ ସୃଷ୍ଟି କଲା । ସ୍ୱାଧୀନତାର ସ୍ୱାଦ ଆସ୍ୱାଦନ କରିବା ନିମିତ୍ତ ପ୍ରତ୍ୟେକ ଉତ୍କଣ୍ଠିତ ହେବା ଫଳରେ, ଯାବତୀୟ ଯାତନା ସତ୍ତ୍ୱେ ସବୁରି ଭିତରେ ସ୍ୱାଧୀନ ଜୀବନ ନିମିତ୍ତ ଉନ୍ମୁଖତା ପ୍ରକାଶ ପାଇଲା ।

ସବୁ କାଳରେ ସାହିତ୍ୟ, ସମାଜ ସାପେକ୍ଷ । ସମୟ, ସମାଜ ଏବଂ ସଂସ୍କୃତିର ରୂପରେଖ, ସାହିତ୍ୟରେ ଧରା ଦେଇଥାଏ । ତେଣୁ ବିଂଶ ଶତକର ଆଦ୍ୟପାଦର ରାଜନୀତିକ ଆକାଂକ୍ଷା, ସାମାଜିକ ଓ ସାଂସ୍କୃତିକ ଆଭିମୁଖ୍ୟର ପରିବର୍ତ୍ତନ ପ୍ରଭୃତି ତତ୍‌କାଳର ସାହିତ୍ୟରେ ରୂପାୟିତ ହେବାକୁ ଆରମ୍ଭ କଲା । ନବଯୁଗର ଆଭିମୁଖ୍ୟ ନେଇ ସାହିତ୍ୟରେ ଧରାଦେଲା ନବଚିନ୍ତନ, ନବପ୍ରକାଶ ଭଂଗୀ । ପାରମ୍ପରିକ ପରିଧିରୁ ମୁକ୍ତ ହୋଇ ନୂତନ ଦୃଷ୍ଟିଭଂଗୀ ନେଇ ସାହିତ୍ୟ ସ୍ରଷ୍ଟାମାନେ ସାହିତ୍ୟ ସୃଜନରେ ମନୋନିବେଶ କଲେ । ସାହିତ୍ୟରେ ଗଣଆଭିମୁଖ୍ୟ ସହିତ, ଜାତୀୟବାଦୀ ଓ ମାନବବାଦୀ ଚେତନା ରୂପାୟିତ ହେଲା । ସତ୍ୟବାଦୀ ଗୋଷ୍ଠୀର ସାହିତ୍ୟକାରମାନେ, ଜାତୀୟ ଉନ୍ନତି ନିମିତ୍ତ ସାହିତ୍ୟର ଉନ୍ନତି ଅଭିପ୍ରେତ ବୋଲି ମନେ କଲେ । କାରଣ ଏମାନେ ଥିଲେ ନିଷ୍ଠାପର ଜାତୀୟବାଦୀ ଏବଂ କର୍ମୀ, ସେମାନଙ୍କ କାର୍ଯ୍ୟଧାରାର ସାରସ୍ୱତ ରୂପାୟନହିଁ ପ୍ରକୃତରେ ସେମାନଙ୍କ ସାହିତ୍ୟ ରୂପେ ଦେଖାଦେଲା ।

Digitized by srujanika@gmail.com

ବିଶ୍ୱବେଦନାର ପ୍ରତିକ୍ରିୟା, ମାନବବାଦୀ ଭାବନା ଓ ଆବେଗ, ସର୍ବୋପରି ଜାତିର ଉତ୍‌ଥାନ ନିମିତ୍ତ ଅତୀତ ଗୌରବର ପ୍ରଖ୍ୟାପନ, ଅବହେଳିତ ପ୍ରତି ସଂବେଦନଶୀଳ ଦୃଷ୍ଟିଭଂଗୀ, ସେମାନଙ୍କ ସାହିତ୍ୟର ଆଭିମୁଖ୍ୟ ରୂପେ ଦେଖାଦେଲା । ପଣ୍ଡିତ ଗୋପବନ୍ଧୁଙ୍କର ଗଣାଭିମୁଖୀ ସାହିତ୍ୟାଦର୍ଶ, ପାରମ୍ପରିକ ସାହିତ୍ୟ ଚେତନାରେ ପରିବର୍ତ୍ତନ ଆଣିଲା, ଗୋପବନ୍ଧୁଙ୍କ ଗଣମୁଖୀ ଭାଷାହିଁ ବିଶେଷ ସ୍ପୃହଣୀୟ ହେଲା ।

ସତ୍ୟବାଦୀ ସାହିତ୍ୟର ସଂସ୍କାରବାଦୀ ଆଭିମୁଖ୍ୟ, ପ୍ରକୃତରେ ପରିବର୍ତ୍ତିତ ଚିନ୍ତନର ସହାୟକ ଭାବରେ, ସମୟର ଆହ୍ୱାନକୁ ଉପଯୁକ୍ତ ଭାବରେ ଅବଧାରଣ କରିପାରିଥିଲା । ଓଡ଼ିଶାରେ ସମାଜ ସଂସ୍କାର ଆନୟନ କରିବା ଏବଂ ଏହାକୁ ସାହିତ୍ୟର ଆତ୍ମିକ ରୂପରେ ପ୍ରକାଶ କରିବାରେ, ସତ୍ୟବାଦୀ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସତ୍ୟବାଦୀ (୧୯୧୪) ଏବଂ ସମାଜ (୧୯୧୯) ପଣ୍ଡିତ ଗୋପବନ୍ଧୁଙ୍କ ସଂପାଦନାରେ ପ୍ରକାଶିତ ଏଇ ଦୁଇଟି ପତ୍ରିକା ଦେଶର ଯୁବପ୍ରାଣରେ ଦେଶୀୟ ସାହିତ୍ୟ ପ୍ରତି ଗଭୀର ଅନୁରାଗ ସୃଷ୍ଟି କଲା । ୧୯୦୩ ମସିହାର 'ଉତ୍କଳ ସାହିତ୍ୟ ସମାଜ' ଥିଲା ବିଂଶ ଶତକର ସର୍ବପ୍ରଥମ ପ୍ରମୁଖ ସାରସ୍ୱତ ଅନୁଷ୍ଠାନ । ଏହାବ୍ୟତୀତ 'ଓଡ଼ିଆ ସାହିତ୍ୟ ପ୍ରଚାର ସଂଘ' 'ନବଯୁଗ ସାହିତ୍ୟ ସଂସଦ', 'କୋଶଳ କଳା ମଣ୍ଡଳ' 'ଭାରତୀ ତପୋବନ ସଂଘ' 'ପ୍ରଗତି ସଂଘ', 'କଳିଙ୍ଗ ଭାରତୀ', 'ନନ୍‌ସେନ୍‌ସ କ୍ଲବ୍' ପ୍ରଭୃତି ଅନେକ ସାହିତ୍ୟାନୁଷ୍ଠାନ, ଆଧୁନିକ ଓଡ଼ିଆ ସାହିତ୍ୟର ସଂମୃଦ୍ଧିରେ ହେଲେ ସହାୟକ । ସାହିତ୍ୟରୁ ପାରମ୍ପରିକ ବିଚାରଧାରାକୁ ବିଦାୟ ଦେଇ, ଆଧୁନିକପନ୍ଥୀମାନେ ଗଣଜୀବନ ପ୍ରତି ଆକାଂକ୍ଷିତ ହେଲେ । ତେଣୁ ଗଣଭାଷାରେ, ଗଣର ଚିତ୍ର ଓ ସମସ୍ୟାକୁ ଗଣ ଚରିତ୍ର ମାଧମରେ, ଗଣଙ୍କ ନିକଟରେ ଉପସ୍ଥାପିତ କରିବା ଦିଗରେ ଆଗ୍ରହୀ ହୋଇ ଉଠିଥିବା ସାହିତ୍ୟକାରମାନେ ନୂତନ ଆଦର୍ଶ ପ୍ରତିଷ୍ଠା କଲେ ।

ବିଂଶ-ଶତକରେ ଆଦ୍ୟପାଦର ସାହିତ୍ୟର ପ୍ରାୟ ପ୍ରତିଟି ବିଭାଗରେ ଘୋର ପରିବର୍ତ୍ତନ ପରିଲକ୍ଷିତ ହେଲା । ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ ପ୍ରଭୃତି ପ୍ରତିଟି ବିଭାଗ ଭଳି ଓଡ଼ିଆ ନାଟ୍ୟଧାରାରେ ମଧ ଲକ୍ଷ୍ୟ କରାଗଲା ସେଇ ପରିବର୍ତ୍ତନର ଚିତ୍ରଛଟା । ତେଣୁ ନାଟକ କ୍ଷେତ୍ରରେ ରୋମାଣ୍ଟିକ୍ ଭାବବଳୟର କ୍ରମାବସାନ ଘଟିଲା ଓ ସାମାଜିକ ଆଦର୍ଶ ଓ ବାସ୍ତବତା ପ୍ରତି ଉନ୍ମୁଖତା ପ୍ରକାଶ ପାଇଲା । ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟ୍ୟ ସୃଜନର ଆରମ୍ଭ ବେଳକୁ ସାହିତ୍ୟିକ ପାଣିପାଗ ଏପରି ଅବସ୍ଥାରେ ଥିଲା ।

ଖ. ରାମଚନ୍ଦ୍ର ମିଶ୍ରଙ୍କ ପୂର୍ବବର୍ତ୍ତୀ ଓଡ଼ିଆ ନାଟ୍ୟଧାରା

ରାମଚନ୍ଦ୍ର ମିଶ୍ର ଜଣେ ନାଟ୍ୟକାର ଭାବରେ, ଓଡ଼ିଆ ନାଟ୍ୟ ଜଗତରେ ପ୍ରବେଶ କରିବା ବେଳକୁ, କଳାପ୍ରାଣ ଓଡ଼ିଆ ଜାତି ନିକଟରେ ନାଟ୍ୟକଳା କ୍ଷେତ୍ରରେ ଏକ ସୁଦୃଢ଼ ପରମ୍ପରା ପ୍ରତିଷ୍ଠିତ ହୋଇ ସାରିଥିଲା । ଓଡ଼ିଆ ନାଟ୍ୟଧାରାଟି ଲୋକନାଟକ ପର୍ବରୁ ଗତିକରି ଆଧୁନିକ ସ୍ତରରେ ଉପସ୍ଥିତ ହୋଇସାରିଥିଲା । ଓଡ଼ିଆ ନାଟ୍ୟ ସାହିତ୍ୟର ଆଦିରୂପ ଲୀଳା,

Digitized by srujanika@gmail.com

ତାମସା, ସୁଆଙ୍ଗ, ଫାର୍ସ, ଗୀତାଭିନୟ ଓ ଗୀତିନାଟ୍ୟାଦି ଭିତରୁ ଉଦ୍ଭୁତ ହୋଇ ବିଧିବଦ୍ଧ ରୂପରେଖ ପାଇବା ନିମିତ୍ତ ସୁଦୀର୍ଘକାଳ ଅତିବାହିତ ହୋଇଥିଲା । ଓଡ଼ିଶାରେ ସଂସ୍କୃତନାଟ୍ୟ ପରମ୍ପରା ମଧ୍ୟ ଏକଦା ଆପଣାର ପ୍ରଭାବ ସୃଷ୍ଟି କରିଥିଲା । ମାତ୍ର ଊନବିଂଶ ଶତକର ଶେଷ ତିନି ଦଶନ୍ଧିରେ ଓଡ଼ିଆ ନାଟକ ରଚନା ଓ ମଞ୍ଚାୟନର ସୁନ୍ଦର ପରିବେଶ ପ୍ରସ୍ତୁତ ହେଲା ।

ଓଡ଼ିଆ ନାଟ୍ୟ ଜଗତରେ ଜଗମୋହନ ଲାଲ୍ ହିଁ ଥିଲେ ପ୍ରଥମ ନାଟ୍ୟକାର । ତାଙ୍କ ରଚିତ 'ବାବାଜୀ' (୧୮୭୭) ସତୀ (୧୮୮୬) 'ପ୍ରୀତି' ଏବଂ 'ବୃଦ୍ଧବିବାହ' ଇତ୍ୟାଦି ନାଟକରେ ଜଗମୋହନଙ୍କ ସାମାଜିକ ସଂସ୍କାର ମନୋଭାବର ଆତ୍ମପ୍ରକାଶ ଘଟିଛି । ଗଭୀର ସାମାଜିକ ଅଭିଜ୍ଞତା ଓ ସଂସ୍କାରପ୍ରୟାସୀ ମନୋଭାବ ନେଇ, ଜଗନ୍ମୋହନ ଓଡ଼ିଆ ନାଟ୍ୟଜଗତକୁ ଗୋଟିଏ ବିଧିବଦ୍ଧ ଶୈଳୀ ପ୍ରଦାନ କଲେ । ପରବର୍ତ୍ତୀ ନାଟ୍ୟକାର ଭାବରେ ନାଟ୍ୟକାର ରାମଶଙ୍କର ରାୟ 'କାଞ୍ଚିକାବେରୀ' (୧୮୮୦), 'ବନବାଳା', 'ଯୁଗଧର୍ମ' (୧୯୦୨), 'କାଞ୍ଚନମାଳୀ' (୧୯୦୪), 'ଚୈତନ୍ୟଲୀଳା' (୧୯୦୬), 'କଂସବଧ' (୧୮୯୬), 'ରାମବନବାସ' (୧୮୯୧), 'ଲୀଳାବତୀ' (୧୯୧୨), ଏବଂ 'ରାମାଭିଷେକ' (୧୯୧୭) ପ୍ରଭୃତି ନାଟକ ରଚନା କରି ଓଡ଼ିଆ ନାଟ୍ୟ ସାହିତ୍ୟକୁ ବିଭିନ୍ନ ଦିଗରେ ସଂବୃଦ୍ଧ କରାଇଲେ । ଲାଲ୍ ଓ ରାୟ ରଙ୍ଗମଞ୍ଚର ପୃଷ୍ଠପୋଷକତା କଲେ ଏବଂ ନାଟକଗୁଡ଼ିକ ମଞ୍ଚସ୍ଥ କରାଇ ଓଡ଼ିଶାରେ ନାଟ୍ୟାମୋଦୀମାନଙ୍କୁ ଆନନ୍ଦ ପ୍ରଦାନ କଲେ ।

ରାମଶଙ୍କରଙ୍କ ପ୍ରତିଷ୍ଠିତ ସରଣୀର ପରବର୍ତ୍ତୀ ପଥିକ ରୂପେ ଦୃଶ୍ୟ ହେଲେ ହରିହର ରଥ, କାମପାଳ ମିଶ୍ର, ଭିକାରୀଚରଣ ପଟ୍ଟନାୟକ, ଗୋପୀନାଥ ନନ୍ଦ, ରାଧାମୋହନ ରାଜେନ୍ଦ୍ର ଦେବ, ପଦ୍ମନାଭ ନାରାୟଣ ଦେବ, ଗୋବିନ୍ଦ ଚନ୍ଦ୍ର ଶୂରଦେଓ, ରାଜକୁମାର ବୀର ବିକ୍ରମ ଦେବ, ଏବଂ ଗୋଦାବରୀଶ ମିଶ୍ର ପ୍ରମୁଖ ନାଟ୍ୟକାରମାନେ । ହରିହର ରଥ ୧୮୯୮ ମସିହାରୁ ୧୯୧୨ ମସିହା ମଧ୍ୟରେ 'ବେଣୀ ସଂହାର', 'ଶକୁନ୍ତଳା', 'ରାମଜନ୍ମନାଟକ', 'ସେତୁବନ୍ଧ', 'ରାମାୟଣ ନାଟକ', 'ପର୍ଶୁରାମ ବିଜୟ', 'ରାମ ନିର୍ବାସନ', 'ରାମାଭିଷେକ', 'ମହାପ୍ରସ୍ଥାନ', 'ରାବଣବଧ' ଇତ୍ୟାଦି ମାଧ୍ୟମରେ ଉଲ୍ଲେଖନୀୟ କୃତିତ୍ୱ ପ୍ରଦର୍ଶନ କରିଅଛନ୍ତି । ଜଣେ ଅଭିଜ୍ଞ ଅଭିନେତା ଭାବରେ ସେ ପୁରୀଠାରେ 'ପୁରୀ ହିନ୍ଦୁ ଥିଏଟର୍ ଦଳ' ଗଠନ କରି ଏହା ମାଧ୍ୟମରେ ତାଙ୍କ ନାଟକଗୁଡ଼ିକୁ ମଞ୍ଚସ୍ଥ କରାଇ ରଙ୍ଗମଞ୍ଚର ଉନ୍ନତି ବିଧାନ କରିଥିଲେ ।

ସମକାଳରେ ଅନ୍ୟତମ ନାଟ୍ୟରଥୀ ଥିଲେ କାମପାଳ ମିଶ୍ର (୧୮୭୫-୧୯୨୭) ସୀତାବିବାହ (୧୮୯୯) ଏବଂ 'ଦୁର୍ଗାଶର୍ବରୀ', 'ବସନ୍ତଲତିକା', 'ହରିଶ୍ଚନ୍ଦ୍ର' ପ୍ରଭୃତି ନାଟକ ମାଧ୍ୟମରେ ଓଡ଼ିଆ ନାଟକର ଶ୍ରୀ ବୃଦ୍ଧି କରିଥିଲେ । 'ସୀତାବିବାହ' ତାଙ୍କର ସର୍ବଶ୍ରେଷ୍ଠ ଜନପ୍ରିୟ ନାଟକ, ଯାହା ବାରମ୍ବାର ମଞ୍ଚସ୍ଥ ହୋଇ ଓଡ଼ିଆ ନାଟ୍ୟପ୍ରେମୀଙ୍କୁ ଆନନ୍ଦିତ କରିଥିଲା ।

ସେ କାଳର ଅନେକ ରାଜା ଓ ସାମନ୍ତ, ନାଟକ ରଚନା କରିବା ସହିତ, ନାଟ୍ୟମଞ୍ଚ ଗଠନ କରି, ନାଟ୍ୟାଭିନୟ ନିମିତ୍ତ ପୃଷ୍ଠପୋଷକତା କରିଥିଲେ । ଏ ଦୃଷ୍ଟିରୁ ପାରଳାର

Digitized by srujanika@gmail.com

ମହାରାଜା ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ, ଏବଂ ଅନୁଜ ପଦ୍ମନାଭ ନାରାୟଣ ଦେବ ନାଟ୍ୟକାର ରୂପେ ଖ୍ୟାତି ଅର୍ଜନ କରିଥିଲେ । ଗୌରଚନ୍ଦ୍ର ଗଜପତି ପୁରାଣ କାହାଣୀ ଧ୍ରୁବ ଚରିତ ଅବଲମ୍ବନରେ ସୃଷ୍ଟି କରିଥିଲେ 'ଧ୍ରୁବନାଟକ' । ପଦ୍ମନାଭ ନାରାୟଣ ଦେବ (୧୮୭୨-୧୯୦୪) ଥିଲେ ବିଶିଷ୍ଟ ନାଟ୍ୟପ୍ରେମୀ, ଏବଂ ସେ 'ପଦ୍ମନାଭ ରଙ୍ଗାଳୟ' ନିର୍ମାଣ କରାଇ, ସେ 'ସଙ୍ଗୀତ ପ୍ରହ୍ଲାଦ ନାଟକ' (୧୯୦୧) ରଚନା କରି, ଏହାର ଅଭିନୟ କରାଇ ପ୍ରଶଂସା ଭାଜନ ହୋଇଥିଲେ । 'ଚନ୍ଦ୍ରାବତୀ ସ୍ୱୟଂବର', 'ଅହଲ୍ୟା ଶାପମୋଚନ', 'ତାରକ ସଂହାର' ଏବଂ 'ଦାନ ପରୀକ୍ଷା' ପ୍ରଭୃତି ନାଟକଗୁଡ଼ିକ ତାଙ୍କ ନାଟ୍ୟ ପ୍ରତିଭାର ଯଥାର୍ଥ ନିଦର୍ଶନ ।

ଖଡ଼ିଆଳର ରାଜକୁମାର ବୀର ବିକ୍ରମଦେବ 'ବିକ୍ରମଥିଏଟର' ପ୍ରତିଷ୍ଠା କରି, ଏହା ମାଧ୍ୟମରେ ସ୍ୱରଚିତ 'ପ୍ରେମଲତା', 'କୁସୁମସୁନ୍ଦରୀ', 'ଭ୍ରାତୃସ୍ନେହ', 'ହରିଶ୍ଚନ୍ଦ୍ର', 'ଅମ୍ବିକା ଦେବୀ', 'ବୃଦ୍ଧବିବାହ', 'ଉତ୍କଳ ଦୁର୍ଦ୍ଦଶା' ଇତ୍ୟାଦି ଅନେକ ନାଟକ ମଞ୍ଚସ୍ଥ କରାଇ ଉଲ୍ଲେଖନୀୟ କୃତିତ୍ୱ ପ୍ରଦର୍ଶନ କରିଥିଲେ । ପ୍ରେମ, ଆଦର୍ଶ ଏବଂ ସାମାଜିକ ଜୀବନଧାରାକୁ ଉଦ୍ଭାସିତ କରାଇଥିବା ତାଙ୍କ ନାଟକଗୁଡ଼ିକ, ନାଟ୍ୟାମୋଦୀମାନଙ୍କ ଦ୍ୱାରା ବେଶ ଆଦୃତ ଥିଲା ।

ଗୋପୀନାଥ ନନ୍ଦ (୧୮୬୯-୧୯୨୪) 'ସୀତାବନବାସ' (୧୯୦୭), 'ବିକ୍ରମୋର୍ବଶୀୟ ନାଟକ' (୧୯୦୮), 'ଦ୍ରୌପଦୀ ବସ୍ତ୍ରହରଣ ନାଟକ' (୧୯୦୮), 'ରାମାଶ୍ୱମେଧ ନାଟକ' (୧୯୧୩), 'ଉନ୍ମତ୍ତରାଘବ ନାଟକ' (୧୯୧୫), ଏବଂ 'ଜାନକୀ ପରିଣୟ ନାଟକ' (୧୯୧୫) ରଚନା କରି ଓଡ଼ିଆ ନାଟ୍ୟକଳାକୁ ସଂବୃଦ୍ଧ କରିଥିଲେ । 'ସୀତାବନବାସ' ତାଙ୍କର ସର୍ବଶ୍ରେଷ୍ଠ କୃତି । ପୁରାଣ ପୃଷ୍ଠାରୁ କାହାଣୀ ଚୟନ କରି, ଏସବୁର ନାଟ୍ୟରୂପ ପ୍ରଦାନ କରିବାରେ ସେ ଥିଲେ ଧୂରୀଣ ସ୍ରଷ୍ଟା ।

ଟିକିଟୀର ରାଜା କିଶୋର ଚନ୍ଦ୍ର ରାଜେନ୍ଦ୍ର ଦେବ, ରୂପଗୋସ୍ୱାମୀଙ୍କ ରଚିତ ସଂସ୍କୃତନାଟକ 'ବିଦଗ୍ଧମାଧବ (୧୯୧୦)ର ଓଡ଼ିଆ ରୂପାନ୍ତର ଘଟାଇ, ଏହାର ଅଭିନୟ କରାଇ ପ୍ରଶଂସାର୍ହ ହୋଇଥିଲେ । ତାଙ୍କ ପୁତ୍ର ରାଧାମୋହନ ରାଜେନ୍ଦ୍ର ଦେବ ଏକାଧାରରେ ଥିଲେ ଜଣେ ନାଟ୍ୟକାର ଓ ସଂଗୀତକାର । ତାଙ୍କ ରଚିତ ଓ ଅଭିନୀତ ନାଟକ ଥିଲା 'ପ୍ରେମତରଙ୍ଗ' । ଏହା ବ୍ୟତୀତ 'ପରିମଳା ସହ ଗମନ', 'ପାଞ୍ଚାଳୀ ପଟ୍ଟାପହରଣ', ଏବଂ 'ପାଣ୍ଡବ ବନବାସ' ପ୍ରଭୃତି ପୌରାଣିକ ନାଟକଗୁଡ଼ିକ ତାଙ୍କ କୃତିତ୍ୱର ସ୍ମାରକୀ । ଇତିହାସ ଭିତ୍ତିକ କଥାବସ୍ତୁ ଆଧାରରେ ସେ ସୃଷ୍ଟିକରିଛନ୍ତି 'ଶ୍ରୀ ପ୍ରତାପ ନାଟକ' ଓ 'ପ୍ରକୃତ ପରିଣୟ ନାଟକ' । ତାଙ୍କ ନାଟକଗୁଡ଼ିକ ଅପେକ୍ଷାକୃତ ଭାବରେ ଅନ୍ୟାନ୍ୟ ନାଟ୍ୟକାରଙ୍କ ନାଟକ ତୁଳନାରେ ସାହିତ୍ୟିକ ନ ହୋଇ, ନାଟକୀୟତା ପ୍ରକାଶରେ ତତ୍ପର ।

ସମକାଳର ଜଣେ ନାଟ୍ୟକାର ପାର୍ବତୀ ଚରଣ ଦାସଙ୍କ ନାଟକ ଶ୍ରୀ ପ୍ରତାପ ରୁଦ୍ର ନାଟକ' ସଂପୂର୍ଣ୍ଣ ସଂସ୍କୃତ ନାଟ୍ୟଶୈଳୀରେ ରଚିତ ହୋଇ ଢେଙ୍କାନାଳର ଯୁବରାଜ ରଙ୍ଗାଳୟରେ

Digitized by srujanika@gmail.com

ଅଭିନୀତ ହୋଇଥିଲା । ସରେଇକଳାର ରାଜା ଆଦିତ୍ୟପ୍ରତାପ ସିଂହ ଦେବ 'ଶୈବ୍ୟା' (୧୯୧୭) ନାଟକ ରଚନା କରି, ସରେଇକଳା ଶ୍ରୀକଳା ପୀଠରେ ଏହାକୁ ମଞ୍ଚସ୍ଥ କରାଇଥିଲେ । ଏହାଥିଲା ପଞ୍ଚାଙ୍କ ନାଟକ । 'ଧ୍ରୁବତପସ୍ୟା' (୧୯୧୭) ଏବଂ 'ସତ୍ୟବିଜୟ' (୧୯୨୮) ଇତ୍ୟାଦି ନାଟକ, ନାଟ୍ୟକାର ଦାମୋଦର ମିଶ୍ରଙ୍କ ନାଟ୍ୟରଚନାରୀତିର ଉପଯୁକ୍ତ ପରିଚୟ ପ୍ରଦାନ କରିଥାଏ । ସଂକ୍ଷିପ୍ତ ଦୃଶ୍ୟ ସଂଯୋଜନା ତାଙ୍କ ନାଟ୍ୟକୃତିକୁ ଅଧିକ ସଫଳ କରିଥାଏ ।

ନାଟ୍ୟକାର ଭାଗୀରଥି ମହାପାତ୍ର, ସଂଶିତ ସମୟରେ ଭଦ୍ରକ ଅଞ୍ଚଳର 'ରାଧା-ବୃନ୍ଦାବନ ଚନ୍ଦ୍ର ନାଟ୍ୟ ଦଳ' ମାଧ୍ୟମରେ 'ସୀତାବନବାସ' (୧୯୨୮), 'ରୁକ୍ମଣି' (୧୯୨୯), 'ପ୍ରଭାସ ମିଳନ' (୧୯୩୧), ଇତ୍ୟାଦି ନାଟକ ରଚନା କରି ଓ ଅଭିନୟ କରାଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ । 'ସୁଦାମ' (୧୯୨୮), 'ବିଲ୍ୱମଙ୍ଗଳ' (୧୯୨୯), 'ରଘୁ ଅରକ୍ଷିତ' (୧୯୩୪) ଇତ୍ୟାଦି ଅନେକ ଭକ୍ତିରସାତ୍ମକ ନାଟକ ରଚନା କରିଥିଲେ ରାମଚନ୍ଦ୍ର ମହାପାତ୍ର । ଶ୍ରୀରାଧା କୃଷ୍ଣ ଥିଏଟର୍ ଦଳ ଏବଂ ଜଗନ୍ନାଥ କ୍ଲବ୍‌ରେ ଏଗୁଡ଼ିକ ବାରମ୍ବାର ଅଭିନୟ କରାଇ ସେ ଖ୍ୟାତି ଅର୍ଜନ କରିଥିଲେ ।

ଏଇ ସମୟର ଅନ୍ୟାନ୍ୟ ନାଟ୍ୟକାର ସେମାନଙ୍କ ନାଟ୍ୟକୃତି ରୂପେ ପ୍ରକାଶିତ ଓ ଅଭିନୀତ ନାଟକ ଗୁଡ଼ିକ ମଧ୍ୟରେ ନାରାୟଣ ପ୍ରସାଦ ମିତ୍ରଙ୍କ 'ପାରିଜାତ ହରଣ' (୧୯୮୮) ଗୌରବଲ୍ଲଭ ପଟ୍ଟନାୟକଙ୍କ 'ମହାଜନ ଫାର୍ଶ', ସୋନପୁରର ରାଜା ବୀରମିତ୍ରୋଦୟ ସିଂହଦେବଙ୍କ 'ରତ୍ନାବଳୀ' (୧୮୯୦), 'ଅଭିଜ୍ଞାନ ଶକୁନ୍ତଳମ୍' (୧୯୦୦), ଖଣ୍ଡପଡ଼ାର ରାଜକୁମାର ମହେନ୍ଦ୍ର ସିଂହସାମନ୍ତଙ୍କ 'ବୃନ୍ଦାବନ ଚନ୍ଦ୍ର ବିନୋଦ' ହରିହର ପଣ୍ଡାଙ୍କର 'ରାମଜନ୍ମ' (୧୯୦୧), ଶ୍ୟାମସୁନ୍ଦର ଷାଠିଆଙ୍କ 'ଦୁର୍ଯ୍ୟୋଧନ ଉରୁଭଙ୍ଗ' (୧୯୦୧), 'ମେଘନାଦ ବଧ' (୧୯୦୩), 'ସଂଯୁକ୍ତା' (୧୯୦୬), ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ସଂସ୍କୃତ ସାହିତ୍ୟରୁ ଅନୂଦିତ ନାଟକ 'ବିକ୍ରମୋର୍ବଶୀୟମ୍', 'ମୁଦ୍ରାରାକ୍ଷସ' ସହିତ ସ୍ୱରଚିତ 'ନାଗାନନ୍ଦ', 'ମାଳତୀ ମାଧବ', 'ବେଣୀ ସଂହାର' ଚନ୍ଦ୍ର ଶେଖର ପାଣିଙ୍କ 'ବାଲୁକାପିଣ୍ଡ ନାଟକ' (୧୯୦୧), 'ଇନ୍ଦିରା ପରିଣୟ' (୧୯୧୧), ଘନଶ୍ୟାମ ମିଶ୍ରଙ୍କ 'ଭାରତ ସାବିତ୍ରୀ ନାଟକ' (୧୯୦୧), 'ମାନଗୋବିନ୍ଦ' ମିଶ୍ରଙ୍କ ମହାରାଜା ଗୋପିଚନ୍ଦ୍ର ନାଟକ' (୧୯୧୨), ଜ୍ୟୋତିନ୍ ମୁଖାର୍ଜୀଙ୍କ 'ରାଜା ସୁରଥ' (୧୯୧୬), 'ଇନ୍ଦ୍ରଦ୍ୟୁମ୍ନ' (୧୯୨୬) ଇତ୍ୟାଦିର ଗୁରୁତ୍ୱ ସ୍ମରଣୀୟ ହୋଇ ରହିଛି ।

ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ୧୯୧୭ ମସିହାରେ ଗଠିତ ରାସଦଳ ଓ ବାସନ୍ତୀରଙ୍ଗମଞ୍ଚର ପୃଷ୍ଠପୋଷକତାରୁ ଅନେକ ନାଟକ ଅଭିନୀତ ହେଉଥିଲା । ଅନେକ ଗୀତିନାଟ୍ୟ ଓ ରାସଲୀଳା ରଚନା କରି ଶୂରଦେଓ ଓଡ଼ିଆ ନାଟ୍ୟାମୋଦୀମାନଙ୍କୁ ତୃପ୍ତ କରିଥିଲେ । ଏଇ କ୍ରମରେ ଓଡ଼ିଆ ନାଟକର ଆଦିପର୍ବରେ ଅନେକ କୃତବିଦ୍ୟ ନାଟ୍ୟକାର ଏବଂ କଳାପ୍ରେମୀ ପୃଷ୍ଠପୋଷକମାନଙ୍କ ନିଷ୍ଠାପର ଉଦ୍ୟମ ଫଳରେ ପୁରାଣ ପରମ୍ପରା,

Digitized by srujanika@gmail.com

ବୈଷ୍ଣବଧର୍ମ ଓ ଭକ୍ତିବାଦକୁ ନେଇ ନାଟ୍ୟରୂପ ପ୍ରଦାନ କରାଯାଇଥିଲା । ଏହାଫଳରେ ଓଡ଼ିଆ ନାଟ୍ୟ ସାହିତ୍ୟ, କ୍ରମେ ପୁରାଣ ପରମ୍ପରା ଭିତରୁ ବିମୁକ୍ତ ହେବାକୁ ସଚେଷ୍ଟ ହେଲା, ଏବଂ ମଧ୍ୟ ପର୍ବର ନାଟ୍ୟକାରମାନେ ଏଇ ପ୍ରୟାସକୁ ସଫଳ କରିବାକୁ ଆଗେଇ ଆସିଲେ ।

ଓଡ଼ିଆ ନାଟ୍ୟ ସାହିତ୍ୟକୁ ଧର୍ମ ଓ ପୁରାଣ ପରମ୍ପରା ବଳୟରୁ, କ୍ରମଶଃ ଇତିହାସ ଓ ଜାତୀୟ ଚେତନା ପ୍ରତି ଉନ୍ମୁଖ କରିବା ଦିଗରେ ନାଟ୍ୟକାର ଭିକାରୀ ଚରଣ ପଟ୍ଟନାୟକ ଏବଂ ଅଶ୍ୱିନୀକୁମାର ଘୋଷ ପ୍ରମୁଖଙ୍କ ଉଦ୍ୟମ ପ୍ରଶଂସନୀୟ । 'କଟକ ବିଜୟ' (୧୯୦୧) 'ରତ୍ନମାଳୀ' (୧୯୧୫) 'ନନ୍ଦିକେଶ୍ୱରୀ' (୧୯୧୫) 'ସଂସାରଚିତ୍ର' (୧୯୧୫) 'ସୁଶୀଳା' (୧୯୧୭) 'ରାଜା ପୁରୁଷୋତ୍ତମ ଦେବ' (୧୯୨୫) ଇତ୍ୟାଦି ନାଟକ ଗୁଡ଼ିକରେ ଭିକାରୀ ଚରଣ ଜାତୀୟଭାବନା ଓ ସଂସ୍କାରକାମିତା ସହିତ ଇତିହାସ ପ୍ରତି ଗଭୀର ସମ୍ମାନ ପ୍ରଦର୍ଶନ କଲେ । ଏହା ସହିତ ମଧ୍ୟ ସେ ପୁରାଣଚେତନାର ଅପସାରଣ ଘଟାଇ ଐତିହାସିକ ଏବଂ ଜାତୀୟତାବୋଧ ପ୍ରତି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରାଇଲେ ।

ସ୍ୱକୀୟ ସାଧନା ବଳରେ ନାଟ୍ୟକାର ଅଶ୍ୱିନୀକୁମାର ଘୋଷ ଓଡ଼ିଆ ନାଟ୍ୟ ସାହିତ୍ୟର ଅସାମାନ୍ୟ ଉପକାର ସାଧନ କରିଛନ୍ତି । ନାଟ୍ୟକୃତି ନିମିତ୍ତ 'ନାଟ୍ୟରତ୍ନାକର', 'ନାଟ୍ୟଭାରତୀ' ଓ 'ନାଟ୍ୟସମ୍ରାଟ' ଉପାଧିପ୍ରାପ୍ତ ଅଶ୍ୱିନୀକୁମାର ଥିଲେ, ତାଙ୍କ ସମୟର ଅପ୍ରତିଦ୍ୱନ୍ଦ୍ୱୀ ନାଟ୍ୟକାର । ନାଟ୍ୟରଚନା, ନାଟ୍ୟସଂଗଠନ ଏବଂ ମଞ୍ଚର ପୃଷ୍ଠପୋଷକତା କରି, ଓଡ଼ିଆ ନାଟକର ବିକାଶ ନିମିତ୍ତ ସେ ଅସାମାନ୍ୟ କର୍ତ୍ତବ୍ୟ ସଂପାଦନ କରିଯାଇଛନ୍ତି । 'ଭୀଷ୍ମ' (୧୯୧୫) 'ସାବିତ୍ରୀ' (୧୯୧୭), 'ସାଲବେଗ' (୧୯୩୩), 'ରାମଦାସ' (୧୯୩୩), 'ରଘୁ ଅରକ୍ଷିତ' (୧୯୩୭), 'ବନ୍ଧୁମହାନ୍ତି' (୧୯୪୫), 'ଶ୍ରୀମନ୍ଦିର', 'ଚଣ୍ଡାକୁଣି', 'ସାକ୍ଷୀଗୋପାଳ', 'ଶ୍ରୀସତ୍ୟନାରାୟଣ', 'ଜାନକୀ', 'ସେଓଜୀ' (୧୯୧୮), 'କଳାପାହାଡ଼' (୧୯୨୨), 'ଗୋବିନ୍ଦ ବିଦ୍ୟାଧର' (୧୯୨୨), 'ଉତ୍କଳ ଗୌରବ' (୧୯୩୨), 'କେଶରୀଗଙ୍ଗ' 'କୋଣାର୍କ' (୧୯୨୭), 'ଓଡ଼ିଆ ଝିଅ', 'ସମଲେଶ୍ୱରୀ', 'କପିଳେନ୍ଦ୍ର ଦେବ', 'ପାଇକ ପୁଅ', 'ତାଜମହଲ', 'ଭଞ୍ଜଭୁଜଙ୍ଗ', 'ଭୁବେନଶ୍ୱର', 'ହିନ୍ଦୁରମଣୀ', 'ଇରାନୀ', 'ମାଷ୍ଟରବାବୁ', 'ଭାଇ', 'ଶ୍ରୀଲୋକନାଥ', 'ଅଭିନୟ', 'ଦୁଃଖେସୁଖେ', 'କଇଦୀ', 'ସୁନାଭାଉଜ', ପ୍ରଭୃତି ଅନେକ ପୌରାଣିକ, ଐତିହାସିକ ଓ ସାମାଜିକ ନାଟକ ରଚନା କରି, ଓଡ଼ିଆ ନାଟକ ଜଗତକୁ ପ୍ରୋଜ୍ଜ୍ୱଳ କରିଥିଲେ । ଉଭୟ ଗୁଣ ଓ ପରିମାଣ ଦୃଷ୍ଟିରୁ ଅଶ୍ୱିନୀକୁମାରଙ୍କ କୃତିତ୍ୱ ଅନତିକ୍ରମ୍ୟ ହୋଇ ରହିଛି ।

ଅଶ୍ୱିନୀକୁମାର ଘୋଷ ପ୍ରମୁଖଙ୍କ ଉଦ୍ୟମରେ ଓଡ଼ିଆ ନାଟକ ସାମାଜିକ ପର୍ବରେ ପଦାର୍ପଣ କଲା । ଗୋଦାବରୀଶ ମିଶ୍ର 'ପୁରୁଷୋତ୍ତମ ଦେବ' ଏବଂ 'ମୁକୁନ୍ଦଦେବ' ନାଟକ ରଚନା କରି ଓଡ଼ିଆ ଜାତୀୟତାକୁ ତ୍ୱରାନ୍ୱିତ କରାଇଲେ । ମହୁରୀର ଯୁବରାଜ କୃପାସିନ୍ଧୁ ପଟ୍ଟଦେବ 'ମହୁରୀ ପତନ' ନାମକ ଐତିହାସିକ ନାଟକ ରଚନା କରିଥିଲେ । କାଳୀଚରଣ ପଟ୍ଟନାୟକ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ବାଳକୃଷ୍ଣକର, ଡକ୍ଟର ହରେକୃଷ୍ଣ ମହତାବ,

Digitized by srujanika@gmail.com

ଡକ୍‌ଟର ମାୟାଧର ମାନସିଂହ, ବିଜୟ ପ୍ରତାପ ସିଂହଦେବ, ରମାରଞ୍ଜନ ମହାନ୍ତି, କୁଳମଣି ଦାଶ, କେଶବ ଚନ୍ଦ୍ର ମିଶ୍ର, ଚୂଡ଼ାମଣି ନାୟକ, ହରିହର ମିଶ୍ର, ହରିଶ୍ଚନ୍ଦ୍ର ବଡ଼ାଳ ପ୍ରମୁଖ ଅନେକ ନାଟ୍ୟକାରଙ୍କ ଉଦ୍ୟମରେ ଓଡ଼ିଆ ନାଟ୍ୟ ସାହିତ୍ୟ ବିଭିନ୍ନ ଭାବରେ ଋଦ୍ଧିମନ୍ତ ହୋଇଛି ।

ଓଡ଼ିଆ ନାଟ୍ୟ ସାହିତ୍ୟର ପ୍ରାରମ୍ଭିକ ପର୍ବର ନାଟ୍ୟଧାରା କ୍ରମଶଃ ପରିବର୍ତ୍ତିତ ହୋଇ, ପୁରାଣ ପରମ୍ପରାରୁ ବିମୁକ୍ତ ହେଲା । ଇତିହାସଆମୁଖତା, କ୍ରମେ ନାଟକରେ ପ୍ରଦର୍ଶିତ ହୋଇ, ଓଡ଼ିଆ ଜାତି ନିକଟରେ ଜାତୀୟତାବୋଧର ସ୍ପନ୍ଦନ ସୃଷ୍ଟିକଲା । ପରେ ପରେ ସାମାଜିକ ସଂସ୍କାରଗୁଡ଼ିକୁ ନାଟ୍ୟ ସାହିତ୍ୟ, ନିଜ ଭିତରେ ଅଙ୍ଗୀଭୂତ କରିବା ସହିତ, ଓଡ଼ିଆ ନାଟକକୁ ପୁରାଣ, ଇତିହାସ ଓ କଳ୍ପନା ଜଗତରୁ ଆଣି, ସାମାଜିକ ସ୍ତରରେ ପହଞ୍ଚାଇ ଦେଲା । ନାଟ୍ୟକାର ରାମଚନ୍ଦ୍ର ମିଶ୍ର ନାଟକ ପ୍ରସ୍ତୁତ କରିବା ପୂର୍ବରୁ ଓଡ଼ିଆ ନାଟ୍ୟଧାରା ସାମାଜିକ ପର୍ବରେ ପାଦ ଥାପି ସାରିଥିଲା । ଏଇ ସମୟର ପ୍ରମୁଖ ନାଟ୍ୟକାରମାନଙ୍କ ମଧ୍ୟରେ ଅଧିକାଂଶ ନାଟ୍ୟକାରଙ୍କ ନାଟ୍ୟକୃତି ମଞ୍ଚାୟନ ନିମିତ୍ତ ଅନୁପଯୁକ୍ତ ହୋଇ, କେବଳ ସାହିତ୍ୟ ଭିତରେ ସୀମିତ ରହିଥିଲା । ମାତ୍ର ସଂଶିତ ସମୟର ଜଣେ ପ୍ରଖ୍ୟାତ ଓ ପଥିତଯଶା, ନାଟ୍ୟକାର ଥିଲେ କାଳୀଚରଣ ପଟ୍ଟନାୟକ, ଯେ ଗୀତାଭିନୟ, ଗୀତିନାଟ୍ୟ, ଓ ଲୀଳା ପ୍ରଭୃତିରୁ ଆପଣାର ନଟ ଜୀବନ ଆରମ୍ଭ କରିଥିଲେ ବି, ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଆ ନାଟକକୁ ନୂତନ ଦିଶା ପ୍ରଦାନ କରିବା କ୍ଷେତ୍ରରେ ଆପଣା ପ୍ରତିଭାର ବିନିଯୋଗ ଘଟାଇ, ଏଥିରେ ଅସାମାନ୍ୟ ସଫଳତା ଲାଭ କରିଥିଲେ ।

କାଳୀଚରଣ ଏକାଧାରରେ ଥିଲେ ନାଟ୍ୟକାର, ସଂଗୀତଜ୍ଞ, ସଂଗଠକ, ନିର୍ଦ୍ଦେଶକ ଏବଂ ଅଭିନେତା । ଏଇ ଚତୁର ଓ ଅଭିଜ୍ଞ ନାଟ୍ୟଶିଳ୍ପୀ, ନାଟକର ଯାବତୀୟ ଶିଳ୍ପ ପ୍ରବିଧି ସହିତ ଘନିଷ୍ଠ ଭାବରେ ସଂପୃକ୍ତ ଥିଲେ । ଲୋକନାଟକ ପରମ୍ପରା ସହିତ ଅତିମାତ୍ରାରେ ଜଡ଼ିତ କାଳୀଚରଣ, ଓଡ଼ିଆ ନାଟକକୁ କୃତ୍ରିମତା ବର୍ଜିତ କରାଇ, ଏହାର ସଂଗୀତ ସଂଳାପ,ଏବଂ ପ୍ରଯୋଜନା ଇତ୍ୟାଦି ସକଳ ଦିଗରେ ସ୍ୱାଭାବିକତା ସୃଷ୍ଟିକଲେ । ରାସଲୀଳାରୁ ଆସି ସେ ସୃଷ୍ଟି କଲେ 'ଗାର୍ଲସ୍କୁଲ୍' ।

'ବନବିହାର', 'ବାଂଶରୀ ବିଳାସ', 'କୌତୁକ ଚିନ୍ତାମଣି', 'ବିଦ୍ୟାବଳୀ', 'ପ୍ରୀତିସୁଧାକର', 'କିଶୋରଚନ୍ଦ୍ରାନନ୍ଦ ଚମ୍ପୂ', 'ଶ୍ରୀଗୀତଗୋବିନ୍ଦ', 'ଲକ୍ଷ୍ମୀ', 'ମାନିନୀ', 'ଧ୍ରୁବ', 'ହରିଶ୍ଚନ୍ଦ୍ର', 'ମୃଗୟା', 'ଶକୁନ୍ତଳା', ଏବଂ 'ପ୍ରତିଶୋଧ' ଇତ୍ୟାଦି ପାରମ୍ପରିକ ଶୈଳୀର ନାଟ୍ୟ ସୃଷ୍ଟି ମାଧ୍ୟମରେ ସ୍ୱକୀୟ ସ୍ୱାତନ୍ତ୍ର୍ୟ ରକ୍ଷା କରିଥିବା ନାଟ୍ୟାଚାର୍ଯ୍ୟ କାଳୀଚରଣ, ୧୯୩୯ ମସିହାରେ 'ଗାର୍ଲସ୍କୁଲ୍' ମାଧ୍ୟମରେ ଆପଣାର ସୃଜନ କର୍ମର ଅଭିନବତା ପ୍ରକାଶ କଲେ । ସଂଶିତ ସମୟରେ କଟକରେ 'ଓଡ଼ିଶା ଥିଏଟର୍ସ' ଦ୍ୱାରା 'ଗାର୍ଲସ୍କୁଲ୍'ର ଅଭିନୟ ଏବଂ ଏହାକୁ ଉପଭୋଗ କରିବାପରେ ଦର୍ଶକମାନଙ୍କର ଉଚ୍ଛ୍ୱସିତ ପ୍ରଶଂସା, କାଳୀଚରଣଙ୍କ ପାଇଁ ଯେତେ ସୌଭାଗ୍ୟଦାୟକ ନ ଥିଲା, ଓଡ଼ିଶାରେ ସେଇ ସମୟର ମନ୍ତ୍ରୀ, ଯନ୍ତ୍ରୀ, ତନ୍ତ୍ରୀ

Digitized by srujanika@gmail.com

ଓ ଶିକ୍ଷିତ ଓ ଅଭିଜାତ ବର୍ଗ ଏଇ ପ୍ରଣୟପ୍ରଧାନ ନାଟକ ଦେଖି, ଏହାର ଭୂୟସୀ ପ୍ରଶସ୍ତିଗାନ କରିବା ଥିଲା ଅଧିକ ଆନନ୍ଦଦାୟକ ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଓଡ଼ିଆ ନାଟ୍ୟ ଜଗତରେ ନାଟ୍ୟ ରଚନା ନିମିତ୍ତ ପ୍ରବେଶ କରିବା ପୂର୍ବରୁ, ଓଡ଼ିଶାର ସଂବୃଦ୍ଧ ନାଟ୍ୟ ପରମ୍ପରା ପ୍ରତି ଦୃଷ୍ଟିପାତ କରିଥିଲେ । ଉପରୋକ୍ତ ନାଟ୍ୟବିକାଶ ଭିତରେ ରାମଚନ୍ଦ୍ରଙ୍କ ନାଟ୍ୟ-ମାନସ ଓଡ଼ିଶାର ନାଟ୍ୟଧାରା ପ୍ରତି ସତତଃ ସତର୍କ ଦୃଷ୍ଟିପାତ କରିଥିଲା । ବ୍ୟକ୍ତିଗତ ଭାବରେ ବାଲ୍ୟକାଳରୁ ରାମଚନ୍ଦ୍ର ମିଶ୍ର ଥିଲେ ନାଟ୍ୟାନୁରାଗୀ । ନାଟକ ଦେଖିବା, ଏବଂ ଏହାର ଭଲମନ୍ଦ ଦିଗ ପ୍ରତି ସତର୍କ ରହି ଏସବୁର ଆଲୋଚନା କରିବାରେ ରାମଚନ୍ଦ୍ର ଥିଲେ ଆଗ୍ରହୀ । ଏଇ କ୍ରମରେ କାଳୀଚରଣଙ୍କ ରଚିତ ନାଟକଗୁଡ଼ିକ ଦେଖି, ଏହାର କେତୋଟି ତ୍ରୁଟିପୂର୍ଣ୍ଣ ଦିଗ ପ୍ରତି ସତର୍କ ଦୃଷ୍ଟି ଦେଇ, ରାମଚନ୍ଦ୍ର ଏସବୁର ଆଲୋଚନା କରୁଥିଲେ । ବିଶେଷ କରି ରାମଚନ୍ଦ୍ର ମିଶ୍ର ନାଟକ ରଚନା କରିବା ପୂର୍ବରୁ ନିୟମିତଃ ନାଟକ ଦେଖିବା ଓ ଦେଖିଥିବା ନାଟକ ଗୁଡ଼ିକର ରଚନାଗତ ଓ ମଞ୍ଚାୟନଜନିତ ଦିଗଗୁଡ଼ିକ ପ୍ରତି ସଜାଗ ରହିବାରେ ଅଭ୍ୟସ୍ତ ହୋଇସାରିଥିଲେ । ତାଙ୍କ ଭିତରର ସର୍ଜନଶୀଳ ସତ୍ତାଟି କ୍ରମେ ନାଟକ ରଚନା ପ୍ରତି ଅଧିକ ସତର୍କ, ସଜାଗ ଓ ଆବେଗପୂର୍ଣ୍ଣ ଦୃଷ୍ଟି ସଂପାତ କରୁଥିବା ପ୍ରସଙ୍ଗକୁ ସ୍ୱୀକାର କରାଯିବ ।

Digitized by srujanika@gmail.com

॥ ଦୁଇ ॥

ନାଟ୍ୟକାର ରାମଚନ୍ଦ୍ର : ସଂକ୍ଷିପ୍ତ ଜୀବନାଲେଖ୍ୟ

ରାମଚନ୍ଦ୍ର ମିଶ୍ରଙ୍କ ନାଟ୍ୟମାନସକୁ ବିଚାର କରିବା ପୂର୍ବରୁ ତାଙ୍କ ସମୟର ସମାଜ, ସଂସ୍କୃତି, ଇତ୍ୟାଦି ପ୍ରତି ଦୃଷ୍ଟି ଦିଆଯିବା ଯେତେ ଆବଶ୍ୟକ, ତତୋଧିକ ଭାବରେ ଆବଶ୍ୟକ, ତାଙ୍କ ସଂକ୍ଷିପ୍ତ ଜୀବନାଲେଖ୍ୟ ପ୍ରତି ସତର୍କତା । ଜଣେ ସ୍ରଷ୍ଟାଙ୍କୁ ଏବଂ ତାଙ୍କର ଜୀବନ ପରିଧିକୁ ନିରୀକ୍ଷଣ ନ କଲେ, ତାଙ୍କ ସୃଜନ କର୍ମର ଉପଯୁକ୍ତ ମୂଲ୍ୟାୟନ ହୁଏତ ସଂଭବ ହୋଇ ନ ପାରେ । ଏଇ ପରିପ୍ରେକ୍ଷୀରେ ରାମଚନ୍ଦ୍ର ମିଶ୍ରଙ୍କ ଜନ୍ମ ଓ ଜୀବନଧାରା ସଂପର୍କରେ ସଂକ୍ଷେପରେ ଆଲୋକପାତ କରାଯିବା ନିହାତି ଆବଶ୍ୟକ ।

କ. କୁଆଁରବ :

ଅତୀତର ଅବିଭକ୍ତ ପୁରୀ ବା ବର୍ତ୍ତମାନର ନୟାଗଡ଼ ଜିଲ୍ଲାର ଶୈଳକାନନ-ଘେରା ପ୍ରାକୃତିକ ସୁଷମା-ଶୋଭିତ, ସ୍ୱଚ୍ଛନୀରା ମହାନଦୀର ସାତକୋଶିଆ ଗଣ୍ଡ ନିକଟସ୍ଥ ଭୂମିଖଣ୍ଡ, ଦଶପଲ୍ଲାର କୁଞ୍ଜବନଗଡ଼, ନାଟ୍ୟକାର ରାମଚନ୍ଦ୍ରଙ୍କ ଭଳି ଜଣେ ସ୍ରଷ୍ଟାପୁରୁଷଙ୍କର ପବିତ୍ର ଜନ୍ମପୀଠ । ଗୋଟାଏ ସଂଭ୍ରାନ୍ତ ଏବଂ କୁଳୀନ ବ୍ରାହ୍ମଣ ପରିବାରେ ପିତା ସ୍ୱର୍ଗତ ବିଦ୍ୟାଧର ମିଶ୍ର ଏବଂ ମାତା ସ୍ୱର୍ଗତ ରାଧାରାଣୀଙ୍କ ଗର୍ଭରୁ ଜନ୍ମନେଲେ ରାମଚନ୍ଦ୍ର । ସମୟ ଥିଲା ୧୯୨୦ ମସିହା, ମାସ ଥିଲା ଅକ୍ଟୋବର ଏବଂ ତାରିଖ ଥିଲା ବାର । ଗୋଟାଏ ପବିତ୍ର ଲଗ୍ନରେ ଜନ୍ମନେଲେ ରାମଚନ୍ଦ୍ର । ପିତା ବିଦ୍ୟାଧର ଥିଲେ ବୃତ୍ତିଜୀବନରେ ଜଣେ ଆଦର୍ଶ ଶିକ୍ଷକ, ପ୍ରବୃତ୍ତିରେ କିନ୍ତୁ ଥିଲେ ନିଷ୍ଠାପର କଳା-ସାହିତ୍ୟାନୁରାଗୀ ଏବଂ ପ୍ରବୀଣ ଅଭିନେତା । ଧର୍ମପ୍ରାଣା ଥିଲେ ମାତା ରାଧାଦେବୀ । ପିତୃ-ମାତୃଙ୍କର ଆଦର୍ଶ ଓ ସସ୍ନେହ ଲାଳନରେ ପାଳିତ ହେଲେ ଶିଶୁ ରାମଚନ୍ଦ୍ର । ସେହି ପ୍ରକୃତି ସୁଷମାଘେରା ଗ୍ରାମ୍ୟଭୂମିରେ ଘଟିଥିଲା ତାଙ୍କର ବର୍ଣ୍ଣ ପରିଚୟ ।

ପ୍ରଥମେ ରାମଚନ୍ଦ୍ରଙ୍କର ଆନୁଷ୍ଠାନିକ ଶିକ୍ଷାରମ୍ଭ ଘଟିଲା, କମଳାଡିହ ପ୍ରାଇମେରୀ ସ୍କୁଲ୍‌ରେ ଏବଂ ପରେ ପରେ ସେ କାଳର ଦଶପଲ୍ଲା ଷ୍ଟେଟ୍‌ର ରାଜଧାନୀ କୁଞ୍ଜବନ ଗଡ଼ର ମଧ ଇଂରାଜୀ ବିଦ୍ୟାଳୟରେ ରାମଚନ୍ଦ୍ରଙ୍କ ପ୍ରାରମ୍ଭିକ ଛାତ୍ରଜୀବନ କଟିଲା । ୧୯୩୪ ମସିହାରେ ଏଠାରୁ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇ, ରାମଚନ୍ଦ୍ର '୧୯୩୫ ମସିହାରେ ଗୋଦାବରୀଶ ମିଶ୍ରଙ୍କ ଦ୍ୱାରା ବାଣପୁରରେ ପ୍ରତିଷ୍ଠିତ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ରାମଚନ୍ଦ୍ର ଅଧ୍ୟୟନ

Digitized by srujanika@gmail.com

ଆରମ୍ଭ କଲେ । ଏଇଠାରେ କଟିଲା ତାଙ୍କର ସ୍ୱପ୍ନ ବିଭୋର କୈଶୋର । ନିଜ ଭିତରେ ଉଙ୍କି ମାରୁଥିବା ସର୍ଜନ ବୃତ୍ତିଟି କ୍ରମେ ଆତ୍ମପ୍ରକାଶ କରିବା ନିମିତ୍ତ ବ୍ୟାକୁଳ ହୋଇଉଠୁଥିଲା । ଏଇ ଉଚ୍ଚ ବିଦ୍ୟାଳୟରେ ପ୍ରଥିତଯଶା କବି ମାୟାଧର ମାନସିଂହ ଏବଂ ଶ୍ରୀଧର ଦାସଙ୍କ ଭଳି ଯୋଗ୍ୟ ଅଧ୍ୟାପକ ଶିକ୍ଷକତା କରୁଥିଲେ । ଗୋଦାବରୀଶ ମିଶ୍ରଙ୍କ ନିକଟକୁ ଗୋଦରୀଶ ମହାପାତ୍ରଙ୍କ ଭଳି ପ୍ରତିଭାସଂପନ୍ନ କବି ଓ ସାହିତ୍ୟିକ ଏଠାକୁ ବାରମ୍ବାର ଆସୁଥିଲେ । କିଶୋର ରାମଚନ୍ଦ୍ରଙ୍କ ଭିତରେ ଥିବା ସ୍ଫୁଟନୋନ୍ମୁଖୀ ସାହିତ୍ୟିକ କଳିକାଟି ଏଇମାନଙ୍କ ଭଳି କୃତବିଦ୍ୟ କବି, ସାହିତ୍ୟିକମାନଙ୍କ ସାମୀପ୍ୟ ଓ ସାହଚର୍ଯ୍ୟ ଲାଭ କରି ବିକସିତ ହେବାକୁ ଆରମ୍ଭ କଲା ।

ବାଣପୁର ଉଚ୍ଚ ବିଦ୍ୟାଳୟରେ ପ୍ରତି ଶନିବାର ସଂଧ୍ୟାରେ ପଦ୍ୟାନ୍ତ ପ୍ରତିଯୋଗିତା, ଗୋଦାବରୀଶ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିଲା । ବେଳେବେଳେ ପ୍ରତିଯୋଗୀ ଛାତ୍ରମାନେ ପଦର ଶେଷ ଅକ୍ଷର ଅନୁଯାୟୀ ପଦମାନ ସ୍ମରଣ କରିବାରେ ଅସାମାର୍ଥ୍ୟ ପ୍ରକାଶ କରନ୍ତି । ମାତ୍ର ଗୁଣୀ ଗୋଦାବରୀଶ, ଏଇଭଳି ପରିସ୍ଥିତିରେ ଛାତ୍ରମାନଙ୍କୁ ମନରୁ ପଦପଙ୍କ୍ତି ସୃଷ୍ଟି କରିବାକୁ ପ୍ରେରଣା ଦେଇଥାନ୍ତି । ଏଥିରେ ତରୁଣ ରାମଚନ୍ଦ୍ର ଅତ୍ୟନ୍ତ ପାରଦର୍ଶିତାର ସହିତ ନୂଆ ନୂଆ ପଦମାନ ସଂଯୋଜନା କରି ଆବୃତ୍ତି କରନ୍ତି । ଏଇ ଘଟଣା ହିଁ, କିଶୋର ରାମଚନ୍ଦ୍ର ମାନସରେ ସର୍ଜନ ବୃତ୍ତିକୁ ତ୍ୱରାନ୍ୱିତ କଲା ଓ ସେ କବିତା ରଚନାରେ ପ୍ରବୃତ୍ତ ହେଲେ । ବିଦ୍ୟାଳୟ ତରଫରୁ ୧୯୩୬ ମସିହାରେ 'ବନଫୁଲ' ନାମକ ପତ୍ରିକା ପ୍ରକାଶ ପାଇଲା, ଏଥିରେ ରାମଚନ୍ଦ୍ରଙ୍କ ତରୁଣ କବି ମାନସର ଆଦ୍ୟ ଝଂକାର ସ୍ୱରୂପ ସୃଷ୍ଟି ହୋଇଥିବା 'ଫେରିବିକି' କବିତାଟି ପ୍ରକାଶ ପାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ସେଇବର୍ଷ କେନ୍ଦୁଝରଠାରେ ଅନୁଷ୍ଠିତ ଓଡ଼ିଆ ସାହିତ୍ୟ ସମ୍ମିଳନୀରେ ପଣ୍ଡିତ ଗୋଦାବରୀଶ ମିଶ୍ର, ଛାତ୍ର ରାମଚନ୍ଦ୍ରଙ୍କର ସଂପୃକ୍ତ କବିତା ଆବୃତ୍ତି କରି ଶ୍ରୋତାମାନଙ୍କୁ ଚମତ୍କୃତ କରିଥିଲେ । ରାମଚନ୍ଦ୍ରଙ୍କ କବିତାଟିର ଏଭଳି ପ୍ରଶସ୍ତି, ଏବଂ ଗୋଦାବରୀଶଙ୍କ ଆଶୀର୍ବାଦ, ତାଙ୍କୁ ସାହିତ୍ୟ ସୃଜନ ନିମିତ୍ତ ପ୍ରେରଣା ଯୋଗାଇଥିଲା ।

୧୯୩୭ ମସିହାରେ ରାମଚନ୍ଦ୍ର କଟକର ମିଶନ୍ ହାଇସ୍କୁଲ୍‌ରେ ଅଧ୍ୟୟନ କରିବା କାଳରେ ଏଠାରେ ପ୍ରକାଶିତ ଇଂରେଜି ପତ୍ରିକା 'To The Cuckoo' ରେ ଇଂରାଜୀ ଭାଷାରେ କେତେକ କବିତା ପ୍ରକାଶ କରିଥିଲେ । ୧୯୩୯ ମସିହାରେ ରାମଚନ୍ଦ୍ର କୃତିତ୍ୱର ସହିତ ମାଟ୍ରିକ୍ ପାଶ୍ କରି, ରେଭେନ୍ସା କଲେଜର ଛାତ୍ରତ୍ୱ ଗ୍ରହଣ କଲେ । ରେଭେନ୍ସା ମହାବିଦ୍ୟାଳୟର ଓଡ଼ିଆ ଭାଷା-ସାହିତ୍ୟ ବିଭାଗ ଆନୁକୂଲ୍ୟରେ ପ୍ରକାଶିତ 'ରଶ୍ମି' ନାମକ ପତ୍ରିକାରେ ରାମଚନ୍ଦ୍ରଙ୍କ ରଚିତ 'ଅକୁହା କଥା' ଶୀର୍ଷକ ଗଳ୍ପ ପ୍ରକାଶ ପାଇ ତାଙ୍କୁ ପାଠକ ମହଲରେ ପ୍ରଶଂସାଭାଜନ କରିଥିଲା । କୈଶୋରର କବିତା ରଚନା କରିଥିବା ରାମଚନ୍ଦ୍ର ଆଦ୍ୟ ଯୌବନରେ ଗଳ୍ପ ରଚନା ନିମିତ୍ତ ଉତ୍ସାହିତ ହୋଇଥିଲେ ।

Digitized by srujanika@gmail.com

ଉଚ୍ଚ ଶିକ୍ଷା ପ୍ରାପ୍ତି ନିମିତ୍ତ ରାମଚନ୍ଦ୍ରଙ୍କର କଟକ ଅବସ୍ଥାନ, ତାଙ୍କ ଭିତରର ସାରସ୍ୱତ ଚେତନାକୁ ଉଦ୍ଦୀପିତ କଲା । ସେ ସମୟରେ ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ମାୟାଧର ମାନସିଂହ ପ୍ରଭୃତି ସାରସ୍ୱତ ପୁରୁଷମାନଙ୍କ ସହିତ ଆଳାପ, ମେଳାପ ବିଭିନ୍ନ ସାହିତ୍ୟ ଆଲୋଚନା ଚକ୍ରରେ ଅଂଶଗ୍ରହଣ, ତାଙ୍କ ଚେତନାର ସରହଦକୁ କଲା ବିସ୍ତାରିତ । ଏଇ ସମୟରେ ଡକ୍ଟର ମାନସିଂହ ନିଜ ସଂପାଦନାରେ 'ଆରତୀ' ନାମ ପତ୍ରିକା ପ୍ରକାଶ କରୁଥିଲେ । ତରୁଣ ରାମଚନ୍ଦ୍ର, ଏଇ ପତ୍ରିକାରେ ପ୍ରକାଶ କରିବା ପାଇଁ କେତୋଟି ଗଳ୍ପ ପଠାଇଥିଲେ ମଧ, ତାହା ପ୍ରକାଶ ପାଇନଥିଲା । ଏଥିରେ ବିଚଳିତ ନ ହୋଇ ଚତୁର ରାମଚନ୍ଦ୍ର, ନିଜ ଗଳ୍ପଗୁଡ଼ିକୁ 'ସୀତା ଦେବୀ' ଛଦ୍ମ ନାମରେ ପ୍ରକାଶ କରିବାକୁ ପଠାଇଥିଲେ ବୋଲି ସ୍ୱୀକାର କରି କହିଛନ୍ତି - ''ତା'ପରେ ନିଜ ନାଆଁରେ ଗଳ୍ପ ନ ପଠାଇ, 'ସୀତାଦେବୀ' ନାଆଁରେ ଗଳ୍ପ ପଠାଇଲି ଓ ତାହା 'ଆରତୀ'ରେ ପ୍ରକାଶ ପାଇଲା । ଏଇ ନାଆଁରେ ସେଥିରେ 'ଫୁଲ', 'ପୂର୍ଣ୍ଣାହୂତି' ଓ ଅନ୍ୟଦୁଇଟି ଗଳ୍ପ ପ୍ରକାଶ ପାଇଥିଲା । (ପ୍ରଜାତନ୍ତ୍ର ସାପ୍ତାହିକୀ - ୨୭ ଡିସେମ୍ବର-୨ ଜାନୁଆରୀ ୧୯୮୮ ପୃଷ୍ଠା-୧୩) ଏହାପରେ 'ସହକାର'ରେ ତାଙ୍କର ଗଳ୍ପ 'ଛାଇ' ପ୍ରକାଶ ପାଇଥିଲା । ମୋଟ ଉପରେ ନାଟ୍ୟରଚନାରେ ହାତଦେବା ପୂର୍ବରୁ, ରାମଚନ୍ଦ୍ରଙ୍କ ସ୍ରଷ୍ଟା ମାନସ ପ୍ରଥମେ କବିତା ଏବଂ ପରେ ଗଳ୍ପ ରଚନାରେ ପ୍ରବୃତ୍ତ ରହି ସିଦ୍ଧି ଅର୍ଜନ କରିଥିଲା ଏବଂ ଆପଣା ଭିତରେ ଥିବା ସାରସ୍ୱତ ବିଶ୍ୱାସକୁ କ୍ରମେ ଦୃଢ଼ୀଭୂତ କରୁଥିଲା ।

କଟକ ରହଣି କାଳରେ ତରୁଣ ରାମଚନ୍ଦ୍ର ଅଧ୍ୟୟନ ସହିତ, ସାହିତ୍ୟ ଓ ସଂସ୍କୃତି ସହିତ କ୍ରମଶଃ ଘନିଷ୍ଠତର ହୋଇପାରିଥିଲେ । କଟକ ସହରର ବିବିଧ ସାରସ୍ୱତ ଓ ସାଂସ୍କୃତିକ ଅନୁଷ୍ଠାନ ସହିତ ସେତେବେଳେକୁ ସଂପର୍କ ଯୋଡ଼ି ସାରିଥିଲେ । କଟକରେ ଅନୁଷ୍ଠିତ ନାଟକ ଦେଖିବା ଏବଂ ଏହାର ରଚନା ଶୈଳୀ ଓ ମଞ୍ଚାୟନ ସମ୍ବନ୍ଧରେ ନିବିଷ୍ଟ ଚିତ୍ତ ହୋଇ ଆଲୋଚନା କରିବା, ତାଙ୍କର ଏକ ପ୍ରକାର ଅଭ୍ୟାସରେ ପରିଣତ ହୋଇସାରିଥିଲା । ନାଟକରଚନା ନିମିତ୍ତ ସେ ବୈତ୍ତିକ ସ୍ତରରେ ଯେମିତି ପ୍ରସ୍ତୁତି ଆରମ୍ଭ କରିଥିଲେ । କେବଳ ଅପେକ୍ଷା ଥିଲା ଉପଯୁକ୍ତ ସୁଯୋଗର ।

ଖ. ସଂଘର୍ଷରୁ ସୃଷ୍ଟି :

ଏଇ ସମୟକୁ କାଳୀଚରଣଙ୍କ ଭଳି କୃତବିଦ୍ୟ ନାଟ୍ୟକାରଙ୍କ ବିକସିତ ପ୍ରତିଭା ତୁଙ୍ଗିମା ଅରୋହଣ କରିଥିଲା । ତାଙ୍କ ରଚିତ ଓ ପ୍ରଯୋଜିତ ନାଟକ 'ଗାର୍ଲସ୍କୁଲ' କଟକରେ ଶ୍ରୀରାମଚନ୍ଦ୍ର ଭବନ ପ୍ରାଙ୍ଗଣରେ ଅସ୍ଥାୟୀ ରଂଗମଞ୍ଚରେ ଅଭିନୀତ ହେଉଥିଲା । ଯୁବଶିଳ୍ପୀ ରାମଚନ୍ଦ୍ର ଏଇ ନାଟକ ନିବିଷ୍ଟ ଚିତ୍ତରେ ଉପଭୋଗ କରିବା ପରେ, ପ୍ରତିକ୍ରିୟାଶୀଳ ହେଲେ । ଆପଣାର ପ୍ରତିକ୍ରିୟାକୁ ସେ ଲିଖିତ ରୂପ ପ୍ରଦାନ କଲେ, ଯାହା କାଳୀଚରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏହାପରେ କାଳୀଚରଣଙ୍କ ମନ୍ତବ୍ୟ ଥିଲା, ନାଟକକୁ ସମାଲୋଚନା କରିବା ଅପେକ୍ଷା, ନାଟକ କରି ଦେଖାଇ ଦେବାରେ ବରଂ ଦକ୍ଷତା ପ୍ରତିପାଦିତ ହେବ ।

Digitized by srujanika@gmail.com

କାଳୀଚରଣଙ୍କର ଏପରି ମନ୍ତବ୍ୟ ଥିଲା, ଯୁବକ ରାମଚନ୍ଦ୍ରଙ୍କ ସର୍ଜନଶୀଳ ପ୍ରବୃତ୍ତି ପ୍ରତି ଏକ ଶକ୍ତିଶାଳୀ ଆହ୍ୱାନ । ସେ ଏହା ପୂର୍ବରୁ ଅନେକ ନାଟକରେ ଅଭିନୟ ସିନା କରିଥିଲେ, ମାତ୍ର କେବେବି ନାଟକ ରଚନା କରିନଥିଲେ । ଏଥର ତାଙ୍କ ଭିତରର ସ୍ରଷ୍ଟାପୁରୁଷର ଚିତ୍କାର ଶୁଣାଗଲା, କେମିତି ହେଲେ ନାଟକ ରଚନା କରି ଦେଖାଇ ଦେବାକୁ ହେବ । ଏ ପ୍ରକାର ଚିତ୍ତ ସଂଘର୍ଷ ଭିତରେ କିନ୍ତୁ ସେ ମାନସିକ ପ୍ରସ୍ତୁତି ନେଇ ସାରିଥାନ୍ତି । ଅଥଚ ନାଟକ ରଚନା କଲେ, ଏହା କିପରି ମଞ୍ଚସ୍ଥ ହେବ, ସେଥି ନିମିତ୍ତ ସୁଯୋଗ ଅପେକ୍ଷାରେ ଥାନ୍ତି । ଏ ସଂପର୍କରେ ତାଙ୍କର ସ୍ୱୀକାରୋକ୍ତି ହେଉଛି -''ଏହାର ପ୍ରତିବାଦ କରି ମୁଁ ନାଟକ ଲେଖିବାର ସୁଯୋଗ ଖୋଜୁଥାଏ, ଯଦି ବି ନାଟକ ଲେଖିଲି, ଅଭିନୟ ବା କେଉଁଠି କରାଇବି ? ମୋର ବନ୍ଧୁ ସାମୁଏଲ ସାହୁ (ବାବି) ସେତେବେଳେ କାଳୀବାବୁଙ୍କ ଓଡ଼ିଶା ଥିଏଟର୍ସର ଅନ୍ୟତମ ଅଭିନେତା ଥିଲେ । ତାଙ୍କର ସହାୟତାରେ ଓଡ଼ିଶୀ ଥିଏଟର୍ସ ପାଇଁ କାଳୀବାବୁଙ୍କ ନିକଟକୁ ଦୁଇଖଣ୍ଡ ନାଟକର ପାଣ୍ଡୁଲିପି 'ହେଡ୍‌ମାଷ୍ଟର୍' ଓ 'ଚିରନ୍ତନୀ' ପଠାଇଲି । ଏହାର ଅଭିନୟତ ହେଲାନି, ମାତ୍ର ପାଣ୍ଡୁଲିପି ଦୁଇଟି ଆଉ ମିଳିଲା ନାହିଁ ।''

(ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସହ ଗୋଟିଏ ଅନ୍ତରଂଗ ଦିନ - ରାମଚନ୍ଦ୍ର ମିଶ୍ର ସ୍ମରଣେ - ପୃଷ୍ଠା-୫୫)

ଗ. ନାଟ୍ୟ ରଚନା :

କାଳୀଚରଣଙ୍କ ଭଳି ଜଣେ ପ୍ରତିଷ୍ଠିତ ନାଟ୍ୟଶିଳ୍ପୀଙ୍କଠାରୁ ଏପରି ଆଶା କରିନଥିବା ଯୁବକ ରାମଚନ୍ଦ୍ର ମର୍ମାହତ ହେଲେ, ମାତ୍ର ଆପଣାର ଶକ୍ତି-ସାମର୍ଥ୍ୟ ସଂଚୟ କରି ନାଟକ ମଞ୍ଚସ୍ଥ କରିବା ନିମିତ୍ତ ଉପଯୁକ୍ତ ସୁଯୋଗ ମଧ ପାଇଲେ । ୧୯୪୨ ମସିହାରେ କଟକର ମାଣିକ ଘୋଷ ବଜାରରେ ଆରମ୍ଭ ହେଲା 'ଭାରତୀ ଥିଏଟର୍ସ' । ରାମଚନ୍ଦ୍ରଙ୍କ ସ୍ରଷ୍ଟା ଜୀବନର ପହିଲି ସ୍ୱପ୍ନ ଏହାରି ମାଧ୍ୟମରେ ସାକାର ହେଲା । ୧୯୪୩ ମସିହାରେ ତାଙ୍କର ପ୍ରଥମ ନାଟକ 'ଅଭିମାନ' ଏଠାରେ ଅଭିନୀତ ହେଲା, ଯେଉଁ ନାଟକର ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ପ୍ରଖ୍ୟାତ ନାଟ୍ୟକାର ଗୋପାଳ ଛୋଟରାୟ । ସ୍ରଷ୍ଟା ଚିତ୍ତର ସରସତା ଫୁଟି ଉଠୁଥିଲା, କାରଣ ଜୀବନର ପ୍ରଥମ ନାଟକ, ତାହା ପୁଣି ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରରେ ପ୍ରାୟ ଏକମାସ କାଳ ନିରବଚ୍ଛିନ୍ନ ଭାବରେ ମଞ୍ଚସ୍ଥ ହୋଇଥିଲା ।

'ଅଭିମାନ' ଅଭିନୀତ ହେବାର ତୃତୀୟ ରଜନୀରେ କାଳୀଚରଣଙ୍କ ରଚିତ 'ଚୁମ୍ବନ' ଓଡ଼ିଶା ଥିଏଟର୍ସ ମଞ୍ଚରେ ଅଭିନୀତ ହେଲା । 'ଚୁମ୍ବନ'ର ପ୍ରଚାର ନିମିତ୍ତ ହ୍ୟାଣ୍ଡ୍‌ବିଲ୍ ବଣ୍ଟା ହେଲା - ''ଅଭିମାନ ଅପେକ୍ଷା 'ଚୁମ୍ବନ' ହେଉଛି ଉତ୍କୃଷ୍ଟ'', ''ଅଭିମାନ'ର ପରମ ମହୌଷଧି 'ଚୁମ୍ବନ' ।'' ବରିଷ୍ଠ ନାଟ୍ୟକାର କାଳୀଚରଣଙ୍କ ପ୍ରତିଷ୍ଠିତ ଦଳର ସମସ୍ତ ଯତ୍ନ ସତ୍ତ୍ୱେ, ଅଭିମାନର ମଞ୍ଚ ଚାହିଦା ଥିଲା ସ୍ୱତନ୍ତ୍ର । ଉଭୟ ନାଟକର ଏତାଦୃଶ ପ୍ରତିଦ୍ୱନ୍ଦ୍ୱିତା ମଧ ଚହଳ ସୃଷ୍ଟି କରିଥିଲା । ଏ ସଂପର୍କରେ ନାଟ୍ୟକାରଙ୍କ ସ୍ୱୀକାରୋକ୍ତି ''ଏହି ପ୍ରତିଦ୍ୱନ୍ଦ୍ୱିତା ଭିତରେ 'ଅଭିମାନ'ର ମଞ୍ଚ ସଫଳତାରେ ଆକୃଷ୍ଟ ହୋଇ 'ଅନ୍ନପୂର୍ଣ୍ଣା' ରଙ୍ଗମଞ୍ଚର ବାଉରୀବନ୍ଧୁ

Digitized by srujanika@gmail.com

ମହାନ୍ତି 'ଅଭିମାନ' ଦେଖିବାକୁ ଆସିଲେ - ଦେଖିସାରି ଖୁବ୍ ଖୁସି ହେଲେ ଓ ମୋତେ 'ଅନ୍ନପୂର୍ଣ୍ଣା' ରଙ୍ଗମଞ୍ଚରେ ନାଟକ ଦେଖିବାକୁ ନିମନ୍ତ୍ରଣ କଲେ ଏବଂ ଆହୁରି ନାଟକ ଲେଖିବାକୁ ଉତ୍ସାହିତ କଲେ, ତାହା ଫଳରେ ମୁଁ ଉତ୍ସାହିତ ହୋଇ 'ମ୍ୟାନେଜର' ଲେଖିଲି ।''

(ପ୍ରଜାତନ୍ତ୍ର ସାପ୍ତାହିକୀ - ୨୭ ଡିସେମ୍ବର - ୨ ଜାନୁଆରୀ - ୧୯୮୮ - ପୃଷ୍ଠା -୧୪)

ଓଡ଼ିଶାର ପ୍ରଖ୍ୟାତ ମଞ୍ଚ ଅଭିନେତା ସାମୁଏଲ୍ ସାହୁ (ବାବି) ଥିଲେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ସହାଧ୍ୟାୟୀ ବନ୍ଧୁ, ଦୁହେଁ ନାଟକ ଦେଖୁଥିଲେ, ବାବିବାବୁ ଓଡ଼ିଶା ଥିଏଟର୍ସରେ ଅଭିନୟ କରୁଥିଲେ । ମଞ୍ଚସ୍ଥ ନାଟକଗୁଡ଼ିକର ଯାବତୀୟ ତ୍ରୁଟିବିଚ୍ୟୁତି ସଂପର୍କରେ ଦୁଇବନ୍ଧୁ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନାରେ ପ୍ରବୃତ୍ତ ରହୁଥିଲେ । ପରବର୍ତ୍ତୀ ନାଟକ ରଚନା ନିମିତ୍ତ ମାନସିକ ପ୍ରସ୍ତୁତି, ନାଟ୍ୟାଭିନୟ ଦର୍ଶନ ଓ ନାଟ୍ୟାଲୋଚନା, ଇତ୍ୟାଦି ବିଭିନ୍ନ କାର୍ଯ୍ୟଧାରା ଭିତରେ ମଧ୍ୟ, ଛାତ୍ର ରାମଚନ୍ଦ୍ର ଅଧ୍ୟୟନ କ୍ଷେତ୍ରରେ ଥିଲେ ପୂତ ପ୍ରୟାସୀ । ୧୯୪୩ ମସିହାରେ ସେ ରେଭେନ୍ସା କଲେଜରୁ ପାଟନା ବିଶ୍ୱବିଦ୍ୟାଳୟ ଅଧୀନରେ ପରୀକ୍ଷା ଦେଇ ବି.ଏ. ପାଶ୍ କରିଥିଲେ । ଏଇ ସମୟରେ ତାଙ୍କ ରଚିତ 'ମ୍ୟାନେଜର' ନାଟକ ଓଡ଼ିଶାର ପ୍ରଖ୍ୟାତ ନାଟ୍ୟ ସଂସ୍ଥା 'ଅନ୍ନପୂର୍ଣ୍ଣା' ବି' ଗ୍ରୁପ୍ ଦ୍ୱାରା ମଞ୍ଚସ୍ଥ ହୋଇ ତାଙ୍କୁ ଅସାଧାରଣ ସମ୍ମାନ ଓ ଖ୍ୟାତି ଆଣି ଦେଇଥିଲା । ଓଡ଼ିଶା ଥିଏଟର୍ସର କଳାକାର ଏବଂ କାଳୀଚରଣଙ୍କ ମଧ୍ୟରେ ମନୋମାଳିନ୍ୟରୁ ସୃଷ୍ଟି ହୋଇଥିବା ଅନ୍ନପୂର୍ଣ୍ଣା ବି'ଗ୍ରୁପ୍, ରାମଚନ୍ଦ୍ରଙ୍କର ଅଧିକାଂଶ ନାଟକକୁ ପରବର୍ତ୍ତୀ ସମୟରେ ପର୍ଯ୍ୟାୟକ୍ରମେ ରୂପ ଦେଇଥିଲେ ।

୧୯୪୫-୪୬ ମସିହା ଥିଲା ନାଟ୍ୟକାର ରାମଚନ୍ଦ୍ରଙ୍କ ନାଟ୍ୟଜୀବନର ସବୁଠାରୁ ସଂଘାତମୟ ସମୟ । କାରଣ ରାମଚନ୍ଦ୍ର ଏଇ ସମୟରେ ରଚନା କରିଥିବା 'ମୂଳିଆ' ନାଟକ ମଞ୍ଚସ୍ଥ ହୋଇଥିଲା, 'କବିସୂର୍ଯ୍ୟ' ନାଟକ ରଚିତ ହେଉଥିଲା । ଏହା ଭିତରେ କିନ୍ତୁ ରାମଚନ୍ଦ୍ରଙ୍କୁ କଠିନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେତେବେଳକୁ ରାମଚନ୍ଦ୍ର ମଧୁସୂଦନ ଆଇନ୍ କଲେଜରେ ବି.ଏଲ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ, ତତ୍ ସହିତ କନ୍‌ଭେଣ୍ଟ ସ୍କୁଲ୍‌ରେ ଗଣିତ ଶିକ୍ଷକର ଗୁରୁ ଦାୟିତ୍ୱ ବହନ କରୁଥିଲେ । ତେଣୁ କଠିନ ଶ୍ରମ ଓ ଅଧ୍ୟବସାୟ ବଳରେ ଏତାଦୃଶ ସମସ୍ୟାସଂକୁଳିତ ଅବସ୍ଥାରୁ ରାମଚନ୍ଦ୍ର ମୁକ୍ତି ପାଇ, ବିଶେଷ ସଫଳତା ମଧ୍ୟ ହାସଲ କରିଥିଲେ ।

ଘ. ବୃତ୍ତିଜୀବନ :

୧୯୪୬ ମସିହାରେ ରାମଚନ୍ଦ୍ର ମିଶ୍ର ପ୍ରଥମେ ବୃତ୍ତିଜୀବନ ଆରମ୍ଭ କଲେ ଖଣ୍ଡପଡ଼ାରେ । ଡେପୁଟି କଲେକ୍ଟର ଭାବରେ ଆରମ୍ଭ ହେଲା ତାଙ୍କର କର୍ମମୟ ଜୀବନ । ୧୯୫୦ ମସିହାରେ ତାଙ୍କୁ ବାଲେଶ୍ୱରକୁ ସ୍ଥାନାନ୍ତର କରାଗଲା । ଏଇ ପାଞ୍ଚବର୍ଷ ମଧ୍ୟରେ ନାଟକ ରଚନା ଏବଂ ଯାବତୀୟ ସାରସ୍ୱତ କଳାକର୍ମଠାରୁ ବୃତ୍ତିଦାୟରେ ପ୍ରାୟ ସେ ଦୂରେଇ ରହିଥିଲେ । କିନ୍ତୁ ସବୁ ସତ୍ତ୍ୱେ ସେ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ । ବାଲେଶ୍ୱରରେ ମାତ୍ର ଚାରିଦିନ

Digitized by srujanika@gmail.com

ପାଇଁ ଛୁଟି ନେଇଥିଲେ, କିନ୍ତୁ ତାଙ୍କ ଛୁଟି ମଞ୍ଜୁର ନ ହେବାରୁ ସେ ମର୍ମାହତ ହେଲେ ଏବଂ ଗୋଲାମଗିରିରୁ ମୁକ୍ତ ହୋଇ ସ୍ୱାଧୀନ ଜୀବନଯାପନ କରିବାକୁ ଅଧିକତର ଶ୍ରେୟ ମନେକଲେ । ଏଣୁ ୧୯୫୦ ମସିହା ଅକ୍ଟୋବର ୧ ତାରିଖ ଦିନ ତାଙ୍କର ସେଇ ମର୍ଯ୍ୟାଦାଜନକ ପଦବୀରୁ ସ୍ୱେଚ୍ଛାକୃତ ଭାବରେ ଇସ୍ତଫା ଦେଇ ସେ ସ୍ୱାଧୀନ ଜୀବନଧାରାକୁ ଫେରିଆସିଲେ । ଏହାପରେ ସେ ସ୍ୱାଧୀନ ଭାବରେ ଆଇନ ବ୍ୟବସାୟରେ ପ୍ରବୃତ୍ତ ହେଲେ । ବାଲେଶ୍ୱରରେ ବୃତ୍ତିଜୀବନ ଭିତରେ ସେ ଅନେକ ତିକ୍ତ ମଧୁର ଅନୁଭୂତି ସାଇତି ରଖିଥିଲେ, ଯାହା ତାଙ୍କୁ 'ଘରସଂସାର' ନାଟକ ଲେଖିବାକୁ ପ୍ରବୃତ୍ତ କରିଥିଲା ।

୧୯୫୦ ମସିହାଠାରୁ ୧୯୬୦ ମସିହା ମଧରେ ତାଙ୍କର 'ଘରସଂସାର', 'ମଉଡ଼ମଣି', 'ସାଇପଡ଼ିଶା, 'ଭାଇ ଭାଉଜ', 'ନାଟକ ରୀତିମତ', 'ମମତା', 'ସେବିକା', 'ପ୍ରତୀକ୍ଷା', 'ଚାବୁକ୍', 'ଗୋଧୂଳି ଲଗ୍ନ', 'ପୁଆଣିଘର' ପ୍ରଭୃତି ନାଟକଗୁଡ଼ିକ ରଚିତ ଏବଂ ସଫଳତାର ସହିତ ଅଭିନୀତ ହୋଇ, ଓଡ଼ିଆ ନାଟ୍ୟ ଜଗତରେ ତାଙ୍କୁ ଅସାମାନ୍ୟ ଖ୍ୟାତି ପ୍ରଦାନ କରିଥିଲା ।

୧୯୪୬ ମସିହାରେ ରାମଚନ୍ଦ୍ରଙ୍କ ବୈବାହିକ କର୍ମ ସଂପନ୍ନ ହୋଇଥିଲା । ବାମଣ୍ଡା ଓ ଦେବଗଡ଼ର ରାଜପୁରୋହିତଙ୍କ କନ୍ୟା ବିଷ୍ଣୁପ୍ରିୟା ଦେବୀଙ୍କ ପାଣିଗ୍ରହଣ କରିଥିଲେ ରାମଚନ୍ଦ୍ର । ଏହା ପରଠାରୁ ତାଙ୍କର ସୁଖମୟ ଦାମ୍ପତ୍ୟଜୀବନ, ଏବଂ ଏହା ଭିତରେ ନାଟ୍ୟମଞ୍ଚ ସହିତ ଘନିଷ୍ଠ ସଂପୃକ୍ତି - ଏସବୁ ଥିଲା ତାଙ୍କ ଜୀବନ ପରିଧିର ବିଚିତ୍ର ଗତିଭଂଗୀ । କଟକ ଓ ଦଶପଲ୍ଲା ଥିଲା ରାମଚନ୍ଦ୍ରଙ୍କର ବିଶିଷ୍ଟ ଚାରଣ ଭୂମି । ୧୯୫୦ ମସିହାରେ ଚାକିରିରୁ ଇସ୍ତଫା ପ୍ରଦାନ କରି ସେ ଦଶପଲ୍ଲାରେ ସ୍ୱାଧୀନ ଭାବରେ ଓକିଲାତି କରିଛନ୍ତି । ଗୋଟାଏ ବିରାଟ ଯୌଥ ପରିବାରର ବୋଝ ସେ ସଂଭାଳିଛନ୍ତି, ପୁଣି ନାଟ୍ୟମଞ୍ଚ, ନାଟ୍ୟକର୍ମଶାଳା, ପ୍ରତି ନିଜର ଆକର୍ଷଣକୁ ଅତୁଟ ରଖିଛନ୍ତି ।

ବାଲ୍ୟକାଳରୁ ନିଜର ଦଦେଇ ଗୋବିନ୍ଦ ମିଶ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଚମ୍ପାପୁରର ଆଶ୍ରମରେ ଅବସ୍ଥାନ କରି ରାମଚନ୍ଦ୍ର ଅନେକ ପ୍ରତ୍ୟକ୍ଷ ଅନୁଭୂତି ଗ୍ରହଣ କରିଥିଲେ । ତେଣୁ ତାଙ୍କର ବ୍ୟକ୍ତିଗତ ଏବଂ ସାରସ୍ୱତ ଜୀବନରେ ଏହାର ଅସାମାନ୍ୟ ପ୍ରଭାବ ପରିଲକ୍ଷିତ ହୋଇଥିବା ଜଣାଯାଏ । 'ସେଇ ଲକ୍ଷ୍ମୀପୁର' (୧୯୩୨) ଉପନ୍ୟାସଟିରେ ସେଇ ଚମ୍ପାପୁରର ଆଶ୍ରମ ଜୀବନ ଓ ଦଦେଇ ଗୋବିନ୍ଦଙ୍କ ଛାୟାରେ ସୃଷ୍ଟି ହୋଇଛି ଚରିତ୍ର ସାଧୁପଧାନ । କଂଗ୍ରେସ ସେବାଶ୍ରମରେ ଜଣେ ଶୃଙ୍ଖଳିତ କର୍ମୀ ଭାବରେ କଟାଇଥିବାର ଅନୁଭୂତିକୁ ନେଇ, ସେ ସ୍ୱାଧୀନତା ପରେ ରାଜନୀତିକ ଜୀବନ ଆରମ୍ଭ କରିଥିଲେ କେବଳ ଜନସେବା ଉଦ୍ଦେଶ୍ୟରେ । ଏଥିପାଇଁ ତାଙ୍କୁ ସମମର୍ମା ଓ ସମଚିନ୍ତକ ଶୁଭେଚ୍ଛୁମାନଙ୍କ ଠାରୁ ବିପୁଳ ସମର୍ଥନ ମିଳିଥିଲା ।

ସ୍ୱାଧୀନ ଭାବରେ ଓକିଲାତି କରିବା ସହିତ ରାମଚନ୍ଦ୍ର ସେ ସମୟରେ ଉଚ୍ଚଶିକ୍ଷାର ବିକାଶ ନିମିତ୍ତ କେତେକ ଶିକ୍ଷାଳୟ ପ୍ରତିଷ୍ଠା ଓ ପରିଚାଳନା ସହିତ ଘନିଷ୍ଠ ହୋଇ ଉଠିଥିଲେ । ଦଶପଲ୍ଲା କଲେଜ୍, ଗଣିଆ ହାଇସ୍କୁଲ, ବାଳିକା ବିଦ୍ୟାଳୟ ଇତ୍ୟାଦି ଅନେକ ଶିକ୍ଷାନୁଷ୍ଠାନ ସହିତ ତାଙ୍କର ସଂପୃକ୍ତିହିଁ ଏକ୍ଷେତ୍ରରୁ ବିପୁଳ ଅନୁଭୂତି ଚୟନ ନିମିତ୍ତ ଉପଯୁକ୍ତ ସୁଯୋଗ

Digitized by srujanika@gmail.com

ଯୋଗାଇ ଦେଇଥିଲା । ତାଙ୍କର ଶୁଭଚିନ୍ତକମାନଙ୍କ ଅନୁରୋଧରେ ନିଜ ଅଂଚଳର ସେବା ନିମିତ୍ତ ରାମଚନ୍ଦ୍ର ଓକିଲାତି ସହିତ ପ୍ରତ୍ୟକ୍ଷ ରାଜନୀତିରେ ସଂପୃକ୍ତ ରହିଲେ ।

ଡ. ରାଜନୀତିକ ଜୀବନ :

୧୯୬୨ ମସିହାରୁ ୧୯୬୮ ମସିହା ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ରାଜନୀତି ସହିତ ଜଡ଼ିତ ହୋଇ ସେ କଂଗ୍ରେସ ଦଳର ସମର୍ଥନ ଲାଭ କରିଥିଲେ । ସେ ପୁରୀ ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଓ ପରେ ପରେ ଅଧ୍ୟକ୍ଷ ଆସନ ପ୍ରାପ୍ତ ହୋଇଥିଲେ । ୧୯୬୬ ମସିହାରେ ସେ ଦଶପଲ୍ଲା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଭାବରେ ଦୀର୍ଘ ଦଶବର୍ଷକାଳ ଅବସ୍ଥାପିତ ରହିଥିଲେ । ରାଜନୀତିକ ଜୀବନର କର୍ମବ୍ୟସ୍ତତା ଓ ଜଞ୍ଜାଳ ଭିତରେ ରହି ସୁଦ୍ଧା,ତାଙ୍କ କଲମକୁ କେବେ ସେ ନାଟକ ରଚନାରୁ ବିରତ କରାଇ ନଥିଲେ । ସେ ସମୟରେ ଓଡ଼ିଶାର ଯୁବଲେଖକ ସମ୍ମେଳନ ସହିତ ସେ ଏକ ପ୍ରକାର ବାନ୍ଧି ହୋଇଯାଇଥିଲେ । ଫଳତଃ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ହେଉଥିବା ବିଭିନ୍ନ ସମ୍ମେଳନରେ ତାଙ୍କର ବ୍ୟକ୍ତିଗତ ଉପସ୍ଥିତି ଏବଂ ସକ୍ରିୟ ସହଯୋଗ ତଥା ସଫଳ ନେତୃତ୍ୱ ପାଇଁ, ଯୁବଲେଖକ ସମ୍ମେଳନର ସଫଳତା ଆସୁଥିଲା ।

ରାଜନୀତିଜ୍ଞ ଭାବରେ ରାମଚନ୍ଦ୍ର ଥିଲେ ଜନତାର ସୁଖ-ଦୁଃଖର ଅଧିକ ନିଟକବର୍ତ୍ତୀ । ପ୍ରତିଦ୍ୱନ୍ଦ୍ୱିତା ଠାରୁ, ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ ଚୟନ ଉପରେ ସେ ଗୁରୁତ୍ୱ ଦେଉଥିଲେ । ଜିଲ୍ଲା ପରିଷଦ ଏବଂ ପଞ୍ଚାୟତ ସମିତିର ଅଧ୍ୟକ୍ଷତା ଭିତରେ ସେ ବିପୁଳ ଅନୁଭୂତି ସଂଗ୍ରହ କରିଥିଲେ । ଦୀର୍ଘ ଦଶବର୍ଷକାଳ ପଞ୍ଚାୟତ ସମିତିର ଅଧ୍ୟକ୍ଷପଦ ବଜାୟ ରଖିବା, ତାଙ୍କ ପ୍ରତି ରହିଥିବା ଜନସମର୍ଥନର ସଫଳତାକୁ ପ୍ରମାଣିତ କରିଥାଏ । ୧୯୭୪ ମସିହାରେ ସେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ପ୍ରାର୍ଥୀତ୍ୱ ନେଇ ନିର୍ବାଚନ ଲଢ଼ିଥିଲେ । ମାତ୍ର ଦୁର୍ଭାଗ୍ୟର ବିଷୟ, ମାତ୍ର ୧୪ ଖଣ୍ଡ ଭୋଟ ବ୍ୟବଧାନରେ ସେ ଏଥିରେ ପରାଜିତ ହୋଇଥିଲେ । କିନ୍ତୁ ତାଙ୍କର ଉଚ୍ଚାଙ୍ଗ ବ୍ୟକ୍ତିତ୍ୱ ଭିତରେ କେବେବି ପରାଜୟର ଗ୍ଲାନି ନ ଥିଲା, ମୁଖଶ୍ରୀ କେବେବି ଏହାଦ୍ୱାରା ମ୍ଳାନ ହୋଇ ନ ଥିଲା । କାରଣ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେ ଶୁଭେଚ୍ଛା ଦେଇଥିଲେ । ସେ ସମୟର ପ୍ରାର୍ଥୀ ପଦ୍ମଚରଣ ମିଶ୍ର କହନ୍ତି - ''୧୯୭୪ ମସିହାରେ ଦଶପଲ୍ଲା ଗୋଟିଏ ଜେନେରାଲ୍ ସିଟ୍ ହୋଇଗଲା । ମୁଁ ସ୍ୱତନ୍ତଦଳ ପକ୍ଷରୁ ଜଣେ ପ୍ରାର୍ଥୀ, ଭାଇନା କଂଗ୍ରେସରୁ ଏବଂ ହରିହର କରଣ ସ୍ୱାଧୀନ ପ୍ରାର୍ଥୀ ହିସାବରେ ନିର୍ବାଚନ ଲଢ଼ିଲୁ । ଟିକେଟ୍ ପାଇବା ପରେ, ମୁଁ ଭାଇନାଙ୍କର ଆଶୀର୍ବାଦ ପାଇବା ପାଇଁ ଗଲି, ଏବଂ ତାଙ୍କ ପାଦ ଛୁଇଁ, ଯେତେବେଳେ ଜୟଯୁକ୍ତ ହେବାପାଇଁ ଆଶୀର୍ବାଦ ମାଗିଲି, ସେ ମଧ୍ୟ ମୋ ମୁଣ୍ଡରେ ଆନନ୍ଦରେ ହାତମାରି ତାଙ୍କର ଶୁଭେଚ୍ଛା ଦେଲେ । ଏଭଳି ରାଜନୀତିକବନ୍ଧୁତା ଆଜି କାଲି ତ ସ୍ୱପ୍ନ'' । (ପଦ୍ମଚରଣ ମିଶ୍ର - 'ଏକ ଅଭୁଲାସ୍ମୃତି'-ରାମଚନ୍ଦ୍ର ମିଶ୍ର ସ୍ମରଣେ - ୧୯୯୨-ପୃଷ୍ଠା ୮୫)

ରାଜନୀତିରେ ରାମଚନ୍ଦ୍ର ୧୯୬୮ ମସିହା ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ରହିଲେଏବଂ ଏହାପରେ ରାଜନୀତିରେ ଆଦର୍ଶବାଦର ଅବକ୍ଷୟ ଏବଂ କ୍ଷମତା ରାଜନୀତି ପ୍ରତି ନେତୃବର୍ଗର ଆତ୍ୟନ୍ତିକ ଆସକ୍ତି ହେତୁ ତାଙ୍କ ଭଳି ଜଣେ ଉଦାରଚେତା ଓ ମାନବବାଦୀ ନେତା, ରାଜନୀତିର କଳୁଷ ଭିତରୁ ଆପଣାକୁ ମୁକ୍ତ କରିନେଲା । ରାଜନୀତିକ ସନ୍ନ୍ୟାସ

Digitized by srujanika@gmail.com

ନେବାପରେ କେବଳ ନାଟକ ରଚନା, ଏହାର ମଞ୍ଚାୟନ ଏବଂ ନାଟ୍ୟକର୍ମ ଓ ନାଟ୍ୟ ସଂପାଦନା, ସମାଲୋଚନା ସହିତ ସେ ଜଡ଼ିତ ରହିଲେ । ରାଜନୀତିର ଗୋଳିଆପାଣିରୁ ସେ ସଂଗ୍ରହ କରିଥିବା ଓ ଆପେ ଅଙ୍ଗେ ନିଭେଇଥିବା ଅନେକ ଅନୁଭୂତିକୁ ନେଇ, ଜୀବନର ଶେଷ ଲଗ୍ନରେ 'ମନ୍ତ୍ରୀଯୁଗ' ସଂକଳନରେ ଚିତ୍ରଣ କରିଯାଇଛନ୍ତି ।

ଓଡ଼ିଶାର ନାଟ୍ୟମଞ୍ଚ, ନାଟ୍ୟଶିଳ୍ପ, ନାଟ୍ୟାଭିନୟ, ନାଟ୍ୟପ୍ରତିଯୋଗିତା ପ୍ରଭୃତି ବିବିଧ ଅନୁଷ୍ଠାନିକ କର୍ମରେ ସେ ପ୍ରାୟ ଲିପ୍ତ ଥିଲେ । ଓଡ଼ିଶାର ପ୍ରାୟ ସମସ୍ତ ପ୍ରବୀଣ ଓ ନବୀନ ନାଟ୍ୟକାରମାନଙ୍କ ସହିତ ବ୍ୟକ୍ତିଗତ ଭାବରେ ସେ ସଂପୃକ୍ତ ହୋଇ ପଡ଼ିଥିଲେ । ବେଳେ ବେଳେ ନାଟ୍ୟାଲୋଚନାରେ ମଗ୍ନ ରହି, ତାଙ୍କର ଶାଣିତ ବକ୍ତବ୍ୟ ମଧ ପ୍ରକାଶ କରୁଥିଲେ । ତାଙ୍କ ସମୟ ଓ ତାଙ୍କ ପରବର୍ତ୍ତୀ ସମୟର ଅନେକ ସମର୍ଥ ନାଟ୍ୟକାରଙ୍କ ନାଟକ ପାଣ୍ଡୁଲିପିରେ ତାଙ୍କ ଭଳି ଜଣେ ବିଚକ୍ଷଣ ନାଟ୍ୟବ୍ୟକ୍ତିତ୍ୱର କଲମଗାର ବାଜିଥିବା ଘଟଣାକୁ ଅନେକ ନାଟ୍ୟକାର ସ୍ୱୀକାର କରନ୍ତି । ଅନେକ ସମୟରେ ନୂଆ ନୂଆ ନାଟ୍ୟ ସ୍ରଷ୍ଟାଙ୍କୁ ସେ ବିବିଧ ବିଷୟରେ ପ୍ରେରଣା ଯୋଗାଇଛନ୍ତି, ନାଟକ ପାଠକରି ଏଥିରେ ଆବଶ୍ୟକ ପରିବର୍ତ୍ତନ ନିମିତ୍ତ ଉପଯୁକ୍ତ ମତାମତ ମଧ ବ୍ୟକ୍ତ କରିଛନ୍ତି । ତେଣୁ ଜୀବନର ଶେଷ ଲଗ୍ନ ପର୍ଯ୍ୟନ୍ତ ତାଙ୍କ ରହଣିସ୍ଥଳ ଯେମିତି ନାଟକ ଲେଖକ, ନିର୍ଦ୍ଦେଶକ, ଅଭିନେତାମାନଙ୍କର ଅଣଯୋଜନାବଦ୍ଧ ନାଟ୍ୟଶାଳା ପାଲଟି ଯାଉଥିଲା ।

୧୯୧୧ ମସିହା ପର୍ଯ୍ୟନ୍ତ ବାରବର୍ଷ କାଳ ସେ ରାଉରକେଲା ଲୋକନାଟକ ମହୋତ୍ସବର ବିଚାରକ ଭାବରେ କ୍ରମାଗତ ଭାବରେ ଯୋଗ ଦେଇଥିଲେ । ନାଟକ ମଞ୍ଚରେ ଜଣେ ବିଚାରକ ଭାବରେ ନାଟ୍ୟାଭିନୟର ସେ ମୂଲ୍ୟାୟନ କରନ୍ତି, ପୁଣି ଏଥିରେ ରହିଥିବା ତ୍ରୁଟିପୂର୍ଣ୍ଣ ଦିଗଗୁଡ଼ିକ ପ୍ରତି ଲେଖକ ଓ ନିର୍ଦ୍ଦେଶକମାନଙ୍କର ଦୃଷ୍ଟି ଆକର୍ଷଣ କରନ୍ତି । ଏହାଫଳରେ ସେ ନାଟ୍ୟାଭିନୟ ଦର୍ଶନ ଜନିତ ନେଇଥିବା ଅନୁଭବକୁ ଲିପିବଦ୍ଧ କରି ଯାଇଛନ୍ତି । 'ଓଡ଼ିଶା ବୁକ୍ ଷ୍ଟୋର୍', ଏହାକୁ ପୁସ୍ତକ ଆକାରରେ ପ୍ରକାଶ କରିଛନ୍ତି ।

ଜୀବନବ୍ୟାପୀ ସାଧନା ଭିତରେ ରାମଚନ୍ଦ୍ର ଅନେକ ନାଟ୍ୟାନୁଷ୍ଠାନ ସହିତ ସଂପୃକ୍ତ ହୋଇଛନ୍ତି, ଓଡ଼ିଶାର ନାଟ୍ୟଧାରାକୁ ନାନାଭାବରେ ସଂବୃଦ୍ଧ କରିଥିବାରୁ ଓଡ଼ିଶା ଓ ଓଡ଼ିଶା ବାହାରେ ତାଙ୍କୁ ଅନେକ ସମ୍ମାନ ମିଳିଛି । ଓଡ଼ିଶା ସାହିତ୍ୟ ଏକାଡେମୀ, ଏବଂ ଭାରତୀୟ ପି.ଇ. ଏନ୍ ଦ୍ୱାରା ସେ ସମ୍ମାନିତ । କିନ୍ତୁ ସମ୍ମାନ ପଛରେ ସେ କେବେ ଧାଇଁ ନ ଥିଲେ । ଜୀବନ ଓ ନାଟକକୁ ସେ ଏକାକାର କରିଦେଇଥିଲେ । ପ୍ରାୟ ଜୀବନର ଶେଷ ଲଗ୍ନ ପର୍ଯ୍ୟନ୍ତ ଏଇ ନାଟ୍ୟମନସ୍କ ନଟପୁରୁଷ ହିଁ ଥିଲେ ଜଡ଼ିତ । ୧୯୯୨ ମସିହା ଜୁନ୍ ୨୬ ତାରିଖ, ତାଙ୍କର ମହାପ୍ରୟାଣ, ଓଡ଼ିଶାର ନାଟ୍ୟ ଜଗତ ପାଇଁ ଅପୂରଣୀୟ ଶୂନ୍ୟସ୍ଥାନ ।

Digitized by srujanika@gmail.com

॥ ତିନି ॥

ସ୍ରଷ୍ଟା ରାମଚନ୍ଦ୍ରଙ୍କ ସୃଷ୍ଟି ସାମ୍ରାଜ୍ୟ : ଏକ ପରିଚୟ

ସ୍ରଷ୍ଟା ରାମଚନ୍ଦ୍ରଙ୍କ ସୃଜନ-ସାମ୍ରାଜ୍ୟର ସରହଦରେ ଅନେକ ବୈଚିତ୍ର୍ୟ ଲକ୍ଷ୍ୟ କରାଯାଇଥାଏ । ଅନ୍ୟାନ୍ୟ ସ୍ରଷ୍ଟାମାନଙ୍କ ସୃଜନକର୍ମର ପ୍ରାରମ୍ଭିକ ଲଗ୍ନ ଭଳି, କବିତା ରଚନାରୁ ତାଙ୍କ ସାରସ୍ୱତ ଜୀବନର ଶୁଭାରମ୍ଭ ଘଟିଛି । କୈଶୋରର ସେଇ କବିତ୍ୱ ପୁଣି ରାମଚନ୍ଦ୍ରଙ୍କୁ ପ୍ରାକ୍ ଯୌବନରେ ଜଣେ କଥାକାର ଭାବରେ ଉପସ୍ଥାପିତ କରିଛି । ମାତ୍ର ନାଟକ ଓ ଅଭିନୟ ପ୍ରତି, ତାଙ୍କ ଚିତ୍ତବୃତ୍ତିରେ ଉଙ୍କିମାରୁଥିବା ଅଭିଳାଷ ଓ ଉତ୍ସୁକତାହିଁ, ତାଙ୍କୁ ପରବର୍ତ୍ତୀ ଜୀବନରେ ସଫଳ ନାଟ୍ୟକାର ଭାବରେ ପ୍ରତିଷ୍ଠା ପ୍ରଦାନ କରିଛି । ଏଥିପାଇଁ, ରାମଚନ୍ଦ୍ରଙ୍କ ଭିତରେ ଏକ ଅଭିନେତାର ଆତ୍ମା ଅନେକ ପୂର୍ବରୁ ଯେମିତି ସବାର ସାଜିଥିଲା । ବାଲ୍ୟକାଳରେ ରାମଚନ୍ଦ୍ର, ନିଜ ପିତାଙ୍କ ଅଭିନୟ ଦ୍ୱାରା ପ୍ରଭାବିତ ହୋଇଥିଲେ, ପରେ ପରେ ଛାତ୍ର ଜୀବନରେ ଅନେକ ନାଟକରେ ଅଭିନୟ କରୁଥିଲେ । ପ୍ରଖ୍ୟାତ ନାଟ୍ୟକାର କାମପାଳ ମିଶ୍ରଙ୍କ 'ସୀତାବିବାହ' ନାଟକରେ ସେ 'ରାମ' ଭୂମିକାରେ ଅଭିନୟ କରିଥିବା ପ୍ରସଙ୍ଗ ସ୍ୱୀକାର କରି କହନ୍ତି - ''ଏହି ସମୟରେ ମୁଁ ଦଶପଲ୍ଲା ରାଜାଙ୍କର ରଙ୍ଗମଞ୍ଚରେ ଅଭିନୀତ କେତେକ ନାଟକରେ ଛୋଟ ଛୋଟ ଭୂମିକାରେ ଅଭିନୟ କରିଛି । ଆମ ସ୍କୁଲ୍‌ରେ ମଧ ବିଭିନ୍ନ ଉତ୍ସବମାନଙ୍କରେ, ଛୋଟ ଛୋଟ ନାଟିକା ମାନଙ୍କରେ ମୁଁ ମିଶିଛି । ମୋର ଠିକ୍ ମନେ ଅଛି ଯେ, କାମପାଳ ମିଶ୍ରଙ୍କ 'ସୀତାବିବାହ' ନାଟକରେ ମୁଁ ରାମ ଭୂମିକାରେ ଅଭିନୟ କରିଥିଲି ।''

(ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ସହ ଗୋଟିଏ ଅନ୍ତରଙ୍ଗ ଦିନ- 'ରାମଚନ୍ଦ୍ର ମିଶ୍ର ସ୍ମରଣେ' - ପୃଷ୍ଠା-୫୪)

ଜଣେ ନାଟ୍ୟକାର ଭାବରେ ପରିଚିତ ହେବା ପୂର୍ବରୁ ରାମଚନ୍ଦ୍ର ପ୍ରଥମେ କବିତା ରଚନାରେ ଶୁଣାଇଲେ ତାଙ୍କ ସୃଜନ ବୀଣାର ଆଦ୍ୟ ଝଙ୍କାର । ପରେ ପରେ ଗଳ୍ପ ରଚନାର ପ୍ରବୃତ୍ତ ରହି କାହାଣୀ ଗଠନରେ ଆପଣାର ବଳିଷ୍ଠ ଚିନ୍ତନକୁ ପ୍ରକାଶ କରିଥିଲେ । ମାତ୍ର ତାଙ୍କ ସାହିତ୍ୟ ସୃଜନ ଲୀଳାରେ ସର୍ବଶ୍ରେଷ୍ଠ କୃତିତ୍ୱର ପରିଚୟ ବହନ କରେ, ତାଙ୍କ ନାଟ୍ୟ ପ୍ରତିଭା । କିନ୍ତୁ ନାଟ୍ୟକାର ରାମଚନ୍ଦ୍ର ଯେ ଜଣେ ଉପନ୍ୟାସ ଲେଖକ ଓ ନାଟ୍ୟ ସମାଲୋଚକ, ଏକଥା ଭାବି ବସିଲେ ଆଶ୍ଚର୍ଯ୍ୟ ଲାଗେ । ସେ ଜଣେ ଆଲୋଚକ ଭାବରେ ନିଜସ୍ୱ ଚିନ୍ତନକୁ ନେଇ ପ୍ରକାଶ କରିଛନ୍ତି 'ଲୋକନାଟକ' (୧୯୮୮) । ଅନେକ ବଳିଷ୍ଠ କାହାଣୀକୁ ନେଇ ନାଟ୍ୟରୂପ ପ୍ରଦାନ କରିଥିବା ସତ୍ତ୍ୱେ, ସେ ପୁଣି ନିଜର କଥା ଓ କଥକତାର ଚମକ ଦର୍ଶାଇ

Digitized by srujanika@gmail.com

ସୃଷ୍ଟି କରିଛନ୍ତି ଦୁଇଟି ଉପନ୍ୟାସ ୧. 'ବିବାହିତା' (୧୯୫୧) ୨. 'ସେଇ ଲକ୍ଷ୍ମୀପୁର' (୧୯୯୩) । ନାଟ୍ୟରଚନା ସହିତ ପରିଚିତ ହେବା ପୂର୍ବରୁ ତାଙ୍କର ନାଟ୍ୟାଲୋଚନା ତଥା ଉପନ୍ୟାସର ସାଧାରଣ ଚର୍ଚ୍ଚାର ପ୍ରାସଙ୍ଗିକତା ଏଠାରେ ଉପଲବ୍ଧ ହୁଏ ।

କ. ସମାଲୋଚକ ରାମଚନ୍ଦ୍ର :

ଜଣେ ନିଷ୍ଠାପର ନାଟ୍ୟକର୍ମୀ ଭାବରେ, ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ବିଭିନ୍ନ ନାଟକ ଉତ୍ସବରେ ବିଚାରକ ଭାବରେ ଯୋଗ ଦେଇଥିଲେ । ବିଶେଷ କରି, ୧୯୭୬ ମସିହାରେ ରାଉରକେଲାରେ ଅନୁଷ୍ଠିତ କଲଚରାଲ୍ ଏକାଡେମୀ ଦ୍ୱାରା ଲୋକନାଟକ ମହୋତ୍ସବରେ ବିଚାରକ ଭାବରେ ସେ ଦୀର୍ଘକାଳ ଧରି ସଂପୃକ୍ତ ରହିଥିଲେ । ମାତ୍ର ସେ ଏଇ ମହୋତ୍ସବରେ ପ୍ରତ୍ୟକ୍ଷ କରିଥିବା ମୂଲ୍ୟାୟନରୁ ଜନ୍ମନେଲା ତାଙ୍କର ଆଲୋଚନା 'ଲୋକନାଟକ' (୧୯୮୮) ।

'ଲୋକନାଟକ', ରାମଚନ୍ଦ୍ରଙ୍କ ନାଟକ ମୂଲ୍ୟାୟନ ଦୃଷ୍ଟିଭଂଗୀର ସଫଳ ପରିଚାୟକ । ଏଥିରେ ସେ ଲୋକନାଟକକୁ କେନ୍ଦ୍ର କରି ଘଟୁଥିବା ଆଲୋଚନାତ୍ମକ ସମସ୍ୟାକୁ ବିଚାର କରିଛନ୍ତି । ପୁନଶ୍ଚ ଲୋକନାଟକ ରୂପେ, ଯେଉଁ ପ୍ରକାରର ନାଟକଗୁଡ଼ିକ ପରିବେଷିତ ହୋଇଛି ଲେଖକ ସେସବୁର ପ୍ରକରଣ ଓ ପ୍ରକାର୍ଯ୍ୟ ଉପରେ ବିଶେଷ ଦୃଷ୍ଟିପାତ କରି ଏଥିରେ ସ୍ୱକୀୟ ଦୃଷ୍ଟିଭଂଗୀକୁ ଉପସ୍ଥାପନ କରିଯାଇଛନ୍ତି । ପ୍ରକୃତରେ ନାଟକ ପ୍ରୟୋଗ-ପ୍ରଧାନ କଳା, ଏହାର ରଚନା ଠାରୁ ଏହାର ମଞ୍ଚାୟନ ଦିଗଟି ବରଂ ଗୁରୁତ୍ୱପୂର୍ଣ୍ଣ । ଲେଖକ ରାମଚନ୍ଦ୍ର, ବିଶେଷ କରି, ନାଟକଗୁଡ଼ିକର ପ୍ରୟୋଗାତ୍ମକ ଆଲୋଚନା ପ୍ରକାଶ କରି, ଏକ ଭିନ୍ନରୀତିର ଆଲୋଚନା ଭିତରେ ସ୍ୱକୀୟ ଅଭିମତକୁ ଦୃଢ଼ଭାବରେ ଉପସ୍ଥାପିତ କରିପାରିଛନ୍ତି ।

ଲେଖକ ସଂପୃକ୍ତ ଗ୍ରନ୍ଥରେ ସ୍ୱକୀୟ ବିଚାରଧାରାରେ ଓଡ଼ିଶାରେ ନାଟ୍ୟମଞ୍ଚର କ୍ରମବିଲୀୟମାନ ଅବସ୍ଥା ପାଇଁ ଅନେକ କାରଣ ଦର୍ଶାଇଛନ୍ତି । ଏଇ କ୍ରମରେ ସେ ୧୯୬୦-୧୯୭୦ ମଧ୍ୟରେ ଓଡ଼ିଶାର ନାଟ୍ୟମଞ୍ଚର ଦୁରବସ୍ଥା ପ୍ରସଙ୍ଗକୁ ଦୃଢ଼ତାର ସହିତ ସମର୍ଥନ କରିଛନ୍ତି । ଆର୍ଥିକ ଅନଟନ, ସରକାରୀ ପ୍ରୋତ୍ସାହନର ଅଭାବ ପ୍ରଭୃତି ଅନେକ କାରଣକୁ ଦାୟୀ କରାଗଲେ ମଧ୍ୟ, ଆମ ନାଟକରେ ପରୀକ୍ଷାନିରୀକ୍ଷାରେ ଓଡ଼ିଆତ୍ୱ ପ୍ରକାଶର ଅଭାବ ହେତୁ, ଦର୍ଶକେ ମଞ୍ଚ ପାଖରୁ ମୁହଁ ଫେରାଇ ନେବା ଭଳି ବାସ୍ତବ କଥାଟିକୁ ଲେଖକ ପ୍ରକାଶ କରିଛନ୍ତି । ମାତ୍ର ନିଛକ ଓଡ଼ିଆତ୍ୱକୁ ପ୍ରକଟ କରୁଥିବା ଓଡ଼ିଆ ଲୋକନାଟକ ନିଜସ୍ୱ ଗୁଣରେ ବଳବତ୍ତର ରହିଛି । ପାଲା, ଦାସକାଠିଆ, ଦଣ୍ଡନାଚ, ଚଇତିଘୋଡ଼ାନାଚ, ଏବେବି ଜୀଇ ରହିଛି । ପୁନଶ୍ଚ ନାଟ୍ୟମଞ୍ଚରୁ ମୁଖ ଫେରାଇ କିଛି ଲୋକ ଯାତ୍ରା ପ୍ରତି ଆକୃଷ୍ଟ ହେଲେ । ଯାତ୍ରା ଏତେବେଳକୁ ଦ୍ୱିତୀୟ ମଞ୍ଚ ସଂଯୋଗ କରୁଥିଲା । ଫଳତଃ ଏହା ପ୍ରତି ଲୋକମାନଙ୍କ ଆଦର ବଢ଼ିଲା ।

ଓଡ଼ିଆ ନାଟକର କ୍ଷୟଶୀଳତା ପାଇଁ, ଲେଖକ ବିବିଧ କାରଣକୁ ବିଶ୍ଳେଷଣ କରିଛନ୍ତି । ତାଙ୍କ ଚିନ୍ତନରେ - ''ଓଡ଼ିଆ ନାଟକର କ୍ଷୟଶୀଳତା, ବିଗତ ଦଶନ୍ଧିରୁ ପରିଲକ୍ଷିତ ହୋଇଛି ।

Digitized by srujanika@gmail.com

ନାଟକୀୟ ବିଷୟବସ୍ତୁରେ ମୌଳିକତାର ଅଭାବ, ଜନ ସମାଜଠାରୁ ଦୂରେଇ ଯାଇଥିବା ଚରିତ୍ର ଚିତ୍ରଣ, ମଞ୍ଚମାୟା ସୃଷ୍ଟିରେ ସିନେମା ସହିତ ପ୍ରତିଦ୍ୱନ୍ଦ୍ୱିତା ନ କରିପାରିବାର ବିଫଳତା, ଏଇ କ୍ଷୟଶୀଳତାର ଅନ୍ୟତମ କାରଣ ।'' (ଲୋକନାଟକ- ପୃଷ୍ଠା-୨୬)

୧୯୭୭-୧୯୮୮ ମସିହା ମଧ୍ୟରେ ହେଉଥିବା ଲୋକନାଟକ ମହୋତ୍ସବରେ ଏକଶତ ନାଟକ ପରିବେଷିତ ହୋଇଛି । ଏଥିରେ ଭାଗନେବା ପାଇଁ ପାଞ୍ଚଶତ ନାଟକ ମଧ ରଚନା କରାଯାଇଛି । କେତେକ ସ୍ଥଳରେ ନବୀନ ନାଟ୍ୟକାରମାନେ ପ୍ରବୀଣମାନଙ୍କ ଠାରୁ ସ୍ୱକୀୟ ଉତ୍କର୍ଷତା ମଧ୍ୟ ପ୍ରଦର୍ଶନ କରି, ଏ ସଂପର୍କରେ ଲେଖକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିଅଛନ୍ତି । ତାଙ୍କ ମତରେ ''କେତେକ ନୂତନ ନାଟ୍ୟକାର, ନାଟକକୁ ଜନାଭିମୁଖୀ କରିବାପାଇଁ ସମାଜର ନିମ୍ନସ୍ତରରୁ ବହୁ ଅବହେଳିତ, ଉତ୍ପୀଡ଼ିତ ଚରିତ୍ର ଆହରଣ କରିଛନ୍ତି । ବିଷୟବସ୍ତୁ ଉପସ୍ଥାପନା କ୍ଷେତ୍ରରେ ସେମାନେ ନାଟକ କ୍ଷେତ୍ରରେ ଦିଗବଳୟର ସୀମାର ପ୍ରସାର ଘଟାଇ ପାରିଛନ୍ତି । ନାଟକର ବିଷୟବସ୍ତୁ, ଚରିତ୍ର ଚିତ୍ରଣ, ସଂଳାପ ସୃଷ୍ଟିରେ ପରିବର୍ତ୍ତନ, ଅଣାଯାଇ, ନାଟକକୁ ଲୋକ ସାଧାରଣଙ୍କ ନିଟକବର୍ତ୍ତୀ କରାଯିବାର ଉଦ୍ୟମ, ଅନେକାଂଶରେ ସଫଳତା ଦିଗରେ ଅଗ୍ରଗତି କରିପାରିଛି ।'' (ଲୋକନାଟକ- ପୃଷ୍ଠା - ୬୧)

ନାଟକ ରଚନା ଠାରୁ ଏହାର ମଞ୍ଚାୟନ ହେଉଛି ବଡ଼ ସମସ୍ୟା । ନାଟ୍ୟକାର ଠାରୁ ଆରମ୍ଭ କରି, ନାଟକ ସହିତ ସଂପୃକ୍ତ ଥାଆନ୍ତି ନାଟ୍ୟକର୍ମୀ, ଅଭିନେତା, ଅଭିନେତ୍ରୀ, ବାଦ୍ୟକାର, ଗୀତିକାର, ସଂଗୀତକାର, ବେଶକାର ଇତ୍ୟାଦି ଅନେକ ଧରଣର ବ୍ୟକ୍ତି । ଏମାନଙ୍କର ସମସ୍ୟା, ଏବଂ ପରିବେଶର ସମସ୍ୟା, ନାଟ୍ୟ ମଞ୍ଚର ସମସ୍ୟା ହୋଇଉଠେ । ଫଳତଃ ଓଡ଼ିଶାରେ ଏ ସମସ୍ତ ସମସ୍ୟା ଯେତେବେଳେ ତୀବ୍ର ହୋଇ ଉଠିଥିଲା, ସେତେବେଳେ ନାଟ୍ୟମଞ୍ଚର କ୍ରମକ୍ଷୟ ଘଟିବା ସ୍ୱାଭାବିକ ବୋଲି ଲେଖକ ଦର୍ଶାଇଛନ୍ତି ।

'ଲୋକନାଟକ' ପୁସ୍ତକରେ ଓଡ଼ିଶାର ଅନେକ ନାଟ୍ୟକାର, ଯେଉଁମାନଙ୍କ ନାଟକକୁ ନାଟ୍ୟ ସମାଲୋଚକମାନେ ଆଡ଼ନୟନରେ ବି ଦୃଷ୍ଟି ଦେଇନାହାନ୍ତି, ସେମାନଙ୍କ ରଚିତ ଓ ପରିବେଷିତ ନାଟକଗୁଡ଼ିକର ମୂଲ୍ୟାୟନରେ, ଲେଖକ ରାମଚନ୍ଦ୍ର ମିଶ୍ର ପ୍ରକୃତରେ ଉପଯୁକ୍ତ ତତ୍ପରତା ପ୍ରକାଶ କରିବା ସୌଭାଗ୍ୟର ବିଷୟ । ଲୋକନାଟକ ମହୋତ୍ସବରେ ଦଶବର୍ଷ କାଳ ଅଭିନୀତ ନାଟକ ଗୁଡ଼ିକର ପ୍ରାୟୋଗିକ ମୂଲ୍ୟାୟନରେ ଆଲେଚକ ରାମଚନ୍ଦ୍ରଙ୍କ ନିଷ୍ଠା ପ୍ରକୃତରେ ଅଭିନନ୍ଦନୀୟ ।

ନାଟ୍ୟପ୍ରକରଣର ବିବିଧ ଦିଗକୁ ଆଲୋଚକ ଭିନ୍ନ ଭିନ୍ନ ଦୃଷ୍ଟିରୁ ଆଲୋକିତ କରିଛନ୍ତି । ଅଭିନୀତ ନାଟକକୁ ସମାଲୋଚନା କରି ଏହାର ଉନ୍ନତି ନିମିତ୍ତ ବିବିଧ ସଂଭାବ୍ୟ ପଥ ଓ ସୂଚନା ମଧ୍ୟ ପ୍ରଦାନ କରିଅଛନ୍ତି । ବିଶେଷତଃ ନାଟକଗୁଡ଼ିକୁ ସେ ତାତ୍ତ୍ୱିକ ଓ କଳାତ୍ମକ- ଉଭୟ ଦିଗରୁ ଆଲୋଚନା କରିଅଛନ୍ତି । ସ୍ଥଳ ବିଶେଷରେ ମଧ୍ୟ କେତୋଟି ଦୃଷ୍ଟାନ୍ତ ସେ ପ୍ରଦାନ କରିଅଛନ୍ତି । ମୋଟ ଉପରେ ଜଣେ ଆଲୋଚକ ଭାବରେ ରାମଚନ୍ଦ୍ର ମିଶ୍ର ନାଟ୍ୟଆଲୋଚନାରେ ପ୍ରବୃତ୍ତ ରହି; ନାଟକ ସଂପର୍କୀୟ ସ୍ୱକୀୟ ବିଚାରଧାରାକୁ ପ୍ରକାଶ

Digitized by srujanika@gmail.com

କରିଛନ୍ତି । ଓଡ଼ିଆ ନାଟ୍ୟକଳା, ନାଟ୍ୟମଞ୍ଚ ଏବଂ ନାଟକ ପରିବେଷଣ ରୀତିର ପ୍ରୟୋଗାତ୍ମକ ଦିଗ ଗୁଡ଼ିକର ଆଲୋଚନା କରି ସେ ସ୍ୱକୀୟତା ରକ୍ଷା କରିଛନ୍ତି । ତାଙ୍କ ଭଳି ଜଣେ ନାଟ୍ୟ ଶିଳ୍ପୀ ଏପରି ଆଲୋଚନା ପ୍ରକାଶ କରିଥିବାରୁ, 'ଲୋକନାଟକ' ଆଲୋଚନାଟି ଓଡ଼ିଆ ନାଟ୍ୟ ସାହିତ୍ୟ ସମାଲୋଚନା କ୍ଷେତ୍ରରେ ଏକ ନୂତନ ଦିଶା ପ୍ରଦାନ କରେ । କାରଣ ନାଟକକୁ ପାଠ କରି, ଆଲୋଚନା କରିବା, ଏବଂ ନାଟ୍ୟମଞ୍ଚରେ ନାଟକ ଦର୍ଶନ କରି ଆଲେଚନା କରିବା ମଧ୍ୟରେ ଅନେକ ପାର୍ଥକ୍ୟ । ପ୍ରଥମଟି ତାତ୍ତ୍ୱିକତା ଗର୍ଭିତ ହୋଇପାରେ, ମାତ୍ର ନାଟକ ମଞ୍ଚାୟନର ବାସ୍ତବ ଦିଗଟି ଏଥିରେ ଉପେକ୍ଷିତ । ଅପରନ୍ତୁ ଦ୍ୱିତୀୟଟି ସଂବୃଦ୍ଧ ଆଲୋଚନା, କାରଣ ନାଟ୍ୟପରିବେଷଣର ସମସ୍ତ ଦିଗପ୍ରତି ଦୃଷ୍ଟି ଦିଆଯାଇ ଏପରି ଆଲୋଚନା ପ୍ରସ୍ତୁତ ହୋଇଛି ।

ଆଲୋଚକ ଭାବରେ ରାମଚନ୍ଦ୍ରଙ୍କ ଖଣ୍ଡିଏ ମାତ୍ର ଆଲୋଚନା ପୁସ୍ତକ ରଚନା କରିଥିଲେ ଏହା ବି ସ୍ୱତନ୍ତ୍ର । ଜଣେ ଅନଭିଜ୍ଞ ହୁଏତ ନାଟକ ଆଲୋଚନା କରି ପାଣ୍ଡିତ୍ୟ ପ୍ରଦର୍ଶନ କରିପାରନ୍ତି, ମାତ୍ର ରାମଚନ୍ଦ୍ର ଜଣେ ଅଭିଜ୍ଞ ନାଟ୍ୟଶିଳ୍ପୀ । ତେଣୁ ତାଙ୍କ ଆଲୋଚନାଟି ଅଧିକ ବାସ୍ତବଧର୍ମୀ, ବିଶ୍ଳେଷଣାତ୍ମକ ଏବଂ ପରିଚ୍ଛନ୍ନ । ଦୃଢ଼ ମତ ଉପସ୍ଥାପନରେ ରାମଚନ୍ଦ୍ର ଅଗ୍ରଣୀ ବ୍ୟକ୍ତି । ତେଣୁ ତାଙ୍କ ଆଲୋଚନାଟି ଓଡ଼ିଆ ନାଟକ ଆଲୋଚନା କ୍ଷେତ୍ରରେ ନିଶ୍ଚୟ ଏବଂ ବିଶେଷ ସୃଷ୍ଟି, ଏହା ବିନାଦ୍ୱିଧାରେ କୁହାଯାଇ ପାରିବ ।

ଖ. ରାମଚନ୍ଦ୍ରଙ୍କ ଉପନ୍ୟାସ :

ପ୍ରାୟ ପ୍ରତ୍ୟେକ ସାରସ୍ୱତ ସାଧକଙ୍କ ସୃଜନଲୀଳାର ଆଦ୍ୟ ଓଁକାର ଶୁଣାଯାଏ କବିତାରୁ । ସ୍ରଷ୍ଟା ରାମଚନ୍ଦ୍ର ମିଶ୍ରଙ୍କ ସାରସ୍ୱତ ଜୀବନର ଶୁଭାରମ୍ଭ ଘଟିଥିଲା ସେଇ କବିତାରୁ । ପରେ ପରେ ସେ ଗଳ୍ପ ରଚନାରେ ପ୍ରବୃତ୍ତ ହେଲେ ଓ ନାଟକ କ୍ଷେତ୍ରରେ ମଧ୍ୟ ସିଦ୍ଧି ଲାଭ କଲେ । ମାତ୍ର ତାଙ୍କ ସ୍ରଷ୍ଟା ଜୀବନର କିଛି ବକ୍ତବ୍ୟ, ଯାହାକୁ ସେ ଗଳ୍ପ ଓ ନାଟକ ମାଧ୍ୟମରେ ପ୍ରକାଶ କରିପାରି ନ ଥିଲେ, ତାହାକୁ ସେ ଉପନ୍ୟାସ ମାଧ୍ୟମରେ ମାଧ୍ୟମରେ ପ୍ରକାଶ କଲେ । ତାଙ୍କ କଥାକଳାର ଚମତ୍କାରିତା ତାଙ୍କ ନାଟକୀୟ କାହାଣୀ ଗ୍ରଥନ କଳାରୁ ସ୍ପଷ୍ଟ ହୋଇଥାଏ । ଏହା ସହିତ 'ବିବାହିତା' (୧୯୫୧) ଏବଂ 'ସେଇ ଲକ୍ଷ୍ମୀପୁର' (୧୯୯୨) ନାମକ ଦୁଇଗୋଟି ଉପନ୍ୟାସ ମାଧ୍ୟମରେ ସ୍ୱକୀୟ ଅନୁଭବ ଓ ସାମାଜିକ ଦୃଷ୍ଟିଭଂଗୀଟି ପ୍ରକାଶ କରିଛନ୍ତି ।

୧. ବିବାହିତା : (୧୯୫୧)

'ବିବାହିତା' ରାମଚନ୍ଦ୍ର ମିଶ୍ରଙ୍କର ପ୍ରଥମ ସାମାଜିକ ଉପନ୍ୟାସ । ୧୯୪୫ ମସିହାରେ ଏହା ସେ ରଚନା କରିଥିଲେ । ଏତେବେଳକୁ 'ଅଭିମାନ', 'ମ୍ୟାନେଜର' ଏବଂ 'ମୂଳିଆ' ନାଟକ ସେ ରଚନା କରି ସାରିଥିଲେ ଓ ଏଗୁଡ଼ିକ ସଫଳତାର ସହିତ ଅଭିନୀତ ହୋଇଥିଲା । ଏଇ ସମୟକୁ ସେ ରେଭେନ୍ସା କଲେଜରୁ ବି.ଏ ପାସ୍ କରିଥିଲେ । ସେ ସମୟର ସାଧାରଣ

Digitized by srujanika@gmail.com

ଯୁବକମାନେ, କଟକ ସହରରେ ରହି, କିପରି ଉଚ୍ଚଶିକ୍ଷା ନିମିତ୍ତ ଅଧ୍ୟୟନରେ ପ୍ରବୃତ୍ତ ଥିଲେ, ସେ ଘଟଣାକୁ ସଂପୃକ୍ତ ଉପନ୍ୟାସରେ ପ୍ରକାଶ କରାଯାଇଛି । ମହାବିଦ୍ୟାଳୟର ଛାତ୍ରଭାବରେ ଚାରିଜଣ ଛାତ୍ର, ଏକତ୍ର ମେସ୍‌କରି ରହିବା ଓ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଅଧ୍ୟୟନ ଅବ୍ୟାହତ ରଖିବା ପ୍ରସଙ୍ଗ ହେଉଛି ସଂପୃକ୍ତ ଉପନ୍ୟାସର ପଟ୍ଟଭୂମି ।

'ବିବାହିତା' ଉପନ୍ୟାସରେ ଅଧିକ ସଂଖ୍ୟକ ଚରିତ୍ର ନାହାନ୍ତି, ଆବଶ୍ୟକତା ଦୃଷ୍ଟିରୁ ଲେଖକ ଏଥିରେ ସୀମିତ ସଂଖ୍ୟକ ଚରିତ୍ର ଗ୍ରହଣ କରିଅଛନ୍ତି । ରାଜେନ୍ଦ୍ର, ବିପିନ, ମାଧବ ଏବଂ ଅଜୟ - ଏଇ ଚାରିଜଣ ଯୁବକ ଅଧ୍ୟୟନ ନିମିତ୍ତ ସହରରେ ଗୋଟାଏ ଛୋଟ ଘରେ ମେସ୍ କରି ରହୁଥାନ୍ତି । ମେସ୍ ଘରଟିଏ କୌଣସି ପ୍ରକାରେ ଏମାନେ ଯୋଗାଡ଼ କରିଥିଲେ, ଯାହାର ସ୍ୱତ୍ୱାଧିକାରିଣୀ ଥିଲା ମାଳ ମା ବୁଢ଼ୀ । ମାଳ ମା, ଜମିଦାର ଚୌଧୁରୀ ଘର ସହିତ ସଂପୃକ୍ତ ଥିଲା, ସେମାନଙ୍କ କାମ କରୁଥିଲା । ଦୟାର୍ଦ୍ର ଚିତ୍ତ ଜମିଦାର ଚୌଧୁରୀ ମାଳମା ନାମରେ କିଛି ଜାଗା କରିଦେଇଥିଲେ, ଯାହା ଉପରେ ମାଳମାର କ୍ଷୁଦ୍ର ଘର । ମାଳ ମା ନିହାତି ଦୁଃଖିନୀ, ସ୍ୱାମୀହରା, ବିଧବା ସେ । କୌଣସି ପ୍ରକାରେ ନିଜର ଝିଅ ମାଳକୁ ସେ ବିବାହ ଦେଇଥିଲା, ଦୁର୍ଭାଗ୍ୟବଶତଃ, ମାଳ ମଧ୍ୟ ଅକାଳରେ ବୈଧବ୍ୟ ଯନ୍ତ୍ରଣା ସହ୍ୟକଲା । ମାଳମା, ଏଇ ଚାରି ଯୁବକଙ୍କ ନିମିତ୍ତ ରୋଷେଇ କରେ, ସେ ଅସୁସ୍ଥ ହୋଇ ପଡ଼ିଲେ, ତା'ର ବିଧବା କନ୍ୟା ମାଳ ମଧ୍ୟ ଆସି ରୋଷେଇ କରିଦେଇଯାଏ । ମେସ୍‌ରେ ରହୁଥିବା ଯୁବକମାନଙ୍କ ପ୍ରତି, ସାଇ ଭିତରେ କେମିତି ଗୋଟାଏ କୁ ଦୃଷ୍ଟି, ମାତ୍ର ସେମାନଙ୍କୁ ବଦନାମ୍ କରିବାକୁ ସାଇବାଲାଙ୍କ ହାତରେ ସେମିତି କୌଣସି ସୁଯୋଗ ନ ଥାଏ ।

ମେସ୍‌ରେ ରହୁଥିବା ବିପିନ୍, ରାଜେନ୍ଦ୍ର ଓ ମାଧବ ବି.ଏ ଶ୍ରେଣୀରେ ଓ କେବଳ ଅଜୟ ଆ.ଇ.ଏ ଶ୍ରେଣୀର ଛାତ୍ର । ବିପିନ ଓ ଅଜୟଙ୍କ ଠାରୁ ରାଜେନ୍ଦ୍ର ଏବଂ ମାଧବଙ୍କ ଚରିତ୍ର ଚିତ୍ରଣରେ ଲେଖକ ଅଧିକ ଧ୍ୟାନଶୀଳ ହୋଇ ପଡ଼ିଛନ୍ତି । ମାଧବ, ଧନାଢ଼୍ୟ ପରିବାରର ସନ୍ତାନ, ଘରେ ତା'ର ଜମିଦାରୀ ରକ୍ଷଣାବେକ୍ଷଣ କରିବାକୁ ଏବଂ ବିବାହ କରାଇଦେବାକୁ କହିବାରୁ ସେ ଅଧ୍ୟୟନ ନିମିତ୍ତ କଟକ ଆସିଛି । ରାଜେନ୍ଦ୍ର ସେପରି କୌଣସି ସଂଭ୍ରାନ୍ତ ଘରର ସନ୍ତାନ ନୁହେଁ, ଅଥଚ ତା' ଭିତରେ ରହିଛି ସ୍ୱାଭିମାନ । ଆତ୍ମସମ୍ମାନ ପ୍ରତି ସେ ଅଧିକ ସଚେତନ । ଅଭାବରେ ପଡ଼ି ସେ ଟ୍ୟୁସନ୍ କରେ, ବେଳେବେଳେ ମାଧବ ତାକୁ ଆର୍ଥିକ ସହାୟତା କରେ । ମାଧବ ଏବଂ ରାଜେନ୍ଦ୍ରଙ୍କ ମଧ୍ୟରେ ଉପଯୁକ୍ତ ବୁଝାମଣା, ଦୁହେଁ, ଦୁହିଁଙ୍କୁ ଭଲଭାବରେ ବୁଝିଛନ୍ତି ।

ମାଧବର ସ୍ୱଭାବ ବିଚିତ୍ର । ସେ ଦିନସାରା ଘର ଭିତରେ ଶୋଇଥାଏ । ସଂଧ୍ୟା ହେଲେ ବଜାରକୁ ଯାଇ ମନଇଚ୍ଛା ବୁଲେ, ବିଭିନ୍ନ ଆସରରେ ଯୋଗଦିଏ, ବହୁ ବିଳମ୍ବରେ ମେସ୍‌କୁ ଫେରେ । ବିଚରା ମାଳମା ବୁଢ଼ୀ ତା'ବାଟ ଚାହିଁ ବସିଥାଏ । ଅନେକ ଥର ରାତିରେ ସେ ଉପବାସରେ ଶୋଇପଡ଼େ । ସେ ଅନେକ ବହିପତ୍ର କିଣିଛି, ଅଥଚ ପଢ଼ାପଢ଼ିରେ ତା'ର ଅଭିନିବେଶ ନ ଥାଏ । ଅପରପକ୍ଷରେ ରାଜେନ୍ଦ୍ର ଅଧ୍ୟୟନ ପ୍ରୟାସୀ, ମପାଚୁପା ନିୟମ କାନୁନ୍ ଭିତରେ ସେ ଜୀବନ ଅତିବାହିତ କରିଥାଏ ।

Digitized by srujanika@gmail.com

ଉପନ୍ୟାସରେ ଦୁଇ ନାରୀ ଚରିତ୍ର ଭାବରେ ଦେଖା ଦେଇଛନ୍ତି ବିଧବା ମାଳ ଏବଂ ବନ । ରାଜେନ୍ଦ୍ର ମୋହନକୁ ଟ୍ୟୁସନ୍ କରେ । ମୋହନର ଭଉଣୀ ବନ । ବନ ତା'ର ଶାଶୁଘରୁ ନିର୍ଯ୍ୟାତନା ସହ୍ୟ କରି ନ ପାରି ଫେରିଆସିଛି । ଅଶେଷ ଦୁଃଖ, ଯନ୍ତ୍ରଣା ଏବଂ ମାନସିକ ସନ୍ତୁଳନ ଭିତରେ ସେ ରୁଗ୍ଣା । ତା' ଚିକିତ୍ସା ପାଇଁ ରାଜେନ୍ଦ୍ରର ଅବଦାନ ଥିଲା ଗୁରୁତ୍ୱପୂର୍ଣ୍ଣ । ବନ ଭଳି ଜଣେ ସରଳା ଓ ନିରୀହା ବିବାହିତା ନାରୀପ୍ରତି ରାଜେନ୍ଦ୍ର ମନରେ ଅସାମାନ୍ୟ ମମତା ଓ ସହୃଦୟତା ।

ମାଧବର ଚରିତ୍ର ଭିନ୍ନ, ଉଦ୍‌ବୃତ୍ତ ଅର୍ଥର ଅପଚୟ କରିବାରେ ସେ ବ୍ୟସ୍ତ । ବିଧବା ଓ ଦୁଃଖିନୀ ମାଳ ପ୍ରତି ତା' ମନରେ ଦରଦ । ଏଣେ ମାଳ ମାଆର ମୃତ୍ୟୁ ଘଟିଲାଣି । ସାଇ ଭିତରେ ମାଳର ଗୋଟାଏ ବରା ପକୁଡ଼ି ଦୋକାନ । ମାଳପ୍ରତି କେତେଜଣଙ୍କର ହୁଏତ ଅଶ୍ଳୀଳ ଇଂଗିତ, ତାକୁ ମାଧବ ସହି ପାରିନାହିଁ । ଏହାଫଳରେ ସାଇଟୋକାଙ୍କ ସହିତ ମାଧବ ହାତାହାତି ହୋଇଛି । ରାଜେନ୍ଦ୍ରର ହସ୍ତକ୍ଷେପ ଫଳରେ ଘଟଣାଟି ଆୟତ୍ତକୁ ଆସିଛି । ମାଳ ସେଇ ପରଠାରୁ ଆସି ମେସ୍‌ରେ ରହିଛି । ଲୋକଙ୍କର ଟାପରା ସହ୍ୟକରିବା ତା'ପକ୍ଷରେ ସମ୍ଭବ ହୋଇନାହିଁ ।

ରାଜେନ୍ଦ୍ର ଜଣେ ସୁଛାତ୍ର । ଲେଖକ ଭାବରେ ତା'ର କେତେଖଣ୍ଡ ଉପନ୍ୟାସ ଏହା ଭିତରେ ମଧ୍ୟ ଛାପା ସରିଲାଣି । ସେଇ ଉପନ୍ୟାସ ପାଠ କରି, କେହି କେହି ପାଠକ ପାଠିକା ମଧ୍ୟ ରାଜେନ୍ଦ୍ର ପ୍ରତି ଆକର୍ଷିତା ହୋଇଛନ୍ତି । ଏହାକୁ ପାଠ କରି ପୋଲିସ୍ ଅଫିସର୍ ନରହରି ବାବୁଙ୍କ ଝିଅ ହାରାମଣି ମଧ୍ୟ ପ୍ରଲୁବ୍ଧ ହୋଇଅଛି । ନରହରି ଏହା ମଧ୍ୟରେ ରାଜେନ୍ଦ୍ରଙ୍କୁ ଦେଖା କରିବାକୁ ମେସ୍‌କୁ ଆସି ଫେରି ଯାଇଛନ୍ତି । ରାଜେନ୍ଦ୍ର ସହିତ ନିଜ ଝିଅ ହାରାମଣିଙ୍କ ବିବାହ ପ୍ରସଙ୍ଗ, ସେ ଚିଠି ମାଧ୍ୟମରେ ଦର୍ଶାଇଛନ୍ତି । ଆବଶ୍ୟକ ପଡ଼ିଲେ ସେ ମଧ୍ୟ କିଛି ପଇସା ପଠାଇବେ ବୋଲି ଦର୍ଶାଇଛନ୍ତି । ରାଜେନ୍ଦ୍ର ସହିତ ନିଜ ଝିଅ ହାରାମଣିଙ୍କ ବିବାହ ପ୍ରସଙ୍ଗ ସେ ଚିଠି ମାଧ୍ୟମରେ ଦର୍ଶାଇଛନ୍ତି । ଆବଶ୍ୟକ ପଡ଼ିଲେ ସେ ମଧ୍ୟ କିଛି ପଇସା ପଠାଇବେ ବୋଲି ଜଣାଇଛନ୍ତି । ରାଜେନ୍ଦ୍ରଙ୍କୁ ନେଇ ତାଙ୍କର ଏପରି ଅନଧିକାର ଚର୍ଚ୍ଚାକୁ ରାଜେନ୍ଦ୍ର ଆଦୌ ପସନ୍ଦ କରିପାରିନାହିଁ, ତେଣୁ ସେ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଛି ।

ଏହା ଭିତରେ ମୋହନ ଘର ସହିତ ରାଜେନ୍ଦ୍ରର ସଂପର୍କ ଘନିଷ୍ଠ ହେଲାଣି । ସେମାନେ ରହିଥିବା ମେସ୍ ଘରେ ନିଆଁ ଲାଗିଯିବାରୁ, ରାଜେନ୍ଦ୍ର ଆସି କିଛିଦିନ ପାଇଁ ମୋହନ ଘରେ ରହିଛି । ମୋହନର ଭଉଣୀ ବନ କ୍ରମେ ରାଜେନ୍ଦ୍ର ପ୍ରତି ଦୁର୍ବଳତା ପ୍ରକାଶ କରିଛି, ଲୁଚି ଲୁଚି ରାଜେନ୍ଦ୍ରର ସାନ୍ନିଧ୍ୟ ଆଶା କରିଛି । ଶାଶୁଘର ଲୋକେ ବନକୁ ନେବାକୁ ଆସି ତାକୁ ଟଣା-ଓଟରା କରିଛନ୍ତି । ଏପରି ଅଶୋଭନୀୟ ଆଚରଣରେ ରାଜେନ୍ଦ୍ରର ହସ୍ତକ୍ଷେପ ଫଳରେ ସେମାନେ ଫେରିଯାଇଛନ୍ତି ଓ ବନ ସହିତ ରାଜେନ୍ଦ୍ରକୁ ଯୋଡ଼ି କୁତ୍ସିତ ଟିପ୍ପଣୀ ଦେଇଯାଇଛନ୍ତି । ଏଇ ଅବସରରେ ରାଜେନ୍ଦ୍ର ମାଧବର ଚିଠିରୁ ଜାଣିବାକୁ ପାଇଲା ଯେ, ମାଧବ ମାଳକୁ

Digitized by srujanika@gmail.com

ନେଇ କେଉଁଆଡ଼େ ପଳାୟନ କରିଛି । ରାଜେନ୍ଦ୍ରର ମନ, ଏଥିରେ ଆଘାତ ପାଇଛି । ମାଳ ଭଳି ନିରିମାଖି ପ୍ରତି, ତା' ମନରେ ଦରଦ ଆସିଛି, ମାଧବର ଭବିଷ୍ୟତ ନଷ୍ଟ ହେବା କଥାଜାଣି, ସେ ଦୁଃଖ କରିଛି ।

ରାଜେନ୍ଦ୍ର ପରୀକ୍ଷା ଦେଇ ପାଆସ୍ କରିଛି ଓ ଇଷ୍ଟେଟ୍‌ରେ ତହସିଲ୍‌ଦାର ଚାକିରି ପାଇଛି । ଇତ୍ୟବସରରେ ପୋଲିସ୍ ନରହରି ବାବୁ ତାଙ୍କ ଝିଅ ହାରାମଣିଙ୍କୁ ଡାକ୍ତର ନବକିଶୋରଙ୍କ ସହିତ ବିବାହ ଦେଇଛନ୍ତି । ରାଜେନ୍ଦ୍ରଙ୍କ ଲିଖିତ ଉପନ୍ୟାସ ବହି କିଣି ଆଣିବାକୁ, ସ୍ୱାମୀ ନବକିଶୋରଙ୍କୁ କହିଛି, ରାଜେନ୍ଦ୍ର ଉପନ୍ୟାସର ବିମୁଗ୍ଧ ପାଠିକା ହାରାମଣି । ସମୟକ୍ରମେ ହାରାମଣି ଓ ନବକିଶୋର ରାଜେନ୍ଦ୍ରଙ୍କୁ ସାକ୍ଷାତ କରି, ନିଜ ଘରକୁ ନିମନ୍ତ୍ରଣ କରିଛନ୍ତି । ଏଇଠାରେ ହାରାମଣି ନିଜର ପରିଚୟ ଦେଇଛି ଏବଂ ରାଜେନ୍ଦ୍ର ସହିତ, ତା'ର ବିବାହ ପ୍ରସ୍ତାବ ପଡ଼ିଥିଲା ବୋଲି ଦର୍ଶାଇଛି । ରାଜେନ୍ଦ୍ର ନିଜ ଘରକୁ ଫେରି ଆସିଛନ୍ତି । ରାଜେନ୍ଦ୍ରଙ୍କ ପିତା, ରାଜେନ୍ଦ୍ରଙ୍କୁ ତେଜ୍ୟପୁତ୍ର ଭାବରେ ଘୋଷଣା କରିଛନ୍ତି । ରାଜେନ୍ଦ୍ର ନିଜେ ପାଉଥିବା ଦରମାରୁ କିଛି ଟଙ୍କା ମୋହନ ଘରକୁ ପଠାଇଛି ।

ବନ, ଇତ୍ୟବସରରେ ନର୍ସିଂ ପାଠ ଶେଷ କରିଛି । ରାଜେନ୍ଦ୍ରଙ୍କ ସୁପାରିଶ୍‌ରେ ସେ ଆସି ଚାକିରି ପାଇଛି । ମାତ୍ର ଡାକ୍ତର ନବକିଶୋର, ବନ ପ୍ରତି ଅସହିଷ୍ଣୁ ମନୋଭାବ ପୋଷଣ କରିଛନ୍ତି । ରାଜେନ୍ଦ୍ରଙ୍କ ପ୍ରତି ନିଜ ସ୍ତ୍ରୀ ହାରାମଣିର ଦୁର୍ବଳତା ଥିବାରୁ ସେ ରାଜେନ୍ଦ୍ରଙ୍କ ଉପରେ ପ୍ରତିଶୋଧ ନେବାକୁ ଆଗେଇ ଆସି ଅନେକ ଚକ୍ରାନ୍ତ ମଧ୍ୟ ସୃଷ୍ଟି କରିଛନ୍ତି । ବନ ଓ ହାରାମଣିଙ୍କ ମଧ୍ୟରେ ବନ୍ଧୁତା ରହିଛି । ଏହା ଭିତରେ ରାଜେନ୍ଦ୍ର ରୋଗଗ୍ରସ୍ତ ହୋଇଛନ୍ତି । ତାଙ୍କ ନିକଟରେ ଏତେବେଳେ ପହଞ୍ଚିଛି ମାଳ । ମାଳଠାରୁ ସେ ନିଜେ ପରମ ସୁହୃଦ ମାଧବ ପ୍ରସଙ୍ଗ ଜାଣି ପାରିଛନ୍ତି । ମାଧବ ମାଳକୁ ସହାୟତା ଦେବାକୁ ଯାଇ, ମାଳକୁ ଧରି ରେଙ୍ଗୁନ୍ ଯାଇ ଶ୍ରମ କରି ନିଜର ଜୀବିକା ନିର୍ବାହ କରିଛି । ଜମିଦାର ଘର ପିଲା ହୋଇ ମୂଲ ଲାଗିଛି । ଶେଷରେ ଦୁରାରୋଗ୍ୟ ପ୍ଲେଗ୍ ରୋଗରେ ପୀଡ଼ିତ ହୋଇ ଅକାଳ ମୃତ୍ୟୁ ବରଣ କରିଛି । ଫେରି ଆସିଛି ଦୁଃଖିନୀ ମାଳ, ଏକାକିନୀ । ଦୁର୍ଭାଗ୍ୟ, ଦୁଇ ଦୁଇଥର ବିବାହ କରି ମଧ୍ୟ ସେ ବିଧବା । ରାଜେନ୍ଦ୍ର ତାକୁ ଆଶ୍ୱାସନା ଦେଇଛି ଓ ନିଜ ପାଖରେ ରଖାଇଛି । ଶେଷରେ ସ୍ୱାସ୍ଥ୍ୟଗତ କାରଣରୁ ଜଳବାୟୁ ପରିବର୍ତ୍ତନ ନିମିତ୍ତ ମାଧବ ପୁରୀ ଯାଇଛି । ସାଙ୍ଗରେ ଯାଇଛି ମାଳ ।

ଅଗତ୍ୟା ଡାକ୍ତରବାବୁ, ନର୍ସ ବନକୁ ରୋଗୀ ସେବା ଆଳରେ ଡାକ୍ତରଖାନାକୁ ଡକାଇଛନ୍ତି । ମାତ୍ରାଧିକ ମଦ୍ୟପାନ କରି, ସେ ବନ ପ୍ରତି ଅସଦାଚରଣ କରିବାକୁ ଆଗେଇ ଆସିଛନ୍ତି । ଅସହାୟା ବନ, ତାଙ୍କ ଉପରକୁ କାଳି ଫିଙ୍ଗିଛି । ପତ୍ନୀ ହାରାମଣିଙ୍କ ଉପସ୍ଥିତି ଯୋଗୁଁ ଡାକ୍ତର ପରନାରୀ ହରଣ କରିବାରୁ ବଂଚିତ ହୋଇଛନ୍ତି । ବନକୁ ଉପଭୋଗ କରି ନ ପାରିବା ହେତୁ, କ୍ରୋଧରେ ଫାଟି ପଡ଼ିଛନ୍ତି ସେ । ବନର କର୍ତ୍ତବ୍ୟରେ ଅବହେଳାରୁ ରୋଗୀର ମୃତ୍ୟୁ ଘଟିଲା ବୋଲି, ବନ ନାମରେ ମିଥ୍ୟା ଅଭିଯୋଗ ଆଣିଛନ୍ତି ଡାକ୍ତରବାବୁ ।

Digitized by srujanika@gmail.com

ରାଜେନ୍ଦ୍ର ପୁରୀରୁ ଫେରି ଆସିଛି, ହେଲେ ତା' ଭିତରର ସମସ୍ତ ସତ୍ତାଟି ଯେମିତି ମୃତ୍ୟୁକୁ ଆମନ୍ତ୍ରଣ ଜଣାଇ ସାରିଛି । ଏଇଭଳି ଅବସ୍ଥାରେ ରାଜେନ୍ଦ୍ରର ବିୟୋଗ ଘଟିଛି । ସମକାଳର ନାଟକ ଗୁଡ଼ିକୁ ନାଟ୍ୟକାର ମିଳନାନ୍ତକ କରିଥିବାବେଳେ, ଉପନ୍ୟାସଟିକୁ କିନ୍ତୁ ବିୟୋଗାନ୍ତକ କରି ଗଢ଼ି ତୋଳିଛନ୍ତି ।

ସମକାଳର ନାଟ୍ୟକୃତି ଗୁଡ଼ିକର କାହାଣୀ ସଂଯୋଜନା ତୁଳନାରେ, ରାମଚନ୍ଦ୍ରଙ୍କର ଏଇ ଉପନ୍ୟାସର କାହାଣୀ କଳାଟି ଦୁର୍ବଳ ହୋଇପଡ଼ିଥିବା ଲକ୍ଷ୍ୟ କରାଯାଏ । ତେବେ ଚରିତ୍ର ସୃଷ୍ଟି ଓ ଚିତ୍ରଣ କ୍ଷେତ୍ରରେ ତାଙ୍କ ଦକ୍ଷତା ସ୍ୱତଃ ପ୍ରମାଣିତ । ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ କଟକର ଅବସ୍ଥା, ଉଚ୍ଚଶିକ୍ଷା ନିମିତ୍ତ ସହରକୁ ଆସୁଥିବା ଯୁବକମାନଙ୍କ ଅବସ୍ଥା, ବିଧବାପ୍ରତି ସାମାଜିକ ଦୃଷ୍ଟିଭଂଗୀ, ସାମନ୍ତ ସନ୍ତାନମାନଙ୍କ ଚରିତ୍ରର ଅବକ୍ଷୟ ଓ ସାମାଜିକ ଅବ୍ୟବସ୍ଥା ସଂପର୍କରେ ଲେଖକଙ୍କ ଶାଣିତ ଦୃଷ୍ଟି ସଂପୃକ୍ତ ଉପନ୍ୟାସରେ ଉପଯୁକ୍ତ ଭାବରେ ପ୍ରକାଶ ପାଇଛି । ସେଥିନେଇ ଅତ୍ୟାଧୁନିକା ନାରୀମାନଙ୍କର ସଂକ୍ଷିପ୍ତ ପୋଷାକ ପରିଧାନ ପ୍ରଭୃତି ସଂପର୍କରେ ତାଙ୍କର ତିର୍ଯ୍ୟକ ବକ୍ତବ୍ୟ "ଏଇ ଇକନମିକାଲ୍ ଯୁଗରେ ଆଧୁନିକା ନାରୀମାନେ ଶରୀରର ଆବରଣଟାକୁ କମେଇ ଦେବାରେ ବ୍ୟସ୍ତ ସତ, କିନ୍ତୁ ବାରହାତ ଶାଢ଼ୀଟା ତାଙ୍କ ଦେହକୁ ଢ଼ାଙ୍କି ପାରୁ ନ ଥିବାରୁ, ଯେପରି ଶରୀର କେତେକ ଅଂଶ ରହିଛି ଅନାବୃତ । ସୌନ୍ଦର୍ଯ୍ୟର ବିକାଶ କିପରି ସେମାନଙ୍କ ଠାରେ ହୋଇପାରିଛି ଦେଖାଇବା ପାଇଁ ଖୋଲି ଦେଇଛନ୍ତି ପ୍ରଦର୍ଶନୀ ସାରାଦେହରେ ଶରୀରର ମାଂସପେଶୀ ଗୁଡ଼ାକର ।" (ବିବାହିତା - ଆର୍ଯ୍ୟ ପ୍ରକାଶନୀ - କଟକ - ପୃଷ୍ଠା - ୧୪)

ଉପନ୍ୟାସଟିର ପଟ୍ଟଭୂମି ସହର, ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାର ସାମାଜିକ ଅବସ୍ଥା ଏଥିରେ ଫୁଟି ଉଠିଛି । ତେବେ ଆଦର୍ଶ ଶ୍ରେଣୀର ଚରିତ୍ର ଭାବରେ ରାଜେନ୍ଦ୍ର ଚରିତ୍ରଟି ହୋଇଛି ଆକର୍ଷଣୀୟ । ଉପନ୍ୟାସଟିର ଭାଷା ହୋଇଛି ଭାବାନୁକୂଳ । ମାତ୍ର ଛପନ ପୃଷ୍ଠାର ସୀମିତ କଳେବର ସଂପନ୍ନ 'ବିବାହିତା' ଉପନ୍ୟାସଟିରେ ବିବାହିତା ବନ ଚରିତ୍ରଟି ସହିତ ମାଳ ଚରିତ୍ରଟିର ଅବତାରଣା, ବେଶ୍ ପାଠକୀୟ ସମବେଦନା ସଂଗ୍ରହଣରେ ତତ୍ପର । ବନ ପରି ବିବାହିତା ନାରୀମାନଙ୍କର ଶୋଚନୀୟ ଜୀବନଧାରା, ଶାଶୁ ଶଶୁରଙ୍କ ଅତ୍ୟାଚାର ଏପରି କି ଡାକ୍ତରଙ୍କ କୋପ ଓ କାମୁକ ଦୃଷ୍ଟି ହିଁ ବନପ୍ରତି ପାଠକୀୟ ଆବେଗ ସଂଚାରରେ ମୁଖ୍ୟତଃ ସହାୟକ । ପାଠକୀୟ ଆଦୃତି ପ୍ରାପ୍ତିରେ, ଉପନ୍ୟାସଟି ନିଶ୍ଚିତଭାବରେ ତତ୍ପରତା ପ୍ରକାଶ କରିଛି ।

୨. ସେଇ ଲକ୍ଷ୍ମୀପୁର : (୧୯୯୩)

ଅନେକ ସଫଳ ମଞ୍ଚ ଓ ବେତାର ନାଟକ ରଚନା କରିବା ପରେ, ପୁଣି କଥାକାହାଣୀ ପ୍ରତି ଦୀର୍ଘ ବ୍ୟବଧାନ ପରେ ମନ ବଳାଇ ରାମଚନ୍ଦ୍ର ମିଶ୍ର ରଚନା କଲେ 'ସେଇ ଲକ୍ଷ୍ମୀପୁର' । ବୋଧହୁଏ ସେ ତାଙ୍କ ନାଟକ ମାଧ୍ୟମରେ ଯେଉଁ କଥାଟି ପ୍ରକାଶ କରିପାରି ନ ଥିଲେ,

Digitized by srujanika@gmail.com

ତାହାକୁ ପ୍ରକାଶ କରିବାକୁ ଏପରି ଗୋଟିଏ ଉପନ୍ୟାସ ସୃଷ୍ଟି କରିବାର ଆବଶ୍ୟକତା ଅନୁଭବ କଲେ । ପ୍ରକୃତରେ ନାଟକରେ ତାଙ୍କର ଯେଉଁ ଗାନ୍ଧୀବାଦୀ ଆଦର୍ଶ ଥିଲା, ଜୀବନର ଉତ୍ତୀର୍ଣ୍ଣ ପର୍ଯ୍ୟାୟରେ ରଚିତ ଉପନ୍ୟାସରେ ମଧ୍ୟ ସେଇ ଚିନ୍ତନକୁ ସେ ପ୍ରକାଶ କରିଛନ୍ତି । ୧୯୯୦ ମସିହାରେ ରଚିତ ସଂପୃକ୍ତ ଉପନ୍ୟାସରେ ସେଇ ପାରମ୍ପରିକ ସାମନ୍ତ-କୃଷକର ସଂଘର୍ଷ ଏବଂ ମୁନାଫାଖୋର ମଧ୍ୟସ୍ଥ ମାନଙ୍କର ଚକ୍ରାନ୍ତକାରୀ କାର୍ଯ୍ୟଧାରାର ଚିତ୍ର ପ୍ରକାଶ ପାଇଛି । ବିଂଶ ଶତକର ଶେଷ ଦଶକର ଉପନ୍ୟାସ ଧାରାରେ ଏହାର କାହାଣୀକଳାର ବିଶେଷତା ନ ଥାଇପାରେ, ମାତ୍ର ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ କାଳର ସାମାଜିକ ଅବସ୍ଥାର ଚିତ୍ର ଏଥିରେ ଚିତ୍ରିତ ।

ଲକ୍ଷ୍ମୀପୁର ଗାଁ - ସମଗ୍ର ଉପନ୍ୟାସର ପଟ୍ଟଭୂମି । ଉପନ୍ୟାସଟିରେ ଭୂମିକେନ୍ଦ୍ରିକ ସମସ୍ୟା ହୋଇଛି ମୁଖ୍ୟ ପ୍ରସଙ୍ଗ । ଲକ୍ଷ୍ମୀପୁର ଗ୍ରାମରେ ବ୍ୟବସାୟ କରିବାକୁ ଆସି ପହଞ୍ଚିଛନ୍ତି ଲକ୍ଷ୍ମୀନାରାୟଣ ମହାପାତ୍ର । ଗାଁର ଜଣେ ନିଷ୍ଠାପର ଭଦ୍ର ମଣିଷ ସାଧୁ ପ୍ରଧାନଙ୍କ ସହିତ ତାଙ୍କର ବନ୍ଧୁତ୍ୱ, ଏଇ ଦାୟରେ ସେ, ପ୍ରଧାନଙ୍କ ଭିଟାକୁ କେଇଟା ଟଙ୍କା ବିନିମୟରେ ଅକ୍ତିଆର କରିନେଇଛନ୍ତି । ପ୍ରଧାନ ଏବଂ ଲକ୍ଷ୍ମୀନାରାୟଣ ଉଭୟେ ଉଭୟଙ୍କୁ ଭଲପାଇଛନ୍ତି, ଦୁହିଁଙ୍କ ଭିତରେ ମଧ୍ୟ ଠିକ୍ ବୁଝାମଣା ରହିଛି । ସାଧୁ ପ୍ରଧାନ ପ୍ରକୃତରେ ଲକ୍ଷ୍ମୀପୁର ଗ୍ରାମର ଗାନ୍ଧୀ । ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ ଜଣେ ସଚ୍ଚୋଟକର୍ମୀ ଭାବରେ । ଦେଶ ସ୍ୱାଧୀନ ହେଲା, ହେଲେ ଗୋରା ଲୋକଙ୍କ ସ୍ଥାନରେ କଳାଲୋକେ ଆସି ଦେଶର ଶାସନଟାକୁ ଅକ୍ତିଆର କରିନେଲେ ।

ଲକ୍ଷ୍ମୀନାରାୟଣ ଅଭାବ ସମୟରେ ଲକ୍ଷ୍ମୀପୁର ଗାଁର ନିରକ୍ଷର, ଦରିଦ୍ର ଓ ଅସହାୟ ଲୋକଙ୍କୁ କିଛି ଧାନ ଚାଉଳ ସାହାଯ୍ୟ ଦେଇଛନ୍ତି, ହେଲେ ବିନିମୟରେ ସେମାନଙ୍କ ଜମିକୁ ଆପଣାର କରିନେଇଛନ୍ତି । ବିଶେଷ କରି ଜମିଦାରଙ୍କର ତିନିପୁଅ ବିଶ୍ୱନାଥ, ଜଗନ୍ନାଥ ଓ ମହେନ୍ଦ୍ର ବଡ଼ ହୋଇ ପ୍ରଚୁର ରୋଜଗାରରେ ମାତି ରହିଛନ୍ତି । ଚତୁର ମହେନ୍ଦ୍ର ସହରରେ ରହି ଅସଂଭବ ଧରଣର ଧୂର୍ତ୍ତ ହୋଇଛନ୍ତି । ଲାଞ୍ଚ ଦେଇ ସେ ସରକାରୀ ସ୍ତରର ଅଫିସର୍, ପୋଲିସ୍ ଇତ୍ୟାଦିଙ୍କୁ ଆପଣାର କରିନେଇଛନ୍ତି । ତାଙ୍କରି ଦ୍ୱାରା ଧୂର୍ତ୍ତ ନରହରି ଗ୍ରାମଲୋକଙ୍କ ଉପରେ କୁଦୃଷ୍ଟି ପକାଇ, ସେମାନଙ୍କୁ ତଳିତଳାନ୍ତ କରିବାର ବିଭିନ୍ନ ଚକ୍ରାନ୍ତ କରିଛି ।

ଲକ୍ଷ୍ମୀପୁରର ପ୍ରତିଟି ମଣିଷଙ୍କର ଏକାନ୍ତ ସମ୍ମାନନୀୟ ସାଧୁ ପ୍ରଧାନ । ତାଙ୍କର ସଚ୍ଚୋଟତା, ନୀତିନିଷ୍ଠତା, ଉଦାର ମାନବିକତା ଓ ବିଚାର ବିବେକ ପାଇଁ ସେ ସର୍ବତ୍ର ସମ୍ମାନନୀୟ । ତାଙ୍କର ଧନ ନାହିଁ, ମନ ଅଛି, ଗାଁରେ ତାଙ୍କର ନାଁ ଅଛି । ସ୍ୱାଧୀନତା ପରେ ଆସିଲା ନିର୍ବାଚନ । ଏଥିରେ ନେତା ଭାବରେ ପ୍ରତିଦ୍ୱନ୍ଦ୍ୱିତା କଲେ ପ୍ରତାପ ଏବଂ ଜମିଦାର ପୁତ୍ର ବିଶ୍ୱନାଥ ମହାପାତ୍ର । ପ୍ରତାପଙ୍କ ପ୍ରତି ରହିଥିବା ବିପୁଳ ଜନ ସମର୍ଥନ । ତେଣୁ ବିଶ୍ୱନାଥଙ୍କ ଧନ ବଳ ସତ୍ତ୍ୱେ ପ୍ରତାପ ନିର୍ବାଚନରେ ବିଜୟୀ ହେଲେ, ଗ୍ରାମର ସୁଖ-ଦୁଃଖ ସୁବିଧା ଅସୁବିଧା ପ୍ରସଙ୍ଗ ସେ ବିଧାନ ସଭାରେ ଦର୍ଶାଇଲେ । ମାତ୍ର ତାଙ୍କ ଦଳ ସରକାରରେ ନ

Digitized by srujanika@gmail.com

ଥିବାରୁ ତାଙ୍କର କୌଣସି କଥା ଗ୍ରାହ୍ୟ ହେଲା ନାହିଁ । ସାଧୁ ପ୍ରଧାନଙ୍କ ପୁଅ ଦୀନବନ୍ଧୁ ପ୍ରତାପଙ୍କୁ ସହାୟତା କରିଥିଲେ । ତେଣୁ ଜମିଦାରଙ୍କ ପୁଅ ମହେନ୍ଦ୍ରଙ୍କ କ୍ରୁଦ୍ଧ ଦୃଷ୍ଟି ପଡ଼ିଲା, ଦୀନବନ୍ଧୁଙ୍କ ଉପରେ ।

ସେତେବେଳେ ଅନାବୃଷ୍ଟି ହେତୁ ଦେଖା ଦେଇଥିବା ମରୁଡ଼ିରେ ପୀଡ଼ିତ ହେଲେ ଚାଷୀକୁଳ । ଲକ୍ଷ୍ମୀପୁରର ଜନସାଧାରଣ କ୍ଷୁଧାରେ ଆତୁର ହେଲେ । ମହେନ୍ଦ୍ର ସେମାନଙ୍କ କୃଷିଭିତ୍ତିକ ଧାନଚାଉଳ ରପ୍ତାନୀ କରିବାକୁ ଯିବାବେଳେ, ଦୀନବନ୍ଧୁଙ୍କ ନେତୃତ୍ୱରେ ଗାଁ ଲୋକେ ଏହାର ପ୍ରତିବାଦ କଲେ । ସେମାନେ ଦର୍ଶାଇଲେ ଆମ ଚାଷଜମିର ଅମଳକୁ, ଏ ଅଭାବ ସମୟରେ ଆମକୁ ଖାଇବାକୁ ଦିଆଯାଉ । ଆମେ ସେ ସବୁକୁ ପରେ ଭରଣା କରିଦେବୁ । ପୋଲିସ୍ କହିଲେ ମରୁଡ଼ି ଅଂଚଳ ପାଇଁ ସରକାରୀ ରିଲିଫ୍ ଅଣାଯିବ । ଲୋକେ ବିରୋଧ କଲେ, ପ୍ରଧାନ ଓ ଚୌଧୁରୀଙ୍କ କଥା କେହି ଶୁଣିଲେ ନାହିଁ । ବିକ୍ଷୋଭ ପ୍ରଦର୍ଶନ କରୁଥିବା କ୍ଷୁଧିତ ଜନତା ଉପରେ ଗୁଳି ଚଳାଗଲା, ଗୁଳିରେ ଟଳି ପଡ଼ିଲେ ପ୍ରଧାନଙ୍କ ପୁଅ ଦୀନବନ୍ଧୁ । ଦୁଃଖ-ଯନ୍ତ୍ରଣା ଅଭାବ-ଅନଟନର ତାଡ଼ନାରେ ବିକଳ କ୍ରନ୍ଦନ କଲେ ଦୀନବନ୍ଧୁଙ୍କ ପତ୍ନୀ ପାର୍ବତୀ ଏବଂ ପୁଅ ଗୋପ ।

ଚୌଧୁରୀ ଲକ୍ଷ୍ମୀନାରାୟଣଙ୍କୁ ସହାୟତା ଦେଇଥିଲେ ପ୍ରଧାନ, ମାତ୍ର ପ୍ରଧାନ ଓ ଚୌଧୁରୀଙ୍କ ଭିତରେ ବାଡ଼ ହୋଇ ଠିଆହେଲେ ପୁଅ ମହେନ୍ଦ୍ର । କୌଣସି ପ୍ରକାରେ ଚକ୍ରାନ୍ତ କରାଇ ସେ ସାଧୁ ପ୍ରଧାନଙ୍କର ସର୍ବନାଶ କରିବାର ଯୋଜନା କଲେ । ଗ୍ରାମବାସୀଙ୍କ ନିକଟରେ ସାଧୁ ପ୍ରଧାନଙ୍କ ଚରିତ୍ରକୁ ସବୁଦିନ ପାଇଁ ନିନ୍ଦିତ କରିବାକୁ ଚେଷ୍ଟାକଲେ । ତେଣୁ ପରିସ୍ଥିତି ଦାୟରେ ସାଧୁ ଓ ଚୌଧୁରୀଙ୍କ ଭିତରେ ଏକାଠି ହୋଇ ପରସ୍ପର କଥା ବିନିମୟ କରିବାର କୌଣସି ସୁଯୋଗ ରହିଲା ନାହିଁ । ଏମ୍.ଏଲ୍. ଏ ହୋଇଥିବା ପ୍ରତାପଙ୍କୁ ଆଗାମୀ ନିର୍ବାଚନରେ ହରାଇ ପାରିବାର ଯୋଜନା କରି, ମହେନ୍ଦ୍ର ଏବଂ ତାଙ୍କ ଦ୍ୱାରା ନିୟୋଜିତ ଗୁମାସ୍ତା ନରହରି ନାନା ପ୍ରକାରର ଧୂର୍ତ୍ତ ବୁଦ୍ଧି ପ୍ରୟୋଗ କଲେ ।

ଅତ୍ୟଧିକ ଧୂର୍ତ୍ତ ମହେନ୍ଦ୍ର ବୁଝିଛନ୍ତି ଗାଁ ଲୋକଙ୍କ ଦୁର୍ବଳତାକୁ । ପିଲାକାଳରୁ ଏମାନେ କକବାୟା, ବାଘ ସିଂହ ଗଳ୍ପ ଭିତରେ ଥିଲେ ଭୟାତୁର । ଏହାପରେ ମୋଗଲ, ମରହଟ୍ଟା ଶାସନ ଏବଂ ଗୋରା ସରକାରର ବନ୍ଧୁକ ମୁନ ଏମାନଙ୍କୁ ଭୟ ବିଜଡିତ କରି ରଖିଛି । ବ୍ରିଟିଶ ଶାସକର ଅତ୍ୟାଚାରରେ ପୀଡ଼ିତ ଜନତା ଏବେ, ଦେଶୀ ସରକାରଙ୍କ ଦ୍ୱାରା ନିର୍ଯ୍ୟାତିତ । ଲେଖକଙ୍କ ଭାଷାରେ - ''ବର୍ତ୍ତମାନ ସ୍ୱାଧୀନ ସରକାର । ଗୋରା ଯାଇଛନ୍ତି, ହେଲେ କଳା ସରକାର ବିରୁଦ୍ଧରେ ପ୍ରତିବାଦ ହେଲେ, ସେମାନେ ଅଧିକ ଉତ୍ତେଜିତ ହେଉଛନ୍ତି । କଥାରେ ତୁଟିବା କାମ ପାଇଁ ବନ୍ଧୁକ ଗୁଳି ଫୁଟୁଛି ।'' (ସେଇ ଲକ୍ଷ୍ମୀପୁର-(୧୯୯୩)-ପୃଷ୍ଠା-୫୦)

ଗୋଟାଏ ଦିଗରେ ଲକ୍ଷ୍ମୀପୁର ଗାଁର ଲୋକଙ୍କର ଦୟନୀୟତାର ଚିତ୍ର ଅଂକନ କରିବାବେଳେ, ଅନ୍ୟ ଦିଗରେ ମହେନ୍ଦ୍ରଙ୍କର ବୈଷୟିକ ଓ ଆର୍ଥିକ ଉନ୍ନତିର ଚିତ୍ର ପ୍ରଦାନ କରିବାରେ ଲେଖକ ତତ୍ପରତା ପ୍ରକାଶ କରିଛନ୍ତି । ମହେନ୍ଦ୍ର ଲୋକଙ୍କ ଦୁର୍ବଳତା ଜାଣନ୍ତି,

Digitized by srujanika@gmail.com

ଜାଣନ୍ତି ମଧ୍ୟ ତାଙ୍କ ବାପାଙ୍କର ଲୋକଙ୍କ ପ୍ରତି ରହିଥିବା ସ୍ନେହ ଓ ସୋହାଗପଣ । ବାପା ଲକ୍ଷ୍ମୀନାରାୟଣ ମହେନ୍ଦ୍ରଙ୍କୁ ଯେତେ ବୁଝାଇଲେ ମଧ୍ୟ ସେ କିଛି ବୁଝିନାହାନ୍ତି । ଜମିଦାର ଲକ୍ଷ୍ମୀନାରାୟଣଙ୍କ ପାଖରେ କେହି ନାହାନ୍ତି, ସମସ୍ତେ ବାହାରେ, ଏପରିକି ନିଜ ପତ୍ନୀ ମଧ୍ୟ ବାହାରେ । କେଉଁ ଗୋଟାଏ ଡାକ୍ତର ସହିତ କାଳେ ତାଙ୍କର କି ସଂପର୍କ, ସେକଥା ନରହରି ବହୁ କଷ୍ଟରେ ମହେନ୍ଦ୍ରଙ୍କ ଠାରୁ ଜାଣି ପାରିଛନ୍ତି ।

ସାଧୁ ପ୍ରଧାନଙ୍କର ଆଦର୍ଶକୁ ଲୋକେ ଗ୍ରହଣ କଲେ ମଧ୍ୟ, ଅଭାବ ଅନଟନରେ ପଡ଼ି ଶିଖି ମନାଇ ନରହରିଙ୍କ ଠାରୁ କେବେ କେମିତି ଭୋଜି ଖାଇ, ଆପଣାର ନିଜତ୍ୱ ହରାଇ ବସିଛନ୍ତି । ବହୁ କଷ୍ଟରେ ଶଶୁରଙ୍କ ନେତୃତ୍ୱରେ ଜୀବନ ଯନ୍ତ୍ରଣା ଭୋଗୁଥିବା ପାର୍ବତୀ, ପୁଅ ଗୋପ ମୁହଁକୁ ଚାହିଁ ସବୁ ସହିନେଇଛି । ଗୋପବଡ଼ ହେଲାପରେ, ତା' ପିତୃହତ୍ୟାର କାରଣ ଜାଣିପାରିଛି, ସୁଦାମ ପ୍ରଭୃତି ଯୁବକଙ୍କ ସହିତ ସେ ନିଜର ସଂଗ୍ରାମ ଜାରି ରଖିଛି । ମାତ୍ର ଧୂର୍ତ୍ତ ନରହରିର ଛଳନାରେ ଗ୍ରାମ ଯୁବକଙ୍କ ଭିତରେ ଫାଟ ସୃଷ୍ଟି ହୋଇଛି । ଅନେକ ଯୁବକ ଖଳ ନରହରି ବୁଦ୍ଧିରେ ପରିଚାଳିତ । ନରହରି ଗୋଟାଏ କ୍ଲବ୍ ଘର ତୋଳାଇ, ମହେନ୍ଦ୍ରଙ୍କ ବଡ଼ତି ପଣ ଓ ଉଦାରତାର ପ୍ରଚାର କରାଇଛି । ଭୀମା ଓ ଦୁଃଶାଙ୍କୁ ହାତକରି, ନିଜର ମନ୍ଦ ଉଦ୍ଦେଶ୍ୟ ଚରିତାର୍ଥ କରିବା ନିମିତ୍ତ ସେ ବିବିଧ ଚକ୍ରାନ୍ତ କରି ଏଥିରେ ସଫଳ ହୋଇଛି ।

ଉପନ୍ୟାସରେ ଲେଖକ ମହେନ୍ଦ୍ରଙ୍କ ସହରୀ ଜୀବନର ବଡ଼ତି ସଂପର୍କରେ ସୂଚନା ଦେଇଛନ୍ତି । ସହରରେ ମହେନ୍ଦ୍ର ଗୋଟାଏ ବିରାଟ ହୋଟେଲ ତୋଳାଇଛନ୍ତି, ନିଜର ମାଆଙ୍କ ନାମରେ ମଧ୍ୟ ଏହାର ନାମକରଣ କରାଯାଇଛି । ଅନେକ ନେତା, ମନ୍ତ୍ରୀ, ସଚିବ, ପଦସ୍ଥ ମଣିଷ ଏଠାକୁ ଆସନ୍ତି, ଦେଶୀ ବିଦେଶୀ ନୃତ୍ୟ-ଗୀତ, ଖାଦ୍ୟ-ପାନୀୟର ବ୍ୟବସ୍ଥା ଏଠାରେ । ନରହରି ଏହାର ଶୁଭାରମ୍ଭ ଦିନ ଏଠାରେ ପହଞ୍ଚି ଏଠାକାର ଆଦବ କାଇଦା ଦେଖିଛି ଏବଂ କାକା ସହିତ ସାକ୍ଷାତ କରି ଭିତିରି ରହସ୍ୟ ସଂପର୍କରେ ଅନେକ ତଥ୍ୟ ଜାଣିପାରିଛି । ନିଜର ଚଟୁଳ ବାକ୍ୟଦ୍ୱାରା ମହେନ୍ଦ୍ରଙ୍କ ପ୍ରଶସ୍ତି ଗାନକରି, ସେ ଲକ୍ଷ୍ମୀପୁରର ସଂପତ୍ତି ଉପରେ ଶ୍ୟେନ ଦୃଷ୍ଟି ରଖିଛି । ଏପରିକି ସେଇଠି ନିର୍ବାଚନ ଲଢ଼ିବାକୁ ଇଚ୍ଛା କରିଥିବା ମହେନ୍ଦ୍ରଙ୍କ ଦୃଷ୍ଟିକୁ ସହର ଆଡ଼କୁ ପ୍ରସାରିତ କରାଇଛି । ହୋଟେଲ୍‌ରେ ଅଜଣା ଲୋକ ଦ୍ୱାରା ବୋମା ରଖିବା ଏବଂ ଏଥିନେଇ ଘଟିଥିବା ହଇଚଇରେ, ମହେନ୍ଦ୍ର କିପରି ଲୋକଙ୍କ ବିପୁଳ ସମର୍ଥନ ଲାଭ କରିଛନ୍ତି, ତାହା ଦର୍ଶାଇ ନରହରି, ଲକ୍ଷ୍ମୀପୁରରୁ ମହେନ୍ଦ୍ରଙ୍କୁ ପୃଥକ କରିବାକୁ ଆଗ୍ରହୀ । ଏପରିକି ଲକ୍ଷ୍ମୀପୁରରେ ଯାତ୍ରା କରାଇ ଏହାର ଉଦ୍‌ଘାଟନ କରିଛି ନିଜେ ନରହରି । ରାଜନୀତିକ ନେତାଙ୍କ ଶୈଳୀରେ ଯାତ୍ରା ଉଦ୍‌ଘାଟନ କରି, ନିଜ ଭବିଷ୍ୟତ ନେତା ଜୀବନର ମୂଳଦୁଆ ପକାଉଛି ନରହରି ।

ସମଗ୍ର ଉପନ୍ୟାସରେ ରଖାଯାଇଛି ଭୂମିକୈନ୍ଦ୍ରିକ କୃଷି ଓ କୃଷକର ସମସ୍ୟା । ଏହା ଭିତରେ ଲେଖକ ଗାନ୍ଧୀ ଚେତନାର ଇସ୍ତାହାର ବାଢ଼ିଛନ୍ତି ସାଧୁ ପ୍ରଧାନ ଚରିତ୍ର ମାଧ୍ୟମରେ ।

Digitized by srujanika@gmail.com

ସାଧୁ ପ୍ରଧାନ, ଲକ୍ଷ୍ମୀପୁରର ଗାନ୍ଧୀ । ଯାବତୀୟ ଦୁଃଖ-ଅନୁଶୋଚନା-ସନ୍ତାପ ଭିତରେ ସେ କ୍ଷମାଶୀଳ, ସେ ବନ୍ଧୁବତ୍ସଳ, ଉଦାର । ତା'ର ପୁତ୍ରବଧୂ ପାର୍ବତୀ ମଧ୍ୟ ଅନୁରୂପ ଆଦର୍ଶରେ ବ୍ରତଚାରିଣୀ । ସେଇ ଆଦର୍ଶ ଯେମିତି ସେମାନଙ୍କର ଅସ୍ଥିମଜ୍ଜାଗତ, ବଂଶଗତ ଏବଂ ରକ୍ତଗତ । କାରଣ ପ୍ରଧାନଙ୍କ ନାତି ଗୋପ ଭିତରେ ବି ସେଇ ଆଦର୍ଶ ଭରି ରହିଛି । ଚୌଧୁରୀଙ୍କୁ ନେଇ ସହରାଭିମୁଖୀ ମଟର ଖାଲରେ ପଶିଯିବା ବେଳେ ଗୋପର ସହାୟତା ଏବଂ ଗୋପର ପ୍ରତ୍ୟୁତ୍ତରହିଁ ତା' ବ୍ୟକ୍ତିତ୍ୱର ପରିଚାୟକ ।

ନାଟ୍ୟ ଚରିତ୍ର ସୃଷ୍ଟି ଏବଂ ଚିତ୍ରଣରେ ଲେଖକ ଯେତେ ସଫଳତା ପାଇଛନ୍ତି, ଉପନ୍ୟାସ କ୍ଷେତ୍ରରେ ତାହା ସଂଭବ ହୋଇନାହିଁ । ଉପନ୍ୟାସରେ ମାମିନା ଓ ପାର୍ବତୀଙ୍କୁ ବାଦ ଦେଇ ସେପରି ପ୍ରତ୍ୟକ୍ଷ ନାରୀ ଚରିତ୍ର ନାହାନ୍ତି । ପାର୍ବତୀ ଚରିତ୍ରରେ ଲେଖକ ଯେଉଁ ଆଦର୍ଶବାଦର ଚିତ୍ର ଦେଇଛନ୍ତି, ବାସ୍ତବତା ଭିତ୍ତିରେ ତାହା ଅସଂଭବ । ଜଣେ ଉଚ୍ଚ ଶିକ୍ଷିତା ଡାକ୍ତରାଣୀ ଭାବରେ ମାମିନା କେବଳ ଚୌଧୁରୀଙ୍କ ନାତୁଣୀ, ତାଙ୍କର ସେବା ସହିତ ଜନସେବା କରିବାର ଆଗ୍ରହ ପୋଷଣ କରିଛନ୍ତି । ସଂପୃକ୍ତ ଉପନ୍ୟାସରେ ବଳିଷ୍ଠ ନାରୀଚରିତ୍ର ସହିତ ପ୍ରେମ ପ୍ରଣୟର କୌଣସି ସାଧାରଣ ପ୍ରକାଶ ଘଟିନାହିଁ । ସମୁଦାୟ ଉପନ୍ୟାସରେ ସାଧୁ ପ୍ରଧାନ ହିଁ ସର୍ବଶ୍ରେଷ୍ଠ ଚରିତ୍ର, ଯେ ସେବାଶ୍ରମ କରିଛି ବୋଲି ଦର୍ଶାଇ ଦିଆଯାଇଛି । ବୋଧହୁଏ, ଲେଖକ ତାଙ୍କ ଜୀବନରେ ଦଦେଇ ଗୋବିନ୍ଦ ମିଶ୍ରଙ୍କର ସେବାଶ୍ରମ ପରିଚାଳନାର ଯେଉଁ ବାସ୍ତବ ଅନୁଭୂତି ନେଇଥିଲେ, ତାହାର ଯଥାର୍ଥ ସାରସ୍ୱତ ରୂପାୟନ ହିଁ ଏଇ ସେବାଶ୍ରମ, ଏବଂ କଳ୍ପିତ ସାଧୁ ପ୍ରଧାନ, ସଂଗ୍ରାମୀ ଗୋବିନ୍ଦ ମିଶ୍ରଙ୍କର ଲକ୍ଷ୍ମୀପୁର ବାସ୍ତବ ପ୍ରତିନିଧି ।

ନାଟ୍ୟକାର ଭାବରେ ରାମଚନ୍ଦ୍ରଙ୍କର ଯେଉଁ ଅସାମାନ୍ୟ ସିଦ୍ଧି ପରିଲକ୍ଷିତ, ତାହା ତାଙ୍କ ରଚିତ ଉପନ୍ୟାସ ଦୁଇଟିରେ ଅନୁପସ୍ଥିତ । ଦ୍ୱନ୍ଦ୍ୱ, ଉତ୍କଣ୍ଠା ଓ ଚରିତ୍ର ଚିତ୍ରଣ ଇତ୍ୟାଦିରେ ଲେଖକୀୟ କଳାଦୃଷ୍ଟିଟି ଉପନ୍ୟାସ ଦୁଇଟିରେ ହ୍ରାସ ପାଇଥିବା ଲକ୍ଷ୍ୟ କରାଯାଏ । ଉପନ୍ୟାସ ରଚନା କରି ସେ ସ୍ୱକୀୟ କଥା କାରିଗରୀର ଦୃଷ୍ଟାନ୍ତ ଛାଡ଼ିଯାଇଛନ୍ତି ବୋଲି କହିବାକୁ ହେବ ।

ଗ. ରାମଚନ୍ଦ୍ରଙ୍କ ନାଟ୍ୟ ବଳୟ : ଏକ ସାଧାରଣ ପରିଚୟ :

କବି, କଥାକାର, ସମାଲୋଚକ ଓ ଔପନ୍ୟାସିକ ଭାବରେ, ସାହିତ୍ୟର ବିବିଧ ବିଭାଗରେ ସ୍ୱକୀୟ ପରିଚୟ ଉପସ୍ଥାପନ କରିଥିଲେ ମଧ୍ୟ, ନାଟ୍ୟପ୍ରାଣ ରାମଚନ୍ଦ୍ରଙ୍କ ସାରସ୍ୱତ ପ୍ରତିଭାର ପ୍ରକୃଷ୍ଟ ପରିଚୟ ମିଳେ ତାଙ୍କ ନାଟ୍ୟ ସଂସାରରେ । ଜୀବନର ବିବିଧ ଅନୁଭବକୁ ନେଇ, ନାଟ୍ୟକାର ରାମଚନ୍ଦ୍ର ଗଢ଼ିଛନ୍ତି ତାଙ୍କ ନାଟ୍ୟ ସାମ୍ରାଜ୍ୟ । କାହାଣୀକଳା, ନାଟ୍ୟଧର୍ମ, ଶିଳ୍ପଦୃଷ୍ଟି ଏବଂ ପ୍ରକାର୍ଯ୍ୟ ଦୃଷ୍ଟିରୁ ରାମଚନ୍ଦ୍ରଙ୍କ ନାଟ୍ୟ ସଂସାରକୁ ନିମ୍ନକ୍ରମରେ ବ୍ୟବଚ୍ଛେଦ କରାଯାଇପାରେ । ଯଥା -

Digitized by srujanika@gmail.com

କ. ସାମାଜିକ ନାଟକ
ଖ. ଚରିତଧର୍ମୀ ନାଟକ
ଗ. ରାଜନୀତିକ ନାଟକ
ଘ. ବେତାର ନାଟକ
ଙ. ଜାତୀୟତା ଭିତ୍ତିକ ନାଟକ
ଚ. ପାରିବାରିକ ଜୀବନଧାରାର ନାଟକ
ଛ. ସମସ୍ୟାମୂଳକ ନାଟକ
ଜ. ଉପନ୍ୟାସର ନାଟ୍ୟରୂପ
ଝ. ଐତିହାସିକ ନାଟକ
ଞ. ମନୋବିଶ୍ଳେଷଣାତ୍ମକ ନାଟକ
ଟ. ସମାଲୋଚନାତ୍ମକ ନାଟକ
ଠ. ସଂସ୍କାରବାଦୀ ନାଟକ
ଡ. ଛୋଟ ନାଟକ

ନାଟ୍ୟକାର ରାମଚନ୍ଦ୍ର ଜୀବନବ୍ୟାପି ସାଧନା ମଧ୍ୟରେ ସତେଇଶଟି ପୂର୍ଣ୍ଣାଙ୍ଗ ନାଟ୍ୟସୃଷ୍ଟି ମାଧ୍ୟମରେ ସ୍ୱକୀୟ ମୌଳିକତା ଅତୁଟ ରଖିଯାଇଛନ୍ତି । ନାଟକ ଗୁଡ଼ିକର ସମୟାନୁକ୍ରମିକ ବିଚାର କରାଗଲେ ତାଙ୍କ ନାଟ୍ୟ-ମାନସ ସଂପର୍କରେ ସାଧାରଣ ଅବବୋଧ ସୃଷ୍ଟି ହୋଇପାରିବ । ଏଣୁ ପ୍ରସଙ୍ଗତଃ ରାମଚନ୍ଦ୍ରଙ୍କ ନାଟ୍ୟଚେତନା ସଂପର୍କୀୟ ସାଧାରଣ ଧାରଣା ନିମିତ୍ତ, ତାଙ୍କ ନାଟ୍ୟ ସାମ୍ରାଜ୍ୟର ପରିଚୟ ଏଠାରେ ଉପସ୍ଥାପିତ କରାଯିବା ସଂଗତିପୂର୍ଣ୍ଣ ମନେହୁଏ ।

୧. ଅଭିମାନ (୧୯୪୨)

କଟକର ମାଣିକଘୋଷ ବଜାରରେ ପ୍ରଥମ କରି ଆରମ୍ଭ ହୋଇଥିବା "ଭାରତୀ ଥିଏଟର୍ସ" ଆନୁକୂଲ୍ୟରେ ସ୍ୱର୍ଗତ ମିଶ୍ରଙ୍କର ପ୍ରଥମ ନାଟକ ଅଭିମାନ ମଞ୍ଚସ୍ଥ ହୋଇ ବେଶ୍ ଜନପ୍ରିୟତା ଲାଭ କରି ପାରିଥିଲା । ଗୋଟାଏ ପାରିବାରିକ ଜୀବନର ଜୀବନ୍ତଚିତ୍ର, ସଂପୃକ୍ତ ନାଟକରେ ଚିତ୍ରିତ । ପାରିବାରିକ ଜୀବନରେ ମନୋମାଳିନ୍ୟ ଏକ ସାଧାରଣ ଘଟଣା, ଏବଂ ଏଇ ଘଟଣା ଫଳରେ ପରିବାରର ବଡ଼ ପୁଅ ଅଭିମାନରେ ଘରଛାଡ଼ିଛି । ଗ୍ରାମ୍ୟ ପରିବେଶରୁ ଦୂରେଇ ଆସି, ସେ ସହରୀ ଜୀବନ ଭିତରେ ଏକପ୍ରକାର ଅଣନିଃଶ୍ୱାସୀ ହୋଇପଡ଼ିଛି ଓ ଆପଣାକୁ ଏକାନ୍ତ ଅସହାୟ ମନେ କରିଛି । ପରିବର୍ତ୍ତିତ ପରିସ୍ଥିତିରେ ଆଖି ଆଗରେ ଉଜୁଡ଼ି ଯାଉଥିବା ପରିବାରକୁ ଦେଖି, ବଡ଼ ପୁଅ ପୁନଶ୍ଚ ଫେରିଆସିଛି । ଆପଣାର ବିଚାର ବୁଦ୍ଧି ଓ ତ୍ୟାଗବଳରେ ସମଗ୍ର ପରିବାରକୁ ପ୍ରଭାବିତ କରିଛି ଏବଂ ଅବକ୍ଷୟ ମୁଖରୁ ପରିବାରକୁ ପ୍ରଦାନ କରିଛି ସୁରକ୍ଷା । ପାରସ୍ପରିକ ସହଯୋଗରେ ପାରିପାରିକ ଜୀବନରେ

Digitized by srujanika@gmail.com

ଶାନ୍ତି-ସନ୍ତୋଷ ଆସେ, ମାତ୍ର ପରସ୍ପର ପ୍ରତି ଭୁଲ ବୁଝାମଣା ଏବଂ ସାମାନ୍ୟ ସନ୍ଦେହରୁ ବିଶ୍ୱାସର ପତନ ଘଟି, ଅବିଶ୍ୱାସର ବିଷବାଷ୍ପ ସଂଚରିଯାଏ ।

ସଂପୃକ୍ତ ନାଟକରେ, ନାଟ୍ୟକାରଙ୍କ ଦୃଷ୍ଟିଭଂଗୀ ଏବଂ ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଏ । ରାଷ୍ଟ୍ରୀୟ ଜୀବନର ମୂଳାଧାର ହେଉଛି ବ୍ୟକ୍ତି । ବ୍ୟକ୍ତି ଜୀବନର ସୁସ୍ଥତା, ତା'ର ପରିବାର ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭରଶୀଳ । ବ୍ୟକ୍ତିର ପାରିବାରିକ ଜୀବନକୁ ସୁସ୍ଥ ସୁନ୍ଦର କରିପାରିଲେ, ପାରିବାରିକ ଜୀବନଟା ସୁଖମୟ ହୋଇଉଠେ । ସୁସ୍ଥ ପରିବାର, ସୁନ୍ଦର ସମାଜର ପ୍ରଥମ ପ୍ରତିଶ୍ରୁତି - ଏହାହିଁ ସଂପୃକ୍ତ ନାଟକ ମାଧ୍ୟମରେ ନାଟ୍ୟକାର ପ୍ରକାଶ କରିପାରିଛନ୍ତି । କେହି କେହି ଆଲୋଚକଙ୍କ ମତରେ, ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟ୍ୟ-ମାନସର ପହିଲି ପ୍ରତିଶ୍ରୁତି 'ଅଭିମାନ' ହିଁ ତାଙ୍କର ସମଗ୍ର ନାଟ୍ୟମାନସର ଆଦ୍ୟ ଆଭାସ, ଯାହା ତାଙ୍କ ଜୀବନବ୍ୟାପି ସାଧନା ମଧ୍ୟରେ ଅତୁଟ ରହିଥିବା ଓ ତାଙ୍କର ଉତ୍ତୀର୍ଣ୍ଣ ନାଟ୍ୟମାନସକୁ ପ୍ରଭାବିତ ଓ ପ୍ରସାରିତ କରିଥିବା ଲକ୍ଷ୍ୟ କରାଯିବ ।

୨. ମ୍ୟାନେଜର (୧୯୪୩)

ନାଟ୍ୟକାର ରାମଚନ୍ଦ୍ରଙ୍କର ନାଟ୍ୟ-ଜୀବନର ଦ୍ୱିତୀୟ ଅର୍ଘ୍ୟ 'ମ୍ୟାନେଜର' ଅନ୍ନପୂର୍ଣ୍ଣା ବି'ଗ୍ରୁପରେ ଅଣତିରିଶ ଅପ୍ରେଲ୍ ୧୯୪୫ ମସିହାରେ ପ୍ରଥମ ଅଭିନୟ ଆରମ୍ଭ କରିଥିଲା । ସଂପୃକ୍ତ ନାଟକଟି ଜୁଲାଇ ମାସ ପର୍ଯ୍ୟନ୍ତ କ୍ରମାଗତ ଭାବରେ ଅଭିନୀତ ହୋଇ, ଦର୍ଶକଙ୍କ ମନୋରଂଜନ କରିବା ଘଟଣା ଏହାର ମଞ୍ଚ ସାଫଲ୍ୟର ପରିଚୟ ପ୍ରଦାନ କରିଥାଏ । ଜମିଦାରୀ ଶାସନ ଶୋଷଣର ବାସ୍ତବାଶ୍ରୟୀ ଚିତ୍ର, ସଂପୃକ୍ତ ନାଟକର କାହାଣୀ-କଳାକୁ ଅତ୍ୟନ୍ତ ଦୃଢ଼ତାର ସହିତ ପ୍ରତିପାଦିତ କରିଥିଲା ।

ଜଣେ ଲୋକପ୍ରିୟ ଜମିଦାର ରୂପେ ନାଟକରେ ଦେଖାଦେଇଛନ୍ତି ଜମିଦାର ବୈକୁଣ୍ଠନାଥ ଚୌଧୁରୀ । ତାଙ୍କ ପତ୍ନୀ ମୃତା, ଏକମାତ୍ର କନ୍ୟା ତାଙ୍କର ସୁଷମା । ସୁଷମାର ଶୈଶବରେ, ବୈକୁଣ୍ଠନାଥ ଏବଂ ତାଙ୍କ ଧର୍ମପ୍ରାଣା ପତ୍ନୀ, ଶିଶୁ ସୁରେନ୍ଦ୍ର ସହିତ ସୁଷମାର ବିବାହ କରିବେ ବୋଲି ସୁରେନ୍ଦ୍ର ମାଆଙ୍କ ଠାରେ ବଚନ-ବଦ୍ଧ ଥିଲେ । ଏ ବଚନଦାନ ବେଳେ ସାକ୍ଷୀ ଥିଲେ ମନ୍ଦିରର ବାବାଜୀ । ମାତ୍ର ଘଟଣାକ୍ରମେ ସୁରେନ୍ଦ୍ର ହେଲେ ପିତୃମାତୃହୀନ । ଘରେ ଏକମାତ୍ର ଭଉଣୀ କୁସୁମ । ସୁରେନ୍ଦ୍ର ସଚ୍ଚରିତ୍ର ଏବଂ ସତ୍ୟବାଦୀ ଯୁବକ । କୌଣସି ମନୋମାଳିନ୍ୟରୁ, ବୈକୁଣ୍ଠନାଥ ବିରକ୍ତ ହୋଇ ସୁରେନ୍ଦ୍ରଙ୍କ ସହିତ ନିଜ କନ୍ୟା ସୁଷମାକୁ ବିବାହ କରିବାକୁ ବିରୋଧ କରିଥିଲେ । ମନ୍ଦିରର ବାବାଜୀ, ଅତୀତର ବଚନବଦ୍ଧତା ସଂପର୍କରେ ବୈକୁଣ୍ଠନାଥଙ୍କୁ ଅବହିତ କରିବା ପରେ ମଧ୍ୟ, ବୈକୁଣ୍ଠନାଥ ନିଜ ଜିଦିରେ ଅଟଳ ରହିଲେ ।

କନ୍ୟା ସୁଷମାର ବିବାହ ନିମିତ୍ତ, ଏକ ଅଜ୍ଞାତ ଯୁବକ ପ୍ରତାପକୁ ଯୋଗ୍ୟପାତ୍ର ରୂପେ ଜମିଦାର ବୈକୁଣ୍ଠନାଥ ମନେ କରିଛନ୍ତି । ଏଥି ନିମିତ୍ତ ସେ ପ୍ରତାପକୁ କଲିକତାରେ

Digitized by srujanika@gmail.com

ଶିକ୍ଷାପ୍ରାପ୍ତିର ସୁଯୋଗ ଦେଇ, ତାଙ୍କୁ ଉଚ୍ଚଶିକ୍ଷିତ କରାଇଛନ୍ତି । ପ୍ରତାପକୁ ଭାବୀ ଜାମାତା ରୂପେ ଗ୍ରହଣ କରି, ତା ହାତରେ ଟେକି ଦେଇଛନ୍ତି ନିଜ ଜମିଦାରୀର ସଂପୂର୍ଣ୍ଣ ମାଲିକାନା ।

ପ୍ରତାପ ଜମିଦାରୀର ଦାୟିତ୍ୱ ନେବାପରେ ପ୍ରଜାମାନଙ୍କ ଉପରେ ଅଶାଳୀନ ଅତ୍ୟାଚାର କରିଛନ୍ତି । ପ୍ରଜାବର୍ଗ ଅତିଷ୍ଠ ହୋଇ, ଆପଣା ଆପଣାର ସୁରକ୍ଷା ନିମିତ୍ତ, ସୁରେନ୍ଦ୍ରଙ୍କ ସମର୍ଥନ ଓ ନେତୃତ୍ୱ ଆଶା କରିଛନ୍ତି । ସଚ୍ଚୋଟ ଓ ସାଧୁ ସୁରେନ୍ଦ୍ର, ଉତ୍ୟକ୍ତ ପ୍ରଜାଙ୍କୁ ନେଇ ଜମିଦାର ବୈକୁଣ୍ଠନାଥଙ୍କ ସହିତ ପ୍ରତ୍ୟକ୍ଷ ସାକ୍ଷାତ କରାଇଛନ୍ତି । ହୃଦୟବାନ ଜମିଦାର ବୈକୁଣ୍ଠନାଥ କିନ୍ତୁ ପ୍ରତାପର କୁ-ମନ୍ତ୍ରଣାର ଶିକାର ହୋଇ, ସୁରେନ୍ଦ୍ର ଜମିଦାରୀ ପ୍ରତି ପ୍ରଲୁବ୍ଧ ବୋଲି ମନ୍ତବ୍ୟ ଦେଇଛନ୍ତି ।

ସଂପୃକ୍ତ ନାଟକରେ ସଂପୂର୍ଣ୍ଣ ଖଳ ଚରିତ୍ର ପ୍ରତାପ । ପ୍ରଜାମାନଙ୍କୁ ସେ ସୁରେନ୍ଦ୍ରଙ୍କ ବିରୋଧରେ ମତାଇଛନ୍ତି ଏବଂ ସୁରେନ୍ଦ୍ରଙ୍କ ଏକମାତ୍ର ଭଉଣୀ କୁସୁମକୁ ଅପହରଣ କରି କଲିକତାରେ ରଖିଛନ୍ତି । କୁସୁମର ମିଥ୍ୟା ମୃତ୍ୟୁ ସଂବାଦ ପରିବେଷଣ କରି, ସବୁରି ମନରେ ଦୁଃଖ ଯନ୍ତ୍ରଣା ଭରିଦେଇଛନ୍ତି । କୌଶଳ କ୍ରମେ ସୁରେନ୍ଦ୍ରଙ୍କୁ ଉଆସକୁ ଧରିଆଣି, ତାଙ୍କ ଉପରେ ଅତ୍ୟାଚାର କରିବା ସମୟରେ ଜମିଦାର କନ୍ୟା ସୁଷମାର ଉପସ୍ଥିତି ଓ ହସ୍ତକ୍ଷେପ ସୁରେନ୍ଦ୍ରଙ୍କୁ ସୁରକ୍ଷିତ କରିଛି ।

ଏଇ ଅବସରରେ ସୁରେନ୍ଦ୍ରଙ୍କ ଭଉଣୀ କୁସୁମର ଆକସ୍ମିକ ଅନୁପସ୍ଥିତି ସଂପର୍କରେ ଘୋର ସନ୍ଦେହ ପୋଷଣ କରିଛନ୍ତି ସୁଷମା । ପ୍ରତାପ ସହିତ ତାଙ୍କର ବିବାହ ସଂପନ୍ନ ହେବା ପୂର୍ବରୁ, ସେ ପ୍ରତାପକୁ ସନ୍ଦେହ କରିବାକୁ ଆରମ୍ଭ କରିଛନ୍ତି । କୁସୁମ ସଂପର୍କରେ ପ୍ରକୃତ ରହସ୍ୟ ଉଦ୍‌ଘାଟିତ ନ ହେବା ପର୍ଯ୍ୟନ୍ତ ପ୍ରତାପ ସହିତ ନିଜ ବିବାହକୁ ସ୍ଥଗିତ ରଖିବାକୁ ସୁଷମା, ନିଜ ପିତା ଜମିଦାର ବୈକୁଣ୍ଠନାଥଙ୍କୁ ଅନୁରୋଧ କରିଛନ୍ତି । ପ୍ରଜାବୃନ୍ଦ ଏଥିରେ ସୁଷମା ଏବଂ ସୁରେନ୍ଦ୍ରଙ୍କୁ ସମର୍ଥନ କରିଛନ୍ତି । ପ୍ରତାପଙ୍କ ଚକ୍ରାନ୍ତର ଅବସାନ ଘଟିଛି, ଖଇରୁ ମାଧ୍ୟମରେ ପ୍ରତାପଙ୍କର ଅସଲ ସତ୍ତାଟା ଜମିଦାର ବୈକୁଣ୍ଠନାଥଙ୍କ ନିକଟରେ ଅତ୍ୟନ୍ତ ସ୍ପଷ୍ଟ ହୋଇ ଉଠିଛି । ସେ ପ୍ରତାପକୁ ଦଣ୍ଡିତ କରିବାକୁ ଉଦ୍ୟତ ହେଲାବେଳେ, କୁସୁମ କିନ୍ତୁ ତାଙ୍କୁ କ୍ଷମା ଦେବାକୁ ଅନୁରୋଧ କରିଛି । କୁଚକ୍ରୀ ପ୍ରତାପର ଯାବତୀୟ କୁକାର୍ଯ୍ୟ ଧରା ପଡ଼ିଯିବା ଦ୍ୱାରା ସେ ବିକଳ ଭାବରେ ଆପଣା ଦୁଷ୍କୃତ ନିମିତ୍ତ ଅନୁତାପ କରିଛି । ସୁଧୁରି ଯାଇଛି ତା'ର ଆଚରଣ, କୁସୁମ ସହିତ, ସୁରେନ୍ଦ୍ର ତାଙ୍କର ବିବାହ କରାଇଛନ୍ତି । ଜମିଦାର ବୈକୁଣ୍ଠନାଥ ମଧ୍ୟ ନିଜର ସମସ୍ତ କାର୍ଯ୍ୟ ନିମିତ୍ତ ଅନୁତପ୍ତ ହୋଇଛନ୍ତି, ଶେଷରେ ସୁଷମା ସହିତ ସୁରେନ୍ଦ୍ରଙ୍କର ବିବାହ ସଂପନ୍ନ ହୋଇଛି, ଏବଂ ପ୍ରଜାମାନେ ପୁନର୍ବାର ଗୋଟାଏ ସୁଶାସନ ପ୍ରାପ୍ତିର ସଂଭାବନା ଭିତରେ ଆମୋଦିତ ହୋଇଛନ୍ତି ।

'ମ୍ୟାନେଜର' ନାଟକରେ ସତ୍ୟ ଓ ନ୍ୟାୟର ପ୍ରତିଷ୍ଠା, ଜମିଦାରୀ ଶାସନ ଶୋଷଣର ଚିତ୍ର, ପ୍ରଜାକୁଳର ଦୁରବସ୍ଥା, ତଥା କୁଚକ୍ରୀ ପ୍ରତାପର ଖଳ ପ୍ରବୃତ୍ତିର ସ୍ପଷ୍ଟଚିତ୍ର ପ୍ରଦାନ

Digitized by srujanika@gmail.com

କରିବା ସହିତ, ଦୟା, କ୍ଷମା ପ୍ରଭୃତି ମାନବୀୟ ଆଦର୍ଶବତ୍ତାର ଜୟଜୟାକାର ଘୋଷଣା କରିଛନ୍ତି । ସମୟର ଆହ୍ୱାନ ଏବଂ ସାମାଜିକ ଅଙ୍ଗୀକାରବଦ୍ଧତା ହୋଇଛି, ତାଙ୍କର ଏଇ ନାଟକର ବୈଶିଷ୍ଟ୍ୟ ।

୩. ମୂଲିଆ (୧୯୪୫)

ଅନ୍ୟତମ ସାର୍ଥକ ନାଟକ ମୂଲିଆ 'ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍‌ଦ୍ୱାରା ଛ'ମାସ କାଳ (ତା ୨୭-୭-୧୯୪୫ - ୨୧-୧୧-୧୯୪୫) ଅଭିନୀତ ହୋଇ ଦର୍ଶକୀୟ ଆବେଗକୁ ବେଶ୍ ଖୋରାକ୍ ଯୋଗାଇଥିଲା । ଏଇ ନାଟକର ମୁଖବନ୍ଧରେ ମୂଲିଆର ସଂଘର୍ଷ ସଂପର୍କରେ କୁହାଯାଇଥିଲା - "ଓଡ଼ିଶାର ନାଟ୍ୟ-ଜଗତରେ ମଧ୍ୟ ଦିନେ ଜଳିଥିଲା ଏଇ ସଂଘର୍ଷର ଅଗ୍ନି । ପରିଣତି ଯୁଗୋଚିତ ହେଲା, ମୂଲିଆର ଜୟ । ସେ ଏ ଯୁଗରେ ନିଜର ପେଟ କାଟି ମାଲିକ ମୁହଁରେ, ପଲାଉ, ମାଂସ ଦେବାରେ ନାରାଜ । ଏଇ ବିଷୟକୁ ସାଫଲ୍ୟମଣ୍ଡିତ କରିବାକୁ ଚଳିଥିଲା କଲମ । ମାଲିକ ମୂଲ ବନ୍ଦ କରି, ଭୋକରେ ମୂଲିଆକୁ ଶୁଖେଇ ମାରିବ କିନ୍ତୁ ଦେଶବାସୀ ତାଙ୍କର ଏହି ମୂଲିଆ ଭାଇମାନଙ୍କୁ ଉଚିତ ମୂଲ୍ୟ ଦେଇ ଏଇ ଯୁଗକୁ ସମ୍ମାନ ଦେଖାଇଛନ୍ତି । ତେଣୁ ହାଟରେ ବାଟରେ ଘାଟରେ ଉଠିଲା ମୂଲିଆର ଜୟ-ଜୟାକାର ।"

(ମୂଲିଆ - ରାମଚନ୍ଦ୍ର ମିଶ୍ର - ସାଥୀ ପ୍ରକାଶନ - ୧୯୮୪ - 'ଆମକଥା' - ପୃଷ୍ଠା -କ)

ଏତେ ଘଟଣାର ରୂପରେଖ ପ୍ରଦାନ କରିବା ଅନ୍ତରାଳରେ ରହିଛି ନାଟ୍ୟକାର ରାମଚନ୍ଦ୍ର ଏବଂ ତାଙ୍କ ବନ୍ଧୁ ଅଭିନେତା ସାମୁଏଲ୍ ସାହୁଙ୍କ ସହିତ କାଳୀଚରଣ ପଟ୍ଟନାୟକଙ୍କ ମନୋମାଳିନ୍ୟ । ଓଡ଼ିଶା 'ଥିଏଟର୍ସ'ର ସର୍ବେସର୍ବା କାଳୀଚରଣ ପଟ୍ଟନାୟକଙ୍କ ସହିତ କଳାକାରମାନଙ୍କର ମତାନ୍ତର ଏବଂ ମନାନ୍ତର ଘଟିଲା । ଫଳତଃ ସେମାନଙ୍କ ମଧ୍ୟରୁ କେତେଜଣ ପ୍ରମୁଖ କଳାକାରଙ୍କ ସହଯୋଗରେ ଗଢ଼ାହେଲା 'ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ । ତେବେ 'ମୂଲିଆ'ର ମୁଖବନ୍ଧରେ ଯାହା କିଛି ଅଭିଯୋଗ ଅଣାଯାଇଛି, ତାହା କାଳୀଚରଣ ପଟ୍ଟନାୟକଙ୍କୁ ଖୁବ୍ ବାଧିଛି । ତେଣୁ ସେ ଏ ସଂପର୍କରେ ଆପଣା ପ୍ରତିକ୍ରିୟା ପ୍ରକାଶ କରି ତାଙ୍କ ଆତ୍ମଜୀବନୀ 'କୁମ୍ଭାରଚକ' ରେ ଦର୍ଶାଇଛନ୍ତି - "ଆହାର ବ୍ୟବହାର, ପୋଷାକ ପରିଚ୍ଛେଦରେ ଓଡ଼ିଶା ଥିଏଟର୍ସର ଶ୍ରମିକ ଓ ମାଲିକ ମଧ୍ୟରେ କୌଣସି ପାର୍ଥକ୍ୟ ନ ଥିଲା । ଆୟବ୍ୟୟ ନିୟମିତଃ ଭାବରେ ପରିଚାଳନା ସମିତି ଦ୍ୱାରା ତଦାରଖ କରାଯାଉଥିଲା । ଲାଭାଂଶ, ଏଭଳି କିଛି ନ ଥିଲା ଯେ, ଯେଉଁଥିରେ କି ମାଲିକ ପକ୍ଷ ମେଳାଇ, ମାଂସ ଖାଇବାର ସୁବିଧା ସୁଯୋଗ ଲାଭ କରିପାରିବେ ।" (କୁମ୍ଭାରଚକ - କଟକ ଷ୍ଟୁଡେଣ୍ଟ ଷ୍ଟୋର - ୧୯୭୫ - ପୃଷ୍ଠା - ୨୯୨)

କାଳୀଚରଣଙ୍କ 'ଓଡ଼ିଶା ଥିଏଟର୍ସ'ର ଅବକ୍ଷୟ, ରାମଚନ୍ଦ୍ରଙ୍କ ନାଟ୍ୟ ସଂସାର ପାଇଁ ନବ ସୁଯୋଗ ସୃଷ୍ଟିକଲା, ଫଳତଃ ଏଇ ବାସ୍ତବ ଘଟଣାକୁ କଳାତ୍ମକ କରି ଗଢ଼ି ତୋଳିବାରୁ

Digitized by srujanika@gmail.com

ସୃଷ୍ଟି ହେଲା 'ମୂଲିଆ' । ଏହା ପାଞ୍ଚ ଅଙ୍କ ବିଶିଷ୍ଟ ପାରମ୍ପରିକ ନାଟକ, ଯେଉଁଥିରେ ଗୋଟାଏ ପାରିବାରିକ ଜୀବନର ବିପର୍ଯ୍ୟୟ ଏବଂ ସାମାଜିକ ଜୀବନରେ, ଗ୍ରାମ୍ୟ ଟାଉଟରଙ୍କ ଦ୍ୱାରା ନିର୍ଯ୍ୟାତିତ ନିରୀହ କୃଷକର ଦୟନୀୟ ଜୀବନ ଯାତନାର ଚିତ୍ର ହୋଇଛି ଚିତ୍ରିତ ।

ଗୋଟାଏ ଗ୍ରାମ୍ୟ ପରିବେଶର କୃଷିଜୀବୀ ପରିବାରରୁ ଆରମ୍ଭ ହୋଇଛି, 'ମୂଲିଆ'ର ପଟ୍ଟଭୂମି । ମୁଖ୍ୟ ଚରିତ୍ର ଏଠାରେ କୃଷକ ନନ୍ଦ ଏବଂ ତା'ର ପତ୍ନୀ । ଗ୍ରାମୀଣ କୃଷିଜୀବୀ ପରିବାରର ସରଳ-ଆଦର୍ଶ ଓ ନୀତିବୋଧ ଭିତରେ, କଠିନଶ୍ରମ-ସାଧନା କରି ଜୀବନ ଜୀଉଥିବା ଦମ୍ପତି ଏ ଦୁହେଁ । ମାତାଙ୍କ ମୃତ୍ୟୁ ପୂର୍ବରୁ ସାନଭାଇ ରାଜୁ ଏବଂ ନବର ଦାୟିତ୍ୱ ନ୍ୟସ୍ତ ହେଲା ନନ୍ଦ ଉପରେ । ଅନ୍ଧ ପିତା, ଦୁଇ କନିଷ୍ଠଭ୍ରାତା ଏବଂ ପତ୍ନୀଙ୍କୁ ନେଇ ନନ୍ଦର କ୍ଷୁଦ୍ର ପରିବାର । ନନ୍ଦ ଚାହାନ୍ତି ରାଜୁ ଉଚ୍ଚଶିକ୍ଷିତ ହେଉ, ରାଜୁ ମଧ୍ୟ ଭାଇଙ୍କ କଥାକୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରି ଶିକ୍ଷା କ୍ଷେତ୍ରରେ ଅଗ୍ରସର ହେଲା । ଉଚ୍ଚଶିକ୍ଷା ପାଇଁ ସହରରେ ରହିଥିବା ରାଜୁର ପଢ଼ାଖର୍ଚ୍ଚ ତୁଲାଇବା କୃଷିଜୀବୀ ନନ୍ଦ ପକ୍ଷରେ ଅସମ୍ଭବ ହୋଇ ଉଠିବାରୁ ସେ ନିଜର ଜମି ବନ୍ଧକ ଦେଲା ଏବଂ ଶାଗମାଛ ମୂଲରେ ମଧ୍ୟ ବଳଦ ବିକ୍ରୟ କରିଦେଲା । ରାଜୁର ପାଠପଢ଼ା ଶେଷ ନ ହେଉଣୁ, ଅଭାବ-ଅନଟନର ତୀବ୍ର ପୀଡ଼ନରେ ସଙ୍କୁଚିତ ଥିଲା ନନ୍ଦର ପରିବାର ।

ସହରୀ ଜୀବନର ଆସୁରୀ ମାୟାରେ ପୀଡ଼ିତ ହୋଇଛି ରାଜୁ, ବିସ୍ମୃତ ହୋଇଛି ତା'ର ପିତୃପ୍ରତିମ ବଡ଼ ଭାଇ ନନ୍ଦଙ୍କର ତ୍ୟାଗ ଓ ଆଦର୍ଶକୁ, ଭୁଲିଯାଇଛି ସ୍ନେହମୟୀ ଜନନୀ ତୁଲ୍ୟା ବଡ଼ ଭାଉଜଙ୍କୁ । ସଂପୃକ୍ତ ନାଟକର ଖଳ ଚରିତ୍ର ଗାଁ ଟାଉଟର ଧଡ଼ି ମହାପାତ୍ର । ଗାଁର କନ୍ୟା ସର ପ୍ରତି ସେ ରଖିଛି ଲୋଭାତୁର ଦୃଷ୍ଟି । ସର ରାଜୁକୁ ଭଲ ପାଉଥିଲା । ରାଜୁ ଆଖି ଉହାଡ଼ରୁ ସରକୁ ଦୂରେଇ ଦେଇ, ଆପେ ସରକୁ ବିବାହ କରିବାର ଯୋଜନା କରିଥିଲା ଧଡ଼ି ମହାପାତ୍ର । ରାଜୁ ନିକଟରେ ପହଞ୍ଚି ସେ ଦେବତୁଲ୍ୟ ଭାଇ ଓ ଦେବୀ ତୁଲ୍ୟା ଭାଉଜଙ୍କ ବିରୋଧରେ ମିଛ ସତ କହି, ସେମାନଙ୍କ ପ୍ରତି ରାଜୁ ମନରେ ବିଷ ବୀଜ ବପନ କରିନେଲା ।

ରାଜୁ ଉଚ୍ଚ ଶିକ୍ଷାପ୍ରାପ୍ତ ହେଲା, ଅଥଚ ତା' ଭିତରର ମାନବିକତାର ଅପମୃତ୍ୟୁ ଘଟିଲା । ଯେଉଁ ସର, ରାଜୁର ଶୁଭ ମନାସି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରେ, ତାକୁ ସାତ ପର କରି, ରାଜୁ, ସହରରେ ଅବସ୍ଥାନ କରୁଥିବା ଆଇନଜୀବୀ ମି.ରାୟଙ୍କ କନ୍ୟା କଳ୍ପନାର ସୌନ୍ଦର୍ଯ୍ୟରେ ବିମୁଗ୍ଧ ହେଲା । ମି. ରାୟ ମଧ୍ୟ ଏହା ଆଶା କରିଥିଲେ । ଶେଷରେ ଗାଁକୁ ଆସି, ନିଜ ଭାଗ ସଂପତ୍ତିତକ ସାଧାରଣ ମୂଲ୍ୟରେ ଧଡ଼ି ମହାପାତ୍ରକୁ ବିକ୍ରୟ କରି, ଅନ୍ଧ ପିତା ଓ ରାମଚନ୍ଦ୍ର ତୁଲ୍ୟ ଭ୍ରାତା ଏବଂ ଜନନୀ ଭଳି ସ୍ନେହମୟୀ ଭାଉଜଙ୍କ ଠାରୁ, ସ୍ନେହ-ପ୍ରେମ-ପ୍ରୀତି-ପ୍ରତ୍ୟୟର ସକଳ ସଂପର୍କକୁ ଛିନ୍ନ କରିଦେଇ ସହରରେ ଆସି ଅବସ୍ଥାନ କଲା । ଆଖିରେ ତା'ର ଅସୁମାରୀ ସ୍ୱପ୍ନ, ସୁନ୍ଦରୀ କଳ୍ପନାକୁ ବିବାହ କରି ବେଶ୍ ଆମୋଦରେ ଜୀବନ ଜୀଇବାର ନିଶା ଘାରିଥିଲା ରାଜୁକୁ । ରାଜୁ ସାନଭାଇ ନନ୍ଦକୁ ନିଜ ପାଖରେ ଠିକ୍ ଚାକର ଭଳି ରଖିଛି, ପିତା-ଭ୍ରାତାଠାରୁ ହୋଇଛି ସଂପର୍କଚ୍ୟୁତ୍ ।

Digitized by srujanika@gmail.com

ଅବୋଧ ରାଜୁଟିକୁ ସତ୍‌ମାର୍ଗରେ ପରିଚାଳିତ କରିବାକୁ ସହରକୁ ଆସିଥିବା ବଡ଼ଭାଇ ନନ୍ଦ, ରାଜୁଦ୍ୱାରା ଅପମାନିତ ଓ ଲାଂଛିତ ହୋଇ ଗାଁକୁ ଫେରିଯାଇଛନ୍ତି । ଏଇ ସୁଯୋଗରେ ବନ୍ଧକ ଜମି ବାବଦକୁ ଘରଡିହ ଇତ୍ୟାଦିରୁ ଅଧିକାର ଛଡ଼ାଇନେଇ, ଟାଉଟର ଧଡ଼ି ମହାପାତ୍ର ନନ୍ଦର ସ୍ତ୍ରୀ ଓ ଅନ୍ଧପିତାଙ୍କୁ ଘରୁ ତଡ଼ିଦେଇଛି । ଦୁଃଖ-ଯାତନା ଓ ଯନ୍ତ୍ରଣାରେ ଭାଙ୍ଗି ପଡ଼ିଥିବା ନନ୍ଦ, ଏଥର ନିଜର ପେଟ ଚାଖଣ୍ଡକ ପାଇଁ କୁଲିଗିରି କରିଛି । ଘଟଣାକ୍ରମେ ରାଜୁଠାରୁ ମଧ୍ୟ ଗୋଇଠା ମାଡ଼ ଖାଇଛି । ନନ୍ଦର ପତ୍ନୀ ଏବଂ ବୃଦ୍ଧ ପିତା, ନନ୍ଦକୁ ଓ ନନ୍ଦ ଏମାନଙ୍କୁ ଖୋଜିବାକୁ ଆରମ୍ଭ କରିଛନ୍ତି । ପରସ୍ପରକୁ ନ ପାଇ ପିତା ଓ ବୋହୂ ଭିକ୍ଷାବୃତ୍ତି କରିଛନ୍ତି ଏବଂ ନନ୍ଦ ନିଜେ ମୂଲ ଲାଗିଛି ।

ମି. ରାୟଙ୍କ କନ୍ୟା କଳ୍ପନାର ପ୍ରେମିକ କୁମାର ଯେଉଁଦିନ ରାଜୁର ଅସଲ ରୂପ ଓ ତା' ପରିବାର ପ୍ରତି ତା'ର ପୈଶାଚିକ ଆଚରଣ ସଂପର୍କରେ କଳ୍ପନାକୁ ଅବହିତ କରିଛି, ଠିକ୍ ସେଇ ମୁହୂର୍ତ୍ତରେ ରାଜୁ ପ୍ରତି, କଳ୍ପନା ମନରେ ଦେଖାଦେଇଛି ଅସରନ୍ତି ଘୃଣା । ଶେଷରେ ରାଜୁର ପରିବର୍ତ୍ତନ ଆସିଛି, ରାଜୁ ନିଜ ଭାଇ ଭାଉଜଙ୍କ ପ୍ରତି କରିଥିବା ଅନ୍ୟାୟ ଆଚରଣରେ ଆପେ ଆପେ ଲଜ୍ଜିତ ହୋଇଛି ଓ ପରିଶେଷରେ ନିଜେ ସେମାନଙ୍କୁ ସାକ୍ଷାତ କରି, ସେମାନଙ୍କ ଠାରୁ କ୍ଷମା ପ୍ରାର୍ଥନା କରିଛି । ଧଡ଼ି ମହାପାତ୍ର ଠାରୁ, ସମସ୍ତ ସଂପତ୍ତି ଉଦ୍ଧାର କରିବାକୁ ଯାଇ, ଏମାନେ ଦେଖିଛନ୍ତି, ଧଡ଼ି ମହାପାତ୍ରେ ସରକୁ ବିବାହ କରିବାର ପ୍ରସ୍ତୁତିରେ ରହିଛି । ସରକୁ ଏମାନେ କୁଚକ୍ରୀ ଧଡ଼ି କବଳରୁ ଉଦ୍ଧାର କରିଛନ୍ତି । ଏଇ ସମୟରେ କଳାବଜାର କରିଥିବା ଅଭିଯୋଗରେ ଧଡ଼ି ମହାପାତ୍ରକୁ ପୋଲିସ୍ ଗିରଫ କରିଛି । ରାଜୁ ସହିତ ସରର ବିବାହ ସଂପନ୍ନ ହୋଇଛି ।

'ମୂଲିଆ'ର କାହାଣୀକଳା ଏବଂ ଘଟଣାକ୍ରମ, ଗ୍ରାମଠାରୁ ନଗର ଜୀବନ ପର୍ଯ୍ୟନ୍ତ ହୋଇଛି ପ୍ରଲମ୍ବିତ । ଏଥିରେ ସମାଜର ପ୍ରାୟ ବିଭିନ୍ନ ବର୍ଗର ମଣିଷଙ୍କର ଚିତ୍ର ହୋଇଛି ଚିତ୍ରିତ । ପାଶ୍ଚାତ୍ୟ ଶିକ୍ଷାପ୍ରସାର, ନବ୍ୟ ଶିକ୍ଷିତର ସହର ଜୀବନ ପ୍ରତି ମୋହ, ପରମ୍ପରାପ୍ରତି ଅମାନ୍ୟତା, ଆଧୁନିକତାର ଛଳନାମୟ ଚାକଚକ୍ୟ, ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଖଟିଖିଆ ମାନଙ୍କର ଦୟନୀୟ ଜୀବନଚିତ୍ର, କୃଷିଜୀବୀ, ରିକ୍ସାଚାଳକଙ୍କ ଦୟନୀୟତା, ଖାଉଟୀ ଦ୍ରବ୍ୟ ଗୁଡ଼ିକର ନିୟନ୍ତ୍ରଣ, କଳାବଜାରୀ, ଶଠତା, ଏବଂ ଗ୍ରାମ୍ୟଜୀବନର ଚଳଣିକୁ ନିୟନ୍ତ୍ରଣ କରୁଥିବା କେତୋଟି ଅନ୍ଧବିଶ୍ୱାସ ହିଁ ସଂପୃକ୍ତ ନାଟକରେ ହୋଇଛି ରୂପାୟିତ ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ବ୍ୟକ୍ତି ଜୀବନରେ ଥିଲେ ଆଦର୍ଶବାଦୀ, ଗାନ୍ଧୀଙ୍କ ଆଦର୍ଶର ସତ୍ୟନିଷ୍ଠ ଉପାସକ ସେ । ସତ୍ୟ-ନ୍ୟାୟ, ତ୍ୟାଗ, ଅହିଂସା, ପ୍ରେମ - ଏସବୁ ତାଙ୍କ ସାହିତ୍ୟ ସୃଷ୍ଟିର ସୃଜନାଦର୍ଶ । ମୂଲିଆ ନାଟକରେ ଏସବୁ ସୃଜନାଦର୍ଶର ପ୍ରଚ୍ଛନ୍ନ ପ୍ରତିକ୍ରିୟା ହୋଇଛି ପରିଲକ୍ଷିତ । ପ୍ରଥମେ ଉପସ୍ଥାପିତ ହୋଇଥିବା ସମସ୍ୟାଟିର ଆକାଂକ୍ଷିତ ସମାଧାନ ଘଟାଇ, ନାଟ୍ୟକାର, ଏହାର ନାଟକୀୟତା ରକ୍ଷାକରିବା ସହିତ, ଦର୍ଶକ ଚିତ୍ତକୁ ଉଲ୍ଲସିତ କରିଛନ୍ତି ।

Digitized by srujanika@gmail.com

୪. କବିସୂର୍ଯ୍ୟ : (୧୯୪୬)

ଗୋଟାଏ ସୁନ୍ଦର ଚରିତମୂଳକ ନାଟକ ଭାବରେ 'କବିସୂର୍ଯ୍ୟ' ନାଟକଟି ରାମଚନ୍ଦ୍ର ନାଟ୍ୟମାନସର ଏକ ଭିନ୍ନ ଦିଗନ୍ତକୁ ସୂଚୀତ କରିଥାଏ । ଏତେବେଳକୁ କାଳୀଚରଣ ପଟ୍ଟନାୟକଙ୍କ 'ଓଡ଼ିଶାଥିଏଟର୍ସ'ରେ ଜୟଦେବ (୧୯୪୩) ଏବଂ 'ଅତିବଡ଼ୀ ଜଗନ୍ନାଥ ଦାସ'(୧୯୪୫) ମଞ୍ଚସ୍ଥ ହୋଇ ଯଥେଷ୍ଟ ପରିମାଣରେ ଦର୍ଶକୀୟ ଉତ୍କଣ୍ଠାକୁ ଚରିତାର୍ଥ କରିସାରିଥିଲା । ରାମଚନ୍ଦ୍ର ମିଶ୍ରଙ୍କର ପ୍ରିୟ କବି ଥିଲେ କବିସୂର୍ଯ୍ୟ ବଳଦେବ ରଥ । ତାଙ୍କ ରଚିତ ଚମ୍ପୂ ଏବଂ ଅନ୍ୟାନ୍ୟ ସଂଗୀତ, ରାମଚନ୍ଦ୍ରଙ୍କୁ ଆକର୍ଷିତ ଓ ବିମୋହିତ କରିଥିଲା । କବିସୂର୍ଯ୍ୟଙ୍କ ଭଳି ଜଣେ ପ୍ରଖ୍ୟାତ କବିଙ୍କୁ ନେଇ ନାଟକ ରଚନାର ପ୍ରଲୋଭନ ସଂବରଣ କରି ନ ପାରି, ରାମଚନ୍ଦ୍ର ପରିବେଷଣ କରିଥିବା 'କବିସୂର୍ଯ୍ୟ' ଅନ୍ନପୂର୍ଣ୍ଣା ବି' ଗ୍ରୁପ୍ ଦ୍ୱାରା ଅଭିନୀତ ହୋଇଥିଲା ।

ପଣ୍ଡିତ କୁଳମଣି ଦାଶଙ୍କ ସଂପାଦିତ କବିସୂର୍ଯ୍ୟ ଗ୍ରନ୍ଥାବଳୀର ଜୀବନତଥ୍ୟ, ତଥା ଅନ୍ୟାନ୍ୟ ଗୀତିକାକୁ ଆଧାର କରି, ରାମଚନ୍ଦ୍ର ରଚନା କରିବସିଲେ ନାଟକ 'କବିସୂର୍ଯ୍ୟ' । କବିସୂର୍ଯ୍ୟଙ୍କ ବାଲ୍ୟକାଳ ବଳି ଓ ପରବର୍ତ୍ତୀ ପର୍ଯ୍ୟାୟ ବଳଦେବ । କାଳୀପୂଜକ ଅଚ୍ଛା ତ୍ରିପୁରାରି ଓତାଙ୍କ ପ୍ରଯତ୍ନରେ ପାଳିତ ବଳଦେବଙ୍କ ଭିତରେ ବିରାଟ-ପ୍ରତିଭାର ସଂଭାବନା ପ୍ରତ୍ୟକ୍ଷ କରିଥିଲେ ତ୍ରିପୁରାରି । ଜଣେ ବିଖ୍ୟାତ କବିରୂପେ ବଳଦେବ ସର୍ବତ୍ର ଆଦରଣୀୟ ହୋଇ ଉଠନ୍ତୁ, ଏହା ଥିଲା ପ୍ରକୃତରେ ତ୍ରିପୁରାରିଙ୍କ ଇଚ୍ଛା ।

ବଳଦେବ ଥିଲେ ପ୍ରଚଣ୍ଡ ସ୍ୱାଭିମାନୀ, ଦାରିଦ୍ର୍ୟର କଷାଘାତରେ ବିକଳ ହେଲେ ମଧ୍ୟ କେବେ ବି ସେ ଆପଣା ରଚନାକୁ ବିକ୍ରୟ କରୁ ନ ଥିଲେ । ବଳଦେବଙ୍କ ପ୍ରତିଭା ବିକାଶ ନିମିତ୍ତ ନାଟ୍ୟକାର ସୃଷ୍ଟି କରିଛନ୍ତି ଲଳିତା ଚରିତ୍ର । ବଳଦେବଙ୍କର କୈଶୋରର ସାଥୀ ଲଳିତା, ସେ ଭଲପାଏ ବଳଦେବଙ୍କ କବିତ୍ୱକୁ, ତାଙ୍କ ପ୍ରତିଭାକୁ । ଏଇ ପ୍ରତିଭାର ବିକାଶ ନିମିତ୍ତ ସେ ସାଜିଲା ଗାୟିକା, ନୃତ୍ୟ ପଟ୍ଟୀୟସୀ ଏଇ ଲଳିତା ପଦରେ ଶୁଣାଗଲା ଘୁଙ୍ଗୁରର ଶବ୍ଦ । ନୃତ୍ୟ ପରିବେଷଣ କରି ଲଳିତା ଉପାର୍ଜନ କଲା, ଉପାର୍ଜିତ ସଂପଦରୁ କିୟଦଂଶ ବଳଦେବଙ୍କୁ ଅକୁଣ୍ଠ ଚିତ୍ତରେ ପ୍ରଦାନ କରି ପରିବାର ପୋଷଣରେ ସହାୟତା କଲା ।

ଲଳିତା - ବଳଦେବଙ୍କ ପାଇଁ ପ୍ରେରଣାର ଉତ୍ସ, ବଳଦେବଙ୍କ ଭିତରେ ନୂତନ ସଂଗୀତ ସୃଜନର ସ୍ପୃହା ଭରିଦେଲା ସେ, ବଳଦେବଙ୍କ ପେଟ ପୂରିଲା, ପୁଣି ମନ ବି ପୂରିଲା, ଗଭୀର ଆବେଗ ନେଇ ସେ ରଚି ବସିଲେ ରାଶି ରାଶି ଗୀତିକା, ଜନଦରବାରରେ ଉପସ୍ଥିତ ହେଲା ଏଇ ଗୀତିକା, ସଂଗୀତର ମଧୁର ମୂର୍ଚ୍ଛନା ସବୁରି ଚିତ୍ତଲୋକକୁ ଆନନ୍ଦିତ କଲା । ଶେଷରେ ଜଳନ୍ତର ରାଜ୍ୟର ରାଜକନ୍ୟା, ସଂଗୀତ ପୂଜାରିଣୀ ଚନ୍ଦ୍ରକଳାଙ୍କ ନିକଟରେ ପହଞ୍ଚିଲା ସରସ ସଂଗୀତ, ଅନ୍ୱେଷଣ କଲେ ସେ, କିଏ ଏଇ ପ୍ରତିଭାବନ୍ତ,ତାଙ୍କ ସାକ୍ଷାତ ମିଳିବା ଏକାନ୍ତ ଆବଶ୍ୟକ ।

Digitized by srujanika@gmail.com

ଜଳନ୍ତର ରାଜଦରବାରକୁ ଆସିଲେ ବଳଦେବ, କବି ବଳଦେବ । ଜଳନ୍ତର ରାଜ ଦରବାରରେ ଥିବା ବିଦ୍ୟାଭୂଷଣ ଏବଂ ବ୍ୟାଣୀକଣ୍ଠ - ଏଇ ଦୁଇଜଣ ଶଠ ପଣ୍ଡିତଙ୍କ ପ୍ରଭାବକୁ ଚୂର୍ଣ୍ଣ କରି, ସ୍ୱକୀୟ ପ୍ରତିଭାବଳରେ କବି ବଳଦେବ ରାଜଦରବାରରେ ହିଁ ସଭାକବି ରୂପେ ମର୍ଯ୍ୟାଦାପ୍ରାପ୍ତ ହେଲେ । କବିତାନୁରାଗିଣୀ ରାଜକନ୍ୟା ଚନ୍ଦ୍ରକଳା ଏଥର କବିଙ୍କ ପ୍ରତି ହେଲେ ଆକର୍ଷିତା, କବିତାକୁ ଭଲ ପାଉ ପାଉ, କବିଙ୍କୁ ସେ ଗଭୀର ଭାବରେ ଭଲପାଇଲେ । ରାଜକବି ବଳଦେବ ଗୀତିକା ରଚନା କରି ତେମାଙ୍କ ମନକୁ ମୁଗ୍ଧ କଲେ ସିନା, ତେମାଙ୍କ ଦେହର ଦାହକୁ ହୃଦୟଙ୍ଗମ କରିପାରିଲେ ନାହିଁ । ଏକ ବିଶେଷ ମୁହୂର୍ତ୍ତରେ ମୂର୍ଚ୍ଛିତା ହେଲେ ସେ, କବି ବଳଦେବ ଏଇ ସମୟରେ ତାଙ୍କୁ ଉଠାଇବାକୁ ଉଦ୍ୟତ, ମାତ୍ର ମିଛୁ ମହାନ୍ତି ଭଳି ଜଣେ କୁଚକ୍ରୀର ହୀନ ଚକ୍ରାନ୍ତ ଯୋଗୁଁ, ରାଜାଙ୍କ ନିକଟରେ ଚରିତ୍ରହୀନ ରୂପେ ଦେଖାଦେଲେ ନିର୍ଦ୍ଦୋଷ କବି ବଳଦେବ । ପରିଣତି ସ୍ୱରୂପ ତାଙ୍କୁ ଅଗତ୍ୟା ଜଳନ୍ତର ତ୍ୟାଗ କରିବାକୁ ପଡ଼ିଲା ।

ଗଭୀର ଆତ୍ମଗ୍ଳାନି, ଦୁଃଖ ଓ ଅପମାନରେ ଜର୍ଜରିତ ବଳଦେବ ବ୍ୟଥିତ ହେଲେ, କିୟଦ୍‌କାଳ ଆତ୍ମଗୋପନ କଲେ । କବି ବଳଦେବଙ୍କ ଶିଷ୍ୟା ମଦନମଣି, କବି ବଳଦେବଙ୍କ କୀର୍ତ୍ତି ଗାନ କରୁ କରୁ, ବଳଦେବଙ୍କୁ ଆଠଗଡ଼ ରାଜାଙ୍କର ରାଜକବି ଭାବରେ ସମ୍ମାନର ସହିତ ସ୍ୱୀକୃତି ମିଳିଲା । କବି ବଳଦେବ ଏଥର ଆନନ୍ଦ ଚିତ୍ତରେ ପୁନର୍ବାର ସୃଜନଲୀଳାରେ ନିମଜ୍ଜିତ ହେଲେ । ସମଗ୍ର ଓଡ଼ିଶାରେ ବ୍ୟାପିଗଲା ତାଙ୍କର ସୁଖ୍ୟାତି । ବଳଦେବଙ୍କ ବିରୋଧରେ ଏଠାରେ ଚକ୍ରାନ୍ତ କଲେ ରାଜ୍ୟର ଦେବାନ୍, ଫଳତଃ ପୁନଶ୍ଚ ରାଜରୋଷର ଶିକାର ହୋଇ ବଳଦେବ ଆଠଗଡ଼ରୁ ହେଲେ ନିର୍ବାସିତ ।

ସମୟକ୍ରମେ ସତ୍ୟ ଉଦ୍‌ଘାଟିତ ହେଲା, ଆଠଗଡ଼ ରାଜା ବଳଦେବଙ୍କ ପ୍ରତି କରାଯାଇଥିବା ଅନ୍ୟାୟ ନିମିତ୍ତ, ଅନୁଶୋଚନା କଲେ, ଅନୁରୂପ ଭାବରେ ମଧ୍ୟ ଜଳନ୍ତର ରାଜା ପଶ୍ଚାତ୍ତାପ କଲେ । ଉଭୟ ରାଜା କବିଙ୍କୁ ସନ୍ଧାନ କରିବା ଅବକାଶରେ ଶ୍ରୀକ୍ଷେତ୍ରରେ ଉପସ୍ଥିତ ହେଲେ । ପୁରୀର ଗଜପତି ରାଜା, ଦୁଇ ରାଜାଙ୍କୁ ସାହାଯ୍ୟ କରିବା ନିମିତ୍ତ, ଏକ ସଂଗୀତ ପ୍ରତିଯୋଗିତା କରାଇଲେ । ସଂଗୀତ ପ୍ରତିଯୋଗିତାରେ ଶୀର୍ଷ ସ୍ଥାନରେ ରହିଥିବା ସେଇ ଅଜ୍ଞାତ ସଂଗୀତାକାର ଅନ୍ୟ କେହି ନୁହନ୍ତି, ସେହି ହିଁ ଥିଲେ କବିସୂର୍ଯ୍ୟ ବଳଦେବ । ଆଠଗଡ଼ ଏବଂ ଜଳନ୍ତରର ରାଜା ଦ୍ୱୟ କବିସୂର୍ଯ୍ୟଙ୍କ ନିକଟରେ କ୍ଷମା ପ୍ରାର୍ଥୀ ହେଲେ, ପୁରୀର ରାଜା, କବିଙ୍କ ପ୍ରତିଭାରେ ମୁଗ୍ଧ ହୋଇ ତାଙ୍କୁ କବିସୂର୍ଯ୍ୟ ଉପାଧିରେ କଲେ ବିଭୂଷିତ । ଏଇଠାରେ ଉପସ୍ଥିତ ଥିଲେ କବି ପତ୍ନୀ ରତ୍ନା, ଏବଂ ପ୍ରେରଣାଦାତ୍ରୀ ଲଳିତା ।

କବିସୂର୍ଯ୍ୟ ପ୍ରତିଭାକୁ ବାରମ୍ବାର ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ଘନଘଟା ମଧ୍ୟରେ ପରୀକ୍ଷା କରାଇ, ଉତ୍ତୀର୍ଣ୍ଣ କରିବା ଦିଗରେ ନାଟ୍ୟକାର ରାମଚନ୍ଦ୍ର ଯେଉଁଭଳି ଭାବରେ ଏହାର ନାଟକୀୟ ସଜ୍ଜୀକରଣ କରିଅଛନ୍ତି, ତାହା ଦର୍ଶକଙ୍କ ଦ୍ୱାରା ଆଗ୍ରହ ଓ ଆନନ୍ଦର ସହିତ ହୋଇଛି ଗୃହୀତ । ସତ୍ୟ ନ୍ୟାୟ ସହିତ ପ୍ରତିଭାର ଜୟଘୋଷ କରିବା ସଂପୃକ୍ତ

Digitized by srujanika@gmail.com

ନାଟକର ଉଦ୍ଦେଶ୍ୟ । କବି ବଳଦେବଙ୍କ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରକୁ ନାଟ୍ୟରୂପ ପ୍ରଦାନ କରି, ନାଟ୍ୟକାର ହଜାର ହଜାର ଲୋକଙ୍କ ପାଖରେ କବିସୂର୍ଯ୍ୟଙ୍କୁ ଆଦରଣୀୟ କରି ଗଢ଼ି ତୋଳିଛନ୍ତି ।

୫. ଘରସଂସାର (୧୯୫୦)

ରାମଚନ୍ଦ୍ରଙ୍କ ନାଟ୍ୟକାର ଜୀବନର ଅସାମାନ୍ୟ ସଫଳତା 'ଘରସଂସାର'ରେ ପ୍ରକାଶିତ । 'କବିସୂର୍ଯ୍ୟ' (୧୯୪୬) ଠାରୁ 'ଘରସଂସାର'(୧୯୫୦) ପର୍ଯ୍ୟନ୍ତ ଦୀର୍ଘ ଚାରିବର୍ଷର ବ୍ୟବଧାନ, ପରେ ନାଟକଟିର ସୃଷ୍ଟି ଦର୍ଶକ ମହଲରେ ତାଙ୍କୁ ପୂର୍ବଠାରୁ ଅଧିକତର ଭାବରେ ଆକର୍ଷିତ କରିଥିଲା । ୧୯୫୦ ନଭେମ୍ବର ୫ ତାରିଖ ଠାରୁ ୧୪ ଜାନୁଆରୀ ୧୯୫୧ ପର୍ଯ୍ୟନ୍ତ ସଂପୃକ୍ତ ନାଟକଟି 'ଅନ୍ନପୂର୍ଣ୍ଣା' ବି'ଗ୍ରୁପ ଦ୍ୱାରା ଅଭିନୀତ ହୋଇ ବିଶେଷ ସଫଳତା ଲାଭ କରିଥିଲା । ପରେ ପରେ ଏହା ଚଳଚ୍ଚିତ୍ର ଆକାରରେ ରୂପାନ୍ତରିତ ହୋଇ ଓଡ଼ିଶାର ନାଟ୍ୟ ଓ ଚଳଚ୍ଚିତ୍ରପ୍ରେମୀ ଦର୍ଶକ ସମାଜର ନାଟ୍ୟପିପାସାକୁ ଚରିତାର୍ଥ କରିବାରେ କ୍ଷମ ହୋଇଥିଲା । କାରଣ ସଂପୃକ୍ତ ନାଟକର କଥାଭାଗ ସହିତ ଚରିତ୍ର ଗୁଡ଼ିକର ସାମଞ୍ଜସ୍ୟ ଏପରି ଭାବ ବନ୍ଧନରେ ଗ୍ରଥିତ ଯେ, ଏହା ପ୍ରାୟ ପ୍ରତ୍ୟେକ ଶ୍ରେଣୀର ଦର୍ଶକଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା । ଭାରତୀୟ ସାମାଜିକ ଜୀବନର ପାରମ୍ପରିକ ଧାରା ଭିତରେ ଆଦର୍ଶବାଦୀ ଜୀବନଦୃଷ୍ଟି ତଥା ତ୍ୟାଗପୂତ ପାରିବାରିକ ଜୀବନର ପ୍ରତିଷ୍ଠା ହେଉଛି 'ଘରସଂସାର' ନାଟକର ଆଭିମୁଖ୍ୟ । ନାଟ୍ୟକାର ରାମଚନ୍ଦ୍ର ପ୍ରଥମତଃ ଭାରତୀୟ ସମାଜକୁ ଭଲ ଭାବରେ ବିଶ୍ଳେଷଣ କରିଥିଲେ, ଏବଂ ସାମାଜିକ ଅବକ୍ଷୟକୁ ପ୍ରତ୍ୟକ୍ଷ କରିପାରିଥିଲେ । ପାଶ୍ଚାତ୍ୟ-ଶିକ୍ଷା-ସଭ୍ୟତାର ବିକଳ ଅନୁକରଣ ଦ୍ୱାରା, ଆମର ପାରିପାରିକ ଏବଂ ସାମାଜିକ ଜୀବନରେ ଦୃଷ୍ଟିଗୋଚର ହେଉଥିବା ବିଶୃଙ୍ଖଳାକୁ ସଜାଡ଼ି ଦେବା ନିମିତ୍ତ ନାଟ୍ୟକାର ସୃଷ୍ଟି କଲେ ନାଟକ 'ଘରସଂସାର' । କାରଣ ସମାଜ ବ୍ୟବସ୍ଥାର ରୁଗ୍ଣ ଅଂଶଗୁଡ଼ିକୁ ସୁଧାରି ପାରିଲେ ସବୁକିଛି ସୁଧୁରିଯିବ ବୋଲି ସେ ବିଶ୍ୱାସ କରିଥିଲେ । ସମାଜ ବ୍ୟବସ୍ଥାର ମୂଳ ଅଂଶ ହେଉଛି ପରିବାର, ତେଣୁ ପ୍ରଥମେ ପରିବାରକୁ ସଜାଡ଼ିବା ଏକାନ୍ତ ଭାବରେ ପ୍ରୟୋଜନ ।

'ଘରସଂସାର' ନାଟକର କଥାବସ୍ତୁ ଆରମ୍ଭ ହୋଇଛି ଗୋଟିଏ ସାଧାରଣ ଗ୍ରାମ୍ୟ ବିବାଦରୁ । ରଘୁନାଥପୁର ଏବଂ ଚଣ୍ଡିପୁର ଭଳି ଦୁଇଟି ଗ୍ରାମର ଗ୍ରାମ ମୁଖ୍ୟ ଥିଲେ ଯଥାକ୍ରମେ ଜମିଦାର ହରିଶଙ୍କର ମହାପାତ୍ର ଏବଂ ମଦନ ଚୌଧୁରୀ । ଦୁଇ ଜମିଦାରଙ୍କ ମଧରେ କୌଣସି କାରଣରୁ ସୃଷ୍ଟି ହୋଇଥିବା ମନୋମାଳିନ୍ୟ ତୀବ୍ରତର ହେଲା ଦୋଳମେଳଣରେ, ପରିଣତି ସ୍ୱରୂପ ସତ୍ୟ-ନ୍ୟାୟ ଏବଂ ଧର୍ମର ପ୍ରତୀକ ମଦନ ଚୌଧୁରୀଙ୍କ ଜୀବନର ଅବସାନ ଘଟିଲା । ଅନୁତାପ ଦାବାଗ୍ନିରେ ଜଳୁଥିଲେ ରଘୁନାଥପୁରର ଜମିଦାର ହରିଶଙ୍କର ମହାପାତ୍ର । ରଘୁନାଥଙ୍କର କନ୍ୟାର ବିବାହ ଉତ୍ସବକୁ, ଚଣ୍ଡିପୁର ଜମିଦାରଙ୍କର ସୁଯୋଗ୍ୟ ପୁତ୍ର, ଗୋପ ଚୌଧୁରୀଙ୍କୁ ଆମନ୍ତ୍ରଣ କରିଥିଲେ । ମଦନ ଚୌଧୁରୀଙ୍କ ପୁତ୍ର ଥିଲେ ଗୋପ ଚୌଧୁରୀ, ସେ

Digitized by srujanika@gmail.com

ଶିକ୍ଷିତ, ଉଦାରମନା, ଆଦର୍ଶବାଦୀ ଏବଂ ଦେଶ ସେବକ । ମଦନ ଚୌଧୁରୀଙ୍କ ଠାରୁ ସେ ସତ୍ୟ, ନ୍ୟାୟ, ଦୟା, କ୍ଷମା ଇତ୍ୟାଦି ସୁଗୁଣଗୁଡ଼ିକ ଯେମିତି ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ ହୋଇଥିଲେ ।

ଜମିଦାର ହରିଶଙ୍କର ମହାପାତ୍ରଙ୍କ ମନରେ ଗୋପଙ୍କର ଆଗମନ ନେଇ ଉଙ୍କି ମାରୁଥିବା ଆଶଙ୍କାର ଅବସାନ ଘଟାଇ ଗୋପ ଚୌଧୁରୀ ଯେତେବେଳେ ମହାପାତ୍ରଙ୍କ କନ୍ୟାର ବିବାହ ଉତ୍ସବରେ ଯୋଗଦେଲେ, ସେତେବେଳେ ହରିଶଙ୍କର ଆନନ୍ଦରେ ବିଭୋର ହୋଇ ଉଠିଲେ । ଅନେକ ଦିନ ଧରି, ଦୁଇ ଗ୍ରାମ ମଧ୍ୟରେ ରହିଥିବା ଗ୍ରାମ୍ୟବିବାଦର ସମାଧାନ ଆଶାରେ ଗୋପ, ସେଠାରେ ଉପସ୍ଥିତ ହେଲେ । ହରିଶଙ୍କର ମଧ୍ୟ ଅନୁରୂପ ଭାବରେ ସମାଧାନ ନିମିତ୍ତ ଆଶାୟୀ ହୋଇ ଉଠିଥିଲେ ।

ବିବାହ ଉତ୍ସବର ଘନଘଟା ମୁହୂର୍ତ୍ତକ ମଧ୍ୟରେ ଭଙ୍ଗା ପଡ଼ିଆସିଲା, ଯେତେବେଳେ କନ୍ୟା ନିମିତ୍ତ ପ୍ରସ୍ତାବିତ ବରପାତ୍ର ଆଦୌ ଆସିନଥିଲେ । ଗୋଟାଏ ସୁଖଦ ମୁହୂର୍ତ୍ତ କ୍ଷଣକ ମଧ୍ୟରେ ଅଗତ୍ୟା ଦୁଃଖଦ ଯନ୍ତ୍ରଣା ପ୍ରଦାନ କଲା । ହରିଶଙ୍କର ମୁଣ୍ଡରେ ଅକାଳ ବଜ୍ରପାତ ଘଟିଲା, ମଙ୍ଗୁଳା କନ୍ୟା କ'ଣ ସବୁଦିନ ପାଇଁ ଅଭିଆଡ଼ୀ ରହିଯିବ ? ଅକସ୍ମାତ୍ ଦାରୁଣ ଦୁଃଖରେ ମହାପାତ୍ରେ ଅଚେତ ହୋଇପଡ଼ିଥିଲେ । ଚିକିତ୍ସା ଆରମ୍ଭ ହେଲା, ଅଥଚ ତାଙ୍କର ମାନସିକ ଚିକିତ୍ସା ଆବଶ୍ୟକ ପଡ଼ିଲା । ଏକମାତ୍ର କନ୍ୟାଟିର ବିବାହ ନିମିତ୍ତ ଏଥର ଗୋପ ଚୌଧୁରୀଙ୍କୁ ବାଧ୍ୟବାଧକତାରେ ପଡ଼ି, ବର ସାଜିବାକୁ ପଡ଼ିଲା । କେବଳ ଜମିଦାର ମହାପାତ୍ରଙ୍କ ଜୀବନ ରକ୍ଷା, ଏବଂ ମଙ୍ଗୁଳା କନ୍ୟାର ଭବିଷ୍ୟତ ପ୍ରତି ଦୃଷ୍ଟି ଦେଇ ଗୋପ ଚୌଧୁରୀ କନ୍ୟାକୁ ବିବାହ କଲେ ।

ଜମିଦାର କନ୍ୟା ସାରଦାକୁ ବିବାହ କରି ଗୋପ ଚୌଧୁରୀ ନିରାଡ଼ମ୍ବର ଭାବରେ ଗୃହାଭିମୁଖୀ ହେଲେ । ଚଣ୍ଡିପୁର ଗ୍ରାମରେ ଏ ସଂବାଦ ପ୍ରଚାରିତ ହେବାମାତ୍ରେ, ଗ୍ରାମବାସୀ ହେଲେ ଉତ୍ତେଜିତ । ସ୍ୱାର୍ଥପର ଅନାଦି ଦାସ, ଅଧିକାଂଶ ଲୋକଙ୍କୁ ଗୋପ ଚୌଧୁରୀଙ୍କ ବିରୋଧରେ ଉତ୍ତେଜିତ କରାଇଛି । ଏଣେ ଗୋପଙ୍କର ମାଆ ତାରାମଣି ରାଗ, କ୍ରୋଧ, ଘୃଣା, ଅଭିମାନ, ସ୍ନେହ ଭିତରେ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ କ'ଣ ବୁଝି ପାରିନାହାନ୍ତି । ମାତ୍ର ଏଥିରେ ଅତିମାତ୍ରାରେ ଖୁସି ହୋଇଛି ଗୋପଙ୍କ ଭଉଣୀ ଆରତୀ । ନବବଧୂ ସାରଦା ଗୃହପ୍ରବେଶ କରିଛି । ଆଦର୍ଶବାଦୀ ଓ ନୀତିନିଷ୍ଠ ସ୍ୱାମୀ ଗୋପଙ୍କ ଆଦର୍ଶକୁ ସମ୍ମାନ ଦେଇଛନ୍ତି ଜମିଦାର କନ୍ୟା ସାରଦା, ସେଇ ପଥରେ ଯାତ୍ରା କରି ସେ ଆପଣାର ସ୍ନେହ, ସୋହାଗ, ମମତା ଏବଂ ଆନ୍ତରିକତାରେ ସମସ୍ତଙ୍କୁ ଆପଣାର କରିନେଇଛି । ଗୋପ ଚୌଧୁରୀଙ୍କ ପରିବାରରେ ପୂର୍ବପରି ବିରାଜମାନ କରିଛି ଶାନ୍ତି ଓ ସନ୍ତୋଷ ।

ନାଟକର ଅପର ଅଂଶଟି ଗୋପବାବୁଙ୍କ ସାନଭାଇ ବିନୋଦ, ଏବଂ ତା'ର ଆଧୁନିକା ପତ୍ନୀ ଅନିମା, ତଥା ଅନିମାର ବିଫଳ ପ୍ରେମିକ ବର୍ମାଙ୍କୁ କେନ୍ଦ୍ର କରି ହୋଇଛି ଗତିଶୀଳ । ପ୍ରଫେସର କନ୍ୟା ଅନିମା, ବର୍ମାଙ୍କୁ ଆଗରୁ ପ୍ରେମ କରିଥିଲା । ମାତ୍ର ବିନୋଦ ସହିତ ତା'ର

Digitized by srujanika@gmail.com

ବିବାହପରେ ସେ ସେଇ ଚଣ୍ଡିପୁର ଭଳି ପଲ୍ଲୀମାଟିକୁ ବଧୂଭାବରେ ଆସିଥିଲା । ସହରୀ ଜୀବନଧାରାରେ ଆଧୁନିକ ଚଳଣି ଚଳିଥିବା ଅନିମା, ଶାଶୁ, ଯା, ଦେଢ଼ଶୁର, ନଣନ୍ଦଙ୍କୁ ଆପଣାର ମଣିବା ପରିବର୍ତ୍ତେ, କ୍ରମେ ଘୃଣା କରିବାକୁ ଆରମ୍ଭ କରିଛି । ବିଶେଷ କରି ଠାକୁର ଘରକୁ ସେ ଆଧୁନିକ ବୈଠକ ଖାନାରେ ପରିଣତ କରିଛି, ସ୍ନେହମୟୀ ଯା, ସାରଦାକୁ ସେ ଚାକରାଣୀ ଭଳି ଦୁର୍ବ୍ୟବହାର କରିଛି । ଜଣେ ସ୍ୱେଚ୍ଛାଚାରିଣୀ ନାରୀ ଭାବରେ ଅନିମା, ସମଗ୍ର ପରିବାର ଉପରେ ଅଳ୍ପ କେତେଟା ଦିନରେ ଆପଣାର ଆଧିପତ୍ୟ ଜାହିର କରିଛି ।

ଅନିମାର ପୂର୍ବତନ ପ୍ରେମିକ ବର୍ମା, ଏଥର ଗାଁରେ କୁଖ୍ୟାତ ଟାଉଟର ଅନାଦି ଦାସ ଏବଂ ମଙ୍ଗୁ ମହାନ୍ତିଙ୍କୁ ଆପଣାର କରି ଏଇ ଦୁହିଁଙ୍କ ମାଧ୍ୟମରେ, ଗୋପ ଚୌଧୁରୀ ପରିବାରର ଯାବତୀୟ ମାନମର୍ଯ୍ୟାଦାକୁ ଧୂଳିସାତ୍ କରିବାକୁ ଚକ୍ରାନ୍ତ ଆରମ୍ଭ କରିଛି । ଫଳତଃ ପଞ୍ଚାୟତ ପ୍ରତିଷ୍ଠା ଉତ୍ସବରେ ତ୍ୟାଗ ଓ ଆଦର୍ଶର ପ୍ରତୀକ ଗୋପ ଚୌଧୁରୀଙ୍କ ଭଳି ଜଣେ ସମାଜସେବୀଙ୍କୁ ତୀବ୍ର ଅପମାନ ସହ୍ୟ କରିବାକୁ ପଡ଼ିଛି । କୁଚକ୍ରୀ ବର୍ମା, ଅନିମାର ଜଣେ ବନ୍ଧୁ ଭାବରେ, ନିଜକୁ ଅନିମାର ସ୍ୱାମୀ ବିନୋଦଙ୍କ ସହିତ ପରିଚୟ କରାଇଛି । ବିନୋଦ ମାଧ୍ୟମରେ ସେ ଅନିମାକୁ ସାକ୍ଷାତ କରିବାକୁ ଆସି ତାଙ୍କ ଘରେ ଉପସ୍ଥିତ ହୋଇଛି । ଅନିମା ଏଥର ନିଜର ପୂର୍ବତନ ପ୍ରେମିକ ବର୍ମା ସହିତ ଅବାଧ ମିଳାମିଶା କରିଛି, ଯାହା ପାରିବାରିକ ଚଳଣି ପ୍ରତି ଘୋର ଆଘାତ ସୃଷ୍ଟି କରିଛି । ଏପରିକି ପୂର୍ବତନ ପ୍ରେମିକ ବିନୋଦ ଆଗରେ ନୃତ୍ୟ ପରିବେଷଣ କରିବାକୁ, ନିଜ ନଣନ୍ଦ ରତିକୁ ବାଧ୍ୟ କରିଛି । ଅନିମାର ଔଦ୍ଧତ୍ୟ ସୀମାଲଂଘନ କରିବା ହେତୁ, ଏଥିରେ ହସ୍ତକ୍ଷେପ କରିଛନ୍ତି ସାରଦା, ଫଳତଃ ବର୍ମାଙ୍କୁ ଅପମାନିତ ହୋଇ ଫେରିବାକୁ ପଡ଼ିଛି । ଏଇ ଘଟଣାରେ ଆହତ ସର୍ପିଣୀ ତୁଲ୍ୟା, କ୍ରୋଧରେ ଫାଟି ପଡ଼ିଛି ଅନିମା । ବିନୋଦ ସାଜିଛି ଅନିମା ହାତରେ ସାଧାରଣ କ୍ରୀଡ଼ା ପୁତ୍ତଳିକା, ସହରକୁ ଦୁହେଁ ଯାଉଛନ୍ତି କର୍ମ ସଂସ୍ଥାନ ଉଦ୍ଦେଶ୍ୟରେ । ଅତିଶୟ ଶାରୀରିକ ଅସୁସ୍ଥତା ହେତୁ ଦୁହେଁ ଫେରି ଆସିଛନ୍ତି ଚଣ୍ଡିପୁରକୁ । ରୁଗ୍ଣ ସ୍ୱାମୀ ବିନୋଦର ସେବା ସୁଶ୍ରୁଷା ପରିବର୍ତ୍ତେ ବରଂ ସେ ବର୍ମା ସହିତ ପାର୍ଟି ଉପଭୋଗ କରିବାକୁ ଗୋଡ଼ କାଢ଼ିଛି । ମାତ୍ର ଖଳନାୟକ ବର୍ମାଙ୍କ ଦ୍ୱାରା ଅପମାନିତା ହୋଇ, ଅନିମା ଆପଣାର ସଂବିତ ଫେରିପାଇଛି । ଘରେ ଆସି ଅନିମା ଦେଖିଛି ରୁଗ୍ଣ ସ୍ୱାମୀ ବିନୋଦର ସେବା କରୁଥିବା ଅବସ୍ଥାରେ ସାରଦା ସେଇଠି ଢୁଳେଇ ପଡ଼ିଛି । ବିନୋଦ ଓ ସାରଦାଙ୍କ ମଧ୍ୟରେ କୌଣସି ଅନୈତିକ ସଂପର୍କ ରହିଛି ବୋଲି ସନ୍ଦେହ କରିଛି ଅନିମା । ଅନନ୍ୟୋପାୟା ଅନିମା ଶେଷରେ ଆତ୍ମହତ୍ୟା କରିବାକୁ ବିଷପାନ କରିଛି । ମାତ୍ର ତତ୍‌କ୍ଷଣାତ୍ ଡାକ୍ତରଙ୍କ ଚିକିତ୍ସା ଏବଂ ସାରଦାଙ୍କ ଆନ୍ତରିକ ସୁଶ୍ରୁଷାରେ ଅନିମା ଫେରିପାଇଛି ନିଜର ଜୀବନ । ପୂର୍ବର କ୍ରୋଧ, ବର୍ତ୍ତମାନ ଅନୁତାପରେ ପରିଣତ ହୋଇଛି । ଆତ୍ମଦହନରେ ସେ ମୁହ୍ୟମାନା ବିକଳ ନାରୀଟିଏ ମାତ୍ର । ପାଶ୍ଚାତ୍ୟାନୁରାଗିଣୀ ଅନିମାର ଯାବତୀୟ ଅହଂକାର ଓ ଔଦ୍ଧତ୍ୟ, ସାରଦା ଭଳି ମମତାମୟୀ ମାତୃମୂର୍ତ୍ତି ନିକଟରେ ସଂପୂର୍ଣ୍ଣ ନିସ୍ତବ୍ଧ ଓ ନିସ୍ତେଜ ହୋଇପଡ଼ିଛି । ଅତି ଦୟନୀୟ ଭାବରେ ସେ ସାରଦା ପାଦତଳେ ଲୋଟିପଡ଼ି କ୍ଷମା ମାଗିଛି ।

Digitized by srujanika@gmail.com

ନାଟକର ଖଳ ଚରିତ୍ର ଭାବରେ ଗ୍ରାମୀଣ ଜୀବନରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ମଙ୍ଗୁ ମହାନ୍ତି, ପଞ୍ଚାୟତ ଅର୍ଥ ଆତ୍ମସାତ୍ ଅଭିଯୋଗରେ ଗିରଫ ହୋଇ କାରାଦଣ୍ଡ ଭୋଗ କରିଛି । ଟାଉଟର ଅନାଦି ଦାସ, ଶେଷରେ ଗୋପବାବୁଙ୍କ ପରାମର୍ଶରେ ଗ୍ରାମବାସୀଙ୍କ ନିକଟରେ କ୍ଷମାପ୍ରାର୍ଥୀ ହୋଇଛି । ଆପଣାର ପଥଭ୍ରଷ୍ଟ ସାନ ଭାଇ, ବିନୋଦଙ୍କୁ ସୁପଥକୁ ଆଣିଛନ୍ତି ଗୋପବାବୁ ।

'ଘର ସଂସାର' ନାଟକର ମୁଖ୍ୟ ଚରିତ୍ର ଗୋପବାବୁ ଏବଂ ସାରଦା । ଗୋପ- ଦୟା, କ୍ଷମା, ତ୍ୟାଗ-ଆଦର୍ଶ, ନୈତିକତା ଓ ସେବାର ବିମୂର୍ତ୍ତ ବିଗ୍ରହ, ସାରଦା- ସେ ତ ସର୍ବଂସହା ଧରିତ୍ରୀ, ତ୍ୟାଗ-ଆଦର୍ଶର ପ୍ରତୀକ ସେ, ସେ ମମତାମୟୀ ମାତୃମୂର୍ତ୍ତି । ଉଭୟଙ୍କର ତ୍ୟାଗ, ଆଦର୍ଶ, ସହନଶୀଳତା ଓ ଧୈର୍ଯ୍ୟ ବଳରେ ଉଜୁଡ଼ା ସଂସାର ସଜାଡ଼ି ହୋଇଯାଇଛି ।

'ଘର ସଂସାର' ନାଟକରେ, ରାମଚନ୍ଦ୍ର ମିଶ୍ରଙ୍କ ନାଟ୍ୟ ସୃଜନର ଅସାମାନ୍ୟ ସିଦ୍ଧି । ଆଲୋଚକ ଡଃ ସଚ୍ଚିଦାନନ୍ଦ ମିଶ୍ରଙ୍କ ଭାଷାରେ - ସମକାଳୀନ ପରିବେଶରେ 'ଘରସଂସାର' ସମସ୍ୟାର ସମାଧାନ, ନାଟ୍ୟକାର ପ୍ରାଚ୍ୟ ପରମ୍ପରା ଓ ଗାନ୍ଧୀ ଆଦର୍ଶ ଭିତ୍ତିରେ କରାଇ, ଦର୍ଶକ ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କରିପାରିଛନ୍ତି । ବିଶୃଙ୍ଖଳିତ ପରିସ୍ଥିତିର ସଂଭାବ୍ୟ ପରିବର୍ତ୍ତନର ସ୍ୱର ଓ ଆଶ୍ୱାସନାର ବାଣୀ, ନାଟ୍ୟକାରଙ୍କ ଆନ୍ତରିକତାରେ ପୁଷ୍ଟ ହୋଇ, ଦର୍ଶକର ବିଶ୍ୱାସଯୋଗ୍ୟ ହୋଇପାରିଛି । ମନକୁ ଛୁଇଁଲା ଭଳି ବୃତ୍ତ ପରିକଳ୍ପନା, ଆଦର୍ଶ ଚରିତ୍ରର ରୂପାୟନ, ପଲ୍ଲୀଜୀବନର ବାସ୍ତବ ଚିତ୍ର, ଆନୁପାତିକ କ୍ଷୁଦ୍ର ସଂଳାପ, ସ୍ୱାଭାବିକ ଦ୍ୱନ୍ଦ୍ୱ, ସଂଘର୍ଷ, ସହଜ ସରଳ ମଞ୍ଚ ଉପସ୍ଥାପନା ଯୋଗୁଁ 'ଘର ସଂସାର' ନାଟକ ବ୍ୟବସାୟିକ ମଞ୍ଚ ସଫଳତା ହାସଲ କରିଛି ।''

('ଘରସଂସାର - ଏକ ବିଶ୍ଳେଷଣ' - ନାଟ୍ୟକାର ରାମଚନ୍ଦ୍ର ସୃଷ୍ଟିବଳୟ - ଡଃ ନାରାୟଣ ସାହୁ - ୧୯୯୩-ପୃ-୧୫୮)

୬. ମଉଡ଼ମଣି (୧୯୫୨)

ଐତିହାସିକ ଭାବବଳୟ ଉପରେ ଆଧାରିତ, 'ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍' ଦ୍ୱାରା ୧୨ ସେପ୍ଟେମ୍ବର ୧୯୫୨ରୁ ଆରମ୍ଭ ହୋଇ ୧୭ ନଭେମ୍ବର ୧୯୫୨ ପର୍ଯ୍ୟନ୍ତ କ୍ରମାଗତ ଭାବେ ଅଭିନୀତ ହୋଇ ଦର୍ଶକଙ୍କୁ ଭିନ୍ନ ସ୍ୱାଦ ପରିବେଷଣ କରିଥିବା ନାଟକ 'ମଉଡ଼ମଣି' ନାଟ୍ୟକାର ରାମଚନ୍ଦ୍ରଙ୍କ ସୃଜନ ପୃଷ୍ଠାର ଭିନ୍ନ ଆଲେଖ୍ୟ । ସଂପୃକ୍ତ ନାଟକରେ ଅହଂକାରୀ ରାଜଶକ୍ତିର ଭ୍ରାନ୍ତ ବଡ଼ିମାକୁ ଆଡ଼େଇ ଦେଇ, ସର୍ବସାଧାରଣଙ୍କ ନିକଟକୁ ଓହ୍ଲାଇ ଆଣି, ଗୋଟାଏ ନବଜାଗରଣର ମନ୍ତ୍ର ଉଚ୍ଚାରଣ କରାଯାଇଛି । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଶାସିତ-ଶାସକର ସୀମାରେଖା, କିପରି ଭୟଙ୍କର, ତା'ର ନାଟ୍ୟାୟନ ହିଁ 'ମଉଡ଼ମଣି' ।

ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ଶୋଷଣ, ପୀଡ଼ନ ଓ ଅତ୍ୟାଚାରୀ ଶାସନର ଅନ୍ଧକାରମୟ ଅବସ୍ଥା ଭିତରୁ ସ୍ୱାଧୀନତାର ନବୀନ ସୂର୍ଯ୍ୟର ଆତ୍ମପ୍ରକାଶ ଭାରତର ଭାଗ୍ୟାକାଶରେ ସୃଷ୍ଟିକଲା

Digitized by srujanika@gmail.com

ଏକ ଭିନ୍ନ ଚେତନା । ଓଡ଼ିଶାରେ ଗଡ଼ଜାତ ମିଶ୍ରଣ ଘଟିବାପରେ ମଧ୍ୟ, ନିର୍ଯ୍ୟାତିତ ଗଡ଼ଜାତବାସୀ, ସ୍ୱାଧୀନତାର ପ୍ରକୃତ ସ୍ୱାଦ ଆସ୍ୱାଦନ କରି ନ ପାରିବା, ଗଭୀର କ୍ଷୋଭ ଏବଂ ପରିତାପର ବିଷୟ । ରାଜାମାନଙ୍କର ଅଧିକାର ପ୍ରାପ୍ତି ନିମିତ୍ତ ସଂଗ୍ରାମ, ପ୍ରଜାମାନଙ୍କର ସ୍ୱାଧୀନତା ପ୍ରତି ଆନ୍ତରିକତା ଭିତରେ, ଗଡ଼ଜାତି ଅର୍ଥନୀତି ହୋଇଛି ବିପନ୍ନ । ରାଜା-ପ୍ରଜାର ସୁସଂପର୍କ କ୍ରମଶଃ ତିକ୍ତ ହୋଇ ଉଠିଛି । ରାଜଶକ୍ତିର ବିଲୟ ଏବଂ ନ୍ୟସ୍ତସ୍ୱାର୍ଥଗୋଷ୍ଠୀର କ୍ଷମତା ଲାଳସାର ପଶାପାଲିରେ କେବଳ ସନ୍ତୁଳିତ ହୋଇଛନ୍ତି ବିପନ୍ନ ପ୍ରଜାବର୍ଗ । ଏହାହିଁ 'ମଉଡ଼ମଣି' ନାଟକ ସୃଷ୍ଟିର ଉପଯୁକ୍ତ ପଟ୍ଟଭୂମି ।

ଗୋଟାଏ ସଂଘର୍ଷ ଭିତରୁ ଆରମ୍ଭ କରାଯାଇଛି ନାଟକ । ରାଜ୍ୟହରା ରାଜାଙ୍କର ବିଧବା ରାଣୀ, କ୍ଷମତାନ୍ଧ ରାଜପୁତ୍ର କୁମାର ଏବଂ କନ୍ୟା ଲିଲିଙ୍କ ସହିତ ସଂଘର୍ଷ ଘଟିଛି, ସାଧାରଣ ଜୀବନଯାତ୍ରା ନିର୍ବାହ କରୁଥିବା ଗ୍ରାମବାସୀଙ୍କ ସହିତ । ଅଗତ୍ୟା ମରୁଡ଼ିରୁ ଫସଲ ବଞ୍ଚାଇବା ଉଦ୍ଦେଶ୍ୟ ନେଇ, ସାଧୁ ସାଆଁତରାଙ୍କ ନେତୃତ୍ୱରେ ଗ୍ରାମବାସୀ ପୋଖରୀ ହୁଡ଼ାରେ ହୋଇଛନ୍ତି ଏକତ୍ର । ପୋଖରୀରେ ଖେଳୁଥିବା ହଂସମାନଙ୍କ ଅସୁବିଧା ହେବା ଆଳ ଦେଖାଇ, ସମବେତ ଜନତାଙ୍କ ଉପରେ ଗୁଳି ଚଳାଇବାକୁ ଉଦ୍ଦେଶ୍ୟ ରଖିଛନ୍ତି ଲିଲି ଏବଂ କୁମାର । ମାତ୍ର ସାଧୁ ସାମନ୍ତରା, ସମବେତ ଜନତାଙ୍କୁ ବୁଝାଇ ସେଠାରୁ ପ୍ରତ୍ୟାହାର କରିନେଇଛି । ସାଧୁ ସାମନ୍ତରାୟଙ୍କ କନ୍ୟାକୁ ପ୍ରେମ କରୁଥିବା ଉଦୀୟମାନ ଯୁବକ ଚନ୍ଦ୍ର କିନ୍ତୁ ପୋଖରୀ ହୁଡ଼ା ହାଣିବାକୁ ଉଦ୍ୟତ ହେଲା ବେଳେ, ସାଧୁ ଏଥିରୁ ତାକୁ ନିବୃତ୍ତ କରାଇଛି । ଚନ୍ଦ୍ରକୁ କୌଶଳରେ କରାୟତ୍ତ କରିବାକୁ ଆଗେଇ ଆସିଛନ୍ତି ରାଜମାତା । ଲୋକଙ୍କୁ ଆଧୁନିକ ପ୍ରଣାଳୀରେ କୃଷି କରାଇଦେବା ନିମିତ୍ତ ସେ ସହାୟତା କରିବେ, ମାତ୍ର ଲୋକେ ଏଥିପାଇଁ ରାଣୀଙ୍କ ନିକଟରେ ସେମାନଙ୍କ ସଂପତ୍ତିକୁ ବନ୍ଧା ପକାଇବାକୁ, ଚନ୍ଦ୍ରକୁ ପ୍ରରୋଚିତ କରିଥିଲେ ରାଜମାତା । ଚନ୍ଦ୍ର ଏ ସଂପର୍କରେ ଗ୍ରାମବାସୀଙ୍କୁ କୌଣସି ପରାମର୍ଶ ଦେବାକୁ ଉଚିତ ମଣିନାହିଁ । ପୁଣି ଚନ୍ଦ୍ର, ରାଜମାତାଠାରୁ ପାଞ୍ଚଶହ ଟଙ୍କା ଲାଞ୍ଚ ନେଇ ମୁହଁ ବନ୍ଦ କରିଛି ବୋଲି ମିଥ୍ୟାରେ ଅପପ୍ରଚାର କରାଯାଇଛି । ଚନ୍ଦ୍ରର ଏତାଦୃଶ ସ୍ଖଳନକୁ ଦେଖି । ସାଧୁଙ୍କ କନ୍ୟା ରତ୍ନା, ଚନ୍ଦ୍ରର ପୌରୁଷକୁ ତୀବ୍ର ଭାବରେ ଆକ୍ଷେପ କରି କହିଛି - "ମତେ ବି ଜଣା ନ ଥିଲା ଯେ, ଜବାନ୍ ଖଣ୍ଡେଇତ ପୁଅ, ଟଙ୍କା ଲୋଭରେ ଏମିତି କୁକୁର ପାଲଟି ଯାଏ ।" ପ୍ରେୟସୀ ଦ୍ୱାରା ଅପମାନିତ ଚନ୍ଦ୍ର, ଗ୍ରାମର ଟାଉଟର କବିରାଜଙ୍କ ନିକରେ ପୈତୃକ ସଂପତ୍ତିକୁ ମାତ୍ର ପାଞ୍ଚଶହ ଟଙ୍କାରେ ବନ୍ଧା ପକାଇ କଲିକତା ପଳାଇଯାଇଛି ।

ସାଧୁ ସାଆଁତରାର ଉପଯୁକ୍ତ ଉତ୍ତରଦାୟାଦ ମନୁ । ଚାଷୀ ମୂଲିଆଙ୍କ କ୍ରୁର ଚକ୍ରାନ୍ତ, ମନୁର ଦୃଢ଼ ମନୋବଳ ଓ ନେତୃତ୍ୱକୁ କଦାପି ଆକ୍ରାନ୍ତ କରିପାରିନାହିଁ । ରାଜବଂଶର ନିଷ୍ଠୁର ଆଚରଣ ଏବଂ ଅସାମାନ୍ୟ ଜିଦିଖୋର ମନୋଭାବ, ତଥା ଗ୍ରାମବାସୀମାନଙ୍କର କୃଷିନିମିତ୍ତ ଜଳର ଜରୁରୀ ଆବଶ୍ୟକତା ପ୍ରଭୃତିର ସ୍ଥାୟୀ ସମାଧାନ କରିବା ନିମିତ୍ତ ସାଧୁ ସାଆଁନ୍ତରା ଝରଣାର ପ୍ରବାହକୁ ବନ୍ଧ ପକାଇ ଅବରୋଧ କରି, ଜଳସେଚନ କରିବାକୁ ଆଗେଇ ଆସିଛନ୍ତି । କନ୍ୟା ରତ୍ନା ମଧ୍ୟ ଏଥିରେ ତାକୁ କରିଛି ସହାୟତା ।

Digitized by srujanika@gmail.com

ଗ୍ରାମ୍ୟ ଜନତାର ଅଶିକ୍ଷା, ସରଳତା ଏବଂ ଦାରିଦ୍ର୍ୟର ସୁଯୋଗ ନେଇ ଏଥର ରାଜମାତା, ସେମାନଙ୍କ କୃଷିଭୂମିକୁ କଣ୍ଟକବଲା କରି ଅନୈତିକ ଭାବରେ ଆତ୍ମସାତ୍ କରିବାକୁ ସେକ୍ରେଟେରୀ, ପୁତ୍ର କୁମାର, କନ୍ୟା ଲିଲି ଏବଂ ଟାଉଟର କବିରାଜରଙ୍କୁ ନିୟୋଜିତ କରିଛନ୍ତି । ମାତ୍ର ଏଇ ଅର୍ଥକୁ ଆତ୍ମସାତ୍ କରିଛନ୍ତି ସେକ୍ରେଟାରୀ ଓ କବିରାଜ । କୁମାରଙ୍କ ପତ୍ନୀ ଜୟଶ୍ରୀ, ସ୍ୱାମୀ କୁମାର, ଶାଶୁ ରାଜମାତା ଏବଂ ଦୁର୍ନୀତିଖୋର ସେକ୍ରେଟାରୀ ପ୍ରଭୃତିଙ୍କ ମନ୍ଦ ଉଦ୍ଦେଶ୍ୟ ସଂପର୍କରେ ଅବଗତ ଅଛନ୍ତି । ତେଣୁ ସେ କୁମାରଙ୍କୁ ଅର୍ଥର ହିସାବ ମାଗିଛନ୍ତି । ଜୟଶ୍ରୀଙ୍କ କୈଫିୟତ୍‌ରେ ନୀରବ ରହିଛନ୍ତି କୁମାର । ଜନତାର ସେବା ନିମିତ୍ତ, ହୁକୁମର ଆବଶ୍ୟକତା ନ ଥାଏ, ବରଂ ଜନହିତକର କାର୍ଯ୍ୟ କରି ନିଜକୁ ଜନତାର ବିଶ୍ୱାସ ଓ ସମ୍ମାନର ପାତ୍ର କରାଯାଇପାରେ ।

ଜୟଶ୍ରୀ ଥିଲେ ଜଣେ ସଚ୍ଚା ବ୍ୟବସାୟୀଙ୍କ କନ୍ୟା, ସଚ୍ଚୋଟତା ତାଙ୍କ ପିତୃ ଗୁଣ, ଯାହାକୁ ସେ ଉତ୍ତରାଧିକାର ସୂତ୍ରରେ ପାଇଥିଲେ । ତାଙ୍କ ପିତା ଥିଲେ କଲିକତାର ଜଣେ କାରଖାନା ମାଲିକ, ତାଙ୍କ ମୃତ୍ୟୁ ପରେ ସମସ୍ତ ସଂପତ୍ତିର ଉତ୍ତରାଧିକାରିଣୀ ଥିଲେ ଜୟଶ୍ରୀ । ପିତାଙ୍କର ଶେଷ ବକ୍ତବ୍ୟ ଥିଲା - ''ସଂପତ୍ତିର କାଣି କଉଡ଼ିଟିଏ ସୁଦ୍ଧା ଯେପରି ମଣିଷର ଅନିଷ୍ଟକର କାର୍ଯ୍ୟରେ ନିୟୋଜିତ ନ ହୁଏ ।'' ଜୟଶ୍ରୀଙ୍କ କାରଖାନା ପରିଚାଳନାରେ ସହାୟକ ଥିଲେ, ବାପାଙ୍କ ଭଣଜା ମାନସରଂଜନ । ଜୟଶ୍ରୀଙ୍କର ସମସ୍ତ ସଂପତ୍ତି ଉପରେ ରାଜମାତା ଓ କନ୍ୟାଙ୍କ ଲିଲିଙ୍କର ଦୃଷ୍ଟି ନିବଦ୍ଧ ଥିଲା । ରାଜମାତା, ମାନସରଂଜନ ସହିତ ଲିଲିର ବିବାହ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଥିଲେ । ମାନସରଂଜନଙ୍କ ସହିତ ଲିଲିର ଅବାଧ ମିଳାମିଶା ପାଇଁ ସେ ସୁଯୋଗ ସୃଷ୍ଟି କରୁଥିଲେ ।

ମାନସ ସହିତ ଲିଲି ପିକ୍‌ନିକ୍‌ରେ ଯାଇ, ସାଧୁ ସାଆଁନ୍ତରାର ବନ୍ଧ ନିର୍ମାଣ କାର୍ଯ୍ୟ ଦେଖିଛନ୍ତି । ସାଧୁ ସାଆଁତରାର ଏପରି ନିଷ୍ଠାପର ଉଦ୍ୟମ ଓ ନିଜ କନ୍ୟା ରତ୍ନାର ତାଙ୍କୁ ସହାୟତା କରିବାର ଦୃଶ୍ୟ, ମାନସରଂଜନଙ୍କୁ ପ୍ରଭାବିତ କରିଛି । ଏଇ ବନ୍ଧନିର୍ମାଣ କାର୍ଯ୍ୟରେ ସ୍ୱେଚ୍ଛାକୃତ ଭାବରେ ସହଯୋଗ କରିଛନ୍ତି ମାନସ । ଉଆସକୁ ଫେରିଆସିବା ପରେ ମାନସ ମନରେ ଦେଖା ଦେଇଛି ଅଦ୍ଭୁତ ପ୍ରତିକ୍ରିୟା, ରତ୍ନାର ଆନ୍ତରିକତାରେ ସେ ହୋଇଛନ୍ତି ବିମୁଗ୍ଧ । ଭଉଣୀ ଜୟଶ୍ରୀ ନିକଟରୁ କିଛି ଟଙ୍କା ନେଇ, ମାନସରଂଜନ, ଜନହିତକର କାର୍ଯ୍ୟରେ ବିନିଯୋଗ କରିଛନ୍ତି । ବନ୍ଧ ନିର୍ମାଣ ଶେଷ ହୋଇଛି, ମାନସ ରଂଜନଙ୍କ ସହିତ ସାଧୁ ସାଆଁତରାଙ୍କ ସଂପର୍କ ଦୃଢ଼ ହୋଇଛି ।

ବନ୍ଧ ନିର୍ମାଣ ଫଳରେ ଜଳସେଚନର ସୁବିଧା ପାଇଲେ ଗାଆଁର କୃଷକଙ୍କ ଉନ୍ନତି ଘଟିବା ସହିତ, ଆପଣାର କ୍ଷମତା ହ୍ରାସ ପାଇବାର ଆଶଙ୍କା ନେଇ, ରାଜମାତା ପୁନର୍ବାର ଏକ ଚକ୍ରାନ୍ତ କରିଛନ୍ତି । କବିରାଜ ମାଧ୍ୟମରେ କିଛି ଲୋକଙ୍କୁ ଏକଜୁଟ କରାଇ, ବନ୍ଧ ଭାଙ୍ଗିବାର ଉଦ୍ୟମ ଚାଲିଥିବାବେଳେ, ସାଧୁ ସାଆଁତରା ଦୃଢ଼ ଭାବରେ ଏହାର ପ୍ରତିବାଦ କରିଛି । ମାନସରଂଜନ ସାଧୁଙ୍କୁ ସମର୍ଥନ କରି, ତାଙ୍କ ସ୍ୱରକୁ ଅଧିକ ଦୃଢ଼ କରିଛନ୍ତି । ଜୟଶ୍ରୀ ସେଠାରେ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଛନ୍ତି । ଜୟଶ୍ରୀଙ୍କ ସମର୍ଥନରେ ସାଧୁ

Digitized by srujanika@gmail.com

ସାଆଁତରାଙ୍କ କନ୍ୟା ରତ୍ନା ସହିତ ମାନସରଂଜନଙ୍କ ବିବାହ ସଂପନ୍ନ ହୋଇଛି । ମାନସ ଏବଂ ରତ୍ନା କଲିକତା ଯାଇ, କାରଖାନା ପରିଚାଳନା କରିଛନ୍ତି । ସେଠାରେ ଚୋରି କରିବାକୁ ପହଞ୍ଚିଥିବା ଚନ୍ଦ୍ର, ରତ୍ନାକୁ ଦେଖିଛି, ଏବଂ ଆପଣା କୃତକର୍ମ ନିମିତ୍ତ ମାନସ ନିକଟରେ କ୍ଷମା ପ୍ରାର୍ଥନା କରିଛି । ଚନ୍ଦ୍ରର କାର୍ଯ୍ୟଦକ୍ଷତାରେ ମୁଗ୍ଧ ହୋଇ ମାନସ ତାକୁ କାରଖାନାରେ ଏକ ପ୍ରମୁଖ ଦାୟିତ୍ୱ ଦେଇଛନ୍ତି ।

ଅସୁସ୍ଥ ସାଧୁ ସାଆଁତରାଙ୍କୁ ବିଷପ୍ରୟୋଗ କରି ହତ୍ୟା କରିବାକୁ ରାଜମାତାଙ୍କ ପରାମର୍ଶରେ ଉଦ୍ୟତ କବିରାଜ, ଆପଣାର ଭାବୀ ଜାମାତା ଭୀମ ଦ୍ୱାରା ଧରାପଡ଼ିଛନ୍ତି । କବିରାଜ ମଧ୍ୟ ଶେଷରେ ସତକଥା ସ୍ୱୀକାର କରିଛନ୍ତି । ସମୂହ ପ୍ରଜାବର୍ଗଙ୍କ ନିକଟରେ ରାଜମାତା ଓ କୁମାରଙ୍କର ପ୍ରକୃତ ସ୍ୱରୂପ ଉଦ୍‌ଘାଟିତ ହୋଇଛି । କ୍ଷମତା ପ୍ରାପ୍ତି ନିମିତ୍ତ ରାଜମାତା ପାଗଳୀ ହୋଇ ପ୍ରଳାପ କରିଛନ୍ତି । ନିଜର ଯାବତୀୟ ତ୍ରୁଟି ନିମିତ୍ତ କୁମାର ଜନ ଦରବାରରେ ହୋଇଛନ୍ତି କ୍ଷମା ପ୍ରାର୍ଥୀ । ପୂର୍ବକୃତ ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ, ନିଜର ରାଜପ୍ରାସାଦକୁ ଜନକଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଏଇଠାରେ ଗଢ଼ାଯାଇଛି ଏକ ଦାତବ୍ୟ ଚିକିତ୍ସାଳୟ । ଶେଷରେ ଲିଲି ସହିତ ଚନ୍ଦ୍ର ଓ କବିରାଜ କନ୍ୟା ସହିତ ଭୀମର ବିବାହ କାର୍ଯ୍ୟ ସଂପନ୍ନ ହୋଇଛି ।

'ମଉଡ଼ମଣି' ରାମଚନ୍ଦ୍ରଙ୍କର ଏକ ସମୟୋପଯୋଗୀ ନାଟ୍ୟ କୃତି, ତତ୍‌କାଳୀନ ସମୟ ଓ ସମୟର ପରିବର୍ତ୍ତିତ ସତ୍ତାରେ ସାଧାରଣ ସାମାଜିକ ଜୀବନର ଚିତ୍ର ଭିତରେ ସେ ସଂସ୍କାର ଆଣିବାର ମାର୍ଗ ପ୍ରସ୍ତୁତ କରିଛନ୍ତି । ଏଥିନିମିତ୍ତ ସେ ଅନେକ ଚରିତ୍ର ସୃଷ୍ଟି କରିଛନ୍ତି, ନାଟକୀୟ କାହାଣୀ, ଘଟଣାପ୍ରବାହ ଦୃଷ୍ଟିରୁ କୌଣସି ଗୋଟିଏ ହେଲେ ଚରିତ୍ର ଅପାଙ୍‌କ୍ତେୟ ମନେ ହୋଇ ନାହାନ୍ତି । ଏ ସଂପର୍କରେ ଆଲୋଚକ ଭାଗୀରଥି ଜେନାଙ୍କ ମନ୍ତବ୍ୟ ଉଦ୍ଧାର କରାଯାଇପାରେ । ''କଥାବସ୍ତୁର ଅଗ୍ରଗତିରେ ପ୍ରତ୍ୟେକ ଚରିତ୍ରର ଭୂମିକା ଅନସ୍ୱୀକାର୍ଯ୍ୟ । ସାଧୁ ସାନ୍ତରାର ତ୍ୟାଗପୂତ ଜୀବନ ଓ ନିରଳସ ସାଧନା, ରତ୍ନା ଚରିତ୍ରର ବଳିଷ୍ଠତା, ରାଜମାତା ଚରିତ୍ର ମଧ୍ୟରେ ଗତାୟୁ ରାଜଶକ୍ତିର ସ୍ୱାର୍ଥ ସିଦ୍ଧି ପାଇଁ ପ୍ରବଳ ଆସକ୍ତି, ରଂଜନ ଚରିତ୍ର ମାଧ୍ୟମରେ ମହାତ୍ମାଗାନ୍ଧୀଙ୍କର ଶାରୀରିକ ଶ୍ରମ ଉପରେ ଦେଉଥିବା ଗୁରୁତ୍ୱ, ଯମେଶ୍ୱର ତଥା ସେକ୍ରେଟେରୀ ଚରିତ୍ରରେ ସ୍ୱାର୍ଥ ସିଦ୍ଧିପାଇଁ ହୀନ ପ୍ରଚେଷ୍ଟା, ଏକ ବିପ୍ଳବୀ ଯୁବନେତା ହିସାବରେ ନାଟକର ପ୍ରଥମ ପର୍ଯ୍ୟାୟରେ ଚନ୍ଦ୍ରର ଆହ୍ୱାନ ଯେଉଁଭଳି ଭାବରେ ପ୍ରତିଫଳିତ ହୋଇଛି, ସେଇଭଳି କୋଇଲି, ସୁନ୍ଦରୀ, ମାଷ୍ଟର ଚରିତ୍ର ଦେଇ ଫୁଟ୍‌ପାଥ୍‌ର ଜୀବନ, ନିଧି, ବାଞ୍ଛା ଓ ଜୟା ଚରିତ୍ରରେ ଗାଁର ସରଳ ଜୀବନଯାତ୍ରା, ଅଭିବ୍ୟଂଜିତ ହୋଇଛି । କଂକୀ ଓ ଭୀମା ଚରିତ୍ର ଦ୍ୱାରା ହାସ୍ୟରସ ସୃଷ୍ଟି କରାଯାଇଛି । ଲିଲି ଚରିତ୍ରର ଉତ୍‌ଫୁଲ୍ଲ ବିଷାଦ ଓ ପାଗଳାମି ଓ ରାଜମାତାଙ୍କର ଦାମ୍ଭିକତା ଅନ୍ତରାଳରେ, ଏକ ଅସହାୟ ନାରୀତ୍ୱର ଶେଷ ପରିଣତି, ମାନସିକ ବିପର୍ଯ୍ୟୟରେ ସମାହିତ ହୋଇଛି । ପ୍ରାୟ ପ୍ରତ୍ୟେକ ଚରିତ୍ର, ନାଟକୀୟ ବୃତ୍ତ ମଧ୍ୟରେ ହିଁ ଆବଦ୍ଧ ଓ ପରସ୍ପର ନିର୍ଭରଶୀଳ ।'' ('ମଉଡ଼ ମଣି ଏକ ବିଶ୍ଳେଷଣ'- ନାଟ୍ୟକାର ରାମଚନ୍ଦ୍ର ସୃଷ୍ଟି ବଳୟ ସଂ. ଡଃ ନାରାୟଣ ସାହୁ (୧୯୯୩) - ପୃଷ୍ଠା-୧୭୦)

Digitized by srujanika@gmail.com

୭. ସାଇପଡ଼ିଶା : (୧୯୫୩)

ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ଦ୍ୱାରା ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର 'ସାଇପଡ଼ିଶା' ନାଟକଟି ୨୪ ଜୁଲାଇ ୧୯୫୩ ଠାରୁ ୮ ଅକ୍ଟୋବର ୧୯୫୩ ପର୍ଯ୍ୟନ୍ତ ପରିବେଷିତ ହୋଇ ବିଶେଷ ଜନପ୍ରିୟତା ଅର୍ଜନ କରିଥିଲା । ଭଲ ଓ ମନ୍ଦର ତୀବ୍ର ସଂଘର୍ଷ ତଥା ସଂଶୟ ସହିତ ବିଶ୍ୱାସ ଏବଂ ଘୃଣା ସହିତ ପ୍ରେମର ଦ୍ୱନ୍ଦ୍ୱ, ନାଟକୀୟ କାହାଣୀଟିକୁ ଆବେଗଧର୍ମୀ କରାଇଛି । ଶେଷରେ ସଂଶୟ ଉପରେ ବିଶ୍ୱାସର ଏବଂ ଘୃଣା ଉପରେ ହିଁ ପ୍ରେମର ବିଜୟ ହୋଇଛି ଘୋଷିତ । ସାଇପଡ଼ିଶା ଭିତରେ ଉତ୍ତମ ବୁଝାମଣା ଭଳି ସୂକ୍ଷ୍ମ ସାମାଜିକ ସତ୍ୟତାର ଉଦ୍‌ଘୋଷଣା କରିବା ହୋଇଛି ସଂପୃକ୍ତ ନାଟକଟିର ମୁଖ୍ୟ ଅଭିଲକ୍ଷ୍ୟ । ଜାତିର ଉନ୍ନତିର ମୂଳ ସୂତ୍ରଟି ଗ୍ରାମାଞ୍ଚଳରେ ପର୍ଯ୍ୟବସିତ - ଗାନ୍ଧିଜୀଙ୍କର ଏଇ ବାଣୀକୁ ପ୍ରତିଷ୍ଠା ଦେବାକୁ ଆଦର୍ଶବାଦୀ ନାଟ୍ୟକାର ରାମଚନ୍ଦ୍ର ପ୍ରଥମେ ଗ୍ରାମାଞ୍ଚଳର ପଡ଼ିଶା ପଡ଼ିଶା ମଧ୍ୟରେ ରହିଥିବା ସଂପର୍କର ସେତୁଟିକୁ ସୁଦୃଢ଼ କରାଇବାର ଉଦ୍ଦେଶ୍ୟ ନେଇ, ରଚନା କରିଛନ୍ତି ନାଟକ 'ସାଇପଡ଼ିଶା' ।

କାହାଣୀକଳାର ପ୍ରଳମ୍ବନରେ ସଂପୃକ୍ତ ନାଟକରେ ଦେଖାଦେଇଛନ୍ତି ଦୁଇ ବାଲ୍ୟବନ୍ଧୁ ପୋଲିସ୍ ଇନିସ୍‌ପେକ୍ଟର ଶଙ୍କର ଏବଂ ଶିକ୍ଷକ ନିମାଇଁ ବାବୁ । ବାଲ୍ୟବନ୍ଧୁ ନିମେଇଁଙ୍କୁ ଏକ ଗୃହ ନିର୍ମାଣ କରିବା ପାଇଁ ଅନୁରୋଧ କରିଛନ୍ତି ଶଙ୍କର । କାରଣ ଅବସର ପରେ ଦୁହେଁ ପୂର୍ବବତ୍ ସମୟ କଟାଇବେ । ଶଙ୍କରଙ୍କ ଉପରେ ଗଭୀର ବିଶ୍ୱାସ ରଖି, ଶଙ୍କରଙ୍କ ଘର ଡିହରେ ନିଜେ ଏକ ସୁଦୃଶ୍ୟ କୋଠା ନିର୍ମାଣ କରିଛନ୍ତି ନିମେଇଁ ବାବୁ । ଆବଶ୍ୟକ ଅର୍ଥ ସେ ବିଦ୍ୟାଳୟରୁ ଆଣି ଏଠି ଖର୍ଚ୍ଚ କରିଛନ୍ତି ଓ ଶଙ୍କରଙ୍କ ଠାରୁ ଅର୍ଥ ପାଇଲେ, ବିଦ୍ୟାଳୟର ଅର୍ଥ ଭରଣା କରିଦେବାର ଉଦ୍ଦେଶ୍ୟ ରଖିଛନ୍ତି ସେ । ଗୃହ ନିର୍ମାଣ ଶେଷରେ ଶଙ୍କର ସପରିବାରେ ଗୃହ ପ୍ରବେଶ କରିଛନ୍ତି । ମାତ୍ର ନିମେଇଁ ବାବୁଙ୍କର ଏଇ ତ୍ୟାଗର ଉଷ୍ମତା କ୍ରମେ ମଉଳଣ ପଡ଼ିଯାଇଛି ।

ଶଙ୍କରଙ୍କ ପତ୍ନୀ ନିରୁପମା ଦୁଇ ବନ୍ଧୁଙ୍କ ସଂପର୍କ ମଧ୍ୟରେ ଗୋଟାଏ ଦୃଢ଼ ଅନ୍ତରାୟ ରୂପେ ଠିଆ ହୋଇଛନ୍ତି । ନଗର ସଭ୍ୟତାର ସନ୍ଦେହ, ଘୃଣା, ପରଶ୍ରୀକାତରତା, ଆତ୍ମବଡ଼ିମା, ଅହଂ ସର୍ବସ୍ୱତାର ପଚମାନ ନର୍କ ଭିତରେ ବଢ଼ିଥିବା ନିରୁପମାଙ୍କୁ ଗ୍ରାମ୍ୟ ସଭ୍ୟତାର ଶୁଦ୍ଧ ସରଳତା, ଗଭୀର ବିଶ୍ୱାସବୋଧ, ସ୍ୱାର୍ଥହୀନ ଆନ୍ତରିକତା, କେବେବି ପ୍ରଭାବିତ କରିପାରିନାହିଁ । ଗାଁ ବିଦ୍ୟାଳୟର ସଭାପତି ତଥା ଅସଚ୍ଚୋଟ ଭଜହରି, ନିରୁପମାଙ୍କ ଭିତରେ ବଢୁଥିବା ଅବିଶ୍ୱାସର ବିଷମଞ୍ଜିକୁ ଅଙ୍କୁରିତ କରାଇଛନ୍ତି । ସରଳ ହୃଦୟ ନିମେଇଁ ଏବଂ ତାଙ୍କ ସ୍ନେହମୟୀ ପତ୍ନୀ ଏଥିରେ ଘୋର ମାନସିକ ଯନ୍ତ୍ରଣା ଭୋଗ କରିଛନ୍ତି । ବିଦ୍ୟାଳୟର ଜମା ଅର୍ଥକୁ ନିମେଇ ଆତ୍ମସାତ୍ କରିଛନ୍ତି ବୋଲି ଅଭିଯୋଗ ଆଣି, ସଭାପତି ଭଜହରି, ଏଇ ଅର୍ଥ ତୁରନ୍ତ ଭରଣା କରିବାକୁ ତାଗିଦ କରିଛନ୍ତି ।

Digitized by srujanika@gmail.com

ସ୍ୱାମୀ ନିମେଇଁଙ୍କର ଏଭଳି ଦୁର୍ଦ୍ଦିନରେ, ସ୍ତ୍ରୀ ଅନ୍ନପୂର୍ଣ୍ଣା ସହାୟତା କରିବାକୁ ଯାଇ, ତାଙ୍କ ବଂଶର ଆଭିଜାତ୍ୟର ପ୍ରତୀକ ସ୍ୱରୂପ ରଖାଯାଇଥିବା ସୁନାଖଡୁ ଦୁଇଟିକୁ ବିକ୍ରୟ କରି, ଅର୍ଥ ଭରଣା କରିବାକୁ ପରାମର୍ଶ ଦେଇଛନ୍ତି । ଏଇ ଖଡୁ ଦୁଇଟିକୁ ବହୁ ଯନ୍ତ୍ରଣା ଭିତରେ ବିକ୍ରୟ କରି ନିମେଇଁ ବାବୁ ବିଦ୍ୟାଳୟରୁ ଆଣିଥିବା ଅର୍ଥ ଭରଣା କରିଛନ୍ତି ଏବଂ ବିଦ୍ୟାଳୟର ଶିକ୍ଷକତାରୁ ଅଭିମାନରେ ଇସ୍ତଫା ଦେଇଛନ୍ତି । ମାତ୍ର ଛାତ୍ରଛାତ୍ରୀମାନଙ୍କ ଆଦର ସମ୍ମାନ ପ୍ରତି ଆନ୍ତରିକତା ପ୍ରଦର୍ଶନ କରି ସେ ବିଦ୍ୟାଳୟକୁ ଯାଉଛନ୍ତି । ଗଭୀର ମାନସିକ ସନ୍ତୁଳନ ଭିତରେ ଭାଂଗି ପଡ଼ିଛନ୍ତି ନିମେଇଁ ଏବଂ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ।

ବନ୍ଧୁ ଭାବରେ ଶଙ୍କର, ନିମେଇଁଙ୍କର ଏପରି ସନ୍ତୁଳିତ ଅବସ୍ଥାକୁ ହୃଦୟଙ୍ଗମ କରି ଗଭୀର ଅନୁଶୋଚନା କରିଛନ୍ତି । ସ୍ମରଣରେ ଆସିଛି ତାଙ୍କର ଅତୀତର ଘଟଣା । କେବଳ ତାଙ୍କରି ପାଇଁ, ବନ୍ଧୁ ନିମେଇଁଙ୍କର ଆଜି ଏପରି ଦୁଃଖଦ ଅବସ୍ଥା । ଶେଷରେ ଆପଣାର ତ୍ରୁଟି ସୁଧାରିବାକୁ ଯାଇ, ଶଙ୍କର, ବନ୍ଧୁପତ୍ନୀ ଅନ୍ନପୂର୍ଣ୍ଣାଙ୍କ ନିକଟରେ ଉପସ୍ଥିତ ହୋଇ, ଆପଣାର କୋହ ପ୍ରକାଶ କରିଛନ୍ତି । ଅନ୍ନପୂର୍ଣ୍ଣାଙ୍କ ଠାରୁ ଶୁଣିଛନ୍ତି ସେଇ ସୁନାଖଡୁ ପ୍ରସଙ୍ଗ । ସେଇ ଖଡୁ ଦୁଇଟିକୁ ଯେ କୌଣସି ମୂଲ୍ୟ ବିନିମୟରେ ଉଦ୍ଧାର କରି, ଅନ୍ନପୂର୍ଣ୍ଣାଙ୍କୁ ଫେରାଇ ଦେବାର ପ୍ରତିଶ୍ରୁତି ଦେଇ ଫେରିଆସିଛନ୍ତି ଶଙ୍କର ।

ବିଦ୍ୟାଳୟ ସଭାପତି ଭଜହରି, ନିମେଇଁଙ୍କ ଠାରୁ ବନ୍ଧକ ସୂତ୍ରରେ ଆଣିଥିବା ଖଡୁ ଦୁଇଟିକୁ ଶଙ୍କରଙ୍କ ପତ୍ନୀ ନିରୁପମାଙ୍କୁ ବିକ୍ରୟ କରିଦେଇଛନ୍ତି । ନିମେଇଁଙ୍କୁ ବିଦ୍ୟାଳୟରୁ ତଡ଼ି ଦେଇ, ତାଙ୍କ ସ୍ଥାନରେ ଆପଣାର ଜଣେ ସଂପର୍କୀୟଙ୍କୁ ନିଯୁକ୍ତି ଦେବାବେଳେ, ଶଙ୍କର ସକଳ ଘଟଣାକୁ ବୁଝି ପାରିଛନ୍ତି । ଆଇନ୍‌ଗତ ଭାବରେ ସେ ଭଜହରିଙ୍କ ଧୂର୍ତ୍ତତାକୁ ଉପସ୍ଥାପନ କରି, ତାଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା କରିଛନ୍ତି ।

ଗ୍ରାମ୍ୟ ଶିକ୍ଷାଳୟର ଉନ୍ନତି ବିଧାନ କରିବାକୁ, ଶଙ୍କର ଏଥର ହୋଇଛନ୍ତି ପରିଚାଳନା କମିଟିର ସଭାପତି, ଜଣେ ଯୋଗ୍ୟ ଶିକ୍ଷକ ଭାବରେ, ସେ ନିମେଇଁଙ୍କ ପୁଅ ଗୁଣନିଧିଙ୍କୁ ବିଦ୍ୟାଳୟରେ ନିଯୁକ୍ତି ଦେଇଛନ୍ତି । ବନ୍ଧୁ ଏଥର ଫେରି ପାଇଛି ବନ୍ଧୁଙ୍କୁ, ଶଙ୍କର ଏବଂ ନିମେଇଁ ପରସ୍ପରର ହୃଦୟର ଆହ୍ୱାନକୁ ହୃଦୟଙ୍ଗମ କରିପାରିଛନ୍ତି । ଭଜହରିଠାରୁ କିଣିଥିବା ସୁନାଖଡୁ ଦୁଇଟାକୁ ନିରୁପମା ନିଜ ବଡ଼ଝିଅ ଶୈଳଜା ହାତରେ ପିନ୍ଧାଇ ଦେଇଥିଲେ । ଏଇ ଖଡୁ ଦୁଇଟାକୁ ଶୈଳଜା ହାତରୁ କାଢ଼ି ନେବାକୁ ନିମେଇଁ ଓ ଅନ୍ନପୂର୍ଣ୍ଣାଙ୍କୁ କୁହାଯାଇଥିଲା । ମାତ୍ର ଯେଉଁ ଖଡୁ ଦୁଇଟା କେବଳ ବଂଶର କୁଳବଧୂ ହାତରେ ପିନ୍ଧିବା କଥା, ସେ ଦୁଇଟା ଯେ ପିନ୍ଧିଛି ସେ କୁଳବଧୂ ହେବ, ଏଇ ଭାବରେ ଶୈଳଜାକୁ ଗୁଣନିଧିଙ୍କ ସହିତ ବିବାହ କରାଇ, ତାକୁ ବୋହୂ ରୂପେ ସ୍ୱୀକାର କରି ଖୁସିରେ ଫାଟି ପଡ଼ିଲେ ନିମେଇଁ ଏବଂ ଅନ୍ନପୂର୍ଣ୍ଣା । ନିମେଇଁଙ୍କ ଘର ଆଡ଼କୁ ବନ୍ଦ କରାଯାଇଥିବା ଦରଜା ଏଥର ଉନ୍ମୁକ୍ତ ହୋଇଗଲା ।

Digitized by srujanika@gmail.com

'ସାଇପଡ଼ିଶା' ନାଟକରେ ଦୁଇବନ୍ଧୁଙ୍କର ସାମୟିକ ବନ୍ଧୁ ବିଚ୍ଛେଦର କାହାଣୀ ଭିତରେ ଏକ ତ୍ରିମୁଖୀ ପ୍ରେମ ଘଟଣା, ପ୍ରସଙ୍ଗୋଚିତ ଭାବରେ ସଂଯୋଜିତ । ସେଇ ତ୍ରିମୁଖୀ ପ୍ରେମ କାହାଣୀର ତିନିବନ୍ଧୁ ହେଲେ ନିମେଇଁଙ୍କ ପୁତ୍ର ସୁଶୀଳ ଓ ସୁଶିକ୍ଷିତ, ଶାନ୍ତଚିତ୍ତ, ଗୁଣନିଧି ଏବଂ ଶଙ୍କରଙ୍କ ଜ୍ୟେଷ୍ଠା କନ୍ୟା ସରଳା ଶୈଳଜା ଓ ଏବଂ କନିଷ୍ଠା କନ୍ୟା ପାଶ୍ଚାତ୍ୟ ସଭ୍ୟତାନୁରାଗିଣୀ ମନୋଜା । ଗୁଣନିଧିଙ୍କ ପ୍ରତି ଶୈଳଜା ଓ ମନୋଜା ଉଭୟେ ଆକର୍ଷିତା, ମାତ୍ର ଗୁଣନିଧିଙ୍କ ଭଳି ସରଳବିଶ୍ୱାସୀ ଶୈଳଜା ହିଁ ଗୁଣନିଧିଙ୍କର ପସନ୍ଦଯୋଗ୍ୟା । ଅଥଚ କେହି କାହା ନିକଟରେ ମନକଥା ଖୋଲି କହିପାରିନାହାନ୍ତି । ମନୋଜା କିନ୍ତୁ ଗୁଣନିଧିଙ୍କୁ ପାଇବା ନିମିତ୍ତ ବ୍ୟଗ୍ରତା ପ୍ରକାଶ କରିଛି । ଏଥିପାଇଁ ସେ ବନ୍ଧୁ ଶ୍ରୀକାନ୍ତଙ୍କୁ ନିୟୋଜିତ କରିଛି । ଶ୍ରୀକାନ୍ତ ମାଧ୍ୟମରେ ଶୈଳଜା ଓ ଗୁଣନିଧିଙ୍କ ଆକର୍ଷଣ ସାନ୍ଦ୍ର ହୋଇଛି । ଶେଷରେ ଗୁଣନିଧିଙ୍କୁ ବିବାହ କରିଛି ଶୈଳଜା, ଶ୍ରୀକାନ୍ତଙ୍କୁ ବିବାହ କରିଛି ମନୋଜା । ବିବାହର ଶୁଭ ସାହାନାଇ ସ୍ୱରରେ ନାଟକର ମିଳନ ଲଗ୍ନର ଯବନିକା ପାତ ଘଟିଛି ।

ଆଦର୍ଶବାଦୀ ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ସଂପୃକ୍ତ ନାଟକଟିରେ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ସଭ୍ୟତାର ଓ ସଂସ୍କୃତିର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରି, ପ୍ରାଚ୍ୟ ସଂସ୍କୃତିର ଚିରନ୍ତନୀ ମୂଲ୍ୟବୋଧକୁ ଦୃଢ଼ତାର ସହିତ ପ୍ରତିଷ୍ଠା କରିବାରେ ସଫଳ ହୋଇଛନ୍ତି । ପ୍ରାଚ୍ୟ ସଭ୍ୟତାରେ 'ମାଆ', ପାଶ୍ଚାତ୍ୟ ସଂସ୍କୃତିର 'ମମି' । ମାଆ ଏଠି ଅନ୍ତ ଫାଡ଼ି ଜନ୍ମ ଦିଏ ଜୀବନର ସକଳ ନିର୍ଯ୍ୟାସ ଦେଇ ସନ୍ତାନ ପାଳନ କରେ ସେ, ସେଥିପାଇଁ ସେ ଅଜାଡ଼ିଦିଏ ସ୍ନେହ ମମତାର ଅବାରିତ ଧାରା । ପାଶ୍ଚାତ୍ୟ ସଂସ୍କୃତିରେ ସନ୍ତାନକୁ ଜନ୍ମ ଦେଇ ସାରିବା ପରେ ମମି, ଅର୍ଥ ବିନିମୟରେ ସନ୍ତାନର ଦାୟିତ୍ୱ ହସ୍ତାନ୍ତର କରିଦିଏ ଆୟାକୁ । ସେଥିରେ ପର୍ଯ୍ୟାପ୍ତ ଅର୍ଥ ଖର୍ଚ୍ଚ କରାଯାଏ, ମାତ୍ର ମାତୃ ହୃଦୟର ସ୍ୱଚ୍ଛତା ସେଠି ଅନୁପସ୍ଥିତ । ଅନୁରୂପ ଭାବରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବରେ କଳୁଷିତ ସହରୀ ଜୀବନ, ସରଳ ଏବଂ ଗଭୀର ଆଶା ବିଶ୍ୱାସ ଉପରେ ପ୍ରତିଷ୍ଠିତ ଗ୍ରାମ୍ୟ ଜୀବନକୁ ଘୃଣା କରେ । କୃତ୍ରିମ ଏବଂ ଚାକଚକ୍ୟପୂର୍ଣ୍ଣ ସହରୀ ଜୀବନ କେବଳ ଅର୍ଥର ହିସାବ ରଖିପାରେ, ମମତା, ସୋହାଗ ଏବଂ ବିଶ୍ୱାସର ମୂଲ୍ୟ ଏଠି ତୁଚ୍ଛ । ମାତ୍ର ନାଟ୍ୟକାର ଆମ ସଂସ୍କୃତିର ଚିରନ୍ତନୀ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବାରେ ସଫଳ ହୋଇ ପାରିଛନ୍ତି ସଂପୃକ୍ତ 'ସାଇପଡ଼ିଶା' ନାଟକରେ ।

୮. ଭାଇ ଭାଉଜ : (୧୯୫୩)

୧୦ ଜାନୁଆରୀ ୧୯୫୪ରୁ ୯ ମେ ୧୯୫୪ ପର୍ଯ୍ୟନ୍ତ ଦୀର୍ଘ ପାଞ୍ଚ ମାସକାଳ ଧରି 'ଅନ୍ନପୂର୍ଣ୍ଣା ବି' ଗ୍ରୁପ୍' ଭଳି ପେଶାଦାର ରଙ୍ଗମଞ୍ଚରେ ଅଭିନୀତ ହୋଇଥିବା ରାମଚନ୍ଦ୍ର ମିଶ୍ରଙ୍କର ଅନ୍ୟତମ ଜନପ୍ରିୟ ନାଟକ 'ଭାଇଭାଉଜ' ସାମନ୍ତୀୟ ସଭ୍ୟତାର ଅତ୍ୟାଚାର ପୀଡ଼ିତ ପ୍ରଜାକୁଳର ବିକଳ ଅଥଚ ବାସ୍ତବାଶ୍ରୟୀ ଚିତ୍ର ଉପସ୍ଥାପନରେ ସଫଳତା ଅର୍ଜନ କରିଛି । ମହାଭାରତୀୟ କୃଷିଭିତ୍ତିକ ସଂସ୍କୃତିର ବାର୍ତ୍ତା ସଂପୃକ୍ତ ନାଟକଟିକୁ ଅଧିକତର ଆକର୍ଷଣୀୟ କରି ଗଢ଼ିତୋଳିଛି । ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷରେ ଆର୍ଥନୀତିକ ବୈଷମ୍ୟ,

Digitized by srujanika@gmail.com

ସମାଜରେ ଥିଲା - ନ ଥିଲାର ଦୁର୍ଭେଦ୍ୟ ପ୍ରାଚୀର ସୃଷ୍ଟି କରିଥିଲା । ସାମନ୍ତବାଦୀ, ପୁଞ୍ଜିପତି, ଜମିଦାର, ସାହୁକାରଙ୍କ ବିପକ୍ଷରେ ରହିଲେ ନିର୍ଯ୍ୟାତିତ ଗଣମାନବ । ଦୁଇଟି ଗୋଷ୍ଠୀ, ଦୁଇଟି ଶକ୍ତି, ଏବଂ ଦୁଇଟି ଶ୍ରେଣୀର ଏ ସଂଘର୍ଷଜନିତ ସାମାଜିକ ବାସ୍ତବତାକୁ ନାଟ୍ୟକାର ରାମଚନ୍ଦ୍ର 'ଭାଇଭାଉଜ' ନାଟକରେ ଚଉଦଗୋଟି ପୁରୁଷ ଏବଂ ପାଞ୍ଚଗୋଟି ନାରୀ ଚରିତ୍ର ମାଧ୍ୟମରେ ରୂପ ଦେଇଛନ୍ତି । ତିନୋଟି ଅଙ୍କ ମଧ୍ୟରେ ମାତ୍ର ଅଠରଗୋଟି ଦୃଶ୍ୟରେ ବିଭକ୍ତ ସମଗ୍ର ନାଟକଟି ଦର୍ଶକମାନଙ୍କର ଏକାନ୍ତ ଉପଭୋଗ୍ୟ ଥିଲା ।

ଗାନ୍ଧୀବାଦୀ ରାମଚନ୍ଦ୍ର ଥିଲେ ପଲ୍ଲୀକୈନ୍ଦ୍ରିକ ଜୀବନଧାରାର ଦୃଢ଼ ସମର୍ଥକ, ପଲ୍ଲୀ ଜୀବନର ନିଷ୍ପାପର ପୂଜାରୀ । ଭାରତବର୍ଷର ବିକାଶ ଗ୍ରାମରେ ନିହିତ । ଗ୍ରାମର କୃଷିଜୀବୀ, ଶ୍ରମଜୀବୀମାନଙ୍କ ସ୍ୱେଦସିକ୍ତ ଜୀବନ ସାଧନରେ ଭାରତୀୟ ସମାଜ ଏବଂ ଏହାର ଆର୍ଥନୀତିକ ଉନ୍ନତି ନିର୍ଭରଶୀଳ- ଗାନ୍ଧୀଙ୍କ ଏଇ ବକ୍ତବ୍ୟକୁ ନାଟ୍ୟକାର ଭଲଭାବରେ ହୃଦୟଙ୍ଗମ କରିଥିଲେ । ପୁନଶ୍ଚ ସେଇ ଭାବରେ ଜାଣିଥିଲେ ଗ୍ରାମ୍ୟଜନତାର ଆବେଗ ଏବଂ ଆଦରର ସଂପତ୍ତି ହେଉଛି କୃଷିଭୂମି । ତେଣୁ ଗ୍ରାମ୍ୟ ଜନତାର କୃଷି, କୃଷିଭୂମିକୁ ଉପଜୀବ୍ୟ କରି ଏଥିରେ ପରିଲକ୍ଷିତ ହେଉଥିବା ସମସ୍ୟାର ଉପସ୍ଥାପନ ଏହାର ସମାଧାନ ନିମିତ୍ତ ଉପଯୁକ୍ତ ମାର୍ଗ ଦର୍ଶନର ଉଦ୍ଦେଶ୍ୟ ନେଇ ସେ ସୃଷ୍ଟିକଲେ ନାଟକ 'ଭାଇଭାଉଜ' ।

'ଭାଇଭାଉଜ' ନାଟକର ପ୍ରମୁଖ ଚରିତ୍ର ହେଉଛନ୍ତି ମହୀ ପଧାନ, ଦୁଃଖୀ, ଭାଇଗ ଏବଂ ସାହୁକାରପୁତ୍ର ଯୋଗୀବାବୁ । ଏକ ଗ୍ରାମୀଣ କୃଷକ ମହୀ ପଧାନ, ତା ମାଆ ଦ୍ୱାରା ପାଳିତ ସନ୍ତାନ ଭାଇଗ - ଦୈନିକ ହିଡ଼-ମାଟି ହିଡ଼ରେ ଲଦି, ମାଟି ସହିତ ମାଟି ହୋଇ ଜମିରେ ଫସଲ ଫଳାଇ ଗୁଜୁରାଣ ମେଣ୍ଟାନ୍ତି । ମହୀର ବିବାହ ନିମିତ୍ତ ଭାଇଗ, ଗାଁର ଅସହାୟା ଦୁଃଖୀକୁ ଉପଯୁକ୍ତ କନ୍ୟା ଭାବରେ ନିର୍ବାଚନ କରି ବସେ । ତୀବ୍ର ଦାରିଦ୍ର୍ୟ ଓ ଅନଟନରେ ଜୀବନ ଜୀଉଥିବା ଦୁଃଖୀ ଥିଲା ସୁନ୍ଦରୀ । ସାଉକାର ସନ୍ତାନ ଯୋଗୀର ନଜର ଥିଲା ଦୁଃଖୀ ଉପରେ । ତୋଟାରେ ପତ୍ର ସାଉଁଟୁଥିବା ବେଳେ ଯୋଗୀ ଦୁଃଖୀକୁ ଉପଭୋଗ କରିବାକୁ ଉଦ୍ୟତ ହୋଇଛି । ଏଇ ସମୟରେ କ୍ଷେତରୁ ବାହୁଡୁଥିବା ମହୀ ପଧାନ ଉପସ୍ଥିତ ହୋଇ ଯୋଗୀ ବେକରେ ଗାମୁଛା ପକାଇଛି ଓ ଦୁଃଖୀକୁ ଉଦ୍ଧାର କରିଛି । ପୁତ୍ରର ଅପମାନକୁ ସହି ନ ପାରି, ସାଉକାର ପ୍ରତିଶୋଧ ପରାୟଣ ହୋଇ କ୍ରୁର ଚକ୍ରାନ୍ତ ଆରମ୍ଭ କରିଛି । ସାଦା କାଗଜରେ ମହୀଠାରୁ ସନ୍ତକ ନେଇ, କିଛି ଟଙ୍କା କରଜ ଦେଇଛି, ଯାହା ଦ୍ୱାରା ମହୀ ଦୁଃଖୀକୁ ବିବାହ କରିବାରେ କ୍ଷମ ହୋଇଛି ।

ଯୋଗୀବାବୁଙ୍କର ମନର ଓରିମାନା ମେଣ୍ଟିଲା ନାହିଁ, ତେଣୁ ସେ ନିଜର ପାଳକ ପିତା ସେଇ ସାହୁକାରକୁ ମାରିଦେବାକୁ ଅଇଁଠା ସାହାଯ୍ୟରେ ଚକ୍ରାନ୍ତ କରିଛି । ମହୀ ପଧାନ ଜମିରେ ଯୋଗୀବାବୁ କିଛି ଲୋକଙ୍କ ଦ୍ୱାରା ହଳ ପୂରାଇଛି, ମହୀ ପଧାନ ଏହାର ପ୍ରତିବାଦ କରିଛି, ହେଲେ ଗୁଣ୍ଡାଙ୍କ ଦ୍ୱାରା ପାଳକ ପିତା ସାହୁକାରକୁ ହତ୍ୟା କରି, ଯୋଗୀବାବୁ ମହୀ ପଧାନଙ୍କୁ ଦୋଷୀ ସାବ୍ୟସ୍ତ କରି ଜେଲ୍‌କୁ ପଠାଇଛି । ଦୁଃଖରେ ଭାଙ୍ଗି ପଡ଼ିଛି ଦୁଃଖୀ ।

Digitized by srujanika@gmail.com

ତାକୁ ଜଗି ରହିଛି ଭାଇଗ । ଗର୍ଭବତୀ ଦୁଃଖୀ ପୁତ୍ର ସନ୍ତାନଟିଏ ଜନ୍ମ ଦେଇଛି, ତା'ର ନାମ ଭରତ । ଭରତ, ମହୀର ସନ୍ତାନ ନୁହେଁ, ଭାଇଗର - ଏହିଭଳି ଏକ କପୋଳ କଳ୍ପିତ କୁତ୍ସାରଟନା କରାଯାଇ, ଦୁଃଖୀ ଏବଂ ଭାଇଗର ଚରିତ୍ର ସଂହାର କରାଯାଇଛି ।

ନରହତ୍ୟା ଅପରାଧରେ ଜେଲ ଭୋଗୁଥିବା ମହୀ ପଧାନ ଜେଲମୁକ୍ତ ହେବାବେଳେ, ଯୋଗୀବାବୁ ତା' ସ୍ତ୍ରୀ ଦୁଃଖୀ ସହିତ ଭାଇଗର ଅନୈତିକ ସମ୍ବନ୍ଧ ସଂପର୍କରେ ମିଥ୍ୟା କଥା କହି ମହୀର ମନକୁ ବିଷାକ୍ତ କରିଦେଇଥିଲେ । ଦୁଃଖ-ଯନ୍ତ୍ରଣା ଏବଂ ମାନସିକ ଅବସନ୍ନତା ନେଇ ମହୀ ବିଚାରପତିଙ୍କ ଦ୍ୱାରସ୍ଥ ହୋଇ ତାକୁ ମୃତ୍ୟୁଦଣ୍ଡ ଦେବାକୁ ପ୍ରାର୍ଥନା କରିଛି । ମାତ୍ର ବିଚାରପତି ଥିଲେ ହୃଦୟବାନ୍, ମହୀର ସରଳ ହୃଦୟର ଦୁଃଖକୁ ସେ ଅନୁଭବ କଲେ । ତେଣୁ ତାଙ୍କର ଏକମାତ୍ର କନ୍ୟା ସବିତାର ଲାଳନପାଳନର ଦାୟିତ୍ୱ ମହୀ ଉପରେ ନ୍ୟସ୍ତ କଲେ ସେ ।

ଭାଇଗ ଏବଂ ଦୁଃଖୀର ଦୁଃଖ ଚରମ ସୀମାରେ ପହଞ୍ଚିଛି । ମହୀର ସ୍ତ୍ରୀକୁ ସୁରକ୍ଷା ଦେଇ ସେ ନିଜ ଜୀବନକୁ ତିଳତିଳ ଦଗ୍ଧ କରିଛି । ଭାଇଗ ପରି ଲକ୍ଷ୍ମଣକୁ ଚିହ୍ନି ପାରିନଥିବା ମହୀ ଉପରେ ସେ ଅଭିମାନ କରିଛି । ମାତ୍ର ଦେବୀ ତୁଲ୍ୟା ଭାଉଜ ଦୁଃଖୀ, ପୁତୁରା ଭରତଙ୍କର ଲାଳନ ପାଳନକୁ ଗୁରୁଦାୟିତ୍ୱ ମନେକରି ଦେହକୁ ଓ ମନକୁ ସେ ପଥର କରିଦେଇଛି । ଗ୍ରାମ୍ୟ ଜନତାର ତା'ପ୍ରତି ଇଙ୍ଗିତପୂର୍ଣ୍ଣ ମନ୍ତବ୍ୟ, କୁତ୍ସା ଏବଂ ଅଭାବ ଅନଟନର କଷାଘାତକୁ ସହି ନ ପାରି, ସେ ଦୁଃଖୀ ଏବଂ ଭରତଙ୍କୁ ନେଇ ଗାଁ ଛାଡ଼ିଛି । ସହରରେ ଏକ କାରଖାନାରେ ଶ୍ରମିକ ଭାବରେ ଯାହା ରୋଜଗାର କରିଛି, ତାକୁ ପରିବାର ପ୍ରତିପୋଷଣ ଏବଂ ଭରତର ଶିକ୍ଷା ନିମିତ୍ତ ଖର୍ଚ୍ଚ କରିଛି । ଶ୍ରମ ତା'ର ସାର୍ଥକ ହୋଇଛି, ଭରତ ଏଥର କୃଷି ବିଶ୍ୱବିଦ୍ୟାଳୟରୁ କୃତିତ୍ୱର ସହିତ ଉତ୍ତୀର୍ଣ୍ଣ ହୋଇଛି ।

ବିଚାରପତିଙ୍କ କନ୍ୟା ସବିତା ଓ ମହୀପଧାନ ପୁଅ ଭରତଙ୍କ ମଧ୍ୟରେ ପ୍ରେମ ସଂପର୍କ ଗଢ଼ି ଉଠିଛି । ସବିତା ଡାକ୍ତରୀ ବିଦ୍ୟାରେ ପାରଦର୍ଶିତା ହାସଲ କରିଛି । ମାତ୍ର ବଡ଼ଲୋକର କନ୍ୟାକୁ ସନ୍ଦେହ କରି, ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରିବାକୁ ବିଚାରକଙ୍କ ଘରେ ପହଞ୍ଚିଥିବା ଭାଇଗ ଏଇଠାରେ ମହୀକୁ ସାକ୍ଷାତ କରେ । ମହୀ ହାତରେ ତା' ପୁଅ ଭରତକୁ ଟେକି ଦେଇ ଶାନ୍ତି ପାଏ ଭାଇଗ । ନିଜର ପ୍ରିୟ ପରିଚିତ ପଲ୍ଲୀମାଟିକୁ ଫେରି ଆସିଛି ଭାଇଗ ।

ଦୀର୍ଘକାଳ ପରେ ମହୀ ପାଇଛି ସୁଯୋଗ୍ୟ ପୁଅ ଭରତକୁ, ନିବିଡ଼ ଆଶ୍ଳେଷରେ ବୁକୁରେ ଜଡାଇ ଧରିଛି ନିଜ ପୁଅକୁ । ଭାଇଗକୁ ଅନ୍ୱେଷଣ କରି ସମସ୍ତେ ଗାଁରେ ପହଞ୍ଚିଛନ୍ତି । ଲମ୍ପଟ ସାହୁକାର ଯୋଗୀବାବୁ ଏତେବେଳକୁ କୁଷ୍ଠ ରୋଗରେ ଆକ୍ରାନ୍ତ । ଯୋଗୀବାବୁଙ୍କ ପୁତ୍ର ନିଧିବାବୁ, ପିତାଙ୍କୁ ଘୃଣା କରି, ଗ୍ରାମବାସୀଙ୍କ ସହିତ ସୁସଂପର୍କ ରକ୍ଷାକରି ସେମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇ ଉଠିଛନ୍ତି । କୁଷ୍ଠରୋଗୀ ଯୋଗୀବାବୁ ଦୁଃଖୀ ହାତରୁ ମାଗି ଖାଇଛନ୍ତି ପଖାଳ ।

Digitized by srujanika@gmail.com

ଗ୍ରାମ୍ୟ ପରିବେଶରେ ଅବଶିଷ୍ଟ ଜୀବନ ଅତିବାହିତ କରିବାକୁ ଆସିଛନ୍ତି ଅବସରପ୍ରାପ୍ତ ବିଚାରକ । ଝିଅ ସବିତା ସହିତ ଭରତର ବିବାହ ଘଟିଛି । ମହୀର ଭଂଗା ଏବଂ ଉଜୁଡ଼ା ସଂସାର ଯୋଡ଼ି ହୋଇଯାଇଛି । ଗ୍ରାମର କୃଷିଭିତ୍ତିକ ଉନ୍ନତି ସାଧନ ନିମିତ୍ତ, ଆପଣାର ସମସ୍ତ ଗବେଷଣାଲବ୍ଧ ଜ୍ଞାନକୁ ନିୟୋଜିତ କରିଛନ୍ତି ଭରତ । ସବିତା ମଧ୍ୟ ଗ୍ରାମ୍ୟ ଜନତାକୁ ଚିକିତ୍ସା କରାଇ ସେମାନଙ୍କ ସ୍ୱାସ୍ଥ୍ୟର ଉନ୍ନତି ଘଟାଇଛନ୍ତି । କୃଷି ଓ ସ୍ୱାସ୍ଥ୍ୟ ଭଳି ଦୁଇ ଗୁରୁତର ଗ୍ରାମ୍ୟ ସମସ୍ୟାର ଆଶୁ ସମାଧାନ ନିମିତ୍ତ ଦୁଇ ଯୁବଶକ୍ତିର ମିଳିତ ଉଦ୍ୟମ ହୋଇଛି ଯେମିତି ଆଦର୍ଶମୟ, ସେମିତି ସମୟୋପଯୋଗୀ ପଦକ୍ଷେପ ।

'ଭାଇଭାଉଜ' ନାଟକର କାହାଣୀ କଳା ଏବଂ ଚରିତ୍ର ଗୁଡ଼ିକ, ଓଡ଼ିଶାର ଯେକୌଣସି ଗ୍ରାମାଞ୍ଚଳର ସମସ୍ୟା, ଚରିତ୍ର, ଘଟଣା ସହିତ ଅସାମାନ୍ୟ ସାମଞ୍ଜସ୍ୟ ରକ୍ଷା କରିଥାଏ । ଫଳତଃ ଦର୍ଶକ ସମାଜରେ ଏହାର ବିଶ୍ୱାସନୀୟତା ଅତି ଗଭୀର । ଏଥିରେ ଥିବା ଚରିତ୍ରଗୁଡ଼ିକ, ଗ୍ରାମ୍ୟ ସମାଜରେ ଚଲାଫେରା କରୁଥିବା ମଣିଷ । କେବଳ ଯାହା ନାଟ୍ୟକାର ଏହାକୁ ଆଦର୍ଶମୟ କରିବାକୁ କେତୋଟି ଆଦର୍ଶପୂର୍ଣ୍ଣ ଅଂଶକୁ ଏହା ସହିତ ସଂଯୁକ୍ତ କରିଛନ୍ତି । ତେବେ ଉଦ୍ଦେଶ୍ୟସିଦ୍ଧିରେ ତାଙ୍କୁ ଅସାଧାରଣ ସଫଳତା ମିଳିଛି ଏବଂ ଆଦର୍ଶ ପ୍ରତିଷ୍ଠା ନିମିତ୍ତ କୌଣସି କ୍ଷେତ୍ରରେ ନାଟକର ନାଟକୀୟତା ଓ କଳାଧର୍ମ ବ୍ୟାହତ ହୋଇନାହିଁ । ସର୍ବୋପରି ସଂପୃକ୍ତ ନାଟକରେ ଓଡ଼ିଶାର ମାଟି-ପାଣି-ପବନ, ଗ୍ରାମୀଣ ଓଡ଼ିଶାର କୃଷିଭିତ୍ତିକ ସଂସ୍କୃତି, ଏବଂ ଗ୍ରାମ୍ୟଜୀବନ ପ୍ରତି ଅହେତୁକ ମୋହ, ସ୍ପଷ୍ଟବାରି ହୋଇପଡ଼େ । ମାତ୍ର ନାଟକର ଶେଷ ପର୍ଯ୍ୟାୟରେ ଭରତ, ସବିତା ଓ ବିଚାରପତିଙ୍କର ଗ୍ରାମ୍ୟଜୀବନକୁ କର୍ମ-ଭୂମି ରୂପେ ଆଦରି ନେବାର ବାସ୍ତବତା ଗୋଟାଏ ଆଦର୍ଶ ହୋଇପାରେ, ମାତ୍ର ବାସ୍ତବରେ ତାହା ଏକ ସଂଶୟ ।

ଦର୍ଶକୀୟ ଭାବନାକୁ କେନ୍ଦ୍ରୀଭୂତ କରିବାରେ ରାମଚନ୍ଦ୍ର ଥିଲେ ଜଣେ ଧୂରୀଣ ଶିଳ୍ପୀ । ତେଣୁ ଅନେକ କ୍ଷେତ୍ରରେ ତାଙ୍କର ଆବେଗ ସ୍ପଷ୍ଟ ହୋଇଯାଏ । ଏ ସଂପର୍କରେ ଆଲୋଚକ ଡକ୍ଟର ହେମନ୍ତ କୁମାର ଦାସଙ୍କ ମନ୍ତବ୍ୟ ଗ୍ରହଣଯୋଗ୍ୟ । ତାଙ୍କ ମତରେ - ''ନାଟକଟି ମୁଖ୍ୟତଃ ଭାବ ପ୍ରବଣ ଆଦର୍ଶବାଦ ଉପରେ ପ୍ରତିଷ୍ଠିତ । ନାଟକରେ ଅଛନ୍ତି ରାମଙ୍କ ପରି ସତ୍ୟନିଷ୍ଠ ମହୀ ପଧାନ, ଲକ୍ଷ୍ମଣଙ୍କ ପରି କର୍ମଯୋଗୀ ଭାଇଗ, ସୀତା ଭଳି ଧୈର୍ଯ୍ୟଶୀଳା ଦୁଃଖୀ, ପୁଣି ରାବଣପରି ଲାଳସାଗ୍ରସ୍ତ ଯୋଗୀ ସାହୁକାର । ଏଇସବୁ ଚରିତ୍ର ମଧ୍ୟରେ ଯେଉଁ ଦ୍ୱନ୍ଦ୍ୱ ପରିକଳ୍ପିତ ହୋଇଛି, ତାହାକୁ ସତ୍ୟ ସହିତ ମିଥ୍ୟାର, ତ୍ୟାଗ ସହିତ ଭୋଗର ଆଉ ଆଦର୍ଶ ସହିତ ଅନାଦର୍ଶର ସଂଘର୍ଷ ବୋଲି ଧରି ନିଆଯାଇପାରେ । ତେବେ ଟିକିଏ ତଳେଇ କରି ବିଚାର କଲେ, ନାଟକଟିର ପ୍ରଚାରଧର୍ମିତା ସ୍ପଷ୍ଟ ହୋଇ ଆଖିରେ ପଡ଼େ । ଖାଦ୍ୟ ଆଉ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ନିମିତ୍ତ, ନଗରର ଶ୍ୱାସରୁଦ୍ଧକାରୀ ପରିବେଶ ତ୍ୟାଗ କରି ପଲ୍ଲୀକୋଳକୁ ଫେରିଯିବା ନିମନ୍ତେ ଏଥିରେ ଆହ୍ୱାନ ଦିଆଯାଇଛି ।

Digitized by srujanika@gmail.com

ଦର୍ଶକମାନଙ୍କ ପ୍ରତ୍ୟାଶାକୁ ସ୍ମରଣ କରି, ଉତ୍କଣ୍ଠା ବୃଦ୍ଧି ନିମନ୍ତେ ଏଥିରେ ମିଥ୍ୟାର ସାମୟିକ ବିଜୟ ପ୍ରତିଷ୍ଠିତ ହୋଇଛି । ପରିଣତି କିନ୍ତୁ ଯେମିତି ହେବା କଥା, ତାହା ହିଁ ହୋଇଛି ।

(ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶଧାରା - (୧୯୯୪) - ପୃଷ୍ଠା - ୧୬୧)

୯. ନାଟକ ରୀତିମତ : (୧୯୫୩)

ପେଶାଦାର ରଂଗମଞ୍ଚକୁ ଛାଡ଼ିଦେଇ ପ୍ରଥମ କରି, ସୌଖୀନ୍ ରଂଗମଞ୍ଚରେ ନାଟ୍ୟକାର ରାମଚନ୍ଦ୍ରଙ୍କର 'ନାଟକ ରୀତିମତ' 'ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ୍'ର ନାଟ୍ୟ ସଂସଦ ଦ୍ୱାରା କେବଳ 'ନାଟକ' ଶିରୋନାମାରେ ହିଁ ଅଭିନୀତ ହୋଇଥିଲା । ମେଡିକାଲ୍ କଲେଜର ନାଟ୍ୟ ସଂସଦ ଆନୁକୂଲ୍ୟରେ ପରିବେଷିତ ଏଇ ନାଟକଟି ରଚନା କରିବାକୁ ନାଟ୍ୟକାରଙ୍କୁ ଅନୁରୋଧ କରାଯାଇଥିବାରୁ, ଏହାର କାହାଣୀରେ ଏବଂ ଚିକିତ୍ସକଙ୍କ କର୍ତ୍ତବ୍ୟ ହିଁ ପ୍ରମୁଖ ଅଂଶ ଦଖଲ କରିନେଇଛି । କଥାବସ୍ତୁଠାରୁ ବରଂ ଏହାର ପରିବେଷଣ ଦିଗରେ ନାଟ୍ୟକାର, କେତେଟା ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରିଛନ୍ତି ।

ମେଡିକାଲ କଲେଜର ନାଟକ ଅଭିନୟ ନିମିତ୍ତ ପ୍ରସ୍ତୁତି ଏବଂ ଏଥିରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଡାକ୍ତରୀ ଛାତ୍ର ଉଦୟ, ସଂପୃକ୍ତ ନାଟକର ନାୟକ । ରନ୍ତଲେଇଠାରେ ସୃଷ୍ଟି ହୋଇଥିବା ଭୟଙ୍କର ପରିସ୍ଥିତିରେ ହଜାର ହଜାର ମଣିଷଙ୍କର ମଡ଼ାସ୍ତୂପରୁ ଉଦ୍ଧାର ପାଇଥିବା ସାଧନା, ଏଇ ନାଟକର ନାୟିକା । ଡାକ୍ତରୀ ଛାତ୍ର ଉଦୟଙ୍କ ସଂଳାପ ଭିତରୁ ଏହା ଅନ୍ତରାଳରେ ରହିଥିବା ପ୍ରେମର ପ୍ରଭାବ ଅନୁଭୂତ ହୋଇଥାଏ । ସମାଜର ଚଳୁଥିବା ବ୍ୟବସ୍ଥା ଓ ଅନ୍ଧବିଶ୍ୱାସର ଅନ୍ଧକାର ଭିତରେ ଉଦୟ ଦେଖୁଛି ଆଶାର ଆଲୋକ । ରନ୍ତଲେଇଠାରେ ଆସ୍ଥାନ ଜମେଇଥିବା ବାବାଙ୍କ ନିକଟକୁ ଯାଇଥିବା ଅବସରରେ ଅନେକ ବ୍ୟକ୍ତି ପ୍ରାଣ ହରାଇଥିଲେ । ଏଇଥିରେ ମଧ୍ୟ ପ୍ରାଣ ହରାଇଥିଲେ ସାଧନାର ପିତା, ମାତା । ସ୍ୱେଚ୍ଛାସେବୀ ଦଳ ସହିତ ସେବାରତ ଉଦୟ ହିଁ, ସେଇ ମଡ଼ାସ୍ତୂପ ମଧ୍ୟରୁ ସାଧନାକୁ ଉଦ୍ଧାର କରିଥିଲେ । ସାଧନା ଲାଭ କଲା ନବଜୀବନ, ତାକୁ ନବଜୀବନ ଦେଇଥିବା, ଉଦୟକୁ ନିକଟରେ ପାଇବାକୁ ସାଧନା ଆଶା କରୁଥିଲା । ରନ୍ତଲେଇର ସେଇ ବୀଭତ୍ସ ଦୃଶ୍ୟ ସ୍ମରଣ କରି, ସାଧନା ବାରମ୍ବାର ମୂର୍ଚ୍ଛିତା ହେଉଥିଲା ।

ଡାକ୍ତରୀ ଛାତ୍ରୀ, ଧନୀ କନ୍ୟା ସୁଚିତ୍ରା ଉଦୟକୁ ଭଲ ପାଇଛି । ସୁଚିତ୍ରାର ପିତା ମଧ୍ୟ ଉଦୟକୁ ଆପଣା କ୍ଷମତା, ସଂପଦ ଦ୍ୱାରା ପ୍ରଭାବିତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି । ଅଥଚ ଉଦୟ ନିଜର କର୍ତ୍ତବ୍ୟବୋଧ ନିକଟରେ ଅଟଳ ରହିଛି । ଉଦୟକୁ ନିଜପ୍ରତି ଆକର୍ଷିତ କରିବା ନିମିତ୍ତ ସୁଚିତ୍ରା, ମେଡିକାଲ କଲେଜଦ୍ୱାରା ଅଭିନୀତ ନାଟକରେ ଉଦୟ ବିପକ୍ଷରେ ନାୟିକା ଭୂମିକାରେ ଅବତୀର୍ଣ୍ଣା ହୋଇଛି । ସାଧନାର ଚିକିତ୍ସା ନିମିତ୍ତ ଉଦୟର ଅନୁପସ୍ଥିତି ହେତୁ, ନାଟ୍ୟ ସଂସଦର କର୍ମକର୍ତ୍ତା, ଅଭିନେତା, ଅଭିନେତ୍ରୀମାନଙ୍କ ରାଗ-ରୋଷ ଅଭିମାନରୁ ହିଁ ନାଟକ ରୀତିମତର ଆରମ୍ଭ । ସଂସଦର ସଂପାଦକ ଏବଂ ସଭାପତି, ନାଟକ ପ୍ରଦର୍ଶନ

Digitized by srujanika@gmail.com

ଜନିତ ବିଳମ୍ବ ପାଇଁ, ମଧ୍ୟେ ମଧ୍ୟେ ଦର୍ଶକଙ୍କୁ କ୍ଷମା ଭିକ୍ଷା କରୁଥାନ୍ତି । ଉଦୟ ଆସିନଥାଏ, ନାଟକ ପ୍ରଦର୍ଶନ ମଧ୍ୟ ଆରମ୍ଭ ହୋଇପାରୁନଥାଏ ।

ଉଦୟ ପହଞ୍ଚିଛି ସାଧନା ନିକଟରେ, ସାଧନା ଶୁଣିଛି, ଉଦୟ ପ୍ରତି ସୁଚିତ୍ରା ଅନୁରାଗିଣୀ, ଏହି ହେତୁ ଉଦୟଙ୍କୁ ସାଧନା ନିହାତି ଭୁଲ୍ ବୁଝିଛି । ମନରେ ତା'ର ଆଘାତ ଲାଗିବା ହେତୁ ଉଠାଇଲେଇ ସ୍ମୃତି, ତା'ର ମନେ ପଡ଼ିଯାଇଛି । ତେଣୁ ସେ ହୋଇଛି ମୂର୍ଚ୍ଛିତା । ଗୋଟିଏ ପକ୍ଷରେ ଅନୁଷ୍ଠାନର ନାଟକରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହେବା, ଅପର ପକ୍ଷରେ ଡାକ୍ତର ଭାବରେ ରୋଗିଣୀ ସାଧନା ପ୍ରତି ଉପଯୁକ୍ତ କର୍ତ୍ତବ୍ୟ ସଂପାଦନ କରିବା ଭଳି ଘଟଣା, ଉଦୟଙ୍କୁ ଦ୍ୱନ୍ଦ୍ୱର ସମ୍ମୁଖୀନ କରାଇଛି ।

ପ୍ରଫେସର୍ ରାୟଙ୍କ ଉପସ୍ଥିତି ଓ ପରାମର୍ଶରେ ଦ୍ୱନ୍ଦ୍ୱର ସମାଧାନ ହୋଇଛି । ଗୋଟିଏ କାର୍‌ରେ ଉଦୟ ଓ ପ୍ରଫେସର୍ ରାୟଙ୍କ ସହିତ ଆସିଛନ୍ତି ସାଧନା ଏବଂ ତାଙ୍କ ଭାଇ ଅଶୋକ । ସକଳ ଯୁକ୍ତିତର୍କର ଅବସାନ ଘଟିଛି, ନାଟକର ଶୁଭାରମ୍ଭ ଘଟିଛି । ସାଧନା ଏଥର ଖୋଜିଛି ଉଦୟଙ୍କୁ, ଗ୍ରୀନରୁମ୍ ବାହାରେ ସୁଚିତ୍ରା ସହିତ ତା'ର ସାକ୍ଷାତ୍ ଘଟିଛି, ସାଧନା ଏଥର ସୁଚିତ୍ରା ସହିତ ପରିଚିତ ହୋଇଛି । ସାଧନାଠାରୁ ଉଦୟଙ୍କୁ ଆପଣାର କରିନେବା ପ୍ରସଙ୍ଗ ଜଣାଇଛି ସୁଚିତ୍ରା । ସାଧନା ମନରେ ଭରିଯାଇଛି ଘୋର ଅଭିମାନ, ସେ ସୁଚିତ୍ରା ନିକଟରେ ଜଣାଇଛି ନିଜର ଅସହାୟତା । ସେ କହିଛି ଯେ ଉଦୟ ଜଣେ ଡାକ୍ତର, ସାଧନା ନିଜେ ଜଣେ ରୋଗୀ, ତେଣୁ ରୋଗଟା ଉପରେ ଉଦୟଙ୍କର ଆଗ୍ରହ ରହିଛି,ପୁଣି ତା'ର ଭାଇଙ୍କୁ ରୋଗ ଭଲ ହେବାର ପ୍ରତିଶ୍ରୁତି ଦେଇଛନ୍ତି ଡାକ୍ତର ଉଦୟ । ଡାକ୍ତର ବାବୁଙ୍କୁ ବ୍ୟତିବ୍ୟସ୍ତ ନ କରିବାକୁ କୁହାଯାଇଥିଲେ ମଧ୍ୟ, ଅଶୋକ କିନ୍ତୁ ମାନି ନାହାନ୍ତି । ସୁଚିତ୍ରାକୁ ଭଉଣୀ ବୋଲି ସଂବୋଧନ କରି କହିଛି ସାଧନା - "ଆପଣ ସୁଚିତ୍ରା ଦେବୀ, ନା - ନା, ଭଉଣୀ ବୋଲି କହେ, ଭଉଣୀ ! ମୋ ରୋଗ କଥା ଶୁଣି ଉଦୟବାବୁ ଯେତେବେଳେ ଚଞ୍ଚଳ ହୋଇ ଉଠିବେ, ତାଙ୍କୁ ଟିକିଏ ଶାନ୍ତ କରାଇ ରଖିନେବ, ... କୌଣସି ପ୍ରକାରେ ଛାଡ଼ିଦେବ ନାହିଁ । ତାହା ହେଲେ ସବୁ ଠିକ୍ ହୋଇଯିବ, ମୁଁ ଜାଣେ ରୋଗଟା ଯେ ପ୍ରକାର ମୋତେ ଆକ୍ରମଣ କରିଛି, ଆଉ ବେଶି ଦିନ ନୁହେଁ ।" (ନାଟକ ରୀତିମତ - ପୃଷ୍ଠା - ୭୬)

ରୁଗ୍ଣା ସାଧନାର ଏଇ କେତେପଦ ଅସହାୟ ବାଣୀ, ଡାକ୍ତରୀ ଛାତ୍ରୀ ସୁଚିତ୍ରା ମନରେ ଗଭୀର ଭାବରେ ରେଖାପାତ କରିଛି, ରୋଗୀଠାରୁ ରୋଗକୁ ଦୂରେଇ ଦେବା, ଜଣେ ସଚ୍ଚା ଡାକ୍ତରର ଲକ୍ଷଣ, ଏଇ ପରିସ୍ଥିତିରେ ସୁଚିତ୍ରା ନିକଟରେ ଉଦୟଠାରୁ ବରଂ ରୋଗୀସେବା ବଡ଼ ମନେ ହୋଇଛି । ଫଳତଃ ସାଧନା ସହିତ ଉଦୟର ମିଳନ ନିମିତ୍ତ ପଥ ପରିଷ୍କୃତ ହୋଇଛି ।

ନିଜେ ଏଥର ନାୟିକା ଭୂମିକାରେ ଅବତୀର୍ଣ୍ଣ ନ ହୋଇ, ତା' ସ୍ଥାନରେ ବରଂ ସାଧନା ନାୟିକା ଭୂମିକାରେ ଅଭିନୟ କରୁ ବୋଲି, ସୁଚିତ୍ରା ସାଧନାକୁ ବାଧ୍ୟ କରି ମଞ୍ଚ ଉପରକୁ ପଠାଇଛି । ସାଧନା ଏଥର ସୁଚିତ୍ରା ସ୍ଥାନରେ ଅଭିନୟ କରିଛି, ଗୋଟିଏ ଦୃଶ୍ୟରେ

Digitized by srujanika@gmail.com

ରନ୍ତଲେଇର ସେଇ, ଚିତ୍ର ସାଧନା ମନରେ ଆଘାତ ହାଣିଛି ଏବଂ ତତ୍‌କ୍ଷଣାତ୍ ସେ ସେଇ ମଞ୍ଚରେ ହୋଇଛି ମୂର୍ଚ୍ଛିତା । ଏଣିକି ସାଧନାର ରୋଗର କାରଣ ଏବଂ ଏହାର ନିଦାନ ସଂପର୍କରେ ଗବେଷଣା ଆରମ୍ଭ ହୋଇଛି, ଶେଷରେ ତା'ର ମାନସିକ ରୋଗର ଚିକିତ୍ସା ସ୍ୱରୂପ, ଉଦୟ ସାଧନାର ବୈବାହିକ କାର୍ଯ୍ୟ ସଂପନ୍ନ କରାଯାଇଛି । ଜଣେ ମାନସିକ ରୋଗୀ ପ୍ରତି ଉପଯୁକ୍ତ କର୍ତ୍ତବ୍ୟ ଏଠାରେ ହୋଇଛି ସଂପାଦିତ । ଶେଷରେ ଶୁଭ ପରିଣୟର ଏକ ଉତ୍ସବମୁଖର ଦୃଶ୍ୟରେ, ନାଟକଟିର ପରିସମାପ୍ତି ଘଟିଛି ।

'ନାଟକ ରୀତିମତ୍' ନାଟକରେ ରୋଗୀ ପ୍ରତି, ଡାକ୍ତରଙ୍କର ଅସାମାନ୍ୟ ଦାୟିତ୍ୱ ଓ କର୍ତ୍ତବ୍ୟ ସଂପର୍କରେ, ଆଲୋକପାତ କରାଯାଇଛି । ନାରୀ ମନସ୍ତତ୍ତ୍ୱର ବିଶ୍ଳେଷଣ କରିବା ଦିଗରେ ନାଟକଟି ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ତେବେ ଏହାର ଉପସ୍ଥାପନା କୌଶଳଟି ସ୍ୱତନ୍ତ୍ର । କାରଣ ଗ୍ରୀନ୍‌ରୁମ୍‌ର ସମସ୍ୟା, କର୍ମକର୍ତ୍ତା ରୂପେ ଦେଖାଦେଇଥିବା ଅଭିନେତାମାନଙ୍କର ଦର୍ଶକମାନଙ୍କୁ ନାଟକ ଆରମ୍ଭ ସଂପର୍କରେ ବାରମ୍ବାର ଅନୁରୋଧ, ନାଟକର ଶେଷ ପର୍ଯ୍ୟାୟରେ ଉତ୍କଣ୍ଠା ରକ୍ଷାରେ କ୍ଷମ ହୋଇପାରିଛି । ତେବେ ନାଟକଟିର ଶ୍ରୀ ବୃଦ୍ଧିରେ ସହାୟତା କରିଛି ଏହାର ପରିବେଷଣ ପରିପାଟୀ, ଉପଯୁକ୍ତ ସଂଳାପ ଏବଂ ଚରିତ୍ର ସୃଷ୍ଟି ଓ ଚରିତ୍ର ଚିତ୍ରଣର ଦକ୍ଷତା ।

୧୦. ଗୋଧୂଳିଲଗ୍ନ : (୧୯୫୪)

ଏକ ଭିନ୍ନ ଶୈଳୀର ନାଟକ ଭାବରେ 'ଗୋଧୂଳିଲଗ୍ନ' ନାଟକଟି ୧୯୫୪ ମସିହାରେ ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲ କଲେଜର ନାଟ୍ୟସଂସ୍ଥା ଦ୍ୱାରା 'ଅସ୍ତରାଗ' ଶୀର୍ଷକରେ ଅଭିନୀତ ହେବା ପ୍ରସଙ୍ଗ, 'ନାଟକ ରୀତିମତ୍'ର ମୁଖବନ୍ଧରୁ ଜଣାଯାଏ । (ନାଟକ ରୀତିମତ୍- ପୃଷ୍ଠା -'ଗ') ମାତ୍ର ୧୯୬୮ ମସିହା ଅପ୍ରେଲ ଆଠ ତାରିଖରେ ଏହା 'ଅନ୍ନପୂର୍ଣ୍ଣା-କିଶୋର କ୍ଲବ୍' ଦ୍ୱାରା ପରିବେଷିତ ହୋଇଥିଲା । ନାଟ୍ୟକାରଙ୍କର ଅନ୍ୟ କେତୋଟି ନାଟକ ଭଳି, ସଂପୃକ୍ତ ନାଟକରେ ଆଦର୍ଶ ସମାଜ ଗଠନର ସ୍ୱପ୍ନ ମଧ୍ୟ ଉପସ୍ଥାପିତ ହୋଇଛି ।

ସମୟର ଆହ୍ୱାନକୁ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ବେଶ୍ ସଫଳତାର ସହିତ ନିଜର ନାଟକରେ ପ୍ରକାଶ କରିବାରେ ଜଣେ ଧୂରୀଣ ସ୍ରଷ୍ଟା । ବିଂଶ ଶତକର ଶେଷ କେତୋଟି ଦଶକ ବେଳକୁ ସମାଜରେ ଦେଖାଦେଇଥିବା ଶଠତା, ପ୍ରବଞ୍ଚନା, ବ୍ୟର୍ଥତା ଇତ୍ୟାଦି ଦୁଇଟି ଅଙ୍କ ବିଶିଷ୍ଟ 'ଗୋଧୂଳି ଲଗ୍ନ' ନାଟକରେ ହୋଇଛି ପ୍ରଦର୍ଶିତ । ଶିକ୍ଷକ ସଦାନନ୍ଦଙ୍କ ପୁତ୍ର ସୁବାସଙ୍କର ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ସର୍ବଶ୍ରେଷ୍ଠ କୃତିତ୍ୱ ଅର୍ଜନ କରିଥିବା ସାଫଲ୍ୟଜନିତ ଉତ୍ସବ ପାଳନ ଅବସରରେ ସାଧାରଣ ଦୁର୍ଘଟଣାରେ ସୁବାସ ମାଆଙ୍କର ମୃତ୍ୟୁ, ଏବଂ ଏଥିରେ ମାନସିକ ସ୍ତରରେ ଆଘାତ ପ୍ରାପ୍ତ ହୋଇ ସୁବାସର ପିତା ସଦାନନ୍ଦଙ୍କର ରୋଗପୀଡ଼ିତ ଅବସ୍ଥାରୁ ଆରମ୍ଭ ହୁଏ ସମସ୍ୟା । ଅଭାବର ତୀବ୍ର ପୀଡ଼ନରେ ସୁବାସଙ୍କୁ ସପରିବାର ଭଡ଼ାଘର ଛାଡ଼ିବାକୁ ପଡ଼ିଛି । ସୁବାସର ଅନ୍ତରଙ୍ଗ ବନ୍ଧୁ ଗିରୀଶଙ୍କ ସହାୟତାରେ ନୂତନ ଭଡ଼ାଘରେ ସେମାନେ ରହିବା ପରେ ମଧ୍ୟ, ଗୁଜୁରାଣ ମେଣ୍ଟାଇବା ସହଜ ହୋଇନାହିଁ ।

Digitized by srujanika@gmail.com

ଅଭାବ-ଅନଟନର ତାଡ଼ନାରେ ବିଶ୍ୱବିଦ୍ୟାଳୟର କୃତିଛାତ୍ର ସୁବାସ ଚାକିରି ଖୋଜି ଖୋଜି ନିରାଶ ହେବାବେଳେ, ଶିଳ୍ପପତି ମିଷ୍ଟର ପଟ୍ଟନାୟକଙ୍କ କନ୍ୟା ବାସନ୍ତୀର ସହାୟତାରେ ତାଙ୍କ ମିଲ୍‌ର ପରିଚାଳକ ଭାବରେ ଚାକିରିଟିଏ ପାଇଛନ୍ତି । ଧର୍ମଘଟର ମୁକାବିଲା ନିମିତ୍ତ ପିତା ମିଷ୍ଟର ପଟ୍ଟନାୟକ ସୁବାସକୁ ଚାକିରି ଦେଲେ, ବାସନ୍ତୀ କିନ୍ତୁ ମନେ ମନେ ସୁବାସଙ୍କୁ ବିବାହ କରିବାର ଆଶା ପୋଷଣ କରିଥାଏ । ମାତ୍ର ସୁବାସ ମନ ଭିତରେ ଶିଳ୍ପପତିଙ୍କ ଶିକ୍ଷିତା କନ୍ୟା ବାସନ୍ତୀ ନିମିତ୍ତ ଅସାଧାରଣ ଭୟ ଓ ଉପେକ୍ଷା ବସା ବାନ୍ଧିଥାଏ ।

ଦୀନବନ୍ଧୁ ବାବୁ ଥିଲେ ଲୋଭାତୁର । ତାଙ୍କ ପୁତ୍ର ପ୍ରଫୁଲ୍ଲ ବାସନ୍ତୀକୁ ବିବାହ କରିବାକୁ ଆଗ୍ରହୀ ଥିଲା । ଦୀନବଂଧୁଙ୍କର ଲୋଲୁପ ଦୃଷ୍ଟିଥିଲା ମିଷ୍ଟର ପଟ୍ଟନାୟକଙ୍କ ଶିଳ୍ପ ଉପରେ, ମିଷ୍ଟର ପଟ୍ଟନାୟକଙ୍କର ଏକମାତ୍ର କନ୍ୟା ବାସନ୍ତୀକୁ ବୋହୂ କରି ଆଣିଲେ ସମସ୍ତ ସଂପତ୍ତି ବଳେ ବଳେ କରାୟତ୍ତ ହୋଇପାରିବ ବୋଲି ସେ ଧାରଣା କରିଥିଲେ । ମାତ୍ର ଦୀନବନ୍ଧୁଙ୍କ ଏ ପ୍ରସ୍ତାବ ମିଷ୍ଟର ପଟ୍ଟନାୟକଙ୍କ ଦ୍ୱାରା ହୋଇଛି ପ୍ରତ୍ୟାଖ୍ୟାତ । ଧୂର୍ତ୍ତ ଦୀନବନ୍ଧୁ, ମିଲ୍‌ର ସତୁରୀଭାଗ ସେୟାର୍ କିଣିନେଇ, ଶ୍ରମିକମାନଙ୍କୁ ମତାଇ ଧର୍ମଘଟ କରାଇଛନ୍ତି । କୌଣସି ପ୍ରକାରେ ଧର୍ମଘଟର ସମାଧାନ କରି ନ ପାରି ସେଦିନର ସୁଯୋଗ୍ୟ ଛାତ୍ର ସୁବାସ ଆଜି ସଂପୂର୍ଣ୍ଣ ଭାବରେ ନିଜର ଅଯୋଗ୍ୟତାର ପ୍ରମାଣ ସ୍ୱରୂପ ବିଫଳ ହୋଇ ଚାକିରି ଛାଡ଼ିଛନ୍ତି । ଜୀବନରେ ତାଙ୍କର ଘନେଇ ଆସିଛି ଘୋର ଦୁର୍ଦ୍ଦିନ । ତାଙ୍କର ଏକମାତ୍ର ଭଉଣୀ ରମା, ବନ୍ଧୁ ଗିରୀଶଙ୍କୁ ଭଲପାଇ ବସିଛି । ହେଲେ ସୁବାସ କିନ୍ତୁ ଏହାକୁ ଗ୍ରହଣ କରି ପାରିନାହାନ୍ତି ଓ କେବଳ ରମାକୁ ପ୍ରେମ କରି ଗିରୀଶ ଏମାନଙ୍କୁ ସାହାଯ୍ୟ କରୁଛି ବୋଲି ଦର୍ଶାଇ ଅଛନ୍ତି । ଫଳତଃ ଗିରୀଶକୁ ବିନା ଦୋଷରେ ଧିକ୍କାର ଶୁଣିବାକୁ ହୋଇଛି । ଶେଷରେ ଗିରୀଶକୁ ଝୁରି ଝୁରି ରମା ଚିରଦିନ ପାଇଁ ଆଖି ବୁଜିଛି । ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ଡିଗ୍ରୀଧାରୀ ଯୁବକ ସୁବାସ, ସଂସାର ଓ ସାମାଜିକ ଜୀବନର ପ୍ରତିଟି କ୍ଷେତ୍ରରେ ଅଯୋଗ୍ୟ ହୋଇପଡ଼ିଛନ୍ତି ।

ଦୀନବନ୍ଧୁ ଏବଂ ମିଷ୍ଟର ପଟ୍ଟନାୟକ ପୁଣି ଚତୁରେ ଚତୁରେ କୋଳା କୋଳି ଆରମ୍ଭ କରିଛନ୍ତି । ଦୀନବନ୍ଧୁ ଚାହାନ୍ତି, ମିଷ୍ଟର ପଟ୍ଟନାୟକ କନ୍ୟା ବାସନ୍ତୀକୁ ବୋହୂ କରି ସଂପୂର୍ଣ୍ଣ ମିଲ୍‌ର ମାଲିକାନାକୁ ଅକ୍ତିଆରକୁ ନେବେ । ବାଧବାଧକତାରେ ପଡ଼ି, ନିଜ କନ୍ୟାକୁ ଦୀନବନ୍ଧୁଙ୍କ ପୁତ୍ର ପ୍ରଫୁଲ୍ଲ ସହିତ ବିବାହ ଦେଇ,ମିଲ୍ ଚାଲୁ ରଖିବା ନିମିତ୍ତ ଆଶା ପ୍ରକାଶ କରିଛନ୍ତି ମିଷ୍ଟର ପଟ୍ଟନାୟକ । ବାସନ୍ତୀ କିନ୍ତୁ ସୁବାସଙ୍କ ପ୍ରତି ଏକାନ୍ତ ଭାବରେ ଥିଲା ଅନୁରକ୍ତା, ତେଣୁ ନିଜକୁ ଅପମାନିତ ମନେ କରି,ଶେଷରେ ଆତ୍ମହତ୍ୟା କଲେ ମିଷ୍ଟର ପଟ୍ଟନାୟକ । ସୁଯୋଗ ଉଣ୍ଡି ବାସନ୍ତୀକୁ ଅବରୋଧ କରିବାକୁ ଇଚ୍ଛା କରୁଥିଲେ ଦୀନବଂଧୁ, ମାତ୍ର କୌଶଳରେ ବାସନ୍ତୀ ସେଠାରୁ ପଳାଇ ଆସିଛି ସୁବାସ ନିକଟକୁ ।

ସୁବାସ ଓ ପିତା ସଦାନନ୍ଦ ଏତେବେଳକୁ ବ୍ୟର୍ଥ ମନୋରଥ ହୋଇ ସଂପୂର୍ଣ୍ଣ ଭାବରେ ଭାଂଗି ପଡ଼ିଛନ୍ତି । ବାସନ୍ତୀର ଉପସ୍ଥିତି, ସଦ୍ୟ କନ୍ୟାହରା ସଦାନନ୍ଦଙ୍କ ପିତୃ ହୃଦୟକୁ କୌଣସି ପ୍ରକାରେ ଶାନ୍ତି ସନ୍ତୋଷ ପ୍ରଦାନ କରିଛି । ପିତାଙ୍କୁ ହରାଇଥିବା ବାସନ୍ତୀ ଚାହେଁ ପିତା ଓ

Digitized by srujanika@gmail.com

କନ୍ୟା ହରାଇଥିବା ସଦାନନ୍ଦଙ୍କର ଆବଶ୍ୟକତା ହୋଇଛି କନ୍ୟା । ସୁବାସର ପତ୍ନୀ ଭାବରେ ବାସନ୍ତୀ ପାଇବ ପିତା ଓ ସଦାନନ୍ଦ ପାଇବେ କନ୍ୟା - ଏଇଭଳି ଏକ ମିଳନର ଆଭାସ ଭିତରେ 'ଗୋଧୂଳି ଲଗ୍ନ' ନାଟକର ପରିସମାପ୍ତି ଘଟିଛି ।

୧୧. ସେବିକା (୧୯୫୫)

ନାରୀ ଜୀବନର ଆଦାର୍ଶ ଉପରେ ଆଧାରିତ ନାଟକ 'ସେବିକା' ୪ ମେ ୧୯୫୫ରୁ ୪ ଅଗଷ୍ଟ ୧୯୫୫ ପର୍ଯ୍ୟନ୍ତ 'ଅନ୍ନପୂର୍ଣ୍ଣା' 'ବି' ଗ୍ରୁପ ଦ୍ୱାରା ଅଭିନୀତ ହୋଇ ଦର୍ଶକୀୟ ମନୋରଂଜନ କରିବାରେ କ୍ଷମ ହୋଇଥିଲା । ସଂକ୍ଷିପ୍ତ କାହାଣୀ କଳାର ଆକର୍ଷଣୀୟ ତଥା ଶକ୍ତିଶାଳୀ ଆବେଦନ ଦର୍ଶକ ମଣ୍ଡଳୀଙ୍କୁ ପ୍ରଲୁବ୍ଧ କରିଥିଲା । ସମଗ୍ର ନାଟକରେ ପ୍ରମୁଖ ଚରିତ୍ର ଜୟନ୍ତୀ । ଜୟନ୍ତୀର ମାନସିକ ଅବସ୍ଥାର ଏବଂ ନାରୀ ମନସ୍ତତ୍ତ୍ୱର ବିଶ୍ଳେଷଣ କରିବାକୁ ଯାଇ ନାଟ୍ୟକାର ସୃଷ୍ଟି କରିଛନ୍ତି ନାଟକ ସେବିକା ।

ପୁରୀରେ ସମୁଦ୍ର ସ୍ନାନ କାଳରେ ସ୍ଖଳିତପଦ ଜୟନ୍ତୀକୁ ଉଦ୍ଧାର କରିବା ପରେ, ଯୁବ ଅଧ୍ୟାପକ ବିକାଶଙ୍କ ମନରେ ଜୟନ୍ତୀ ପ୍ରତି ଅନୁରକ୍ତି ବଢ଼େ, ଅନୁରୂପ ଭାବରେ ଜୟନ୍ତୀ ମନରେ ବିକାଶଙ୍କ ପ୍ରତି ଆନ୍ତରିକତା ସୃଷ୍ଟି ହୁଏ । ପରେ ଅବଶ୍ୟ ଦୁହିଁଙ୍କର ବିବାହ ପ୍ରସ୍ତାବ ସ୍ଥିର ହୁଏ । ମାତ୍ର ଗବେଷଣାରେ ସାଧାରଣ ଦୁର୍ଘଟଣାରେ ବିକାଶ ଦୃଷ୍ଟିଶକ୍ତି ହରାଇ ଅନ୍ଧ ହୋଇପଡ଼ନ୍ତି । ଫଳରେ ଜୟନ୍ତୀ ପରିବାର ତରଫରୁ ଏ ବିବାହ ପ୍ରସ୍ତାବକୁ ଭାଂଗି ଦିଆହୁଏ । ଜୟନ୍ତୀ ସହିତ ଚକ୍ଷୁ ବିଶେଷଜ୍ଞ ଶଶାଙ୍କ ବାବୁଙ୍କ ବିବାହ ସଂପନ୍ନ ହୋଇଛି । ଘଟଣା କ୍ରମେ ଅନ୍ଧ ବିକାଶଙ୍କର ଚକ୍ଷୁ ଚିକିତ୍ସା ନିମିତ୍ତ ତାଙ୍କ ପିତା, ଡାକ୍ତର ଶଶାଙ୍କଙ୍କ ନିକଟରେ ଉପସ୍ଥିତ ହୋଇଛନ୍ତି । ଶଶାଙ୍କ ମଧ୍ୟ ଅତି ଆଗ୍ରହର ସହିତ, ନିଜ ଯତ୍ନରେ, ନିଜ ଘରେ ବିକାଶର ଚକ୍ଷୁ ଚିକିତ୍ସା କରାଇଛନ୍ତି । ଏଇଠାରେ ଜୟନ୍ତୀ ଦେଖିଛି ବିକାଶକୁ । ବିକାଶ ମଧ୍ୟ ଜୟନ୍ତୀର ଉପସ୍ଥିତିକୁ ହୃଦୟଙ୍ଗମ କରି, ତା'ହାତର ସ୍ପର୍ଶପାଇ ତାକୁ ଜୟନ୍ତୀ ବୋଲି ଡାକିଛନ୍ତି । ମାତ୍ର ଜୟନ୍ତୀ ଏବେ ଖୁବ୍ ସନ୍ତୁଳିତା, ଆବେଗ ଏବଂ ଉଦ୍‌ବେଗରେ ବେଗବତୀ ନାରୀଟିଏ ସେ । ଗୋଟାଏ ପଟେ ସ୍ୱାମୀ ଡାକ୍ତର ଶଶାଙ୍କ ଏବଂ ଅପରପକ୍ଷରେ ଆପଣାର ପୂର୍ବତନ ପ୍ରେମିକ ଅଧ୍ୟାପକ ବିକାଶ, ଜୟନ୍ତୀକୁ ବଡ଼ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡ଼ିଛି । ଜୟନ୍ତୀ କିନ୍ତୁ ଏବେ ନିଜର ତ୍ରୁଟି ନିମିତ୍ତ ଗଭୀର ଭାବରେ ଅନୁଶୋଚନା କରିଛି । ସେ ମନେ କରିଛି ବରଂ ଅଧ୍ୟାପକ ବିକାଶଙ୍କୁ ବିବାହ କରିବାଟା, ତା'ପକ୍ଷରେ ଉଚିତ ହୋଇଥାଆନ୍ତା ।

ଜୟନ୍ତୀ ଗୋଟାଏ ସନ୍ତୁଳିତା ନାରୀ, ନା ସେ ନିଜ ପୂର୍ବ ପ୍ରେମକଥା ସ୍ୱାମୀ ଶଶାଙ୍କଙ୍କୁ କହି ପାରୁଛି, ନା ସେ ବିକାଶ ସହିତ ଘନିଷ୍ଠ ହୋଇପାରୁଛି । ବିକାଶ ଚକ୍ଷୁରୁ ପଟି ଖୋଲିବା ସମୟ ପାଖେଇ ଆସିବାରୁ, ଜୟନ୍ତୀ କ୍ରମେ ଅତିଷ୍ଠ ହୋଇପଡ଼ିଛି । ସେ ସବୁବେଳେ ବିକାଶ ବାବୁଙ୍କ ବିଷୟ ଚିନ୍ତା କରିଛି, ଫଳତଃ ତା'ଭିତରର ଅନ୍ୟମନସ୍କତାକୁ ଧରିନେଇଛନ୍ତି ଶଶାଙ୍କ । ଏତେବେଳେ ଜୟନ୍ତୀର ବନ୍ଧୁ କମଳାର ସାହାଯ୍ୟ ଲୋଡ଼ାଯାଇଛି । କମଳା ଜୟନ୍ତୀ ଭଳି

Digitized by srujanika@gmail.com

ସୁନ୍ଦରୀ ନୁହେଁ, ଅଥଚ ଅନ୍ୟମାନଙ୍କର ମନକଥା ଜାଣିବାରେ ସବୁରି ଦରଦୀ ହୃଦୟକୁ ବୁଝିବାରେ ସେ ସୁଦକ୍ଷା । ବିକାଶ ପ୍ରତି ଅନୁରକ୍ତି ହେତୁ, ଜୟନ୍ତୀ ଏପରି ଉନ୍ମନା ହୋଇ ଉଠିଥିବା ପ୍ରସଙ୍ଗ ସେ ଅନୁଭବ କରିପାରିଛି । ଜୟନ୍ତୀ ଏବେ ଶଶାଙ୍କର ପତ୍ନୀ, ତେଣୁ ଭାରତୀୟ ନାରୀର ଆଦର୍ଶ ଦୃଷ୍ଟିରୁ, ସେ ଆଉ ବିକାଶକୁ ଆଦରି ନେଇପାରିବ ନାହିଁ -ଏହା କମଳା ତାକୁ ବୁଝାଇ ଦେଇଛି । ବିକାଶଙ୍କର ଏପରି ଦୁର୍ଦ୍ଦିନରେ ତାଙ୍କର ସେବା କରି, ତାଙ୍କୁ ଆପଣାର କରିନେବାର ଦୁର୍ବାର ଇଚ୍ଛା, କମଳା ଭିତରେ ଲକ୍ଷ୍ୟ କରାଯାଇଛି ।

ଆଖିରୁ ପଟି ଖୋଲା ହେଲେ, ବିକାଶ ଜୟନ୍ତୀକୁ ଚିହ୍ନିଦେବେ, ସେ ଧରାପଡ଼ିଯିବ - ଏଇଭଳି ଅପ୍ରୀତିକର ଘଟଣା ଘଟିବା ପୂର୍ବରୁ ଜୟନ୍ତୀ, ବିକାଶଙ୍କ ପ୍ରତି, ତା' ଭିତର ଆକର୍ଷଣ ପ୍ରସଙ୍ଗ ଶଶାଙ୍କ ଆଗରେ ପ୍ରକାଶ କରିଦେଇଛନ୍ତି । ସରଳ ହୃଦୟ ଶଶାଙ୍କ, ଜୟନ୍ତୀକୁ ତା'ର ସ୍ୱାଧୀନତା ପ୍ରଦାନ କରିଛନ୍ତି । ଉତ୍‌ଫୁଲ୍ଲିତା ଜୟନ୍ତୀ ଏଥର ବିକାଶଙ୍କ ନିକଟରେ ନିଜର ମନୋଭାବକୁ ସ୍ପଷ୍ଟଭାବରେ ପ୍ରକାଶ କରିଦେଇଛି ଓ ବିକାଶଙ୍କୁ ଜୀବନସାଥୀ ରୂପେ ପାଇବାର ଇଚ୍ଛା ପ୍ରକଟ କରିଛି । ବିକାଶ ଥିଲେ ବିବେକୀ, ତେଣୁ ଶଶାଙ୍କ ବାବୁଙ୍କ ଭଳି ଜଣେ ବିଚକ୍ଷଣ ଡାକ୍ତରଙ୍କ ପାରିବାରିକ ଜୀବନରେ, ତାଙ୍କ ପାଇଁ ଝଡ଼ ଉଠୁ, ଏହା ସେ ଇଚ୍ଛା କରିନାହାନ୍ତି । ତେଣୁ ଜୟନ୍ତୀର ଅନୁରୋଧକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଛନ୍ତି । ରାଗ, କ୍ରୋଧ, ଅଭିମାନ ଏବଂ ଯନ୍ତ୍ରଣାରେ ବିକାଶ ନିଜ ଆଖିରୁ ନିଜ ହାତରେ ପଟି ଖୋଲି ଦେଇଛନ୍ତି । ଏ ସଂବାଦ ନେଇ କମଳା ଡାକ୍ତର ଶଶାଙ୍କଙ୍କ ନିକଟରେ ପହଞ୍ଚାଇବା ବେଳକୁ ଡାକ୍ତର ଶଶାଙ୍କ ମଧ ଘୋର ମାନସିକ ସନ୍ତୁଳନ ଓ ଆତ୍ମଗ୍ଲାନିରେ ଆତ୍ମହତ୍ୟା କରିବାକୁ ବିଷପାନ ପାଇଁ ଉଦ୍ୟତ ହୋଇଛନ୍ତି । ନିଜ ହାତରେ ଆଖିରୁ ପଟି ଖୋଲି ଦେଇଥିଲେ ମଧ, ବିକାଶ ନିଜର ଦୃଷ୍ଟିଶକ୍ତି ଫେରିପାଇଛନ୍ତି, ଶଶାଙ୍କ ନିକଟରେ ଗଭୀର କୃତଜ୍ଞତା ଜଣାଇଛନ୍ତି, ଏବଂ କ୍ଷମା ମଧ ମାଗିଛନ୍ତି ।

ବିକାଶଙ୍କର ପଳାୟନ ପରେ, ଘୋର ଆଘାତରେ ଭାଂଗିପଡ଼ିଛନ୍ତି ଜୟନ୍ତୀ ଏବଂ ପୁନର୍ବାର ରୁଗ୍ଣା ହୋଇପଡ଼ିଛନ୍ତି । କମଳାର ସେବା, ଏବଂ ଶଶାଙ୍କଙ୍କ ଚିକିତ୍ସା ବଳରେ ହିଁ, ଜୟନ୍ତୀକୁ ନବ ଜୀବନ ଦେବାର ବ୍ୟବସ୍ଥା ହୋଇଛି । ହାସ୍ୟ-କାରୁଣ୍ୟ, ଆଶା-ନୈରାଶ୍ୟର ଲୁଚୁକାଳି ଖେଳ ଭିତରେ ନାଟକ 'ସେବିକା'ର ସମାପ୍ତି ଘଟିଛି । ସଂପୃକ୍ତ ନାଟକରେ ନାଟ୍ୟକାର ଅତି ସୁନ୍ଦର ଭାବରେ, ଆଧୁନିକ ନାରୀର ମାନସିକ ଅବସ୍ଥାର ସୂକ୍ଷ୍ମ ଅବବୋଧକୁ ପ୍ରକାଶ କରିବାରେ କ୍ଷମ ହୋଇଛନ୍ତି ।

କାହାଣୀ କଳାରେ ଚମକ ନଥାଇ ମଧ୍ଧ 'ସେବିକା'ର ନାଟକୀୟତା ଆକର୍ଷଣୀୟ । କାରଣ ଏଠାରେ ପ୍ରମୁଖ ଭୂମିକା ହୋଇଛି ନାରୀ ମନସ୍ତତ୍ତ୍ୱର ବିଶ୍ଳେଷଣ । ଆଲୋଚକ ଡକ୍ଟର ହେମନ୍ତ କୁମାର ଦାସଙ୍କ ଭାଷାରେ - ''ବଧୂ ଏବଂ ପ୍ରେମିକାର ଦ୍ୱୈତ ମାନସିକତା, ଜୟନ୍ତୀ ମାଧମରେ ସୁନ୍ଦର ଭାବରେ ପରିସ୍ଫୁଟ ହୋଇଛି । ତାହାରି ଭିତରେ ଫୁଟି ଉଠିଛି

Digitized by srujanika@gmail.com

ନାଟକୀୟ ଦ୍ୱନ୍ଦ୍ୱ । ଆଦର୍ଶବାଦିତା ହେଉଛି ନାଟ୍ୟକାର ମିଶ୍ରଙ୍କ, ସୃଷ୍ଟିଭୂମିର ସବୁଠାରୁ ବଳିଷ୍ଠ ଫସଲ । ଏଥିରେ ତାହାର ଅଭାବ ନାହିଁ । ଜୟନ୍ତୀ ମାଧ୍ୟମରେ ନାଟ୍ୟକାର ଏକ ନୂତନ ପରୀକ୍ଷା କରିଛନ୍ତି । ବଧୂ ଆଉ ପ୍ରଣୟିନୀ, ଜୟନ୍ତୀ ମଧ୍ୟରୁ ବାହାରି ଆସିଛି, ନାରୀର ଚିରନ୍ତନୀ ସେବିକା ରୂପଟି, ଯାହାର କୌଣସି ଜାତି ନାହିଁ, ଧର୍ମ ନାହିଁ । ନାରୀର ସେଇ ମମତାମୟୀ ସନାତନ ରୂପଟିକୁ ନାଟ୍ୟକାର ଦର୍ଶକମାନଙ୍କ ନିକଟରେ ଟୋଳି ଧରିଛନ୍ତି । ଗତାନୁଗତିକ କଥାବସ୍ତୁର ଅଭିନବ ଉପସ୍ଥାପନ ରୀତି ହିଁ, ନାଟ୍ୟକାରଙ୍କର କୃତିତ୍ୱ, ଚମତ୍କାର ସଂଳାପ ମାଧ୍ୟମରେ, ସେ ଏଇ କାର୍ଯ୍ୟଟି କରିଛନ୍ତି ।''

(ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶ ଧାରା - ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା - ପୃଷ୍ଠା -୧୬୬)

୧୨. ମମତା (୧୯୫୫)

ତିନି ଅଙ୍କ ବିଶିଷ୍ଟ ନାଟକ 'ମମତା' ୨୦ ନଭେମ୍ବର ୧୯୫୫ରୁ ମେ, ୧୯୫୬ ପର୍ଯ୍ୟନ୍ତ ଅନ୍ନପୂର୍ଣ୍ଣା ବି' ଗ୍ରୁପ୍' ଦ୍ୱାରା ପରିବେଷିତ ହୋଇ ଦର୍ଶକୀୟ ଉତ୍କଣ୍ଠା ଚରିତାର୍ଥ କରିଥିଲା । ରଙ୍ଗମଞ୍ଚରେ ଦୀର୍ଘ କାଳ ଧରି ଏହାର ମଞ୍ଚାୟନହିଁ, ଏହାର ଲୋକପ୍ରିୟତାର ପ୍ରମାଣ । ଏ ସଂପର୍କରେ ଜଣେ କୃତବିଦ୍ୟ ଅଧ୍ୟାପକ ଓ ନାଟ୍ୟପ୍ରେମୀ ଦର୍ଶକ ଭାବରେ ପ୍ରଫେସର ଗୌରୀ କୁମାର ବ୍ରହ୍ମା ନିଜର ଦର୍ଶକୀୟ ପ୍ରତିକ୍ରିୟାରେ ଲେଖିଥିଲେ - ''ରାମଶଙ୍କରଙ୍କ ବିଷମୋଦକ ଠାରୁ, ଏପର୍ଯ୍ୟନ୍ତ ଓଡ଼ିଆ ସାମାଜିକ ନାଟକର ଯେଉଁ କ୍ରମବିକାଶ ସଂଘଟିତ ହୋଇ ଆସିଛି, ଏ ନାଟକଟି ତା'ର ଚୂଡ଼ାନ୍ତ ପରିଣତି ।''

('ମମତା' -ସାଥୀ ପ୍ରକାଶନ (୧୯୬୭) - ମତାମତ)

ଯାଦବବାବୁଙ୍କର ତୃତୀୟ ପୁତ୍ର ମାଧବ ସହିତ ଦରିଦ୍ର ପରିବାରର କନ୍ୟା ବାସନ୍ତୀ ସହିତ ସଂପନ୍ନ ହୋଇଥିବା ବିବାହ ଉତ୍ସବରୁ ନାଟକର ଶୁଭାରମ୍ଭ ଘଟିଛି । ବୋହୂ କୌଣସି ଯାନିଯୌତୁକ ଆଣିନଥିବା ହେତୁ, ଯାଦବବାବୁଙ୍କ ପତ୍ନୀ ଏଥିରେ ସନ୍ତୁଷ୍ଟ ହୋଇନାହାନ୍ତି । ଏହାପରେ ମାଧବର ମଝିଆଁ ଭାଇ ପ୍ରବୋଧର ଶଶୁର ବାଉରିବନ୍ଧୁ ଏଇ ଅସନ୍ତୋଷର ବହ୍ନିକୁ ଅଧିକତର ଭାବରେ ପ୍ରଜ୍ୱଳିତ କରିଛନ୍ତି । ଯାଦବବାବୁଙ୍କର ଦ୍ୱିତୀୟ ପୁତ୍ର ପ୍ରବୋଧ ଏବଂ ତାଙ୍କର ଆଧୁନିକା ପତ୍ନୀ ମାୟା, ପରିବାର ମଧ୍ୟରେ ଘୋର ଅଶାନ୍ତି ସୃଷ୍ଟି କରିବାରେ ଲାଗିଛନ୍ତି । ମାୟାର ପିତା, ବାଉରିବନ୍ଧୁ, ପ୍ରବୋଧକୁ ନାନା ଭାବରେ ଉତ୍ତେଜିତ କରିଛନ୍ତି ।

ଜ୍ୟେଷ୍ଠପୁତ୍ରର ମୃତ୍ୟୁପରେ, ତାଙ୍କର ବିଧବା ପତ୍ନୀ, ଏକମାତ୍ର ପୁଅ ସୁବାସ ମୁହଁକୁ ଚାହିଁ, ସବୁ ଦୁଃଖ ଯନ୍ତ୍ରଣାକୁ ଏଡ଼େଇ ଦେଇ, ପରିବାରର ପ୍ରତିଟି ମଣିଷଙ୍କୁ ଆପଣାର କରିନେଇଛି । ସମସ୍ତେ ମଧ୍ୟ ଶ୍ରଦ୍ଧା ଓ ସହାନୁଭୂତି ନେଇ, ବିଧବା ବଡ଼ ବୋହୂଙ୍କୁ ଆଦର କରିଛନ୍ତି । ବଡ଼ ଯାଆଙ୍କର ଏଇ ଲୋକପ୍ରିୟତା ପ୍ରତି ଈର୍ଷ୍ୟା ପ୍ରକାଶ କରିଛନ୍ତି ସାନଯାଆ ସ୍ୱେଚ୍ଛାଚାରିଣୀ ମାୟା ।

Digitized by srujanika@gmail.com

ମାଧବ ଜଣେ ଭିନ୍ନ ଧରଣର ମଣିଷ, ସେ ଚାହେଁ ଶାନ୍ତିପୂର୍ଣ୍ଣ ସହାବସ୍ଥାନ । ତେଣୁ ସେ ନିଜ ଗାଁର ଯାବତୀୟ ମାଲିମକଦ୍ଦମା ଓ ମାନ-ମନାନ୍ତରରେ ହସ୍ତକ୍ଷେପ କରି, ଦୁଇପକ୍ଷଙ୍କୁ ବୁଝାଇ ସବୁକିଛିର ସମାଧାନ କରିଦିଏ । ଫଳତଃ କୌଣସି ଘଟଣା ନେଇ ଗ୍ରାମର ଲୋକେ ଆଇନର ଆଶ୍ରୟ ନେବା ପାଇଁ ସହରରେ ଓକିଲାତି କରୁଥିବା ପ୍ରବୋଧ ପାଖକୁ ଯାଆନ୍ତି ନାହିଁ । ନିଜର ରୋଜଗାରରେ ବାଧା ଆସିବାରୁ ମାଧବ ଉପରେ ପ୍ରବୋଧ କ୍ଷୁବ୍ଧ ହୁଏ । ମାଧବକୁ କିଛି ରୋଜଗାର କରିବାପାଇଁ ସେ ପ୍ରରୋଚିତ କରେ । ମାଧବ କିନ୍ତୁ ନିଜ ଆଦର୍ଶରେ ଅଟଳ । ମାଧବ ଏବଂ ବଡ଼ବୋହୂ ପ୍ରତି ମାୟା, ପ୍ରବୋଧ ଏବଂ ଯାଦବଙ୍କ ପତ୍ନୀଙ୍କର ଘୋର ଈର୍ଷା ଏବଂ ଅସନ୍ତୋଷ । ନିଜର ବଡ଼ବୋହୂ ପ୍ରତି ଶାଶୁ ଅସହଣୀୟ ବ୍ୟବହାର କରିଛନ୍ତି, ନାତି ସୁବାସକୁ ମଧ ସ୍ନେହରୁ ବଂଚିତ କରିଛନ୍ତି ।

ମାୟାର ପ୍ରରୋଚନାରେ ପ୍ରବୋଧ ମାୟାକୁ ନେଇ କଟକ ସହରରେ ଅବସ୍ଥାନ କରିଛି । ଏଥିରେ ସହଯୋଗ କରିଛି ଶଶୁର ବାଉରିବନ୍ଧୁ । ବଡ଼ଯାଆକୁ ନେଇ ପତ୍ନୀ ମାୟା ଏଠାରେ ଚାକରାଣୀ ଭଳି ଖଟାଇଛି । କେବଳ ସୁବାସର ଭବିଷ୍ୟତ ଆଶାନେଇ ଏଠି ସକଳ ଯନ୍ତ୍ରଣା ଭିତରେ ପଡ଼ିରହିଛି ସେ । କଳାବଜାରୀ ଓ ମୁନାଫାଖୋର ବାଉରିବନ୍ଧୁ, ପ୍ରବୋଧଙ୍କୁ ବିଧାୟକ ଭାବରେ ଲଢ଼େଇ କରିବା ନିମିତ୍ତ ସ୍ୱପ୍ନ ଦେଖାଇଛନ୍ତି । ଏଥିପାଇଁ କ୍ଷେତ୍ର ପ୍ରସ୍ତୁତି ଚାଲିଛି । ଗୋଟାଏ ନୃତ୍ୟ-ଗୀତ ବିଦ୍ୟାଳୟ ଆରମ୍ଭ ହୋଇଛି । ଏହା ଭିତରେ ମାୟା ହୋଇପଡ଼ିଛି ଅତି ମାତ୍ରାରେ ସ୍ୱେଚ୍ଛାଚାରିଣୀ, ପ୍ରବୋଧର ଅକ୍ତିଆର ବାହାରେ ସେ, ଏପରିକି ପରପୁରୁଷ ସହିତ ସେ ସିନେମା ଦେଖିବାକୁ ଯାଇଛି । ମାୟାର ଭାଇ କାହ୍ନୁ ଏଠାରେ ଆସ୍ଥାନ ଜମେଇଛି ଓ ଛନ୍ଦା ନାମକ ଏକ ନର୍ତ୍ତକୀକୁ ଭଲ ପାଇବସିଛି । କାହ୍ନୁ ପ୍ରବୋଧଙ୍କ ପକେଟରୁ ଟଙ୍କା ଚୋରି କରି ଅସହାୟ ସୁବାସ ମୁଣ୍ଡରେ ଥଠା ବୋକିଛି । ସୁବାସ ତେଣୁ ବିନା ଦୋଷରେ ମାଡ଼ ଗାଳି ଖାଇ ବଡ଼ ଦୟନୀୟ ଭାବରେ ଜୀବନ ବିତାଇଛି । ପ୍ରବୋଧ କ୍ରମେ ବାଉରିବନ୍ଧୁଙ୍କ ପ୍ରଭାବରେ ନିଜର ଅହଂକାର ନେଇ, ନିଜର ପରିବାର ଠାରୁ ସଂପର୍କଚ୍ୟୁତ ହୋଇଛନ୍ତି । ସମସ୍ତ ସଂପତ୍ତି ଉପରେ ପ୍ରବୋଧ ଆପଣାର ମାଲିକାନା ଜାହିର କରିଛନ୍ତି । ଶେଷରେ ଗାଁରେ ବିନା କାରଣରେ ମାଲିମକଦ୍ଦମା ଆରମ୍ଭ କରାଯାଇଛି । ପ୍ରବୋଧର ପ୍ରରୋଚନାରେ କୋଠିଆ ଗୋବିନ୍ଦା ଏବଂ ନଟ ଜେନାର ମାଡ଼ଗୋଳ ହୋଇଛି । ମାଧବ, ପ୍ରବୋଧଙ୍କ ଚକ୍ରାନ୍ତକୁ ଭଲଭାବରେ ହୃଦୟଙ୍ଗମ କରି, ଏହାର ପ୍ରତିକାର ନିମିତ୍ତ ଆଶାୟୀ ହୋଇପଡ଼ିଛନ୍ତି । ଯାଦବ ନିଜର ନାତି ସୁବାସକୁ ଆଣିବାପାଇଁ ପ୍ରବୋଧ ପାଖରେ ପହଞ୍ଚିଛନ୍ତି । କାହ୍ନୁ ହାର ଚୋରି କରି, ମିଛରେ ସୁବାସ ନାମରେ ଥଠା ବୋଲି ଦେବାରୁ, ସୁବାସ ଉପରେ ବିନାକାରଣରେ ଅତ୍ୟାଚାର ହେଉଥିବା ଘଟଣାକୁ ପ୍ରତ୍ୟକ୍ଷ କରିଛନ୍ତି ଯାଦବ । କାହ୍ନୁ ଦ୍ୱାରା ସତ ଘଟଣା ପ୍ରକାଶ ପାଇବା ବେଳକୁ, ମାଡ଼ ଭୟରେ ସୁବାସ ଘର ଛାଡ଼ି ଚାଲିଯାଇଛି । ମାଧବ ଏଥର ବଡ଼ ଭାଉଜଙ୍କୁ ଆଣି ସୁବାସକୁ ଖୋଜି ଖୋଜି ଗାଁରେ ପହଞ୍ଚିଛନ୍ତି ।

Digitized by srujanika@gmail.com

ଏହା ଭିତରେ ନାଟ୍ୟକାର ଘଟଣାକ୍ରମକୁ ପରିବର୍ତ୍ତିତ ମୋଡ଼ଦେବା ନିମିତ୍ତ ଗୋଟିଏ ବନ୍ୟାର ସୂଚନା ଦେଇଛନ୍ତି । ବନ୍ୟାରେ ମାଧବଙ୍କ ସ୍ତ୍ରୀ ଦୁର୍ଗତଙ୍କ ସେବା କରିଛନ୍ତି, ନଟ ଜେନାର ପରିବାରକୁ ଉଦ୍ଧାର କରିଛନ୍ତି, ନଟ ଜେନା ନିଜର ତ୍ରୁଟି ପାଇଁ କ୍ଷମା ମାଗିଛି । ବନ୍ୟାପରେ କାହ୍ନୁ ମଧ ସୁବାସକୁ ସାଙ୍ଗରେ ଆଣି ଗାଆଁରେ ପହଞ୍ଚିଛି । ଯାଦବବାବୁ ଏଥର ସୁବାସକୁ ପାଇ ବେଶ୍ ଆନନ୍ଦିତ ହୋଇଛନ୍ତି । ଗୋଟାଏ ଆଦର୍ଶ ଗ୍ରାମ ଗଠନରେ ସବୁରି ଭିତରେ ଉତ୍ସାହ ଦେଖାଦେଇଛି ।

ମାୟାର ଉଚ୍ଛୃଙ୍ଖଳତା ଚରମ ସୀମାରେ ପହଞ୍ଚିଛି, ଯାହା ପ୍ରବୋଧଙ୍କ ପକ୍ଷରେ ସହ୍ୟ କରିବା ଅସମ୍ଭବ ହୋଇପଡ଼ିଛି । ଶେଷରେ ନିଜ ଶଶୁରଙ୍କ ହୀନ ଚକ୍ରାନ୍ତକୁ ମଧ ପ୍ରବୋଧ ବୁଝି ପାରିଛନ୍ତି । ନିରୁପାୟ ହୋଇ ସେ ଗାଁକୁ ଫେରି ଆସିଛନ୍ତି, ଏବଂ ବାପା ଓ ଭାଇଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି । ପ୍ରବୋଧର ଶଶୁର ବାଉରିବନ୍ଧୁଙ୍କ ଚକ୍ରାନ୍ତରୁ ନିଜ ପରିବାର ମୁକୁଳି ଯାଇଥିବାରୁ, ଯାଦବ ଖୁସି ହୋଇଛନ୍ତି । ବିଭିନ୍ନ ଅପରାଧ ନିମିତ୍ତ ଅଗତ୍ୟା ଜେଲ୍ ଦଣ୍ଡରେ ଦଣ୍ଡିତ ହୋଇଥିବା ବାଉରିବନ୍ଧୁ ଯାମିନ୍‌ରେ ଆଣିବାକୁ ଯାଦବବାବୁଙ୍କ ବ୍ୟଗ୍ରତା, ପ୍ରାଚ୍ୟ ଆଦର୍ଶର ଅନୁସରଣ କରିଛି । ପ୍ରକୃତରେ ବାସ୍ତବତା ଉପରେ ଆଦର୍ଶବାଦର ବିଜୟ ଉଦ୍‌ଘୋଷଣା କରାଇ ନାଟକଟିର ସମାପ୍ତି ଘଟିଛି ।

୧୩. ଚାବୁକ୍ : (୧୯୫୭)

୧୯୫୭ ମସିହାରେ ରଚିତ 'ଚାବୁକ' ନାଟକଟି 'ଅନ୍ନପୂର୍ଣ୍ଣା ବି ଗ୍ରୁପ୍' ରଙ୍ଗମଞ୍ଚରେ ୯ ଫେବୃଆରୀ ୧୯୫୮ ମସିହାରେ ଅଭିନୀତ ହୋଇ ଦର୍ଶକୀୟ ଉତ୍କଣ୍ଠାକୁ ଚରିତାର୍ଥ କରିଥିଲା । ସ୍ୱାଧୀନତା ପରବର୍ତ୍ତୀ ଭାରତବର୍ଷରେ ଶିକ୍ଷା ଓ ସଭ୍ୟତାର ପ୍ରସାର କ୍ରମରେ ନାରୀ ସ୍ୱାଧୀନତାର ବିକାଶ ସାଧିତ ହୋଇଥିଲା । ମାତ୍ର ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ କରିଥିବା କିଛି ନାରୀ, ସ୍ୱାଧୀନତାର ଦ୍ୱାହି ଦେଇ ଅତିମାତ୍ରାରେ ସ୍ୱେଚ୍ଛାଚାରିଣୀ ପାଲଟିଗଲେ । ଏଇମାନଙ୍କ ଯୋଗୁଁ ସମାଜରେ ନାନାପ୍ରକାରର ବିଶୃଙ୍ଖଳା ପରିଲକ୍ଷିତ ହେଲା । ପାରିବାରିକ ଏବଂ ଦାମ୍ପତ୍ୟ ଜୀବନ ମଧ ବହୁଭାବରେ ହେଲା କ୍ଷତାକ୍ତ । ଏଇଭଳି ଏକ ସାମାଜିକ ସ୍ଥିତାବସ୍ଥାକୁ ନେଇ ନାଟ୍ୟକାର ସୃଷ୍ଟି କରିଛନ୍ତି ନାଟକ 'ଚାବୁକ୍' ।

'ଚାବୁକ' ନାଟକର ପ୍ରମୁଖ ଚରିତ୍ର ରୂପେ ଦେଖାଦେଇଛନ୍ତି ଜୟନ୍ତ, ଏବଂ କନକ । ଶତ୍ରୁଘ୍ନ ବଳିଆରସିଂହଙ୍କର ପୁଅ ଥିଲେ ଜୟନ୍ତ । କନକକୁ ଜୟନ୍ତ ସହିତ ବିବାହ ଦେବା ନିମିତ୍ତ, କନକ ବାପାଙ୍କ ନିକଟରେ ପ୍ରତିଶ୍ରୁତିବଦ୍ଧ ଥିଲେ ଶତ୍ରୁଘ୍ନ । କନକ ପିତାଙ୍କର ମୃତ୍ୟୁ ଘଟିଛି । ଉଚ୍ଚଶିକ୍ଷିତ ଜୟନ୍ତ ଗାଁକୁ ଫେରି ଗାଁ ପରିବେଶ ସହିତ ନିଜକୁ ଖାପ ଖୋଇ ପାରିନାହାନ୍ତି,ପୁଣି ଜଣେ ଗାଉଁଲି ଝିଅ କନକ ସହିତ ତାଙ୍କର ବିବାହ ପ୍ରସଙ୍ଗ ଶୁଣି ସେ ଅଧିକ ଯନ୍ତ୍ରଣା ଲାଭ କଲେ । ସହରରେ ରହୁଥିବା ଜୟନ୍ତ, ଦାସ ସାହେବଙ୍କ କନ୍ୟା ତନୁଜାକୁ ଭଲପାଇ ବସିଛନ୍ତି । ଦାସସାହେବ ମଧ ନିଜର ବ୍ୟାଙ୍କ୍ ବାଲାନ୍ସ, ପ୍ରତିପତ୍ତି ଇତ୍ୟାଦି

Digitized by srujanika@gmail.com

ଦ୍ୱାରା ଜୟନ୍ତକୁ ପ୍ରଭାବିତ କରିଛନ୍ତି । ଜୟନ୍ତର ପିତାଙ୍କ ନିକଟରେ ସେ ଏଭଳି ବିବାହ ନିମିତ୍ତ ପ୍ରସ୍ତାବ ଆଣିଛନ୍ତି, ମାତ୍ର ବଳିଆରସିଂ ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି । ଏଣେ କନକକୁ ବିବାହ କରିବ ନାହିଁ ବୋଲି ଜୟନ୍ତ ରୋକଠୋକ୍ ମନାକରି ଦେବାରୁ କନକର ମାଆ ଏଥିରେ ଗଭୀର ଭାବରେ ମର୍ମାହତ ହୋଇପଡ଼ିଛନ୍ତି ।

ଜୟନ୍ତକୁ ପ୍ରଭାବିତ କରି ନ ପାରି କ୍ଷମତା ସଂପନ୍ନ ଓ ପ୍ରତିପତ୍ତିଶାଳୀ ଦାସ ସାହେବ, ଏହାର ପ୍ରତିଶୋଧ ନେବାକୁ ଯୋଜନା କରିଛନ୍ତି । ଜୟନ୍ତ ବିଭିନ୍ନ ଚାକିରି ନିମିତ୍ତ ପ୍ରାର୍ଥୀ ହୋଇଥିଲେ । ଦାସ ସାହେବ ବିଭିନ୍ନ ଉପରିସ୍ଥଙ୍କ ମାଧ୍ୟମରେ ଜୟନ୍ତକୁ ସବୁଠାରେ ଅଯୋଗ୍ୟ ବୋଲି ବିବେଚିତ କରାଇଛନ୍ତି । ତୀବ୍ର ଅଭାବ ଅନଟନ ମଧ୍ୟରେ ଜୟନ୍ତ ତଥାପି ଜାରି ରଖିଛି ନିଜର ଜୀବନ-ସଂଗ୍ରାମ ।

କନକର ଜଣେ ସମ୍ପର୍କୀୟ ଭାଇ ନାୟକବାବୁ, କନକ ଏବଂ ସାନଭାଇ ଗୋପାଳକୁ ନିଜ ପାଖରେ ଆଣି ରଖିଛନ୍ତି । ମାତ୍ର ନାୟକଙ୍କ ପତ୍ନୀ ଏବଂ କନ୍ୟା ବେବି, କନକକୁ ଅତି କଦର୍ଯ୍ୟ ବ୍ୟବହାର ପ୍ରଦର୍ଶନ କରିଛନ୍ତି । ନାୟକଙ୍କୁ ତାଙ୍କ ପତ୍ନୀ ସବୁବେଳେ ଅବମାନନା କରନ୍ତି । ପୁଣି ଦାସସାହେବଙ୍କ ସାହାଯ୍ୟରେ କନକକୁ ସେ ଅତି ନିଷ୍ଠୁର ଭାବରେ ଘରୁ ତଡ଼ିଦେବା ବେଳେ, ଦାସ ସାହେବଙ୍କୁ ତୀବ୍ର ଅପମାନ ଦେଇ ଘରୁ ବିଦାୟ ଦେଇଛନ୍ତି ନାୟକ । ଏହାପରେ ତାଙ୍କର ଚାକିରି ଯାଇଛି । ତଥାପି ନିଜ ସ୍ତ୍ରୀକୁ ସେ ବାଟକୁ ଆଣିବାକୁ ସାଧ୍ୟମତେ ଉଦ୍ୟମ ଆରମ୍ଭ କରିଛନ୍ତି ।

କନକ ଏହା ଭିତରେ କୁଟୀର ଶିଳ୍ପ କେନ୍ଦ୍ରରେ ଚାକିରିଟିଏ କରିଛି, ଆପଣାର ଧୈର୍ଯ୍ୟ ଓ ସହନଶୀଳ ଗୁଣରେ କନକ ସମସ୍ତଙ୍କ ମନରେ ନିଜ ପ୍ରତି ଶ୍ରଦ୍ଧା ସୃଷ୍ଟି କରିଛି । ଜୟନ୍ତ ନିଜେ ସଂଗ୍ରାମ କରୁ କରୁ ଜୀବନ ଜୀଇବା ପାଇଁ ରିକ୍ସା ଟାଣିଛି । 'ଚାବୁକ୍' ନାମକ ଏହି ସଂସ୍କାରଧର୍ମୀ ସମାଲୋଚନା-ମୂଳକ ପତ୍ରିକା ପ୍ରକାଶ କରି,ଏଥିରେ ଶୋଷକ ଏବଂ ଦୁର୍ନୀତିଖୋର୍ ଲୋକଙ୍କ ବିରୋଧରେ ତୀବ୍ର ସ୍ୱର ଉତ୍ତୋଳନ କରିଛି । ପତ୍ରିକାରେ ପ୍ରକାଶିତ ସମାଲୋଚନା ଦାସ ସାହେବ ଏବଂ ତାଙ୍କ କନ୍ୟା ତନୁଜାଙ୍କ ପ୍ରତି ଉଦ୍ଦିଷ୍ଟ । କାରଣ ଦାସସାହେବଙ୍କ କୁକୀର୍ତ୍ତି, କନ୍ୟା ତନୁଜାଙ୍କର ନାରୀ ସଂଗଠନ ମାଧ୍ୟମରେ ସ୍ୱେଚ୍ଛାଚାରିଣୀ ଗତିଭଂଗୀକୁ ସେ ତୀବ୍ର ଭାବରେ 'ଚାବୁକ୍' ପତ୍ରିକା ମାଧ୍ୟମରେ ସମାଲୋଚନା କରିଛନ୍ତି ।

'ଚାବୁକ୍' ପତ୍ରିକାର କ୍ରମାଗତ ସମାଲୋଚନା, ଦାସ ସାହେବଙ୍କୁ ଆଘାତ ଦେଇଛି । ଲଜ୍ଜା ଓ ସଂକୋଚରେ ସେ ପଦାକୁ ବାହାରି ପାରିନାହାନ୍ତି । ମିସେସ୍ ନାୟକଙ୍କ ମାଧ୍ୟମରେ ସେ ଜୟନ୍ତକୁ ନିଜ ବଙ୍ଗଳାକୁ ଡକାଇ, ପ୍ରଚୁର ଅର୍ଥର ପ୍ରଲୋଭନ ମାଧ୍ୟମରେ ତାକୁ ନୀରବ ରହିବାକୁ କହିଛନ୍ତି । ମାତ୍ର ସ୍ୱାଭିମାନୀ ଜୟନ୍ତ ଏହାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଶେଷରେ ଗୁଣ୍ଡା ପଠାଇ ଜୟନ୍ତକୁ ସେ ହତ୍ୟା ଉଦ୍ୟମ କଲେବି, ଗୁଣ୍ଡାମାନେ ଧରାପଡ଼ିଛନ୍ତି ଏବଂ ପୋଲିସ୍‌ର ହସ୍ତକ୍ଷେପ ଫଳରେ ରକ୍ଷା ପାଇଛନ୍ତି ଜୟନ୍ତ ।

Digitized by srujanika@gmail.com

ଛୟନ୍ତ ରହୁଥିବା ମେସ୍‌କୁ କନକ ଆସି, ସେବା, ଆନ୍ତରିକତା ଓ ଅନ୍ୟାନ୍ୟ କର୍ତ୍ତବ୍ୟ ଦ୍ୱାରା ସବୁରି ପ୍ରଶଂସନୀୟା ଓ ଆଦରଣୀୟା ହୋଇପାରିଛି । ଛୟନ୍ତ କ୍ରମେ ସୁସ୍ଥ ହୋଇଛି । ଛୟନ୍ତର ମାଆ ମଧ୍ୟ ଆସି ସେଠାରେ ପହଞ୍ଚିଛନ୍ତି । ବଳିଆରସିଂହଙ୍କ ପ୍ରତିଜ୍ଞା ଏଥର ସାକାର ହୋଇଛି, ଛୟନ୍ତ ସହିତ କନକର ମିଳନ ଘଟିଛି । 'ଚାବୁକ୍'ର ସଂସ୍କାରଧର୍ମୀ ଲେଖା ମାଧ୍ୟମରେ, ସାମାଜିକ ଦୁର୍ନୀତି ବିଲୋପ ନିମିତ୍ତ, ଏକ ବ୍ୟାପକ ଅଭିଯାନ ଆରମ୍ଭ ହୋଇଛି ।

ନାଟ୍ୟକାର ଏକ ଦୃଢ଼ ସାମାଜିକ ପରିବର୍ତ୍ତନର ବାର୍ତ୍ତା ସଂପୃକ୍ତ ନାଟକ ମାଧ୍ୟମରେ ପ୍ରକାଶ କରିଛନ୍ତି । ଆଧୁନିକ ଶିକ୍ଷିତ ବର୍ଗର ପ୍ରତିନିଧି ଭାବରେ ଛୟନ୍ତହିଁ ସାମାଜିକ ସଂସ୍କାର ନିମିତ୍ତ ପଥ ଉନ୍ମୋଚନ କରିଥିବା ସଂପୃକ୍ତ ନାଟକରୁ ଜଣାଯାଏ । ଦାସ ସାହେବ ଚରିତ୍ର ମାଧ୍ୟମରେ ପ୍ରତିହିଂସା ପରାୟଣ ବ୍ୟକ୍ତି କିପରି ଆବଶ୍ୟକ ପଡ଼ିଲେ ନରହତ୍ୟା ଭଳି ଜଘନ୍ୟ ଆଚରଣ କରିବାକୁ ଉଦ୍ୟମ କରେ, ତାହା ମଧ୍ୟ ସୂଚୀତ । ଦୁଇ ପରସ୍ପର ବିରୋଧି ଚରିତ୍ର ଭାବରେ ଦାସସାହେବ ଓ ବଳିଆରସିଂ, ପରସ୍ପରର ପରିପୂରକ ହୋଇପାରିଛନ୍ତି ।

୧୪. ପୁଅାଣି ଘର (୧୯୬୨)

ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ଦ୍ୱାରା ଅଭିନୀତ 'ପୁଅାଣିଘର' ନାଟକଟି ୩୦ ମେ ୧୯୬୨ରେ ଅଭିନୀତ ହୋଇଥିଲା । ଗ୍ରାମ୍ୟ ସଂସ୍କୃତିର ସରଳ ଜୀବନଯାପନ ଭିତରେ ଆର୍ଥିକ ଅନଟନରେ ପୀଡ଼ିତ ଥିବା ଅସହାୟ ନର-ନାରୀଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଦଳେ ଶଠ, ଧୂର୍ତ୍ତ ମୁନାଫାଖୋର, ମଣିଷ କିପରି ସୁଦୂର କଲିକତାରେ ନେଇ ସେମାନଙ୍କୁ ସର୍ବସ୍ୱାନ୍ତ କରାନ୍ତି, ତା'ର ବାସ୍ତବାଶ୍ରୟୀ ଦୃଶ୍ୟ ହୋଇଛି ସଂପୃକ୍ତ ନାଟକର କଥାବସ୍ତୁ ।

ସଂପୃକ୍ତ ନାଟକରେ ଏକାନ୍ତ ଖଳ ଚରିତ୍ର ଭାବରେ ଦେଖାଦିଏ ନବଘନ । ନବଘନ ଲମ୍ପଟ, ଶଠ, ଧୂର୍ତ୍ତ ଓ ଛଳନା କରି ସେ ଅନେକ ଝିଅ ବୋହୂଙ୍କୁ କଲିକତାରେ ବେଶ୍ୟାପଡ଼ାରେ ବିକ୍ରି କରି ପ୍ରଚୁର ଟଙ୍କା ରୋଜଗାର କରେ । ତା'ର ଏ ଧରଣର କୁକାର୍ଯ୍ୟ ଦ୍ୱାରା ନିରୀହା ଚନ୍ଦ୍ରା, ତାରା ଓ ଶଶି ଇତ୍ୟାଦି ଶିକାର ହୋଇଛନ୍ତି । ମାତ୍ର ସେମାନେ ମୃତା ବୋଲି ନବଘନ ପ୍ରଚାର କରିଦେଇଛି । ନବଘନର ପରବର୍ତ୍ତୀ ଶିକାର ପୁନି, ଯାହାକୁ ପାଇବା ପାଇଁ ସେ ମାତାଲ ପାଣୁ ପଲେଇକୁ ଅସ୍ତ୍ର ରୂପେ ବ୍ୟବହାର କରିଛି । ସୁନାଭାଉଜଙ୍କ ଭାଇ, ମାଧବ ସହିତ ପୁନିର ବିବାହ ସ୍ଥିର ହୋଇଥିଲେ ମଧ୍ୟ ପୁନିବାପା ମାତାଲ ପଲେଇ ଦ୍ୱାରା ପ୍ରଲୋଭିତ ହୋଇ, ନବଘନ ସହିତ ପୁନିର ବିବାହ ନିମିତ୍ତ ମନସ୍ଥିର କରିଛି । ମାତ୍ର ପୁନି ଯାଇ, ମାଧବ ନିକଟରେ ପହଞ୍ଚିଛି ଓ ବିବାହ ପାଇଁ ବ୍ୟବସ୍ଥା ଚାଲୁଥିଲା ବେଳେ, ଧୂର୍ତ୍ତ ନବଘନ ଗ୍ରାମର ଯୁବକ ସଂଘ ସହାୟତାରେ ଏହାକୁ ବିଫଳ କରିବାର ସୁଯୋଗ ସୃଷ୍ଟି କରିଛି । ମାତ୍ର ନବଘନର କଳଙ୍କିତ କାର୍ଯ୍ୟ ଦ୍ୱାରା ଚନ୍ଦ୍ରା, ତାରା ଇତ୍ୟାଦିଙ୍କ ଶୋଚନୀୟ ଅବସ୍ଥା ସଂପର୍କରେ ସୁନାଭାଉଜ, ଯୁବକ ସଂଘକୁ ଅବଗତ କରାଇବାରୁ, ଯୁବକସଂଘ ସତ୍ୟଟି ଜାଣିଛନ୍ତି ଓ ନବଘନକୁ ନିରାଶ ହେବାକୁ ପଡ଼ିଛି ।

Digitized by srujanika@gmail.com

ନବଘନର କୁଚକ୍ରାନ୍ତ ଫଳରେ ପୁନି ଓ ମାଧବଙ୍କ ମଧୁଚନ୍ଦ୍ରିକା ପରର ଦାମ୍ପତ୍ୟ ଜୀବନ ସୁଖମୟ ହେଲା ନାହିଁ । ସୁନାଭାଉଜ, ପୁନି ଏବଂ ମାଧବଙ୍କ ମଧ୍ୟରେ ତୀବ୍ର କଳହ, ଏବଂ ମାଧବର ଗୃହତ୍ୟାଗ ଏବଂ ଶଙ୍କରର ପ୍ରରୋଚନାରେ ଯାଇ କଲିକତାରେ ଦାଦନ ଖଟିବା ଭଳି ଦୟନୀୟ ଅବସ୍ଥା ସୃଷ୍ଟି ହେଲା । କଲିକତାରେ ରହି ଏମାନେ କୁଳବଧୂ ହେବାର ସାର୍ଥକ ସ୍ୱପ୍ନକୁ ବିସ୍ମୃତ ହୋଇଯାଇଛନ୍ତି । ଦାଦନ ଖଟୁଥିବା ମାଧବ, ବିଦ୍ରୋହ କରୁ କରୁ, ମାଲିକ ଏବଂ ସର୍ଦ୍ଦାର ଦ୍ୱାରା ଅତ୍ୟାଚାରିତ ହୋଇ ସଂଜ୍ଞା ହରାଇ ବସିଛି । ଶଶି ଦ୍ୱାରା ଆସନ୍ନ ମୃତ୍ୟୁ ମୁଖରୁ ଜୀବନ ପାଇଛି ମାଧବ ।

ମହେଶବାବୁ, ଶଶି ଦ୍ୱାରା ଆକର୍ଷିତ ହୋଇ, ନିଜ ସ୍ତ୍ରୀକୁ ଛାଡ଼ପତ୍ର ଦେଇ ଶଶିକୁ ବିବାହ କରିବାକୁ ଇଚ୍ଛା କରିଥିଲେ । ମହେଶବାବୁଙ୍କ ଶଶୁର, ମହେଶ ରହୁଥିବା ନିଜର କୋଠାଟିକୁ ଶଶି ହାତରେ ନାରୀମଙ୍ଗଳ ସମିତି ତିଆରି କରିବା ଉଦ୍ଦେଶ୍ୟରେ ଟେକିଦେଇଥିଲେ । ଚନ୍ଦ୍ରା ଓ ତାରା ମଧ୍ୟ ଘଟଣାକ୍ରମେ ଏଠାରେ ପହଞ୍ଚିଗଲେ ।

ମାଧବକୁ ଉଦ୍ଧାର କରି ଶଶି ଗାଁକୁ ଆସିଛି । ମାଧବର ସ୍ତ୍ରୀ ପୁନିକୁ ମାଧବ ସହିତ ମିଳାଇ ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ, ନବଘନ ତାକୁ କଲିକତା ଉଠାଇନେବାର ଯୋଜନା କରିଛି । ମାଧବ କଲିକତାରେ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିଥିବା କଥା, ନବଘନ ଗାଁରେ ପ୍ରଚାର କରିଦେଇଛି । ମିଳିତ ଗ୍ରାମବାସୀ, ନବଘନର ଶଠତା ଓ ଲମ୍ପଟତା ବୁଝି ତା'କୁ ନିସ୍ତୁକ ମାଡ଼ ଦେଇ, ଶଶି ହାତରେ ବିଚାର ନ୍ୟସ୍ତ କରିଛନ୍ତି । ଶଶି କିନ୍ତୁ ନବଘନକୁ ସର୍ବାନ୍ତକରଣରେ କ୍ଷମା ଦେଇଛି, ଯାହା ଦ୍ୱାରା ଆପଣା କୃତକର୍ମ ନିମିତ୍ତ ନବଘନ ଗଭୀର ଭାବରେ ହୋଇଛି, ଅନୁତପ୍ତ । ନବଘନ କ୍ଷମା ପ୍ରାର୍ଥୀ ହୋଇ ଦଣ୍ଡିତ ହେବାକୁ ଇଚ୍ଛା କରିଥିବା ବେଳେ, ମଥାର ସିନ୍ଦୂର ବୋଳିଦେଇ ଶଶିକୁ ସ୍ତ୍ରୀ ରୂପେ ଗ୍ରହଣ କରିବାକୁ ନବଘନକୁ ଶଶି ଜଣାଇଛନ୍ତି । ମାଧବ ସର୍ବ ସମକ୍ଷରେ ଶଶିକୁ ପତ୍ନୀ ରୂପେ ଗ୍ରହଣ କରିଛି, ଅନୁତାପରେ ଅଶ୍ରୁମୁଞ୍ଚନ କରିଛି । ଗୋଟାଏ ବାସ୍ତବ ସମସ୍ୟାକୁ ଅଧିକତର ଭାବରେ ବିଶ୍ୱାସନୀୟ କରି ଏହାର ନାଟକୀୟତା ଅକ୍ଷୁଣ୍ଣ ରଖିବାରେ 'ପୁଆଣିଘର' ନାଟକଟି, ରାମଚନ୍ଦ୍ରଙ୍କର ସେଇ ଆଦର୍ଶବାଦ ଓ ଭାରତୀୟ ଚେତନାକୁ ସଫଳଭାବରେ ପ୍ରକାଶ କରିପାରିଛି ।

୧୫. ପରପୁରୁଷ (୧୯୬୮)

ପ୍ରଖ୍ୟାତ ଔପନ୍ୟାସିକ ଡକ୍ଟର ବିଭୂତି ପଟ୍ଟନାୟକଙ୍କ ରଚିତ 'ପରପୁରୁଷ' ଉପନ୍ୟାସର ସମର୍ଥ ନାଟ୍ୟରୂପ ହେଉଛି ନାଟକ 'ପରପୁରୁଷ' ଯାହା ୧୭, ଜାନୁଆରୀ ୧୯୬୮ ମସିହାରେ ଅନ୍ନପୂର୍ଣ୍ଣା ବି' ଗ୍ରୁପ୍ ଦ୍ୱାରା ଅଭିନୀତ ହୋଇଥିଲା । ଉପନ୍ୟାସର କାହାଣୀ ନାଟକରେ ଉପଜୀବ୍ୟ ହୋଇଥିଲେ ମଧ୍ୟ, ବିୟୋଗାନ୍ତକ ଉପନ୍ୟାସଟିକୁ ନାଟ୍ୟ ପ୍ରୟୋଜନ ଦୃଷ୍ଟିରୁ ନାଟ୍ୟକାର ମିଳନାନ୍ତକ କରି ଗଢ଼ିଛନ୍ତି । ଉପନ୍ୟାସର ବିଷୟକୁ ନାଟ୍ୟରୂପ ଦେବା ପ୍ରସଙ୍ଗରେ ନାଟ୍ୟକାର ଏକ ଚମତ୍କାର ସଫେଇ ଦେଇ କହିଛନ୍ତି - ''କଲମି ଗଛରେ ଫଳ ଚଞ୍ଚଳ ଧରେ, ଫଳ ବି ମିଠା ହୁଏ । ସେଥିପାଇଁ ଉପନ୍ୟାସର ବିଷୟବସ୍ତୁକୁ ନେଇ ନାଟ୍ୟରୂପ ଦେଇଛି ।'' (ପରପୁରୁଷ, ଅଭିମତ) ।

Digitized by srujanika@gmail.com

ସ୍ୱାମୀ ସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନ ପରସ୍ପର ବିଶ୍ୱାସ ଉପରେ ଆଧାରିତ ହୋଇଥିଲେ ମଧ୍ୟ, ବେଳେବେଳେ ଏଥିରେ ଅବିଶ୍ୱାସର କୀଟ ପ୍ରବେଶ କରି, ଦାମ୍ପତ୍ୟ ତଥା ପାରିବାରିକ ଜୀବନକୁ ଧ୍ୱଂସ କରିଥାଏ । 'ପରପୁରୁଷ' ନାଟକରେ ଏହାହିଁ ହୋଇଛି ପ୍ରମୁଖ ବାର୍ତ୍ତା । ସଂପୃକ୍ତ ନାଟକରେ ଶ୍ୟାମଳ ଏବଂ ବନାନୀ ଦୁଇ ମୁଖ୍ୟ ଚରିତ୍ର, ଉଭୟେ ପତି-ପତ୍ନୀ, ଶ୍ୟାମଳ ପୂର୍ବତନ ସାମନ୍ତୀୟ ପରିବାରର ଉତ୍ତରଦାୟାଦ ଭାବରେ ସମାଜରୁ ତା'ପାଇଁ କିଛି ଅଧିକ ସମ୍ମାନ ଆଶା କରେ, କିନ୍ତୁ ବାସ୍ତବରେ ସେ ଜଣେ ନିମ୍ନବେତନଭୋଗୀ କିରାଣି ମାତ୍ର । ଶ୍ୟାମଳ ଭିତରେ ପ୍ରବଳ ଅହଂକାର ଓ ସନ୍ଦେହ । ବନାନୀ, ଏକଦା ଥିଲା ବିମଳବାବୁଙ୍କ ପ୍ରେମିକା, ତାଙ୍କଠାରୁ ତାଙ୍କ ପତ୍ନୀ ହେବାର ପ୍ରତିଶ୍ରୁତି ପାଇଥିଲେ ମଧ୍ୟ, ବିମଳ ଅନ୍ୟତ୍ର ବିବାହ କରିଥିଲେ । ଘଟଣାଚକ୍ରରେ ବନାନୀ ଭାଗ୍ୟରେ ସ୍ୱାମୀ ରୂପେ ଦେଖାଦେଲେ କିରାଣୀ ଶ୍ୟାମଳ । ବନାନୀ, ବିବାହିତା, ସ୍ୱାମୀହିଁ ତା'ର ସର୍ବସ୍ୱ, ସ୍ନେହ-ସୋହାଗ ଏବଂ ଆନ୍ତରିକତା ଦେଖାଇ ସଂସାର କରିଥିଲା ବନାନୀ ।

ସନ୍ଦେହୀ ଶ୍ୟାମଳଙ୍କ ଭିତରେ ନିଜ ପତ୍ନୀ ବନାନୀ ପ୍ରତି ଘୋର ସନ୍ଦେହ । ତାଙ୍କ ମନରେ ପ୍ରଥମେ ବିମଳବାବୁ, ପରେପରେ ୟୁସୁଫ୍‌କୁ ନେଇ ସନ୍ଦେହସୃଷ୍ଟି ହୋଇଛି, ତେଣୁ ଘର ପରେ ଘର ପରିବର୍ତ୍ତନ କରିଛନ୍ତି ସେ । ବନାନୀକୁ ସେ ଏକ ପ୍ରକାର ବନ୍ଦିନୀ କରି ରଖିଛନ୍ତି । ବନାନୀର ଏକମାତ୍ର ପୁଅ ପ୍ରତି ବିମଳବାବୁ, ଘରମାଲିକ ନବଘନବାବୁ, ସେଠାକାର ପଡ଼ିଶା ଏକାନ୍ତ ଭାବରେ ହୋଇଛନ୍ତି ଆକର୍ଷିତ । ପୁଅ ବାବୁନି, ବିମଳବାବୁଙ୍କ ଝିଅ ଲକ୍ଷ୍ମୀ ସହିତ ଖେଳିବାକୁ ଜିଦି କରି କାନ୍ଦିବାକୁ ଆରମ୍ଭ କରିଛି । ମାତ୍ର ସନ୍ଦେହୀ ଶ୍ୟାମଳ, ବିମଳଙ୍କ ଘର ସହିତ ସମସ୍ତ ପ୍ରକାରର ସଂପର୍କ ଛିନ୍ନ କରିଦେଲେ ।

ଶ୍ୟାମଳବାବୁଙ୍କ ଭିତରେ ଗୋଟାଏ ପରିବର୍ତ୍ତନ ଦର୍ଶାଇଛନ୍ତି ନାଟ୍ୟକାର । ଏକଦା ନିଜର ବଂଶମର୍ଯ୍ୟାଦା ପ୍ରତି ଅତ୍ୟନ୍ତ ଅହଂକାର କରୁଥିବା ଶ୍ୟାମଳଙ୍କ ଭିତରେ ନିଜ ବେତନର ବାର୍ଷିକ ଅଭିବୃଦ୍ଧି ନିମିତ୍ତ, ଉପରିସ୍ଥ ବିମଳଙ୍କୁ ଘରକୁ ଡକାଇ, ସ୍ତ୍ରୀ ବନାନୀଦ୍ୱାରା ତାଙ୍କୁ ଖୁସି କରାଇଛନ୍ତି । ବନାନୀ ଆଖିରୁ ଝରିଛି ଲୁହ, ତଥାପି ନିଜ ସ୍ୱାମୀଙ୍କ ହିତ ପାଇଁ, ବାଧ୍ୟବାଧକତାରେ ପଡ଼ି ତାକୁ ନିଜ ବ୍ୟକ୍ତିତ୍ୱକୁ ଜଳାଞ୍ଜଳି ଦେବାକୁ ପଡ଼ିଛି ।

ଶ୍ୟାମଳ ଆବଶ୍ୟକତା ଦାୟରେ ଏକ ନଷ୍ଟଚରିତ୍ରା ଝିଅକୁ ଟ୍ୟୁସନ୍ କରିଛି । ଏକମାତ୍ର ପୁତ୍ର ବାବୁନି, ରୋଗ ଶଯ୍ୟା ପୀଡ଼ିତ ଥିବାବେଳେ, ପ୍ରେମିକା ଛାତ୍ରୀ ସହିତ ପ୍ରେମାଳାପ କରିବା ନିମିତ୍ତ ପାର୍କକୁ ବାହାରି ଯାଇଛନ୍ତି । ପୁତ୍ରଶୋକରେ ଅଧୀରା ବନାନୀ, ଅଫିସରଙ୍କ କାମନାର ଶିକାର ହୋଇଛନ୍ତି । ଏପରି ଅବସ୍ଥାରେ ଶ୍ୟାମଳ ବନାନୀକୁ ନେଇ ସୃଷ୍ଟି ହୋଇଥିବା ସନ୍ଦେହ, କ୍ରମେ ସାକାର ହୋଇଛି, ଏଥିପାଇଁ ବନାନୀ ଚରିତ୍ରକୁ ନେଇ ସେ ଅତୀବ କ୍ରୋଧରେ ତାକୁ ଛାଡ଼ପତ୍ର ଦେଇଛନ୍ତି ।

ବନାନୀର ଭଉଣୀ, ଅସହାୟା ବନାନୀକୁ ଗାଁକୁ ନେଇଛି, ସଦ୍ୟ ପୁତ୍ରହରା, ଶୋକାତୁରା ବନାନୀ, ମନମୋହନ ବାବୁଙ୍କ ମାତୃହରା ସନ୍ତାନକୁ, ଆପଣାର ପୁତ୍ର ସ୍ନେହ ପ୍ରଦାନ କରିଛି । ମନମୋହନ ବାବୁ, ବନାନୀ ବ୍ୟକ୍ତିତ୍ୱକୁ ସମ୍ମାନ ଜଣାଇ, ଲମ୍ପଟ ଶ୍ୟାମଳକୁ

Digitized by srujanika@gmail.com

ଉପଯୁକ୍ତ ଶିକ୍ଷା ଦେବା ନିମିତ୍ତ ସ୍ଥିର କରିଛନ୍ତି । ସ୍ଖଳିତ ଚରିତ୍ର ଶ୍ୟାମଳ ଶେଷରେ ଟ୍ୟୁସନ୍‌ଛାତ୍ରୀ ଦ୍ୱାରା ପ୍ରତ୍ୟାଖ୍ୟାତ ହୋଇଛି, ଅତ୍ୟଧିକ ମଦ୍ୟପାନ କରି, ସେ ରାସ୍ତାଧାରରେ ପଡ଼ିଥିବା ବେଳେ, ୟୁସୁଫ ତାକୁ ଉଦ୍ଧାର କରି, ବନାନୀ ନିକଟରେ ପହଞ୍ଚାଇଛି । ଶେଷରେ ଶ୍ୟାମଳ, ଆପଣାର ଦୁଷ୍କର୍ମ ଓ ବନାନୀ ପ୍ରତି କରିଥିବା ଅନ୍ୟାୟ ଆଚରଣ ନିମିତ୍ତ, ଲଜ୍ଜା ଓ ଅନୁତାପରେ ଦଗ୍ଧ ହୋଇଛନ୍ତି ଏବଂ ବନାନୀ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି । ତାକୁ ଛନ୍ଦେ ଛନ୍ଦେ ବନାନୀ ଭଳି ସ୍ତ୍ରୀଟିଏ ମିଳୁ, ଏହା ଆଶା କରିଛନ୍ତି ଶ୍ୟାମଳ । ମୂଳ ଉପନ୍ୟାସର ବିୟୋଗଜନିତ ଯନ୍ତ୍ରଣାକୁ, ନାଟକରେ ମିଳନାନ୍ତକ କରାଇ ନାଟ୍ୟକାର, ଦର୍ଶକମାନଙ୍କୁ ଆମୋଦିତ କରିଛନ୍ତି । ଫଳତଃ ନାଟକରେ ସାମାଜିକ ବାସ୍ତବତାଟି ଅଧିକ ପ୍ରାଣବନ୍ତ ହୋଇଛି ।

୧୬. ନରୋତ୍ତମ ଦାସ କହେ : (୧୬୬୯)

ସ୍ୱାଧୀନତା ପରବର୍ତ୍ତୀ ସମାଜରେ ରାଜୀନତିକ କ୍ଷମତା ପ୍ରାପ୍ତି ନିମିତ୍ତ ଆତ୍ୟନ୍ତିକ ଆସକ୍ତି, ଅର୍ଥ, ପ୍ରତିପତ୍ତି, କ୍ଷମତା ବଳରେ ଜନତାର ମୁହଁ ବନ୍ଦ କରିଦେବାର କଦର୍ଯ୍ୟ ଆଚରଣ, ପଦସ୍ଥ କର୍ମଚାରୀମାନଙ୍କ ଅସଚ୍ଚୋଟ କାରବାର, ଆଧୁନିକତା ନାମରେ ନାରୀମାନଙ୍କର ସ୍ୱେଚ୍ଛାଚାରିତା, ଇତ୍ୟାଦି କ୍ଷେତ୍ରରେ ନୀତି ବୋଧ ଓ ଆଦର୍ଶର ଚରମ ଅବକ୍ଷୟ ଘଟିଛି । ଏଭଳି କ୍ଷେତ୍ରରେ ନୀତି ଓ ଆଦର୍ଶର ସୁରକ୍ଷା ଏକ ପ୍ରଳାପ ମାତ୍ର । ନାଟକରେ ସମାଜ ଜୀବନର ଏତାଦୃଶ ଅବକ୍ଷୟକୁ ତାଙ୍କ ରଚିତ 'ନରୋତ୍ତମ ଦାସ କହେ' ନାଟକରେ ନାଟ୍ୟକାର ପ୍ରକାଶ କରିଅଛନ୍ତି । ସଂପୃକ୍ତ ନାଟକରେ 'ନରୋତ୍ତମ' ଆଦର୍ଶବତ୍ତାର ପ୍ରତୀକ, ପରନ୍ତୁ ତାଙ୍କର ତିନି ଶଳା ରାଘବ, ଯାଦବ ଓ ମାଧବ, ଯଥାକ୍ରମେ ପଦସ୍ଥ କର୍ମଚାରୀ, ବ୍ୟବସାୟୀ ଏବଂ ରାଜନୀତିକ ମଣିଷମାନଙ୍କ ପ୍ରତୀକ । ନାଟ୍ୟକାର ଯେମିତି 'ନରୋତ୍ତମ'ଙ୍କ ଭିତରେ ଛପି ରହିଛନ୍ତି । ସଂପୃକ୍ତ ନାଟକର ମୁଖବନ୍ଧରେ ତେଣୁ ସେ କହିଛନ୍ତି - ''ମୋର ଯାହା କହିବାର କଥା, ତାହା ନରୋତ୍ତମ ଦାସ କହୁଥିବାରୁ ମୁଁ ନିରବ ରହିଲି ।''

('ନରୋତ୍ତମ ଦାସ କହେ' - (୧୯୮୩) - ଅଭିମତ)

ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ ଦ୍ୱାରା ଅଭିନୀତ ସଂପୃକ୍ତ ନାଟକରେ, ନାଟ୍ୟକାରଙ୍କର ସେଇ ସାମାଜିକ ରୂପସତ୍ତା ଭିନ୍ନ ଭାବଚେତନାର ଦ୍ୟୋତନା ଦିଏ । ସମାଜ ଜୀବନର ନଗ୍ନ ସତ୍ତାକୁ ନାଟ୍ୟକାର ସଂପୃକ୍ତ ନାଟକରେ ପ୍ରକାଶ କରିଅଛନ୍ତି । ଗୋଟାଏ ପାରିବାରିକ ଜୀବନର ଘଟଣା ଏଥିରେ ଚିତ୍ରିତ । ପରିବାରରେ ଦେଖା ଦେଇଥିବା ତିନି ଭାଇ ହେଲେ ପ୍ରଥମ ମି. ଦାସ, ଦ୍ୱିତୀୟ ଯାଦବ ଦାସ ଓ ତୃତୀୟ ମାଧବ ଦାସ । ପଦସ୍ଥ ସରକାରୀ କର୍ମଚାରୀ ମି. ଦାସଙ୍କ ମାସିକ ଦରମା ବାବଦ ଆୟ ଠାରୁ ଘରଖର୍ଚ୍ଚ ଯଥେଷ୍ଟ ଅଧିକ । ଏଥିପାଇଁ ସେ ବିଭିନ୍ନ ଅସଚ୍ଚୋଟ ବ୍ୟବସାୟୀମାନଙ୍କ ଠାରୁ ନିଃସଙ୍କୋଚରେ ଉତ୍କୋଚ ଗ୍ରହଣ କରିଥାନ୍ତି । ସହରୀ ଜୀବନ ଭିତରେ କ୍ଲବ୍ ଯିବା, ତାଙ୍କର ଏକ ଅଭ୍ୟାସ । ତାଙ୍କ ପତ୍ନୀ ବନ୍ଦନା, ପାଶ୍ଚାତ୍ୟାନୁରାଗିଣୀ ହେଲେ ମଧ୍ୟ ଓଡ଼ିଶୀ ସଂଗୀତ ପ୍ରତି ଆଗ୍ରହୀ । ବନ୍ଦିନାଙ୍କୁ ହାତକରି ଅନେକ ବ୍ୟବସାୟୀ ସେମାନଙ୍କ କାମ ଉଠାଇ ନିଅନ୍ତି । ଏଇପରି ଜଣେ ଚରିତ୍ର ହିନ୍ଦୁସ୍ଥାନ

Digitized by srujanika@gmail.com

ଟ୍ରେଡର୍ସର ମ୍ୟାନେଜର୍ ଶ୍ୟାମଳବାବୁ । ମି. ଦାସଙ୍କ ଅନୁପସ୍ଥିତିରେ ସେ ବନ୍ଦନାଙ୍କ ସହିତ ବହୁବାର ଅବାଧ ମିଳାମିଶା ମଧ୍ୟ କରିଛନ୍ତି । ବନ୍ଦନା ସନ୍ତାନ ପ୍ରସବ କରିଛନ୍ତି, ଅଥଚ ସେମାନଙ୍କ ଜଂଜାଳରୁ ନିଜକୁ ମୁକ୍ତ ରଖି ସେମାନଙ୍କୁ ପବ୍ଲିକ୍ ସ୍କୁଲ୍‌ରେ ଛାଡ଼ିଛନ୍ତି । ମାତା ହେଲେ ବି ମାତୃତ୍ୱ ପ୍ରତି ତାଙ୍କର ଆଗ୍ରହ ଅଥବା ଆନ୍ତରିକତା ନାହିଁ, ପତ୍ନୀ ହେଲେ ବି ସେ ପରପୁରୁଷ ସହିତ ମିଳାମିଶା କରନ୍ତି ।

ମି. ଦାସଙ୍କ ସାନଭାଇ ଯାଦବ ଏବଂ ପତ୍ନୀ ଲକ୍ଷ୍ମୀ, ବନ୍ଦନାଙ୍କର ଯାବତୀୟ ଉଚ୍ଛୃଙ୍ଖଳ ଚଳଣିକୁ କେବେବି ଗ୍ରହଣ କରିବାକୁ ରାଜି ନୁହନ୍ତି । ଫଳତଃ ବନ୍ଦନା ଏବଂ ଲକ୍ଷ୍ମୀ ଦେବୀଙ୍କ ମଧ୍ୟରେ ମନାନ୍ତର ଓ ମତାନ୍ତର ଘଟିଛି । ଲକ୍ଷ୍ମୀ ନିଜେ 'ଲକ୍ଷ୍ମୀ ଟ୍ରେଡର୍ସ' ନାମକ ବ୍ୟବସାୟିକ ପ୍ରତିଷ୍ଠାନର ସ୍ୱତ୍ତ୍ୱାଧିକାରିଣୀ, ଯାଦବବାବୁ ଯାହା ନାମକୁ ମାତ୍ର ଅଛନ୍ତି । 'ହିନ୍ଦୁସ୍ଥାନ ଟ୍ରେଡର୍ସ' ଏବଂ 'ଲକ୍ଷ୍ମୀ ଟ୍ରେଡର୍ସ' ମଧ୍ୟରେ ସବୁବେଳେ ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା । ବନ୍ଦନାଙ୍କ ପ୍ରରୋଚନାରେ ମି. ଦାସ, ହିନ୍ଦୁସ୍ଥାନ ଟ୍ରେଡର୍ସକୁ କେତୋଟି ସୁବିଧା ସୁଯୋଗ ପ୍ରଦାନ କରିଅଛନ୍ତି, ଯାହା 'ଲକ୍ଷ୍ମୀ ଟ୍ରେଡର୍ସ' ପାଇପାରିନାହିଁ ।

ବ୍ୟବସାୟିକ ବୁଦ୍ଧିରେ ଲକ୍ଷ୍ମୀଦେବୀ ଅତ୍ୟନ୍ତ ଧୂରୀଣା । ତେଣୁ ବନ୍ଦନାଙ୍କ ଉପରେ ପ୍ରତିଶୋଧ ନେବାପାଇଁ ସେ ରାଜନୀତିକୁ ଅସ୍ତ୍ରରୂପେ ଗ୍ରହଣ କରି, ଏଥିପାଇଁ ଉପଯୁକ୍ତ କ୍ଷେତ୍ର ପ୍ରସ୍ତୁତ କରିଛନ୍ତି । ଖାଦ୍ୟ ଅପମିଶ୍ରଣ, ବିକ୍ରୟ ନିୟନ୍ତ୍ରଣ, ଇତ୍ୟାଦି ବିବିଧ ଦୁର୍ନୀତିକର ଉପାୟ ଅବଲମ୍ବନ କରି ଲକ୍ଷ୍ମୀ ଦେବୀ ଗୁଡ଼ାଏ ଲାଭ କରିଛନ୍ତି । ପ୍ରଚୁର ଲାଭ ଟଙ୍କାରୁ ସେ ମୁଖ୍ୟମନ୍ତ୍ରୀଙ୍କ ସହାୟକ ପାଣ୍ଠିକୁ କିଛି ଅର୍ଥଦାନ କରି, ସାମାଜିକ ସ୍ତରରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ସାନଭାଇ ମାଧବକୁ ନିଜ ପାଖରେ ରଖିବାକୁ, ଯାଦବବାବୁଙ୍କୁ ପରାମର୍ଶ ଦେଇଛନ୍ତି ଲକ୍ଷ୍ମୀ । ମାଧବ କିପରି ନିର୍ବାଚନରେ ବିଜୟୀ ହେବ ସେଥିପାଇଁ ସେ ପ୍ରଚୁର ଅର୍ଥ ମଧ୍ୟ ଖର୍ଚ୍ଚ କରିଛନ୍ତି ।

ନରୋତ୍ତମଙ୍କର ତୃତୀୟ ଶଳା ମାଧବ ଜଣେ ଧୂର୍ତ୍ତ ବ୍ୟକ୍ତି । ଛାତ୍ରାବସ୍ଥାରୁ ବିବିଧ ଆନ୍ଦୋଳନର ନେତୃତ୍ୱ ନେଇ, ସେ ରାଜନୀତି କରିବା ନିମିତ୍ତ କ୍ଷେତ୍ର ପ୍ରସ୍ତୁତ କରିଅଛନ୍ତି । ଏପରିକି କୃଷକ ଆନ୍ଦୋଳନର ନେତୃତ୍ୱ ନେବା ଅବସ୍ଥାରେ ସେ ଭାରତୀ ଘରେ ଆଶ୍ରୟ ନେଇ ତା' ସହିତ ଅବୈଧ ସଂପର୍କ ରଖି, ତା'କୁ ଗର୍ଭବତୀ କରାଇଛି । ଭାରତୀ ସହିତ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ, ତା'ନାରୀତ୍ୱକୁ ଲୁଣ୍ଠନ କରିଥିବା ଚରିତ୍ରହୀନ ମାଧବ ଜଣେ ମିଥ୍ୟାବାଦୀ ଓ ଶଠ ହେଲେ ମଧ୍ୟ, ଜନସେବା ନାମରେ ରାଜନୀତିର ମଞ୍ଚ ଧରିଛନ୍ତି । ସତ୍ୟ, ଧର୍ମ-ନ୍ୟାୟ-ନୀତି-ଆଦର୍ଶର ବିବିଧ ଅଭିଭାଷଣ ପ୍ରଦାନ କରି, ଜନତାକୁ ଚମତ୍କୃତ କରିଛି । ତା'ର ବାଗ୍‌ଦତ୍ତା ଭାରତୀ ଅନ୍ତଃସତ୍ତ୍ୱା, ଏହା ଜନତା ଜାଣିଗଲେ ମାଧବ ନିର୍ବାଚନରେ ଜିତିପାରିବ ନାହିଁ - ଏଇ ଆଶଙ୍କାରେ ସୁଚତୁରୀ ଲକ୍ଷ୍ମୀଦେବୀ ଭାରତୀକୁ ଆଣି ଆପଣା ପାଖରେ ରଖିଛନ୍ତି । ଲକ୍ଷ୍ମୀଦେବୀଙ୍କ ବ୍ୟବସାୟର କଳାଟଙ୍କା ବିନିମୟରେ ଜନତାକୁ ପ୍ରଲୁବ୍ଧ କରାଇ ନିର୍ବାଚନରେ ବିଜୟୀ ହୋଇଛନ୍ତି ମାଧବ ଦାସ ।

Digitized by srujanika@gmail.com

'ଲକ୍ଷ୍ମୀ ଟ୍ରେଡର୍ସ' ହାତରେ ଏଣିକି ଅନେକ ସୁବିଧା, ନିର୍ବାଚିତ ନେତା ମାଧବଙ୍କ ସହଯୋଗ ପରେ ଏହାର ଯଥେଷ୍ଟ ଉନ୍ନତି ଘଟିଛି । ମାଧବ, ଭାଉଜ ଲକ୍ଷ୍ମୀ ପ୍ରତି କୃତଜ୍ଞ । ଲକ୍ଷ୍ମୀ ଦେବୀ ମଧ୍ୟ ଏଥର ବଡ଼ ଯା, ବନ୍ଦନାଙ୍କ ଅହଂକାର ଉପରେ ବିଜୟ ହାସଲ କରିଛନ୍ତି ବୋଲି ମନେ କରିଛନ୍ତି । ଏଣେ ଗଜାନନ କଂପାନୀକୁ, ଉତ୍କୋଚ ଗ୍ରହଣ କରି ସାହାଯ୍ୟ କରିଥିବାରୁ ମି. ଦାସ ଚାକିରିରୁ ନିଲମ୍ବିତ ହୋଇଛନ୍ତି । ସବୁଠାରୁ ଚତୁର ଓ ଧୂର୍ତ୍ତ ଶ୍ୟାମଳବାବୁ, ହିନ୍ଦୁସ୍ଥାନ ଟ୍ରେଡର୍ସର ବିବିଧକାର୍ଯ୍ୟ କରାଇ ନେବାକୁ ଏଣିକି ମି.ଦାସଙ୍କର ଏପରି ଅବସ୍ଥା ଦେଖି, ରାଜନୀତିକ ନେତା ମାଧବ ଦାସଙ୍କୁ ପ୍ରଭାବିତ କରିବାକୁ ଆଗେଇ ଆସିଛନ୍ତି । ଏଇଭଳି ଅବସରରେ ଶ୍ୟାମଳବାବୁଙ୍କ ଚରମ ସ୍ୱାର୍ଥପରତାକୁ ହୃଦୟଙ୍ଗମ କରିଛନ୍ତି ମି. ଦାସଙ୍କ ପତ୍ନୀ ବନ୍ଦନା ଦେବୀ । ଏଣିକି ତାଙ୍କ ଭିତରର ଯାବତୀୟ ଅହଂକାର ଦୂର ହୋଇଛି, ତାଙ୍କର ଭ୍ରମ ଭାଙ୍ଗିଯାଇଛି, ଏବଂ ସେ ଆପଣା ପରିବାରକୁ ଫେରିଛନ୍ତି । ମିସେସ୍ ଦାସଙ୍କ ଭଳି ପୂର୍ବର ପରିଚୟ ନୁହେଁ, ଅପରନ୍ତୁ ଘରର ବଡ଼ବୋହୂ ବନ୍ଦନାଦେବୀ ଭାବରେ ଏଣିକି ତାଙ୍କର ପରିଚୟ । ବନ୍ଦନାଦେବୀ, ସ୍ୱାର୍ଥପର ଶ୍ୟାମଳଙ୍କୁ ଭଲଭାବରେ ଜାଣନ୍ତି, ତେଣୁ ତାଙ୍କୁ ସ୍ୱାର୍ଥ ସାଧନର ଅଧିକ ସୁଯୋଗ ନଦେଇ. ଅପମାନିତ କରି ଘରୁ ବିଦାୟ ଦେଇଛନ୍ତି ।

ସମଗ୍ର ନାଟକରେ ଶିକ୍ଷକ ନରୋତ୍ତମ ଦାସ ଦେଉଛନ୍ତି ଗୋଟାଏ ନୈତିକ ବିବେକ । ମି. ଦାସ, ଯାଦବ ଦାସ ଏବଂ ମାଧବ ଦାସଙ୍କର ଭିଣୋଇ ନରୋତ୍ତମ ଜଣେ ସ୍କୁଲ ଶିକ୍ଷକ । ନିଜ ସ୍ତ୍ରୀଙ୍କ ବାରଣ ସତ୍ତ୍ୱେ, ନରୋତ୍ତମ ଅବସର ଗ୍ରହଣ ପରେ, ଶଳାମାନଙ୍କ ପାଖକୁ ଯାଇଛନ୍ତି । ବଡ଼ ଶଳା ମି. ଦାସଙ୍କର ସ୍ୱାର୍ଥପରତା, ଉତ୍କୋଚପ୍ରିୟତା, ବନ୍ଦନାଙ୍କର ପରପୁରୁଷ ଶ୍ୟାମଳ ସହତ ଅବାଧ ମିଳାମିଶା ଇତ୍ୟାଦି ପ୍ରତି ସେ ଅଙ୍ଗୁଳି ନିର୍ଦ୍ଦେଶ କରିବାରୁ ବନ୍ଦନା ଏବଂ ଶ୍ୟାମଳଙ୍କ ଚକ୍ରାନ୍ତରେ ତାଙ୍କୁ କାରାବାସ ଭୋଗିବାକୁ ପଡ଼ିଛି ।

ବନ୍ଦନା ଏବଂ ଲକ୍ଷ୍ମୀଙ୍କ ଭିତରେ ଥିବା ଦ୍ୱନ୍ଦ୍ୱ, ନାଟକର ଆକର୍ଷଣୀୟ ଦିଗ । ବନ୍ଦନାଙ୍କ ଦ୍ୱାରା ଜେଲ୍ ପ୍ରେରିତ ନରୋତ୍ତମଙ୍କୁ ପ୍ରଚୁର ଅର୍ଥଖର୍ଚ୍ଚ କରି କରାମୁକ୍ତ କରିଛନ୍ତି ଲକ୍ଷ୍ମୀଦେବୀ । ନରୋତ୍ତମ ଦ୍ୱିତୀୟ ଶଳା ଯାଦବଙ୍କ ଘରେ ରହି ଦେଖିଛନ୍ତି ଲକ୍ଷ୍ମୀ ଟ୍ରେଡର୍ସର ଅନ୍ୟାୟ ଉପାର୍ଜନଜନିତ ବ୍ୟବସାୟିକ କାରସାଦୀ । ଶିକ୍ଷକ ସୁଲଭ ନୀତି, ଆଦର୍ଶ ଯେମିତି ତାଙ୍କର ଲୁଣ୍ଠିତ । ସର୍ବୋପରି ସାନ ଶଳା ମାଧବର ଚାରିତ୍ରିକ ସ୍ଖଳନର ଶିକାର ହୋଇଥିବା ଭାରତୀ ପ୍ରତି ତାଙ୍କ ଭିତରେ ସମବେଦନା ଦେଖାଦେଇଛି । ଭାରତୀ ଭଳି ଅନେକ ନିରୀହା ଯୁବତୀ, ମାଧବଙ୍କ ଭଳି ଲମ୍ପଟମାନଙ୍କ ଦ୍ୱାରା ଅବୈଧ ସନ୍ତନାର ଜନନୀ ହୋଇପାରନ୍ତି । ଭାରତୀ ପ୍ରତି ମାଧବର ଅନ୍ୟାୟକୁ ଇଙ୍ଗିତ କରିବାରୁ, ଶଳା ମାଧବଙ୍କ ଦ୍ୱାରା ଭିଣୋଇ ନରୋତ୍ତମଙ୍କର ମୁଣ୍ଡ ଫାଟେ । ତଥାପି ଭାରତୀର ସଦ୍ୟଜାତ ସନ୍ତାନକୁ ସ୍ନେହ ଓ ଆଦରରେ କୋଳେଇ ନିଅନ୍ତି ନରୋତ୍ତମ ।

ନାଟ୍ୟକାର, ରାମଚନ୍ଦ୍ରଙ୍କର ନାଟ୍ୟଧାରା ଭିତରେ ସଂଜୀବିତ ଥିବା ଆଦର୍ଶ ପ୍ରକାଶର ଅଭିଳାଷ, 'ନରୋତ୍ତମ ଦାସ କହେ' ନାଟକରେ ଭିନ୍ନ ମୋଡ଼ ଗ୍ରହଣ କରିଛି । ଏଇ ନାଟକ ପୂର୍ବରୁ ତାଙ୍କ ରଚିତ ସମସ୍ତ ନାଟକରେ ଆଦର୍ଶ ପ୍ରକାଶର ଯେଉଁ ବାର୍ତ୍ତା ରହିଥିଲା, ତାହା

Digitized by srujanika@gmail.com

ସଂପୃକ୍ତ ନାଟକରେ ସଂପୂର୍ଣ୍ଣ ପରିବର୍ତ୍ତିତ । ସଂପୃକ୍ତ ନାଟକରେ ନରୋତ୍ତମ ଦାସ ହିଁ, ଗୋଟାଏ ଆଦର୍ଶ । ନୀତିବୋଧର ବଳିଷ୍ଠ ପୂଜାରି, ପରମ୍ପରାକୁ ମାନ୍ୟତା ଦେଉଥିବା ନରୋତ୍ତମ ଜଣେ ଆଦର୍ଶ ଶିକ୍ଷକ । ମାତ୍ର ତାଙ୍କର ତିନିଶଳା ଯଥାକ୍ରମେ ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀ, ଅସାଧୁ ବ୍ୟବସାୟୀ ଏବଂ ଚରିତ୍ରହୀନ କ୍ଷମତା ପିପାସୁ ରାଜନେତା - ଏମାନଙ୍କ ପ୍ରବଳ କ୍ଷମତା ନିକଟରେ ନରୋତ୍ତମଙ୍କ ଆଦର୍ଶ ହୀନପ୍ରଭ ହୋଇଛି । ନରୋତ୍ତମଙ୍କ ଜେଲ୍ ଯିବା ଓ ମୁଣ୍ଡ ଫାଟିବା ପ୍ରକୃତରେ ମିଥ୍ୟାଚାରର ଜାଲରେ ଛନ୍ଦି ହୋଇ ନୀତି ଓ ଆଦର୍ଶର କାରାଦଣ୍ଡ ଭୋଗ, କ୍ଷମତା ମାଧ୍ୟମରେ ଆଦର୍ଶକୁ ଆଘାତ ଦେଇ ରକ୍ତାକ୍ତ କରାଯିବା - ଯାହା ସଂପୃକ୍ତ ନାଟକରେ ପ୍ରଦର୍ଶନ କରାଇ ନାଟ୍ୟକାର ଆଦର୍ଶ ଉପରେ ବାସ୍ତବତାର ବିଜୟ ଘୋଷଣା କରାଇଛନ୍ତି । ସାମାଜିକ ବ୍ୟବସ୍ଥାରେ ଘଟିଯାଉଥିବା ବାସ୍ତବ ଘଟଣାର ଘାଟନିକ ସତ୍ୟତା ଏଠାରେ ମୁଖ୍ୟପ୍ରସଙ୍ଗ ହୋଇଛି ।

୧୭. କିସ ପୁଣି ଦେଖା ନଯାଏ (୧୯୭୨)

ସ୍ୱାଧୀନ ଭାରତରେ ଶିକ୍ଷା-ସଭ୍ୟତାର ପ୍ରସାର ସହିତ ଅନୈତିକତା, ଏବଂ ସ୍ୱେଚ୍ଛାଚାରିତାର ଅଭିବୃଦ୍ଧି ମଧ୍ୟ ସମତାଳରେ ସଂଘଠିତ ହେଲା । ନାରୀ ଶିକ୍ଷା-ସହିତ ନାରୀ ସ୍ୱାଧୀନତାର ବିଶୃଙ୍ଖଳିତ ଅବସ୍ଥା, ସାମାଜିକ ବ୍ୟବସ୍ଥା ଭିତରେ ପ୍ରତିଫଳିତ ହେବାରୁ ପାରିବାରିକ ଜୀବନ ମଧ୍ୟ କ୍ରମଶଃ ସଂକ୍ରମିତ ହେବାକୁ ଲାଗିଲା । ଏହା ଫଳରେ କେତେକ କ୍ଷେତ୍ରରେ ଉଚ୍ଚଶିକ୍ଷିତା ନାରୀମାନେ, ସ୍ୱାଧୀନତା ନାମରେ ସ୍ୱୈରିଣୀ ହୋଇପଡ଼ିଲେ । ପାରିବାରିକ ଜୀବନର ସ୍ନେହ-ପ୍ରୀତି-ପ୍ରତ୍ୟୟ-ବାତ୍ସଲ୍ୟ ପ୍ରଭୃତି ମାନବିକ ଉଚ୍ଛ୍ୱାସ ଏବଂ ସ୍ୱାମୀ-ସନ୍ତାନ ଓ ପରିବାର ପ୍ରତି ସେମାନଙ୍କ ଦାୟିତ୍ୱ ତଥା କର୍ତ୍ତବ୍ୟବୋଧକୁ ବିସ୍ମୃତ ହୋଇ, ପାଶ୍ଚାତ୍ୟ ଭୋଗବାଦୀ ସଭ୍ୟତାର ବଶବର୍ତ୍ତୀ ହୋଇ ଉଠିଲେ । ନାରୀମାନଙ୍କର ଏଇ ପ୍ରକାରର ଆଚରଣ ପାଇଁ, ପରିବାରକୁ ସନ୍ତୁଳିତ ହେବାକୁ ପଡ଼ିଲା । 'ନରୋତ୍ତମ ଦାସ କହେ' ନାଟକରେ ବଡ଼ବୋହୂ ବନ୍ଦନା ଭିତରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ନାରୀର ସ୍ୱାଧୀନତା ଜନିତ ଉଗ୍ରତା ପ୍ରକାଶ କରିଥିବା ବେଳେ, ଗୋଟାଏ ଉଚ୍ଛୃଙ୍ଖଳିତା ନାରୀ ପାଇଁ, ସମଗ୍ର ପରିବାରରେ କିପରି ଅକାଳ ଘୂର୍ଣ୍ଣି ସୃଷ୍ଟି ହୁଏ, ତାହାକୁ ସେ ତାଙ୍କର 'କିସ ପୁଣି ଦେଖା ନଯାଏ' ନାଟକରେ ପ୍ରକାଶ କରିଛନ୍ତି ।

ନାଟ୍ୟକାରଙ୍କର 'କିସ ପୁଣି ଦେଖା ନଯାଏ' ନାଟକଟି ଅନ୍ନପୂର୍ଣ୍ଣା 'ଏ'ଗ୍ରୁପ୍ ଦ୍ୱାରା୧୯୭୨ ମସିହାରେ ଅଭିନୀତ ହୋଇଥିଲା । ସଂପୃକ୍ତ ନାଟକଟିର କଥାବସ୍ତୁ, ନାଟ୍ୟକାରଙ୍କର ନିଜସ୍ୱ ନୁହେଁ । ଔପନ୍ୟାସିକ ପ୍ରଫୁଲ୍ଲ ନାୟକଙ୍କ ରଚିତ ଉପନ୍ୟାସ 'ବଗୁଲୀ ଗଡ଼ାଏ ଲୁହ'ର ନାଟ୍ୟରୂପ ପ୍ରଦାନ କରି ନାଟ୍ୟକାର ସୃଷ୍ଟି କରିଛନ୍ତି 'କିସ ପୁଣି ଦେଖା ନଯାଏ' । ବିଭୂତି ପଟ୍ଟନାୟକଙ୍କ 'ପରପୁରୁଷ' ଉପନ୍ୟାସର ନାଟ୍ୟ ରୂପାନ୍ତର ଶୀର୍ଷକ ପରପୁରୁଷ' ରହିଥିବା ସ୍ଥଳେ 'ବଗୁଲୀ ଗଡ଼ାଏ ଲୁହ'ର ନାଟ୍ୟରୂପରେ ଏହାର ନାମ କରଣ 'କିସ ପୁଣି ଦେଖା ନ ଯାଏ' ରଖାଯାଇଛି । ସଂପୃକ୍ତ ନାଟକର କାହାଣୀ କଳା, ଉପନ୍ୟାସର କାହାଣୀକୁ ଲଂଘନ କରିନାହିଁ, ଅଥଚ ପରିବେଷଣରେ କେତେକ ଚମକ ରଖାଯାଇଛି ।

Digitized by srujanika@gmail.com

'କିସ ପୁଣି ଦେଖା ନ ଯାଏ' ନାଟକର ନାୟିକା ଅଧାପିକା କାକଳୀ, ସେ ଉଚ୍ଚଶିକ୍ଷିତା, ମାତ୍ର ସ୍ୱେଚ୍ଛାଚାରିଣୀ । ଆଡ଼ଭୋକେଟ୍ ରଞ୍ଜତ ଆଖିରେ ମୋହାଞ୍ଜନ ବୋଳି ଦେଲା କାକଳୀଙ୍କ ରୂପର ଝଲକ । ପାରିବାରିକ ଆଭିଜାତ୍ୟକୁ ଭ୍ରୁକ୍ଷେପ ନ କରି, ନିଜ ପିତାଙ୍କ ଅଜ୍ଞାତସାରରେ କାକଳୀକୁ ବିବାହ କଲେ ରଞ୍ଜତ । ଆଶୀର୍ବାଦ ନିମିତ୍ତ ପିତାଙ୍କ ନିକଟକୁ ଟେଲିଗ୍ରାମ କରାଗଲା, ପିତା ବାହୁବଳେନ୍ଦ୍ର ଭୀଷଣ ଆଘାତ ପାଇଲେ, ବ୍ୟାକୁଳ ଓ ଉତ୍ତେଜିତ ହେଲେ, ମାତ୍ର ତାଙ୍କୁ ସ୍ୱାଭାବିକ ଅବସ୍ଥାକୁ ଆଣିବାରେ ସାହାଯ୍ୟ କଲା ଘରର ବିଶ୍ୱସ୍ତ ଚାକର ସନିଆ ।

ରଞ୍ଜତ, କାକଳିକୁ ନେଇ ସହରରେ ଅବସ୍ଥାନ କରନ୍ତି । କାକଳି ବିବାହିତା, ସନ୍ତାନର ଜନନୀ । ମାତ୍ର ସେ ଯେ ଜଣେ ସନ୍ତାନବତୀ, ଏହା ଯେମିତି ସେ ବିସ୍ମୃତା । ଅଧାପକ ବଳବନ୍ତ ରାୟଙ୍କ ସହିତ ତାଙ୍କର ଅବାଧ ମିଳାମିଶା, ବଳବନ୍ତରାୟ କାକଳିଙ୍କୁ ଜୀବନସାଥୀ କରିନେବାକୁ ଇଚ୍ଛୁକ ଥିଲେ । ମାତ୍ର ବାସ୍ତବତା ଦୃଷ୍ଟିରୁ ଏହା ଅସଂଭବ ହେବାରୁ କାକଳିର ଦାମ୍ପତ୍ୟ ଜୀବନକୁ ବିଷାକ୍ତ କରିଦେବାପାଇଁ ସେ କାକଳି ସହିତ ବନ୍ଧୁତାର ଛଦ୍ମଛାୟା ତଳେ ଅବାଧ ମିଳାମିଶା ଆରମ୍ଭ କରିଦେଲେ । ରଞ୍ଜତର ପିତା ବାହୁବଳେନ୍ଦ୍ରଙ୍କୁ କାକଳିର ଉଚ୍ଛୃଙ୍ଖଳିତ ଚଳଣି ବିବ୍ରତ କରିଛି, ସେ ଏହାର ପ୍ରତିବାଦ କରିଛନ୍ତି ଅଥଚ କାକଳି ଦ୍ୱାରା ହୋଇଛନ୍ତି ଅପମାନିତ । ବାହୁବଳେନ୍ଦ୍ର ଗାଁକୁ ଫେରିଆସିବା ପରେ କାକଳି ଓ ରଞ୍ଜତଙ୍କ ଦାମ୍ପତ୍ୟ ଜୀବନରେ ଗୋଟାଏ ଗଭୀର ଫାଟ ସୃଷ୍ଟି ହୋଇଛି, ଯାହା ପରସ୍ପରକୁ ବିଚ୍ଛିନ୍ନ କରିଛି । ଏକମାତ୍ର ସନ୍ତାନକୁ ନେଇ କାକଳି ପିତ୍ରାଳୟରେ ଅବସ୍ଥାନ କରିଛନ୍ତି ।

କାକଳିର ପିତା ଅନିରୁଦ୍ଧ ବାବୁ ପତ୍ନୀହରା, ମଦ୍ୟପ ସେ । କନ୍ୟାର ଉଚ୍ଛୃଙ୍ଖଳତାକୁ ପ୍ରତିରୋଧ କରିବା ଦୂରର କଥା, ବରଂ ସେ କାକଳିର ପରପୁରୁଷଙ୍କ ସହିତ ଅବାଧ ମିଳାମିଶା ପାଇଁ ସୁଯୋଗ ସୃଷ୍ଟି କରିଛନ୍ତି । ଆପେ ମଦ୍ୟପାନ କରି ଉଦ୍‌ଭ୍ରାନ୍ତ ହୋଇଛନ୍ତି । ପିତା, ପୁତ୍ର, ଏବଂ ପତ୍ନୀଙ୍କଠାରୁ ପୃଥକ ହୋଇ ନିଃସଙ୍ଗ ରଞ୍ଜତ ଅତ୍ୟଧିକ ମଦ୍ୟପାନ କରିଛନ୍ତି, ଫଳତଃ ସେ ଯକ୍ଷ୍ମାରେ ହୋଇଛନ୍ତି ପୀଡ଼ିତ ।

କାକଳିଙ୍କ ଅବହେଳାରୁ ପୁତ୍ର ରଂଜନ ରୋଗପୀଡ଼ିତ ହୋଇ ମରଣ ସହିତ ଲଢ଼େଇ କରିବା ଅବକାଶରେ, କାକଳି ଭିତରେ ସାମାନ୍ୟ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ପିତା ଅନିରୁଦ୍ଧ, ଅଥବା ବନ୍ଧୁ ଅଧାପକ ବଳବନ୍ତ ରାୟ, କେହି ତାଙ୍କୁ କୌଣସି ସାହାଯ୍ୟ କରିନାହାନ୍ତି । ଅନୁତପ୍ତା କାକଳି, ରଞ୍ଜତର ନିକଟତର ହେବାକୁ ଚେଷ୍ଟା କରିବାବେଳେ, ରଞ୍ଜତ ଦ୍ୱାରା ଅପମାନିତା ଓ ଲାଞ୍ଛିତା ହୋଇ ଫେରିଆସିଛନ୍ତି । ଅଧାପକ ବଳବନ୍ତରାୟଙ୍କ ପାଖରୁ ସାମାନ୍ୟ ସାହାଯ୍ୟ ଆଶା କରିଥିବା କାକଳି ତାଙ୍କ ଦ୍ୱାରା ହୋଇଛନ୍ତି ପ୍ରତ୍ୟାଖ୍ୟାତା ।

ନାଟକରେ ସବୁଠାରୁ ଆକର୍ଷଣୀୟ ଚରିତ୍ର ହେଉଛି ଚାକର ଶନିଆ । ମୃତ୍ୟୁ ମୁଖରୁ ସେ ରଞ୍ଜତ ଓ କାକଳିଙ୍କର ଏକମାତ୍ର ପୁତ୍ର ରଂଜନକୁ କୌଣସି ପ୍ରକାରେ ବଂଚାଇ ରଖିଛି । କାକଳି ଦୀର୍ଘକାଳ ପରେ ଆପଣା ତ୍ରୁଟି ଉପଲବ୍ଧି କରି, ସ୍ୱାମୀ ରଞ୍ଜତର ପାଦଧରି କ୍ଷମା

Digitized by srujanika@gmail.com

ମାଗିଛନ୍ତି । ଶନିଆ ଦ୍ୱାରା ଆରୋଗ୍ୟ ଲାଭ କରିଥିବା ପୁତ୍ର ରଂଜନକୁ ପାଇ କାକଳି ଅବଶ୍ୟ ଶାନ୍ତି ପାଇଛନ୍ତି । ବିରହର ବେସୁରା ରାଗିଣୀ ଶେଷ ହୋଇଛି, ଏବଂ ମିଳନର ସାହାନାଇ ଭିତରେ ଶେଷ ହେଉଛି ନାଟକ ।

କାକଳି ଚରିତ୍ର, ଉଗ୍ର ଆଧୁନିକା, ଶିକ୍ଷିତା ଅଥଚ ସ୍ଖଳିତ ଚରିତ୍ରା ସ୍ୱୈରିଣୀନାରୀ ସମାଜର ପ୍ରତିନିଧି । ଶିକ୍ଷା, ସଭ୍ୟତାର ପ୍ରସାର, ନାମରେ ଆଧୁନିକା ନାରୀର ଅବାରିତ ଉଚ୍ଛୃଙ୍ଖଳତା କିପରି ସମଗ୍ର ପାରିପାର୍ଶ୍ୱିକ ଓ ଦାମ୍ପତ୍ୟ ଜୀବନକୁ ବିକଳାଙ୍ଗ କରିଥାଏ, ତା'ର ନଗ୍ନ ଦୃଷ୍ଟାନ୍ତ ହେଉଛି ନାଟକ 'କିସ ପୁଣି ଦେଖା ନଯାଏ' । ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧ ଅନୁକରଣ, ପ୍ରାଚ୍ୟ ଜୀବନଧାରାକୁ କିପରି ବିକଳ ଓ ବିପର୍ଯ୍ୟସ୍ତ କରି ଗଢ଼ିତୋଳେ, ତାହା ସଂପୃକ୍ତ ନାଟକ ମାଧମରେ ପ୍ରକାଶ ପାଇଛି ।

୧୮ । ମୃତ ଆସାମୀ : (୧୯୮୧)

ସତ୍ୟ, ନ୍ୟାୟ, ତ୍ୟାଗ, ଆଦର୍ଶର ପ୍ରକାଶ, ନାଟ୍ୟକାର ରାମଚନ୍ଦ୍ରଙ୍କ ସ୍ରଷ୍ଟାମାନସର ଅନ୍ୟତମ ଲକ୍ଷଣ, ଯାହା ପ୍ରାୟ ତାଙ୍କର ପ୍ରତ୍ୟେକଟି ନାଟକରେ ପରିଲକ୍ଷିତ ହୋଇଥାଏ । ଭାରତୀୟ ଜନ ଜୀବନରେ ସତ୍ୟ ଓ ନ୍ୟାୟ ପ୍ରତି ରହିଥିବା ହେୟ ମନୋଭାବକୁ ସୁଧାରି ନେଇ, ସତ୍ୟ ଓ ନ୍ୟାୟର ଜୟ ଜୟକାର କରିବା, ଜାତୀୟତା ସୃଷ୍ଟି କରିବା ତଥା ସ୍ଖଳନୋନ୍ମୁଖୀ ସଂସ୍କୃତିର ସୁରକ୍ଷା ନିମିତ୍ତ, ନାଟ୍ୟକାର ରଚନା କରିବସିଲେ ନାଟକ ''ମୃତ ଆସାମୀ' । ସଂପୃକ୍ତ ନାଟକରେ ପ୍ରଥମେ ଗୋଟାଏ ହୋଟେଲ୍‌ରେ ନୃତ୍ୟନିପୁଣା ଅଭିନେତ୍ରୀ ଉର୍ବଶୀର ହତ୍ୟା, ତଜ୍ଜନିତ ଘନ ଘନ ଅନୁସନ୍ଧାନ, ମ୍ୟାନେଜରଙ୍କ ବୟାନ ଅନୁଯାୟୀ କୁମାର ମହାପାତ୍ରଙ୍କୁ ହତ୍ୟାକାରୀ ଭାବରେ ସନ୍ଦେହ କରିବା ଇତ୍ୟାଦି ଘଟଣାଗୁଡ଼ିକ ଦର୍ଶକ ମନରେ ଅସାମାନ୍ୟ ଉତ୍କଣ୍ଠା ସୃଷ୍ଟି କରିଥାଏ ।

କୁମାର ମହାପାତ୍ରଙ୍କୁ ହତ୍ୟାକାରୀ ଭାବରେ ସାବ୍ୟସ୍ତ କରିବା କ୍ଷେତ୍ରରେ ଓକିଲ ଭୂତନାଥ ଯୁକ୍ତି ବାଢୁଥିଲାବେଳେ, କୁମାରଙ୍କୁ ନିର୍ଦ୍ଦୋଷ ବୋଲି ପ୍ରମାଣ କରିବା ନିମିତ୍ତ ଯୁକ୍ତି ବାଢୁଥିଲେ ଓକିଲ ଧର୍ମାନନ୍ଦ । ଧର୍ମାନନ୍ଦ ସତ୍ୟ ଓ ନ୍ୟାୟର ପକ୍ଷ ଗ୍ରହଣ କରି, ପ୍ରକୃତ ସତ୍ୟ ପଦାକୁ ଆସୁ ବୋଲି ଆଶା ପ୍ରକାଶ କରିଥିଲେ । ଧର୍ମାନନ୍ଦଙ୍କ ଯୁକ୍ତି ଭିତରେ ବୋଧହୁଏ ନାଟ୍ୟକାର ରାମଚନ୍ଦ୍ରଙ୍କ ଆତ୍ମାର ବାର୍ତ୍ତା ହୋଇଛି ପ୍ରମୂର୍ତ୍ତ । ବୃତ୍ତିଗତ ଜୀବନରେ ମୁଖ୍ୟତଃ ଆଇନଜୀବୀ ଥିବା ରାମଚନ୍ଦ୍ର, ଧର୍ମାନନ୍ଦଙ୍କ ସଂଳାପ ଭିତରେ କହିଛନ୍ତି- ''କିନ୍ତୁ ମୁଁ ଆଜିଯାଏ ସବୁ ମୋକଦ୍ଦମାରେ ଗୋଟିଏ କଥାକୁ ଖୋଜି ବାହାର କରିବାକୁ ଚେଷ୍ଟା କରେ, ତାହା ହେଉଛି ମୋକଦ୍ଦମାରେ ଥିବା ସତ୍ୟତା । ମୁଁ ଯେତିକି ତା'ର ନିକଟବର୍ତ୍ତୀ ହୋଇଛି ମୋର ସେତିକି ଆତ୍ମ ସନ୍ତୋଷ ଆସିଛି ।'' (ମୃତ ଆସାମୀ-ସାଥୀ ପ୍ରକାଶନ (୧୯୮୧) ପୃଷ୍ଠା-୬୦)

ଉର୍ବଶୀ କଳା ପ୍ରବୀଣା, ନୃତ୍ୟ ପଟ୍ଟୀୟସୀ, କୁମାର ମହାପାତ୍ର ଜଣେ କଳାପ୍ରେମୀ । ଏଇ ଭାବରେ ସେ ଉର୍ବଶୀର କଳାକୁ ଭଲପାଆନ୍ତି । ଉର୍ବଶୀଙ୍କୁ ନେଇ ତାଙ୍କ ମନରେ

Digitized by srujanika@gmail.com

କୌଣସି ପାପ ଚିନ୍ତା ଅଥବା କୌଣସି ଆବିଳତା ନଥିଲା । ମାତ୍ର କୁମାର ମହାପାତ୍ରଙ୍କୁ ତାଙ୍କ ସ୍ତ୍ରୀ ଏବଂ ଓକିଲ ଧର୍ମାନନ୍ଦବାବୁ କେହି ହେଲେ ବିଶ୍ୱାସ କରିନାହାନ୍ତି । କୁମାର ମହାପାତ୍ରଙ୍କ ପତ୍ନୀ ସୁନନ୍ଦା ବିଚାରାଳୟରେ ନିଜ ସ୍ୱାମୀଙ୍କ ସମ୍ବନ୍ଧରେ ସାକ୍ଷ୍ୟ ପ୍ରଦାନ ନକରି, ତାଙ୍କ ବିପକ୍ଷରେ ସାକ୍ଷ୍ୟ ପ୍ରଦାନ କରିଅଛନ୍ତି । ଏହାଦ୍ୱାରା ଚଳନ୍ତି ବିଚାର ବ୍ୟବସ୍ଥା ପ୍ରତି ସେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । କାରଣ ସ୍ୱାମୀଙ୍କ ସପକ୍ଷରେ ସେ ସାକ୍ଷ୍ୟ ପ୍ରଦାନ କରିଥିଲେ, କେହି କେବେ ତାଙ୍କୁ ବିଶ୍ୱାସ କରି ନଥାନ୍ତେ । ଜଣେ ପତିବ୍ରତା ନାରୀ ରୂପେ ସୁନନ୍ଦା, ସ୍ୱାମୀଙ୍କୁ ଅଭିଯୋଗମୁକ୍ତ କରିବା ନିମିତ୍ତ ଯଥାସମ୍ଭବ ଉଦ୍ୟମ କରିଛନ୍ତି ଏବଂ ଅନ୍ୟାନ୍ୟ ସାକ୍ଷ୍ୟ ମଧ୍ୟ ଯୋଗାଡ଼ କରିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟଜନକ ବ୍ୟାପାର ହେଉଛି ଯେ, କୁମାର ମହାପାତ୍ରଙ୍କୁ ଅଭିଯୋଗମୁକ୍ତ କରିବା ନିମିତ୍ତ ସ୍ୱୟଂ ଉର୍ବଶୀ ଦେବୀ ମଧ୍ୟ ବିଚାରାଳୟରେ ଉପସ୍ଥିତ ହୋଇଛନ୍ତି । ତାଙ୍କର ଉପସ୍ଥିତିହିଁ ସମସ୍ତଙ୍କୁ କରିଛି ହତଚକିତ ।

ନୃତ୍ୟପଟ୍ଟୀୟସୀ ଉର୍ବଶୀ, ବାହ୍ୟ ଗୁପ୍ତଚର ଭାବରେ ଆସି, ନର୍ତ୍ତକୀର ଛଦ୍ମତା ଭିତରେ ହୋଟେଲ 'ଆଭିଜାତ୍ୟ'ରେ ଅବସ୍ଥାନ କରୁଥିଲେ ଓ ହୋଟେଲ୍ ମ୍ୟାନେଜରଙ୍କ ମାଧ୍ୟମରେ ଏକ ହତ୍ୟାକାଣ୍ଡ ସଂଘଟିତ କରିଥିଲେ । ନିଜେ ମୃତ ବୋଲି ଘୋଷଣା କରାଇ, ଉର୍ବଶୀ ହୋଇଥିଲେ ଅନ୍ତର୍ହିତା । ଭାରତର କେତୋଟି ଗୁପ୍ତ ତଥ୍ୟ, ସେ ସବୁରି ଅଗୋଚରରେ ନିଜ ଦେଶକୁ ପଠାଇ ସାରିଛନ୍ତି । ଭାରତ ଛାଡ଼ି ଯିବା ପୂର୍ବରୁ ସେ କୁମାର ମହାପାତ୍ରଙ୍କୁ ହତ୍ୟାକାରୀ ଅଭିଯୋଗରେ ଦଣ୍ଡିତ ହେବା ସମ୍ବାଦ ଖବର କାଗଜରୁ ପାଠ କଲେ । କଳାକାର ଜୀବନ ଭିତରେ ଛପି ରହିଥିବା ସୁକୋମଳ ସତ୍ତାଟି ନିର୍ଦ୍ଦୋଷ କୁମାରଙ୍କ ପ୍ରତି ଏଭଳି ଦଣ୍ଡାଦେଶକୁ ଭଲ ଭାବରେ ଗ୍ରହଣ କରିପାରିଲା ନାହିଁ । କୁମାର ଜଣେ ସ୍ନେହସିକ୍ତ, ସରଳ ଓ ଅମାୟିକ ମଣିଷ- ଏଇ ପ୍ରସଙ୍ଗ ବିଚାରାଳୟରେ ପ୍ରମାଣ କରିଛନ୍ତି ଉର୍ବଶୀ । ହତ୍ୟାକାଣ୍ଡ ସମ୍ପର୍କରେ ସମସ୍ତ ଅନ୍ଧକାର ଦୂରେଇ ଯାଇଛି, ସତ୍ୟର ଆତ୍ମପ୍ରକାଶ ଘଟିଛି । ଉର୍ବଶୀଙ୍କୁ ଗିରଫ କରାଯିବା ପୂର୍ବରୁ, ନିଜ ଗୁଳିରେ ସେ ନିଜେ ଆତ୍ମହତ୍ୟା କରିଛନ୍ତି ।

ସଂପୃକ୍ତ ନାଟକରେ ନାଟ୍ୟକାର ରାମଚନ୍ଦ୍ରଙ୍କ ନାଟ୍ୟଚେତନାର ସେତେଟା ଉତ୍କର୍ଷ ପରିଲକ୍ଷିତ ହୁଏ ନାହିଁ । ଅନ୍ୟାନ୍ୟ ନାଟକ ଭଳି, ଏଥିରେ ତାଙ୍କର ବାର୍ତ୍ତା ଅଛି, ଅଥଚ ନାଟକୀୟ ଦିଗଟି ସାମାନ୍ୟ ଊଣା ହୋଇଥିବା ଲକ୍ଷ୍ୟ କରାଯାଏ । କାହାଣୀଟି ଆକର୍ଷଣୀୟ ହୋଇଥିଲେ, ହୁଏତ ନାଟକୀୟ ବାତାବରଣ ଅଧିକତର ଭାବସାନ୍ଦ୍ର ହୋଇପାରିଥାନ୍ତା ।

'ମୃତଆସାମୀ' ନାଟକରେ ଦେଶ ପ୍ରତି ଆନ୍ତରିକତା ରହିଛି, ଅଥଚ ଦେଶର ନିରାପତ୍ତା ବ୍ୟବସ୍ଥା କେତେ ବିପନ୍ନ ତାହା ସୂଚାଇ ଦିଆଯାଇଛି । ଆମ ଆଇନ ବ୍ୟବସ୍ଥାର କେତୋଟି ତ୍ରୁଟି ଓ ଭ୍ରମାତ୍ମକ ଦିଗ ପ୍ରତି ମଧ୍ୟ ଏଥିରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି । ଶେଷରେ ମିଥ୍ୟାର ଘନ କୁହେଳିକା ଭିତରେ ସତ୍ୟକୁ ଯେତେ ଘୋଡ଼ାଇ ରଖିଲେ ମଧ୍ୟ, ସତ୍ୟର ସକଳ କ୍ଷେତ୍ରରେ ବିଜୟ ହିଁ ଦେଖା ଦେଇଥାଏ- ଏହା ସମ୍ପୃକ୍ତ ନାଟକ ମାଧ୍ୟମରେ ଦର୍ଶାଇ ଦିଆଯାଇଛି । ମାତ୍ର ରାମଚନ୍ଦ୍ରଙ୍କ ନାଟକ ଗୁଡ଼ିକର ସଫଳତା ପରିପ୍ରେକ୍ଷୀରେ 'ମୃତଆସାମୀ' ଏକ ଭିନ୍ନ ନାଟକ ।

Digitized by srujanika@gmail.com

୧୯ । ଅର୍ଥ ଅନର୍ଥ : (୧୯୯୨)

'ଅର୍ଥ ଅନର୍ଥ' ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ଶେଷ ପୂର୍ଣ୍ଣାଙ୍ଗ ନାଟକ । ସମ୍ପୃକ୍ତ ନାଟକରେ ଯୁବପୀଢ଼ି ନିମିତ୍ତ ଆଦର୍ଶ ଚରିତ୍ର ରୂପେ ଜଲି ଏବଂ ମନୁ ଚରିତ୍ର ଦୁଇଟିକୁ ପ୍ରମୁଖ ଗୁରୁତ୍ୱ ଦିଆଯାଇଛି । ସଂପୃକ୍ତ ଦୁଇ ଚରିତ୍ର ମାଧ୍ୟମରେ ଯୁବ ସମାଜ ନିକଟରେ ଚାକିରି ପ୍ରତି ବୀତଶ୍ରଦ୍ଧତା, ଗାଁ ଭୂଇଁରେ ରହି ଜନସେବା କରିବାର ପ୍ରୟାସ, ସଚ୍ଚୋଟ ଓ ସଚ୍ଚରିତ୍ର ହେବାର ବଳିଷ୍ଠ ମନୋଭାବ ଇତ୍ୟାଦି ନାଟ୍ୟକାର ଉପସ୍ଥାପନ କରିଅଛନ୍ତି ।

ଗୋଟାଏ ସାଧାରଣ କୃଷିଜୀବୀ ପରିବାର ଭିତରେ ମନୁର ଜନ୍ମ । ଘରେ ତା'ର ବଡ଼ଭାଇ କୁଳମଣି ଏବଂ ଭାଉଜ ତାରା, ଯାହାଙ୍କ ସ୍ନେହ ଶ୍ରଦ୍ଧା ଭିତରେ ସମାପ୍ତ ହୁଏ ମନୁର ଶିକ୍ଷା । ଶିକ୍ଷିତ ମନୁ ଚାକିରି ପଛରେ ଅନୁଧାବନ ନକରି, ଗାଁର ଠିକାଦାର ସିଂ ବାବୁଙ୍କୁ ତାଙ୍କ କାମରେ ସହାୟତା କରିଛି । ତାଙ୍କର ଆର୍ଥିକ ଉନ୍ନତି ଦ୍ୱାରା ସେ ଅନେକ କଳକାରଖାନାର ମାଲିକ ହୋଇ ପରିଚାଳନାର ଗୁରୁଦାୟିତ୍ୱ ମନୁଙ୍କ ଉପରେ ନ୍ୟସ୍ତ କରିଛନ୍ତି । ମନୁଙ୍କ ସଚ୍ଚୋଟତାରୁ ସିଂ ବାବୁଙ୍କର ଉତ୍ତରୋତ୍ତର ଉନ୍ନତି ଘଟିଛି ।

ସିଂ ବାବୁଙ୍କର ଆକସ୍ମିକ ଉନ୍ନତିକୁ ସହ୍ୟ କରିପାରି ନାହିଁ ଗୁଣ ମହାନ୍ତି । ଖଳ ଗୁଣ ମହାନ୍ତିର ଇଚ୍ଛା, କେମିତି ହେଲେ ମନୁକୁ ନିଜ ଝିଅ ଜଲି ସହିତ ବିବାହ ଦେଇ ଜାମାତା କରାଇ ପାରିଲେ, ଅନ୍ତତଃ ସିଂ ବାବୁଙ୍କ ଉନ୍ନତି ବାଧାପ୍ରାପ୍ତ ହେବ । ଏଥି ନିମିତ୍ତ ମଧ୍ୟ ସେ ମନୁର ବଡ଼ଭାଇ କୁଳମଣି ଓ ଭାଉଜ ତାରାଙ୍କ ନିକଟରେ ବିବାହ ପ୍ରସ୍ତାବ ଆଗତ କରିଛନ୍ତି । ଗୁଣ ମହାନ୍ତିଙ୍କ କନ୍ୟା ମିସ୍ ଜଲି ଉଚ୍ଚଶିକ୍ଷିତା, ସିଂ ବାବୁଙ୍କ ପୁଅ ଦେବେନ୍ଦ୍ରଙ୍କ ସହିତ ତାଙ୍କର ସମ୍ପର୍କ ଘନିଷ୍ଠ । ଧୂର୍ତ୍ତ ଗୁଣ ତେଣୁ ନିଜର ମତ ପରିବର୍ତ୍ତନ କରି, ମନୁ ପରିବର୍ତ୍ତେ, ଦେବେନ୍ଦ୍ରଙ୍କୁ ଜାମାତା ରୂପେ ଗ୍ରହଣ କରିବାର ପ୍ରଯତ୍ନ କଲେ । କାରଣ ଦେବେନ୍ଦ୍ରଙ୍କୁ ଜାମାତା କରିପାରିଲେ, ସିଂ ବାବୁଙ୍କର ବିପୁଳ ସମ୍ପତ୍ତିକୁ ଆବଶ୍ୟକ ସ୍ଥଳେ ଆପଣା ନାମରେ କରାଇହେବ ।

ମନୁଙ୍କର ଏଇ ଦୁର୍ଘଟଣା ଦେଖି ଅନ୍ୟମାନେ ଆଶ୍ଚର୍ଯ୍ୟ ହେଲେ । ତାଙ୍କର ସୁସ୍ଥତା ନିମିତ୍ତ ସିଂ ବାବୁଙ୍କ ତରଫରୁ ସବୁପ୍ରକାରର ସୁବ୍ୟବସ୍ଥା କରାଗଲା, ମନୁ ନିଜ ଘରେ ନିଜ ଭାଇ ଭାଉଜଙ୍କ ନିକଟରେ ରହି ଚିକିତ୍ସିତ ହେଲେ । ନିଜର ଧୂର୍ତ୍ତ ପିତା ଗୁଣଙ୍କର ସକଳ ଖଳ ପ୍ରକୃତି ସଂପର୍କରେ ଜାଣିବା ପରେ, ମିସ୍ ଜଲି ଆନ୍ତରିକତାର ସହିତ ମନୁ ବାବୁଙ୍କର ସେବା ସୁଶ୍ରୁଷା କଲେ । ଗୁଣ ପୁନର୍ବାର ମନୁଙ୍କ ପ୍ରତି ଢଳି ପଡ଼ିଲେ ଓ ମନୁଙ୍କୁ ବ୍ୟାହ କରିବାକୁ ପ୍ରସ୍ତାବ ଦେଲେ । ମନୁ କିନ୍ତୁ ମିସ୍ ଜଲିକୁ ଭଉଣୀ ଦୃଷ୍ଟିରେ ଦେଖି, ତାଙ୍କୁ ଭଉଣୀ ବୋଲି ସମ୍ବୋଧନ କରିଛନ୍ତି ଏବଂ ନିଜର ବନ୍ଧୁ ଦେବେନ୍ଦ୍ର ବାବୁଙ୍କ ସହିତ ଜଲିଙ୍କର ବିବାହ କରାଇ ଦେଇଛନ୍ତି ।

ସଂପୃକ୍ତ ନାଟକରେ ଜଲି ଚରିତ୍ରଠାରୁ ମନୁ ଚରିତ୍ରଟି ହୋଇଛି ଆଦର୍ଶ ସ୍ଥାନୀୟ ଏବଂ ମହନୀୟ । ଶିକ୍ଷିତ ଯୁବକ ଭାବରେ ମନୁ ନିଜର ଭାଇଭାଉଜଙ୍କୁ ପିତାମାତାଙ୍କ ଭଳି ସମ୍ମାନ କରିଛି । ସମସ୍ତଙ୍କ ପ୍ରତି ରହିଛି ତାଙ୍କର ଆଦର ଓ ସମ୍ମାନ । ଗ୍ରାମ୍ୟ ଜନତାଙ୍କ ଆର୍ଥିକ

Digitized by srujanika@gmail.com

ଉନ୍ନତି ନିମିତ୍ତ ସେ ଗାଁରେ କାରଖାନା କରାଇଛି, ଅଥଚ ସେଇ ଅକୃତଜ୍ଞ ଲୋକେ ତାକୁ ଆଘାତ ଦେଇଛନ୍ତି। ପୁନଶ୍ଚ ଆପେ ମିସ୍ ଜଲିଙ୍କ ଭଳି ଜଣେ ସୁଶିକ୍ଷିତା ଯୁବତୀଙ୍କୁ ବିବାହ କରିବାର ପ୍ରଲୋଭନ ତ୍ୟାଗ କରିଛି । ସବୁ ଦୃଷ୍ଟିରୁ ଜଣେ ଉଚ୍ଚ ଆଦର୍ଶ ସ୍ଥାନୀୟ ମଣିଷ ଭାବରେ, ମନୁର ଆଦର୍ଶ ଉଦାହରଣୀୟ ।

ଘ. ରାମନ୍ଦ୍ରଙ୍କ ଛୋଟ ନାଟକ :

ନାଟ୍ୟପୁରୁଷ ରାମଚନ୍ଦ୍ର ମିଶ୍ର ସର୍ବାନ୍ତକରଣରେ ଥିଲେ ଜଣେ ସଫଳ ନାଟ୍ୟଶିଳ୍ପୀ । ମଞ୍ଚନାଟକ ରଚନା ସହିତ ସେ କେତୋଟି ବେତାର ନାଟକ ରଚନା କରିଥିଲେ । ଏସବୁକୁ ଛୋଟ ନାଟକ ଅଭିଧାରେ ଚିହ୍ନିତ କରାଯାଇପାରେ ।

୧. ପ୍ରତୀକ୍ଷା (୧୯୫୮)

୨. ପ୍ରବାସୀ (୧୯୫୯)

୩. ପଡ଼ୋଶୀ (୧୯୬୦)

୪. ଆବିଷ୍କାର (୧୯୭୦)

୫. ରଜତ ଜୟନ୍ତୀ (୧୯୮୫)

୬. ମନ୍ତ୍ରୀଯୁଗ (୧୯୯୧)

କ. ଆଶା-ନିରାଶା (୩-୧୧-୯୧)

ଖ. ମନ୍ତ୍ରୀ ଆସିବେ (୧୧-୧୨-୯୧)

ଗ. ଭୋଟ ସଂସାର (୭-୧୨-୯୧)

୭. ପାଞ୍ଚ ଏକର ଜମି (୧୯୯୨) ଅସମ୍ପୂର୍ଣ୍ଣ ।

୧. ପ୍ରତୀକ୍ଷା :

'ପ୍ରତୀକ୍ଷା', ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ରଚିତ ନାରୀ ମନସ୍ତତ୍ତ୍ୱଭିତ୍ତିକ ଏବଂ ସଫଳ ଏକାଙ୍କିକା । ଏହା ୧୯୫୮ ରେ ରଚିତ ହୋଇଥିଲା ଏବଂ ଅପ୍ରେଲ ୨୦ ତାରିଖରେ ଦିଲ୍ଲୀ ଆକାଶବାଣୀ ପ୍ରାୟୋଜିତ 'ସାହିତ୍ୟ ସମାରୋହ'ରେ ନାଟ୍ୟକାରଙ୍କ ଦ୍ୱାରା ପାଠ କରାଯାଇଥିଲା । ଏହାର ଆଲୋଚନାରେ ଅନେକ କୃତବିଦ୍ୟ ସମାଲୋଚକ ଅଂଶଗ୍ରହଣ କରିଥିଲେ ଓ ଏହା ଏକ ଭାବୋଦ୍ଦୀପକ ରଚନା ବୋଲି ସେଠାରେ ଅଭିମତ ପ୍ରକାଶ ପାଇଥିଲା । ସେପ୍ଟେମ୍ବର ୨୬ ତାରିଖ ୧୯୫୯ରେ ଏହା ଆକାଶବାଣୀ କଟକ କେନ୍ଦ୍ର ଦ୍ୱାରା ପ୍ରଚାରିତ ହୋଇଥିଲା ।

ନାରୀ ମନସ୍ତତ୍ତ୍ୱକୁ ନେଇ, ନାରୀ ହୃଦୟର ଗୋପନ ଭାଷାକୁ ସମ୍ପୃକ୍ତ ନାଟକରେ ପ୍ରକାଶ କରାଯାଇଛି । ସମ୍ପୃକ୍ତ ନାଟକରେ ମାତ୍ର ରହିଛି ତିନିଗୋଟି ଚରିତ୍ର । ଅଜିତ, ମନୋଜ ଏବଂ ବାସନ୍ତୀ । ଅଜିତ ଓ ବାସନ୍ତୀ ସ୍ୱାମୀ ସ୍ତ୍ରୀ । ଉଭୟଙ୍କ ମଧ୍ୟରେ ରହିଛି ଗଭୀର ପ୍ରେମ, ଯାହା ଦୃଢ଼ ପ୍ରତ୍ୟୟ ଉପରେ ଆଧାରିତ । ବାସନ୍ତୀ ସ୍ୱାମୀ ସୋହାଗିନୀ, ଅଜିତ ପତ୍ନୀଗତ

Digitized by srujanika@gmail.com

ପ୍ରାଣ । ଦୁହେଁ ଦୁହିଁଙ୍କ ନିମିତ୍ତ ବ୍ୟାକୁଳ । ବାସନ୍ତୀକୁ ଅଜିତ ଏକଦା 'ଛଳନାମୟୀ' ଶୀର୍ଷକ ଉପନ୍ୟାସ ପାଠ କରିବା ନିମିତ୍ତ ସୁଯୋଗ ପ୍ରଦାନ କରିଅଛନ୍ତି । ଏହା ଅଧ୍ୟୟନ କରିବା ପରେ, ଏଥିରେ ନିଜରପ୍ରତିଛବି ଦେଖିଛନ୍ତି ବାସନ୍ତୀ । ଉପନ୍ୟାସର ଲେଖକ ହେଲେ ମନୋଜ, ବାସନ୍ତୀଙ୍କ ସହିତ ଯାହାଙ୍କର ଏକଦା ପ୍ରେମ ଥିଲା କୁମାରୀ ଜୀବନରେ ବାସନ୍ତୀ ମନୋଜକୁ ମନପ୍ରାଣ ସମର୍ପି ଦେଇଥିଲେ । ମାତ୍ର ଘଟଣା ଚକ୍ରରେ କୁମାରୀ ବାସନ୍ତୀ, ଏବେ ଅଜିତ୍‌ବାବୁଙ୍କର ଧର୍ମପତ୍ନୀ ।

ଉପନ୍ୟାସଟି ପାଠ କରିବା ପରେ ବାସନ୍ତୀ ହୋଇଛନ୍ତି ସନ୍ତୁଳିତା । ସେ ଅନୁଭବ କରିଛନ୍ତି, ମନୋଜ ତାଙ୍କୁ ଭୁଲ୍ ବୁଝିଛନ୍ତି, କାରଣ ଜଣେ ନାରୀ ସାମାଜିକ ବ୍ୟବସ୍ଥା ଭିତରେ କେତେଦୂର ଉପାୟଶୂନ୍ୟା, ତାହା ମନୋଜ ହୃଦୟଙ୍ଗମ ପାରି ନାହାନ୍ତି । ପ୍ରେମିକା ବାସନ୍ତୀ ଉପରେ ପ୍ରତିଶୋଧ ପରାୟଣ ହୋଇ, ମନୋଜ ଏପରି ଏକ ଉପନ୍ୟାସ ରଚନା କରିଥିବା ପ୍ରସଙ୍ଗ ଉପଲବ୍ଧି କରିଛନ୍ତି ବାସନ୍ତୀ ।

ଅପମାନ ଜର୍ଜରିତା ଓ ସନ୍ତୁଳିତା ବାସନ୍ତୀ, ଏଥର କୌଣସି ଉପାୟ ନପାଇ, ଆତ୍ମଗ୍ଲାନିରୁ ମୁକ୍ତି ପାଇବାକୁ ଘୋର ବର୍ଷା ବିପ୍ଳାତ ସତ୍ତ୍ୱେ, ମନୋଜଙ୍କ ଘରେ ଏକାକିନୀ ଉପସ୍ଥିତ ହୋଇଛନ୍ତି । ଛଦ୍ମ ନାମରେ ବାସନ୍ତୀ ଚରିତ୍ରଟି ପ୍ରତି, ଲେଖକ କିପରି ଏମିତି ଅବିଚାର କଲେ ତାହା ମଧ୍ୟ ସେ ଦର୍ଶାଇଛନ୍ତି । ଚରିତ୍ର ଚିତ୍ରଣଗତ ବ୍ୟତିକ୍ରମ ନିମିତ୍ତ ସେ ଗଭୀର ଦୁଃଖରେ ଆହତ ହୋଇଛନ୍ତି ।

ସ୍ୱାମୀ ଅଜିତ୍‌ବାବୁ ଘରକୁ ଆସି, ବାସନ୍ତୀକୁ ନ ଦେଖି ଗଭୀର ଭାବରେ ଚିନ୍ତିତ ହୋଇପଡିଛନ୍ତି । ମାନସିକ ସନ୍ତୁଳନ ଓ ବର୍ଷାଭିଜା ଶରୀର ନେଇ ପହଞ୍ଚିଛନ୍ତି ବାସନ୍ତୀ । ଦେହରେ ତାଙ୍କର ଭରିଯାଇଛି ଉତ୍ତାପ । ଅଜିତ୍‌ବାବୁ ବାସନ୍ତୀର ସେବା ସୁଶ୍ରୁଷାରେ ମନପ୍ରାଣ ଢାଳି ଦେଇଛନ୍ତି । ବାସନ୍ତୀ ଏଥର ଅଜିତଙ୍କ ନିକଟରେ ନିଜକୁ ଦୋଷୀ ବୋଲି ଅନୁଭବ କରିଛନ୍ତି । ଶେଷରେ ବାସନ୍ତୀଙ୍କର ଅକାଳ ବିୟୋଗ ଘଟିଛି । ବାସନ୍ତୀଙ୍କ କ୍ଷୀଣ କଣ୍ଠର ସ୍ୱର ଶୁଣିପାରିଛନ୍ତି ଅଜିତ- ''ମନୋଜ ବାବୁ ମୋତେ ଭୁଲ୍ ବୁଝିଲେ, ମୋତେ ହରାଇ ସେ ହିଂସ୍ର ହୋଇଉଠିଲେ । ଯାହା ଫଳରେ ଲେଖିଲେ 'ଛଳନାମୟୀ', ମୋରି ଭଲ ପାଇବାକୁ ବିଦ୍ରୁପ କରି- ମୁଁ ତାହା ସହ୍ୟ କରିପାରିଲି ନାହିଁ ... ଅଜିତ ବାବୁ ମୁଁ ତାକୁ ସହ୍ୟ କରିପାରିଲି ନାହିଁ । ମନୋଜବାବୁଙ୍କ ସହିତ ଦେଖା ହେଲେ କହିବେ, ବାସନ୍ତୀ ତାକୁ ତା'ର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କିପରି ଭଲ ପାଉଥିଲା । ଏବେ ବି ମୁଁ ତାଙ୍କରି ଅପେକ୍ଷାରେ । ଏତିକି ଭିକ୍ଷା ମୋର ଅଜିତବାବୁ, ଏତିକି ଭିକ୍ଷା ।''

('ପ୍ରତୀକ୍ଷା' ପାଣ୍ଡୁଲିପି - ପୃଷ୍ଠା-୨୭)

ବାସନ୍ତୀର କରୁଣ ମୃତ୍ୟୁରେହିଁ ଏକାଙ୍କିକାଟିର ସମାପ୍ତି ଘଟିଛି, ଅଥଚ ସୀମିତ ସମୟସୀମା ମଧ୍ୟରେ ଜଣେ, ପତ୍ନୀ ଓ ପ୍ରେମିକା ରୂପରେ ବାସନ୍ତୀ ବ୍ୟକ୍ତିତ୍ୱର ଦ୍ୱୈତସତ୍ତା ଓ ଗଭୀର ଅନୁତାପ ହିଁ ଭାବୋଦ୍ଦୀପକ ହୋଇପାରିଛି ।

Digitized by srujanika@gmail.com

୨ । ପ୍ରବାସୀ :

କଲିକତାଠାରେ ଅନୁଷ୍ଠିତ ନାଟ୍ୟକାର ଓ ଭବିଷ୍ୟତ ନାଟ୍ୟକାର ସମ୍ମେଳନରେ ୨୫ ଫେବୃୟାରୀ ୧୯୫୯ ମସିହାରେ 'ପ୍ରବାସୀ' ନାଟ୍ୟକାରଙ୍କ ଦ୍ୱାରା ପଠିତ ଓ ଅନ୍ୟମାନଙ୍କ ଦ୍ୱାରା ଆଲୋଚିତ ହୋଇଥିଲା । ପରେ ପରେ ୧୬ ନଭେମ୍ବର ୧୯୬୩ ମସିହାରେ ଏହା କଟକ ଆକାଶବାଣୀ କେନ୍ଦ୍ର ଦ୍ୱାରା ବେତାର ନାଟକ ଭାବରେ ପ୍ରସାରିତ ହୋଇଥିଲା । ନାଟ୍ୟକାର 'ପ୍ରବାସୀ' ଶବ୍ଦଟିକୁ ତୀକ୍ଷ୍ଣ ଭାବରେ ସେକାଳର ସାମାଜିକ ପରିପ୍ରେକ୍ଷୀରେ ନଜର ରଖିବା ସହିତ ଏହାର ବିଶ୍ଳେଷଣ କରିଥିଲେ । ଭାରତ ବର୍ଷରେ ବିଭିନ୍ନ ସ୍ଥାନରେ ବିବିଧ ପ୍ରବାସୀ ଅନୁଷ୍ଠାନମାନ ଦେଖା ଦେଇଥିଲା । ନିଜ ଦେଶରେ ଅଧିବାସୀ, ନିଜ ଦେଶରେ ପ୍ରବାସୀ ବୋଲାଇବା ଘଟଣା ପ୍ରକୃତରେ ଏକାନ୍ତ ଲଜ୍ଜାଜନକ ବ୍ୟାପାର । 'ପ୍ରବାସୀ' ଶବ୍ଦଟିକୁ ଭିତ୍ତି କରି ଗଢି ଉଠିଥିବା ଏପରି ଏକ ବିକଳ ମାନସିକତାକୁ ନେଇ ନାଟ୍ୟକାର ସୁନ୍ଦର ଭାବରେ ସମ୍ପୃକ୍ତ ନାଟକଟିକୁ ଉପସ୍ଥାପନ କରିଛନ୍ତି ।

ନାଟକର କାହାଣୀ ହୋଇଛି ସମ୍ବେଦନଶୀଳ । ବିଶୁବାବୁ ଓ ସୁମିତ୍ରା ଉଭୟ ଓଡ଼ିଶା ବାହାରର ହେଲେ ମଧ୍ୟ ଓଡ଼ିଶାରେ ଦୀର୍ଘକାଳ ଧରି ରହିଆସିଛନ୍ତି । ଦୁହେଁ ପୁଣି ଓଡ଼ିଶାର ସାଂସ୍କୃତିକ ପରମ୍ପରା ଓ ଭାଷା ସହିତ ଘନିଷ୍ଠ ହୋଇଛନ୍ତି । ସେମାନଙ୍କ ସନ୍ତାନ ଦୁଇଟିଙ୍କର ଜନ୍ମ ଏଇ ଓଡ଼ିଶାରେ, ସେମାନଙ୍କ ଶିକ୍ଷାଦୀକ୍ଷା ମଧ୍ୟ ଓଡ଼ିଶାରେ ସମ୍ପନ୍ନ ହୋଇଛି । ଅଥଚ ଚାକିରି ଶେଷ ହେବା ପରଠାରୁ, ବିଶୁବାବୁଙ୍କୁ ଓଡ଼ିଶା ଛାଡ଼ି ନିଜ ଦେଶକୁ ଚାଲିଯିବା ନିମିତ୍ତ ସୁମିତ୍ରା ପ୍ରବର୍ତ୍ତାଇଛନ୍ତି । କାରଣ ଓଡ଼ିଶାରେ ସେମାନେ ପ୍ରବାସୀ, ତେଣୁ କନ୍ୟା ପାଇଁ ବର ଓ ପୁତ୍ର ନିମିତ୍ତ ବଧୂଟିଏ ମିଳିବା ଏଠାରେ ଅସମ୍ଭବ ହୋଇପଡ଼ିବ । ମାତ୍ର ବିଶୁବାବୁଙ୍କର ଓଡ଼ିଶା ସହିତ ଯାବତୀୟ ଘନିଷ୍ଠତା, ଯାହାକୁ ଏଡାଇଦେଇ ଯିବା ତାଙ୍କ ପକ୍ଷରେ ସମ୍ଭବ ହୋଇନାହିଁ । ପୁତ୍ର ଜୟନ୍ତ ଓ କନ୍ୟା ଉମା ମଧ୍ୟ ଓଡ଼ିଶାର ମାୟା ବିସ୍ମୃତ ହୋଇଯିବାକୁ ଆଗ୍ରହୀ ନୁହନ୍ତି ।

ସୁମିତ୍ରାଙ୍କ ପ୍ରରୋଚନାରେ ସମସ୍ତେ ଓଡ଼ିଶା ତ୍ୟାଗ କରିବାକୁ ବ୍ୟବସ୍ଥା କରୁଥିବା ସମୟରେ, ପୁଅ ଜୟନ୍ତର ପ୍ରେମିକା ଇଲାଠାରୁ ଫୋନ୍ ଆସିଛି । ଇଲା, ଜୟନ୍ତକୁ ଭଲପାଏ ଏବଂ ତାକୁ ବିବାହ କରିବାକୁ ଇଚ୍ଛା କରେ । ଏପରିକି ଜୟନ୍ତ ପାଇଁ ସେ ନିଜର ଘର ଦ୍ୱାର ପରିବାର ତ୍ୟାଗ କରି ଦେବାକୁ ଇଚ୍ଛା କରେ । ଏଥିରେ ଆଶ୍ଚର୍ଯ୍ୟ ହୋଇଛନ୍ତି ବିଶୁବାବୁ ଏବଂ ପତ୍ନୀ ସୁମିତ୍ରା । ଅନୁରୂପ ଘଟଣା ଘଟିଛି ଉମା କ୍ଷେତ୍ରରେ । ଉମାକୁ ବିବାହ କରିବା ନିମିତ୍ତ ମନୋହର ଆପଣା ତରଫରୁ ମଧ୍ୟ ପ୍ରସ୍ତାବ ଆଗତ କରିଛି । ମନୋହରଙ୍କୁ ସର୍ବାନ୍ତକରଣରେ ଗ୍ରହଣ କରିଥିବା ଉମା ମଧ୍ୟ, ଏଥିରେ ଆଗ୍ରହର ସହିତ ସହମତି ଜଣାଇଛି ।

ପୁଅ ଜୟନ୍ତ ଓ ଝିଅ ଉମାଙ୍କର ଓଡ଼ିଶା ପ୍ରତି ଆକର୍ଷଣ, ମନୋହର ଏବଂ ଇଲାଙ୍କର ପ୍ରବାସୀ ଉମା ଓ ଜୟନ୍ତଙ୍କ ପ୍ରତି ସମଧରଣର ଆନ୍ତରିକତା, ସର୍ବୋପରି ସ୍ୱାମୀ ବିଶୁବାବୁଙ୍କର

Digitized by srujanika@gmail.com

ଓଡ଼ିଶାକୁ ଆପଣେଇ ନେବାର ସତତଃ ଆଗ୍ରହ ନିକଟରେ ବାଧ ହୋଇ ସୁମିତ୍ରା, ଓଡ଼ିଶା ତ୍ୟାଗ କରିବାର ସିଦ୍ଧାନ୍ତକୁ ପରିବର୍ତ୍ତନ କରାଇଛନ୍ତି । ସୁମିତ୍ରାଙ୍କ ପ୍ରତି ଏଥର ନିଜସ୍ୱ ଅନୁଭବ ପ୍ରକାଶ କରି ସ୍ୱାମୀ ବିଶୁ କହିଛନ୍ତି- ''ହଁ ଖାଲି ଶୁଣୁନାହିଁ ଜୟୀ ବୋଉ, ଦିବ୍ୟ ଦୃଷ୍ଟିରେ ଦେଖିପାରୁଛି ..... ଅଚିରେ ଏଇ ଦେଶର ଯୁବକଯୁବତୀଙ୍କ ସାହାଯ୍ୟରେ ସୃଷ୍ଟି ହେବ ଏକ ମହାଭାରତୀୟ ଭାଷା, ଏକ ମହାନ ମହାଭାରତୀୟ ଜାତି ..... ଏ ଦେଶର ନୂତନ ଇତିହାସ ଲେଖା ହେବ ସେଇମାନଙ୍କ ଦ୍ୱାରା ଏଇ ମାଟିର ମଣିଷ ହୋଇ, ଏଇ ମାଟି ଉପରେ ଠିଆ ହୋଇ, ଆଉ ଆମେ କହିବା ନାହିଁ, ଆମେ ପ୍ରବାସୀ ।'' ('ପ୍ରବାସୀ'-ପାଣ୍ଡୁଲିପି-ପୃଷ୍ଠା-୩୦)

ପ୍ରବାସୀ ବୋଧର ଦୈନ୍ୟ ମାନସିକତାକୁ ଏଡାଇ ଦେଇ, ସବୁରି ଭିତରେ ଜାତିପ୍ରୀତି, ଦେଶାତ୍ମବୋଧ ଆଣି, ଜାତୀୟ ଐକ୍ୟ ଓ ସଂହତି ରକ୍ଷା କରିବାର ଆଦର୍ଶବୋଧଟି, ସମ୍ପୃକ୍ତ ଏକାଙ୍କିକାଟିରେ ହୋଇଛି ପ୍ରମୂର୍ତ୍ତ । ତେବେ ନାଟ୍ୟକାରଙ୍କର ସେଇ ମହାଭାରତୀୟ ଭାବନାପ୍ରତି ସମ୍ମାନବୋଧ, ଏହା ମାଧ୍ୟମରେ ହୋଇଛି ସାକାର ।

୩ । ପଡ଼ୋଶୀ (୧୯୬୦)

ସାମାଜିକ ଜୀବନରେ ସାଂସ୍କୃତିକ ଅବକ୍ଷୟ, ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ମନୋଭୂମିରେ ସୃଷ୍ଟି କରିଥିବା ଗଭୀର ଆଲୋଡ଼ନର ସାରସ୍ୱତ ପ୍ରତିକ୍ରିୟା ହିଁ ହେଉଛି ତାଙ୍କ ରଚିତ ନାଟକ 'ପଡ଼ୋଶୀ' । ଏହି ବେତାର ନାଟକଟି ୨୯ ଫେବୃଆରୀ ୧୯୬୦ ମସିହାରେ ଆକାଶବାଣୀ, କଟକ କେନ୍ଦ୍ର ଦ୍ୱାରା ପ୍ରସାରିତ ହୋଇଥିଲା । ନାଟକ ସମ୍ପର୍କରେ ଲେଖକୀୟ ବକ୍ତବ୍ୟଟି ଏକାନ୍ତ ସ୍ପଷ୍ଟ- ''ପାରିପାର୍ଶ୍ୱିକ ଅବସ୍ଥା, ମଣିଷ ଉପରେ କି ପ୍ରକାର ପ୍ରଭାବ ବିସ୍ତାର କରିଥାଏ, ସେଇ ପ୍ରଭାବର ବଶବର୍ତ୍ତୀ ହେଲେ ଅବସ୍ଥା କ'ଣ ହୁଏ, ଏହାକୁ ଲକ୍ଷ୍ୟ କରି, ନୂଆ ରାଜଧାନୀରେ ଚାକିରୀ କରୁଥିବା ଦୁଇଟି ପରିବାରର ଚିତ୍ର ନିଆଯାଇ ଅବଶ୍ୟ ଏହାର ନାମକରଣ କରାଯାଇଛି ପଡ଼ୋଶୀ । (ପଡ଼ୋଶୀ-ପାଣ୍ଡୁଲିପି)

'ପଡ଼ୋଶୀ' ନାଟକରେ ଦୁଇ ପଡ଼ିଶା ପ୍ରସଙ୍ଗ ଉପସ୍ଥାପିତ । ଗୋଟିଏ ପରିବାରରେ ଅଛନ୍ତି ସ୍ୱାମୀ ବସନ୍ତ ଓ ସ୍ତ୍ରୀ ମିନା, ଦ୍ୱିତୀୟ ପରିବାରରେ ଅଛନ୍ତି ସ୍ୱାମୀ ଆନନ୍ଦ ଓ ସ୍ତ୍ରୀ ସୀତାଦେବୀ । ଦୁଇପରିବାର ପଡ଼ୋଶୀ, ଅଥଚ ଆଚାର-ଆଚରଣରେ ପରସ୍ପର ମଧ୍ୟରେ ଅସାମାନ୍ୟ ପାର୍ଥକ୍ୟ । ବସନ୍ତ ଓ ମିନା ପାଶ୍ଚାତ୍ୟାନୁରାଗୀ, ପାରମ୍ପରିକ ଚଳଣିଠାରୁ ଏମାନେ ଦୂରେଇ ଯାଇ ନବ୍ୟ-ସଭ୍ୟତା ନାମରେ ପାଶ୍ଚାତ୍ୟ ଭାବ-ଭାବନାକୁ ଗ୍ରହଣ କରିଛନ୍ତି । ସେମାନଙ୍କ ଚଳଣିରେ ସେଇ ଉଗ୍ର ଆଧୁନିକତା ।

ଅପରପକ୍ଷରେ ଅଛନ୍ତି ଆନନ୍ଦ, ଯେ ଭୁବନେଶ୍ୱରରେ ଚାକିରି କରନ୍ତି, ତାଙ୍କ ପତ୍ନୀ ସୀତା ଦେବୀ ଗ୍ରାମୀଣ ମହିଳା ଭାବରେ ଗ୍ରାମରେ ରହନ୍ତି । ଘଟଣାଚକ୍ରରେ ସୀତାଦେବୀ ଆସି ସହରରେ ସ୍ୱାମୀଙ୍କ ସହିତ ରହିଛନ୍ତି । ପ୍ରତିବେଶୀ ବସନ୍ତ ଓ ମିନାଙ୍କ ଚଳଣି ଓ ବାହ୍ୟ

Digitized by srujanika@gmail.com

ଚାକଚକ୍ୟକୁ ଦେଖି ସେ କ୍ରମେ ଏଥିପ୍ରତି ଆଗ୍ରହୀ ହୋଇଛନ୍ତି । ଜଣେ ଗ୍ରାମ୍ୟ ମହିଳା ଭାବରେ ସୀତା ଦେବୀ ଥିଲେ ପତିବ୍ରତା, ସ୍ୱାମୀ ସୋହାଗିନୀ, ପ୍ରାଚ୍ୟ ଜୀବନ ଧାରାର ସଂବାହିକା ଜଣେ ଆଦର୍ଶ ଗୃହିଣୀ । ମାତ୍ର ସମୟ ଓ ପ୍ରତିବେଶିନୀ ମିନାର ରୁଚି ସହିତ ତାଳ ଦେଇ ତାଙ୍କ ଚଳଣିରେ ଆଣିଛନ୍ତି ପରିବର୍ତ୍ତନ । ଏଇ ପରିବର୍ତ୍ତନ ପୁଣି ହୋଇଛି ଅସାମାନ୍ୟ । କାରଣ ଏକଦା ପତି-ଅନୁରକ୍ତା ସୀତାଦେବୀ ସହରି ଚଳଣିରେ ଉଗ୍ର ଆଧୁନିକା ସାଜିଛନ୍ତି ଏବଂ ସ୍ୱାମୀଙ୍କ କଥାରୁ ମଧ୍ୟ ବହିର୍ଭୂତା ହୋଇଛନ୍ତି । ଆନନ୍ଦଙ୍କ ପିତାଙ୍କର ଶାରୀରିକ ଅସୁସ୍ଥତା ସମ୍ବାଦରେ ଆନନ୍ଦ ଗ୍ରାମକୁ ଯିବାକୁ ଉଦ୍ୟତ ହୋଇଛନ୍ତି ଓ ସୀତାଦେବୀଙ୍କୁ ମଧ୍ୟ ସାଙ୍ଗରେ ନେଇଯିବାକୁ କହିଛନ୍ତି । ମାତ୍ର ସଦ୍ୟ-ଆଧୁନିକା ସୀତାଙ୍କ ଭିତରେ ସେବା ମନୋଭାବ ପରିବର୍ତ୍ତେ ଆସିଛି ଘୃଣା । ତେଣୁ ସେ ଗାଁକୁ ଯିବାକୁ ରୋକ୍‌ଠୋକ୍ ମନା କରି ଦେଇଛନ୍ତି । ଫଳତଃ ବାଧ୍ୟ ହୋଇ ଏକାକୀ ବାହାରିଛନ୍ତି ଆନନ୍ଦ । ମାତ୍ର ରାସ୍ତା ଦୁର୍ଘଟଣାରେ ଆନନ୍ଦଙ୍କର ଅକାଳବିୟୋଗ ଘଟିଛି ।

ଏକାଙ୍କିକା 'ପଡ଼ୋଶୀ'ରେ ଦୁଇ ଭିନ୍ନମୁଖୀ ପଡ଼ୋଶୀଙ୍କ ଚିତ୍ର ସ୍ଥାପିତ । ଅଥଚ ଗୋଟାଏ ପଡ଼ୋଶୀର ପ୍ରଭାବ, ଅନ୍ୟ ଉପରେ ବିସ୍ତାରିତ ହେବାରୁ ତାଙ୍କର ଚଳଣିରେ ପରିବର୍ତ୍ତନ ଆସିଛି । ପ୍ରକୃତରେ ଭାରତୀୟ ସଂସ୍କୃତି ଓ ଆଚାର, ଆଚରଣ ଉପରେ, ପାଶ୍ଚାତ୍ୟ ସଂସ୍କୃତିର ବ୍ୟାପକ ପ୍ରଭାବ, କିପରି ଏହାକୁ ଛିନ୍ନମୂଳ କରିବାରେ ଲାଗିଛି, ତାହାର ନଗ୍ନରୂପ ସୀତା ଚରିତ୍ର ମାଧ୍ୟମରେ ନାଟ୍ୟକାର ଦର୍ଶାଇଛନ୍ତି ।

୪ । ଆବିଷ୍କାର (୧୯୭୦)

୧୯୭୦ ମସିହା ସ୍ୱାଧୀନତା ଦିବସରେ 'ଆବିଷ୍କାର' ନାଟକଟି ଆକାଶବାଣୀ, କଟକ କେନ୍ଦ୍ର ଦ୍ୱାରା ପ୍ରସାରିତ ହୋଇଥିଲା । ଆମେରିକାର ଜଣେ ସମାଜ ବିଜ୍ଞାନ ପ୍ରଫେସର, ଭାରତବର୍ଷର ପାରମ୍ପରିକ ଚଳଣି ଓ ସଂସ୍କୃତିର ମହନୀୟତାକୁ ଉପଲବ୍ଧି କରିବା ପ୍ରସଙ୍ଗଟି ସମଗ୍ର ନାଟକଟିର ପ୍ରମୁଖ ବକ୍ତବ୍ୟ । ସମାଜ ବିଜ୍ଞାନ ପ୍ରଫେସରଙ୍କ ଅଧୀନରେ ଜଣେ ଭାରତୀୟ ଅଧ୍ୟାପକ ଗବେଷଣା କରିବା ଅବସରରେ, ପ୍ରଫେସରଙ୍କ କନ୍ୟା ସହିତ ଘନିଷ୍ଠ ହୋଇଥିଲେ । ତାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ପ୍ରଦାନ କରି, ଅଧ୍ୟାପକ ଭାରତ ପ୍ରତ୍ୟାବର୍ତ୍ତନ କଲେ । ଅଧ୍ୟାପକ ଜଣକ ବିବାହିତ ଓ ସନ୍ତାନର ଜନକ ବୋଲି, କେବେବି ପ୍ରଫେସରଙ୍କୁ ଜଣାଇ ନ ଥିଲେ ।

ଭାରତରେ ଏକ ସମ୍ମେଳନରେ ଯୋଗ ଦେବାକୁ ଆସିଥିବା ସଂପୃକ୍ତ ଆମେରିକୀୟ ପ୍ରଫେସର, ଗବେଷକ ଅଧ୍ୟାପକଙ୍କୁ ସାକ୍ଷାତ କରିଛନ୍ତି । ଗବେଷକଙ୍କ ଗାଁ ଭୂଇଁକୁ ଯିବାକୁ ପ୍ରଫେସର ଆଗ୍ରହୀ ଥିବା ବେଳେ, ଅଧ୍ୟାପକ କିନ୍ତୁ ତାଙ୍କୁ ବିଭିନ୍ନ ପ୍ରକାରର ଆଳ ଦେଖାଇ,

Digitized by srujanika@gmail.com

ନିବୃତ୍ତ କରିବାକୁ ଚେଷ୍ଟା କରିଛନ୍ତି । ପ୍ରଫେସରଙ୍କ ଅସାମାନ୍ୟ ଜିଦି ହେତୁ, ଅନନ୍ୟୋପାୟ ହୋଇ, ପ୍ରଫେସରଙ୍କୁ ସାଙ୍ଗରେ ନେଇ ଗାଁକୁ ଯାଇଛନ୍ତି ଅଧ୍ୟାପକ । ପ୍ରଫେସର ଦେଖିଛନ୍ତି ତାଙ୍କର ଘର ଏବଂ ପରିବାର । ବୈଠକ ଘରେ ଦେଖିଛନ୍ତି ବୁଦ୍ଧ, ଯୀଶୁ, କୃଷ୍ଣ, ରାମ, ସୀତା, ସାବିତ୍ରୀ ପ୍ରଭୃତିଙ୍କ ଛବି । ଭାରତୀୟ ସଂସ୍କୃତିରେ ଏମାନଙ୍କର ସମ୍ମାନନୀୟ ବ୍ୟକ୍ତିତ୍ୱ ହିଁ ପୂଜନୀୟ ବୋଲି ତାଙ୍କୁ ଦର୍ଶାଇ ଦେବାରୁ, ସେ ଏସବୁର ପ୍ରଶଂସା କରିଛନ୍ତି ।

ପ୍ରଫେସରଙ୍କ ସହିତ କ୍ରମଶଃ ପରିଚିତ ହୋଇଛି, ଅଧ୍ୟାପକଙ୍କ ସମଗ୍ର ପରିବାର । ଅଧ୍ୟାପକଙ୍କ ମାଆ, ପୁଅକୁ ଆମେରିକା ଛାଡ଼ି ପାରିବ ନାହିଁ ବୋଲି ଦର୍ଶାଇଛନ୍ତି । କାରଣ ଏମାନଙ୍କ ବାର୍ଦ୍ଧକ୍ୟରେ, ଆମେରିକା ଗସ୍ତ କଲେ, ପୁଅ ତାଙ୍କ ପ୍ରତି ଯଥାର୍ଥ କର୍ତ୍ତବ୍ୟ କରିପାରିବ ନାହିଁ ବୋଲି ମାଆ ଦର୍ଶାଇଛନ୍ତି । ଅଧ୍ୟାପକଙ୍କ ମାଆଙ୍କ ଠାରୁ ଏ ସମସ୍ତ ଶୁଣି ପ୍ରଫେସର, ଭାରତୀୟ ସଂସ୍କୃତିରେ ବାର୍ଦ୍ଧକ୍ୟ କାଳରେ ପୁତ୍ରର କର୍ତ୍ତବ୍ୟ ପ୍ରସଙ୍ଗକୁ ପ୍ରଶଂସା କରିଅଛନ୍ତି ।

ଅଧ୍ୟାପକଙ୍କ ପତ୍ନୀ ଆସି ପ୍ରଫେସରଙ୍କୁ ମୁଣ୍ଡିଆ ମାରି ପ୍ରଣାମ କରିଛନ୍ତି, ଭାରତବର୍ଷରେ ପିତାଙ୍କ ପ୍ରତି କନ୍ୟାର ଏତାଦୃଶ ଭକ୍ତିପୂର୍ଣ୍ଣ ବ୍ୟବହାର ଯେ ରହିଛି, ପ୍ରଫେସର ତାଙ୍କ ଜୀବନରେ ପ୍ରଥମ କରି ଏହା ଉପଲବ୍ଧି କଲେ । ଏତିକିରେ ତାଙ୍କ ଅନ୍ତରାତ୍ମା ପୂରି ଉଠିଥିଲା । ଅଧ୍ୟାପକଙ୍କ ପିତା କ୍ଷେତରୁ ଆସି ପ୍ରଫେସରଙ୍କୁ ତାଙ୍କ ଦିଅଁ ଘର ଦେଖାଇଲେ । ଏଠାରେ ରଖାଯାଇଥିବା ପୋଥି ପୁରାଣ ଦୈନିକ ପାଠ କରାଯାଏ ଓ ସେଇ ଅନୁଯାୟୀ ଜୀବନ ଗଢାଯାଏ ବୋଲି ମଧ୍ୟ ସେ ପ୍ରଫେସରଙ୍କୁ ଦର୍ଶାଇଛନ୍ତି । ମୁଗ୍ଧ ହୋଇଛନ୍ତି ପ୍ରଫେସର ।

ଭାରତବର୍ଷର ଖାଦ୍ୟ ପରିବେଷଣ କଳାରେ ଚମତ୍କୃତ ହୋଇଛନ୍ତି ପ୍ରଫେସର । କାରଣ ଅଧ୍ୟାପକଙ୍କ ଘରେ ତାଙ୍କ ପାଇଁ ଠା'ପିଢା କରାଯାଇଥିଲା, ଏଥିରେ ମୁରୁଜ ପକାଯାଇ କଦଳୀ ପତ୍ରରେ ବଢାଯାଇଥିଲା ସାତ୍ତ୍ୱିକ ଭୋଜନ । ଆହାର, ବିହାର, ଆଚାର, ବିଚାର ସକଳ କ୍ଷେତ୍ରରେ ଭାରତୀୟ ସଂସ୍କୃତିର ମହାନତାର ପରିଚୟ ପ୍ରାପ୍ତ ହେଲେ ଅଧ୍ୟାପକ । ସମାଜ ବିଜ୍ଞାନ ପ୍ରଫେସର ଏଥର ଭାରତୀୟ ସଂସ୍କୃତିର ସେଇ ଗୌରବାବହ ମୂଳ ସୂତ୍ରଟିକୁ, ଦୃଢ ପାରିବାରିକ ବନ୍ଧନ ଭିତରେ ଆବିଷ୍କାର କରିଛନ୍ତି । ଭାରତବର୍ଷ ବିଭିନ୍ନ ସମୟରେ ବିଭିନ୍ନ ବାହ୍ୟ ଶତ୍ରୁମାନଙ୍କ ଆକ୍ରମଣର ଶିକାର ହୋଇଥିବା ସ୍ଥଳେ, ଏହାର ସାଂସ୍କୃତିକ ପରମ୍ପରାଟି ଅତୁଟ ରହିଛି । ସେଇ ପାରିବାରିକ ଜୀବନର ପ୍ରଗାଢ ଆନ୍ତରିକ ବନ୍ଧନ ହିଁ ମୁଖ୍ୟ କାରଣ ବୋଲି, ପ୍ରଫେସର ଉପଲବ୍ଧି କରିଛନ୍ତି । ଜଣେ ପାଶ୍ଚାତ୍ୟ ଶିକ୍ଷାଭିମାନୀ ଅଧ୍ୟାପକଙ୍କ ଭ୍ରମ ଭଞ୍ଜନ ପାଇଁ, ସଂପୃକ୍ତ ନାଟକରେ ରହିଛି ପର୍ଯ୍ୟାପ୍ତ ବ୍ୟବସ୍ଥା । ଭାରତୀୟ ସଂସ୍କୃତି ଓ ଏହାର ମହାନତା ହିଁ, ସଂପୃକ୍ତ ନାଟକରେ ହୋଇଛି ଉଦ୍‌ଘୋଷିତ ।

Digitized by srujanika@gmail.com

୫ । ରଜତ ଜୟନ୍ତୀ (୧୯୮୫)

ଆଦର୍ଶବାଦର ସଚ୍ଚା ପୂଜାରୀ, ନାଟ୍ୟକାର ରାମଚନ୍ଦ୍ର, ତାଙ୍କର ପ୍ରତ୍ୟେକ ନାଟକ ଭଳି, 'ରଜତ ଜୟନ୍ତୀ'ରେ ମଧ୍ୟ ସେଇ ଆଦର୍ଶବାଦୀ ଚିନ୍ତନ ପ୍ରକାଶ କରିଅଛନ୍ତି । ସାମାଜିକ ସ୍ତରରେ ଯୁବକ-ଯୁବତୀ ପାରସ୍ପରିକ ଆକର୍ଷଣର ବଶବର୍ତ୍ତୀ ହୋଇ ପ୍ରେମ କରିବା ସ୍ୱାଭାବିକ ଘଟଣା । ମାତ୍ର ସାମାନ୍ୟ ସୁବିଧା ପ୍ରାପ୍ତ ହେବା ପରେ ପ୍ରେମିକା ପ୍ରେମିକକୁ ଅଥବା ପ୍ରେମିକ ପ୍ରେମିକାକୁ ବିସ୍ମୃତ ହେବା, ଅତୀବ ଅଶୋଭନୀୟ । ଏଇ ସମସ୍ୟାକୁ ନେଇ କ୍ଷୁଦ୍ର ନାଟକୀୟ ପରିବେଶ ଭିତରେ ସୃଷ୍ଟି ହୋଇଛି ରଜତ ଜୟନ୍ତୀ ।

ରଜତ ଓ ଜୟନ୍ତୀ ପ୍ରେମୀ ଯୁଗଳଙ୍କର ନିବିଡ଼ ଭଲ ପାଇବା ଅଛି । ମାତ୍ର ସ୍ୱାର୍ଥର ବଶବର୍ତ୍ତୀ ହୋଇ ଜୟନ୍ତୀ ଅନ୍ୟତ୍ର ବିବାହ କରି, ରଜତର ପ୍ରେମକୁ ପ୍ରତ୍ୟାଖ୍ୟାନ କରିଦେଇଛି । ଧନ, ସମ୍ପଦ ଏବଂ ରୂପର ଅହଂକାରରେ ଅହଂକାରିଣୀ ଜୟନ୍ତୀ ରଜତକୁ ମଧ୍ୟ ଅସମ୍ମାନ ପ୍ରଦର୍ଶନ କରିଛି । ବଡ଼ ଦୁଃଖ ଏବଂ ଦୁର୍ଭାଗ୍ୟର ବିଷୟ, ବିବାହର ମଙ୍ଗଳ ଅଳତା ଲିଭୁ ନ ଲିଭୁଣୁ ଚରମ ବୈଧବ୍ୟ ଯନ୍ତ୍ରଣା ଭୋଗ କରିଛି ଜୟନ୍ତୀ । ଜୀବନରେ ଆକସ୍ମିକ ଭାବରେ ଆସିଥିବା ଅପ୍ରତ୍ୟାଶିତ ଦୁଃଖରେ ମ୍ରିୟମାଣ ହୋଇଛି ଜୟନ୍ତୀ । ଆପଣାକୁ ବଡ଼ ଅସହାୟା ମନେକରିଛି ସେ । ପୁନଶ୍ଚ ରଜତକୁ ଆପଣେଇ ନେଇ ନିଜର ଦେହ ଓ ମନର ଦାବିକୁ ମେଣ୍ଟାଇବାର ଅଭିଳାଷ ପୋଷଣ କରିଛି ଜୟନ୍ତୀ ।

ଅଗତ୍ୟା ଜୟନ୍ତୀ ନିକଟରେ ଉପସ୍ଥିତ ହୋଇଛି ରଜତ । ଜୟନ୍ତୀର ଏଇ ଦୁରବସ୍ଥା ଦେଖି, ରଜତ ମଧ୍ୟ ଗଭୀର ଦୁଃଖରେ ତାକୁ ସମବେଦନା ଜ୍ଞାପନ କରିଛି । ଆପଣାର ଅହଂକାର ପାଇଁ, ଜୟନ୍ତୀ ଯେ ଏପରି କଠୋର ଦଣ୍ଡରେ ଦଣ୍ଡିତ ହେଲା, ତାହା ଜୟନ୍ତୀ ଉପଲବ୍ଧି କରିଛି । ରଜତ ସହିତ ମିଳିତ ହେବା ପାଇଁ ଜୟନ୍ତୀ ଇଙ୍ଗିତ ଦେଇଛି । ମାତ୍ର ସଚ୍ଚା ପ୍ରେମିକ ରଜତ ତା'ପ୍ରତି ଶୁଣାଇଛି ଆଶ୍ୱାସନା ବାଣୀ- ''ଦୁଃଖ ସହିବାର ଶକ୍ତି ଭଗବାନ ତୁମକୁ ଦିଅନ୍ତୁ ।'' ଫେରି ଯାଇଛି ରଜତ, ଗଭୀର ଦୁଃଖ ଓ ଯନ୍ତ୍ରଣାରେ ।

ଆଜିର ସାମାଜିକ ବ୍ୟବସ୍ଥାରେ ଯୁବକ-ଯୁବତୀଙ୍କ ମଧ୍ୟରେ ଏମିତି ଅନେକ କ୍ଷେତ୍ରରେ ପ୍ରେମ ଓ ବିବାହ ପରିଲକ୍ଷିତ । ଅଥଚ ପ୍ରେମ କରି ସ୍ୱାର୍ଥପର ହେଲେ, ଜୟନ୍ତୀ ଭଳି ଦୁଃଖ ଯନ୍ତ୍ରଣା ସାଉଁଟିବାକୁ ପଡ଼େ ବୋଲି ନାଟକରେ ନାଟ୍ୟକାର ସଚେତନ କରିଦେଇଛନ୍ତି । କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ପ୍ରେମ କରି ହୁଏ, ମାତ୍ର ସତ୍ୟ ଓ ନ୍ୟାୟକୁ ଆଖିମିଟିକା ମାରିଲେ, ଅବସ୍ଥା ଦୁର୍ବିସହ ହୋଇପଡ଼େ ବୋଲି ସଂଶିତ ଛୋଟ ନାଟକରେ ନାଟ୍ୟକାର ଦର୍ଶାଇ ଅଛନ୍ତି । ମାତ୍ର ତିନିଗୋଟି ଦୃଶ୍ୟ ମଧ୍ୟରେ ସୀମିତ ନାଟକଟିର ସଂକ୍ଷିପ୍ତ କାହାଣୀଟି ଆକର୍ଷଣୀୟ ମନେହୁଏ ।

Digitized by srujanika@gmail.com

୬. ପାଞ୍ଚଏକର ଜମି :

ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ମଧ୍ୟ ନାଟ୍ୟ ରଚନାରେ ମନୋନିବେଶ କରି ଆପଣାର ନଟଜୀବନକୁ ସାର୍ଥକ କରିଯାଇଛନ୍ତି । ୨୬-୬-୧୯୯୨ରିଖ ରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ । ମାତ୍ର ଏହାର ଦେଢମାସ ପୂର୍ବରୁ ସେ ରଚନା କରିଥିଲେ ତାଙ୍କର ଶେଷ ନାଟ୍ୟକୃତି 'ପାଞ୍ଚ ଏକର ଜମି' । ୧୦-୫-୧୯୯୨ରିଖ ରେ ସଂପୃକ୍ତ ନାଟକଟିର ଶୁଭାରମ୍ଭ ଘଟିଥିଲା । ଅସଂପୂର୍ଣ୍ଣ ରହିଗଲା ନାଟକ, ଅଧୁରା ରହିଗଲା ସଂଳାପ, ଅପୂର୍ଣ୍ଣ ରହିଗଲା ତାଙ୍କର ଇଛା । ଏହାର ଆରମ୍ଭ ପୃଷ୍ଠାରେ ଥିଲା-

ପାଞ୍ଚ ଏକର ଜମି

ତା।୧୦-୫-୯୨

ପଲ୍ଲୀ ଗାଁର ଗୋଟିଏ ସାଧାରଣ କୃଷକ ପରିବାରର ଘର । ଘରର ବାରଣ୍ଡାଟି ଚଉଡ଼ା । ଦୁଇଚାଳି ଖୁଣ୍ଟକୁ ଧରି, ଗୋଟିଏ ବେଣା ମଣିଣା ଅର୍ଦ୍ଧେକ ଭଙ୍ଗା ହୋଇଥିବାର ଦୃଶ୍ୟ । ସମୟ ପ୍ରତ୍ୟୁଷ । ଏ ପର୍ଯ୍ୟନ୍ତ ମାଛି ଅନ୍ଧାର କଟିନାହିଁ, ଘରର ଘରଣୀ ଛେମା, ଅଗଣାରେ ଗୋବର ପାଣି ପକାଇ ଅଗଣା ଡେଇଁକି ଭିତରକୁ ଗଲା ।

ତା'ପରେ ବାହାରକୁ ଆସିଲା ଦୀନା- ବୟସ ୧୦।୧୨ ବର୍ଷ ମଧ୍ୟରେ କାନ୍ଧରେ ଜୁଆଳି, ହାତରେ ପାଞ୍ଚଣ ।

ଭିତରୁ ଡାକି ଡାକି ଆସିଲା କୁରୁପା- ଦୀନାର ବାପ- କାନ୍ଧରେ ଲଙ୍ଗଳ ।

କୁରୁପା- ଦୀନା, ବଳଦ ଉପରେ ଜୁଆଳି ଦେଇ ହଳ ଯୋଚି ଦେ । ଚାଲ ମୁଁ ଲଙ୍ଗଳ ଲଦି ଦେଉଛି- ତୁ ହଳ ପରେ ଆମ କିଆରୀ ମୁଣ୍ଡରେ ଠିଆ କରେଇବୁ । ଦେଖ୍ ବଳଦଙ୍କୁ ମାରଧର କରିବୁନି । ସେମାନେ ସିଧା ସିଧା ଆମ ବିଲକୁ ଯିବେ - ତୁ ଖାଲି ତାଙ୍କ ପଛେ ପଛେ ଥିବୁ ।

Digitized by srujanika@gmail.com



୭. ମନ୍ତ୍ରୀଯୁଗ :

ରାମଚନ୍ଦ୍ର ମିଶ୍ର ଥିଲେ ବ୍ୟକ୍ତି ଜୀବନରେ ସଂଗ୍ରାମୀ ଏବଂ ଜଣେ ସଚ୍ଚାକର୍ମୀ । ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ମିଶ୍ର ଥିଲେ ତାଙ୍କର ଦଦେଇ ଓ ପ୍ରକାରାନ୍ତରେ ଦୀକ୍ଷାଗୁରୁ । ଦେଶକୁ ସ୍ୱାଧୀନ କରିବାକୁ ଅନେକ ବ୍ୟକ୍ତି ରାଜନୀତିରେ ପଶିଥିଲେ, ଦେଶ ସେବା ଥିଲା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ମାତ୍ର ସ୍ୱାଧୀନ ଦେଶରେ ଅନେକ ବ୍ୟକ୍ତି କ୍ଷମତାପ୍ରାପ୍ତି ନିମିତ୍ତ ରାଜନୀତିରେ ପ୍ରବେଶ କରିଥିଲେ । ମନ୍ତ୍ରୀ ଭାବରେ ଆସନ ଦଖଲ କରି, ଶାସନ ନାମରେ କ୍ଷମତା ବିସ୍ତାର କରିଥିଲେ । ସଂଗ୍ରାମୀ ରାମଚନ୍ଦ୍ରଙ୍କ ସ୍ୱାଧୀନ ଚେତା ହୃଦୟ, ଏହା

Digitized by srujanika@gmail.com

ଦେଖି ବିଦୀର୍ଣ୍ଣ ହେବା ସ୍ୱାଭାବିକ । ତେଣୁ ରାଜନୀତିକ ସ୍ତରରେ ପରିଦୃଶ୍ୟମାନ ଅବକ୍ଷୟକୁ ଲକ୍ଷ୍ୟ କରି ରାମଚନ୍ଦ୍ର ଜୀବନର ଉତ୍ତୀର୍ଣ୍ଣ ଲଗ୍ନରେ ରଚି ବସିଲେ ରାଜନୀତିକ ନାଟକ 'ମନ୍ତ୍ରୀଯୁଗ' (୧୯୯୧) ଏଥିରେ ସର୍ବମୋଟ ତିନିଗୋଟି ନାଟକ ସନ୍ନିବେଶିତ ।

କ. ଆଶା ନିରାଶା (୩-୧୧-୧୯୯୧)

ଖ. ମନ୍ତ୍ରୀ ଆସିବେ (୧୧-୧୨-୧୯୯୧)

ଗ. ଭୋଟ ସଂସାର (୭-୧୨-୧୯୯୧)

କ. ଆଶାନିରାଶା :

ସ୍ୱାଧୀନତା ପ୍ରୟାସୀ , ଅନେକ ଦେଶଭକ୍ତଙ୍କ ପ୍ରାଣବଳୀ ଦ୍ୱାରା ଦେଶ ସ୍ୱାଧୀନ ହେଲା । ଆପଣାର ସୁଖ-ସ୍ୱାଚ୍ଛନ୍ଦ୍ୟ ନିମିତ୍ତ ଦେଶବାସୀ ସ୍ୱପ୍ନ ଦେଖିଲେ, ଦେଶର ଶାସନ ଡୋର ଧାରଣ କଲେ ଦେଶୀ ନେତୃବର୍ଗ । ମାତ୍ର ସ୍ୱାର୍ଥପରତାର ବଶବର୍ତ୍ତୀ ହୋଇ ନେତାମାନେ ଜନତାର ସେବା କରିବା ପରିବର୍ତ୍ତେ, ଜନତାକୁ ଲୁଣ୍ଠନ କରିବାକୁ ଆରମ୍ଭ କଲେ । ଜନତାର ଆଶା-ଆକାଂକ୍ଷା ଯେମିତି ମାଟିରେ ମିଶିଗଲା । ସ୍ୱାଧୀନ ଭାରତବର୍ଷର ଏ ପ୍ରକାର ଅବକ୍ଷୟିଷ୍ଣୁ ସାମାଜିକ ଓ ରାଜନୀତିକ ଜୀବନର ଚିତ୍ର, ସଂପୃକ୍ତ 'ଆଶା-ନିରାଶା' ନାଟକରେ ରୂପାୟିତ ।

'ଆଶାନିରାଶା'ର ପ୍ରଥମ ଦୃଶ୍ୟରେ ସ୍ୱାଧୀନତା ସଂଗ୍ରାମରେ ଜନତାର ସ୍ୱାଧୀନତା ପ୍ରତି ତୀବ୍ର ଆକର୍ଷଣ ଓ ଏଥିପାଇଁ ବ୍ରିଟିଶ ପୋଲିସ୍‌ର ଚରମ ଅତ୍ୟାଚାର ସହ୍ୟ କରିବାର ଆଗ୍ରହକୁ ନାଟ୍ୟକାର ସୁବାସ, ମୋହନ ଏବଂ ସୟଦ ଚରିତ୍ର ମାଧ୍ୟମରେ ପ୍ରକାଶ କରିଅଛନ୍ତି । ବିଦେଶୀ ପୋଲିସ୍‌ର କଠୋର ବେତ୍ରାଘାତକୁ ଏମାନେ ବେଖାତିର କରି, ଦେଶ ମାତୃକାର ଜୟଗାନ କରିଅଛନ୍ତି । ଶେଷରେ ଦେଶୀ ପୋଲିସ୍ ମଧ୍ୟ, ସଂଗ୍ରାମୀଙ୍କ ସହିତ କଣ୍ଠ ମିଳାଇ ଦେଶମାଆର ଜୟଧ୍ୱନି ଦେଇଛି ।

ଦ୍ୱିତୀୟ ଦୃଶ୍ୟରେ ସ୍ୱାଧୀନ ଦେଶର ଚିତ୍ର ଅଙ୍କିତ । ସ୍ୱାଧୀନତା ସଂଗ୍ରାମୀ ସୁବାସ ଏବେ ସ୍ୱାଧୀନ ଭାରତରେ ଜଣେ ମନ୍ତ୍ରୀ ଭାବରେ ଦାୟିତ୍ୱ ତୁଲାଇଛନ୍ତି । ସହ ସଂଗ୍ରାମୀ ମୋହନ ଏବଂ ସୟଦ, ତାଙ୍କୁ ଜନତାର ସେବା ପ୍ରସଙ୍ଗରେ ପ୍ରବର୍ତ୍ତାଇଛନ୍ତି । ଭୂମିହୀନଙ୍କୁ ଜମି ବଣ୍ଟନ, କୃଷକଙ୍କୁ ମାଗଣାରେ ବିହନ ଯୋଗାଣ ଇତ୍ୟାଦି ନାନା ଲୋକହିତକର କାର୍ଯ୍ୟ, କେବଳ ଫାଇଲ୍ ତଳେ ବିଶ୍ରାମ ନେଇଛି । ମୋହନ ଏବଂ ସୟଦ କ୍ରମେ ଧର୍ମଘଟ ମାଧ୍ୟମରେ ସରକାରଙ୍କୁ ସେମାନଙ୍କ ଦାବୀ ସମ୍ପର୍କରେ ସଚେତନ କରାଇଅଛନ୍ତି । ମାତ୍ର ଧୂର୍ତ୍ତ ସୁବାସ, ଏମାନଙ୍କ ଭିତରେ ଥିବା ଐକ୍ୟବୋଧକୁ ବିଷାକ୍ତ କରିଦେବାକୁ, ମୋହନ ଓ ସୟଦଙ୍କୁ ହିନ୍ଦୁ-ମୁସଲମାନ ରୂପେ ଅଭିହିତ କରାଇ, ସେମାନଙ୍କ ଭିତରେ ବିଭେଦ ସୃଷ୍ଟି କରି ଆପଣାର ସ୍ୱାର୍ଥସିଦ୍ଧି ନିମିତ୍ତ ଅଗ୍ରସର ହୋଇଛନ୍ତି ।

ନାଟକର ତୃତୀୟ ଦୃଶ୍ୟରେ ସୁବାସଙ୍କୁ ଚଳନ୍ତି ଦୁର୍ନୀତିର ମୂର୍ତ୍ତ ବିଗ୍ରହ ରୂପରେ ଦେଖିବାକୁ ମିଳିଥାଏ । ସୁବାସଙ୍କ ମନ୍ତ୍ରୀତ୍ୱ କାଳରେ ଦୁର୍ନୀତି ଓ ଶଠତା ସୀମାଲଙ୍ଘନ କରିଛି ।

Digitized by srujanika@gmail.com

ଏହା ଫଳରେ ନିର୍ଯ୍ୟାତିତ ଓ ନିପୀଡିତ ଜନତାର ଅବରୁଦ୍ଧ ଅସନ୍ତୋଷ ବିସ୍ଫୁରିତ ହୋଇଛି । ସେମାନେ ଦୁର୍ନୀତିଖୋର ମନ୍ତ୍ରୀଙ୍କ ବିରୋଧରେ ତୀବ୍ର ସ୍ୱର ଉତ୍ତୋଳନ କରିଛନ୍ତି । ମୋହନ ଏବଂ ସୟଦ ନେଇଛନ୍ତି ଧର୍ମଘଟର ନେତୃତ୍ୱ । କଳ, ବଳ, କୌଶଳ ଓ ସରକାରୀ କ୍ଷମତାକୁ ପ୍ରୟୋଗ କରାଇ ଆପଣାକୁ ସୁରକ୍ଷିତ ଓ ଧର୍ମଘଟକାରୀମାନଙ୍କୁ କାରାରୁଦ୍ଧ କରିବାକୁ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ହୋଇଉଠିଛନ୍ତି ମନ୍ତ୍ରୀ ସୁବାସ । ସମଗ୍ର ସହରରେ ସୃଷ୍ଟି କରିଛନ୍ତି ଦମନଲୀଳା, ମୋହନ ଓ ସୟଦଙ୍କ ଉପରେ ତାଙ୍କର ଚରମ କ୍ରୋଧ । ନିଜର ଦୁର୍ନୀତି ସମ୍ପର୍କରେ ଲୋକ ଦେଖାଣିଆ ତଦନ୍ତ କମିଶନ ବସାଇବାକୁ ଯାଇ ନିଜ ଲୋକଙ୍କ ହାତରେ ତଦନ୍ତ ଭାର ଦେଇ ସେ ଏକ ପ୍ରହସନ ସୃଷ୍ଟି କରିଛନ୍ତି । ମାତ୍ର କ୍ରୁଦ୍ଧ ଜନତାର ଅବରୁଦ୍ଧ ଅସନ୍ତୋଷ କ୍ରମେ ବ୍ୟାପ୍ତ ହୋଇଛି । ମନ୍ତ୍ରୀଙ୍କ ବିରୋଧରେ ଉତ୍ତେଜିତ ହୋଇଛି ଚରମ ସ୍ୱର । ଏଥିରେ ପୁଣି ସାମିଲ ହୋଇଛନ୍ତି ମନ୍ତ୍ରୀ ସୁବାସଙ୍କ ପତ୍ନୀ ଏବଂ ପୁତ୍ର । ଦୁର୍ନୀତିଗ୍ରସ୍ତ ଓ ଦିଗ୍‌ଭ୍ରଷ୍ଟ ମନ୍ତ୍ରୀଙ୍କୁ ବାଟକୁ ଆଣିବାକୁ ଯାଇ ପତ୍ନୀ ତାଙ୍କର ସୂଚାଇଛନ୍ତି- ''ତୁମେ ଏ ଗାଦି ଛାଡ଼ିଦିଅ- ଦେଖିବ ତୁମେ ଯେଉଁ ଭଲ ମଣିଷକୁ ସେଇ ଭଲ ମଣିଷ । ଆମେ କୌଣସି ଦିନ ପଦପଦବୀ ଲାଳସାରେ ଏ ଆନ୍ଦୋଳନରେ ଯୋଗ ଦେଇ ନଥିଲେ । ଆମର ଏ ଗାଦି ଦରକାର ନାହିଁ- ଆମେ ସମାଜର ମଣିଷ, ସମାଜରେ ମିଶିଯିବା ।'' (ଆଶା-ନିରାଶା)

କ୍ଷମତା ପିପାସୁ ସୁବାସ କିନ୍ତୁ କୌଣସି ପ୍ରକାରେ ଗାଦି ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି । ତାଙ୍କ ବିରୁଦ୍ଧରେ ଥିବା ଦୁର୍ନୀତି ପ୍ରମାଣିତ ହୋଇଛି, ତାଙ୍କ ହାତରୁ କ୍ଷମତା ଅପସରିଯାଇଛି, ରାଷ୍ଟ୍ରପତି ଶାସନ ଜାରି ହୋଇଛି । କ୍ଷମତାଚ୍ୟୁତ ସୁବାସ ଏଥର ଜନତା ଭିତରେ ଅନୁତପ୍ତ ହୃଦୟରେ ଆତ୍ମସତ୍ତା ସନ୍ଧାନରେ ବ୍ରତୀ ହୋଇଛନ୍ତି । ସମାଜ ସଚେତନ ଶିଳ୍ପୀ ରାମଚନ୍ଦ୍ର- ଏତାଦୃଶ ରାଜନୀତିକ ଅବକ୍ଷୟର ଚିତ୍ରକୁ, ମାତ୍ର ସୀମିତ ପରିସର ମଧ୍ୟରେ ଦକ୍ଷତାର ସହିତ ଦୃଶ୍ୟ ରୂପ ପ୍ରଦାନ କରିଛନ୍ତି । ଜୀବନରେ ସେ ଆଦର୍ଶବାଦର ଅନୁସାରୀ ଥିଲେ । ଆଦର୍ଶବାଦ ପକ୍ଷହୀନ ଜଟାୟୁ ଭଳି ବିବ୍ ରାସ୍ତାରେ ରକ୍ତାକ୍ତ ଅବସ୍ଥାରେ ପଡି ଛଟପଟ ହେବା ସେ ସହିପାରି ନାହାନ୍ତି । ତେଣୁ ଜୀବନର ଶେଷ ଅବସ୍ଥାରେ, ତୀବ୍ର ଦରଦ ଭରି ସେ ରଚନା କରିଛନ୍ତି ଏଭଳି ଏକ ରାଜନୀତିକ ବ୍ୟବଚ୍ଛେଦ ଧର୍ମୀ ନାଟକ ।'' (ଡଃ ରତ୍ନାକର ଚଇନି : ''ରାଜନୀତିର ନୂଆ ଚର୍ଯ୍ୟାପଦ : ମନ୍ତ୍ରୀଯୁଗ'' 'ନାଟ୍ୟକାର ରାମଚନ୍ଦ୍ର ସୃଷ୍ଟିବଳୟ' ସଂ. ଡଃ ନାରାୟଣ ସାହୁ - ପୃଷ୍ଠା-୧୩୪)

ଖ. ମନ୍ତ୍ରୀ ଆସିବେ :

'ଆଶା ନିରାଶା' ନାଟକରେ ସ୍ୱାଧୀନତା ସଂଗ୍ରାମ, ତଥା ସ୍ୱାଧୀନ ରାଷ୍ଟ୍ରରେ ଦୁର୍ନୀତିଲିପ୍ତ ମନ୍ତ୍ରୀଙ୍କର ସ୍ୱରୂପକୁ ବ୍ୟବଚ୍ଛେଦ କରାଯାଇଥିବା ସ୍ଥଳେ, 'ମନ୍ତ୍ରୀ ଆସିବେ' ନାଟକରେ ମନ୍ତ୍ରୀ ପାହ୍ୟାର ତଳସ୍ତରରେ ଦୁର୍ନୀତି କିପରି ପରିବ୍ୟାପ୍ତ ହୋଇଛି, ନାଟ୍ୟକାର ତାହାର ନଗ୍ନରୂପ ପ୍ରକାଶ କରିଅଛନ୍ତି । ପ୍ରଥମେ ମନ୍ତ୍ରୀ ଆସିବାର ଘୋଷଣା କରାଯାଇ ଏକ ବିରାଟ ସାଧାରଣ

Digitized by srujanika@gmail.com

ସଭା ଆୟୋଜିତ ହୋଇଛି । ଏହାର ନେତୃତ୍ୱ ନେଇଛନ୍ତି କୁଳିନେତା ସଦାନନ୍ଦ ଓ ନିତ୍ୟାନନ୍ଦ । ସଭାରେ ବହୁଜନ ସମାଗମ ନିମିତ୍ତ, ଶ୍ରମଜୀବୀ ଗ୍ରାମୀଣ ମଣିଷଙ୍କୁ, ଅର୍ଥ ବିନିମୟରେ ଟ୍ରକ୍ ଯୋଗେ ସଭାସ୍ଥଳକୁ ଅଣାଯାଇଛି ।

ସଦାନନ୍ଦ ଓ ନିତ୍ୟାନନ୍ଦ ଦୁଇ ଧୂର୍ତ୍ତ ମଣିଷ । ଠିକାଦାର ଓ ଡିଲରଙ୍କ ଦୁର୍ନୀତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି, ସେମାନଙ୍କ ଠାରୁ ମୋଟା ଅଙ୍କର ଅର୍ଥ ଆଦାୟ କରି, ସଭାସ୍ଥଳକୁ ଆଗତ ଜନତା ପାଇଁ ଖାଦ୍ୟ ବ୍ୟବସ୍ଥା କରିଛନ୍ତି । ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଦୁର୍ନୀତି ପ୍ରତି ମଧ୍ୟ ଅନୁରୂପ ଶୈଳୀରେ ମନ୍ତବ୍ୟ ପ୍ରକାଶ କରି, ତାଙ୍କଠାରୁ ଅର୍ଥ ଆଦାୟ କରିଛନ୍ତି । ସଭାସ୍ଥଳରେ ଯୁବତୀ କାଞ୍ଚନର ଅପହରଣ ମାମଲାର ତଦନ୍ତ ନିମିତ୍ତ ପହଞ୍ଚିଛନ୍ତି ପୋଲିସ୍ ଅଫିସର୍ । ଏଥିରେ ସଂପୃକ୍ତ ଅଛନ୍ତି ମଣ୍ଡଳ ଉନ୍ନୟନ ଅଧିକାରୀ, ସଦାନନ୍ଦ, ନିତ୍ୟାନନ୍ଦ ଏବଂ କାଞ୍ଚନର ମାଆ । କାଞ୍ଚନର ମାଆ, ତା'ର ଜନ୍ମଦାତ୍ରୀ ନୁହେଁ, କେଇଟା ଟଙ୍କା ପାଇଁ ନିଜ ଝିଅକୁ ସେ ବିକ୍ରୟ କରି ଦେଇଛି ଏକ ଉଦ୍‌ଭ୍ରାନ୍ତ ଯୁବକ ହାତରେ । ମଣ୍ଡଳ ଉନ୍ନୟନ ଅଧିକାରୀ, ଆଇନ୍‌ଶୃଙ୍ଖଳାର ଦ୍ୱାହି ଦେଇ ତାକୁ ରାଜଧାନୀ ପଠାଇ ଦେଇଛନ୍ତି । ଏଥିରେ ବେଶ୍ ଫାଇଦା ଉଠାଇଛନ୍ତି ସଦାନନ୍ଦ ।

ସଦାନନ୍ଦ ବିରୋଧରେ ବହୁ କଥା ଶୁଣାଯାଇଛି, ମାତ୍ର ସଦାନନ୍ଦ ପ୍ରକୃତ ତଥ୍ୟଠାରୁ ନିଜକୁ ଦୂରେଇ ଦେବା ନିମିତ୍ତ କହିଛି- ''ଆପଣମାନେ ବିଚାର କରନ୍ତୁ । ଏ ବିଷୟରେ କେତେ ହଇଚଇ, ଖବର କାଗଜରେ କେତେ କଥା ବାହାରିଲା । ମୁଁ ଗୋଟାଏ ଅନାଥିନୀ ଝିଅ ପାଇଁ ଆଶ୍ରୟ ବ୍ୟବସ୍ଥା କରିଦେଲି, ଶେଷରେ ମୋ ମୁଣ୍ଡରେ ଅଠା ବୋଳିବାକୁ ମଧ୍ୟ ଲୋକ ଛାଡ଼ୁ ନାହାନ୍ତି । ଏହା ପଛରେ ଗୋଟାଏ ବିରାଟ ଚକ୍ରାନ୍ତ ଅଛି । ମୋତେ ଲାଗୁଛି ଏଥିରେ ପୂରାପୂରି ରାଜନୀତି ପଶିଗଲାଣି- ମୋତେ ଯେମିତି ଜଣାପଡୁଛି, ଏ ଦେଶରେ ଖାଇବା, ପିଇବା, ଶୋଇବା, ସବୁଥିରେ ରାଜନୀତି ।'' (ମନ୍ତ୍ରୀ ଆସିବେ)

ଅପହୃତା କାଞ୍ଚନକୁ ସାଙ୍ଗରେ ଆଣି ମନ୍ତ୍ରୀଙ୍କର ସଭାକୁ ଆସିବାର ସୂଚନା ମଧ୍ୟରେ ନାଟକଟି ଶେଷ ହୋଇ, ଦର୍ଶକଙ୍କ ଭିତରେ ଅସାଧାରଣ ଉତ୍କଣ୍ଠା ସୃଷ୍ଟି କରାଯାଇଛି । ଦୁର୍ନୀତିପୂର୍ଣ୍ଣ କଳୁଷିତ ରାଜନୀତିକ ବ୍ୟବସ୍ଥା, ଏଥିରେ ସଂପୃକ୍ତ ସମାଜର ବିବିଧବର୍ଗର ଚରିତ୍ର ଗୁଡ଼ିକର ନଗ୍ନସତ୍ତା, ନାଟକରେ ହୋଇଛି ଉଦ୍‌ଘାଟିତ ।

ଗ. ଭୋଟ ସଂସାର :

ଗଣତାନ୍ତ୍ରିକ ରାଷ୍ଟ୍ରରେ, ଗଣହିଁ ସର୍ବେସର୍ବା - ଏହା ରାଜନୀତି ଶାସ୍ତ୍ର ପ୍ରମାଣ କରେ । ମାତ୍ର ପ୍ରତ୍ୟକ୍ଷ ରାଜନୀତି କ୍ଷେତ୍ରରେ ଗଣ ହିଁ ହୋଇଥାଏ ଦଳିତ, ତା'ର ବହୁମୂଲ୍ୟ ମତକୁ ଉପେକ୍ଷା କରାଯାଏ ଓ ଆବଶ୍ୟକତା ଅନୁଯାୟୀ ସଂଚାଳିତ କରାଯାଏ । ଗଣକୁ ଉପେକ୍ଷା କରି କେତେଜଣ ମୁଷ୍ଟିମେୟ ଧୂର୍ତ୍ତ ଓ ଶଠ ମଣିଷ ଶାସନ ନାମରେ ଗଣକୁ କ୍ରମାଗତ ଭାବରେ ଶୋଷଣ କରିଚାଲନ୍ତି । ପଞ୍ଚାୟତ ସ୍ତରଠାରୁ ରାଜ୍ୟସ୍ତର ଯାଏ ଗଣତନ୍ତ୍ର ସଂପୂର୍ଣ୍ଣ

Digitized by srujanika@gmail.com

ଭାବରେ ଯେମିତି ଘୃଣଖିଆ ହୋଇଯାଇଛି । ସମାଜ ସଚେତନ ଶିଳ୍ପୀ, ରାମଚନ୍ଦ୍ର ମିଶ୍ର, ଗଣତନ୍ତ୍ରର ଏଇ ଚରମ ଅବକ୍ଷୟକୁ ନାଟ୍ୟରୂପ ପ୍ରଦାନ କରିଛନ୍ତି ତାଙ୍କର 'ଭୋଟ ସଂସାର' ନାଟକରେ ।

ନାଟକରେ ପଞ୍ଚାୟତ ନିର୍ବାଚନର ଅବିକୃତ ରୂପ ପ୍ରକାଶ ପାଇଛି । ନାରୀ ଜାଗରଣ ନିମିତ୍ତ ସରକାରୀ ସ୍ତରରେ କେତେକ ପଞ୍ଚାୟତରେ ମହିଳାମାନଙ୍କ ନିମିତ୍ତ ସ୍ଥାନ ସଂରକ୍ଷିତ । ଏଇଭଳି ଏକ ପଞ୍ଚାୟତ ନିର୍ବାଚନରେ ଦୁଇଜଣ ନାରୀଙ୍କ ମଧ୍ୟରେ ନିର୍ବାଚନ ନିମିତ୍ତ ଆରମ୍ଭ ହୋଇଛି ପ୍ରତିଦ୍ୱନ୍ଦ୍ୱିତା । ଜଣେ ନଟଦାସଙ୍କ ପତ୍ନୀ, ଅନ୍ୟ ଜଣେ ଲିଲି ରାଉତରାୟ । ନଟଦାସ ଆଦର୍ଶବାଦୀ, ମାତ୍ର ଲିଲିଙ୍କ ସ୍ୱାମୀ ଗାଁ ଛାଡ଼ି ସହରରେ ଓକିଲାତି କରୁଥିବା ଜଣେ ଓକିଲ । ମନ୍ତ୍ରୀଙ୍କୁ ଆପଣାର କରି ନେଇ ସେ ନିଜ ସ୍ତ୍ରୀ ଲିଲିଙ୍କୁ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ କରାଇଛନ୍ତି । ମନ୍ତ୍ରୀଙ୍କ ଅନୁକମ୍ପା ଥିବାରୁ ବ୍ୟବସ୍ଥାରେ ଥିବା ସରକାରୀ କଳ, ଲିଲିଙ୍କ ହାତ ମୁଠାରେ । ଆଠ ବର୍ଷ ଧରି ଏଠାରେ ରହିଥିବା ବି.ଡ଼ି.ଓ. ଲିଲିଙ୍କୁ ବଦଳି ଭୟରେ ଅକୁଣ୍ଠ ସମର୍ଥନ କରିଛନ୍ତି । ଫଳତଃ ଠିକାଦାରଙ୍କ ଠିକା କାମ, ଡିଲରଙ୍କ ଯୋଗାଣ ଜନିତ ଖିଲାପ ପ୍ରଭୃତି ଯାବତୀୟ ଦୁଷ୍କର୍ମକୁ ଘଣ୍ଟ ଘୋଡାଇ ଦେଇ ବି.ଡି.ଓ. ଲିଲିଙ୍କ ନିର୍ବାଚନ ପାଇଁ ରାଜକୋଷରୁ ଉନ୍ନୟନ ନିମିତ୍ତ ଅନେକ ଅର୍ଥ ମଞ୍ଜୁର କରାଇଛନ୍ତି ।

ଲିଲିଙ୍କ ପାରିବାରପଣ, ଲୋକେ ପ୍ରତ୍ୟକ୍ଷରେ ଦେଖିଲେ, ଯେତେବେଳେ ଗାଁ ରାସ୍ତାରେ ରାତିଅଧିଆ ଗୋଡି ପଡିଲା, ରାତାରାତି ନଳକୂଅ ବସିଲା, ମହିଳା ସମିତି ଗଢାଗଲା, କମ୍ବଳ ବଣ୍ଟନ କରାଗଲା, ପିଲାମାନଙ୍କୁ ଚକୋଲେଟ ବଣ୍ଟାଗଲା, ବିଶେଷତଃ ଯୁବ ସମାଜକୁ ଅଧିକ ଉଦ୍‌ଭ୍ରାନ୍ତ କରାଇବା ଓ ସେମାନଙ୍କ ମନୋରଞ୍ଜନ ନିମିତ୍ତ ଉଚ୍ଚାଟ ସଙ୍ଗୀତ ରେକର୍ଡ ଯୋଗେ ଶୁଣାଗଲା ଓ ଭି.ଡି.ଓ. ଯୋଗେ ଅଶୋଭନୀୟ ଦୃଶ୍ୟାବଳୀ ପ୍ରଦର୍ଶନ କରାଗଲା । ପଞ୍ଚାୟତରେ ଏଥର ଅତି ସରଗରମ ଅବସ୍ଥା । ଖୋଲା ଗାଡ଼ିରେ ଠିଆ ହୋଇ, ଯୁକ୍ତ ହସ୍ତରେ ଗୋଟିଏ ବିରାଟ ପଟୁଆର ଭିତରେ ଲିଲିଙ୍କର ଭୋଟ ଭିକ୍ଷା, ସେ କାଳର ସାମନ୍ତୀୟ ପଟୁଆରଠାରୁ କୌଣସି ଗୁଣରେ ଊଣା ନୁହେଁ ।

କ୍ଷମତା ପିପାସାରେ ଲିଲିଙ୍କ କାର୍ଯ୍ୟକଳାପ ଚରମ ସୀମାରେ ଉପସ୍ଥିତ । ତାଙ୍କର ପ୍ରତିଦ୍ୱନ୍ଦ୍ୱିନୀ ନଟଦାସଙ୍କ ପତ୍ନୀଙ୍କୁ ନିର୍ବାଚନରୁ ଓହରିଯିବା ନିମିତ୍ତ ସେ ବାରମ୍ବାର ଧମକ ଦେଇଛନ୍ତି । ନଟଦାସଙ୍କ ପୁତ୍ର ଶଙ୍କରକୁ ପ୍ରଭାବିତ କରିବା ନିମିତ୍ତ ବହୁ ଅର୍ଥର ପ୍ରଲୋଭନ ଦେଖାଇଛନ୍ତି । ଅର୍ଥବଳ ଓ ବାହୁବଳରେ ନିର୍ବାଚନ ବୈତରଣୀ ପାର ହେବାର ଯାବତୀୟ ମସୁଧା ରଖି, ବିପନ୍ନ ଗଣତନ୍ତ୍ରର ତଣ୍ଟି ଚିପିବାକୁ ସେ କେବେ ବି କୁଣ୍ଠା କରିନାହାନ୍ତି । ଏପରିକି ଗୁଣ୍ଡାମାନଙ୍କୁ ଅଣାଇ, ପ୍ରତିପକ୍ଷ ଉପରେ ଶାରୀରିକ ଆକ୍ରମଣ ଭଳି, ହୀନ ଚକ୍ରାନ୍ତ କରିଛନ୍ତି ସେ । ଏତିକିରେ ତାଙ୍କ ମନସ୍କାମନା ପୂର୍ଣ୍ଣ ହୋଇନାହିଁ, ଅପରନ୍ତୁ ଗୁଣ୍ଡା ଓ ପୋଲିସ୍‌ମାନଙ୍କ ସହାୟତାରେ ସେ ଭୋଟ ଗ୍ରହଣ କେନ୍ଦ୍ରକୁ ଜବରଦଖଲ କରିନେଇ, ନିଜ ସପକ୍ଷରେ ଜନମତକୁ ଜୋରଜବରଦସ୍ତ ନେଇ ଯାଇଛନ୍ତି । ରାଉତରାୟଙ୍କୁ ଲିଲି କହିଚି-

Digitized by srujanika@gmail.com

''ଆମର ଏଠୁ ଲୋକ ଯିବେ - ତାଙ୍କୁ କଣ୍ଟ୍ରୋଲ କରିବେ - ବୁ୍ୟଥ୍ ସବୁ ଆମ ଦଳ ନେଇଯିବେ, ଆଉ ଭୋଟ କାଗଜ ବାଢ଼େଇ ପକାଇବା କଥା- ଥାଉ ପୋଲିସ୍‌ବାଲା''- (ଭୋଟ ସଂସାର) ଶେଷରେ ଗୋଟାଏ ପ୍ରଶ୍ନବାଚୀ ରହିଛି- 'ଆମ ଗଣତନ୍ତ୍ର ଆଗେଇଛି ନା ପଛେଇଛି ?''

'ଭୋଟ ସଂସାର' ମନ୍ତ୍ରୀଯୁଗ ସଂକଳନର ଚୂଡ଼ାନ୍ତ ଦୃଶ୍ୟ । ପଞ୍ଚାୟତ ନିର୍ବାଚନରେ ଲିଲିଙ୍କର ଯାବତୀୟ ଆଚରଣ, ନୀତି ନିୟମ ପ୍ରତି ଆଖିଠାର, ବି.ଡି.ଓ. ଚରିତ୍ର ଭଳି ଦଳେ ସ୍ୱାର୍ଥପର ସରକାରୀ ଅଫିସରଙ୍କ ଚରମ ସ୍ୱାର୍ଥପରତା, ଗଣତନ୍ତ୍ରକୁ ହାତେଇ ନେବାକୁ ପୋଲିସ୍ ଏବଂ ଗୁଣ୍ଡାମାନଙ୍କର ସହଯୋଗ - ଏସବୁ ଗୋଟାଏ ଗଣତାନ୍ତ୍ରିକ ରାଷ୍ଟ୍ରର ଏକ ଏକ କଳଙ୍କ । 'ଭୋଟ ସଂସାର'ର ଦୃଶ୍ୟ ଓ ସଂଳାପ ଗୁଡ଼ିକ, ପ୍ରତ୍ୟେକଟି ଅଞ୍ଚଳରେ ପଞ୍ଚାୟତ ନିର୍ବାଚନରେ କିପରି ଅର୍ଥବଳ ଓ ବାହୁବଳର ଅଧୀନ ହୋଇ ଗଣତନ୍ତ୍ର ବିକଳ ବିଳାପ କରେ, ତାହା ସ୍ପଷ୍ଟ ଭାବରେ ଦର୍ଶାଇ ଦିଏ । ଗଣତାନ୍ତ୍ରିକ ଶାସନବ୍ୟବସ୍ଥାର ନଗ୍ନସତ୍ତାଟି, ଏହାଦ୍ୱାରା ସୁନ୍ଦର ଭାବରେ ଚିତ୍ରିତ ।

ପ୍ରତ୍ୟକ୍ଷ ରାଜନୀତିରେ ଅଂଶ ଗ୍ରହଣ କରି, ନାଟ୍ୟକାର ରାମଚନ୍ଦ୍ର, ରାଜନୀତିକ ଆଦର୍ଶହୀନତା ଓ କ୍ଷମତା ବିଳାସ ପ୍ରତି ତୀବ୍ର ଘୃଣା ପୋଷଣ କରି, ରାଜନୀତିରୁ ଓହରି ଯାଇଥିଲେ । ତେଣୁ ଜୀବନର ଉତ୍ତୀର୍ଣ୍ଣ ଲଗ୍ନରେ, ରାଜନୀତିରେ କଳୁଷତା ପ୍ରତି ସେ କେବଳ କଟାକ୍ଷ କରିନାହାନ୍ତି, ଅପରନ୍ତୁ ରାଜନୀତିର ନଗ୍ନସତ୍ତାକୁ, ନାଟକ ମାଧ୍ୟମରେ ହିଁ ଜନ ଦରବାରରେ ଉପସ୍ଥାପିତ କରି ଅସାମାନ୍ୟ ସାମାଜିକ କର୍ତ୍ତବ୍ୟ ସଂପାଦନ କରିଯାଇଛନ୍ତି । ପ୍ରତ୍ୟକ୍ଷ ରାଜନୀତିକ ଜୀବନର ଅନେକ ତିକ୍ତ ମଧୁର ଅନୁଭବର ଭାବସାନ୍ଦ୍ର ପରିପ୍ରକାଶ ହେଉଛି ତାଙ୍କର ନାଟକ ମନ୍ତ୍ରୀଯୁଗ ।

Digitized by srujanika@gmail.com

॥ ଚାରି ॥

ରାମଚନ୍ଦ୍ରଙ୍କ ନାଟ୍ୟ ପ୍ରତିଭା : ଦୃଷ୍ଟି ଓ ଦିଗନ୍ତ

ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଥିଲେ ଜଣେ ପ୍ରତିଭାବନ୍ତ ନାଟ୍ୟକାର । ତାଙ୍କ ନାଟ୍ୟରଚନା ବିଧି ପୁଣି ସ୍ୱତନ୍ତ୍ର । ସେ ନାଟକ ଓ ଛୋଟ ନାଟକ, ମଞ୍ଚନାଟକ ଓ ବେତାର ନାଟକ ରଚନାରେ ନିଜସ୍ୱ ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି । ନିଜସ୍ୱ କାହାଣୀ କଳାକୁ ନାଟ୍ୟ ରୂପ ଦେବା ସହିତ ଅନ୍ୟ ଲେଖକଙ୍କ ଉପନ୍ୟାସର କାହାଣୀକୁ ନାଟ୍ୟ ରୂପ ପ୍ରଦାନ କରିଅଛନ୍ତି । ପୁଣି ତାଙ୍କ ରଚିତ 'ମୂଳିଆ', 'ଘରସଂସାର', 'କବିସୂର୍ଯ୍ୟ' ଏବଂ 'ଭାଇଭାଉଜ' ପ୍ରଭୃତି ନାଟକକୁ ବେତାର ନାଟକରେ ମଧ୍ୟ ରୂପାନ୍ତରିତ କରାଇ ଏଥିରେ ଅସାଧାରଣ ସିଦ୍ଧି ଅର୍ଜନ କରିଛନ୍ତି । ଶ୍ରାବ୍ୟ ଓ ମଞ୍ଚନାଟକ ଉଭୟବିଧ ନାଟ୍ୟ ରଚନାରେ ଏଇ କୃତବିଦ୍ୟ ସ୍ରଷ୍ଟାଙ୍କର ନାଟ୍ୟ କ୍ଷେତ୍ର ଥିଲା ସୁଦୂର ପ୍ରସାରିତ । ବିଭାଗୀକରଣ ଭିତ୍ତିରେ ବିବେଚନା କରାଗଲେ, ନାଟ୍ୟକାର ରାମଚନ୍ଦ୍ରଙ୍କ ନାଟକଗୁଡ଼ିକୁ କାହାଣୀ କଳା ଓ ପ୍ରକାଶଭଙ୍ଗୀ ଦୃଷ୍ଟିରୁ ନିମ୍ନକ୍ରମରେ ଦର୍ଶାଇ ଦିଆଯାଇପାରେ । ଯଥା :

କ. ସାମାଜିକ ନାଟକ	: 'କବିସୂର୍ଯ୍ୟ'କୁ ବାଦ ଦେଇ ପ୍ରାୟ ତାଙ୍କ ରଚିତ ସମସ୍ତ ନାଟକ
ଖ. ପାରିବାରିକ ନାଟକ	'ଅଭିମାନ', 'ଘରସଂସାର', 'ସାଇପଡିଶା', 'ପଡ଼ୋଶୀ'
ଗ. ସମସ୍ୟାମୂଳକ ନାଟକ	: 'ମ୍ୟାନେଜର', 'ଭାଇଭଉଜ', 'ମୂଳିଆ', 'ଗୋଧୂଳି ଲଗ୍ନ', 'ମଉଡ଼ମଣି', 'ନରୋତ୍ତମ ଦାସ କହେ'
ଘ. ଚରିତ ନାଟକ	: 'କବିସୂର୍ଯ୍ୟ'
ଙ. ମନୋ ବିଶ୍ଳେଷଣାତ୍ମକ ନାଟକ	: 'ନାଟକ ରୀତିମତ', 'ସେବିକା', 'ପରପୁରୁଷ', 'ପ୍ରତୀକ୍ଷା', 'ଆବିଷ୍କାର'

Digitized by srujanika@gmail.com

ଚ. ରାଜନୀତିକ ନାଟକ : 'ଆଶାନିରାଶା', 'ମନ୍ତ୍ରୀ ଆସିବେ', 'ଭୋଟ ସଂସାର'

ଛ. ବେତାର ନାଟକ : 'ପ୍ରତୀକ୍ଷା', 'ପଡ଼ୋଶୀ, 'ପ୍ରବାସୀ', 'ଆବିଷ୍କାର', 'ରଜତ ଜୟନ୍ତୀ'

ଜ. ମଞ୍ଚନାଟକର ବେତାର ରୂପାନ୍ତର : 'ମୂଳିଆ', 'କବିସୂର୍ଯ୍ୟ', 'ଘରସଂସାର', 'ଭାଇଭାଉଜ'

ଝ. ଉପନ୍ୟାସ କାହାଣୀ ଆଧାରିତ ନାଟକ : 'ପରପୁରୁଷ', 'କିସପୁଣି ଦେଖା ନ ଯାଏ'

ଞ. ଐତିହାସିକ ନାଟକ : କଳାପାହାଡ଼ (ଅସଂପୂର୍ଣ୍ଣ)

କ. ଦୃଷ୍ଟି ଓ ଦର୍ଶନ :

ନାଟ୍ୟକାର ରାମଚନ୍ଦ୍ରଙ୍କ ନାଟ୍ୟକଳା ସର୍ବତ୍ର ସୁଦୃଢ଼ କାହାଣୀ କଳା କୈନ୍ଦ୍ରିକ । ପୁନଶ୍ଚ ତାଙ୍କ କାହାଣୀ ଚୟନର ସାମ୍ରାଜ୍ୟ ମଧ୍ୟ ଅତି ବ୍ୟାପକ । ଅଖ୍ୟାତ ପଲ୍ଲୀଠାରୁ ବିଖ୍ୟାତ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କର ସୁଦୂରପ୍ରସାରୀ ଦୃଷ୍ଟିଭଙ୍ଗୀ । ତେଣୁ ତାଙ୍କ ନାଟ୍ୟ କାହାଣୀରେ ପଲ୍ଲୀ କୈନ୍ଦ୍ରିକ ସରଳ ଓ ନିରାଡ଼ମ୍ବର ଜୀବନଧାରା ସହିତ, ଜଟିଳ ଜଞ୍ଜାଳମୟ ସହରୀ ଜୀବନର ଚିତ୍ର ମଧ୍ୟ ଭାଗମାପ ଅନୁଯାୟୀ ସମଯୋଜିତ । ଭୂମିକୈନ୍ଦ୍ରିକ ପଲ୍ଲୀଜୀବନ, ଯୌଥ ପରିବାର, ନବ୍ୟ ଶିକ୍ଷିତ ଗୋଷ୍ଠୀର ସହରୀ ପ୍ରୀତି, ସହରୀ ଜୀବନର ଅବହାଓ୍ୱା, ରାଜନୀତିକ ଅବସ୍ଥାର ଅବକ୍ଷୟ, ମାନବ ଜୀବନରେ ଆଦର୍ଶ ଓ ମୂଲ୍ୟବୋଧର ଅବକ୍ଷୟ ଇତ୍ୟାଦିକୁ ନାଟ୍ୟକାର ରାମଚନ୍ଦ୍ର ତାଙ୍କ କାହାଣୀ ମଧ୍ୟରେ ଚୟନ କରି, ଏଥିସହିତ ସଂପୃକ୍ତ ଚରିତ୍ରଗୁଡ଼ିକୁ ଅତି ବିଶ୍ୱାସନୀୟ ଭାବରେ ଉପସ୍ଥାପନ କରିଅଛନ୍ତି । ମୋଟାମୋଟି ଭାବରେ ତାଙ୍କ କାହାଣୀ କଳା, ସମାଜର ପ୍ରାୟ ପ୍ରତୀତି ଆଣେ ଓ ପ୍ରତିଟି ସ୍ତରକୁ ପ୍ରତିନିଧିତ୍ୱ କରିବା ପରି ମନେହୁଏ ।

କ-୧. ପଲ୍ଲୀ ଜୀବନାଲେଖ୍ୟ :

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟ୍ୟ କାହାଣୀ ମୁଖ୍ୟତଃ ଆଦର୍ଶବାଦୀ ଭାବନା ଉପରେ ପର୍ଯ୍ୟବେସିତ । ସେ ବ୍ୟକ୍ତିଗତ ଜୀବନରେ ଥିଲେ ଗାନ୍ଧୀଚେତନାର ସମର୍ଥ ରୂପକାର । ଗାନ୍ଧୀଙ୍କ ଭଳି ସେ ଅନୁଭବ କରିଥିଲେ ଦିଲ୍ଲୀରେ ନୁହେଁ, ପଲ୍ଲୀରେ ଜୀଇ ରହିଛି ଭାରତର ଆତ୍ମା । ତେଣୁ ତାଙ୍କର ପ୍ରାୟ ନାଟକରେ ସେ ଦେଖାଇଛନ୍ତି ମଣିଷର ସଂଘର୍ଷ ସଂକୁଳ ଜୀବନବୋଧକୁ । ମା, ମାଟି, ମଣିଷ ପ୍ରତି ତାଙ୍କ ଭିତରର ଅକପଟ ଶ୍ରଦ୍ଧାବୋଧ, 'ମୂଳିଆ' 'ଭାଇଭାଉଜ', 'ସାଇପଡ଼ିଶା', 'ପୁଆଣି ଘର', 'ମମତା' ଏବଂ 'ଘରସଂସାର' ଇତ୍ୟାଦି ଅନେକ ନାଟକରେ ପ୍ରମୂର୍ତ୍ତ । ମାଟି ପ୍ରତି ପ୍ରଗାଢ଼ ମମତା ନେଇ ଘଟିଯାଇଛି 'ମୂଳିଆ'ର ସଂଘର୍ଷ । ଆପଣାର ପ୍ରିୟ ମାଟି ନିମିତ୍ତ ମୂଳିଆ ସଂଗ୍ରାମଶୀଳ, ଏଇ ମାଟି ତା'ଜୀବନର ସର୍ବସ୍ୱ, ଯାହା ପାଇଁ ସେ ପ୍ରତି ମୁହୂର୍ତ୍ତରେ ନିଗାଡିଛି ଆପଣାର ଲହୁ ଓ ଲୁହ । ଦେଶବାସୀଙ୍କ ନିକଟରେ ମୂଳିଆର ଶ୍ରେୟତ୍ୱ ପ୍ରତିପାଦନ କରିଛନ୍ତି ନାଟ୍ୟକାର ।

Digitized by srujanika@gmail.com

ଓଡ଼ିଶାର ଜୀବନଧାରା କୃଷିଭିତ୍ତିକ, ଭୂମି ପ୍ରତି ଆଦରଣୀୟତା ଏହାର ମୂଳସୂତ୍ର । ଏଇ ମାଟି ତା' ପାଇଁ ପବିତ୍ର ସ୍ୱର୍ଗ, ଏହାରି କୋଳରେ ମିଳେ ସ୍ୱର୍ଗସୁଖ । ଏ ମାଟି ଦିଏ ଅଭୟ ଆଶ୍ରୟ, ଏ ହେଉଛି ନିରାପଦ ଆଶ୍ରୟସ୍ଥଳ । ମାଟି ପାଇଁ ଦେଖା ଦେଇଥିବା ଭ୍ରାତୃକନ୍ଦଳର ସ୍ପଷ୍ଟ ରୂପ ଧାରଣ କରିଛି 'ମମତା' ନାଟକର କଥାଭାଗ । ପୁନଶ୍ଚ ଏଇ ମାଟି ଉପରେ ଭାଇଭାଇର ମିଳନ ମଧ୍ୟ ଦେଖାଦେଇଛି । ଦୁଇବନ୍ଧୁ ଶଙ୍କର ଓ ନିମେଇଁଙ୍କ ମଧ୍ୟରେ ମତାନ୍ତର, ପୁଣି ସେଇ ଡିହ ପାଇଁ ଉଭୟଙ୍କ ମଧ୍ୟରେ ମିଳନ ହିଁ 'ସାଇପଡ଼ିଶା'ର କାହାଣୀ କଳାରେ ପ୍ରଦର୍ଶିତ । 'ଘରସଂସାର' ନାଟକର ଦ୍ୱନ୍ଦ୍ୱହିଁ ସେଇ ମାଟି, ଯେଉଁଥି ପାଇଁ ଚଣ୍ଡିପୁର ଓ ରଘୁନାଥପୁର ମଧ୍ୟରେ ସଂଘର୍ଷ, ପୁଣି ମାଟିର ବାସ୍ନା ମଧ୍ୟ ଦୁଇ ଗ୍ରାମ ମଧ୍ୟରେ ଭଗ୍ନ ସମ୍ବନ୍ଧକୁ ଯୋଡ଼ି ଦେଇଛି ।

ପଲ୍ଲୀଭୂମିକୁ ପ୍ରାଣଭରି ଭଲ ପାଉଥିବା ନାଟ୍ୟକାର ରାମଚନ୍ଦ୍ରଙ୍କ ପ୍ରତ୍ୟେକଟି ନାଟକରେ ପ୍ରମୂର୍ତ୍ତ ହୋଇଛି ସେଇ ପଲ୍ଲୀ ଜୀବନର ଆସୁରୀ ମାୟାରେ ବଶୀଭୂତ ହୋଇ ପ୍ରତାରିତ ହୁଏ, କିନ୍ତୁ ସେ ପୁଣି ଫେରିଆସେ ତା'ର ସେଇ ଆଦରଣୀୟ ପଲ୍ଲୀମାଟିକୁ, ଆପଣେଇ ନିଏ ପଲ୍ଲୀମାଟିର ଜୀବନକୁ । 'ମୂଳିଆ'ର ରାଜକିଶୋର ଏଇ ଚେତନାର ସମର୍ଥ ଦୃଷ୍ଟାନ୍ତ । ପୁନଶ୍ଚ 'ଘରସଂସାର'ର କାହାଣୀ ମଧ୍ୟ ସେଇ ପଲ୍ଲୀ ଜୀବନ କେନ୍ଦ୍ରିତ । ଗ୍ରାମ୍ୟଜୀବନକୁ ନୂତନ ଭାବରେ ଅନୁଭବ କରିବାର ପ୍ରୟାସ ଏବଂ ଏଥିପ୍ରତି ଆନ୍ତରିକତା, ଗୋପ ଓ ଶାରଦା ଚରିତ୍ର ମାଧ୍ୟମରେ ପ୍ରକାଶିତ । 'ଭାଇଭାଉଜ', 'ମମତା' ଏବଂ 'ଚାବୁକ୍' ପ୍ରଭୃତି ନାଟକ ଗୁଡ଼ିକ, ଅନୁରୂପ ଭାବରେ ଗ୍ରାମ୍ୟ ସଂସ୍କୃତି ଉପରେ ଆଧାରିତ । ଗ୍ରାମୀଣ ଜୀବନ ଧାରା ପ୍ରତି; ନାଟ୍ୟକାରଙ୍କ ଭିତରେ ରହିଥିବା ପ୍ରଗାଢ ଆନ୍ତରିକତା ଥିବା ହେତୁ ତାଙ୍କ ନାଟକ ଗୁଡ଼ିକର ଅନ୍ତରୀଣ ଭାବନାରେ ଭରି ରହିଛି ଗ୍ରାମ୍ୟ ଜୀବନାଲେଖ୍ୟ । ନାଟ୍ୟକାର ରାମଚନ୍ଦ୍ରଙ୍କ ପ୍ରାୟ ପ୍ରତ୍ୟେକ ନାଟକ ପଲ୍ଲୀଜୀବନାଲେଖ୍ୟର ସଫଳ ପଟ୍ଟଚିତ୍ର ।

ପଲ୍ଲୀକୈନ୍ଦ୍ରିକ ଜୀବନଚର୍ଯ୍ୟା, ପଲ୍ଲୀ କିଶୋରୀର ସ୍ୱପ୍ନ ସମ୍ଭାବନା, ଗ୍ରାମ୍ୟ ଯୁବକର ଉଚ୍ଚଶିକ୍ଷା ନିମିତ୍ତ ସହରରେ ଅବସ୍ଥାନ, ସହରୀ ପରିବେଶରେ ଜୀବନ ଧାରା ଭିତରେ ରୁଦ୍ଧ ଅବଶୋଷ, ପଲ୍ଲୀର ମେଳା-ମହୋତ୍ସବ, ଦୋଳ-ରଜ-ଦଶହରା ପର୍ବର ମାଦକତା, ପଲ୍ଲୀର କୃଷି, କୃଷକ ଓ କୃଷିଭୂମିର ଚିତ୍ର, ହଳ ଲଙ୍ଗଳର କୃଷିକାର୍ଯ୍ୟ, ପଲ୍ଲୀର ପିଠା-ପଣା, ବାହାପୁଆଣି, ପଲ୍ଲୀର ସକାଳ, ସଞ୍ଜ, ଫୁଲ-ଫଗୁଣ, ଆମ୍ବତୋଟା, ପୋଖରୀ ହୁଡା, ନଈତୁଠ ଇତ୍ୟାଦି ଯାବତୀୟ ଚିତ୍ର ବହନ କରିଛି ତାଙ୍କ ନାଟକ । ଭାରତର ଆତ୍ମା ପଲ୍ଲୀ ଭିତରେ, ଏହା ସେ ତାଙ୍କର ନାଟକ ଗୁଡ଼ିକରେ ଦକ୍ଷତାର ସହିତ ଦର୍ଶାଇଛନ୍ତି ।

କ-୨. ଗାନ୍ଧୀବାଦୀ ଚେତନାର ମୁକ୍ତ ଇସ୍ତାହାର :

ସ୍ରଷ୍ଟା ରାମଚନ୍ଦ୍ରଙ୍କ ସମସ୍ତ ସ୍ୱପ୍ନ ଓ ସମ୍ଭାବନା, ଭାବନା ଓ ଚିନ୍ତନ ଥିଲା ବ୍ୟକ୍ତି ରାମଚନ୍ଦ୍ରଙ୍କ ଜୀବନର ସାରସ୍ୱତ ରୂପାୟନ । ବ୍ୟକ୍ତି ଜୀବନରେ ରାମଚନ୍ଦ୍ର ତାଙ୍କ ଦଦେଇ ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ଗୋବିନ୍ଦ ମିଶ୍ରଙ୍କର ପଟ୍ଟଶିଷ୍ୟ ଭାବରେ, ଗାନ୍ଧୀବାଦୀ ଅନୁଭବକୁ

Digitized by srujanika@gmail.com

ଆପଣା ରକ୍ତରେ ମିଶାଇ ସାରିଥିଲେ । ତେଣୁ ଜଣେ ସଚ୍ଚା ଗାନ୍ଧୀଭକ୍ତ ଭାବରେ ରାମଚନ୍ଦ୍ର ତାଙ୍କର ସମଗ୍ର ସୃଷ୍ଟି ଭିତରେ ଭରି ଦେଇଛନ୍ତି ଗାନ୍ଧୀବାଦୀ ଚେତନାର ନବ ଇସ୍ତାହାର । ତାଙ୍କ ନାଟକ ଗୁଡ଼ିକର ଅସାମାନ୍ୟ ମଞ୍ଚ ସଫଳତା ଭିତରେ ମୁଖ୍ୟ ଉପାଦାନ ଥିଲା ମନୋରଞ୍ଜନ ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି । ତେଣୁ ସେ ତତ୍କାଳୀନ ପରିସ୍ଥିତିରେ ଜନତା ନିକଟରେ ନାଟକ ମାଧ୍ୟମରେ ଯେଉଁ ଆଦର୍ଶଗୁଡ଼ିକ ଉପସ୍ଥାପନ କଲେ, ବାସ୍ତବରେ ସେଗୁଡ଼ିକ ଥିଲା ଗାନ୍ଧୀବାଦୀ ଦର୍ଶନର ପ୍ରତିକ୍ରିୟା ।

ଭାରତର ଆତ୍ମା ପଲ୍ଲୀରେ ଜୀବିତ - ଏହା ଥିଲା ଗାନ୍ଧୀଙ୍କର ବାଣୀ । ଏଇ ବାଣୀରେ ବିଶ୍ୱାସୀ ନାଟ୍ୟକାର, ତାଙ୍କର ପ୍ରାୟ ପ୍ରତିଟି ନାଟକରେ ପଲ୍ଲୀ ଜୀବନକୁ ଚିତ୍ରଣ କରିଛନ୍ତି । ଶିକ୍ଷିତ ଯୁବଗୋଷ୍ଠୀ, କେବଳ ଚାକିରି ପଛରେ ନ ଧାଇଁ, ବରଂ ଗାଁକୁ ଫେରିଯାଆନ୍ତୁ ଏବଂ ଗାଁର ଜୀବନଧାରାକୁ ପରିବର୍ତ୍ତନ କରିବା ନିମିତ୍ତ ଦିଗ୍‌ଦର୍ଶନ ଦିଅନ୍ତୁ, ଏହା ଥିଲା ଗାନ୍ଧୀଙ୍କ ଉଦ୍ଦେଶ୍ୟ । 'ଚାଲ ଗାଁକୁ ଫେରିଯିବା'- ଏଇ ଆଦର୍ଶରେ ନାଟ୍ୟକାର ସୃଷ୍ଟି କରିଥିବା ଅନେକ ଚରିତ୍ର ପ୍ରାୟ ପ୍ରଭାବିତ । 'ମୂଳିଆ', 'ଭାଇଭାଉଜ', 'ସାଇପଡ଼ିଶା', 'ଘରସଂସାର', 'ମମତା' ଏବଂ ପୁଅାଣି ଘର ପ୍ରଭୃତି ପ୍ରମୁଖ ନାଟକ ଗୁଡ଼ିକରେ ଗ୍ରାମ୍ୟ ଜୀବନ ପ୍ରତି ଅହେତୁକ ଆକର୍ଷଣ ପ୍ରକାଶ ପାଇଛି । ଉଚ୍ଚଶିକ୍ଷା ନିମିତ୍ତ ସହରକୁ ଆସିଥିବା ରାଜକିଶୋର, ସହରୀ ମାୟାରେ ବାନ୍ଧି ହୋଇ ତୃପ୍ତ ହୋଇନାହିଁ, ବରଂ ସେ ଗାଁକୁ ଫେରିଯାଇଛି ଏବଂ ଆପଣାର କୃତକର୍ମ ନିମିତ୍ତ ଅନୁତାପ କରିବା ସହିତ, ଗାଁ ମାଟିକୁ ସବୁଦିନ ପାଇଁ ଆପଣେଇ ନେଇଛି । ଘରସଂସାର ନାଟକରେ ମୁଖ୍ୟ ଚରିତ୍ର ଗୋପ ଚୌଧୁରୀ, ଉଚ୍ଚଶିକ୍ଷା ପାଇଥିଲେ ମଧ୍ୟ, ଗ୍ରାମ୍ୟଜୀବନକୁ ସଂସ୍କାରିତ କରିବା ନିମିତ୍ତ, ଗାଁକୁ ଆପଣାର କରିନେଇଛନ୍ତି । ଗୋପ ଚୌଧୁରୀ ଚରିତ୍ରଟିର ଯେଉଁ ତ୍ୟାଗ, ଆଦର୍ଶ, ସହିଷ୍ଣୁତା, କ୍ଷମା ଇତ୍ୟାଦିର ଆରୋପଣ କରାଯାଇଛି, ତହିଁରୁ ମନେହୁଏ ଯେ, ଗୋପ ଚୌଧୁରୀ କେବଳ ଗୋଟାଏ କଳ୍ପିତ ନାଟକୀୟ ଚରିତ୍ର ନୁହନ୍ତି, ଅପରନ୍ତୁ ଚଣ୍ଡୀପୁର ଓ ରଘୁନାଥପୁର ଗାଁ ପାଇଁ ଜଣେ ସ୍ୱତନ୍ତ୍ର ଗାନ୍ଧୀ, ଗାନ୍ଧୀଙ୍କ ଗ୍ରାମୀଣ ସଂସ୍କରଣ ଭାବରେ ଗୋପ ଚରିତ୍ରଟି ସମ୍ମାନନୀୟ ଓ ଆକର୍ଷଣୀୟ ।

ଦୋଷୀ ପ୍ରତି କ୍ଷମାଶୀଳ ହେବା ଓ ଦୋଷକୁ ଘୃଣା କରିବା ଭଳି ଗାନ୍ଧୀ ଦର୍ଶନରେ ବିଶ୍ୱାସୀ ନାଟ୍ୟକାର ରାମଚନ୍ଦ୍ର ତାଙ୍କ ନାଟକୀୟ ଚରିତ୍ର ଗୁଡ଼ିକୁ ଅନୁରୂପ ଚିତ୍ରଣ କରିଛନ୍ତି । ତେଣୁ ତାଙ୍କ ନାଟକର ଖଳ ଚରିତ୍ର ଗୁଡ଼ିକ ପ୍ରତି ସେ କୌଣସି କ୍ଷେତ୍ରରେ ଅବିଚାର କରି ନାହାନ୍ତି, ବରଂ ସେମାନଙ୍କୁ କ୍ଷମା ପ୍ରଦାନ କରିଛନ୍ତି । ଏ ଦୃଷ୍ଟିରୁ 'ଭାଇଭାଉଜ' ନାଟକର ଯୋଗୀ ସାହୁକାର, 'ଘରସଂସାର' ନାଟକର ମଙ୍ଗୁ ମହାନ୍ତି ଏବଂ 'ମ୍ୟାନେଜର' ନାଟକର ପ୍ରତାପ ଇତ୍ୟାଦି ଚରିତ୍ରର ଯାବତୀୟ କଳୁଷିତ ଖଳ ଆଚରଣରେ ଅନ୍ୟମାନେ ଅତିଷ୍ଠ ହେଲେ ମଧ୍ୟ, ସେମାନଙ୍କୁ ଦଣ୍ଡିତ କରାଯାଇ ନାହିଁ, ବରଂ କ୍ଷମା ପ୍ରଦାନ କରାଯାଇଛି । ନିଜ ନିଜର ଦୋଷ ଓ ଦୁଷ୍କର୍ମ ନିମିତ୍ତ ସେମାନେ ଗଭୀର ଅନୁତାପ ଅନଳରେ ଦଗ୍ଧୀଭୂତ ହୋଇଛନ୍ତି ।

Digitized by srujanika@gmail.com

''ଏମାନେ ସାମାଜିକ ଜୀବନର କଳଙ୍କ, ଦଣ୍ଡ ପାଇବାର ଯୋଗ୍ୟ । ମାତ୍ର ପୃଥିବୀରେ ଏଭଳି କୌଣସି ପାପ ନାହିଁ, ଯାହା ଅନୁତାପ ଜଳରେ ଧୋଇ ହୋଇଯାଏ ନାହିଁ । ଦୋଷ ତ୍ରୁଟିକୁ ନେଇ ପୂର୍ଣ୍ଣ ମଣିଷ । ମଣିଷ ହୋଇ ମଣିଷର ବିଚାର କରିବା କାହାର ସାଧ୍ୟଗତ ନୁହେଁ । ସେ ବିଚାରର ଦାୟିତ୍ୱ ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କର ।'' (ଡକ୍ଟର ହେମନ୍ତ କୁମାର ଦାସ - ନାଟ୍ୟକାର ରାମଚନ୍ଦ୍ର ମିଶ୍ର- ନାଟ୍ୟକାର ରାମଚନ୍ଦ୍ର ସୃଷ୍ଟିବଳୟ- ସଂ- ଡକ୍ଟର ନାରାୟଣ ସାହୁ- ପୃଷ୍ଠା-୨୬)

ରାମଚନ୍ଦ୍ରଙ୍କ ପ୍ରତ୍ୟେକ ନାଟକରେ ଦୋଷୀ ଓ ଖଳ ଚରିତ୍ର ଅଛନ୍ତି, ସେମାନଙ୍କ ଦ୍ୱାରା ଅନ୍ୟାନ୍ୟ ଚରିତ୍ର ନିର୍ଯ୍ୟାତିତ ହୋଇଛନ୍ତି, ହେଲେ କୌଣସିଠାରେ ସେ ମାନବ ଦ୍ୱାରା ତା'ର ବିଚାର କରିନାହାନ୍ତି । ଏପରିକି 'ନରୋତ୍ତମ ଦାସ କହେ' ନାଟକରେ ନରୋତ୍ତମ ଦାସ ଶଳା ଘରକୁ ସଂଖୋଳିବାକୁ ଆସି ଅପରାଧରେ ଜେଲ୍ ଯାଇଛନ୍ତି, ମାଡ଼ ଗାଳି ଖାଇଛନ୍ତି, ଅଥଚ ନିଜସ୍ୱ କ୍ଷମା ଗୁଣରେ ସେ ଏ ସବୁକୁ ନ ଧରି ପ୍ରକୃତରେ ଆଦର୍ଶବତ୍ତାର ନମୁନା ହୋଇ ରହିଛନ୍ତି । 'ଗୋଧୂଳି ଲଗ୍ନ'ରେ ମଧ୍ୟ ପାପାଚାରୀ ଓ ଭ୍ରଷ୍ଟ ଚରିତ୍ର ନିମିତ୍ତ, ସେପରି କୌଣସି ସାମାଜିକ ଦଣ୍ଡ ବ୍ୟବସ୍ଥା ରହିନାହିଁ । ''ମୂଳିଆ ଏବଂ 'ଭାଇ, ଭାଉଜ'- ଗାନ୍ଧୀ ଦର୍ଶନର ଶ୍ରେଷ୍ଠ ଉଦାହରଣ । ଗାନ୍ଧୀବାଦର କବରକୁ ଲେଖକ ଦେଖାଇଛନ୍ତି 'ନରୋତ୍ତମ ଦାସ କହେ' ନାଟକରେ । ଏଥିରେ ନରୋତ୍ତମ ଦାସଙ୍କର ଖେଦୋକ୍ତି ହେଉଛି, ଲେଖକଙ୍କ ସ୍ୱୀକାରୋକ୍ତି । ମହାତ୍ମାଗାନ୍ଧୀ କହୁଥିଲେ ପାପକୁ ଘୃଣା କରୁଥିଲେ, ପାପୀକୁ ନୁହେଁ । ଅନୁତାପ ଦ୍ୱାରା ହୃଦୟର ପରିବର୍ତ୍ତନ ଉପରେ ଗାନ୍ଧିଜୀ ଅଧିକ ଗୁରୁତ୍ୱ ଦେଉଥିଲେ । ରାମଚନ୍ଦ୍ର ମିଶ୍ରଙ୍କ ଅନେକ ଚରିତ୍ର, ନିଜକୁ କୁପଥରୁ ଫେରାଇ ଆଣିଛନ୍ତି । ନିଜ ନିଜର ଅନୁତାପ ଦ୍ୱାରା ଏହି ଚରିତ୍ର ଗୁଡ଼ିକ ହେଉଛନ୍ତି ଯୋଗୀ ସାଉକାର, କୁମାର ସାହେବ, ମହେଶ, ମି. ଦାସ ଏବଂ ପ୍ରତାପ ଇତ୍ୟାଦି । ହୃଦୟ ପରିବର୍ତ୍ତନ ହୋଇଛି ସ୍ୱଚ୍ଛଳବର୍ଗଙ୍କର - 'ମଉଡ଼ମଣି', 'ଭାଇଭାଉଜ', 'ପୁଆଣି ଘର', 'ଚାବୁକ୍', 'ଘରସଂସାର' ଏବଂ 'ମ୍ୟାନେଜର' ଆଦି ନାଟକରେ ।'' (ଡକ୍ଟର ନାରାୟଣ ସାହୁ- 'ରାମଚନ୍ଦ୍ର ମିଶ୍ର ଏକ ଆକଳନ'- ନାଟ୍ୟକାର ରାମଚନ୍ଦ୍ର ସୃଷ୍ଟିବଳୟ'- ପୃଷ୍ଠା-୧୧୭)

କ-୩. ସାମାଜିକ ଅଙ୍ଗୀକାର :

ଆଦର୍ଶବାଦୀ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟ୍ୟ ଶିଳ୍ପରେ ଚିତ୍ତବିନୋଦନ ଭିତରେ ଲୋକଶିକ୍ଷା ପାଇଁ ଯଥା ସମ୍ଭବ ପ୍ରଚେଷ୍ଟା କରିଛନ୍ତି ଓ ଏ ସବୁରେ ତାଙ୍କର ଶିଳ୍ପ ଦୃଷ୍ଟି ମଧ୍ୟ ଅସାଧାରଣ ସଫଳତା ଲାଭ କରିଛି । ନାଟ୍ୟକାର ଭାବରେ ସେ ଥିଲେ ପରମ୍ପରାବାଦୀ । ପରମ୍ପରା ଓ ସଂସ୍କୃତିକୁ, ଚିତ୍ତବିନୋଦନ ନିମିତ୍ତ ସେ କେଉଁଠି ହେଲେ ବିକଳାଙ୍ଗ କରିନାହାନ୍ତି । ଅପରନ୍ତୁ ଭରତ ମୁନିଙ୍କ ନାଟକୀୟ ଶାସ୍ତ୍ରୀୟତାକୁ ସେ ଅସାମାନ୍ୟ ସମ୍ମାନ ପ୍ରଦର୍ଶନ କରିଛନ୍ତି । ଭରତ ମୁନି କହିଥିଲେ-

Digitized by srujanika@gmail.com

"ଦୁଃଖାର୍ତ୍ତାନାଂ ଶ୍ରମାର୍ତ୍ତାନାଂ ଶୋକାର୍ତ୍ତାନାଂ ତପସ୍ୱିନାଂ
ବିଶ୍ରାମ ଜନନଂ ଲୋକେ ନାଟ୍ୟମେତତ୍ ଭବିଷ୍ୟତି ।
ବିନୋଦ ଜନନଂ କାଳେ ନାଟ୍ୟମେତତ୍ ଭବିଷ୍ୟତି ।"

(ନାଟ୍ୟଶାସ୍ତ୍ର, ଭରତମୁନି)

ନାଟକ ଚିତ୍ତବିନୋଦନ ନିମିତ୍ତ ଅଭିପ୍ରେତ, ପୁଣି ଏଥିରେ ସୁଖଦୁଃଖ ସମନ୍ୱିତ ଅବସ୍ଥା ଭେଦର ରୂପ ଚିତ୍ର ପ୍ରକାଶ ପାଇବା ପ୍ରସଙ୍ଗକୁ 'ଦଶରୂପକଂ'ରେ ସ୍ୱୀକୃତି ଦିଆଯାଇ କୁହାଯାଇଛି-

ଅବସ୍ଥା ଯାହି ଲୋକସ୍ୟ ସୁଖ-ଦୁଃଖ ସମୁଦ୍ଭବ
ନାନା ପୁରୁଷ ସଂଚାରା, ନାଟକେ ସତ୍ୱବେଦିହ ।

(ଦଶରୂପକମ୍)

ଆଚାର୍ଯ୍ୟ ସାଗର ନନ୍ଦୀ ମଧ, ସତ୍ୟବତ୍ ପ୍ରତୀୟମାନ ହେଉଥିବା ଲୋକ ଚରିତ୍ର, ନାଟକ ମାଧମରେ ରୂପାୟିତ ହେଉଥିବା ପ୍ରସଙ୍ଗ ଦର୍ଶାଇ ଅନୁରୂପ ଭାବରେ କହନ୍ତି-

ଅବସ୍ଥାୟା ତୁ ଲୋକସ୍ୟ ସୁଖ ଦୁଃଖ ସମୁଦ୍ଭବା
ସତ୍ୟାସତ୍ୟ ଭିନୟଂ ପ୍ରାଞ୍ଜେ ନାଟ୍ୟମିତ୍ୟଭିଧୀୟତେ ।

(ଆଚାର୍ଯ୍ୟ ସାଗର ନନ୍ଦୀ)

ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ତାଙ୍କ ସମକାଳର ସାମାଜିକ, ଆର୍ଥନୀତିକ ଏବଂ ରାଜନୀତିକ ତଥା ସାଂସ୍କୃତିକ ଘଟଣାବଳୀର ପ୍ରତିଛାୟା ନେଇ ନାଟକ ସୃଷ୍ଟି କରିଛନ୍ତି । ତାଙ୍କ ନାଟକ ଗୁଡ଼ିକ ମଞ୍ଚରେ ମାୟା ମହଲ ସୃଷ୍ଟି କରି, ଦର୍ଶକଙ୍କ ଚିତ୍ତବିନୋଦନ କରିବାରେ ଯେତେ ତତ୍ପର, ଅନୁରୂପ ଭାବରେ ଦର୍ଶକମାନଙ୍କ ଭିତରେ ସାମାଜିକ ବାର୍ତ୍ତା ପ୍ରକାଶ କରିବାରେ ସେତେ ଦୃଢ଼ ପ୍ରତିଶ୍ରୁତିବଦ୍ଧ । ସମାଜ ପ୍ରତି ଜଣେ ନାଟ୍ୟକାର ଭାବରେ କିଛିଟା କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ରହିଛି । ଏହା ନାଟ୍ୟକାର ମର୍ମେ ମର୍ମେ ଉପଲବ୍ଧି କରି ନାଟକ ମାଧମରେ ଉପଯୁକ୍ତ କର୍ତ୍ତବ୍ୟ ସଂପାଦନ କରିଯାଇଛନ୍ତି । ତେଣୁ ତାଙ୍କ କୃତ ନାଟକ ଗୁଡ଼ିକରେ ସାମାଜିକ ଅଙ୍ଗୀକାରବଦ୍ଧତା, ଅତି ତୀବ୍ର ଓ ଶାଣିତ ମଧ ।

ସ୍ୱାଧୀନତା ପୂର୍ବରୁ ନାଟକ ରଚନା ଆରମ୍ଭ କରିଥିବା ରାମଚନ୍ଦ୍ର ମିଶ୍ର, ସ୍ୱାଧୀନତା ପ୍ରାପ୍ତିର ଦୀର୍ଘ ଚାରିଦଶନ୍ଧି ଧରି ନାଟକ ରଚନା କରିଛନ୍ତି । ତାଙ୍କ ସମକାଳର ସମାଜ ଜୀବନକୁ ତନ୍ନ ତନ୍ନ କରି ପରଖିଥିବା ରାମଚନ୍ଦ୍ର ତେଣୁ ତାଙ୍କ ନାଟକ ଗୁଡ଼ିକରେ ସମାଜ ଜୀବନ ପାଇଁ ଶୁଣାଇଛନ୍ତି ବାର୍ତ୍ତା । ସ୍ୱାଧୀନତା ପରବର୍ତ୍ତୀ ସମାଜରେ ମାଲିକ ଓ ମୂଲିଆ ସମସ୍ୟା, ରୟତ ଓ ଜମିଦାର ସମସ୍ୟା ନଗର ଓ ପଲ୍ଲୀର ସମସ୍ୟା, ନାରୀଶିକ୍ଷାର ସମସ୍ୟା, ଶିକ୍ଷିତବର୍ଗର ଆଧୁନିକତା ପ୍ରତି ଅସମ୍ଭବ ମୋହ ପ୍ରଭୃତି ଅନେକ ସମସ୍ୟା ପରିଲକ୍ଷିତ ହୋଇଥାଏ । ଏ ସମସ୍ତ ସମସ୍ୟାକୁ ନେଇ ସେ ଗଢ଼ିଥିବା ନାଟକରେ, ସମସ୍ୟା ଅଛି, ତା' ସହିତ ରହିଛି ସମାଧାନର ପ୍ରକୃଷ୍ଟ ମାର୍ଗ ।

Digitized by srujanika@gmail.com

ସୁସ୍ଥ ସମାଜ ଗଠନ ନିମିତ୍ତ, ବ୍ୟକ୍ତି ଚରିତ୍ର ଯେମିତି ନିର୍ମଳ ହେବା ଦରକାର, ସେମିତି ମଧ୍ୟ ପାରିବାରିକ ଜୀବନ ଶୁଦ୍ଧ ହେବା ଜରୁରୀ । ନାଟ୍ୟକାର ଉନ୍ନତ ପରିବାର ଗଠନ ନିମିତ୍ତ ତାଙ୍କ ନାଟକରେ ଗୁରୁତ୍ୱ ଦେଇଛନ୍ତି । ତାଙ୍କ ରଚିତ 'ଘର ସଂସାର' ନାଟକରେ ଗୋପ ଚୌଧୁରୀଙ୍କର ଆଦର୍ଶ, ତ୍ୟାଗ ଉଦାରତା ଓ ସଂସ୍କାର ପ୍ରୟାସୀ ମନୋଭାବ, 'ମୂଲିଆ' ନାଟକରେ ନନ୍ଦର, ନିଜ ଭାଇକୁ ଉଚ୍ଚଶିକ୍ଷିତ କରିବା ନିମିତ୍ତ ଆପଣାକୁ ଉପେକ୍ଷା କରିବା ଭଳି ତ୍ୟାଗ, 'ଭାଇଭାଉଜ'ରେ ମହୀ ପ୍ରଧାନର ଯାବତୀୟ ଦାୟିତ୍ୱ ନେଇଥିବା ଭାଇ ତା'ର ନିଃସ୍ୱାର୍ଥ ମନୋଭାବ ଓ କଠୋର କର୍ତ୍ତବ୍ୟବୋଧ. 'ମୂଲିଆ' ନାଟକର ବଡ଼ବୋହୂର ଯାବତୀୟ ତ୍ୟାଗ ଓ ଆଦର୍ଶପୂର୍ଣ୍ଣ ଚଳଣି ଭିତରେ ଦିଅର ପ୍ରତି ଅକୁଣ୍ଠ ପୁତ୍ରସ୍ନେହ, 'ସାଇପଡ଼ିଶା'ରେ ବନ୍ଧୁଙ୍କ ପ୍ରତି ବନ୍ଧୁଙ୍କର ପବିତ୍ର କର୍ତ୍ତବ୍ୟ ପ୍ରଭୃତି, ପାରିବାରିକ ଜୀବନକୁ ସୁଦୃଢ଼, ସୁସ୍ଥ ଓ ସୁନ୍ଦର କରିବା ନିମିତ୍ତ ଏକ ଏକ ଚେତାବନୀ । ଯେଉଁଠାରେ ବ୍ୟକ୍ତି ଜୀବନ ସ୍ୱାର୍ଥ କୈନ୍ଦ୍ରିକ ହୋଇଛି, ସେଠାରେ ପାରିବାରିକ ଜୀବନ ହୋଇଛି କଳୁଷିତ । 'ପରପୁରୁଷ'ରେ ଶ୍ୟାମଙ୍କର ସନ୍ଦେହଜନିତ ଦୁର୍ବଳ ବ୍ୟକ୍ତିତ୍ୱ, 'କିସ ପୁଣି ଦେଖା ନ ଯାଏ'ରେ ରଜତ ଓ ଜୟନ୍ତୀ ଚରିତ୍ରର ବ୍ୟର୍ଥ ଦାମ୍ପତ୍ୟ, ସମଗ୍ର ପରିବାର ଓ ପାରିପାର୍ଶ୍ୱିକ ଅବସ୍ଥାକୁ କିପରି ବିଷମୟ କରିଛି ତାହା ଦର୍ଶାଇ ଲେଖକ ଭିନ୍ନ ଭାବରେ ସଚେତନତା ସୃଷ୍ଟି କରିଅଛନ୍ତି । ଗୋଟାଏ ସୁସ୍ଥ ସୁନ୍ଦର ପାରିବାରିକ ଜୀବନ ପାଇଁ, ସଦସ୍ୟମାନଙ୍କର ପାରସ୍ପରିକ ତ୍ୟାଗ, ବିଶ୍ୱାସ, ସଂପ୍ରୀତି ଆବଶ୍ୟକ- ଏହା ସେ ଅନେକ ଚରିତ୍ରରେ ଦର୍ଶାଇଅଛନ୍ତି ।

ସୁସ୍ଥ ପାରିବାରିକ ଜୀବନ ନିମିତ୍ତ ପାରସ୍ପରିକ ବୁଝାମଣା, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ମାତ୍ର ସମୟ ଓ ଘଟଣା ଚକ୍ରରେ ଅନେକ ପରିବାରରେ ବାହ୍ୟ ଶତ୍ରୁ ହିସାବରେ ଧସେଇ ପଶନ୍ତି କେତେକ ବାହାର ବ୍ୟକ୍ତି ଓ କେତେକ ବନ୍ଧୁବାନ୍ଧବ । ବନ୍ଧୁରୂପୀ ଏଇ ଶତ୍ରୁମାନଙ୍କୁ ବିଶ୍ୱାସ କରିବା ଦ୍ୱାରା ଅନେକ ସମୟରେ ପାରିବାରିକ ଜୀବନରେ ଛାଇଯାଏ ଅକାଳର ବିଷବାଷ୍ପ । ନାଟ୍ୟକାର ଏଇ ଧରଣର ଛଦ୍ମବେଶୀ ଓ ସ୍ୱାର୍ଥପର ବନ୍ଧୁମାନଙ୍କର ପ୍ରକୃତ ପରିଚୟ ଅଙ୍କନ କରିଛନ୍ତି- 'ମମତା' ନାଟକର ବାଉରିବନ୍ଧୁ, 'ଘର ସଂସାରର' ନାଟକର ଅନାଦି ଦାସ, ଇତ୍ୟାଦି ଚରିତ୍ର ମାଧ୍ୟମରେ । ବାଉରିବନ୍ଧୁ ସମୁଦୀ ଭାବରେ ଓ ଅନାଦି ଦାସ କକା ଭାବରେ ଯେଉଁ କୁକାର୍ଯ୍ୟମାନ ସମ୍ପାଦନ କରିଛନ୍ତି, ତାହା ସମଗ୍ର ପରିବାରକୁ ବିପର୍ଯ୍ୟସ୍ତ କରିଛି । ଏମାନେ ସମାଜ-ମହାଭାରତର ଜଣେ ଜଣେ କୁଚକ୍ରୀ ଶକୁନିର ଗ୍ରାମ୍ୟ ସଂସ୍କରଣ ।

ସମାଜ ଜୀବନରେ ଅଶାନ୍ତି ସୃଷ୍ଟି କରିବାରେ ଅନେକ ଖଳ ପ୍ରକୃତିର ମଣିଷଙ୍କ ସ୍ୱଭାବ । ଏଇ ଧରଣର ଖଳମାନେ ହେଲେ 'ମୂଲିଆ' ନାଟକର ଧଡି ମହାପାତ୍ର, 'ଭାଇଭାଉଜ'ର ଯୋଗୀ ସାଉକାର, 'ଚାବୁକ୍'ର ଦାସ ସାହେବ, 'ପୁଅାଣି ଘର'ର ନବଘନ, 'ଗୋଧୂଳି ଲଗ୍ନ'ର ଦୀନବନ୍ଧୁ ପ୍ରମୁଖ । ସମୟ ଓ ଘଟଣା କ୍ରମରେ ଏମାନେ ଅନ୍ୟର କାର୍ଯ୍ୟରେ ଅଯାଚିତ ଭାବରେ ପ୍ରବେଶ କରି, ନିଜ କୁବୁଦ୍ଧି ବଳରେ ପ୍ରଳୟ ସୃଷ୍ଟି କରିପାରନ୍ତି । ଏଇ ଧୂର୍ତ୍ତମାନେ ଅନ୍ୟମାନଙ୍କୁ କୁପଥରେ ଚାଳିତ କରନ୍ତି, ନିଜେ ମଧ୍ୟ କାମନା-ବାସନା ଚରିତାର୍ଥ

Digitized by srujanika@gmail.com

କରିବାକୁ ଯେ କୌଣସି ଇତରକର୍ମ ପ୍ରତି ଉନ୍ମୁଖ ହୋଇଉଠନ୍ତି । ମାତ୍ର ନାଟ୍ୟକାର ଏ ଧରଣର ଖଳ ଚରିତ୍ର ଗୁଡ଼ିକୁ ପରବର୍ତ୍ତୀ ପର୍ଯ୍ୟାୟରେ ନିଜ ନିଜର ଯାବତୀୟ ଅପକର୍ମ ନିମିତ୍ତ ଲଜ୍ଜିତ ଓ ଅନୁତପ୍ତ କରାଇଛନ୍ତି । ଏ ପ୍ରକାର କୁପଥର ପଥିକମାନେ ଯୋଗୀ ସାଉକାର ଭଳି ବ୍ୟାଧି ପୀଡ଼ିତ ହୋଇ, ଆପଣା ଦ୍ୱାରା ଦଣ୍ଡିତ ଲୋକଙ୍କ ହାତରୁ ମାଗି ଖାଆନ୍ତି ।

ବ୍ୟକ୍ତିର ଉଦାରତା ପ୍ରତି ନାଟ୍ୟକାରଙ୍କ ଦୃଷ୍ଟିଭଙ୍ଗୀ ସଜାଗ ସତର୍କ ଥିଲା । ତେଣୁ ତାଙ୍କର ନାଟକ ଗୁଡ଼ିକରେ ସ୍ଥାନ ପାଇଛନ୍ତି ଅନେକ ଆଦର୍ଶ ସ୍ଥାନୀୟ ମହନୀୟ ଚରିତ୍ର । କ୍ଷମତାଭିଳାଷରେ ବ୍ୟକ୍ତିତ୍ୱର ଭଙ୍ଗିମା ପ୍ରକାଶ ପାଏ ନାହିଁ, ଅପରନ୍ତୁ କ୍ଷମତା ଥାଇ ମଧ୍ୟ, ଅନ୍ୟକୁ କ୍ଷମା ଦେବାରେ ବ୍ୟକ୍ତିତ୍ୱର ମହନୀୟତା ଫୁଟି ଉଠେ । ଏ ଦୃଷ୍ଟିରୁ 'ଘରସଂସାର' ନାଟକର ଗୋପ ଚୌଧୁରୀ ଜଣେ ମହନୀୟ ବ୍ୟକ୍ତି । ପିତୃ ହତ୍ୟାକୁ ବିସ୍ମୃତ ହୋଇ ସେ ପିତୃଶତ୍ରୁଙ୍କ କନ୍ୟା ଶାରଦାର ଦୟନୀୟ ଅବସ୍ଥାରେ, ତାକୁ ବିବାହ କରିଛନ୍ତି । ଆପଣାର ଆଦର୍ଶ ବଳରେ ସକଳ ସଂଘର୍ଷ ଓ ସଂକଟରୁ ମଧ୍ୟ ଉତ୍ତୀର୍ଣ୍ଣ ହୋଇଛି ତାଙ୍କର ଉଚ୍ଚାଙ୍ଗ ବ୍ୟକ୍ତିସତ୍ତା । 'ମୂଳିଆ' ନାଟକରେ ଅଶିକ୍ଷିତ ମୂଳିଆ ନନ୍ଦ ମଧ୍ୟ ନିଜ ସାନ ଭାଇ ରାଜୁକୁ ସର୍ବାନ୍ତକରଣରେ କ୍ଷମା କରିଦେଇଛି । ଏଠାରେ ଶିକ୍ଷିତ ରାଜୁଠାରୁ, ଅଶିକ୍ଷିତ ନନ୍ଦ ଚରିତ୍ରର ଉଦାରତା ହିଁ ପ୍ରକାଶିତ । 'ପରପୁରୁଷ'ର ବନାନୀ ମଧ୍ୟ ନାରୀଟିଏ ହୋଇ, ପତି ଶ୍ୟାମଳକୁ କ୍ଷମା କରି ନିଜର ସହନଶୀଳତାର ପରିଚୟ ବାଢ଼ିଛି । 'କିସ ପୁଣି ଦେଖା ନଯାଏ' ନାଟକରେ ନିଜ ପୁତ୍ର ରଜତର ଅବାଧ୍ୟତା ଏବଂ ବୋହୂ କାକଳୀର ଔଦ୍ଧତ୍ୟ ପ୍ରତି କ୍ଷମାଶୀଳ ହେବା, ବାହୁବଳେନ୍ଦ୍ରଙ୍କ ଭଳି ପିତାଙ୍କର ଉଦାର ବ୍ୟକ୍ତିତ୍ୱର ପରିଚାୟକ । ସର୍ବୋପରି ନିଜର ତିନିତିନିଟି ଶଳାଙ୍କ ଦ୍ୱାରା ଯାବତୀୟ ନିର୍ଯ୍ୟାତନାର ଶିକାର ହୋଇଥିବା 'ନରୋତ୍ତମ ଦାସ କହେ'ର ନରୋତ୍ତମ ଚରିତ୍ର ଭିତରେ ଲେଖକୀୟ ସତ୍ତାଟି ଏକାକାର ହୋଇଥିବା ସହଜରେ ଲକ୍ଷ୍ୟ କରାଯାଏ । ଦୋଷୀକୁ ଦଣ୍ଡିତ କରିବାଠାରୁ, ଦୋଷ ପ୍ରତି ସଚେତନ କରାଇବା ହୋଇଛି, ନାଟ୍ୟକାରଙ୍କର ପ୍ରମୁଖ ଉଦ୍ଦେଶ୍ୟ ।

ସମାଜ ଜୀବନରେ ବିନା ଦୋଷରେ ମଧ୍ୟ ବେଳେବେଳେ ବଜ୍ରପାତ ଘଟେ, ବିନା କାରଣରେ ମଧ୍ୟ କେତେକ ଅସୁବିଧା ସୃଷ୍ଟି ହୁଏ । ବେଳେବେଳେ କେତେକ ଖଳବୁଦ୍ଧି ସମ୍ପନ୍ନ ମଣିଷଙ୍କର ଖଳପଣ ଯୋଗୁଁ, ଅନେକ ଦୁର୍ଦ୍ଦଶା ଲକ୍ଷ୍ୟ କରାଯାଏ । ସମାଜରେ ସଜ ଗୋବରରେ ଅଂଶେଇ ବସେଇବା ସ୍ୱଭାବର ଅଭାବ ନାହିଁ । ନାଟ୍ୟକାର ଏଇ ସାମାଜିକ ସତ୍ୟଟିକୁ ତାଙ୍କର ନାଟକ ଗୁଡ଼ିକରେ ଦର୍ଶାଇଛନ୍ତି । 'ଭାଇଭାଉଜ' ନାଟକରେ ବିନା ଦୋଷରେ ମଧ୍ୟ କୁଚକ୍ରାନ୍ତର ଶିକାର ହୋଇ ଭାଇ ଜେଲ୍ ଯାଇଛି । ତା'ର ପତ୍ନୀ ପ୍ରତି ନିହାତି ଅନୁଗତ ଭାଇ, ଲକ୍ଷ୍ମଣର ପବିତ୍ରତା ନେଇ ତାକୁ ସୁରକ୍ଷା ଦେଇଛି । ହେଲେ ଭାଇଗ ଓ ଦୁଃଖୀ ମଧରେ ରହିଥିବା ପବିତ୍ର ସମ୍ପର୍କକୁ ଜନ ତୁଣ୍ଡରେ କଳୁଷିତ କରାଯାଇ ଦୁହିଁଙ୍କ ଚରିତ୍ର ସଂହାର କରାଯିବା ଦୁର୍ଭାଗ୍ୟର ବିଷୟ । ଅନୁରୂପ ଚିତ୍ର ପରିଲକ୍ଷିତ ହୋଇଥାଏ ନାଟକ 'ଘରସଂସାର'ର ବିନୋଦ ଏବଂ ଶାରଦା ଚରିତ୍ର ମଧରେ । 'ପରପୁରୁଷ'ରେ ଏଇ ପବିତ୍ର ସମ୍ପର୍କରେ ସନ୍ଦେହ

Digitized by srujanika@gmail.com

ପ୍ରବେଶ କରାଯାଇଛି ଶ୍ୟାମଳ ମାଧ୍ୟମରେ । ନିଜ ପତ୍ନୀ ପ୍ରତି ଘୋର ଅବିଶ୍ୱାସ, ପ୍ରକୃତରେ ଏଠାରେ ଶ୍ୟାମଳ ଚରିତ୍ରର ଦୁର୍ବଳତା ପ୍ରକାଶ କରିଥାଏ । ପରିବାର ଓ ଦାମ୍ପତ୍ୟ ଭିତରେ ଏଇ ଅଯଥା ସନ୍ଦେହହିଁ, ମଣିଷକୁ ଏବଂ ତା'ର ଜୀବନକୁ ବହୁଧା ବିକଳାଙ୍ଗ କରି ପକାଏ ।

ନାଟ୍ୟକାର ରାମଚନ୍ଦ୍ରଙ୍କ ନାଟକରେ ଆଧୁନିକତା ପ୍ରତି ଉପଯୁକ୍ତ ଦୃଷ୍ଟି ସଂପାତ କରାଯାଇଛି । ମାତ୍ର ଆଧୁନିକତା ନାମରେ ଯେଉଁଠାରେ ସାମାଜିକ ମୂଲ୍ୟବୋଧର ଅବକ୍ଷୟ ଦେଖାଦେଇଛି, ସେଠାରେ ନାଟ୍ୟକାର ମୁଖ୍ୟତଃ ତୀବ୍ର ଭାବରେ ଏହାର ସମାଲୋଚନା କରିଅଛନ୍ତି । ନୀତିଚ୍ୟୁତ, ଆଦର୍ଶହୀନ ଜୀବନ- ଜୀବନ ନୁହେଁ, ଏହା ଯଥାର୍ଥରେ ଜୀବନ୍ତ ମରଣ- ନାଟ୍ୟକାର ମାନବଜୀବନର ଏଇ ସନ୍ତୁଳିତ ଅବସ୍ଥାକୁ ଅନେକ କ୍ଷେତ୍ରରେ ପ୍ରଦର୍ଶନ କରାଇବାରେ ସଫଳତା ଲାଭ କରିଅଛନ୍ତି । ନାରୀଶିକ୍ଷା ଓ ନବ୍ୟଶିକ୍ଷା ପ୍ରତି ତାଙ୍କର ଅଭିଳାଷ ରହିଛି, ଅଥଚ ଶିକ୍ଷା ନାମରେ ସଂସ୍କାରହୀନତା, ସାମାଜିକ ସ୍ୱେରାଚାର ଓ ସ୍ୱେଚ୍ଛାଚାରକୁ ସେ ତୀବ୍ର ଭାବରେ ଘୃଣା କରିଛନ୍ତି ।

ବିଂଶ ଶତକରେ ରାଷ୍ଟ୍ରୀୟ ଆନ୍ଦୋଳନରେ ଶିକ୍ଷାର ବିକାଶ ସଂଘଟିତ ହେଲା । ଶିକ୍ଷା ପ୍ରସାର ସହିତ ନାରୀ ଶିକ୍ଷାର ବିକାଶ ପରିଲକ୍ଷିତ ହେଲା । ନାରୀ ଜାଗରଣର ପରିଣାମ ସ୍ୱରୂପ ଭାରତ ବର୍ଷରେ ପାଶ୍ଚାତ୍ୟ ସଭ୍ୟତା ପ୍ରତି ତୀବ୍ର ଆକର୍ଷଣ ଦେଖାଦେବା ଫଳରେ ଭାରତବର୍ଷର ପାରମ୍ପରିକ ବିଶ୍ୱାସ ଓ ଜୀବନ ଚଳଣିରେ କେତେକ ପରିବର୍ତ୍ତନ ମଧ୍ୟ ଆସିଲା । ବିବାହକୁ ନେଇ ରହିଆସିଥିବା ଯାବତୀୟ ନୈତିକ ବିଧାନ କ୍ରମଶଃ ପରିବର୍ତ୍ତିତ ହେଲା । ଫଳତଃ ସମାଜରେ ପାରମ୍ପରିକ ବିବାହ ରୀତି ସ୍ଥାନରେ ମୁକ୍ତ ପ୍ରେମ ଜନିତ ବିବାହ ସ୍ଥାନ ପାଇଲା । ଏହାର ପ୍ରତିକ୍ରିୟା ଘଟିଲା ଦାମ୍ପତ୍ୟଜୀବନର ରୁଗ୍ଣତା ଭିତରେ । ପାରିବାରିକ ଜୀବନରେ ରୁଗ୍ଣ ଦାମ୍ପତ୍ୟ ଏକ ସମସ୍ୟା ଆଣିଲା । ସମାଜ ସଚେତନ ଶିଳ୍ପୀ ରାମଚନ୍ଦ୍ର, ସାମାଜିକ ଜୀବନରେ ସଂଘଟିତ ଏଇ ସମସ୍ୟାଗୁଡ଼ିକୁ, ତାଙ୍କ ନାଟକରେ ସ୍ଥାନ ଦେଲେ । ବୈବାହିକ ଜୀବନର ସମସ୍ୟା ଗୁଡ଼ିକର ଚିତ୍ର ପ୍ରଦାନ କଲେ ତାଙ୍କର 'ଘର ସଂସାର', 'ମ୍ୟାନେଜର', 'ନରୋତ୍ତମ ଦାସ କହେ', 'ଗୋଧୂଳି ଲଗ୍ନ' ଏବଂ 'କିସ ପୁଣି ଦେଖା ନଯାଏ' ଇତ୍ୟାଦି ନାଟକରେ । ବୈବାହିକ ଜୀବନ ଏବଂ ତଜ୍ଜନିତ ସମସ୍ୟାର ଚିତ୍ରଗୁଡ଼ିକ ଏସବୁ ନାଟକରେ ବେଶ୍ ବାସ୍ତବାଶ୍ରୟୀ ଭାବରେ ହୋଇଛି ରୂପାୟିତ । ଏସବୁ ମାଧ୍ୟମରେ ବେଶ୍ୟାଳୟ ଗମନ, ଅବୈଧ ପ୍ରଣୟ, ନିଶାସେବନ ଇତ୍ୟାଦିର କୁତ୍ସିତ ପରିଣତି କିପରି ଭୟାବହ, ତାହା ଲେଖକ ଦର୍ଶାଇଅଛନ୍ତି ।

ଆଧୁନିକ ଶିକ୍ଷାର ପ୍ରସାର ଫଳରେ ଦେଶରେ ଶିକ୍ଷାର ଗୁଣାତ୍ମକମାନ ବୃଦ୍ଧି ପାଇବା ପରିବର୍ତ୍ତେ ବରଂ ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟିଛି । ଫଳତଃ ଶିକ୍ଷାପ୍ରାପ୍ତ ଯୁବକ, ଗ୍ରାମ୍ୟ ପରିବେଶରୁ ଦୂରେଇ ଯାଇ, ସହରୀ ସଭ୍ୟତାର ଚାକଚକ୍ୟ ଭିତରେ ଦିଶାହରା ହୋଇଛି । ଶିକ୍ଷିତା ଯୁବତୀ, ଆପଣାର ନାରୀ ଜୀବନର ମହାର୍ଘ ସଂପଦକୁ ହରାଇ ବସିଛି, ପୁଣି କେବେକେବେ ଶିକ୍ଷାର ବୃଥା ଅଭିମାନ ଭିତରେ ପୁତ୍ରକୁ ତା'ର ପିତା ଓ ପରିବାରଠାରୁ

Digitized by srujanika@gmail.com

ପୃଥକ କରିଛି । ମାତ୍ର ଏସବୁ ପ୍ରତି ଲେଖକ ବ୍ୟଙ୍ଗାତ୍ମକ ଦୃଷ୍ଟି ଦେଇ, ଏହାର ତୀବ୍ର ସମାଲୋଚନା କରିଅଛନ୍ତି । ପୁନଶ୍ଚ ଶିକ୍ଷିତମାନଙ୍କୁ ଗ୍ରାମାଭିମୁଖୀ କରାଇ, ସେ ନବସମାଜ ସଂଗଠନରେ ଏମାନଙ୍କୁ ନିୟୋଜିତ କରାଇଛନ୍ତି । ଭରତ, ଗୁଣ, ଗୋପ, ସୁର, ମାଧବ, ଜୟନ୍ତ ଓ ସବିତା ଇତ୍ୟାଦି ଚରିତ୍ରଗୁଡ଼ିକ ମାଧ୍ୟମରେ ସେ ଶିକ୍ଷାର ବାସ୍ତବ ଉପଯୋଗ ଘଟାଇବାର ସୁଯୋଗ ସୃଷ୍ଟି କରିଛନ୍ତି ।

ସମାଜ ଜୀବନର ପ୍ରତିଟି ସ୍ତରର ଚିତ୍ର ପ୍ରଦାନ କରି, ସୁସ୍ଥ ସାମାଜିକ ଜୀବନ ଗଠନ ନିମିତ୍ତ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିବା କ୍ଷେତ୍ରରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ପ୍ରତ୍ୟେକଟି ସୃଷ୍ଟି ସ୍ୱତନ୍ତ୍ର ଭାବରେ ତତ୍ପର । ତେଣୁ ତାଙ୍କର ସାମାଜିକ ଅଙ୍ଗୀକାରଟି ସବୁଠାରୁ ଦୃଢ ପ୍ରତ୍ୟୟ ସୃଷ୍ଟି କରିଥାଏ ।

କ-୪. ରାଜନୀତିକ ଦୃଷ୍ଟିଭଙ୍ଗୀ :

ସ୍ୱାଧୀନତା ସଂଗ୍ରାମୀ ଦଦେଇ ଗୋବିନ୍ଦ ମିଶ୍ରଙ୍କ ପ୍ରତ୍ୟକ୍ଷ ସମ୍ପର୍କ ଓ ଚମ୍ପାପୁରର ସେବାଶ୍ରମରେ କାର୍ଯ୍ୟଧାରାର ପ୍ରଭାବ ଫଳରେ ନାଟ୍ୟକାର ରାମଚନ୍ଦ୍ର ବାଲ୍ୟକାଳରୁ ହୋଇ ପଡିଥିଲେ ରାଜନୀତି ସଚେତନ । ପୁନଶ୍ଚ ଜୀବନରେ ଓକିଲାତି ବୃତ୍ତି ତଥା ପ୍ରତ୍ୟକ୍ଷ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ ହେତୁ, ରାଜନୀତି ସହିତ ସେ ଜଡ଼ିତ ହୋଇପଡିଥିଲେ । ରାଜନୀତିକ ଜୀବନରେ ଅନେକ ଘାଟନିକ ଚମକ ଏବଂ ସ୍ୱାଧୀନତା ପରବର୍ତ୍ତୀ ସମୟରେ ମୂଲ୍ୟବୋଧ ଭିତ୍ତିକ ରାଜନୀତିକ ଜୀବନର କ୍ରମକ୍ଷୟ ତଥା କ୍ଷମତା ରାଜନୀତିର ବିକଳ କ୍ଷମତାନିଶା, ରାମଚନ୍ଦ୍ରଙ୍କ ଭିତରେ ରାଜନୀତି ଚିନ୍ତନକୁ ନେଇ ପ୍ରତିକ୍ରିୟା ସୃଷ୍ଟି କରିଥିଲା । ଏଇହେତୁ, ଲେଖକ ତାଙ୍କର ଶେଷ ପର୍ଯ୍ୟାୟର ନାଟକ 'ମନ୍ତ୍ରୀଯୁଗ' ତଥା ଉପନ୍ୟାସ 'ସେଇ ଲକ୍ଷ୍ମୀପୁର'ରେ ରାଜନୀତିକ ଜୀବନର ଚିତ୍ର ଉତ୍ତୋଳନ କଲେ । 'ମନ୍ତ୍ରୀଯୁଗ' ସଂକଳନରେ ସ୍ଥାନିତ ହୋଇଥିବା ନାଟକ ତିନୋଟି ପୂର୍ବରୁ ବିଶେଷ କରି 'ନରୋତ୍ତମ ଦାସ କହେ' ନାଟକରେ ଅନ୍ତଃସାରଶୂନ୍ୟ ରାଜନୀତିର ଦୟନୀୟ ରୂପସତ୍ତା ପ୍ରକାଶ କରିବାରେ କ୍ଷମ ହୋଇଛନ୍ତି । 'ନରୋତ୍ତମ ଦାସ କହେ' ନାଟକରେ ସାନ ଶଳା ମାଧବର ଛାତ୍ର ଜୀବନରୁ ନେତୃତ୍ୱ ପ୍ରତି ଆଗ୍ରହ, କୃଷକ ଆନ୍ଦୋଳନରେ ସାମିଲ ଏବଂ ଶେଷରେ ପ୍ରତ୍ୟକ୍ଷ ରାଜନୀତିରେ ପ୍ରବେଶ ଇତ୍ୟାଦି ଘଟଣାମାନ ଦର୍ଶାଇ ଜଣେ ସାଧାରଣ ଶଠ ପ୍ରକୃତିର ମଣିଷ କ୍ଷମତା ରାଜନୀତିରେ କିପରି ମନ୍ତ୍ରୀ ହୋଇପାରେ ତାହା ଦର୍ଶାଯାଇଛି । ପୁନଶ୍ଚ ମଝିଆ ବୋହୂ ଲକ୍ଷ୍ମୀ ଦେବୀଙ୍କର ବ୍ୟବସାୟିକ ବୁଦ୍ଧି, ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିକୁ ଦାନ, ମାଧବର ନିର୍ବାଚନ ଖର୍ଚ୍ଚ ବହନ ଏବଂ ମାଧବ ଜିତିବା ପରେ 'ଲକ୍ଷ୍ମୀ ଟ୍ରେଡର୍ସ' ନିମିତ୍ତ ଅଯାଚିତ ରାଜନୀତିକ ଅନୁକମ୍ପା ପ୍ରାପ୍ତି ପ୍ରଭୃତି ଘଟଣାରେ ରାଜନୀତି ଏବଂ ବ୍ୟବସାୟର ଅସାଧୁମେଣ୍ଟ ସମ୍ପର୍କରେ ସ୍ପଷ୍ଟଚିତ୍ର ପ୍ରଦାନ କରିଥାଏ । ଚରିତ୍ରହୀନ ମାଧବ ଦ୍ୱାରା କୁମାରୀ କନ୍ୟାକୁ ଅନ୍ତଃସତ୍ତ୍ୱା କରି ମଧ ରାଜନୀତିରେ ଅଂଶ ଗ୍ରହଣ ଓ ନିର୍ବାଚନରେ ଜୟଲାଭ ପ୍ରଭୃତି ଘଟଣାରେ କଳୁଷିତ ଲୋକଙ୍କର ରାଜନୀତିକ ଜୀବନଧାରାର ସ୍ପଷ୍ଟ ଚିତ୍ର ହିଁ ସୂଚୀତ ।

Digitized by srujanika@gmail.com

'ମନ୍ତ୍ରୀଯୁଗ' ସଂକଳନରେ ସ୍ଥାନିତ ନାଟକ ତିନୋଟିରେ ରାଜନୀତିକ ସ୍ଥିତି ପ୍ରତି ନାଟ୍ୟକାର ତାର୍ଯ୍ୟକ ଓ ବ୍ୟଙ୍ଗାତ୍ମକ ଦୃଷ୍ଟି ପ୍ରକାଶ କରିଅଛନ୍ତି । 'ଆଶା ନିରାଶା'ରେ ନାଟ୍ୟକାର, ଜଣେ ସ୍ୱାଧୀନତା ସଂଗ୍ରାମୀ ସ୍ୱାଧୀନତା ପରବର୍ତ୍ତୀ ରାଜନୀତିରେ ପ୍ରବେଶ କରି କିପରି ଦୁର୍ନୀତିର ଗନ୍ତାଘର ପାଲଟିଯାଏ ଏବଂ କ୍ଷମତାରେ ରହିବା ପାଇଁ, କିପରି ଜନତା ଓ ଏକଦା ସହକର୍ମୀମାନଙ୍କୁ ପ୍ରତାରିତ କରିଥାଏ ତା'ର ନଗ୍ନ ଦୃଷ୍ଟାନ୍ତ ସୁବାସ ଚରିତ୍ର ମାଧ୍ୟମରେ ଦର୍ଶାଇ ଅଛନ୍ତି । କେବଳ ଟିକିଏ କ୍ଷମତାର ସ୍ୱାଦ ନିଃସ୍ୱାର୍ଥ ସମାଜ ସେବକକୁ, ସ୍ୱାର୍ଥାନ୍ଧ ରାଜନୀତିକ ମଣିଷରେ ପରିଣତ କରିପାରେ- ଏହା ନାଟ୍ୟକାର ସୁବାସ ମାଧ୍ୟମରେ ଦର୍ଶାଇଛନ୍ତି ।

'ଆଶା ନିରାଶା'ର ପରିବର୍ତ୍ତିତ ଓ ସାମାନ୍ୟ ପରିବର୍ଦ୍ଧିତ ରୂପରେଖ ହେଉଛି 'ମନ୍ତ୍ରୀ ଆସିବେ' । ଏଥିରେ ସଭାକୁ ମନ୍ତ୍ରୀ ଆସିବାର ଯୋଜନା କରାଇ ସଦାନନ୍ଦ ଓ ନିତ୍ୟାନନ୍ଦ ଭଳି ହୀନ ଚକ୍ରାନ୍ତକାରୀ ବ୍ୟକ୍ତିମାନେ କଳାବଜାରୀ ଓ ମୁନାଫାଖୋର ଏବଂ ଦୁର୍ନୀତିଗ୍ରସ୍ତ ଅଫିସରମାନଙ୍କ ଦୁର୍ନୀତି ଓ ଅନୈତିକ ଆଚରଣକୁ ପ୍ରଶ୍ରୟ ଦେଇ କିପରି ସ୍ୱାର୍ଥ ସାଧନରେ ପ୍ରମତ୍ତ, ତାହା ଦର୍ଶାଇଅଛନ୍ତି । ଏପରିକି ଚାରିତ୍ରିକ ସ୍ଖଳନର ଚରମସୀମାରେ ପହଞ୍ଚିଥିବା ଲୋକେ, ଏ ଦେଶର ରାଜନୀତିକ ମଞ୍ଚରେ ଛାମୁଆ ସାଜିବା ଭଳି କୁତ୍ସିତ ଅବସ୍ଥାକୁ ନାଟ୍ୟକାର ପ୍ରକାଶ କରିଅଛନ୍ତି । ଜନତା ଏଠାରେ ଭକୁଆ, ଟ୍ରକ୍‌ରେ ବୁହା ହୋଇ ଏମାନେ ସଭାକୁ ଆସନ୍ତି, ଗଣ୍ଡାଏ ଖାଆନ୍ତି ଓ ମଜୁରୀ ପାଆନ୍ତି- ଏଇମାନଙ୍କ ଉପସ୍ଥିତି ଦେଖାଇ ନେତାଏ ନିଜ ନିଜର ପତିଆରା ପ୍ରଦର୍ଶନ କରାନ୍ତି ।

'ଭୋଟ ସଂସାର' ସ୍ୱାଧୀନତା ପରବର୍ତ୍ତୀ ହୀନ ରାଜନୀତିର ଉତ୍ତମ ଦୃଷ୍ଟାନ୍ତ । ଯେଉଁମାନେ ଗ୍ରାମ ଛାଡ଼ି ସହରରେ ରହି ନେତାମାନଙ୍କୁ ପ୍ରଭାବିତ କରନ୍ତି, ସେମାନେ ଏଠାରେ ନେତୃତ୍ୱ ପାଇଁ ଦଳୀୟ ଟିକେଟ ପାଆନ୍ତି । ସହରରେ ଅବସ୍ଥାନ କରୁଥିବା ଓକିଲ ପତ୍ନୀ ଲିଲି ରାଉତରାୟଙ୍କ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀତ୍ୱ ଏହାର ନଗ୍ନ ନମୁନା । ପ୍ରନଷ୍ଟ ଗଣତନ୍ତ୍ରରେ ଗଣମତ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ହୁଏ ଉପେକ୍ଷିତ । ନିରୀହ ଓ ସରଳ ଗଣଙ୍କୁ ଧମକ ଦିଆଯାଏ । ସାମାନ୍ୟ କେତେଟା ଟଙ୍କା ଦେଇ ସେମାନଙ୍କ ମତାମତକୁ ପ୍ରଭାବିତ କରାଯାଏ । ଏପରିକି ବୁଥ୍ ଜବରଦଖଲ କରାଇ ନିଜର କ୍ଷମତା ବିସ୍ତାର କରାଯାଏ । ଏଥିପାଇଁ ସରକାରୀ କଳ ଏବଂ ପୋଲିସ୍‌ର ସହାୟତା ମିଳେ, ନ ହେଲେ ଭଡାଟିଆ ଗୁଣ୍ଡାକୁ ଡକାଯାଇ ହିଂସାତ୍ମକ ପନ୍ଥାର ଆଶ୍ରୟ ନିଆଯାଏ । ଜନମତକୁ ବିଭ୍ରାନ୍ତ କରିବା, ପ୍ରତିଦ୍ୱନ୍ଦୀଙ୍କୁ ଆଘାତ କରିବା, ଜବରଦସ୍ତ ଭୋଟ ଦେବା, ଭୋଟ ପୂର୍ବରୁ ବି.ଡି.ଓ.କୁ ଧରି ରାତାରାତି ରାସ୍ତା ନିର୍ମାଣ ଓ ନଳକୂପ ବସାଇ ଲୋକ ସେବାର ଛଳନା କରିବା ଭଳି ଦୃଶ୍ୟ ଓ ଲିଲି ରାଉତରାୟଙ୍କର ଭୋଟ ପ୍ରଚାର ଶୈଳୀ ଇତ୍ୟାଦିର ଚିତ୍ର ମାଧ୍ୟମରେ ଚଳନ୍ତି ରାଜନୀତିର ନଗ୍ନସତ୍ତାକୁ ନାଟ୍ୟକାର ବେଶ୍ ସାହସର ସହିତ ଉପସ୍ଥାପନ କରିବାରେ ଅସାମାନ୍ୟ ସଫଳତା ଲାଭ କରିଅଛନ୍ତି ।

Digitized by srujanika@gmail.com

କ-୫. ସାଂସ୍କୃତିକ ଜୀବନର ଶୁଦ୍ଧ ସେବକତ୍ୱ :

ଆଦର୍ଶ ଓ ନୀତିବାଦୀ ମଣିଷ ରାମଚନ୍ଦ୍ର ମିଶ୍ର ଥିଲେ ସଂସ୍କୃତିର ଉପାସକ ଓ ମହାଭାରତୀୟ ସଂସ୍କୃତିରେ ବିଶେଷ ଆସ୍ଥାବାନ । 'ବସୁଧୈବ କୁଟୁମ୍ବକଂ', 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ' ନୀତିରେ ସେ ଥିଲେ ସଂପୂର୍ଣ୍ଣ ବିଶ୍ୱାସୀ । ତେଣୁ ତାଙ୍କ ନାଟକରେ ସେ ସାଂସ୍କୃତିକ ଜୀବନର ଶୁଦ୍ଧତାକୁ ସୁରକ୍ଷା ଦେବା ନିମିତ୍ତ ଉଦ୍ୟମ କରିଛନ୍ତି । ପାରମ୍ପରିକ ସମାଜ ବ୍ୟବସ୍ଥା ଓ ସଂସ୍କୃତି ଉପରେ ଆଧୁନିକ ସଭ୍ୟତା ନାମରେ କୌଣସି ପ୍ରକାରର କୁଠାରାଘାତକୁ ସେ କେବେବି ସ୍ୱୀକାର କରିନାହାନ୍ତି । ତାଙ୍କ ମତରେ- ''ଆମ ଦେଶର ସମାଜ ବହୁ ପୁରୁଣା, ଯାର ଚେର ବହୁତ ତଳେ, ଯା ଉପରେ ବହୁତ ଝଡଝଞ୍ଜା ବହିଯାଇଛି, କିନ୍ତୁ ଯାର ସଂସ୍ଥା ଭୁଷୁଡ଼ି ପଡିନି, ସଭ୍ୟତା ନୁହେଁ, କିମ୍ବା ଏତେଦିନର ପୁରୁଣା ସଂସ୍ଥାକୁ ଭାଙ୍ଗି, ଆମର ଏଇ ସାଧାରଣ ସଭ୍ୟତା ଛାଞ୍ଚରେ ନୂଆ କରି ଗଢାଯାଇ ନପାରେ ।'' (ଭାଇଭାଉଜ-ପଦେଅଧେ)

ସଂସ୍କୃତିର ପ୍ରେକ୍ଷାପଟରେ ସମୟ ବିଶେଷରେ ଆସିଥିବା ପରିବର୍ତ୍ତନ ଗୁଡ଼ିକୁ ନାଟ୍ୟକାର ଅତ୍ୟନ୍ତ ସତର୍କତାର ସହିତ ଲକ୍ଷ୍ୟ କରିଅଛନ୍ତି, ସଂସ୍କୃତିର ଦୋଳାୟମାନ ଅବସ୍ଥାରେ ସେ ନୂଆ ଭରକେନ୍ଦ୍ର ରୂପେ କେତୋଟି ଆଦର୍ଶ ଆଣି ଉପସ୍ଥାପନ କରିଛନ୍ତି । ସଂସ୍କୃତି ବିକଳ ହୋଇଗଲେ, ତାକୁ ସୁଧାରିବା କଷ୍ଟ । ତେଣୁ ସଂସ୍କୃତିକୁ ସୁରକ୍ଷିତ କରିବା ନିମିତ୍ତ ସେ ଯେମିତି ବଦ୍ଧ ପରିକର ଥିଲେ । ସେ ସାମ୍ୟ ଓ ମୈତ୍ରୀର ସ୍ୱପ୍ନ ଦେଖିଛନ୍ତି । ତେଣୁ ତାଙ୍କ ନାଟକରେ ଜଜ୍ ସାହେବ, ସବିତା ଏବଂ ଭରତ ପ୍ରଭୃତି ଚରିତ୍ର ମାଧ୍ୟମରେ ପ୍ରକାଶ ପାଇଛି ସଂସ୍କୃତିର ମହାନବାର୍ତ୍ତା । 'ଭାଇଭାଉଜ'ରେ ମହୀ ଓ ଭାଇଗର ସଂପର୍କ ଭିତରେ ରାମ-ଲକ୍ଷଣର ଘନିଷ୍ଠ ବିଶ୍ୱାସ ସଂରକ୍ଷିତ ହୋଇଛି । 'ଚାବୁକ୍' ନାଟକରେ ଅନୁତପ୍ତ ଜୟନ୍ତ ମୈତ୍ରୀ ମହଲ ଆନୁକୂଲ୍ୟରେ ନୂତନ ସମାଜ ଗଠନର ସ୍ୱପ୍ନହିଁ ଦେଖିଛନ୍ତି । 'ସର୍ବେ ଭବନ୍ତୁ ସୁଖୀନଃ'- ଏହା ଯେମିତି 'ସାଇପଡ଼ିଶା' ନାଟକର ମର୍ମବାଣୀ ରୂପେ ପ୍ରକାଶ ପାଇଛି । ମୂଲ୍ୟବୋଧର ପୁନରୁଦ୍‌ଥାନ ନିମିତ୍ତ ଜାଗ୍ରତ ପ୍ରହରୀ ସାଜିଛନ୍ତି 'ଘରସଂସାର' ନାଟକର ମୁଖ୍ୟ ଚରିତ୍ର ଗୋପ ଚୌଧୁରୀ । 'ନରୋତ୍ତମ ଦାସ କହେ'ରେ ନରୋତ୍ତମ ହିଁ ପରମ୍ପରାର ସେବକ, ରୂପେ ଅପମାନିତ ଓ ଲାଞ୍ଛିତ ହେଲେ ମଧ୍ୟ, କେଉଁଠାରେ ହେଲେ ଆପଣାର ମୂଲ୍ୟବୋଧ ଭିତ୍ତିକ ଜୀବନ ଧାରାରୁ ବିଚ୍ୟୁତ ହୋଇନାହାନ୍ତି ।

ବ୍ୟକ୍ତି ଚରିତ୍ରର ତ୍ୟାଗ, ଆଦର୍ଶ, ବିଶ୍ୱାସନୀୟତା ଉପରେ ନାଟ୍ୟକାର ଗୁରୁତ୍ୱ ଆରୋପ କରିଛନ୍ତି । ପ୍ରଥମେ ଘର ସଜାଡିବା ଦରକାର, ପରେ ବାହାର। 'ଆପେ ଭଲ ହେଲେ ସଂସାରଭାଲ'- ଏଇ ନ୍ୟାୟରେ ଆଗେ ପାରିବାରିକ ଜୀବନର ଶୃଙ୍ଖଳା ଦରକାର । ଗୋପ ଏ ସଂପର୍କରେ କହିଛନ୍ତି- ''ମୁଁ ଆଗ ନିଜ ଘରକୁ ନ ସଜାଡ଼ି, ବାହାରଟାକୁ ସଜାଡ଼ିବାରେ ଲାଗିଥିଲି, ସେଇଟା ମୋରି ଭୁଲ୍ । ମତେ ଆଗେ ମୋ ନିଜ ଘର ସଜାଡ଼ିବାକୁ ହେବ''- (ଘରସଂସାର-ପୃଷ୍ଠା-୧୦୩) ମନେହୁଏ ଗୋପ ଘରସଂସାରର କଳ୍ପିତ ଚରିତ୍ର ନୁହେଁ,

Digitized by srujanika@gmail.com

ଓଡ଼ିଆପ୍ରାଣ ଦରଦୀ ଉତ୍କଳମଣି ଗୋପବନ୍ଧୁଙ୍କର ଚଣ୍ଡିପୁର ଅବତାର ସେ । କାରଣ ତା'ଭିତରେ ଉତ୍କଳମଣିଙ୍କ ଭଳି ପ୍ରକାଶ ପାଇଛି ବିଶ୍ୱବାଦୀ ଭାବନା- ''ଏଇ ସଂସାରକୁ ମୁଁ ମୋର ଘର କରି ନେଇଛିରେ, ମତେ ଆଉ କେହି ତମେ ବାଧା ଦିଅନା । ସେବା ଧର୍ମ ଯେ ମୋ ଜୀବନର ବ୍ରତ ।'' (ଘରସଂସାର-ପୃଷ୍ଠା-୪୭)

ଘର ଗଢିବା ପାଇଁ ପ୍ରଥମେ ଦାମ୍ପତ୍ୟ ଜୀବନର ସୁସ୍ଥତା ଆବଶ୍ୟକ । ଦାମ୍ପତ୍ୟର ପବିତ୍ରତା ବିବାହବନ୍ଧନ ଦ୍ୱାରା ଆସେ, ପତି-ପତ୍ନୀର ପାରସ୍ପରିକ ସ୍ନେହ-ପ୍ରେମ ଓ ବିଶ୍ୱାସ ଦ୍ୱାରା ଏହା କ୍ରମେ ସୁଦୃଢ ହୋଇପାରେ । ନାଟ୍ୟକାର ତାଙ୍କର ଅନେକ ନାଟକରେ ସୁଖମୟ ଦାମ୍ପତ୍ୟ ଓ ପତ୍ନୀର ପାତିବ୍ରତ୍ୟ ଉପରେ ଗୁରୁତ୍ୱ ଦେଇଛନ୍ତି । ଜମିଦାର ଘରର ଉଚ୍ଚଶିକ୍ଷିତା ଅଲିଅଳ କନ୍ୟା ଶାରଦା, ଗୋପକୁ ବିବାହ କରିବା ପରେ, ପତି ପରମେଶ୍ୱର ରୀତିରେ ସ୍ୱାମୀ ଗୋପଙ୍କର ପ୍ରତ୍ୟେକଟି କାର୍ଯ୍ୟକୁ ଆଗ୍ରହର ସହିତ ଗ୍ରହଣ କରି ନେଇ ଦର୍ଶାଇଛି- ''ହିନ୍ଦୁ ନାରୀର ସ୍ୱାମୀ ଘର ସ୍ୱର୍ଗ, ମତେ ସେ ସୁଖରୁ ବଞ୍ଚିତ କରନା ।'' (ଘରସଂସାର) ଶାରଦା ଭଳି ଶିକ୍ଷିତା ନ ହେଲେ ମଧ୍ୟ, ଶାରଦା ଆଦର୍ଶର ଦୁଇଟି ସ୍ୱତନ୍ତ୍ର ଛାଞ୍ଚ ହେଲେ 'ଭାଇଭାଉଜ'ର ମହୀ ପଧାନ ସ୍ତ୍ରୀ ଦୁଃଖୀ ଏବଂ ମୂଲିଆର ନନ୍ଦ ସ୍ତ୍ରୀ ବା କୁନିବୋଉ । ଅଶିକ୍ଷିତା ହେଲେ ମଧ୍ୟ ଏ ଦୁହିଁଙ୍କ ଭିତରେ ସେଇ ସଂସ୍କାରିତ ନାରୀତ୍ୱର ଛାପ ସ୍ପଷ୍ଟ । ହିନ୍ଦୁ ନାରୀ ନିକଟରେ ତା'ର ସ୍ୱାମୀ ହେଉଛି ସର୍ବସ୍ୱ । ସେଇଭଳି ପ୍ରମୁଖ ଗୁଣବନ୍ତାକୁ, ନାଟ୍ୟକାର 'ପରପୁରୁଷ'ର ବନାନୀ ଏବଂ 'ନରୋତ୍ତମ ଦାସ କହେ'ର 'ଭାରତୀ' ଚରିତ୍ର ମାଧ୍ୟମରେ ପ୍ରକାଶ କରିଅଛନ୍ତି । ଉଚ୍ଚଶିକ୍ଷିତା ବନାନୀ କିରାଣୀ ଶ୍ୟାମଳକୁ ବିବାହ କରି, ତା'ଠାରେ ଚରମ ବିଶ୍ୱସନୀୟତା ସ୍ଥାପନ କରିଛି । ଶ୍ୟାମଳ ପ୍ରତି ତା'ର ଆନ୍ତରିକତା କେବେ ବି ଊଣା ପଡ଼ିନାହିଁ । ବନାନୀର ପୁନଃବିବାହ ନିମିତ୍ତ ପ୍ରସ୍ତାବ ଆଗତ ହେବା ପରେ ବନାନୀ ଦୃଢ ଭାବରେ ଏହାର ପ୍ରତିବାଦ କରି କହିଛି- ''ସେ ଯାହା ହୁଅନ୍ତୁ, ସେ ମୋର ସ୍ୱାମୀ । ବିବାହ ବେଦୀ ଉପରେ ଅଗ୍ନିଙ୍କୁ ସାକ୍ଷୀ ରଖି, ମୋରି ହାତ ଉପରେ ହାତ ରଖି, ମନ୍ତ୍ର ଉଚ୍ଚାରଣ କରି ସେ ଯେଉଁ ଶପଥ ନେଉଥିଲେ, ତା' ହୁଏତ ସେ ଲଙ୍ଘନ କରିପାରନ୍ତି, ହେଲେ ମୁଁ କାହିଁକି ଜାଣିଶୁଣି ଲଙ୍ଘନ କରିବି । (ପରପୁରୁଷ) ମାଧବ ଦ୍ୱାରା ପ୍ରତାରିତା ହୋଇଛି ଭାରତୀ । ମାଧବ ତାକୁ ପତ୍ନୀ ଭାବରେ ଗ୍ରହଣ କରିବାକୁ ସ୍ୱୀକାର କରୁନାହିଁ । ଏଇଭଳି ଅବସ୍ଥାରେ ଜନ୍ମିତ ସନ୍ତାନକୁ ବଡ଼ ଯା' ଲକ୍ଷ୍ମୀଙ୍କୁ ଦେଇସାରି, ଆତ୍ମହତ୍ୟା କରିଛି ଭାରତୀ । ଦୃଢ ଭାବରେ ତା' କଣ୍ଠରୁ ଶୁଣାଯାଇଛି- ''ଏ ଜନମରେ ନ ହେଲେ ଆର ଜନମରେ ତ ମିଳିବ ?'' (ନରୋତ୍ତମ ଦାସ କହେ)

ସାମଗ୍ରିକ ପ୍ରଚେଷ୍ଟା ଓ ସାହଚର୍ଯ୍ୟ ଭିତରେ ଗଢି ଉଠେ ସଂସାର, ପରିବାର ଏବଂ ସମାଜ । ଏଠାରେ ସବୁରି କିଛି ନା କିଛି ତ୍ୟାଗ, ଆଦର୍ଶ, ନିଷ୍ଠା ରହିବା ଆବଶ୍ୟକ । ଭାଇ ଭାଇରେ ଅମେଳ ହେଲେ ଘର ଭାଙ୍ଗିଯାଏ । ଯୌଥ ପରିବାର ଧ୍ୱଂସ ପାଇଯିବା ଆମ ସଂସ୍କୃତିର ପରିଚାୟକ ନୁହେଁ । ଭାଇଭାଇର ସମ୍ପର୍କକୁ ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ତାଙ୍କର

Digitized by srujanika@gmail.com

ଅନେକ ନାଟକରେ ପ୍ରକାଶ କରିଅଛନ୍ତି । 'ଭାଇଭାଉଜ'ରେ ମହୀ ଓ ଭାଇଗ- 'ଘରସଂସାର'ରେ ଗୋପ ଓ ବିନୋଦ, 'ମୂଳିଆ'ରେ ନନ୍ଦ, ରାଜୁ ଓ ନବ ଏବଂ 'ନରୋତ୍ତମ ଦାସ କହେ' ନାଟକରେ ମି.ଦାସ, ଯାଦବ ଦାସ ଓ ମାଧବ ଦାସ- ଭାଇଭାଇର ସଂପର୍କ ନେଇ ଛିଡ଼ା ହୋଇଛନ୍ତି । ନନ୍ଦ ଓ ଗୋପ ଦୁଇ ଆଦର୍ଶ ବଡ଼ଭାଇ ଯେଉଁ ଦୁଇଜଣ ଜୀବନରେ ନିଜର କର୍ତ୍ତବ୍ୟ ଏବଂ ସହନଶୀଳତାର ଶୀର୍ଷରେ ପହଞ୍ଚିଛନ୍ତି । ସାନଭାଇ ଭାବରେ ଭାଇଗର ତ୍ୟାଗ, ପ୍ରକୃତରେ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ସେଇପରି ଭାବରେ ଗୋପଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ବିନୋଦ, ନିଜର ଉଚ୍ଛୃଙ୍ଖଳିତା ପତ୍ନୀ ଅନିମାକୁ ମାଡ଼ ମାରି ଶାସନ କରିଛି । ଏପରିକି ଅନିମା ଆତ୍ମହତ୍ୟା କରିବାକୁ ଯିବାବେଳେ, ସେ ତାକୁ ବାରଣ କରିନାହିଁ । ବିନୋଦ ବୁଝିଛି, ଅନିମା ଗୋଟାଏ ବିଷକୀଟ, ବରଂ ତାକୁ ବାଦ ଦେଇ ଦେଲେ, ପରିବାରଟାରେ ଶାନ୍ତି-ସନ୍ତୋଷ ଦେଖାଦେବ ।

ପାଶ୍ଚାତ୍ୟ ସଂସ୍କୃତିର ବ୍ୟାପକ ପ୍ରଭାବ ଫଳରେ ଆମର ପାରମ୍ପରିକ ସାଂସ୍କୃତିକ ଜୀବନରେ ଅନେକ ଦୁଃଖ-ଯନ୍ତ୍ରଣା ଦେଖାଦେଇଛି । ପାଶ୍ଚାତ୍ୟ ସଂସ୍କୃତିର ବଶବର୍ତ୍ତୀ ହୋଇ ଅନେକ ଚାକଚକ୍ୟପୂର୍ଣ୍ଣ ସହରୀ ସଭ୍ୟତା ଆଡ଼କୁ ଧାଇଁଛନ୍ତି, ଏହାର ମାୟାଲୋକରେ ଝଲସି ଯାଇଛି କେତେକଙ୍କର ଆଖି । କିନ୍ତୁ ପରକ୍ଷଣରେ ଏମାନଙ୍କ ଭିତରେ ଜ୍ଞାନୋଦୟ ଘଟିଛି, ଏମାନେ ଏଣିକି ସଚେତନ ହୋଇଛନ୍ତି । ସ୍ଥଳ ବିଶେଷରେ ତୀବ୍ର ଅପମାନ ଓ ଲାଞ୍ଛନା ଭିତରେ, ନିଜ ନିଜର ତ୍ରୁଟିକୁ ହୃଦୟଙ୍ଗମ କରିଛନ୍ତି । ନାଟ୍ୟକାର ରାମଚନ୍ଦ୍ର ତାଙ୍କର କେତେକ ନାଟକରେ ଏସବୁର ଚିତ୍ରଣ କରିଅଛନ୍ତି- ମି.ବର୍ମା, ଶ୍ୟାମଳ, ମି.ନାୟକ, ବିଜୟ, ଅନିମା, ସୁମିତ୍ରା, ମିସେସ୍ ରାୟ, ମିସ୍ ରାୟ, କଳ୍ପନା, ବନ୍ଦନା ଏବଂ କାକଳୀ ଇତ୍ୟାଦି ଚରିତ୍ର ମାଧ୍ୟମରେ । ଆଧୁନିକତା ନାମରେ ଏମାନେ ପାରମ୍ପରିକ ସଂସ୍କୃତି ବିମୁଖ ହୋଇଛନ୍ତି । ଚରିତ୍ର ଗଠନ ପ୍ରତି ଦୃଷ୍ଟି ନ ଦେଇ ବରଂ ପାଶ୍ଚାତ୍ୟାଭିମୁଖୀ ହୋଇଛନ୍ତି । ଫଳତଃ ଗୃହର ପରିଧିରୁ ବାହାରି ଏଇ ଆଧୁନିକ ଓ ଆଧୁନିକାମାନେ ପରନାରୀ ଓ ପରପୁରୁଷ ସହିତ ଅବାଧ ମିଳାମିଶା କରନ୍ତି । ନୃତ୍ୟ-ଗୀତ ଓ ପାନୀୟ ଏମାନଙ୍କ ଚିତ୍ତ ବିନୋଦନର ପ୍ରମୁଖ ବିଭବ, ଯାହାକୁ ଲେଖକ ତୀବ୍ର ଭାବରେ ବ୍ୟଙ୍ଗ କରିଛନ୍ତି ।

ନାରୀ ନାରାୟଣୀ, ସେ ନରକର ଦ୍ୱାର ନୁହେଁ । ସେ ଜାୟା, ପତ୍ନୀ ସେ, ସେ ଜନନୀ ରୂପେ ସନ୍ତାନ ବାତ୍ସଲ୍ୟ ପ୍ରଦର୍ଶନ କରେ । ମାତ୍ର ଆଧୁନିକ ନାରୀଠାରେ ଏଇ ବାତ୍ସଲ୍ୟର ଘୋର ଅଭାବ ଦେଖାଦେଇଛି । 'ନରୋତ୍ତମ ଦାସ କହେ'ର ବନ୍ଦନା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ବନ୍ଦନା ନିନ୍ଦନୀୟା, କାରଣ ସେ ପରପୁରୁଷ ଶ୍ୟାମଳ ସହିତ ଅବାଧ ମିଳାମିଶା କରେ, ପୁଣି ନିଜ ପିଲାମାନଙ୍କୁ ନିଜ ପାଖରୁ ଅନ୍ତର କରାଇ ଜୀବନକୁ ଭୋଗ କରାଇବାକୁ ଚାହେଁ । ଅପରପକ୍ଷରେ ଅଶିକ୍ଷିତା ହେଲେ ମଧ୍ୟ 'ମୂଳିଆ'ର ବଡ଼ବୋହୂ, ଦିଅର ରାଜୁର ପାଠପଢ଼ା ନିମିତ୍ତ ନିଜ ହାତରୁ ଅଳଙ୍କାର କାଢ଼ି ଦେଇଛି । ଏଇ ତ୍ୟାଗର ପୃଷ୍ଠଭୂମି ଉପରେ ଲେଖକଙ୍କ ଅନେକ ଚରିତ୍ର ଦଣ୍ଡାୟମାନ । ପାଶ୍ଚାତ୍ୟ ଶିକ୍ଷା ପ୍ରତି ଲେଖକଙ୍କର କୌଣସି ଅନାଦର ନାହିଁ,

Digitized by srujanika@gmail.com

ମାତ୍ର ଏଥିରେ ଜଡ଼ିତ କିଛି ଲୋକଙ୍କର ହେୟ ମନୋବୃତ୍ତି ହିଁ ଦୁଃଖର କାରଣ ବୋଲି ମନେହୁଏ । ତଥାପି ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ଚରିତ୍ର ଭାବରେ ଗୋପ, ବିନୋଦ, ଭରତ, ଜଜ୍ ସାହେବ, ଶାରଦା, ସବିତା ଏବଂ ବନାନୀ ପ୍ରଭୃତି ଚରିତ୍ର ମାଧ୍ୟମରେ ଲେଖକ ଏକ ସାଂସ୍କୃତିକ ଜାଗରଣର ବାର୍ତ୍ତା ପ୍ରକାଶ କରିଅଛନ୍ତି । ଆପଣାର ଐତିହ୍ୟ, ସଂସ୍କୃତି ଏବଂ ପରମ୍ପରା ପ୍ରତି ଏମାନଙ୍କର ଆନୁଗତ୍ୟ ଓ ସମ୍ମାନବୋଧ, ଏମାନଙ୍କୁ ବଡ଼ କରି ରଖିଛି । ଏଇଭଳି ଭାବରେ ଲେଖକ, ତାଙ୍କ ନାଟ୍ୟ ସଂପଦରେ ସଂସ୍କୃତିର ସଚର୍କ ପ୍ରହରୀ ଭାବରେ ବେଶ୍ ସଚେତନତା ଆଣିପାରିଛନ୍ତି ।

ଦୟା-କ୍ଷମା-ଶାନ୍ତି-ମୈତ୍ରୀ-ପ୍ରୀତି-ପ୍ରତ୍ୟୟ- ଏସବୁ ଆମ ସାଂସ୍କୃତିକ ଜୀବନର ଗୋଟିଏ ଗୋଟିଏ ଆଦର୍ଶ । ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ତାଙ୍କ ନାଟକ ଗୁଡ଼ିକରେ ଏସବୁର ବ୍ୟବସ୍ଥିତ ରୂପ ପ୍ରଦାନ କରିଛନ୍ତି । ତାଙ୍କ ନାଟକରେ ଅନେକ ଖଳ ଚରିତ୍ର ଅଛନ୍ତି, ମାତ୍ର ସେମାନଙ୍କ ଖଳତା ନେଇ ସେମାନଙ୍କୁ କୌଣସି ଦଣ୍ଡ ନ ଦେଇ ବରଂ ପାରିପାର୍ଶ୍ୱିକ ପରିସ୍ଥିତିର ତାଡ଼ନାରେ କ୍ଷମା କରିଦେଇଛନ୍ତି । କ୍ଷମା ଭଳି ମହନୀୟ ଗୁଣ ଦ୍ୱାରା, ଦୋଷୀକୁ କ୍ଷମା କରି ସେ ଭାରତୀୟ ସଂସ୍କୃତିର ମହନୀୟ ଆଦର୍ଶର ଜୟଜୟକାର କରିଛନ୍ତି । ଯୋଗୀ ସାଉକାର, ଶ୍ୟାମଳ, ମାଧବ ପ୍ରଭୃତି ଚରିତ୍ର ପ୍ରତି କ୍ଷମା ଆଚରଣ କରି ଆମ ସଂସ୍କୃତିର ମହନୀୟତା ସେ ପ୍ରକାଶ କରିଅଛନ୍ତି ।

ଖ. ରାମଚନ୍ଦ୍ରଙ୍କ ନାଟ୍ୟକଳାର ଶିଳ୍ପ ପ୍ରବିଧି

ନାଟକ ପ୍ରୟୋଗ ପ୍ରଧାନ କଳା, ଏଥିପାଇଁ ଏଥିରେ ସକଳ ଦୃଶ୍ୟ, ସବୁସ୍ତରର ଚରିତ୍ରକୁ ଅନ୍ତର୍ଭୁକ୍ତ କରାଯାଏ । ସାହିତ୍ୟର ଅନ୍ୟାନ୍ୟ ବିଭାଗଠାରୁ ଏହାର ସ୍ୱାତନ୍ତ୍ୟ ଏଇ ପ୍ରତ୍ୟକ୍ଷ ଉପସ୍ଥାପନରେ । ନାଟକରେ ଅନେକ ଉପାଦାନ । କାହାଣୀ, ଚରିତ୍ର, ସଂଳାପ, ସଙ୍ଗୀତ, ଦ୍ୱନ୍ଦ୍ୱ, ଉତ୍କଣ୍ଠା ଓ ମଞ୍ଚକୌଶଳ- ଏସବୁ ନାଟକ ଶିଳ୍ପର ଏକ ଏକ ବଳିଷ୍ଠ ଉପାଦାନ । ନାଟ୍ୟକାର ରାମଚନ୍ଦ୍ର ମିଶ୍ର ତାଙ୍କ ରଚିତ ନାଟକ ଗୁଡ଼ିକରେ ଏସବୁ ଉପାଦାନ ଗ୍ରହଣ କରିଛନ୍ତି ଏବଂ ଉନ୍ନତ ଶିଳ୍ପରୀତିରେ ଗୋଟିଏ ପରେ ଗୋଟିଏ ନାଟକ ସୃଷ୍ଟି କରି ଦର୍ଶକୀୟ ମନୋଭୂମିକୁ ଆନନ୍ଦିତ କରିଛନ୍ତି । ନାଟ୍ୟ ପ୍ରକରଣ ପ୍ରତି ଦୃଷ୍ଟିପାତ କରିବାକୁ ହେଲେ, ଏସବୁ ପ୍ରତି ଧ୍ୟାନଶୀଳ ହେବା ଗୁରୁତ୍ୱପୂର୍ଣ୍ଣ ମନେହୁଏ ।

ଖ-୧. କାହାଣୀ କଳା :

ରାମଚନ୍ଦ୍ର ମିଶ୍ରଙ୍କର ନାଟ୍ୟଶିଳ୍ପରେ କାହାଣୀ ଗୁଡ଼ିକ ଆଦର୍ଶବୋଧର ବଳିଷ୍ଠ ଭାବଭୂମି ଉପରେ ଆଧାରିତ । ପଲ୍ଲୀଜୀବନ ଠାରୁ ନଗରଜୀବନ ପର୍ଯ୍ୟନ୍ତ ତାଙ୍କ କାହାଣୀର ଧାରା ପ୍ରଲମ୍ବିତ । କାହାଣୀ ଭିତରେ ସେ ଅନେକ ଚରିତ୍ର ଆଣିଥାନ୍ତି ଏବଂ ଚରିତ୍ରମାନଙ୍କ ଦ୍ୱାରା କାହାଣୀକୁ କେଉଁଠି ସହଜ ତ କେଉଁଠି ଦ୍ୱନ୍ଦ୍ୱମୁଖର କରି ଗତିଶୀଳ କରାଇଥାନ୍ତି । ତେବେ

Digitized by srujanika@gmail.com

ତାଙ୍କ ନାଟ୍ୟ କାହାଣୀରେ ସାମାଜିକ ଜୀବନଧାରା, ପଲ୍ଲୀର କୃଷିଭିତ୍ତିକ ଚଳଣି, ନଗରର ଶିଳ୍ପସଭ୍ୟତା, ବିଶେଷତଃ ମାଲିକ ମୂଲିଆର ସଂଘର୍ଷର ଚିତ୍ର, ରାଜନୀତିକ ଚିତ୍ର ଏବଂ ସାମାଜିକ ସମସ୍ୟାଭିତ୍ତିକ ଚିତ୍ର ହୋଇଛି ରୂପାୟିତ । ପ୍ରାୟ କାହାଣୀଗୁଡ଼ିକର ଶେଷ ପର୍ଯ୍ୟାୟଟି ମିଳନର ମଧୁରାଗରେ ସମାପ୍ତ ହୋଇଥାଏ । କାହାଣୀ ଭିତରେ, ସେ ଗୋଟିଏ ଗୋଟିଏ ବାର୍ତ୍ତା ପ୍ରକାଶ କରିଛନ୍ତି । ଗଭୀର ମାନବିକ ସଂପ୍ରୀତି, ତ୍ୟାଗ, ଆଦର୍ଶର ପୃଷ୍ଠଭୂମି ଉପରେ, ପ୍ରାୟ ତାଙ୍କ ନାଟ୍ୟ କାହାଣୀଗୁଡ଼ିକ ଗତିଶୀଳ ହୋଇଛି । ବେଳେବେଳେ ନାଟ୍ୟ-କାହାଣୀ ଗୁଡ଼ିକରେ ଆଦର୍ଶ ଓ ବାସ୍ତବତାର ସଂଘର୍ଷ ମଧ ପରିଲକ୍ଷିତ ହୋଇଛି । କୃଷି, ବ୍ୟବସାୟ, ଚାକିରି ଏବଂ ରାଜନୀତି ଇତ୍ୟାଦିକୁ ନେଇ ତାଙ୍କ ନାଟକର କାହାଣୀ ଗତିଶୀଳ । ତେବେ ସୁନ୍ଦର କାହାଣୀ-ଗ୍ରଥନ-କଳା ମଣ୍ଡିତ ତାଙ୍କ ନାଟ୍ୟକାହାଣୀରେ ସେ ଯେ କୌଣସି ବାର୍ତ୍ତା ପ୍ରକାଶ କରି ମନୋରଞ୍ଜନ ଭିତରେ ଲୋକଶିକ୍ଷା ପ୍ରକାଶ କରିଥାଆନ୍ତି । ସମାଜ ଜୀବନର ଅଭିଜାତ ବର୍ଗ, ନବ୍ୟଶିକ୍ଷିତ, ରୟତର ଦୁରବସ୍ଥା, ଗ୍ରାମ୍ୟ ଟାଉଟରମାନଙ୍କର କୁଟିଳ ଆଚରଣ ଇତ୍ୟାଦି ପ୍ରତ୍ୟେକଟି ବିଭାଗ ପ୍ରତି ତାଙ୍କ କାହାଣୀର ଦୃଷ୍ଟି ସଂପ୍ରସାରିତ । ଗ୍ରାମ୍ୟ ଓ ନଗର ସଭ୍ୟତାର ସଂଘର୍ଷ, ରାଜନୀତିକ ଶଠତା ଇତ୍ୟାଦି ବିଷୟଗତ ବିବିଧତାରେ ତାଙ୍କ କାହାଣୀ-କଳାର ଚମତ୍କାରିତା ପରିଲକ୍ଷିତ ହୋଇଥାଏ । କାହାଣୀ କଳାରେ ପ୍ରକାଶିତ ସ୍ଥାନ ଓ ଘଟଣା ଗୁଡ଼ିକ ସମଗ୍ର ଓଡ଼ିଶାରେ ସଂଘଟିତ ହୋଇଥିବା ମନେହୁଏ, ବୋଧହୁଏ ଓଡ଼ିଶା ଭିତରେ କାହାଣୀ କଳାର ସମ୍ଭାବ୍ୟ ବାସ୍ତବତା ପ୍ରତି ତାଙ୍କର ଆନ୍ତରିକତତା, ଓଡ଼ିଶା ପ୍ରତି ରହିଥିବା ଅସାଧାରଣ ମମତ୍ୱବୋଧର ପ୍ରକାଶକ ।

ସୁସ୍ଥ ପାରିବାରିକ ଜୀବନ (ଅଭିମାନ), କୃଷିଭିତ୍ତିକ ପଲ୍ଲୀର ସଂବୃଦ୍ଧି (ମ୍ୟାନେଜର) ଗ୍ରାମ୍ୟ ମହାଜନର ଶୋଷଣ ଓ ପୀଡନ (ମୂଲିଆ), ଶୋଷଣମୁକ୍ତ ସଂସ୍କାରକାମୀ ସମାଜ ବ୍ୟବସ୍ଥା (ଘରସଂସାର), ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତିଷ୍ଠା ତଥା ପଡ଼ିଶା ପ୍ରତି ସହନଶୀଳତା (ସାଇପଡ଼ିଶା), ନିଃସ୍ୱାର୍ଥ ଦେଶସେବା (ମଉଡ଼ମଣି), ଦୁଇ ଭିନ୍ନମୁଖୀ ପରିବାରର ଏକତ୍ର ଅବସ୍ଥାନ, ନାରୀ ମନସ୍ତତ୍ତ୍ୱର ବିଶ୍ଳେଷଣ (ନାଟକ ରୀତିମତ), ଗ୍ରାମ୍ୟାଭିମୁଖୀନତା ଓ ଶିକ୍ଷିତଙ୍କର ସଂସ୍କାରପ୍ରବଣ ମନୋଭାବ (ଗୋଧୂଳି ଲଗ୍ନ), କଳାପ୍ରତି ଆଗ୍ରହ ଓ ଆନ୍ତରିକତା (ସେବିକା), ଶିକ୍ଷିତବର୍ଗର ବେକାରୀ ଅବସ୍ଥା (ଚାବୁକ୍), ପାରିବାରିକ ଜୀବନର ମମତ୍ୱପୂର୍ଣ୍ଣ ଅବସ୍ଥା (ମମତା), ଜାତୀୟ ଚେତନାର ଉଚ୍ଚାରଣ (ପ୍ରତୀକ୍ଷା), (ପ୍ରବାସୀ), ନାରୀଶିକ୍ଷା ଏବଂ ନାରୀ ଜୀବନର ଅସହାୟତା (ପୁଆଣି ଘର), ଦାମ୍ପତ୍ୟ ଜୀବନର କଳୁଷତା (ପରପୁରୁଷ) ସତ୍ୟ-ନ୍ୟାୟ ପ୍ରତିଷ୍ଠାର ଉଦ୍ୟମ (ମୃତ ଆସାମୀ) ଏବଂ ରାଜନୀତିକ ଚେତନା (ନରୋତ୍ତମ ଦାସ କହେ) (ମନ୍ତ୍ରୀଯୁଗ), ଇତ୍ୟାଦି ତାଙ୍କ କାହାଣୀର ବୈଚିତ୍ର୍ୟ ଭିତରେ ଆଦର୍ଶବୋଧର ଏକକତ୍ୱ ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଏ ।

Digitized by srujanika@gmail.com

ଖ-୨. ଚରିତ୍ର ସୃଜନ ଓ ଚିତ୍ରଣ :

ପ୍ରୟୋଗ ପ୍ରଧାନ କଳା ନାଟକରେ, ନାଟ୍ୟକାର ପ୍ରତ୍ୟକ୍ଷ ଭାବରେ କିଛି ପ୍ରକାଶ କରିପାରନ୍ତି ନାହିଁ। ତାଙ୍କର ବକ୍ତବ୍ୟକୁ, ଦର୍ଶକ, ପାଠକ ଓ ଶ୍ରୋତାଙ୍କ ନିକଟରେ କେବଳ ଚରିତ୍ର ମାଧ୍ୟମରେ ହିଁ ଉପସ୍ଥାପିତ କରାଯାଇଥାଏ । କାହାଣୀର ଗତିଭଙ୍ଗୀ ଚରିତ୍ରମାନଙ୍କ ଦ୍ୱାରା ସଂବାହିତ ହୋଇଥାଏ, ଅପରନ୍ତୁ ଚରିତ୍ରହିଁ ନାଟ୍ୟକାର ଏବଂ ନାଟ୍ୟପ୍ରେମୀମାନଙ୍କ ମଧ୍ୟରେ ସଂଯୋଗ ସେତୁ । ନାଟ୍ୟକାରମାନେ ଏ ଦୃଷ୍ଟିରୁ କାହାଣୀକଳାକୁ ନେଇ ଚରିତ୍ର ସୃଷ୍ଟି କରନ୍ତି, ସେମାନଙ୍କ ଭଲ-ଭେଲ ଦିଗକୁ ଚିତ୍ରଣ କରିଥାଆନ୍ତି । ଏ ଦୃଷ୍ଟିରୁ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକ ଗୁଡ଼ିକୁ ବିଚାର କଲାବେଳେ, ଚରିତ୍ର ସୃଜନ ଓ ଚିତ୍ରଣରେ ତାଙ୍କର ଉତ୍କର୍ଷତାହିଁ ପ୍ରମାଣିତ ହୋଇଥାଏ । କାହାଣୀକଳା, ଘଟଣା ଏବଂ ପରିବେଶ ପ୍ରକାଶରେ ନାଟ୍ୟକାର ଓଡ଼ିଶାର କଥା କହିଛନ୍ତି । ତେଣୁ ତାଙ୍କ ନାଟକରେ ପ୍ରତ୍ୟେକଟି ଓଡ଼ିଆ ହୋଇଛନ୍ତି ଚରିତ୍ର । ଗ୍ରାମ୍ୟଠାରୁ ନଗର ଯାଏ- ପ୍ରତ୍ୟେକ ପରିବେଶର ସଫଳତା ଓ ବିଫଳତା, ହର୍ଷ ଓ ବିଷାଦ, ଆଶା ଓ ନୈରାଶ୍ୟକୁ ନାଟ୍ୟକାର ତାଙ୍କ ନାଟକରେ ଗ୍ରହଣ କରିଅଛନ୍ତି ଓ ସେସବୁର ବିଶ୍ଳେଷଣ ନିମିତ୍ତ, ପ୍ରତିନିଧି ସ୍ଥାନୀୟ ଗୋଟିଏ ଗୋଟିଏ ଚରିତ୍ର ମଧ୍ୟ ଗଢ଼ିଛନ୍ତି ।

ରାମଚନ୍ଦ୍ରଙ୍କ ନାଟ୍ୟ ସାମ୍ରାଜ୍ୟ ପରିକ୍ରମା ଭିତରେ ତାଙ୍କ ଚରିତ୍ର ସୃଜନ ଓ ଚିତ୍ରଣ ସମ୍ପର୍କରେ ସହଜରେ ଧାରଣା କରାଯାଇପାରେ । ମୁଖ୍ୟ ଓ ଗୌଣ ଚରିତ୍ର ଭାବରେ ସେ ଅନେକ ଚରିତ୍ରକୁ ଗ୍ରହଣ କରିଛନ୍ତି । ଏମାନଙ୍କ ଭିତରେ ରହିଛନ୍ତି ନାରୀ, ପୁରୁଷ, ବୃଦ୍ଧ, ବୃଦ୍ଧା, ଯୁବକ ଯୁବତୀ, ଧନୀ-ନିର୍ଦ୍ଧନ, ସାଉକାର, ଜମିଦାର, କୃଷକ, ଶ୍ରମଜୀବୀ, ମନ୍ତ୍ରୀ, ସଚିବ, ପୋଲିସ୍, ଶିକ୍ଷକ, ମ୍ୟାନେଜର, ବି.ଡି.ଓ., ଡାକ୍ତର, କଳାକାର, ଓକିଲ, ଜଜ୍, ପିଅନ, ଚପରାଶି, ବ୍ୟବସାୟୀ, ଚାକର, ମୂର୍ଖ-ଶିକ୍ଷିତ, ଭଦ୍ର-ଅଭଦ୍ର, ସରଳ-ଜଟିଳ ଇତ୍ୟାଦି ସବୁ ଶ୍ରେଣୀର ମଣିଷ । ତେବେ ଆଦର୍ଶ ଚରିତ୍ର ଭାବରେ ଗୋପ, ଶାରଦା, ରତି, ତାରାମଣି (ଘରସଂସାର), ଭାଇଗ, ମହୀ (ଭାଇଭାଉଜ) ବନାନୀ (ପରପୁରୁଷ), ଜଲି, ମନୁ, ଦେବେନ୍ଦ୍ର (ଅର୍ଥ ଅନର୍ଥ) ଇତ୍ୟାଦିକୁ ଗ୍ରହଣ କରାଯାଇପାରେ । 'ନରୋତ୍ତମ ଦାସ କହେ'ର ବନ୍ଦନା, 'ଘରସଂସାର'ର ଅନିମା' ଇତ୍ୟାଦି ନାରୀ ସ୍ୱେଚ୍ଛାଚାରିତାର ଏକ ଏକ ଉଗ୍ର ରୂପ । ଦାସ ସାହେବ, ନିରୂପମା, ମନୋଜା, ଜୟନ୍ତୀ ଇତ୍ୟାଦି ଅନେକ ଚରିତ୍ରରେ କୁତ୍ସିତ ସ୍ୱାର୍ଥ ପ୍ରଣୋଦିତ ମନୋଭାବର ଉପଯୁକ୍ତ ପରିଚୟ ମିଳିଥାଏ । ଗ୍ରାମ୍ୟ ଜୀବନରେ ଦଳିତ ଓ ନିର୍ଯ୍ୟାତିତ ମଣିଷ ଭାବରେ ଦେଖା ଦେଇଛନ୍ତି, ସାଧୁ ସାନ୍ତରା, ରନ୍ନ, ମନୁଆ, ଚନ୍ଦ୍ର, (ମଉଡ଼ମଣି) ନନ୍ଦ, ସନାତନ, ନବ, ବଡ଼ବୋହୂ (ଭାଇଭାଉଜ) ପୁନି, ଶଶୀ (ପୁଆଣିଘର) ଇତ୍ୟାଦି ଅନେକ ଚରିତ୍ର । ବଳିଆର ସିଂ, ଜୟନ୍ତ, ସୁଦର୍ଶନ, ଚରଣ, ନରୋତ୍ତମ ପ୍ରଭୃତି ଚରିତ୍ରଗୁଡ଼ିକ ପ୍ରାଚ୍ୟ ସଂସ୍କୃତିର ଋଚିଚୟ ବହନ କରୁଥିବା ବେଳେ, ପାଶ୍ଚାତ୍ୟ ସଂସ୍କୃତିକୁ ଆଦରଣୀୟ କରି ଏଥି ପ୍ରତି ଆନୁଗତ୍ୟ ପ୍ରକାଶ କରିଥିବା ଚରିତ୍ରମାନେ ହେଲେ ଦାସ ସାହେବ, ତନୁଜା, ମିସେସ୍ ନାୟକ, (ଚାବୁକ୍) ବନ୍ଦନା (ନରୋତ୍ତମ ଦାସ କହେ) ଇତ୍ୟାଦି

Digitized by srujanika@gmail.com

ଚରିତ୍ର । ତେବେ ରାଜନୀତିକ ଶଠତା ଏବଂ ସ୍ୱେଚ୍ଛାଚାରିତାକୁ ବହନ କରିଥିବା ଚରିତ୍ରମାନେ ହେଲେ ମାଧବ (ନରୋତ୍ତମ ଦାସ କହେ) ସୁବାସ (ଆଶାନିରାଶା) ଶିବ ଓ ଲିଲି (ଭୋଟ ସଂସାର) ସଦାନନ୍ଦ (ମନ୍ତ୍ରୀ ଆସିବେ) ଇତ୍ୟାଦି । ତାଙ୍କ ନାଟକରେ ଦେଖା ଦେଇଥିବା ଖଳ ଚରିତ୍ରମାନେ ହେଲେ ପ୍ରତାପ (ମ୍ୟାନେଜର) ଓକିଲ ଭୂତନାଥ (ମୃତ ଆସାମୀ)ଅନାଦି ଦାସ (ଘରସଂସାର) ସେକ୍ରେଟେରୀ ଓ କବିରାଜ (ମଉଡ଼ମଣି) ଶ୍ୟାମଳ (ନରୋତ୍ତମ ଦାସ କହେ) ଭଜହରି (ସାଇପଡ଼ିଶା) ଧଡି ମହାପାତ୍ର (ମୂଲିଆ) ଦୀନବନ୍ଧୁ (ଗୋଧୂଳି ଲଗ୍ନ) ବାଉରିବନ୍ଧୁ (ମମତା) ଦାସ ସାହେବ (ଚାବୁକ୍) ତନୁଜା, ମିସେସ୍ ନାୟକ (କିସ ପୁଣି ଦେଖା ନ ଯାଏ) ଇତ୍ୟାଦି ।

ରାମଚନ୍ଦ୍ର ତାଙ୍କ ନାଟକରେ ନାଟକୀୟ ଗତିବେଗ ଏବଂ ଘାଟନିକ ଆବଶ୍ୟକତା ଦୃଷ୍ଟିରୁ ଅନେକ ଗୌଣ ଚରିତ୍ର ଗ୍ରହଣ କରିଛନ୍ତି । ତହସିଲଦାର ଓ ଭାଲୁଆ, ଦୁଃଖିଆ, ବଳିଆ, ନାଥିଆ, ପ୍ରେମ, ମିନି, ବାସୁଆ, ବିମଳା, ଚମ୍ପା, ବେଙ୍ଗ (ମ୍ୟାନେଜର) ପଞ୍ଚୁ, ବୀରା, ଇନିସ୍‌ପେକ୍ଟର, କୁନି, ଭୋଳି, କୁରୁପା (ମୂଲିଆ) ଚେମା, ଇନିସ୍‌ପେକ୍ଟର, ଯମୁନା, ପୂଜକ ଇତ୍ୟାଦି (ଭାଇଭାଉଜ) ତାନ୍ତ୍ରିକ, ଗୁଣିଆ, କବିରାଜ (ନାଟକ ରୀତିମତ) ବାଞ୍ଛା, ନିଧି, ଦୁଃଖା, ଜୟା, ଭୀମ, କଙ୍କି (ମଉଡମଣି) ହରିହର, ପିଅନ, ମାଖନଲାଲ, କୁମାର, (ଗୋଧୂଳି ଲଗ୍ନ), ସୁଧୀର, ଛନ୍ଦା, ନନ୍ଦା, ସନ୍ଧ୍ୟା ଓ କାହ୍ନୁ (ମମତା) ବିଜୟ, ବ୍ରଜ, କମଳ (ଚାବୁକ୍) ଚନ୍ଦ୍ରା, ତାରା, ବାନା, ମଧୁ, (ପୁଆଣିଘର) ବିଛନ୍ଦ, ସିଂ, (ନରୋତ୍ତମ ଦାସ କହେ) ମି. ନାୟକ, ମି. ରାୟ (କିସ ପୁଣି ଦେଖା ନଯାଏ) ସି.ଆଇ.ଡି. ଇନିସ୍‌ପେକ୍ଟର, ଚପରାଶି, କିରାଣୀ (ମୃତଆସାମୀ) ଇତ୍ୟାଦି ଅନେକ ଗୌଣ ଚରିତ୍ରକୁ ଆବଶ୍ୟକତା ଦୃଷ୍ଟିରୁ ନାଟ୍ୟକାର ଗ୍ରହଣ କରିଛନ୍ତି ଓ ସେମାନଙ୍କ ସହାୟତାରେ ଅନ୍ୟାନ୍ୟ ମୁଖ୍ୟ ଚରିତ୍ର ଗୁଡ଼ିକର କେତୋଟି ବିଶେଷ ଦିଗକୁ ଆଲୋକିତ କରିପାରିଛନ୍ତି ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ର ତାଙ୍କର ପ୍ରତ୍ୟେକଟି ନାଟକରେ ଆଦର୍ଶବାଦର ପ୍ରକାଶ ଘଟାଇ ଅଛନ୍ତି । ତାଙ୍କ ନାଟକ ଗୁଡ଼ିକରେ ଆଦର୍ଶ ଓ ବାସ୍ତବତାର ଲୁଚକାଳି ଖେଳ ପରିଲକ୍ଷିତ ହୋଇଥାଏ । ଆମ ସମାଜ ଜୀବନର ଅନେକ ବାସ୍ତବ ଦୃଶ୍ୟକୁ ଆଲୋକିତ କରିବାକୁ ଯାଇ ନାଟ୍ୟକାର, ଅବିକଳ ଚରିତ୍ରଗୁଡ଼ିକୁ ଗ୍ରହଣ କରିଛନ୍ତି, ଯେଉଁମାନଙ୍କ ଆଚାର, ଆଚରଣ ଓ ଉଚ୍ଚାରଣରେ ସେଇ ବାସ୍ତବତା ବିଶ୍ୱାସନୀୟତା ଦେଖା ଦେଇଥାଏ । ଆଦର୍ଶବାଦର ପ୍ରକାଶ କରିବା ପରିପ୍ରେକ୍ଷୀରେ ସେ ଧୂଳି ମାଟିର ଏଇ ମଣିଷମାନଙ୍କ ଭିତରୁ ହିଂସା, କ୍ରୋଧ, ଖଳତ୍ୱକୁ କାଢିଦେଇ ଏହା ପରିବର୍ତ୍ତେ ଭରି ଦେଇଛନ୍ତି ଦୟା-କ୍ଷମା-ପ୍ରେମ-ପ୍ରୀତି ପ୍ରତ୍ୟୟର ମହନୀୟ ଗୁଣ । ଏ ସମ୍ପର୍କରେ ନାଟ୍ୟକାରଙ୍କର ବିଚାରଧାରା ସ୍ୱତନ୍ତ୍ର । ତାଙ୍କ ମତରେ ନାଟକ ପ୍ରତ୍ୟକ୍ଷ ଗଣମାଧ୍ୟମ, ଏଥିରେ ସମ୍ପୂର୍ଣ୍ଣ ବାସ୍ତବତା ରହିଲେ, ହୁଏତ ଦର୍ଶକେ ତହିଁରେ ବୁଡି ଯିବେ ଓ ଦ୍ୱନ୍ଦ୍ୱମୁଖର ଅବସ୍ଥାର ସମ୍ମୁଖୀନ ହେବେ । ତେଣୁ ସେମାନଙ୍କ ମନରୁ ଦ୍ୱନ୍ଦ୍ୱକୁ ଅପସାରଣ କରିପାରିଲେ ସେମାନଙ୍କ ଦ୍ୱାରା ନାଟକ ଉପଭୋଗ୍ୟ ହେବ । ତାଙ୍କ ଭାଷାରେ ''ଆମ ଦେଶର ଲୋକଙ୍କର ଶିକ୍ଷା, ବିଜ୍ଞତା, ବିଚାରବତ୍ତା, ଉପଲବ୍ଧି କରି,

Digitized by srujanika@gmail.com

ଦର୍ଶକମାନଙ୍କୁ ନିଜର ଭାବନା ସହିତ ତାଳ ମିଳାଇ, ଅଗ୍ରସର ହେବାରେ, ନାଟ୍ୟକାରମାନେ ସହାୟକ ହେଲେ, ଦର୍ଶକମାନଙ୍କର ଦ୍ୱନ୍ଦ୍ୱ ହୁଏତ ଦୂରୀଭୂତ ହୋଇପାରନ୍ତା ଓ ସମାଜର ମଙ୍ଗଳ ସାଧିତ ହୋଇପାରନ୍ତା ।''

(ନାଟ୍ୟକାରର ସମସ୍ୟା- ରାମଚନ୍ଦ୍ର ମିଶ୍ର, ନାଟ୍ୟଚକ୍ର-୧୯୮୭-ପୃଷ୍ଠା-୪)

ଚରିତ୍ର ସୃଷ୍ଟି ଓ ଚରିତ୍ର ଚିତ୍ରଣରେ ରାମଚନ୍ଦ୍ରଙ୍କର ଅଭିନବତା ଅବଶ୍ୟ ଲକ୍ଷଣୀୟ । ନାଟ୍ୟକାର ଚରିତ୍ର ଚିତ୍ରଣ କାଳରେ ସେମାନଙ୍କ ମନୋବିଶ୍ଳେଷଣକୁ ଗୁରୁତ୍ୱ ଦେଇଛନ୍ତି । ୧୯୫୩ରେ 'ନାଟକ ରୀତିମତ'କୁ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ନାଟ୍ୟମଞ୍ଚରେ ଅଭିନୀତ କରାଇ ଏହାର ସଫଳତା ପ୍ରାପ୍ତ ହେବା ପରେ, ସେ ମନୋବିଶ୍ଳେଷଣ କରିବାରେ ଅଗ୍ରସର ହେଲେ । 'ସେବିକା', 'ପରପୁରୁଷ', 'କିସ ପୁଣି ଦେଖା ନ ଯାଏ', 'ପ୍ରତୀକ୍ଷା' ଇତ୍ୟାଦିରେ ମନୋବିଶ୍ଳେଷଣ ଧାରାଟିକୁ ଅତୁଟ ରଖିଗଲେ । 'ପୁଣି ନାଟକ ରୀତିମତ' ମାଧମରେ ସେ ଆଧୁନିକ ନାଟକରେ ଦର୍ଶକଙ୍କୁ ଚରିତ୍ର ଭାବରେ ମଧ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ କରିଦେଲେ । 'ନରୋତ୍ତମ ଦାସ କହେ' ନାଟକରେ ଶେଷ ଦୃଶ୍ୟରେ ନରୋତ୍ତମଙ୍କ ସେଇ ସଂଳାପ ଏ ଦୃଷ୍ଟିରୁ ଚମତ୍କାର- ''ସାଥୀଙ୍କ କୁଣିଆ ହୋଇ ଆସିଥିଲି ପ୍ରିୟ ବନ୍ଧୁମାନଙ୍କୁ ସଙ୍ଖୋଳିବାକୁ । ଯାହା ଚର୍ଚ୍ଚା ପାଇଲି, ଆପଣମାନେ ତ ସବୁ ଦେଖିଲେ, ଜାଣିଲେ, ଘର କଥାଗୁଡ଼ାକ ଆଉ କେତେ କହିବି ? ଗାଁକୁ ଫେରିଯାଇଥାନ୍ତି ଯେ, ହେଲେ ଏ ପିଲାଟି ଅଟକାଇ ଦେଲା । ଯଦି ମୋ ଗାଁ ପାଖରୁ କେହି ଆସିଥାନ୍ତି, ତା'ହେଲେ ବୁଢ଼ୀକୁ ଟିକିଏ ଖବର ଦେବେ, ମୁଣ୍ଡ ଫାଟିବା କଥା କହିବେ ନାହିଁଟି .....'' (ନରୋତ୍ତମ ଦାସ କହେ-ପୃଷ୍ଠା-୧୨୦) ସେଇପରି 'ଭୋଟ ସଂସାର' ନାଟକରେ ''ଆମ ଗଣତନ୍ତ୍ର ଆଗେଇଛି ନା ପଛେଇଛି ? ପ୍ରତିକାର ଆପଣମାନଙ୍କ ହାତରେ, ନମସ୍କାର ।'' (ମନ୍ତ୍ରୀଯୁଗ-ପୃଷ୍ଠା-୯୬)

ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ତାଙ୍କ ରଚିତ ନାଟକ ଗୁଡ଼ିକରେ ନେଇଥିବା ଚରିତ୍ର ଗୁଡ଼ିକ ବେଳେବେଳେ ଏକକ ନୁହନ୍ତି ବରଂ ପ୍ରତିନିଧି ସ୍ଥାନୀୟ । ସମୟ ବ୍ୟବଧାନରେ ଏମାନଙ୍କର ରୂପ ଓ କାର୍ଯ୍ୟର ଯାହା ପରିବର୍ତ୍ତନ ଘଟିଛି । ଯୋଗୀ ସାଉକାର (ଭାଇଭାଉଜ) ଧଡି ମହାପାତ୍ର (ମୂଳିଆ) ପ୍ରତାପ (ମ୍ୟାନେଜର) ଅନାଦି ଦାସ, ମଙ୍ଗୁ ମହାନ୍ତି (ଘରସଂସାର) ଭଜହରି (ସାଇପଡ଼ିଶା) ରାଜମାତା, କବିରାଜ (ମଉଡମଣି) ଦୀନବନ୍ଧୁ, ମି.ପଟ୍ଟନାୟକ (ଗୋଧୂଳି ଲଗ୍ନ) ବାଉରୀବନ୍ଧୁ (ମମତା) ଦାସ ସାହେବ (ଟାବୁକ୍) ଶ୍ୟାମଳ (ପରପୁରୁଷ) ମି.ଦାସ, ଶ୍ୟାମଳ (ନରୋତ୍ତମ ଦାସ କହେ) ସଦାନନ୍ଦ (ମନ୍ତ୍ରୀ ଆସିବେ)ଲିଲି (ଭୋଟ ସଂସାର) ସୁବାସ (ଆଶା ନିରାଶା) ଗୁଣ ମହାନ୍ତି (ଅର୍ଥ ଅନର୍ଥ) ଇତ୍ୟାଦି ଚରିତ୍ର ଗୋଟିଏ ଗୋଷ୍ଠୀର ପ୍ରତିନିଧି । ଏମାନେ କେବେ ଦଣ୍ଡିତ, ପୁଣି କେବେ ପରିବର୍ତ୍ତିତ, ଅଥଚ ଏମାନଙ୍କ କାର୍ଯ୍ୟଧାରା ସମୟ ଓ ଘଟଣା ଭିତ୍ତିରେ ଭିନ୍ନ ହେଲେ ମଧ ଏକାଭଳି । ସେଇପରି ଭାବରେ

Digitized by srujanika@gmail.com

ଗୋପ (ଘରସଂସାର) ନନ୍ଦ (ମୂଲିଆ) ସାଧୁ ସାନ୍ତରା (ମଉଡ଼ମଣି) ଭାଇଗ (ଭାଇଭାଉଜ) ଇତ୍ୟାଦି ଚରିତ୍ରରେ ତ୍ୟାଗ, ଆଦର୍ଶ ଓ ସହନଶୀଳତାଦିର ପରିଚୟ ଥିବାରୁ ଏମାନେ ମଧ୍ୟ ସମଗୋତ୍ରୀୟ ଅଟନ୍ତି ।

ରାମଚନ୍ଦ୍ରଙ୍କ ଚରିତ୍ର ବିନ୍ୟାସରେ ବୈଚିତ୍ର୍ୟ ସହିତ ଏକକତ୍ୱ ଲକ୍ଷିତ । ସେ ସବୁଶ୍ରେଣୀର ଚରିତ୍ର ସୃଷ୍ଟି କରିଛନ୍ତି, ଚିତ୍ରଣ କାଳରେ ମଧ୍ୟ ସମସ୍ତଙ୍କ ନିମିତ୍ତ ସୁବିଚାର କରିଅଛନ୍ତି । ଯେଉଁ ଚରିତ୍ର ଯେତେ କାଳ ରହିବା କଥା, ତାକୁ ମଧ୍ୟ ସେତେକାଳ ରଖାଇଛନ୍ତି । ଖଳ-ସାଧୁ, ସରଳ, ଜଟିଳ, ମୁଖ୍ୟ-ଗୌଣ, ନାରୀ-ପୁରୁଷ, ସବଳ-ଦୁର୍ବଳ, ଅଭିଜାତ ଓ ନିମ୍ନ-ଇତ୍ୟାଦି ସକଳବର୍ଗର ଚରିତ୍ର ଚିତ୍ରଣ କରିବା ସହିତ ନାଟ୍ୟକାର ସମସ୍ତଙ୍କ ପ୍ରତି ସମବିଚାର ସ୍ଥାପନ କରିଅଛନ୍ତି । ଆଦର୍ଶ ଓ ବାସ୍ତବତା- ଉଭୟ ଦିଗକୁ ଦୃଷ୍ଟିରେ ରଖିବାରୁ ସେମାନଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ହୋଇ ରହିଛି ।

ଖ.୩- ସଂଳାପ ପ୍ରୟୋଗର ସଫଳତା :

ସଂଳାପ-ନାଟ୍ୟଭାଷା, ନାଟକୀୟ ଚରିତ୍ର ମାନଙ୍କ ଭିତରେ ଭାବ ବିନିମୟଗତ ଭାଷିକ ପ୍ରଣାଳୀ । ସଂଳାପ ମାଧ୍ୟମରେ ନାଟ୍ୟକର୍ମର ସରସତା ହୁଏ ପ୍ରତିପାଦିତ, ନାଟ୍ୟକାରଙ୍କ ବକ୍ତବ୍ୟ ଏଇ ସଂଳାପ ଦ୍ୱାରା ସଂବାହିତ ହୋଇଥାଏ ଦର୍ଶକ ଓ ନାଟ୍ୟପ୍ରେମୀ ମାନଙ୍କ ନିକଟକୁ । ନାଟକୀୟ ସ୍ୱାଭାବିକତା ରକ୍ଷା କ୍ଷେତ୍ରରେ ସଂଳାପର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ନାଟକରେ ପୁଣି ସମାଜର ବିବିଧ ବର୍ଗର ମଣିଷଙ୍କ ସତ୍ତା ଚରିତ୍ର ରୂପରେ ଆର୍ବିଭୂତ ହୁଅନ୍ତି । ତେଣୁ ସେମାନଙ୍କ ବ୍ୟକ୍ତିତ୍ୱ, ଚରିତ୍ର ଇତ୍ୟାଦିର ପରିସ୍ଫୁଟନ ନିମିତ୍ତ, ସେମାନଙ୍କର ଭାଷା ରଖାଯିବା ଉଚିତ । ଏହାକୁ କୁହାଯାଏ ପାତ୍ରୋଚିତ ସଂଳାପ ସଂଯୋଜନା । ଉପଯୁକ୍ତ ସଂଳାପ ସଂଯୋଜନା ନାଟ୍ୟକର୍ମକୁ ସରସ, ସୁଖମୟ ଏବଂ ଭାବୋଦ୍ଦୀପକ କରିଥାଏ । ଏଇ ଦୃଷ୍ଟିରୁ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ନାଟକର ସଂଳାପ ଗୁଡ଼ିକୁ ବିବେଚନା କଲେ, ତାଙ୍କ ସଂଳାପ ପ୍ରୟୋଗଗତ ବିଚକ୍ଷଣତାର ପରିଚୟ ମିଳିପାରେ ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଜୀବନରେ ଚାକିରି, ଜନସେବା, ଓକିଲାତି ଏବଂ ରାଜନୀତି ପ୍ରଭୃତି ବିବିଧ କାର୍ଯ୍ୟରେ ପ୍ରବୃତ୍ତ ରହି, ବିଭିନ୍ନ ଅନୁଭୂତି ସଂଗ୍ରହ କରିଥିଲେ । ଜଣେ ସମାଜ ସଚେତନ ଶିଳ୍ପୀ ଭାବରେ ସେ ସମାଜର ପ୍ରତିଟି ବର୍ଗର ମଣିଷଙ୍କ ସହିତ ମିଶିଥିଲେ । ଏଣୁ ଏମାନଙ୍କୁ ଯେତେବେଳେ ତାଙ୍କ ନାଟକରେ ଚରିତ୍ର ରୂପରେ ପ୍ରକାଶ କଲେ, ସେମାନଙ୍କ ମୁହଁରେ ସେହିଭଳି ଭାବରେ ସେ ଉପଯୁକ୍ତ ଭାଷା ସଂଯୋଜିତ କରାଇଲେ । ତେଣୁ ତାଙ୍କ ସଂଳାପ ଯେତେ ପାତ୍ରୋପଯୋଗୀ ହେଲା, ସେତେ ଭାବଦ୍ୟୋତକ ମଧ୍ୟ ହୋଇପାରିଲା । ସୁଚତୁର ଶିଳ୍ପୀ ରାମଚନ୍ଦ୍ର, ତାଙ୍କ ନାଟକରେ ଅଭିଜାତ ଓ ଶିକ୍ଷିତବର୍ଗଙ୍କ ତୁଣ୍ଡରେ ଶିକ୍ଷିତ ଭାଷାକୁ ସଂଳାପ ରୂପରେ ଖଞ୍ଜିଛନ୍ତି । 'ଘରସଂସାର'ରେ ଅନିମା ଓ ମି.ବର୍ମାଙ୍କ ସଂଳାପକୁ ଏଠାରେ ଦୃଷ୍ଟାନ୍ତ ସ୍ୱରୂପ ନିଆଯାଇପାରେ-

Digitized by srujanika@gmail.com

ଅନିମା- ଧନ୍ୟବାଦ ! ମନେକରନ୍ତୁ ନାହିଁ ଯେ, ମୁଁ ଆପଣଙ୍କର ଗଳଗ୍ରହ ହୋଇ ଆପଣଙ୍କର Romantic Life ର ମଧୁମୟ ସ୍ୱପ୍ନରେ ବ୍ୟାଘାତ ଘଟେଇବି । You are quite free, Mr. Burma.

ଆପଣ ସଂପୂର୍ଣ୍ଣ ସ୍ୱାଧୀନ, ଆପଣଙ୍କ ସ୍ୱପ୍ନ ନେଇ ଆପଣ ବଞ୍ଚି ରହନ୍ତୁ ।

ବର୍ମା- No, Miss Mohanty, you are no ଗଳଗ୍ରହ ତୁମେ ମୋର ଗଳଗ୍ରହ ବୋଲି ତ ମୁଁ କେବେ କହି ନାହିଁ । Rather I feel proud to have you by my side. (ଘରସଂସାର-ପୃ-୫୭)

କୃଷକ ମହୀ ଓ ଭାଇଗର ପରସ୍ପର ପ୍ରତି ସଂଳାପ-

ମହୀ- ହଇରେ ଭାଇଗ ! ତୁ ରାତିଯାକ ଚେଉଁଛୁ, ଦିନଯାକ ହାଡ଼ଭଙ୍ଗା ଖାଟେଣି-

ଭାଇଗ- ଚଷା ପୁଅର ଏ ନୂଆ କ'ଣ କହିଲୁ ? ତୁ ପରା କହୁ ଭୋକ, ଶୋଷ, ଖରା, କାକର, ବର୍ଷା, ଶୀତ ନ ମାନି ମାଟି ସଙ୍ଗେ ମାଟି ନ ହେଲେ, କ୍ଷେତ ଉଠିଆକରିବା ସହଜ ନୁହେଁ । (ଭାଇଭାଉଜ-ପୃଷ୍ଠା-୨୩)

ଅନେକ କ୍ଷେତ୍ରରେ ନାଟ୍ୟକାର ସଂକ୍ଷିପ୍ତ ସଂଳାପ ମାନ ପ୍ରୟୋଗ କରି ତା'ଭିତରେ ଅସାମାନ୍ୟ ଭାବବ୍ୟଞ୍ଜନା ସୃଷ୍ଟି କରି, ଦର୍ଶକଙ୍କୁ ଅସାଧାରଣ ଆନନ୍ଦ ଦେଇଛନ୍ତି । 'ନାଟକ ରୀତିମତ'ରେ ଅଭିନୟ ଏବଂ ଚିକିତ୍ସା ଏଇ ଭଳି ଦ୍ୱନ୍ଦ୍ୱ ଭିତରେ ପଡିଥିବା ଉଦୟ କହିଛି-

ଉଦୟ- ଦେଖନ୍ତୁ ସାର୍, କର୍ତ୍ତବ୍ୟ ଓ ଅଭିନୟ, ଏ ଦୁଇଟା ଭିତରୁ ଆପଣ କର୍ତ୍ତବ୍ୟକୁ ନିଶ୍ଚୟ ପ୍ରଥମ ସ୍ଥାନ ଦେବେ । ନିଜର ଆମୋଦ ପ୍ରମୋଦ ଟିକକ ଜଳାଞ୍ଜଳି ନ ଦେଇ, ଯଦି କର୍ତ୍ତବ୍ୟରେ ଅବହେଳା କରୁ, ତା'ହେଲେ ଆମ ଡାକ୍ତରୀ ଜୀବନର ସାର୍ଥକତା ରହିଲା କେଉଁଠି ? (ନାଟକ ରୀତିମତ-ପୃଷ୍ଠା-୮)

ସେଇଭଳି, 'ନରୋତ୍ତମ ଦାସ କହେ' ନାଟକରେ ବଡ଼ଭାଇ ନିକଟକୁ କମ୍ପାନୀର କାର୍ଯ୍ୟ ଉଦ୍ଦେଶ୍ୟରେ ଯାଇଥିବା ମଝିଆଁ ଭାଇ ଯାଦବକୁ ବଡ଼ଭାଇ ମି.ଦାସ ଯାହା କହିଛନ୍ତି, ତାହା ମଧ ଭାବପୂର୍ଣ୍ଣ ।

ମି.ଦାସ- ଯାଦବ ମୋର ଭାଇ, ତା'ର ସ୍ଥାନ ଏଇ କୋଳରେ । ଲକ୍ଷ୍ମୀ ଟ୍ରେଡର୍ସର ମାଲିକ ଯାଦବ । ତା'ର ସ୍ଥାନ ମୋ ବଙ୍ଗଳାର ଫାଟକ ପାଖରେ । ଯେଉଁ ସ୍ଥାନ ତୋ'ର ପସନ୍ଦ, ଆପେ ବାଛି ନେଇପାରୁ । (ନରୋତ୍ତମ ଦାସ କହେ-ପୃଷ୍ଠା-୩୪)

ଅଧିକତର ଭାବପୂର୍ଣ୍ଣ ହୋଇଛି ପରପୁରୁଷ ନାଟକରେ ଅଭାବରେ ପଡ଼ି, ଅଫିସରୁ କାଚ ଗ୍ଲାସ୍ ଏବଂ ତଉଲିଆକୁ ଘରକୁ ନେଇ ଆସିଥିବା ଶ୍ୟାମଳ ପ୍ରତି ସ୍ତ୍ରୀ ବନାନୀର ମନ୍ତବ୍ୟ । ବନାନୀ ଶ୍ୟାମଳକୁ କହିଛି-

ବନାନୀ- ଦାରିଦ୍ର୍ୟର ଶେଷ କ'ଣ ଏଇ ସାମାନ୍ୟ କାଚ ଗ୍ଲାସ୍‌ରେ ମରିବ, କି ଏ ତଉଲିଆରେ ଭାଗ୍ୟଲିପି ପୋଛି ହୋଇଯିବ ? (ପରପୁରୁଷ - ପୃଷ୍ଠା-୫୬)

Digitized by srujanika@gmail.com

ଅନେକ କ୍ଷେତ୍ରରେ ନାଟ୍ୟକାରଙ୍କ ସଂଳାପରେ ପରସ୍ପର କଥୋପକଥନ ଭାବପୂର୍ଣ୍ଣ ହୋଇଛି । ଯଥା:

ସନାତନ- ବୋହୂ ! ଖଣ୍ଡେଇତ ଘର ବୋହୂ ହୋଇ ମୋ ସାଙ୍ଗରେ ବୁଲି ଭିକ ମାଗିବାକୁ ତୋ କପାଳରେ ଥିଲା । ବୋହୂ ଚାଲ ମୁଁ ତୋତେ ନେଇ ତୋ ଶାଶୁ ଘରେ ଛାଡ଼ି ଦେଇଆସିବି ।

ବଡ଼ବୋହୂ- ବାପା ! ଝିଅ ଯେତେବେଳେ ବାପ ଘରେ ଥାଏ, ସେତେବେଳେ ସେ ବାପ ମାଆଙ୍କର । ବାହା ହେଲା ପରେ ସେ ଆଉ ତାଙ୍କର ନୁହେଁ । ଶାଶୁଘରର ଦୁଃଖ ସୁଖରେ ତା'ର ଯେ ଦୁଃଖ ସୁଖ । (ମୂଳିଆ- ପୃଷ୍ଠା-୬୩)

ବେଳେବେଳେ ଗୋଟିଏ ଗୋଟିଏ ସଂଳାପରେ ନାଟ୍ୟକାର, ବାସ୍ତବତାର ନିରାଟ ରୂପ ଅଙ୍କନ କରିଛନ୍ତି । ଦୁର୍ନୀତିଗ୍ରସ୍ତ ବ୍ୟବସାୟର ଏକ ସୁନ୍ଦର ଦୃଷ୍ଟାନ୍ତ, 'ନରୋତ୍ତମ ଦାସ କହେ' ନାଟକର ଲକ୍ଷ୍ମୀଙ୍କ ସଂଳାପରୁ ସହଜରେ ବୁଝା ପଡ଼େ । ଯଥା-

ଲକ୍ଷ୍ମୀ- ହାଲୋ ! ଲକ୍ଷ୍ମୀ ମିଲ୍‌ରୁ କହୁଚ ? ହଁ କ'ଣ କୁହ ! ହଁ, ହଁ, ପ୍ରତ୍ୟେକ ଦଶ ବସ୍ତାରେ ବସ୍ତାଏ ପୋକରା ମକା, ଚସ୍ତାଏ ତେନ୍ତୁଳି ମଞ୍ଜି ଦେଇଚ ? ଅଟାଟା ପରୀକ୍ଷା କରିଚ ? ଠିକ୍ ମିଶିଯାଇଛି ତ ? ବେଶ୍ ଅଛି ।

ଚେକିଙ୍ଗ୍ ଅଫିସର୍‌ଙ୍କ କଥା ? ବାବୁଙ୍କ ପାଖକୁ ପଠାଇଦିଅ, ହାଲୋ, ମୁଁ କହୁଛି- ମାଲ୍ ବାହାରକୁ ଛାଡ଼ି ଦିଅ । - (ନରୋତ୍ତମ ଦାସ କହେ - ପୃଷ୍ଠା-୮୦)

ଆମର ଲୋକ ମୁଖରେ ନିତ୍ୟ ପ୍ରଚଳିତ ଅନେକ ଢଗଢମାଳି ଓ ରୂଢ଼ିକୁ ନାଟ୍ୟକାର ତାଙ୍କର କେତେକ ନାଟକରେ ସଂଳାପ ଆକାରରେ ବ୍ୟବହାର କରିଅଛନ୍ତି । ଢଗ ଢମାଳିର ଗୂଢ ଅର୍ଥ ଯେତେ ଭାବଦ୍ୟୋତକ, ସେତେ ଅର୍ଥଦ୍ୟୋତକ । ସହଜବୋଧ ଏଇ ଢଗଢମାଳି ପ୍ରୟୋଗ କରି, ଲେଖକ ନାଟ୍ୟଭାଷାକୁ, ଅନେକତ୍ର ଲୋକ ତୁଣ୍ଡର ଭାଷା ରୂପେ ବ୍ୟବହାର କରିପାରିଛନ୍ତି । ଯଥା-

କ. କଂସାରି ଘର ପାରା, କ'ଣ ଏ କୁଳା ବାଡିଆରେ ହୁରୁଡି ଯିବ ?

ଖ. କରାଣ୍ଡିକୁ ତ ଲୋଭ କରିବ, ଆଉ ବାଳିଆ ମାଡ଼ି ବସିବ କେମିତି ?

(ନରୋତ୍ତମ ଦାସ କହେ)

ଗ. ରାଣ୍ଡକୁ ଲଗା ନା ଷଣ୍ଡକୁ ପଘା ?

ଘ. ପୋଡ଼ିଗଲା ତିଅଣରେ କ'ଣ ସୁଆଦ ଥାଏ ?

ଙ. ଅଧର୍ମ ବିତ୍ତ, ବଢେ ବହୁତ, ଗଲାବେଳେ ଯାଏ ମୂଳ ସହିତ ? (ମୂଳିଆ)

ଚ. କଖାରୁ ଚୋପି, ବେଳ କାଳ ଜାଣି ଗଡିଲେ ଗୋପି । (ଭାଇଭାଉଜ)

ଛ. ଏଣେ ତେଲ ଘଡ଼ିକି ଲୋଭ, ତେଣେ ପୁଅ ମୁଣ୍ଡକୁ ଲୋଭ (ଗୋଧୂଳି ଲଗ୍ନ)

Digitized by srujanika@gmail.com

ରାମଚନ୍ଦ୍ର ମିଶ୍ର ତାଙ୍କ ନାଟକ ଗୁଡ଼ିକରେ ସଂଳାପ ପ୍ରୟୋଗ କ୍ଷେତ୍ରରେ କଥ୍ୟ ଭାଷାର ଉପଯୁକ୍ତ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦେଇଛନ୍ତି । ଯେଉଁ ସ୍ତରର ଚରିତ୍ର ପ୍ରତି, ଯାହା ଉପଯୁକ୍ତ ବିବେଚିତ, ରାମଚନ୍ଦ୍ର ସେଇ ଅନୁରୂପ ଭାଷା ବ୍ୟବହାର କରିଛନ୍ତି । ଭାଷା ପ୍ରୟୋଗରେ ସେ ବିଶେଷତଃ ସାହିତ୍ୟିକ ଶବ୍ଦ ସଂଭାରର ଆଟୋପ ପ୍ରଦର୍ଶନ କରିନାହାନ୍ତି, ବରଂ ଜନଜୀବନରେ ବ୍ୟବହୃତ ଲୋକତୁଣ୍ଡର ଭାଷାକୁ ନେଇ ସଂଳାପ ଗଠନ କରିଅଛନ୍ତି । ବିଶେଷତଃ ଭାଷା ପ୍ରୟୋଗରେ ଅଯଥା କୃତ୍ରିମ ବାଗାଡମ୍ବର ସୃଷ୍ଟି ନ କରି ବରଂ ଲୋକବଚନ, ଲୋକଭାଷାକୁ ଅଧିକ ମର୍ଯ୍ୟାଦା ଦେଇଛନ୍ତି । କୌଣସି କ୍ଷେତ୍ରରେ ଦୀର୍ଘ ସଂଳାପ ପ୍ରୟୋଗ କରି ସେ ଦର୍ଶକଙ୍କର ବିରାଗ ଭାଜନ ହୋଇନାହାନ୍ତି । ଚରିତ୍ରର ବୟସ, ଯୋଗ୍ୟତା ଏବଂ ପରିବେଶକୁ ବିଚାରକୁ ନେଇ ରାମଚନ୍ଦ୍ର ବରଂ ଯେଉଁ ସଂଳାପ ମାନ ଖଞ୍ଜିଛନ୍ତି, ତାହା ସର୍ବାଦୌ ତାଙ୍କ ନିପୁଣ ଶିଳ୍ପୀତ୍ୱର ଅସାଧାରଣ ନମୁନା । ତେବେ ନାଟକୀୟ ସଂଳାପ ପ୍ରୟୋଗରେ ତାଙ୍କର ସଂଯମତା ବରଂ ଅଧିକତର ଭାବରେ ତାଙ୍କୁ ଲୋକ ପ୍ରିୟ କରାଇଛି ।

ଖ.୪- ସଙ୍ଗୀତ ପ୍ରୟୋଗ ରୀତି :

ନାଟକ ମିଶ୍ରକଳା, ଏହା ବିଭିନ୍ନ କଳାତ୍ମକ ବିଭାଗର ଏକତ୍ର ସମବାୟ । ନାଟକରେ ସଙ୍ଗୀତର ଭୂମିକା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ନାଟକ ଜୀବନର ପ୍ରତିଛବି, ଜୀବନରେ ସଙ୍ଗୀତର ମଧୁମୂର୍ଚ୍ଛନା ସ୍ୱତଃ ହୁଏ ଧ୍ୱନିତ । ନାଟକ ଜନ୍ମଲଗ୍ନରୁ ଏହା ସଙ୍ଗୀତାତ୍ମକ ଥିଲା । ସମୟ ବିଶେଷରେ ନାଟକରୁ ଦୀର୍ଘ ସଙ୍ଗୀତାଂଶ ବାଦ ପଡ଼ିଲା ଓ ଏହା ଗଦ୍ୟାତ୍ମକ ହେଲା । କିନ୍ତୁ ନାଟକରୁ ସଙ୍ଗୀତ ପୂରା ମାତ୍ରାରେ ଅପସାରିତ ହେଲା ନାହିଁ । ଯନ୍ତ୍ର ସଙ୍ଗୀତ ଓ କଣ୍ଠ ସଙ୍ଗୀତ ଭେଦରେ ସଙ୍ଗୀତ ଦ୍ୱିଧା ବିଭକ୍ତ । ଗୀତ-ନୃତ୍ୟ-ବାଦ୍ୟ ସଙ୍ଗୀତ ଅଭିଧାରେ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ । ତେବେ ନାଟକ ମନୋରଞ୍ଜନ ନିମିତ୍ତ ଉଦ୍ଦିଷ୍ଟ । ତେଣୁ ଏହାକୁ ଅଧିକତର ଭାବରେ ଉପଭୋଗ୍ୟ କରିବା ନିମିତ୍ତ ଏଥିରେ ସଙ୍ଗୀତ ପ୍ରୟୋଗ କରାଯାଇଥାଏ । ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟ୍ୟକଳାରେ ସଙ୍ଗୀତର ପ୍ରୟୋଗ ରହିଛି, ଏହା କେତେଦୂର ନାଟକୋପଯୋଗୀ ଏବଂ ନାଟକୀୟ ସଫଳତା ପ୍ରକାଶରେ ତତ୍ପର, ତାହା ଏଠାରେ ଆଲୋଚନା କରାଯାଇପାରେ ।

ପରିବେଶକୁ ନେଇ ନାଟକରେ ସଙ୍ଗୀତ ସଂଯୋଜନା କରିବାରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ଅସାମାନ୍ୟ ଦକ୍ଷତା ରହିଛି । ଚରିତ୍ର ଓ ଚରିତ୍ରର ସଂଘର୍ଷ, ତଥା ଚରିତ୍ର ଭିତରେ ତୁଳନା ପ୍ରକାଶ କରିବା କ୍ଷେତ୍ରରେ ସଂଳାପଠାରୁ ସଙ୍ଗୀତ ଅଧିକ ଭାବାନୁସାରୀ । 'ଘରସଂସାର'ର ଶାରଦା ଓ ଅନିମା- ଜଣେ ପରମ୍ପରା ଏବଂ ଅନ୍ୟଟି ପାଶ୍ଚାତ୍ୟ ଭାବନା । ଏ ପ୍ରସଙ୍ଗରେ ସଙ୍ଗୀତର ଅବତାରଣା ବରଂ ଯଥାର୍ଥ । ଯଥା-

Digitized by srujanika@gmail.com

ଯା' ମନ ଯେଉଁଠି ବାସିଲା
ତାକୁ କିଆଫୁଲ ପରି ବାସିଲା ।
ଓଡ଼ିଆ ଘର ମେମ୍ ସାଇବ ବୁଟ୍ ଚପଲବାଲି
ଗାଲରେ ନାଲି ଓଠରେ ନାଲି ଦଶହଜାର ଚାଲି ।

(ଘରସଂସାର-ପୃଷ୍ଠା-୧୦୬)

'ମୂଳିଆ' ନାଟକରେ ଗ୍ରାମ୍ୟ ବାଳିକାର ଅଭିସାରିକା ଅବସ୍ଥା, ନିଜ ପ୍ରେମିକ ଦୂରାଗତ ଥିବାରୁ ଗଭୀର ବେଦନାବୋଧକୁ ସରଳ ସଙ୍ଗୀତ ରୂପେ ପ୍ରକାଶ କରାଯାଇଛି । ସମ୍ପର୍କ-ବିସ୍ମୃତ ପ୍ରେମିକ ରାଜୁ ପ୍ରତି, ସର ଅନ୍ତରର ଭାବନା ସଂପୃକ୍ତ ସଙ୍ଗୀତରେ ପ୍ରମୂର୍ତ୍ତ । ଯଥା-

ଚଲା ବାଦଲରେ ! ଘେନି ଯା
ତୋ ସାଥେ ମୋ ବେଦନା ବିନ୍ଦୁ ଧାରା ।
ପରଦେଶେ ରହିଲେ ସେ ନିଷ୍ଠୁର ଚିତ୍ତଚୋରା । ୦ ।
ସାଥୀହରା ପଲକର ନ ଲାଗେ, ଝଲକ ଝଲକ ସେ ରୂପ ମନେ ଜାଗେ,
ହା ହୁତାଶେ ମରମ ଜଳେ, ଭଲ ନ ଲାଗେ ଦୁନିଆସାରା ।

(ମୂଳିଆ-ପୃଷ୍ଠା-୧୦୫)

ଅନେକତ୍ର ନାଟ୍ୟକାର ସୁନ୍ଦର ଭାବାବେଗ ପ୍ରକାଶ କରିବା ନିମିତ୍ତ ସଙ୍ଗୀତର ସହାୟତା ନେଇଛନ୍ତି । ତାଙ୍କ ନାଟକରେ ସଙ୍ଗୀତକୁ ସେ ପାରମ୍ପରିକ ଅଙ୍ଗଭାବରେ ଗ୍ରହଣ କରିଥିଲେ । ଏ ସମ୍ପର୍କରେ ତାଙ୍କର ବକ୍ତବ୍ୟ ହେଉଛି- "ନାଟକ ମଧ୍ୟରେ ନାଚ ଗୀତ ରହିବାକୁ ଆଜିକାଲି ଅନେକ ଚାହାନ୍ତି ନାହିଁ, କିନ୍ତୁ ନାଚଗୀତ ନାଟକର ପାରମ୍ପରିକ ଅଙ୍ଗ ।" (ନାଟକ ଲେଖାର କଥା- ନାଟକ ରୀତିମତ- ପୃଷ୍ଠା-ପୃ-ଘ) ନାଟ୍ୟକାର ସଙ୍ଗୀତ ପ୍ରତି ତତ୍ପରତା ପ୍ରକାଶ କରିଛନ୍ତି । ନିଜ ରଚନା ଠାରୁ ବରଂ ସେ ଅନ୍ୟାନ୍ୟ କବିମାନଙ୍କ ରଚିତ ଗୀତକୁ ଆଣି, ପରିବେଶ ଅନୁଯାୟୀ ନାଟକରେ ସଂସ୍ଥାନିତ କରିଅଛନ୍ତି । କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ, କବି ମଞ୍ଜୁଳ କୃଷ୍ଣପ୍ରସାଦ ବସୁ, ନାରାୟଣପ୍ରସାଦ ସିଂହ, କିଶୋର କବି ଶ୍ୟାମସୁନ୍ଦର ଦାସ, ଏବଂ ଗୋପାଳଚନ୍ଦ୍ର ପଣ୍ଡା ପ୍ରଭୃତି କେତେଜଣ ପ୍ରମୁଖ ଗୀତିକାରଙ୍କ ରଚନାକୁ ସେ ତାଙ୍କ ନାଟକରେ ସଙ୍ଗୀତ ଆକାରରେ ସଂସ୍ଥାନିତ କରାଇ, ରସ ପରିବେଷଣ କରିଅଛନ୍ତି । ଗ୍ରାମ୍ୟ ଜୀବନର ଚିତ୍ର ତାଙ୍କ ନାଟକର ପ୍ରମୁଖ ଦିଗ, ଏସବୁକୁ ଅଧିକ ହୃଦୟସ୍ପର୍ଶୀ କରିବା ନିମିତ୍ତ, ନାଟ୍ୟକାର ଗ୍ରାମ୍ୟ ପରିବେଶର ଚିତ୍ର ପ୍ରକାଶ କରିଛନ୍ତି କେତେକ ଲୋକଗୀତ ମାଧ୍ୟମରେ । 'ଘରସଂସାର' ନାଟକରେ ରତି ଓ ଶାରଦାଙ୍କ ସହିତ କୁମାରପୂର୍ଣ୍ଣିମା ଗୀତ ହୋଇଛି ବେଶ ପରିବେଶ ଉପଯୋଗୀ ଓ ମନଛୁଆଁ । ଯଥା-

କୁମାର ପୁନେଇଁ ଚହଟ ଚାନ୍ଦିନୀ
ରୂପା ଥାଳି ପଟ ଜହ୍ନଲୋ, ରୂପା ଥାଳି ପଟ ଜହ୍ନ ।

Digitized by srujanika@gmail.com

କୁଆଁରୀ କାକୁତ ଏତେ ଉଚ୍ଛନ୍ନ ମୋ ଛଇଳି ଧନଲୋ
ଆଉଚି ଉଛୁଳା ଦିନ । (ଘରସଂସାର-ପୃଷ୍ଠା-୪୧)

ଅନୁରୂପ ଭାବରେ 'ଭାଇଭାଉଜ' ନାଟକରେ ସଂଯୁକ୍ତ ଗୀତ ଭିତରେ କୃଷିଭିତ୍ତିକ ଗ୍ରାମ୍ୟ ଜୀବନର ଓ ଶସ୍ୟକେଣ୍ଡାର ପ୍ରାଚୁର୍ଯ୍ୟର ଚିତ୍ର ଉଦ୍‌ଭାସିତ । ସଂଳାପରେ ଯାହା ଚମତ୍କାରିତା ସୃଷ୍ଟି କରିପାରି ନ ଥାନ୍ତା, ଏଠାରେ ସଂଗୀତ ମାଧ୍ୟମରେ ବରଂ ତା'ର ଉତ୍କର୍ଷତାଟା ଅଧିକ । ଯଥା-

ବାଆ ସିରି ସିରି ବହିଲା ଅନା, ବାଆସିରି ସିରି ବହିଲା
ଛାଇ ତଳେ ଦିହ ଶୀତେଇ ଉଠିଲା ଖରାକାଟେ ସାତଗୁଣା
କ୍ଷୀରଖିଆ ଗିନା ଦୋହଲି ଦୋହଲି ଉଛୁଳି ପଡ଼ିଲା କେନା ।
(ଭାଇଭାଉଜ-ପୃଷ୍ଠା-୧)

ନାଟକୀୟ ଗତିବେଗର ତୀବ୍ରତା ମଧ୍ୟରେ ଦର୍ଶକୀୟ ମାନସିକତାର ଉପଯୁକ୍ତ ଭାବ ସଂଯୋଗ କରାଇବା ନିମିତ୍ତ ନାଟ୍ୟକାର ତାଙ୍କ ନାଟକ ଗୁଡ଼ିକରେ ସଂଗୀତ ପ୍ରୟୋଗ କରିଛନ୍ତି । କେତେକ କ୍ଷେତ୍ରରେ ହାସ୍ୟରସ ସୃଷ୍ଟି ପାଇଁ ନାଟ୍ୟକାର ସଂଗୀତ ପ୍ରୟୋଗ କରିଅଛନ୍ତି । 'ମଉଡ଼ମଣି' ନାଟକରେ ଭୀମ, କବିରାଜ ଘରେ ଘରଜ୍ୱାଇଁ ହେବା ନିମିତ୍ତ ଆଶାପୋଷଣ କରିଛି । ଏ ସମ୍ପର୍କରେ ନିଜର ଅନୁଭବ ପ୍ରକାଶ କରାଯାଇଛି ଭୀମ କଣ୍ଠରେ-

ଘର ଜୁଆଁଇ ଏଡିକି ହୀନ, ହଁ ଧିକ ଜୀବନ
ବୁଲା କୁତା ଠଉଁ ହୀନ କରମ, ହଁ ପୋଡ଼ୁ ମରମ''
(ମଉଡ଼ମଣି-ପୃଷ୍ଠା-୧୪୧)

ସ୍ଥଳ ବିଶେଷରେ ନାଟ୍ୟ ଚରିତ୍ରର କେତେକ ବିଶେଷ ଗୁଣକୁ ଆଲୋକିତ କରିବାକୁ, କେତୋଟି ପ୍ରତୀକାତ୍ମକ ସଂଗୀତ ମଧ୍ୟ ବିଶେଷ ଉପଯୋଗୀ ହୋଇଥିବା ଲକ୍ଷ୍ୟ କରାଯାଏ । ଏ ଦୃଷ୍ଟିରୁ 'ମମତା' ନାଟକରେ ପ୍ରବୋଧର ଶଶୁର ବାଉରିବନ୍ଧୁଙ୍କ କପଟଚାରିତାର ପ୍ରତୀକାତ୍ମକ ଭାବକୁ ରାସ୍ତାର ଏକ ଭିକ୍ଷୁକ କଣ୍ଠରେ ପ୍ରଦାନ କରିବା ଦ୍ୱାରା, ଦର୍ଶକୀୟ ଅନୁଭବକୁ ଭାବସାନ୍ଦ୍ର କରାଯାଇପାରିଛି । ଯଥା-

ତୋତେ ଦୂରୁ ମୋ ଜୁହାର, ମୁଁ ତ ଜଣାଏଁ ଜୁହାର,
ଦେଇଜାଣୁ ନେଇଜାଣୁ ବହୁରୂପ ତୋ'ର ।
ଛାତିରେ ଭରି ତୁ ବିଷ, ମୁଖେ ମାଖୁ ମଧୁହାସ
ଗଢୁ ଯାହା, ଭାଙ୍ଗୁ ତାହା ଭଲ କାରିଗର ।
(ମମତା-ପୃଷ୍ଠା-୧୦୮)

ସଂପୃକ୍ତ ସଙ୍ଗୀତଟି ଗୋଟାଏ ପକ୍ଷରେ ଭକ୍ତିଭାବନା ପ୍ରକଟ କରୁଥିବା ବେଳେ, ଅପରପକ୍ଷରେ ବରଂ ଚରିତ୍ରର ବିଶେଷ ଦିଗକୁ ଇଙ୍ଗିତ କରିଅଛି । କେତୋଟି ଗୀତରେ ଭକ୍ତିଭାବନାର

Digitized by srujanika@gmail.com

ଉଦ୍ରେକ ଘଟିଥିବା ଲକ୍ଷ୍ୟ କରାଯାଏ । 'ଚାବୁକ୍' ନାଟକରେ କନକ ମାଧ୍ୟମରେ ପ୍ରକାଶ ପାଇଥିବା ଭକ୍ତି ସଙ୍ଗୀତଟି ଭାବଗର୍ଭକ ଓ ପରିବେଶ ଉପଯୋଗୀ । ଯଥା-

''କେତେ ଆଖି ପାଣି ଢାଳିଲେ କେଜାଣି
ଧୋଇ ହେବ ତୁମ ପାଦ
କେତେ ଉଜାଗର ନିଶି ପୁହାଇଲେ
ମେଣ୍ଟିବ କି ମନ ସାଧ ।
ସେତିକି ମାତର କୁହହେ ଠାକୁର
ମାଗୁଛି ଅଞ୍ଜଳି ପାତି । (ମୂଳିଆ)

ସଂପୃକ୍ତ ସଙ୍ଗୀତରେ ବିଭୁଙ୍କ ପ୍ରତି ହୃଦୟରେ ଯାଚନା ପ୍ରକାଶ ପାଇଥିବା ବେଳେ, 'ପରପୁରୁଷ'ରେ ପୁତ୍ରଶୋକ ବିଧୁରା ବନାନୀ ଭିତରେ ବିଭୁଙ୍କ ଉଦ୍ଦେଶ୍ୟରେ ଅଭିଯୋଗ ହିଁ ଶୁଣାଯାଇଚି । ବନାନୀ ହୃଦୟର ଭାବକୁ ଶ୍ମଶାନ ଉପକଣ୍ଠରେ ଯାଉଥିବା ସନ୍ନ୍ୟାସିନୀ କଣ୍ଠରେ ଭରି ଦେଇଛନ୍ତି ନାଟ୍ୟକାର । ଯଥା-

ଅନ୍ଧ କରି ଆଖି ତାରା ସବୁ ସୁଖ ନେଲ ହରି
ତୁମେ କି ପାଇଲ କୁହ ଭଗବାନ, ଗରିବ ଦୁନିଆ ଛାଳି,
ଭଙ୍ଗାମନ ମରେ ଝୁରି । (ପରପୁରୁଷ-ପୃଷ୍ଠା-୧୧୩)

ଘଟଣାକୁ ଅଧିକ ଚମତ୍କାର କରିବା କ୍ଷେତ୍ରରେ ନାଟ୍ୟକାର ଅନେକତ୍ର ସଙ୍ଗୀତର ସହଯୋଗ ନେଇଛନ୍ତି । ଏ ଦୃଷ୍ଟିରୁ 'ନରୋତ୍ତମ ଦାସ କହେ' ନାଟକର ଚାକର ଗୋପୀଆ କଣ୍ଠର ସଙ୍ଗୀତକୁ ଗ୍ରହଣ କରାଯାଇପାରେ । ଶ୍ୟାମଳ ସହିତ ବନ୍ଦନାର ସମ୍ପର୍କ ବଢ଼ି ଉଠିଛି । ଏଇ କୁସଂପର୍କକୁ ଇଙ୍ଗିତମୟ କରି ଗଢ଼ି ତୋଳିଛି ଗୋପୀର ସଙ୍ଗୀତ ।

''ଦିନେ ଗୋପ ଗୋଇ ଡକାଡକି ହୋଇ
ଚଳିଲେ ଯମୁନା ତୀରେ
କେଶରୀ କଟୀରେ କଳସୀ ଥୋଇ ସେ
ଅଳସୀ ଚାଲନ୍ତି ଧୀରେ
ସଙ୍ଗେ ରାଇ ବିନୋଦିନୀ ...
ଶୁଣିଲା ଏ କାଳେ କଦମ୍ବର ମୂଳେ
ନବଘନ ଶ୍ୟାମ ବଂଶୀ ଧ୍ୱନି ।''

(ନରୋତ୍ତମ ଦାସ କହେ-ପୃଷ୍ଠା-୩୬)

ପ୍ରେମ-ବିରହ, ମିଳନର ବାର୍ତ୍ତାକୁ ନାଟକରେ ଅନେକତ୍ର ସଂଗୀତ ଆକାରରେ ନାଟ୍ୟକାର ପ୍ରକାଶ କରିଛନ୍ତି । ପ୍ରବୋଧର ପତ୍ନୀ ସ୍ୱେଚ୍ଛାଚାରିଣୀ ମାୟା କିପରି ପରପୁରୁଷ ସହିତ ପ୍ରେମରେ ନିମଜ୍ଜିତା, ଏବଂ ମନ ଭିତରେ ତା'ର କିପ୍ରକାରର ଅବସ୍ଥା, ତାହା ସୂଚାଇବା ନିମିତ୍ତ, ଲେଖକ ଦର୍ଶାଇଛନ୍ତି 'ମମତା' ନାଟକର ପ୍ରବୋଧ ଓ ମାୟାର ସମ୍ପର୍କ ଭିତରେ ।

Digitized by srujanika@gmail.com

ଯଥା-

ଏଇ ଯେ ଡାକୁଛି ବସନ୍ତ ଦୁଆରେ
ଘେନ ପ୍ରିୟା ତା'ର ପରଶ ହିଆରେ
ସଜ ଫୁଟା ଫୁଲେ ସାଜ ବେଣୀ, ସଜ ବାସି ହେବ ଗଲେ ରାତି । (ମମତା)

ଅନୁରୂପ ଅନୁଭବ ପ୍ରକାଶ ପାଇଛି 'ନରୋତ୍ତମ ଦାସ କହେ' ନାଟକର ଶ୍ୟାମଙ୍କ ଓ ବନ୍ଦନା ଚରିତ୍ର ମଧ୍ୟରେ । ସେଠାରେ ପରିବେଷିତ ସଙ୍ଗୀତଟି ଥିଲା-

ପୀରତି ମଦିରା ତନୁମନ ସାରା
ତୋଳେ ଯେବେ ଉନ୍ମାଦ
ଆବେଶ ନିବେଶ ତନ୍ମୟରସ
ଦଶଦଶା ପରମାଦ ।
ସହି, ନରୋତ୍ତମ ଦାସ କହେ .....
ଅନୁଭବୀ ବିନା କିଏ ବା ବୁଝିବ,
ସେ କଥା ବୁଝାଇ ନୁହେଁ ।''

(ନରୋତ୍ତମ ଦାସ କହେ)

ରାମଚନ୍ଦ୍ରଙ୍କ ନାଟକ ଗୁଡ଼ିକରେ ଓଡ଼ିଶାର ମାଟି-ପାଣି-ପବନର ରୂପ-ରସ ଓ ସ୍ପର୍ଶ ପ୍ରକାଶିତ । ତାଙ୍କ ନାଟକ ଗୁଡ଼ିକରେ ସଂଯୋଜିତ ସଂଗୀତ ଗୁଡ଼ିକରେ ମଧ୍ୟ ଅନୁରୂପ ଅବସ୍ଥା ଲକ୍ଷ୍ୟ କରାଯାଏ । ସବୁଠାରୁ ବଡ଼କଥା ହେଲା, ସେ ତାଙ୍କ ନାଟକରେ ଅନାବଶ୍ୟକ ଭାବରେ କୌଣସି ସଂଗୀତ ସଂଯୋଜନା କରିନାହାନ୍ତି । ତେଣୁ ତାଙ୍କ ସଂଗୀତ ଗୁଡ଼ିକର ଭାବାନୁସାରିତା ସବୁ କ୍ଷେତ୍ରରେ ନାଟକୀୟତା ପ୍ରକାଶରେ ଯେତେ ଉନ୍ମୁଖ, ଦର୍ଶକୀୟ ପରିତୃପ୍ତି ଏବଂ ମନୋରଞ୍ଜନ କରିବା ନିମିତ୍ତ ସେତେ ତତ୍ପର । ସଙ୍ଗୀତ ପ୍ରୟୋଗରେ ସଂଳାପ ପ୍ରୟୋଗ ଭଳି ସେ ସର୍ବଦା ସଚେତନ ରହିଛନ୍ତି । ତେଣୁ ତାଙ୍କ ସଙ୍ଗୀତ ପ୍ରୟୋଗଧାରାର ଭାବସାବଲ୍ୟ ଓ କଳାଗତ ସାଫଲ୍ୟ ପରିଲକ୍ଷିତ ହୋଇଥାଏ ।

ଖ.୫- ନାଟକୀୟ ଦ୍ୱନ୍ଦ୍ୱ ଓ ସଂଘର୍ଷ :

ପ୍ରଖ୍ୟାତ ନାଟ୍ୟ ସମାଲୋଚକ ବର୍ଣ୍ଣାଡ ସ'ଙ୍କ ମତରେ ଦ୍ୱନ୍ଦ୍ୱ ନଥାଇ ନାଟକ ନାହିଁ- 'No conflict, No drama' ଏହାର ଯଥାର୍ଥତାକୁ ନାଟ୍ୟକାରମାନେ ସ୍ୱୀକାର କରିଛନ୍ତି । ନାଟକ ଜୀବନର ପ୍ରତିଛବି । ଜୀବନ ଯେତେବେଳେ ନାନା ଦ୍ୱନ୍ଦ୍ୱ-ସଂଘର୍ଷ ଓ ସଂଘାତ ଭିତରେ ଗତିଶୀଳ, ସେତେବେଳେ ନାଟକରେ ଏହାର ପ୍ରତିବିମ୍ବନ ରହିବା ସ୍ୱାଭାବିକ । ଜୀବନର ଉଠାଣିଗଡ଼ାଣି ପାପ-ପୁଣ୍ୟ, ଭଲମନ୍ଦକୁ ନାଟକରେ ରୂପାୟିତ କରାଯିବାବେଳେ, ଦ୍ୱନ୍ଦ୍ୱ ହିଁ ସେଠାରେ ପ୍ରମୁଖ ବିଭବ ରୂପେ ଦେଖା ଦେଇଥାଏ । ଦ୍ୱନ୍ଦ୍ୱ ବର୍ଜିତ ନାଟକ, ନାଟକ ନୁହେଁ । ଏଣୁ ପ୍ରତ୍ୟେକ ନାଟ୍ୟକାରଙ୍କ ଭଳି ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକର ଶିଳ୍ପ ପ୍ରକରଣ ମଧ୍ୟରେ ଦ୍ୱନ୍ଦ୍ୱ ହିଁ ସ୍ଥାନ ପାଇଛି ।

Digitized by srujanika@gmail.com

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ନାଟକ ଗୁଡ଼ିକରେ ପ୍ରକାଶିତ ଦ୍ୱନ୍ଦ୍ୱକୁ ଆକଳନ କରିବାବେଳେ, ମୁଖ୍ୟତଃ ବାହ୍ୟ ଦ୍ୱନ୍ଦ୍ୱ, ଅନ୍ତର୍ଦ୍ୱନ୍ଦ୍ୱ ଓ ଉଭୟର ମିଶ୍ରିତ ଅବସ୍ଥା ରକ୍ଷା କରାଯାଇଥିବା ଲକ୍ଷ୍ୟ କରାଯାଏ । ଘଟଣା ସହିତ ଚରିତ୍ରର, ଚରିତ୍ର ସହିତ ଚରିତ୍ରର, ପରିବେଶ ସହିତ ଘଟଣାର ସଂଘର୍ଷ ଘଟାଇ ସେ ଦ୍ୱନ୍ଦ୍ୱ ସୃଷ୍ଟି କରିଛନ୍ତି । ନାଟ୍ୟକାରଙ୍କର 'ମ୍ୟାନେଜର', 'ମୂଲିଆ', 'ଘରସଂସାର', 'ସାଇପଡ଼ିଶା', 'ମମତା', 'ଚାବୁକ୍', 'ନରୋତ୍ତମ ଦାସ କହେ', 'ଆଶା ନିରାଶା', 'ମନ୍ତ୍ରୀ ଆସିବେ' ପ୍ରଭୃତି ନାଟକ ଗୁଡ଼ିକରେ ଅନ୍ତର୍ଦ୍ୱନ୍ଦ୍ୱ ଅପେକ୍ଷା ବାହ୍ୟ ଦ୍ୱନ୍ଦ୍ୱର ଆଧିକ୍ୟ ଥିବାରୁ ଏଗୁଡ଼ିକର ବହିର୍ଦ୍ୱନ୍ଦ୍ୱ ହିଁ, ଏସବୁ ନାଟକର ସଫଳତା ଆଣିପାରିଛି । 'ନାଟକ ରୀତିମତ', 'ସେବିକା', 'ପରପୁରୁଷ', 'ପ୍ରବାସୀ', 'ପ୍ରତୀକ୍ଷା', 'ପଡ଼ୋଶୀ', 'ରଜତଜୟନ୍ତୀ', 'ଆବିଷ୍କାର' ପ୍ରଭୃତି ନାଟକ ଗୁଡ଼ିକରେ ନାଟ୍ୟକାର ବିଶେଷତଃ ଅନ୍ତସଂଘର୍ଷ ପ୍ରକାଶ କରିଅଛନ୍ତି । 'କବିସୂର୍ଯ୍ୟ', 'ଭାଇଭାଉଜ', 'ଗୋଧୂଳି ଲଗ୍ନ', 'ମୃତ ଆସାମୀ', 'କିସ ପୁଣି ଦେଖା ନଯାଏ' ଇତ୍ୟାଦି ନାଟକରେ ଲେଖକ ଉଭୟ ପ୍ରକାରର ଦ୍ୱନ୍ଦ୍ୱର ଅବତାରଣା କରିଅଛନ୍ତି ।

ନାଟକ 'ମ୍ୟାନେଜର'ରେ ଶାସକ ଓ ଶୋଷିତର ସଂଘର୍ଷ କ୍ରମେ ଆର୍ଥନୀତିକ ସଂଘର୍ଷରେ ପରିଣତ ହୋଇଛି । ବୈକୁଣ୍ଠଙ୍କର କନ୍ୟା ବିବାହ ଜନିତ ସର୍ତ୍ତଭଙ୍ଗ ହିଁ ପ୍ରାଥମିକ ସ୍ତରରେ ଦ୍ୱନ୍ଦ୍ୱର ସୂତ୍ରପାତ ଘଟାଇଛି । ସେହିପରି 'ମୂଲିଆ' ନାଟକର ଦ୍ୱନ୍ଦ୍ୱ ମହାଜନ ଧତି ମହାପାତ୍ର ଏବଂ ଗ୍ରାମ୍ୟ ଯୁବକ ରାଜୁର ଉଚ୍ଚଶିକ୍ଷା ଭିତ୍ତିରେ ଘଟିଥିବା ସଂଘର୍ଷ ଉପରେ ଆଧାରିତ । ଏଠାରେ ଗ୍ରାମ୍ୟ ଓ ସହରୀ ସଂସ୍କୃତିର ସଂଘର୍ଷ ଫଳରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । 'ଘରସଂସାର' ନାଟକରେ ଦ୍ୱନ୍ଦ୍ୱ ଯେପରି ଚରମ ସୀମାରେ ଉପସ୍ଥିତ । ଏଠାରେ ଗୋପ-ଶାରଦାଙ୍କ ଚଳଣି ସହିତ ଅନିମା ଚଳଣିର ସଂଘର୍ଷ, ଗ୍ରାମ ଭିତରେ ଗୋପର ସରଳ ନିରାଡ଼ମ୍ବର ଓ ଆଦର୍ଶ ବ୍ୟକ୍ତିତ୍ୱ ସହିତ ଅନାଦି ଦାସ ପ୍ରଭୃତିଙ୍କ ଚକ୍ରାନ୍ତର ସଂଘର୍ଷ ହିଁ ସୃଷ୍ଟି କରିଛି ନାଟକୀୟ ଦ୍ୱନ୍ଦ୍ୱ । ବ୍ୟକ୍ତି ସହିତ ବ୍ୟକ୍ତିର, ପ୍ରାଚ୍ୟ ଚଳଣି ସହିତ ପାଶ୍ଚାତ୍ୟ ଚଳଣିର, ପରମ୍ପରା ସହିତ ଆଧୁନିକତାର ସର୍ବୋପରି ଆଦର୍ଶ ସହିତ ଖଳତ୍ୱର ସଂଘର୍ଷ, ସଂପୃକ୍ତ ନାଟକଟିକୁ ଅଧିକ ଉପଭୋଗ୍ୟ କରାଇଛି ।

ପାରମ୍ପରିକ ରାଜତାନ୍ତ୍ରିକ ଶାସନ ଓ ସ୍ୱାଧୀନତା ପ୍ରୟାସର ସଂଘର୍ଷ, 'ମଉଡ଼ମଣି' ନାଟକରେ ପରିଲକ୍ଷିତ । ଫଳତଃ ରାଜମାତା, କୁମାରସାହେବ, ସହିତ ସାଧୁସାନ୍ତରା ଓ ରଞ୍ଜନ ପ୍ରଭୃତିଙ୍କ ସଂଘର୍ଷକୁ ସେକ୍ରେଟାରୀ ଓ କବିରାଜ ପ୍ରମୁଖ ଚରିତ୍ର ମାଧ୍ୟମରେ ତ୍ୱରାନ୍ୱିତ କରାଯାଇଛି । 'ସାଇପଡ଼ିଶା'ର ଦ୍ୱନ୍ଦ୍ୱ ସଂଘଟିତ ହୋଇଛି ଅବସରପ୍ରାପ୍ତ ଶିକ୍ଷକ ନିମେଇ ଓ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣାଙ୍କ ଆଦର୍ଶ ସହିତ ଟାଉଟର ଭଜହରି ଏବଂ ପୋଲିସ୍ ପତ୍ନୀ ନିରୂପମାଙ୍କ ବିରୋଧ ହେତୁ । ଏଇଭଳି ଭାବରେ ବିଚାର କଲେ, ପ୍ରାଚ୍ୟ-ପାଶ୍ଚାତ୍ୟ ଚଳଣିର ପାରସ୍ପରିକ ବିରୋଧାଭାସ 'ମମତା' ନାଟକରେ ଲକ୍ଷ୍ୟ କରାଯାଏ । ପ୍ରବୋଧ, ତାଙ୍କ ପତ୍ନୀ ମାୟା ଓ ଶ୍ୱଶୁର ବାଉରିବନ୍ଧୁ ପ୍ରଭୃତି ଚରିତ୍ର ମାଧ୍ୟମରେ ଏଇ ସଂଘର୍ଷ ଚୂଡ଼ାନ୍ତ ରୂପରେଖ ଗ୍ରହଣ କରିଥିବା ସହଜରେ ଲକ୍ଷ୍ୟ କରିହୁଏ ।

Digitized by srujanika@gmail.com

ପରମ୍ପରା ସହିତ ଆଧୁନିକତାର ସଂଘର୍ଷ ସଂଘଟିତ ହୋଇଛି 'ଚାବୁକ୍' ନାଟକରେ । ପିତା ବଳିୟାରସିଂହଙ୍କ ଇଚ୍ଛାକୁ ସହରବାସୀ ପୁତ୍ର ଜୟନ୍ତର ବିରୋଧ ସହିତ ଆଦର୍ଶ ସହିତ ବାସ୍ତବତାର ସଂଘର୍ଷ ଏଠାରେ ପରିଲକ୍ଷିତ । 'ଚାବୁକ୍' ପତ୍ରିକା ପ୍ରକାଶନ, ଏ ପ୍ରକାରର ଦ୍ୱନ୍ଦ୍ୱକୁ ଅଧିକ କ୍ରିୟାଶୀଳ କରିଛି । ଅନୁରୂପ ଭାବରେ ଆଦର୍ଶ ଓ ବାସ୍ତବତାର ଦ୍ୱନ୍ଦ୍ୱ 'ନରୋତ୍ତମ ଦାସ କହେ' ନାଟକରେ ପ୍ରତିପାଦିତ । ସଂପୃକ୍ତ ନାଟକରେ ଲାଞ୍ଚଖୋର ସରକାରୀ କର୍ମଚାରୀ ମି.ଦାସ, ଲାଭଖୋର ବ୍ୟବସାୟୀ ଯାଦବ ଦାସ, ସୁବିଧାବାଦୀ ରାଜନୀତିକ ନେତା ମାଧବ ଦାସଙ୍କ ଚଳଣି ସହିତ, ନରୋତ୍ତମଙ୍କର ଆଦର୍ଶଗତ ବିରୋଧ ଦେଖାଦେଇଛି । ଏଇ ସଂଘର୍ଷରେ ବାସ୍ତବତା, ଆଦର୍ଶବାଦକୁ ଏଡାଇ ଦେଇଛି । ଭାଇ ଭାଇଙ୍କର କ୍ଷମତା ନିଶା ଓ ଅହଂକାର ମଧ୍ୟ ଏଥିରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । 'ଆଶାନିରାଶା'ରେ ସ୍ୱାର୍ଥସର୍ବସ୍ୱ ମନ୍ତ୍ରୀ ସୁବାସଙ୍କ ସହିତ ଏକଦା ସହକର୍ମୀ ମୋହନ ଓ ସୟଦଙ୍କର ଆଦର୍ଶର ବିରୋଧ ହିଁ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ସେଇପରି ନୀତି-ଆଦର୍ଶ ସହିତ କ୍ଷମତା ଲିପ୍‌ସାର ସଂଘର୍ଷ ଜନିତ କୁତ୍ସିତ ପରିଣତି ପରିଲକ୍ଷିତ ହୋଇଛି 'ମନ୍ତ୍ରୀ ଆସିବେ' ଏବଂ 'ଭୋଟ ସଂସାର'ରେ ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ତାଙ୍କର କେତେକ ନାଟକରେ ମନୋବିଶ୍ଳେଷଣ କରିବାକୁ ଯାଇ, ଚରିତ୍ର ଗୁଡ଼ିକର ଗହନ ସଂଘର୍ଷକୁ ପ୍ରକାଶ କରିଛନ୍ତି । ଏହାଦ୍ୱାରା ତାଙ୍କର କେତୋଟି ନାଟକରେ ଅନ୍ତର୍ଦ୍ୱନ୍ଦ୍ୱ ପରିଲକ୍ଷିତ ହୋଇଛି । ଏ ଧରଣର ଏକ ସଫଳ ନାଟକ ହେଉଛି 'ନାଟକ ରୀତିମତ' । ଗୋଟାଏ ଦିଗରେ ରୋଗୀ ଚିକିତ୍ସା ପରି ପରମ କର୍ତ୍ତବ୍ୟବୋଧ ଏବଂ ଅପର ଦିଗରେ ନାଟକରେ ଅଭିନୟ କରିବାର ଦାୟିତ୍ୱବୋଧ- ଉଭୟ ଭିତରେ ସନ୍ତୁଳିତ ହୋଇଛି, ନାୟକ ଉଦୟର ଅନ୍ତରାତ୍ମା । ଉଦୟ ପ୍ରତି ଆଶା ବାନ୍ଧିଛି ସୁଚିତ୍ରା, ଏଣେ ସାଧନା ହେଉଛି ଉଦୟର ରୋଗୀ । ଉଭୟଙ୍କ ଭିତରେ କ'ଣ କର୍ତ୍ତବ୍ୟ, କ'ଣ ଅକର୍ତ୍ତବ୍ୟ- ତାହା ଅନୁଭବ କରିବା ଭଳି ମାନସିକ ସନ୍ତୁଳନର ସମ୍ମୁଖୀନ ହେଉଥିବା ଉଦୟର ମାନସିକତା ହିଁ ହୋଇଛି ଦ୍ୱନ୍ଦ୍ୱମୁଖର ।

ପ୍ରେମ ଓ ବିବାହକୁ ନେଇ ସଂଘଟିତ ଦ୍ୱନ୍ଦ୍ୱ, 'ନାଟକ ରୀତିମତ' ଠାରୁ ଅଧିକତର ଭାବରେ ବିସ୍ତାରିତ ହୋଇଛି 'ଗୋଧୂଳି ଲଗ୍ନ'ରେ । ଅଧ୍ୟାପକ ବିକାଶ ଓ ଜୟନ୍ତୀର ପାରସ୍ପରିକ ପ୍ରେମ, ପୁନଶ୍ଚ ଜୟନ୍ତୀର ଅନ୍ୟତ୍ର ବିବାହ, ଇତ୍ୟାଦି ଘଟଣା, ଅଧ୍ୟାପକଙ୍କ ଠାରେ ତୀବ୍ର ମାନସିକ ସଂଘାତ ସୃଷ୍ଟି କରିଛି । ଏଇ ସଂଘାତ ପୁଣି ଅଧିକ ତୀବ୍ରତର ହୋଇଛି ଜୟନ୍ତୀ କ୍ଷେତ୍ରରେ । ସେ ପୂର୍ବତନ ପ୍ରେମିକା, ପୁଣି ବର୍ତ୍ତମାନ ସମୟରେ ପରିଣୀତା । ସ୍ୱାମୀ ଓ ପ୍ରେମିକ- ଉଭୟଙ୍କ ମଧ୍ୟରେ ଜୟନ୍ତୀର ମାନସିକ ସଂଘର୍ଷ ହିଁ ଏଠାରେ ଗଭୀର ଅନ୍ତର୍ଦ୍ୱନ୍ଦ୍ୱର କାରଣ ।

ସନ୍ଦେହ ଓ ବିଶ୍ୱାସ ମଧ୍ୟରେ ରହିଥିବା ମାନସିକ ଦ୍ୱନ୍ଦ୍ୱର ଚିତ୍ର, 'ପରପୁରୁଷ' ନାଟକରେ ପରିଲକ୍ଷିତ । ଏକଦା ଅନ୍ୟର ପ୍ରେମିକ ଥିବା ବନାନୀ ବିବାହ ପରେ ସ୍ୱାମୀ ଶ୍ୟାମଳ ନିକଟରେ ଦେହ ଓ ମନ ଉଭୟ ସ୍ତରରେ ବିଶ୍ୱାସନୀୟତା ସୃଷ୍ଟି କରିଥିଲେ ମଧ୍ୟ, ସନ୍ଦେହୀ ଶ୍ୟାମଳର କ୍ରମାଗତ ସନ୍ଦେହହିଁ ଏଠାରେ ମାନସିକ ଦ୍ୱନ୍ଦ୍ୱର ପ୍ରମୁଖ କାରଣ ରୂପେ ଦେଖା

Digitized by srujanika@gmail.com

ଦେଇଛନ୍ତି । 'ପ୍ରବାସୀ' ନାଟକରେ ସ୍ୱଦେଶ ଓ ବିଦେଶଗତ ଦ୍ୱନ୍ଦ୍ୱ ପରିଲକ୍ଷିତ. ପ୍ରାଚ୍ୟ ଓ ପାଶ୍ଚାତ୍ୟର ଦ୍ୱନ୍ଦ୍ୱ ହୋଇଛି 'ପଡ଼ୋଶୀ'ରେ ପ୍ରତୀକିତ । ସେଇଭଳି ରଜତ ଓ ଜୟନ୍ତୀର ପ୍ରେମଭିତ୍ତିକ ଦ୍ୱନ୍ଦ୍ୱ ହିଁ 'ସେବିକା'ର ଦ୍ୱନ୍ଦ୍ୱ ଭଳି ପ୍ରେମ ଓ ପ୍ରଣୟଭିତ୍ତିକ । 'ପ୍ରତୀକ୍ଷା'ର ଦ୍ୱନ୍ଦ୍ୱ ମଧ୍ୟ ସମାନୁପାତିକ ଧାରାରେ ଗତିଶୀଳ ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ନାଟକ ଗୁଡ଼ିକରେ ବାହ୍ୟ ଦ୍ୱନ୍ଦ୍ୱଠାରୁ ଅନ୍ତର୍ଦ୍ୱନ୍ଦ୍ୱ ବରଂ ଅଧିକ ସଂଘାତସଂକୁଳ ଓ ଆକର୍ଷଣୀୟ । ଦ୍ୱନ୍ଦ୍ୱ ମାଧ୍ୟମରେ ସେ ନାଟକୀୟ ଗତି ଭଙ୍ଗୀରେ ଅତର୍କିତ ପରିବର୍ତ୍ତନ ଆଣିଛନ୍ତି ଓ ଦର୍ଶକୀୟ ଉତ୍କଣ୍ଠା ନିମିତ୍ତ ଯଥେଷ୍ଟ ସୁଯୋଗ ସୃଷ୍ଟି କରିଛନ୍ତି । ଫଳତଃ ତାଙ୍କର ଦ୍ୱନ୍ଦ୍ୱ ନାଟକୀୟ କଳାକୁ ଅଧିକ କୌଶଳପୂର୍ଣ୍ଣ, ଉତ୍କଣ୍ଠାପ୍ରଦ ତଥା ଉପଭୋଗ୍ୟ କରାଇପାରିଛି ବୋଲି କହିବା ଯଥାର୍ଥ ହେବ ।

ଖ.୬- ନାଟ୍ୟୋତ୍କଣ୍ଠା ସୃଜନ :

ନାଟ୍ୟାଭିନୟ ସହିତ, ଦର୍ଶକଙ୍କ ମାନସିକତାକୁ ସମ୍ପୂର୍ଣ୍ଣ ରୂପେ ବାନ୍ଧି ରଖିବା ନିମିତ୍ତ, ଉତ୍କଣ୍ଠା ହେଉଛି ସର୍ବଶ୍ରେଷ୍ଠ ଆକର୍ଷଣୀୟ ନାଟ୍ୟ ଉପାଦାନ । ନାଟ୍ୟ କାହାଣୀକୁ ସହଜ, ସରଳ ଗତି ପଥରେ ଅଗ୍ରସର କରାଇଲେ, ଏହାର ପରବର୍ତ୍ତୀ ଅବସ୍ଥା କ'ଣ ହେବ, ଦର୍ଶକ ସେ ସମ୍ପର୍କରେ ସମ୍ପୂର୍ଣ୍ଣ ଭାବରେ ଅନୁମାନ କରି ନେଇପାରେ । ତେଣୁ ନାଟ୍ୟ ବିଷୟରୁ ହୁଏତ ତା'ର ଆଗ୍ରହ ହ୍ରାସ ପାଇଥାଏ । ଏହି ହେତୁ ନାଟ୍ୟକାରମାନେ ସେମାନଙ୍କ ଅସାମାନ୍ୟ ପ୍ରକାଶ କୌଶଳ ବଳରେ ନାଟ୍ୟ କାହାଣୀଟିକୁ ସରଳ ନୁହେଁ, ଅଥଚ ଜଟିଳ ଗତିଭଙ୍ଗୀ ଦ୍ୱାରା ଉପସ୍ଥାପିତ କରାନ୍ତି । ଏହାଦ୍ୱାରା ଦର୍ଶକ ଆଶା କରୁଥିବା ଦୃଶ୍ୟ ନ ଦେଖି ବରଂ ଏହାକୁ ଦେଖିବା ନିମିତ୍ତ ଉତ୍କଣ୍ଠିତ ହୋଇଥାଏ । ଦ୍ୱନ୍ଦ୍ୱର ଉତ୍କର୍ଷତା ଏବଂ ଘାଟନିକ ସଂଘର୍ଷ ଭିତରେ ହିଁ, ଉତ୍କଣ୍ଠା ତୀବ୍ରତର ହୋଇପାରେ । ଆକସ୍ମିକ ଘଟଣାରେ, କାହାଣୀର ମୋଡ଼ ବଦଳିଯାଏ ଏବଂ ଦର୍ଶକ, ପରବର୍ତ୍ତୀ ଦୃଶ୍ୟକୁ କୌତୂହଳୀ ଦୃଷ୍ଟିରେ ଅପେକ୍ଷା କରି ରହନ୍ତି । ଏଇ କ୍ରମରେ ସମଗ୍ର ନାଟକଟି କେତେବେଳେ ଶେଷ ହୋଇଯାଏ, ଦର୍ଶକ ତାହା ଅନୁଭବ କଲା ବେଳକୁ, ପ୍ରେକ୍ଷାଗୃହ ତ୍ୟାଗ କରୁଥାଏ ।

ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ପ୍ରଥମ କରି ବ୍ୟବସାୟିକ ରଙ୍ଗମଞ୍ଚ ପାଇଁ ନାଟକ ରଚନା କରିଛନ୍ତି ଓ ବ୍ୟବସାୟିକ ସଫଳତା ପାଇଁ, ନାଟ୍ୟ କାହାଣୀକୁ ସେ ସଜାଇଛନ୍ତି । ତାଙ୍କର ପରିବେଷଣ କଳାଟି ସ୍ୱତନ୍ତ୍ର । ଦର୍ଶକଙ୍କ ମାନସିକତାକୁ ନାଟକ ସହିତ ବିଜଡିତ କରିବା ପାଇଁ ସେ ନାଟକ ଗୁଡ଼ିକରେ ଅନେକତ୍ର ଉତ୍କଣ୍ଠା ସୃଷ୍ଟି କରିଅଛନ୍ତି । କୁସୁମକୁ ଅପହରଣ ଓ ସହରୀ ଗୁଣ୍ଡା ହାତରେ ପ୍ରଦାନ କରାଯିବା ପରେ 'ମ୍ୟାନେଜର' ନାଟକର ଉତ୍କଣ୍ଠା ସୃଷ୍ଟି ହୋଇଛି । ସୁଷମାର ମନକଥା ଜାଣିବାକୁ ଦର୍ଶକଙ୍କ ଭିତରେ ସେଇ ଉତ୍କଣ୍ଠା । ଧଡି ମହାପାତ୍ରର ଚକ୍ରାନ୍ତର ପରିଣତି ପାଇଁ ଦର୍ଶକ ଉଦ୍‌ଗ୍ରୀବ, କୁମାରୀ ସର ସହିତ ମହାପାତ୍ରର ବିବାହ ମଧ୍ୟ ଅନ୍ୟ ଏକ କୌତୂହଳପୂର୍ଣ୍ଣ ଘଟଣା ରୂପେ 'ମୂଲିଆ'ରେ ଦେଖାଦେଇଛି । 'କବିସୂର୍ଯ୍ୟ' ନାଟକରେ କବିସୂର୍ଯ୍ୟ ବଳଦେବ ରଥଙ୍କର ଘନ ଘନ ସ୍ଥାନ ପରିବର୍ତ୍ତନ,

Digitized by srujanika@gmail.com

ଗୋପନରେ କାଳଯାପନ ଏବଂ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଆପଣାର ପରିଚୟ ପ୍ରଦାନ ମଧ୍ୟ ଭିନ୍ନ ଉତ୍କଣ୍ଠା ସୃଷ୍ଟି କରିଥାଏ ।

ଉତ୍କଣ୍ଠିତ ବାତାବରଣ ମଧ୍ୟରେ 'ଘରସଂସାର' ନାଟକର ଆରମ୍ଭ । ଶାରଦା ବିବାହରେ ବର ନ ଆସିବା ହେତୁ ଉତ୍ସବମୁଖର ପରିବେଶର ସ୍ତବ୍ଧତା, ଗୋପଙ୍କର ଶାରଦାକୁ ବିବାହ ଇତ୍ୟାଦି ଆକସ୍ମିକତା ଏଠାରେ ଉତ୍କଣ୍ଠାର କାରଣ । ଶାରଦାଙ୍କ ପ୍ରତି ଅନିମାଙ୍କର ଅବଜ୍ଞାର ଶୀର୍ଷତା ମଧ୍ୟ ଉତ୍କଣ୍ଠା ସୃଷ୍ଟି କରିଛି । ନିଜ ସ୍ୱାମୀ ଶଯ୍ୟାଧାରରେ ଶାରଦାଙ୍କ ଜ୍ୱଳନ୍ତ ଅବସ୍ଥା ପରେ ଅନିମାର ପ୍ରତିକ୍ରିୟା, ଦର୍ଶକଙ୍କ ଉତ୍କଣ୍ଠାକୁ ଚରମ ସୀମାକୁ ନେଇଯାଇଛି । ଗ୍ରାମବାସୀଙ୍କର ମିଳିତ ଉଦ୍ୟମକୁ କୁମାର ଓ ଲିଲିଙ୍କର ଆକସ୍ମିକ ବିରୋଧ, 'ମଉଡ଼ମଣି' ନାଟକର ପ୍ରାରମ୍ଭିକ ପର୍ଯ୍ୟାୟକୁ ଉତ୍କଣ୍ଠାପୂର୍ଣ୍ଣ କରିଛି । ଏହାର ପରବର୍ତ୍ତୀ ଦୃଶ୍ୟ ଗୁଡ଼ିକରେ ସାଧୁ ସାନ୍ତରା ପ୍ରତି କବିରାଜର ବିଷ ପ୍ରୟୋଗାଦି ଘଟଣା ମଧ୍ୟ କୌତୂହଳ ସୃଷ୍ଟି କରିଛି । 'ସାଇପଡ଼ିଶା' ନାଟକରେ ନିଜ ତରଫରୁ ଶିକ୍ଷକ ନିମାଇଁ, ବନ୍ଧୁଙ୍କ ପାଇଁ ଗୃହ ନିର୍ମାଣ କରିବାର ପରିଣତି ପାଇଁ ଦର୍ଶକଙ୍କ ଭିତରେ ଉତ୍କଣ୍ଠା ସୃଷ୍ଟି ହୋଇଛି ।

ନାଟକୀୟ ଗତିଭଙ୍ଗୀ ଭିତରେ ଉତ୍କଣ୍ଠା ସଂରକ୍ଷଣରେ 'ଭାଇଭାଉଜ'ର ସାର୍ଥକତା ସମସ୍ତେ ଉପଲବ୍ଧି କରିପାରନ୍ତି । ଯୋଗୀବାବୁଙ୍କ ଦ୍ୱାରା ପିତୃହତ୍ୟା, ଅଥଚ ନିରୀହ ମହୀକୁ ଦୋଷୀ ସାବ୍ୟସ୍ତ କରିବା ଘଟଣା ଦର୍ଶକଙ୍କ ଭିତରେ ଉଦ୍‌ବେଗ ସୃଷ୍ଟି କରିଥାଏ । ଭାଇଗ ଓ ଦୁଃଖୀର ପବିତ୍ର ସଂପର୍କକୁ ଲୋକ ଅପବାଦ ଦ୍ୱାରା କଳଙ୍କିତ କରାଯିବା ମଧ୍ୟ ଭିନ୍ନ ଉଦ୍‌ବେଗ । 'ନାଟକ ରୀତିମତ'ରେ ନାଟକ ଅଭିନୟର ସମ୍ଭାବ୍ୟ ପରିସ୍ଥିତିକୁ ନେଇ ଆରମ୍ଭ ହୋଇଥିବା ତର୍କଣା, ଯଥେଷ୍ଟ ଦର୍ଶକୀୟ ଉତ୍କଣ୍ଠା ସୃଷ୍ଟି କରିଥାଏ, ଯାହା ନାଟକର ପରିଣତି ପର୍ଯ୍ୟନ୍ତ ମଧ୍ୟ ଅତୁଟ ରହିଛି । ହଁ ନାଇଁର ଖେଳ ଭିତରେ 'ଗୋଧୂଳି ଲଗ୍ନ' ନାଟକର ଦୃଶ୍ୟାବଳୀ ଓ ଘଟଣା, ଦର୍ଶକମାନଙ୍କୁ ଉଦ୍‌ବିଗ୍ନ କରିଛି । ସୁବାସର ଆକସ୍ମିକ ଦୁର୍ଘଟଣା, ସେ ଚାକିରି ପାଇବା ନ ପାଇବା, ବାସନ୍ତୀଙ୍କର ସୁବାସକୁ ବିବାହ ଇତ୍ୟାଦି ସନ୍ଦିଗ୍ଧ ଅବସ୍ଥା, ନାଟକଟିକୁ ଉତ୍କଣ୍ଠାପୂର୍ଣ୍ଣ କରି ଗଢି ତୋଳିଛି ।

'ସେବିକା' ନାଟକରେ ବିକାଶର ଦୁର୍ଘଟଣା, ଜୟନ୍ତୀ ସହିତ ବିବାହର ସମ୍ଭାବନା, ଶଶାଙ୍କ ସହିତ ଜୟନ୍ତୀର ବିବାହ, ଶଶାଙ୍କ ପାଖରେ ବିକାଶର ଚିକିତ୍ସା, ବିକାଶ ନିକଟରେ ଜୟନ୍ତୀର ସନ୍ତୁଳନ ପ୍ରଭୃତି ଚରମ ମାନସିକ ଉଦ୍‌ବେଗ ସୃଷ୍ଟି କରିଥାଏ । 'ମମତା' ନାଟକରେ ମାୟାର ଗହଣା ଚୋରିରେ ସୁବାସଙ୍କ ମିଥ୍ୟା ସଂପୃକ୍ତି, ସୁବାସର ଅନ୍ତର୍ଦ୍ଧାନ, ମାଧବ ଓ ପ୍ରବୋଧ ମଧ୍ୟରେ ସଂଘର୍ଷ ଇତ୍ୟାଦି ଘାଟନିକ ଘନଘଟାର ପରିଣତି ନିମିତ୍ତ ଦର୍ଶକ ଉତ୍କଣ୍ଠିତ ହେବା ସ୍ୱାଭାବିକ । 'ପୁଅାଣି ଘର'ରେ ମାଧବ ସହିତ ପୁନିର ବିବାହ ନେଇ ଆଶଙ୍କା, ଚକ୍ରାନ୍ତକାରୀ ନବଘନର ପୁନିକୁ ନେଇ କଲିକତା ଯିବାର ପ୍ରଚେଷ୍ଟା ଇତ୍ୟାଦି ସନ୍ଦେହ, ଦର୍ଶକଙ୍କ ଭିତରେ ଉତ୍କଣ୍ଠା ସୃଷ୍ଟି କରିଛି । 'ଚାବୁକ୍'ରେ ପିତା ଓ ପୁତ୍ରଙ୍କ ମଧ୍ୟରେ ମତ ପାର୍ଥକ୍ୟ, ଦାସ ସାହେବଙ୍କ ଅର୍ଥ, କ୍ଷମତା, ପ୍ରତିପତ୍ତି ଓ ସୁନ୍ଦରୀ କନ୍ୟାକୁ ଜୟନ୍ତର

Digitized by srujanika@gmail.com

ପ୍ରତ୍ୟାଖ୍ୟାନ, 'ଚାବୁକ୍' ପତ୍ରିକା ମାଧ୍ୟମରେ ସତ୍ୟର ଉଦ୍‌ଘାଟନ ପ୍ରଭୃତି ଘାଟନିକ ବୈଚିତ୍ର୍ୟ ଉତ୍କଣ୍ଠା ସୃଜନରେ ସହାୟତା କରିଛି । ଶ୍ୟାମଳ ଓ ବନାନୀଙ୍କ ଦାମ୍ପତ୍ୟ ଜୀବନର ପରିଣତି ସମ୍ପର୍କରେ ସନ୍ଦେହାକୁଳ ଦର୍ଶକ ସମାଜ, 'ପରପୁରୁଷ' ନାଟକର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ଉତ୍ସୁକତା ପ୍ରକାଶ କରିଛି ।

ପ୍ରେମ-ପ୍ରଣୟର ପରିଣତି ହିଁ 'କିସ ପୁଣି ଦେଖା ନ ଯାଏ' ନାଟକରେ ଉତ୍କଣ୍ଠା ଆଣିଛି । ରଜତ ଓ କାକଳୀର ପ୍ରେମବିବାହ, କାକଳୀର ସ୍ୱେଚ୍ଛାଚାରିତା, ବଳବନ୍ତରାୟଙ୍କ ଚକ୍ରାନ୍ତ ଇତ୍ୟାଦି ଏଇ ନାଟକରେ ଉତ୍କଣ୍ଠା ସୃଷ୍ଟି କରିଛି । 'ମୃତ ଆସାମୀ'ରେ ବିଚାରାଳୟ ମଧ୍ୟରେ ଆସାମୀ ପ୍ରତି ଜେରା ଏବଂ ପ୍ରକୃତ ଦୋଷୀକୁ ଖୋଜି ବାହାର କରିବା ଅବସ୍ଥା, ଉତ୍କଣ୍ଠା ସୃଷ୍ଟି କରିଛି । 'ପ୍ରବାସୀ'ରେ ବିଶ୍ୱ ଓ ସୁମିତ୍ରାଙ୍କର ଓଡ଼ିଶା ତ୍ୟାଗର ସଂଶୟ ମଧ୍ୟ ଉତ୍ସୁକତା ଆଣିପାରିଛି । 'ପ୍ରତୀକ୍ଷା'ରେ ପ୍ରେମିକ ମନୋଜ ଏବଂ ସ୍ୱାମୀ ଅଜିତ୍‌ଙ୍କ ପ୍ରତି ବାସନ୍ତୀଙ୍କ ମାନସିକତା ଜାଣିବା ପାଇଁ, ଦର୍ଶକ କୌତୂହଳୀ ହୋଇଛନ୍ତି । 'ପଡ଼ୋଶୀ'ରେ ପତ୍ନୀଙ୍କର ପରିବର୍ତ୍ତନରେ ପତିଙ୍କ ପ୍ରତିକ୍ରିୟା ମଧ୍ୟ ଉତ୍କଣ୍ଠା ସୃଜନରେ ପ୍ରୟାସ କରିଛି । 'ଆବିଷ୍କାର'ରେ ଗବେଷକ ଅଧ୍ୟାପକଙ୍କ ଦୟନୀୟ ଆଚରଣ, ଶେଷରେ କେଉଁ ମୋଡ଼ ନେବ, ସେଥିପାଇଁ ଦର୍ଶକର ଉଦ୍‌ବେଗ ପ୍ରକାଶିତ । ଏକଦା ପ୍ରେମିକା ଓ ବର୍ତ୍ତମାନର ବିଧବା ଜୟନ୍ତୀକୁ ପ୍ରେମିକ ରଜତର ସ୍ୱୀକୃତିର ସମ୍ଭାବନାରେ ଉତ୍କଣ୍ଠିତ ହୋଇଥାଏ ଦର୍ଶକ । 'ଆଶାନିରାଶା'ରେ ସ୍ୱାର୍ଥ ଓ କ୍ଷମତା ସହିତ ନୀତିନିଷ୍ଠତା ଓ ଆଦର୍ଶର ଯେଉଁ ସଂଘର୍ଷ ପରିଲକ୍ଷିତ, ତହିଁରେ କିଏ ବିଜୟୀ ହେବ, ଏଇ ସମ୍ଭାବନା ହିଁ ଉଦ୍‌ବେଗ ସୃଷ୍ଟି କରିଛି । 'ଭୋଟ ସଂସାର'ରେ ମଧ୍ୟ ଅନୁରୂପ ଅବସ୍ଥା । ଏଠି କ୍ଷମତା, ଅର୍ଥବଳ ନା ଆଦର୍ଶ- କାହାର ବିଜୟ ଘଟିବ, ଏଥି ନେଇ ତର୍କଣା ପ୍ରକାଶ ପାଇଛି । 'ଅର୍ଥ ଅନର୍ଥ'ରେ ଜଳିଦେବୀଙ୍କୁ ଦୁର୍ଘଟଣାଗ୍ରସ୍ତ ମନୁବାବୁଙ୍କ ବିବାହ କରିବା ନ କରିବା ଜନିତ ଆଶା ଓ ଆଶଙ୍କା ଉତ୍କଣ୍ଠାର ସୂତ୍ରପାତ କରାଇଛି ।

ନାଟ୍ୟକାର ରାମଚନ୍ଦ୍ରଙ୍କର ସମଗ୍ର ନାଟ୍ୟ ସୃଷ୍ଟି ପରିକ୍ରମା କଲାବେଳେ, ପ୍ରାରମ୍ଭିକ ପର୍ଯ୍ୟାୟର ନାଟକ ଗୁଡ଼ିକରେ ପରିଦୃଷ୍ଟ ଉତ୍କଣ୍ଠା ଅପେକ୍ଷା, ଉତ୍ତୀର୍ଣ୍ଣ ପର୍ଯ୍ୟାୟରେ ରଚିତ ନାଟକ ଗୁଡ଼ିକର ଉତ୍କଣ୍ଠା ବରଂ ଅଧିକ ତୀବ୍ର ଓ ଆବେଗଯୁକ୍ତ । ପ୍ରଥମ ପର୍ଯ୍ୟାୟର ନାଟକ ଗୁଡ଼ିକରେ ଦୋଷୀର ତୀବ୍ର ଅନୁତାପ ଏବଂ ବିଚ୍ଛେଦ ପରବର୍ତ୍ତୀ ମିଳନର ଧାରା, ଉତ୍କଣ୍ଠା ରକ୍ଷା କରିବାରେ ପ୍ରୟାସୀ ଥିଲେ ମଧ୍ୟ, ଦର୍ଶକଙ୍କ ଅନୁମାନ ଭିତରେ ତାହା ପ୍ରାୟ ଅନୁଭୂତ ହେଉଥିଲା । ମାତ୍ର ଶେଷ ପର୍ଯ୍ୟାୟର ନାଟକ ଗୁଡ଼ିକରେ ତୀବ୍ର ମାନସିକ ସଂଘର୍ଷ ସ୍ଥାନ ପାଇବା ହେତୁ, ନାଟକର ପରିଣତି ସମ୍ପର୍କରେ ଦର୍ଶକଙ୍କ ଆଗୁଆ ଅନୁମାନ ସ୍ଥଳ ବିଶେଷରେ ବିଭ୍ରାନ୍ତ ହୋଇପଡୁଥିଲା । ବେଳେବେଳେ ସମସ୍ୟାର ଦୁର୍ଗମତା ଉତ୍କଣ୍ଠାର ତୀବ୍ରତା ସୃଷ୍ଟି କରୁଥିବା ଲକ୍ଷ୍ୟ କରାଯାଏ ଏବଂ ଶେଷ ପର୍ଯ୍ୟାୟରେ ସମାଧାନ ହିଁ ଉତ୍କଣ୍ଠାର ସମାଧାନ ଘଟାଏ । କିନ୍ତୁ ଅନେକ ନାଟକରେ ସମାଧାନଟାକୁ ଦର୍ଶକଙ୍କ ବିଚାର ଉପରେ ନ୍ୟସ୍ତ କରାଇ, ନାଟ୍ୟକାର ଉତ୍କଣ୍ଠାର ଅବସାନ ଘଟାଇ ନାହାନ୍ତି । ଉତ୍କଣ୍ଠା ସୃଜନରେ ନାଟ୍ୟକାର ରାମଚନ୍ଦ୍ର ଜଣେ ଧୂରୀଣ ଶିଳ୍ପୀ ।

Digitized by srujanika@gmail.com

ଖ.୭- ପରିବେଷଣ ପ୍ରକାର୍ଯ୍ୟ :

ମଞ୍ଚହିଁ ନାଟକର ପରୀକ୍ଷାଗାର । ମଞ୍ଚରେ ପରୀକ୍ଷିତ ହୁଏ ନାଟକର ଉତ୍କର୍ଷ ଏବଂ ଅପକର୍ଷ । ମଞ୍ଚ ସେଇ ପବିତ୍ର ପୀଠ, ଯେଉଁଠି ନାଟକର ଭଲ-ଭେଲ ନିର୍ଣ୍ଣିତ ହୁଏ । ମଞ୍ଚାୟନ କାଳରେ ତାଳି ଓ ଗାଳି, ନାଟକର ଭବିଷ୍ୟତ ନିର୍ଣ୍ଣୟ କରିଥାଏ । ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଥିଲେ ନାଟ୍ୟକାର, ଅଭିନେତା ଏବଂ ନିର୍ଦ୍ଦେଶକ । ମଞ୍ଚ ପ୍ରତି ତାଙ୍କର ଆକର୍ଷଣ ଥିଲା ସର୍ବାଧିକ । କୈଶୋରରୁ ନାଟକାଭିନୟ ସହିତ ତାଙ୍କର ସମ୍ପୃକ୍ତି, ପୁଣି ଉଚ୍ଚଶିକ୍ଷା କାଳରେ ଭିନ୍ନ ଭିନ୍ନ ମଞ୍ଚରେ ଅଭିନୟ ଦର୍ଶନ, ଅଭିନୟ ଓ ନାଟକ ସମ୍ପର୍କରେ ଆଲୋଚନା, ପର୍ଯ୍ୟାଲୋଚନା, ବିଚାରକ ଭାବରେ ନାଟକ ମୂଲ୍ୟାୟନରେ ଅଂଶ ଗ୍ରହଣ ପ୍ରଭୃତି ବିଶେଷ ଅନୁଭୂତି, ତାଙ୍କୁ ମଞ୍ଚ ପାଇଁ ନାଟକ ରଚନା କରିବା ନିମିତ୍ତ ସବୁପ୍ରକାରେ ପ୍ରସ୍ତୁତ କରିଥିଲା । ତେଣୁ ତାଙ୍କର ସୁବିପୁଳ ଅନୁଭୂତି ନେଇ, ସେ ପେଶାଦାର ରଙ୍ଗମଞ୍ଚ ନିମିତ୍ତ ନାଟକ ରଚନାରେ ବ୍ରତୀ ହେଲେ । ତାଙ୍କ ରଚିତ ପ୍ରଥମ ନାଟକ 'ଅଭିମାନ' ଭାରତୀ ଥିଏଟର୍ସରେ ମଞ୍ଚସ୍ଥ ହୋଇ ଅସାମାନ୍ୟ ସଫଳତା ଲାଭ କରିବା, ପ୍ରକୃତରେ ସୌଭାଗ୍ୟର ବିଷୟ । ବିଶେଷତଃ 'ମୂଲିଆ' ନାଟକର ଗୋଟିଏ ଦିନରେ ସକାଳ, ଅପରାହ୍ନ ଓ ସନ୍ଧ୍ୟାରେ ତିନିଥର ଅଭିନୟ ପ୍ରଦର୍ଶନ, ତାଙ୍କ ମଞ୍ଚ କୌଶଳର ସଫଳତାର ଯଥାର୍ଥ ପରିଚୟ । ଏ ସମ୍ପର୍କରେ ସେ ସମୟର ଦର୍ଶକୀୟ ପ୍ରତିକ୍ରିୟା ଥିଲା- ''ବେଶ ଭୂଷଣ ଅସମ୍ଭାଳ । ମୂଲିଆ ପ୍ରେମ କଲାକାଳ ।''

ନାଟ୍ୟବିଦ୍‌ମାନେ ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଓ ସାତ୍ତ୍ୱିକ- ଏଇ ଚାରିପ୍ରକାରର ଅଭିନୟ ଉପରେ ଗୁରୁତ୍ୱ ଦେଇଥାଆନ୍ତି । ଅଭିନୟ ପରିବେଷଣ କାଳରେ ଉପଯୁକ୍ତ ଆହାର୍ଯ୍ୟ ନଥିଲେ, ତାହା ଦର୍ଶକୀୟ ବିଶ୍ୱାସନୀୟତା ହରାଇ ବସେ । ଏଥିପାଇଁ ଦର୍ଶକ ମାନସିକତା ପ୍ରତି ଦୃଷ୍ଟି ଦିଆଯିବା ଦରକାର । ଉପଯୁକ୍ତ ବେଶ ପୋଷାକ, ଉପଯୁକ୍ତ ଦୃଶ୍ୟ ଉପସ୍ଥାପନା ଏବଂ ଦୃଶ୍ୟସଜ୍ଜା ହିଁ ଆଣେ ନାଟକୀୟ ସଫଳତା । ପରିବେଶ ସୃଜନରେ ସାମାନ୍ୟ ତ୍ରୁଟି ଲକ୍ଷିତ ହେଲେ, ଅଭିନୟ ଯେତେ ସଫଳ ଓ ସବଳ ହେଲେ ମଧ୍ୟ, ଦର୍ଶକମାନେ ତାହାକୁ ସର୍ବାନ୍ତକରଣରେ ଗ୍ରହଣ କରିପାରନ୍ତି ନାହିଁ । ଏଣୁ ସଫଳ ଦୃଶ୍ୟ ସଜ୍ଜା ଉପରେ ନାଟ୍ୟରଥୀ ରାମଚନ୍ଦ୍ର ମିଶ୍ର ବିଶେଷ ଗୁରୁତ୍ୱ ଦେଇଥିଲେ । ତାଙ୍କ ରଚିତ ନାଟକ ଗୁଡ଼ିକର ଅଭିନୟ ଦେଖି ଦର୍ଶକମାନେ ଶତମୁଖରେ ତାଙ୍କର ପ୍ରଶସ୍ତି ଗାନ କରୁଥିଲେ । ତାଙ୍କର ପ୍ରକାଶିତ ନାଟକ ଗୁଡ଼ିକ, ପାଠ କଲା ବେଳେ, ପ୍ରତି ଅଙ୍କ ଓ ପ୍ରତି ଦୃଶ୍ୟର ଆରମ୍ଭରେ ସଂପୃକ୍ତ ଦୃଶ୍ୟରେ ଅଭିନୀତ ବିଷୟ ପ୍ରକରଣ ନିମିତ୍ତ ଉପଯୁକ୍ତ ନିର୍ଦ୍ଦେଶମାନ ପ୍ରଦାନ କରିଛନ୍ତି । କେଉଁ ଦୃଶ୍ୟରେ ମଞ୍ଚକୁ କିପରି ସଜାଇବାକୁ ହେବ, ମଞ୍ଚରେ କି କି ଉପକରଣ ମାନ କିପରି ଭାବରେ ସ୍ଥାନିତ ହେବ, ତାହାର ସବିଶେଷ ବିବରଣୀ, ସେ ପୁଙ୍ଖାନୁପୁଙ୍ଖ ଭାବରେ ପ୍ରଦାନ କରିଥାଆନ୍ତି । ତାଙ୍କ ନିର୍ଦ୍ଦେଶିତ ମଞ୍ଚସଜ୍ଜାର ଗୋଟିଏ ଦୁଇଟି ଦୃଷ୍ଟାନ୍ତ ଏଠାରେ ନିଆଯାଇପାରେ ।

Digitized by srujanika@gmail.com

କ. ମଞ୍ଚ ଅନ୍ଧାର ହେଲା । କ୍ରମେ ସେ ଅନ୍ଧାରକୁ ଭେଦ କରି ଦେଖାଗଲା ଗୋଟିଏ ଟର୍ଚ୍ଚର ଆଲୁଅ, କଥାବାର୍ତ୍ତା ହୋଇ ପ୍ରବେଶ କଲେ ପ୍ରାପ୍ତବୟସ୍କା ସବିତା ଓ ବୁଢା ମହୀପଧାନ । ହାତରେ ଡାକ୍ତରୀ ବ୍ୟାଗ । (ଭାଇଭାଉଜ)

ଖ. ପଲ୍ଲୀର ଏକ କ୍ଷୁଦ୍ର କୃଷକ ପରିବାର । ଗୋଟିଏ ପାଖରେ ଖଣ୍ଡିଏ ନୂଆଣିଆ ଚାଳଘର-ସେଇଟି ରହିବା ଘର । କାନ୍ଥରେ ସହସ୍ର ଜଳା । ତା'ପାଖରେ ଗୁହାଳ ଘର । ରହିବା ଘର ଓ ଗୁହାଳ ଘର ମଝିରେ ଖଣ୍ଡିଏ ମେଲା, ସେଥିରେ ଢିଙ୍କି,- ଗୋଟିଏ ପାଖକୁ ଶଗଡ଼ ଚକ ଦୁଇଟି । ଗୋଟିଏ ଭାଡି, ସେଥିରେ କିଛି ଧାନ ଓଳିଆ ଓ ଡୋଲି । ଘର ଭିତରେ କେଇଟି ଶିକା ଝୁଲୁଛି । ବୋଇତିକଖାରୁ ଓ ପାଣିକଖାରୁ ଥୁଆ ହୋଇଛି । (ପୁଆଣି ଘର, ୧ମ ଅଙ୍କ-୧ମ ଦୃଶ୍ୟ)

ଗ. ପୁରାତନ ମଞ୍ଚଟି ତିନି ଭାଗରେ ବିଭକ୍ତ ହେବ, ମଧ ଭାଗଟି ଗୋଟିଏ ଉଚ୍ଚଭୂମି । ପରେ ସେଇ ଉଚ୍ଚ ଭୂମିଟି, ଜଜ୍ ସାହେବଙ୍କ 'ମେସଲ୍' ରୂପେ ବ୍ୟବହୃତ ହୋଇପାରିବ । ସେଇ ଉଚ୍ଚଭୂମିର ପାଶ୍ଚାତ୍ ଦିଗରେ ଗୋଟିଏ ସିଡ଼ି । ସେଇ ସିଡି ଉପର ଦେଇ ଜଜ୍ ମିସଲ୍ ଉପରକୁ ଆସିବେ ଓ କୋର୍ଟ କାର୍ଯ୍ୟ ସରିଲେ ସେଇ ବାଟେ ଓହ୍ଲାଇ ଆସି ଖାସ୍ କାମରାରେ ପ୍ରବେଶ କରିବେ । ପଶ୍ଚାଦ୍‌ଭାଗରେ ଖାସ୍ କାମରାକୁ ପ୍ରବେଶ କରିବାର ରାସ୍ତା ଥିବ ଓ ତା' ପାଖରେ ଗୋଟିଏ ନାଲି ରଙ୍ଗର ପରଦା ଝୁଲୁଥିବ । ପଶ୍ଚାଦ୍‌ଭାଗ କାଛରେ ମହାତ୍ମାଗାନ୍ଧୀଙ୍କର ଗୋଟିଏ ଫଟୋଚିତ୍ର । (ମୃତ ଆସାମୀ, କୋର୍ଟ ଦୃଶ୍ୟ)

ନାଟ୍ୟକାର ରାମଚନ୍ଦ୍ର ମିଶ୍ର, ପେଶାଦାର ରଙ୍ଗମଞ୍ଚ, ସୌଖିନ୍‌ମଞ୍ଚ ଏବଂ ବେତାର ପାଇଁ ନାଟକ ରଚନା କରିଅଛନ୍ତି । ବେତାର ନାଟକ ଗୁଡ଼ିକରେ ଦୃଶ୍ୟ ବିଭାଜନ ରୀତିରେ ଭିନ୍ନତା ରଖିଛନ୍ତି । ସୌଖିନ୍ ମଞ୍ଚରେ ତାଙ୍କର ଅଭିନୀତ ହୋଇଥିବା 'ନାଟକ ରୀତିମତ' ଏକ ଭିନ୍ନ ଧରଣର ନାଟକ, ଯାହା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ନାଟ୍ୟ ସଂସଦ ଦ୍ୱାରା ଅଭିନୀତ ହୋଇଥିଲା । ଏଥିରେ କୌଣସି ପ୍ରକାରର ଅଙ୍କ ବିଭାଜନ ବ୍ୟବସ୍ଥା ନାହିଁ, ବରଂ ତେରଗୋଟି ଦୃଶ୍ୟ ମଧରେ ନାଟକଟି ସୀମିତ । ତେବେ ସଂପୃକ୍ତ ନାଟକରେ ନାଟ୍ୟ ସଂସଦର ସଂପାଦକ, ସଭାପତି, ନାଟ୍ୟକାର, ଦର୍ଶକ, ଉପଦେଷ୍ଟା ଇତ୍ୟାଦି ଚରିତ୍ର ରୂପେ ସ୍ଥାନ ପାଇଛନ୍ତି । ଏମାନେ ସମସ୍ତେ ଦର୍ଶକମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ଯୋଡ଼ିଛନ୍ତି । ଏଇ ନାଟକରେ ମଞ୍ଚ ପ୍ରକାରଣ ଠାରୁ ଉପସ୍ଥାପନା ରୀତି ବରଂ ଅଧିକତର ଭାବରେ ଉପଭୋଗ୍ୟ ହୋଇପାରିଛି । ମାତ୍ର ସଂପୃକ୍ତ ନାଟକରେ ଅତୀତ ଘଟଣାବଳୀର ପୁନଃ ଆଲୋକାୟନ ସଂଘଟନ କରାଇବା ଅବକାଶରେ ମାତ୍ର ଗୋଟିଏ ଦୃଶ୍ୟସଜ୍ଜାର ଅବତାରଣା ଘଟିଛି ।

ପ୍ରବୀଣ ମଞ୍ଚଶିଳ୍ପୀ ରାମଚନ୍ଦ୍ର, ନାଟକ ଗୁଡ଼ିକର ମଞ୍ଚାୟନ କ୍ଷେତ୍ରରେ ପ୍ରାଥମିକ ପର୍ଯ୍ୟାୟରେ ସେତେଟା ଗୁରୁତ୍ୱ ଦେଇ ନାହାନ୍ତି । ପୁନଶ୍ଚ ପ୍ରାୟ ପ୍ରତି ନାଟକର ଦୃଶ୍ୟ ସଜ୍ଜାରେ

Digitized by srujanika@gmail.com

ସେ କେତେକ ଭିନ୍ନତା ରକ୍ଷା କରିଛନ୍ତି । ''ନାଟ୍ୟକାର ରାମଚନ୍ଦ୍ର ମିଶ୍ର କେତେକ ନାଟକରେ ସମଗ୍ର ପ୍ରେକ୍ଷାଳୟକୁ (ଦର୍ଶକ ମଞ୍ଚ ଓ ଅଭିନୟ ମଞ୍ଚ) ଏକ ରଙ୍ଗମଞ୍ଚ ଭାବରେ ପରିକଳ୍ପନା ମଧ୍ୟ କରିଛନ୍ତି । 'ନାଟକ ରୀତିମତ', 'ନରୋତ୍ତମ ଦାସ କହେ', 'ଆଶା ନିରାଶା', 'ମନ୍ତ୍ରୀ ଆସିବେ', 'ଭୋଟ ସଂସାର' ବିଶେଷ କରି 'ମୃତ ଆସାମୀ' ଏଇ ଧରଣର ନାଟକ । ପ୍ରଥମ ଦୁଇଟି ନାଟକରେ ରଙ୍ଗମଞ୍ଚର ଚରିତ୍ର ଦର୍ଶକ ମଞ୍ଚର ଦର୍ଶକ ସିଧାସଳଖ ଦର୍ଶକଙ୍କ ଉଦ୍ଦେଶ୍ୟରେ ସଂଳାପ କହିଛନ୍ତି । ମାତ୍ର 'ମୃତ ଆସାମୀ' 'ଆଶାନିରାଶା', 'ମନ୍ତ୍ରୀ ଆସିବେ' ନାଟକରେ ଉଭୟ ରଙ୍ଗମଞ୍ଚର ଚରିତ୍ର ଓ ଦର୍ଶକମଞ୍ଚର ଦର୍ଶକ ସିଧାସଳଖ ପରସ୍ପର ସହ ପରସ୍ପର କଥାବାର୍ତ୍ତା କରିଛନ୍ତି ।'' (ବ୍ରଜଗୋପାଳ ମହାନ୍ତି - ରାମଚନ୍ଦ୍ର ନାଟ୍ୟ ମାନସ- ପୃଷ୍ଠା-୨୨୦)

ମଞ୍ଚ କୌଶଳ ପରିପ୍ରେକ୍ଷୀରେ ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କର ସମୟୋପଯୋଗୀ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ । ସେ ତାଙ୍କ ଜୀବନର ଉତ୍ତୀର୍ଣ୍ଣ ଲଗ୍ନରେ ସୃଷ୍ଟି କରିଥିବା ନାଟକ ଗୁଡ଼ିକରେ ପ୍ରାୟ ମଞ୍ଚସଜ୍ଜା ପ୍ରତି ସେତେଟା ଧ୍ୟାନଶୀଳ ହୋଇନାହାନ୍ତି । ସେତେବେଳକୁ ଚଳଚ୍ଚିତ୍ର ଓ ଦୂରଦର୍ଶନ ମାଧ୍ୟମରେ ଦର୍ଶକେ ଆମୋଦ ଲାଭ କଲେଣି । ତେଣୁ ଚାକଚକ୍ୟପୂର୍ଣ୍ଣ ଦୃଶ୍ୟ ସଜ୍ଜା ପ୍ରତି ଗୁରୁତ୍ୱ ନ ଦେଇ ବରଂ ସଂଳାପ ଉପରେ ଗୁରୁତ୍ୱ ଦେଇଛନ୍ତି । ଏଇ ପରିପ୍ରେକ୍ଷୀରେ ତାଙ୍କର ସ୍ପଷ୍ଟ ବକ୍ତବ୍ୟ ହେଉଛି- ''ଏ ଚଳଚ୍ଚିତ୍ର ଓ ଦୂରଦର୍ଶନ ଯୁଗରେ, କୌଶଳ ପୂର୍ଣ୍ଣ ଦୃଶ୍ୟଗୁଡ଼ିକୁ, ଚଳଚ୍ଚିତ୍ର ଓ ଦୂରଦର୍ଶନ ପରି, ସଫଳତାର ସହିତ, ମଞ୍ଚର ସୀମିତ ଆୟତନ ମଧ୍ୟରେ ଦର୍ଶାଯାଇ ପାରିବ ନାହିଁ । ତେଣୁ ମାୟା ସୃଷ୍ଟିକାରୀ କୌଶଳ ଗୁଡ଼ିକ, ରଙ୍ଗମଞ୍ଚ ମଧ୍ୟକୁ ଯେତେ କମ୍ ଆସେ, ସେଥିପାଇଁ ପ୍ରଯୋଜକମାନେ ସଚେଷ୍ଟ ରହିଲେ, ମଞ୍ଚରେ ଅଭିନୀତ ନାଟକକୁ, ଦର୍ଶକମାନେ ଅଧିକ ଉପଲବ୍ଧି କରିବାକୁ ସମର୍ଥ ହେବେ ।'' (ରାମଚନ୍ଦ୍ର ମିଶ୍ର- ଲୋକନାଟକ- (୧୯୮୮) ପୃଷ୍ଠା ୧୮)

ନାଟ୍ୟ ରଚନା, ଅଭିନୟ, ନିର୍ଦ୍ଦେଶନା ଇତ୍ୟାଦି ବିବିଧ ସ୍ତରୀୟ ନାଟ୍ୟକର୍ମରେ ଜଡ଼ିତ ରାମଚନ୍ଦ୍ରଙ୍କ ନାଟକୀୟ ଶିଳ୍ପ ଦୃଷ୍ଟିଟି ସ୍ୱତନ୍ତ୍ର । ସେ ସଂଳାପ ସୃଜନରେ ଯେତେ ପାରଦର୍ଶୀ, ଦ୍ୱନ୍ଦ୍ୱ-ଉତ୍କଣ୍ଠା ସୃଜନରେ ସେତେ ଧୂରୀଣ । ସଂଗୀତ ପ୍ରୟୋଗ କ୍ଷେତ୍ରରେ ସେ ଏକାନ୍ତ ରୁଚିଶୀଳ । କିନ୍ତୁ ସବୁଠାରୁ ଆକର୍ଷଣୀୟ ହେଉଛି ତାଙ୍କର ନାଟ୍ୟ ଉପସ୍ଥାପନା କୌଶଳ । ଏଇ ପରିବେଷଣକଳାଟି ତାଙ୍କର ଏକାନ୍ତ ନିଜସ୍ୱ । କେଉଁଠି କିପରି ଭାବରେ କେଉଁ ଭାଗମାପରେ କି, କି ନାଟକୀୟ ଉପାଦାନ ସଂସ୍ଥାନ କରାଗଲେ, ନାଟକଟି ମଞ୍ଚରେ ଉତ୍ତୀର୍ଣ୍ଣ ହୋଇଯିବ ଓ ଦର୍ଶକୀୟ ମନୋରଞ୍ଜନ ସହିତ, ସେମାନଙ୍କୁ ତୃପ୍ତ କରିପାରିବ, ଏ କୌଶଳଟି ତାଙ୍କୁ ଭଲ ଭାବରେ ଜଣାଥିଲା । ତେଣୁ ଗୋଟାଏ ପରେ ଗୋଟାଏ ନାଟକ ତାଙ୍କର ସଫଳ ହୋଇଛି । ତାଙ୍କର କଳା ସୃଜନର ଭାଗମାପ ଜ୍ଞାନଟି, ତାଙ୍କର ଶିଳ୍ପପ୍ରବିଧିକୁ ଉଚ୍ଚସ୍ଥାପତ୍ୟ ସମନ୍ୱିତ କରିପାରିଛି ।

Digitized by srujanika@gmail.com

॥ ପାଞ୍ଚ ॥

ଓଡ଼ିଆ ନାଟ୍ୟଜଗତ : ନାଟ୍ୟକାର ରାମଚନ୍ଦ୍ର ମିଶ୍ର

ଓଡ଼ିଆ ନାଟ୍ୟ ରଚନା ଓ ପରିବେଷଣ କ୍ଷେତ୍ରରେ ଦୁଇ ପ୍ରମୁଖ ସ୍ରଷ୍ଟା ଅଶ୍ୱିନୀ କୁମାର ଘୋଷ ଏବଂ କାଳୀଚରଣ ପଟ୍ଟନାୟକଙ୍କ ଭଳି ଦୁଇ ବରପୁତ୍ରଙ୍କ କୃତିତ୍ୱ ଚିରସ୍ମରଣୀୟ । ଆର୍ଟ ଥିଏଟର୍ ଓ ଓଡ଼ିଶା ଥିଏଟର୍ସ ଗଠନ କରି, ଯଥାକ୍ରମେ ଏଇ ଯୁଗନ୍ଧର ସ୍ରଷ୍ଟା, ଓଡ଼ିଆ ନାଟକକୁ ପାରମ୍ପରିକ ଧାରାରୁ ଆଣି ସାମାଜିକ ପର୍ବରେ ପଦାର୍ପଣ କରାଇଲେ । ଓଡ଼ିଶାର ନାଟ୍ୟାମୋଦୀମାନଙ୍କୁ ଦୀର୍ଘ କାଳ ଧରି ଏଇ ମର୍ତ୍ତ୍ୟ ଗନ୍ଧର୍ବଦ୍ୱୟ ନାଟକ ପରିବେଷଣ କରି ପରିତୃପ୍ତ କରି ଆସିଥିଲେ । ମାତ୍ର ଓଡ଼ିଆ ନାଟ୍ୟକଳାକୁ ଅଧିକ କେତେ ପାଦ ଆଗେଇ ନେଇ ଯିବାରେ, ଯେଉଁ ପ୍ରମୁଖ ନାଟ୍ୟକାର କତିପୟ ଗୁରୁଦାୟିତ୍ୱ ସଂପାଦନ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଅଗ୍ରଣୀ ସ୍ରଷ୍ଟା ଥିଲେ ରାମଚନ୍ଦ୍ର ମିଶ୍ର । ଓଡ଼ିଆ ନାଟ୍ୟ ସାହିତ୍ୟକୁ ସୁବର୍ଣ୍ଣ ଯୁଗରେ ପଦପାତ କରାଇବା ଦିଗରେ ରାମଚନ୍ଦ୍ରଙ୍କ ନେତୃତ୍ୱ ପ୍ରକୃତରେ ବିପ୍ଳବକର ।

ରାମଚନ୍ଦ୍ର ବିଂଶଶତକର ଚତୁର୍ଥ ଦଶକ ବେଳକୁ ନାଟ୍ୟ ରଚନାରେ ହାତ ଦେଇ ନାଟକ ସହିତ ନିଜର କ୍ରମାଗତ ସଂପୃକ୍ତିକୁ ଅର୍ଦ୍ଧଶତକ କାଳ ଧରି ବଜାୟ ରଖିବା ଅନ୍ୟତମ ଆଶ୍ଚର୍ଯ୍ୟଜନକ ବ୍ୟାପାର । ତାଙ୍କର ସମକାଳରେ ନାଟ୍ୟରଥୀମାନେ ଥିଲେ ଭଞ୍ଜକିଶୋର ପଟ୍ଟନାୟକ (୧୯୨୨), ଗୋପାଳ ଛୋଟରାୟ (୧୯୨୦), କମଳଲୋଚନ ମହାନ୍ତି (୧୯୨୧), ମନୋରଞ୍ଜନ ଦାସ (୧୯୨୩), ଭୁବନେଶ୍ୱର ମହାପାତ୍ର (୧୯୨୫), ଅଦ୍ୱୈତ ଚରଣ ମହାନ୍ତି (୧୯୧୯) ଉଦୟନାଥ ମିଶ୍ର (୧୯୧୭), ସୁରେନ୍ ମହାନ୍ତି (୧୯୨୬), ବ୍ୟୋମକେଶ ତ୍ରିପାଠୀ (୧୯୨୯) ଆନନ୍ଦ ଶଙ୍କର ଦାସ, କାର୍ତ୍ତିକ କୁମାର ଘୋଷ ପ୍ରମୁଖ ଅନେକ ନାଟ୍ୟକାର । ଏମାନଙ୍କ ମଧ୍ୟରେ କାର୍ତ୍ତିକ କୁମାର ଘୋଷ ୧୯୩୧ରୁ ୧୯୬୯ ମସିହା ପର୍ଯ୍ୟନ୍ତ ୧୬ ଗୋଟି ନାଟକ, ଭୁବନେଶ୍ୱର ମହାପାତ୍ର ୧୯୫୯ ରୁ ୧୯୭୬ ମସିହା ମଧ୍ୟରେ ୧୨ ଗୋଟି ନାଟକ, ବ୍ୟୋମକେଶ ତ୍ରିପାଠୀ ୧୯୬୨ରୁ ୧୯୭୫ ମଧ୍ୟରେ ୧୦ ଗୋଟି ନାଟକ, କମଲ୍‌ଲୋଚନ ମହାନ୍ତି ୧୯୫୪ରୁ ୧୯୬୮ ମସିହା ମଧ୍ୟରେ ୧୦ ଗୋଟି ନାଟକ, ବଳରାମ ମିଶ୍ର ୧୯୫୯ ରୁ ୧୯୬୭ ପର୍ଯ୍ୟନ୍ତ ୧୦ ଗୋଟି ନାଟକ, ଓ ଆନନ୍ଦଶଙ୍କର ଦାସ ୧୯୫୦ ରୁ ୧୯୮୦ ମଧ୍ୟରେ ନଅଗୋଟି ନାଟକ ରଚନା କରିଯାଇଛନ୍ତି । ମାତ୍ର ଏମାନଙ୍କ ମଧ୍ୟରେ ରାମଚନ୍ଦ୍ରଙ୍କ ଏକାନ୍ତ ସମକାଳରେ ନାଟକ ରଚନା ଓ ଅଭିନୟାଦିରେ ସଂପୃକ୍ତ ଥିବା ଦୁଇ ପ୍ରମୁଖ ଯୋଦ୍ଧା ଥିଲେ ଭଞ୍ଜକିଶୋର ପଟ୍ଟନାୟକ ଓ ଗୋପାଳ ଛୋଟରାୟ ।

Digitized by srujanika@gmail.com

ଏଇ ତିନିଜଣ ଥିଲେ ସେ ସମୟର ଲୋକପ୍ରିୟ ନାଟ୍ୟକାର, ଯେଉଁମାନେ, କାଳୀଚରଣଙ୍କ ପରେ ଓଡ଼ିଆ ରଙ୍ଗମଞ୍ଚ ପାଇଁ ଯଥେଷ୍ଟ ଶ୍ରମ ସାଧନା ସ୍ୱୀକାର କରି ନାଟକମାନ ଯୋଗାଇ ଆସିଥିଲେ । ଏମାନଙ୍କ ନାଟ୍ୟ ସମ୍ଭାର ପ୍ରତି ସାଧାରଣ ଦୃଷ୍ଟି ଦେଲେ ଜଣାଯାଏ ଯେ, ଭଞ୍ଜକିଶୋର ୧୯୪୫ ରୁ ୧୯୭୮ ମଧ୍ୟରେ ସତେଇଶି ଗୋଟି ନାଟକ ଏବଂ ଗୋପାଳ ଛୋଟରାୟ ୧୯୪୬ ରୁ ୧୯୬୦ ମଧ୍ୟରେ ମାତ୍ର ବାରଗୋଟି ନାଟକ ଉପହାର ଦେଇଥିବା ବେଳେ ନାଟ୍ୟକାର ରାମଚନ୍ଦ୍ର ୧୯୪୨ରୁ ୧୯୯୨ ମସିହା ମଧ୍ୟରେ ଅଠେଇଶ ଗୋଟି ନାଟକ ଉପହାର ଦେଇ ଓଡ଼ିଆ ନାଟ୍ୟଜଗତକୁ ବିଭିନ୍ନ ଦୃଷ୍ଟିରୁ ସଂବୃଦ୍ଧ କରିଆସିଛନ୍ତି । ଏଇ ତିନିଜଣଙ୍କ ମଧ୍ୟରେ କାହିଁକି, ବରଂ ତାଙ୍କ ସମକାଳର ସ୍ରଷ୍ଟାମାନଙ୍କ ମଧ୍ୟରେ, ରାମଚନ୍ଦ୍ର ସର୍ବାଧିକ ନାଟକରେ ସ୍ରଷ୍ଟା, ପୁଣି ସର୍ବାଧିକ କାଳ ପର୍ଯ୍ୟନ୍ତ ଓଡ଼ିଆ ନାଟକ ରଚନା ଓ ନାଟ୍ୟମଞ୍ଚ ସହିତ ସଂପୃକ୍ତ ଥିଲେ । ପୁନଶ୍ଚ ବିଭିନ୍ନ ଧରଣର ନାଟକ, ଛୋଟ ନାଟକ, ଉପନ୍ୟାସର ନାଟ୍ୟରୂପ ପ୍ରଦାନ, ବେତାର ନାଟକ ପ୍ରଭୃତି ରଚନା କରି, ଓଡ଼ିଆ ନାଟକର ବର୍ଣ୍ଣବିଭାକୁ ସେ ଭିନ୍ନ ଭିନ୍ନ ଦୃଷ୍ଟିରୁ ଉଜ୍ଜ୍ୱଳ କରିଗଲେ । ରାମଚନ୍ଦ୍ରଙ୍କ ସମକାଳର ସ୍ରଷ୍ଟା ଗୋପାଳ ଓ ଭଞ୍ଜକିଶୋରଙ୍କ ସୃଜନ କଳାର ସ୍ୱାକ୍ଷର ବହନ କରିଥିବା ପେଶାଦାର ମଞ୍ଚରେ ଅଭିନୀତ ହୋଇଥିବା ନାଟକ ଗୁଡ଼ିକୁ ସଂପୃକ୍ତ ତୁଳନା ସାରଣୀ ମାଧ୍ୟମରେ ଦର୍ଶାଇ ଦିଆଯାଇପାରେ ।

ତୁଳନା ସାରଣୀ

ମସିହା	ରାମଚନ୍ଦ୍ର ମିଶ୍ର	ଗୋପାଳ ଛୋଟରାୟ	ଭଞ୍ଜକିଶୋର ପଟ୍ଟନାୟକ
୧୯୪୨	ଅଭିମାନ	——	——
୧୯୪୩	ମ୍ୟାନେଜର	——	——
୧୯୪୫	ମୂଲିଆ	——	ଦେବୀ
୧୯୪୬	କବିସୂର୍ଯ୍ୟ	ଫେରିଆ	ଜହର, ବେନାମୀ
୧୯୪୭	——	——	ଶିକାରୀ
୧୯୪୯	——	——	ତୋଫାନ, ଗରିବ
୧୯୫୦	ଘରସଂସାର	——	ଆଲୋକ, ଜୀବନଜୁଆ
୧୯୫୧	——	——	ମାଣିକଯୋଡ଼ି, ମାଧବୀ
୧୯୫୨	ମଉଡ଼ମଣି	——	ବୈରାଗୀର ସଂସାର, ଜୟମାଲ୍ୟ
୧୯୫୩	ସାଇପଡ଼ିଶା, ଭାଇଭାଉଜ ନାଟକ ରୀତିମତ	ଭରସା	——
୧୯୫୪	ଗୋଧୂଳି ଲଗ୍ନ	ପରକଲମ	——

Digitized by srujanika@gmail.com

ମସିହା	ରାମଚନ୍ଦ୍ର ମିଶ୍ର	ଗୋପାଳ ଛୋଟରାୟ	ଭଞ୍ଜକିଶୋର ପଟ୍ଟନାୟକ
୧୯୫୫	ସେବିକା, ମମତା	ଶଙ୍ଖାସିନ୍ଦୂର	ଅତିଥି
୧୯୫୬	——	ନଷ୍ଟ ଉର୍ବଶୀ	ଅର୍ଦ୍ଧାଙ୍ଗିନୀ
୧୯୫୭	ଚାବୁକ୍	——	ସାଆନ୍ତଘର, ପରିଶୋଧ, ଏ ଯୁଗର ଝିଅ
୧୯୫୮	ପ୍ରତୀକ୍ଷା	ଅମଡାବାଟ	ପ୍ରତାପରୁଦ୍ରଦେବ, ଅଗ୍ନିପରୀକ୍ଷା, ରାଜନର୍ତ୍ତକୀ
୧୯୫୯	ପ୍ରବାସୀ	ଅଭାଗିନୀର ସ୍ୱର୍ଗ	ଅଶୋକ ସ୍ତମ୍ଭ
୧୯୬୦	ପଡ଼ୋଶୀ	ମଳାଜହ୍ନ, ପ୍ରତିଭା	——
୧୯୬୧	——	——	ସୁଖୀ ସଂସାର
୧୯୬୨	ପୁଅାଣିଘର	——	——
୧୯୬୪	——	——	ଗୋଟିଏ ମାଆ କୋଟିଏ ସନ୍ତାନ
୧୯୬୮	ପରପୁରୁଷ	——	——
୧୯୬୯	ନରୋତ୍ତମ ଦାସ କହେ	ଦଳ ବେହେରା	——
୧୯୭୦	ଆବିଷ୍କାର	——	ଆକାଶ ଯେଉଁଠି ମାଟି ଛୁଏଁ
୧୯୭୨	ବିସ ପୁଣି ଦେଖା ନଯାଏ	——	ଦେବଭୂମି
୧୯୯୨	ପର୍ଯ୍ୟନ୍ତ ନାଟ୍ୟରଚନା ଅବ୍ୟାହତ ଥିଲା		

ସଂଶିତ ସମୟରନାଟ୍ୟକାରମାନେ ସମାଜ ବ୍ୟବସ୍ଥାକୁ ନାନା ଭାବରେ ବ୍ୟବଚ୍ଛେଦ କରି ନାଟକମାନ ରଚନା କରି ସେଥିରେ ପରମ୍ପରା ଓ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇଛନ୍ତି । ସାମାଜିକ ବାସ୍ତବତାର ଚିତ୍ରାଙ୍କନରେ ରାମଚନ୍ଦ୍ର ଓ ତାଙ୍କ ସମକାଳର ନାଟ୍ୟକାରମାନେ ଅଭ୍ୟସ୍ତ ଥିଲେ । ଏମାନଙ୍କ ନାଟକରେ ଗ୍ରାମ୍ୟଜୀବନର ଚିତ୍ର ଓ ଚରିତ୍ରମାନେ ଅଧିକ ସ୍ଥାନ ଦଖଲ କରିନେଇଛନ୍ତି । ନାଟକ ରଚନାକୁ ସାମାଜିକ ଦାୟିତ୍ୱ ଓ ଏହା ମାଧ୍ୟମରେ କିଛିବାର୍ତ୍ତା ଯୋଗାଇ ଦେବା, ଯେମିତି ନାଟ୍ୟକାରମାନଙ୍କର କର୍ତ୍ତବ୍ୟ ରୂପେ ବିବେଚିତ ହୋଇଥିଲା । ସାମାଜିକ ଜୀବନର ସତ୍ୟଘଟଣା ସହିତ ଆଦର୍ଶବତ୍ତାର ରଙ୍ଗ ଦେଇ ଏ ସମୟରେ ଅନେକ ନାଟକ ସୃଷ୍ଟି ହୋଇଥିଲା । ଗାନ୍ଧୀବାଦୀ ଆଦର୍ଶ ସହିତ ଦୟା, କ୍ଷମା, ତ୍ୟାଗ ଇତ୍ୟାଦି ଉଚ୍ଚ ମାନବିକ ମୂଲ୍ୟବୋଧ ପ୍ରଖ୍ୟାପନ କରିବା, ଶଂସିତ ସମୟର ନାଟ୍ୟରଚନାର ପ୍ରମୁଖ ଉଦ୍ଦେଶ୍ୟ ଥିଲା । ଫଳରେ ନାଟକରେ ଦେଖାଦେଲେ ଅନେକ ଆଦର୍ଶବାଦୀ ଚରିତ୍ର । ସମାଜରେ ସ୍ନେହ-ପ୍ରୀତି-ମୈତ୍ରୀର ଧାରା ପ୍ରବାହିତ କରିବା ଥିଲା ନାଟ୍ୟକାରମାନଙ୍କ ଅଙ୍ଗୀକାରବଦ୍ଧତା ।

Digitized by srujanika@gmail.com

ପୁନଶ୍ଚ ସମୟର ଆହ୍ୱାନ ନାଟକ ମାଧମରେ ପ୍ରତିଧ୍ୱନିତ ହେଉଥିଲା । ପ୍ରାଚ୍ୟ-ପାଶ୍ଚାତ୍ୟ ଚଳଣିରେ ପାର୍ଥକ୍ୟ ପ୍ରଦର୍ଶନ କରାଇ ପାଶ୍ଚାତ୍ୟ ସଂସ୍କୃତିର ଉଚ୍ଛୃଙ୍ଖଳତା ଠାରୁ, ପ୍ରାଚ୍ୟ ସଂସ୍କୃତିର ଉଚ୍ଚମାନବିକ ମୂଲ୍ୟବୋଧକୁ ଅଧିକତର ମର୍ଯ୍ୟାଦା ପ୍ରଦାନ କରି, ପ୍ରାଚ୍ୟର ସନାତନୀ ଭାବନା ନିକଟରେ ପାଶ୍ଚାତ୍ୟର ଅଳିକ ଭୋଗସର୍ବସ୍ୱତାକୁ ହୀନପ୍ରଭ କରାଯାଉଥିବା ଏଇଭଳି ଏକ ପରିସର ଭିତରେ ଅନ୍ୟମାନଙ୍କ ଭଳି, କେତେକ କାହାଣୀ, ଚରିତ୍ର ଏବଂ ଘଟଣାଗତ ସାମ୍ୟ, ରାମଚନ୍ଦ୍ରଙ୍କ ନାଟକ ଗୁଡ଼ିକରେ ପ୍ରାୟ ପରିଲକ୍ଷିତ । ମାତ୍ର ଏହା ବ୍ୟତୀତ, ରାମଚନ୍ଦ୍ରଙ୍କ ପ୍ରତ୍ୟେକଟି ସୃଷ୍ଟିରେ ତାଙ୍କର ସ୍ୱକୀୟତା ସ୍ୱତନ୍ତ୍ର ଭାବରେ ସଂସ୍ଥାନିତ ।

ରାମଚନ୍ଦ୍ର ମିଶ୍ର ତାଙ୍କ ନାଟକରେ ଯୌଥ ପରିବାରର ସଂଘାତ ଓ ସଂଘର୍ଷକୁ ବାସ୍ତବତା ସହିତ ସଂପୃକ୍ତ କରି ଦୃଢ ଭାବରେ ବିଶ୍ୱାସନୀୟ କରିବାରେ ଜଣେ ଧୁରନ୍ଧର ସ୍ରଷ୍ଟା । ଏ ଧରଣର ନାଟକରେ ସେ ପାରିବାରିକ ଜୀବନର ନିଖୁଣ ଚିତ୍ର ପ୍ରଦାନ କରନ୍ତି, ଯାହା ଦେଖି ଦର୍ଶକ ଅନୁଭବ କଲେ ଯେ, ଯେମିତି ମଞ୍ଚରେ ଥିବା ଚରିତ୍ର, ତା' ପରିପାର୍ଶ୍ୱରେ ଚଲାଫେରା ଓ କଥାବାର୍ତ୍ତା କରୁଥିବା କୌଣସି ଏକ ଚରିତ୍ର । ଏ ଦୃଷ୍ଟିରୁ ତାଙ୍କର 'ଘରସଂସାର', 'ଭାଇଭାଉଜ', ମୂଳିଆ ଏବଂ 'ନରୋତ୍ତମ ଦାସ କହେ' ଇତ୍ୟାଦି ଗୋଟିଏ ଗୋଟିଏ ବାସ୍ତବାଶ୍ରୟୀ ନାଟ୍ୟ ସୃଷ୍ଟି ।

ରାମଚନ୍ଦ୍ରଙ୍କ ନାଟକରେ କୃଷିଭିତ୍ତିକ ଗ୍ରାମ୍ୟ ସମାଜର ରୂପ ଚିତ୍ର ଅତ୍ୟନ୍ତ ସ୍ୱଚ୍ଛ ଓ ନିଚୋଳ ଭାବରେ ପ୍ରକାଶିତ । ଛୋଟ ଖଣ୍ଡେ ଜମି ପାଇଁ କୃଷକ ଜୀବନର ଆଶା, ଆଗ୍ରହ ଓ ବିଶ୍ୱାସ ଦୁର୍ବଳତାକୁ ନାଟ୍ୟକାର ବଡ଼ ସୁନ୍ଦର ଭାବରେ ପ୍ରକାଶ କରିପାରିଛନ୍ତି । କୃଷକର କୃଷିଭୂମି ସର୍ବସ୍ୱ ଜୀବନ ନିକଟରେ, ଅନନ୍ତ ଯାତନା ମଧ ତୁଚ୍ଛ ହୋଇପାରେ- କୃଷକ ଜୀବନର ଏଇ ମର୍ମବାଣୀକୁ 'ମୂଳିଆ', 'ମଉଡ଼ମଣି', 'ପୁଆଣିଘର', 'ଭାଇଭାଉଜ' ଇତ୍ୟାଦି ନାଟକରେ ମାଧମରେ ସେ ଚମତ୍କାର ଭାବରେ ଉପସ୍ଥାପନ କରିପାରିଛନ୍ତି ।

ଗ୍ରାମ୍ୟ ଜୀବନର ସରଳ ବିଶ୍ୱାସବୋଧ, ଅସୂୟାହୀନ ଜୀବନ ଚଳଣି, ପରକୁ ଆପଣାର କରି ନେବାର ମହନୀୟତା, ସହରୀ ସଭ୍ୟତାରେ ଅବିଶ୍ୱାସର ବିଷାକ୍ତ ବଳୟ, ସ୍ୱାର୍ଥପରତାର ଚରମ ପରିଣତି ଇତ୍ୟାଦିକୁ ନାଟ୍ୟକାର ତାଙ୍କ ନାଟକ ଗୁଡ଼ିକରେ ଉପସ୍ଥାପନ କରିଛନ୍ତି । ମାନବ ଜୀବନ, ମାଟି ମାଆକୁ ମୂଲ୍ୟ ଦେବା ପାଇଁ, ତାଙ୍କ ନାଟକ ଗୁଡ଼ିକରେ ତତ୍ପରତା ପ୍ରକାଶ ପାଇଛି । ସମୟର ଆହ୍ୱାନକୁ ଧରି ରଖି, ବାସ୍ତବତା ଭିତ୍ତିରେ ଯାହା ସତ୍ୟ, ତଦ୍ରୂପ ଚିତ୍ର ଉତ୍ତୋଳନରେ ରାମଚନ୍ଦ୍ରଙ୍କ ଶିଳ୍ପୀତ୍ୱର ପ୍ରବୀଣତା ଲକ୍ଷ୍ୟ କରାଯାଏ ।

କାହାଣୀ ଭିତରେ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ପରିପ୍ରେକ୍ଷୀରେ, ରାମଚନ୍ଦ୍ରଙ୍କ 'ନାଟକ ରୀତିମତ' ସମୟର ସମକାଳିକତା ପରିପ୍ରେକ୍ଷୀରେ ଏକାନ୍ତ ଅଭିନବ ସୃଷ୍ଟି । ନାଟକ ମଞ୍ଚସ୍ଥ କରାଇବାର ଯନ୍ତ୍ରଣା, ଭଳି ସାଧାରଣ ଘଟଣା, ସଂପୃକ୍ତ ନାଟକରେ ଅଭିନବ ରୀତିରେ ଉପସ୍ଥାପିତ । ଆଧୁନିକ ପାଶ୍ଚାତ୍ୟ ଶିକ୍ଷାର ଅନ୍ତସାରଶୂନ୍ୟତା ଏବଂ ଉଚ୍ଚ ପ୍ରମାଣ ପତ୍ର ହାସଲ ଦ୍ୱାରା ଜୀବିକା କରି ହୁଏ ନାହିଁ ବରଂ ବିଦ୍ୟାଠାରୁ ଏହାର ପ୍ରାୟୋଗିକ ଦିଗଟି ଅଧିକ

Digitized by srujanika@gmail.com

ଗ୍ରହଣୀୟ- ଏହା ନାଟକ ମାଧ୍ୟମରେ ନାଟ୍ୟକାର ଦର୍ଶାଇଛନ୍ତି । ଶ୍ରେଣୀ କକ୍ଷର ତାତ୍ତ୍ୱିକ ବିଶ୍ଳେଷଣ, ବାସ୍ତବ ଜଗତରେ ଜୀବନଧାରଣ ପାଇଁ ଅଯୋଗ୍ୟ- ଏହା ସେ 'ଗୋଧୂଳି ଲଗ୍ନ' ନାଟକରେ ସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି । ଆପଣାର ବ୍ୟକ୍ତିତ୍ୱ ଓ ଦକ୍ଷତା ହିଁ, ବ୍ୟକ୍ତି ଜୀବନର ମାନକ, ଏହାକୁ ରାମଚନ୍ଦ୍ର ଦ୍ୱିଧାହୀନ ଭାବରେ ପ୍ରକାଶ କରିପାରିଛନ୍ତି । ଏ ଦୃଷ୍ଟିରୁ ଓଡ଼ିଆ ନାଟ୍ୟ ଜଗତରେ 'ଗୋଧୂଳି ଲଗ୍ନ' ଏକ ଭିନ୍ନ ସୃଷ୍ଟି ରୂପେ ବିବେଚିତ ।

ରାମଚନ୍ଦ୍ର ଥିଲେ ଆଦର୍ଶବାଦୀ ଏବଂ ଅତି ମାତ୍ରାରେ ଉତ୍କଳପ୍ରାଣ । ଉତ୍କଳୀୟତାର ଗଭୀର ପ୍ରଲେପ, ତାଙ୍କ ନାଟକର କାହାଣୀ, ସଂଳାପ, ସଂଗୀତ, ଚରିତ୍ର ଓ ଚିତ୍ର- ପ୍ରତ୍ୟେକଟିରେ ପ୍ରଦର୍ଶିତ ଓଡ଼ିଆର ଚଳଣି, ଚରିତ୍ର, ଶିକ୍ଷା-ସଂସ୍କାର, ପର୍ବପର୍ବାଣି, ଯାନିଯାତ୍ରା, ମେଳା ମହୋତ୍ସବ, ଆଶ୍ୱାସ ଓ ବିଶ୍ୱାସ, ବିବାହ-ବ୍ରତ, ଭୋଜି ମହୋତ୍ସବ, ଖାଦ୍ୟପେୟ, ଆଚରଣ, ଉଚ୍ଚାରଣ, ହର୍ଷ-ବିଷାଦ, ପ୍ରୀତି-ପ୍ରତାରଣା, ତ୍ୟାଗ-ଆଦର୍ଶ ନ୍ୟାୟ-ନୀତି ଇତ୍ୟାଦିର ସମର୍ଥ ଚିତ୍ର ତାଙ୍କ ନାଟକ ଗୁଡ଼ିକରେ ଅନାୟାସରେ ଦେଖାଯାଏ । ଓଡ଼ିଶାରେ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଓ ଓଡ଼ିଆତ୍ୱର କ୍ରମକ୍ଷୟିଷ୍ଣୁତାକୁ ତାଙ୍କ ନାଟ୍ୟଶାଳା ଆଦରି ନେଇଛି । ତେଣୁ ତାଙ୍କ ନାଟକ ଓଡ଼ିଆତ୍ୱର ପ୍ରକୃତ ଓ ପ୍ରକୃଷ୍ଟ ନିଦର୍ଶନ ।

ସଂଳାପ ପ୍ରୟୋଗରେ ନାଟ୍ୟକାରଙ୍କ ଶାଳୀନତା ଲକ୍ଷ୍ୟ କରିବା କଥା । ସହଜ, ସରଳ, ଅଥଚ ଭାବପୂର୍ଣ୍ଣ ସଂଳାପ ସୃଜନରେ ସେ ଥିଲେ ଜଣେ ପ୍ରଭାବଶାଳୀ ସ୍ରଷ୍ଟା । ତାଙ୍କ ସଂଳାପରେ ସାହିତ୍ୟିକ ବାର୍ତ୍ତାଳାପ ନୁହେଁ, ଅପରନ୍ତୁ ତାହା ମଣିଷର ତୁଣ୍ଡର ଭାଷା, ଯାହାକୁ ଶୁଣିବା ମାତ୍ରେ ସେ ସମୟର ନିରକ୍ଷର କଳାକାରମାନେ, ଏହାର ଭାବ ଓ ଅର୍ଥବୋଧକତାରେ ମଜ୍ଜି ଯାଇ ଏହାକୁ ମାତ୍ର ଥରେ ଦୁଇଥର ମତାଣ କରି ସ୍ମରଣ ରଖି ପାରୁଥିଲେ । ଜବରଦସ୍ତ ମନୋରଞ୍ଜନ ନିମିତ୍ତ, ସେ କେଉଁଠାରେ ହେଲେ ତାଙ୍କର ନିଜସ୍ୱ କଥ୍ୟ ରୀତିରୁ ଓହରି ଯାଇ ନାହାନ୍ତି । ସେ ପ୍ରେମ ପ୍ରଣୟର ଚିତ୍ର ପ୍ରଦାନ କରିଛନ୍ତି, ଅଥଚ ବ୍ୟବସାୟିକ ସଫଳତା ପ୍ରାପ୍ତି ନିମିତ୍ତ କେବେବି ଉନ୍ମୁକ୍ତ ଉତ୍ତେଜନାକୁ ପ୍ରଶ୍ରୟ ଦେଇନାହାନ୍ତି । ତାଙ୍କ ସମୟର ଅନ୍ୟ କେତେଜଣ ନାଟ୍ୟକାର ସେମାନଙ୍କ ନାଟକରେ ପ୍ରେମ-ପ୍ରଣୟ ନାମରେ ଯୌନତାକୁ ଉତ୍ତେଜିତ କରାଇ ବ୍ୟବସାୟିକ ସାଫଲ୍ୟ ଲାଭ ନିମିତ୍ତ ଉନ୍ମୁଖ ହୋଇଥିବା ବେଳେ, ରାମଚନ୍ଦ୍ର କିନ୍ତୁ ପରିଚ୍ଛନ୍ନ ନୀତି ଓ ଆଦର୍ଶର ବଶବର୍ତ୍ତୀ ହୋଇଥିବାରୁ, ପ୍ରେମ-ପ୍ରଣୟର ଚିତ୍ରାର୍ପଣରେ ସଂଯମତା ଓ ଶାଳୀନତା ଲଂଘନ କରିନାହାନ୍ତି ।

ରାମଚନ୍ଦ୍ର ବ୍ୟବସାୟିକ ଓ ସୌଖୀନ- ଉଭୟ ପ୍ରକାରର ମଞ୍ଚ ପାଇଁ ନାଟକ ରଚନା କରି ଏଥିରେ ସଫଳତା ପାଇଛନ୍ତି । ଦୃଶ୍ୟ ନାଟକ ଓ ବେତାର ନାଟକ ରଚନାରେ ସିଦ୍ଧି ଲାଭ କରିଛନ୍ତି । ନାଟକ ଓ ଛୋଟ ନାଟକ ରଚନା କରିଛନ୍ତି । ନିଜସ୍ୱ କଳ୍ପିତ କାହାଣୀ ସହିତ, ଉପନ୍ୟାସ କାହାଣୀକୁ ନାଟ୍ୟ ରୂପ ପ୍ରଦାନ କରିଅଛନ୍ତି । ତାଙ୍କ ରଚିତ ମଞ୍ଚ ନାଟକ ପୁଣି ପରବର୍ତ୍ତୀ ପର୍ଯ୍ୟାୟରେ ଦୂରଦର୍ଶନ, ଚଳଚ୍ଚିତ୍ର ଓ ବେତାର ନାଟକ ଭାବରେ ରୂପାନ୍ତରିତ ହୋଇ, ଅସମ୍ଭବ ସଫଳତା ପ୍ରାପ୍ତ ହେବା ଅନ୍ୟତମ ଗୌରବାବହ ଘଟଣା ।

Digitized by srujanika@gmail.com

ରାମଚନ୍ଦ୍ର ଥିଲେ ତାଙ୍କ ସମୟର ଅନ୍ୟତମ ପ୍ରଭାବଶାଳୀ ନାଟ୍ୟକାର କାଳୀଚରଣଙ୍କ ନାଟକର ତୀକ୍ଷ୍ଣ ସମାଲୋଚକ । କାଳୀଚରଣଙ୍କ ମନ୍ତବ୍ୟରେ ତାଙ୍କ ଭିତରେ ଯେଉଁ ଅଭିମାନ ଆସିଥିଲା, ତାହାହିଁ ହେଲା ତାଙ୍କ ସୃଜନଲୀଳାର ଆଦ୍ୟ ସଂକେତ ଅବଦାନ । ସେ ସବୁ ଶ୍ରେଣୀର କାହାଣୀକୁ ନେଇ ନାଟ୍ୟରୂପ ଦେଇଛନ୍ତି । ନାଟକରେ ପ୍ରକାଶ କରିଛନ୍ତି ଆଦର୍ଶ ଓ ଉଚ୍ଚ ମାନବିକ ମୂଲ୍ୟବୋଧର ନିଦର୍ଶନ । ଚରିତ୍ର ଚିତ୍ରଣରେ ସାମାଜିକ ସବୁ ବର୍ଗର ଚରିତ୍ର ଗ୍ରହଣ କରିଛନ୍ତି, ଅଥଚ କୌଣସିଟି ଚରିତ୍ର ତାଙ୍କର ଅନାବଶ୍ୟକ ଅଥବା ଉପେକ୍ଷଣୀୟ ନୁହେଁ । ପ୍ରତିଟି ଚରିତ୍ର ପ୍ରତି ସେ ସମଧରଣର ସୁବିଚାର ପ୍ରକାଶ କରିଯାଇଛନ୍ତି । ସମୟର ସ୍ପନ୍ଦନକୁ ସେ ତାଙ୍କ ନାଟକରେ ଧରି ରଖିଛନ୍ତି, ଦର୍ଶକୀୟ ରୁଚିବୋଧକୁ ସମ୍ମାନ ଜଣାଇ, ସେ ନାଟକ ରଚନା କରିଥିବାରୁ ତାଙ୍କର କୌଣସିଟି ନାଟକ ଅନାଦରଣୀୟ ହୋଇନାହିଁ । ବ୍ୟବସାୟିକ ରଙ୍ଗମଞ୍ଚ ପାଇଁ ନାଟକ ରଚନା କରିଥିବାରୁ ସେ ମଞ୍ଚ କୌଶଳ ପ୍ରତି ଥିଲେ ଅଧିକ ସଚେତନ । ତାଙ୍କ ନାଟକ ଗୁଡ଼ିକ ପୁଣି କୌଣସି ପରିସ୍ଥିତିରେ ଅତି ନାଟକୀୟ ଦୋଷଦୁଷ୍ଟ ନୁହନ୍ତି । ଚରିତମୂଳକ ନାଟକ ରଚନାରେ ସେ ଯେତେ ଧୂରୀଣ, ରାଜନୀତିକ ନାଟକରେ କଳୁଷିତ ରାଜନୀତିର ସ୍ପଷ୍ଟ ଚିତ୍ର ପ୍ରଦାନରେ ସେ ସେତେ ସ୍ପଷ୍ଟବାଦୀ ଓ ନିର୍ଭୀକ ।

ରାମଚନ୍ଦ୍ରଙ୍କ ନାଟକରେ ରହିଛି ଓଡ଼ିଆ ଜନଜୀବନର ବିଶ୍ୱସ୍ତ ଓ ବିଶ୍ୱାସନୀୟ ରୂପଚିତ୍ର । ଓଡ଼ିଆର ଅନ୍ତର୍ବୀଣାର ସୂକ୍ଷ୍ମ ତନ୍ତ୍ରୀରେ ସେ ସ୍ପନ୍ଦନ ସୃଷ୍ଟି କରିଛନ୍ତି । ନାଟକ କେବଳ ମନୋରଞ୍ଜନ ନିମିତ୍ତ ଉଦ୍ଦିଷ୍ଟ ନୁହେଁ, ବରଂ ଏହା ଲୋକ ଶିକ୍ଷାର ଧାରକ ଓ ବାହକ- ଏହାହିଁ ତାଙ୍କ ନାଟ୍ୟ ରଚନାର ଆଭିମୁଖ୍ୟ । ତେଣୁ ସାମାଜିକ ଅଙ୍ଗୀକାରବଦ୍ଧତା ତାଙ୍କ ନାଟକର ପ୍ରମୁଖ ଉଦ୍ଦେଶ୍ୟ । ସେ ଥିଲେ ମାନବବାଦୀ । ସେ ମଣିଷକୁ ଭଲ ପାଇଛନ୍ତି, ମାନବୀୟ ମୂଲ୍ୟବୋଧକୁ ମହାମୂଲ୍ୟ ଦେଇ ସେ ସମ୍ମାନ ପ୍ରଦର୍ଶନ କରିଛନ୍ତି । ବ୍ୟକ୍ତି ଓ ସମାଜ- ଯେଉଁଠାରେ ଜୀବନର ସ୍ଖଳନ ଅନୁଭବ ସେ କରିଛନ୍ତି, ତାକୁ ସେ ତତ୍‌କ୍ଷଣାତ୍ ଶାଣିତ ବ୍ୟଙ୍ଗବାଣରେ ଆଘାତ କରି, ସଂସ୍କାରିତ କରିବାର ସୁଦୃଢ଼ ପ୍ରଚେଷ୍ଟା ଜାରି ରଖିଛନ୍ତି । ଏ ଦୃଷ୍ଟିରୁ ସେ ଜଣେ ଭିନ୍ନ 'ନରୋତ୍ତମ' । 'ନରୋତ୍ତମ'ର ଆତ୍ମା ହିଁ ତାଙ୍କର ଅନ୍ତରାତ୍ମାର ଆହ୍ୱାନ । ପରମ୍ପରାର ସୁରକ୍ଷା ପାଇଁ ସେ ଯେତେ ତତ୍ପର, ଆଧୁନିକତାର ସଂସ୍କାର ନିମିତ୍ତ ସେ ସେତେ ଆଶାବାଦୀ ।

ରାମଚନ୍ଦ୍ର ମିଶ୍ର ଓଡ଼ିଆ ନାଟ୍ୟ ଜଗତରେ ଯୁଗନ୍ଧର ନାଟ୍ୟ ପୁରୁଷ । ଜୀବନର ଯାବତୀୟ କାଳ, ନାଟକ ପାଇଁ ସେ ଉତ୍ସର୍ଗ କରିଛନ୍ତି । ଅର୍ଦ୍ଧଶତକ କାଳ ସେ ନାଟକ, ନାଟ୍ୟମଞ୍ଚ, ନାଟ୍ୟ ଆନ୍ଦୋଳନ ସହିତ ଜଡ଼ିତ ରହିଛନ୍ତି । ନାଟକର ବିଚାରକ ଭାବରେ ସେ ନାଟ୍ୟ ସମାଲୋଚନା କରିଛନ୍ତି । ସବୁଠାରୁ ଆନନ୍ଦର ବିଷୟ, ସେ ଆପେ ନାଟକଟିଏ ଲେଖି ଦେଇ ଅଥବା ଏହାକୁ ମଞ୍ଚସ୍ଥ କରାଇ ନୀରବ ହୋଇଯାଇ ନାହାନ୍ତି, ବରଂ ସମଗ୍ର ଜୀବନ ନାଟ୍ୟ ମନସ୍କ ହୋଇ ସେ, ତରୁଣ ଓ ପରବର୍ତ୍ତୀ ନାଟ୍ୟକାରମାନଙ୍କ ମଧ୍ୟରେ ନାଟକର

Digitized by srujanika@gmail.com

ନିଶା ଭରି ଦେଇଛନ୍ତି, ସେମାନଙ୍କୁ ଦିଶା ଦେଇଛନ୍ତି । ସେମାନଙ୍କ ଆଶାର ପୂର୍ଣ୍ଣତା ପାଇଁ ପ୍ରୋତ୍ସାହିତ କରିଛନ୍ତି । ତାଙ୍କ ପରବର୍ତ୍ତୀ ପିଢିର ପ୍ରାୟ ପ୍ରତ୍ୟେକ ଓଡ଼ିଆ ନାଟ୍ୟକାର, କୌଣସି ନା କୌଣସି କ୍ଷେତ୍ରରେ କେମିତି ହେଲେ ବି ତାଙ୍କ ସ୍ପର୍ଶରେ ଆସିଥିବେ, ଜ୍ଞାତ ବା ଅଜ୍ଞାତରେ ହେଉ ତାଙ୍କ ନାଟ୍ୟ ପ୍ରତିଭାର ଚୁମ୍ବକୀୟ ଆକର୍ଷଣ ଦ୍ୱାରା ପ୍ରଭାବିତ ହୋଇଥିବେ ।

ଉପସଂହାର :

ଜଣେ ପ୍ରତିଭାବନ୍ତ, ପ୍ରଭାବନ୍ତ ଓ ପ୍ରଭାବବନ୍ତ ନାଟ୍ୟକାର, ନାଟ୍ୟପୁରୁଷ, ନାଟ୍ୟାଭିନେତା, ନାଟ୍ୟ ସମାଲୋଚକ, ନାଟ୍ୟାମୋଦୀ ଭାବରେ ନାଟ୍ୟମନସ୍କ ରାମଚନ୍ଦ୍ରଙ୍କ ଜୀବନ ନାଟ୍ୟ ପ୍ରୀତିରେ ଥିଲା ଉଚ୍ଛଳ ଆଉ ଉଜ୍ଜ୍ୱଳ । ତାଙ୍କ 'ଅଭିମାନ'ର ଯେତେ 'ଅର୍ଥ, ଅର୍ଥାନ୍ତର' କରାଗଲେ ବି, ତାହା ତାଙ୍କ ଭଳି ଜଣେ ବିରଳ ପ୍ରତିଭାଙ୍କ ପାଇଁ ଅନୁକୂଳ ହୋଇଯାଇପାରେ । ରାମଚନ୍ଦ୍ର କେବଳ ନାଟ୍ୟକାର ନୁହନ୍ତି, ସେ ଗୋଟାଏ ବିଚକ୍ଷଣ ନାଟ୍ୟଚକ୍ର, ଯାହାର ଘୂର୍ଣ୍ଣନରେ ଓଡ଼ିଆ ନାଟ୍ୟଧାରା ଋଦ୍ଧିମନ୍ତ । ସେ ଗୋଟାଏ ସ୍ୱତନ୍ତ୍ର ନାଟ୍ୟ ଆନ୍ଦୋଳନ ଓଡ଼ିଶାର ଅର୍ଦ୍ଧଶତକର ନାଟ୍ୟ ପରମ୍ପରା ସହିତ ଏଇ ନାଟ୍ୟପୁରୁଷଙ୍କ ସଂପୃକ୍ତି, ପ୍ରକୃତରେ ଓଡ଼ିଶାର ନାଟ୍ୟଧାରାର ଭିନ୍ନ ଇତିହାସ ହୋଇସାରିଛି ।

Digitized by srujanika@gmail.com

ପରିଶିଷ୍ଟ - 'କ'

ନାଟ୍ୟକାର ରାମଚନ୍ଦ୍ର : ସଂକ୍ଷିପ୍ତ ଜୀବନ ପଞ୍ଜି

୧୯୨୦-୧୨	ଅକ୍ଟୋବର - କୁଆଁରବ
୧୯୩୪-୩୫	ବାଣପୁର ହାଇସ୍କୁଲରେ ଅଧ୍ୟୟନ
୧୯୩୬-	'ବନଫୁଲ'ରେ 'ଫେରିବି କି କବିତା' ପ୍ରକାଶିତ, କେନ୍ଦୁଝରରେ ଓଡ଼ିଆ ସାହିତ୍ୟ ସମ୍ମିଳନୀରେ ସଂପୃକ୍ତ କବିତାଟି ଗୋଦାବରୀଶଙ୍କ ଦ୍ୱାରା ପଠନ ।
୧୯୩୭-	କଟକ ମିଶନ୍ ସ୍କୁଲ୍‌ରେ ଅଧ୍ୟୟନ, 'To The Cuckoo' ରେ ଇଂରାଜୀ କବିତା ପ୍ରକାଶ ।
୧୯୩୯-	ମାଟ୍ରିକ୍ ପାଶ୍, ରେଭେନ୍ସା କଲେଜରେ ଅଧ୍ୟୟନ, 'ରଶ୍ମି' ପତ୍ରିକାରେ 'ଅକୁହା କଥା' ଗଳ୍ପ ପ୍ରକାଶିତ ।
୧୯୪୦-	ସଚ୍ଚିଦାନନ୍ଦ ରାଉତରାୟ, ସୁରେନ୍ଦ୍ର ମହାନ୍ତି ଏବଂ ଅନନ୍ତ ପଟ୍ଟନାୟକ ପ୍ରମୁଖ ସାରସ୍ୱତ ସ୍ରଷ୍ଟାମାନଙ୍କ ସହିତ ସାହିତ୍ୟିକ ସମ୍ବନ୍ଧ ।
୧୯୪୦-୪୧	ମାନସିଂହଙ୍କ ସଂପାଦିତ 'ଆରତୀ' ପତ୍ରିକାରେ 'ସୀତା ଦେବୀ' ଛଦ୍ମ ନାମରେ 'ଫୁଲ' ଓ 'ପୂର୍ଣ୍ଣାହୁତି' ପ୍ରକାଶ, 'ସହକାର'ରେ 'ଛାଇ' ଗଳ୍ପ ପ୍ରକାଶ । ଆଇ.ଏ. ଶ୍ରେଣୀରେ ଅଧ୍ୟୟନ ଓ ନାଟକ ରଚନା ଆରମ୍ଭ- ପ୍ରଖ୍ୟାତ ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ନାଟକ ଦେଖା ଓ ଏହାଦ୍ୱାରା ପ୍ରଭାବିତ, କାଳୀଚରଣଙ୍କ 'ଗାର୍ଲ ସ୍କୁଲ୍'ର ସମାଲୋଚନା ଲେଖା ।
୧୯୪୨-	ପ୍ରଥମ ନାଟକ 'ଅଭିମାନ' ରଚନା
୧୯୪୩-	'ଭାରତୀ ଥିଏଟର୍ସ'ରେ ପ୍ରଥମ ନାଟକ 'ଅଭିମାନ' ମଞ୍ଚାୟନ ।
୧୯୪୩-୪୪	ରେଭେନ୍ସା କଲେଜ ଛାଡି, ମଧୁସୂଦନ ଆଇନ କଲେଜରେ ଆଇନ ଶିକ୍ଷା ଗ୍ରହଣ ।
୧୯୪୬-	ବି.ଏଲ୍. ପରୀକ୍ଷା ଓ ବିବାହ । ଖଣ୍ଡପଡାରେ ଡେପୁଟୀ କଲେକ୍ଟର ରୂପେ ବୃତ୍ତି ଜୀବନ ଆରମ୍ଭ ।
୧୯୫୦-	ବାଲେଶ୍ୱର ସ୍ଥାନାନ୍ତର ଅକ୍ଟୋବର ପହିଲାରେ ଚାକିରୀରୁ ସ୍ୱେଚ୍ଛାକୃତ ଇସ୍ତଫା ।
୧୯୫୧-	'ବିବାହିତା' ଉପନ୍ୟାସ ରଚନା ।
୧୯୫୨-	'ଘର ସଂସାର' ନାଟକ ପାଇଁ ଦିଲ୍ଲୀରେ ପି.ଇ.ଏନ୍ ଦ୍ୱାରା ସମ୍ମାନିତ ।
୧୯୫୩-	ରାଜନୀତିକ ଜୀବନରେ ସଫଳତା

Digitized by srujanika@gmail.com

୧୯୬୨- ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ଅଧ୍ୟକ୍ଷ ।

୧୯୭୩- ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ,
ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ବହୁ ଉନ୍ନୟନମୂଳକ କାର୍ଯ୍ୟ ସାଧନ ।

୧୯୭୪- ବିଧାୟକ ପଦ ପାଇଁ ନିର୍ବାଚନରେ ପ୍ରାର୍ଥୀ, ମାତ୍ର ୧୪ଟି ଭୋଟରେ ପରାଜୟ,
ଏକାମ୍ର ଥିଏଟର୍ସ ଦ୍ୱାରା ସମ୍ମାନିତ,
Music Circle, ରାଉରକେଲା ଦ୍ୱାରା ସମ୍ମାନିତ ।

୧୯୭୫- ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା 'ଘରସଂସାର'ର କାହାଣୀ ପାଇଁ ପୁରସ୍କାର ।

୧୯୮୦- ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ଶ୍ରେଷ୍ଠ ନାଟ୍ୟକାର ସମ୍ମାନ, ଉତ୍କଳ ପାଠକ ସଂସଦ ପୁରସ୍କାର ।

୧୯୮୫- ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା 'ନାଟକ ରୀତିମତ' ପାଇଁ ପୁରସ୍କୃତ ।

୧୯୮୮- କଲଚରାଲ୍ ଏକାଡେମୀ ରାଉରକେଲା ଦ୍ୱାରା ସମ୍ମାନିତ ।

୧୯୯୨- ୨୬ ଜୁନ୍- ରାମ ନାମ ସତ୍ୟ ହେ ।

Digitized by srujanika@gmail.com

ପରିଶିଷ୍ଟ - 'ଖ'

ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ନାଟକ ଓ ଛୋଟନାଟକ ଗୁଡ଼ିକର ବିବରଣ

କ୍ରମିକ	ନାଟକ/ଛୋଟ ନାଟକର ନାମ	ସୃଜନକାଳ	ମଞ୍ଚାୟନ ସମୟ	ନାଟ୍ୟମଞ୍ଚ
୧.	ଅଭିମାନ	୧୯୪୨	୧୯୪୩	ଭାରତୀ ଥିଏଟର, କଟକ
୨.	ମ୍ୟାନେଜର	୧୯୪୩	୧୯୪୫	ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
୩.	ମୂଳିଆ-୨୭-୫-୫୯-ବେତାର	୧୯୪୫	୧୯୪୫	ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
୪.	କବିସୂର୍ଯ୍ୟ-୩-୨-୬୮ ବେତାର	୧୯୪୬	୧୯୪୭	ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍
୫.	ଘରସଂସାର-୨୪-୯-୬୨ବେତାର	୧୯୫୦	୧୯୫୦	ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
୬.	ମଉଡ଼ମଣି	୧୯୫୨	୧୯୫୨	ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
୭.	ସାଇପଡ଼ିଶା	୧୯୫୩	୧୯୫୩	ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
୮.	ନାଟକ ରୀତିମତ	୧୯୫୩	୧୯୫୩	ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ୍ ନାଟ୍ୟ ସଂସ୍ଥା, କଟକ ।
୯.	ଭାଇଭାଉଜ-୧୪-୧୨-୭୨ବେତାର	୧୯୫୩	୧୯୫୪	ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
୧୦.	ଗୋଧୂଳି ଲଗ୍ନ (ଅନ୍ତରାଗ)	୧୯୫୪	୧୯୫୪	ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ୍ ନାଟ୍ୟ ସଂସ୍ଥା, କଟକ ।
୧୧.	ସେବିକା	୧୯୫୫	୧୯୫୫	ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
୧୨.	ମମତା	୧୯୫୫	୧୯୫୫	ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
୧୩.	ଚାବୁକ	୧୯୫୭	୧୯୫୮	ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
୧୪.	ପ୍ରତୀକ୍ଷା	୧୯୫୮	୧୯୫୯-୨୬-୯-୬୯	ଆକାଶବାଣୀ, କଟକ
୧୫.	ପ୍ରବାସୀ	୧୯୫୯	୧୯୬୩ ୧୬-୧୧-୬୩	ଆକାଶବାଣୀ, କଟକ
୧୬.	ପଡ଼ୋଶୀ	୧୯୬୦ ୨୯-୨-୬୦	୧୯୬୦	ଆକାଶବାଣୀ, କଟକ
୧୭.	ପୁଆଣିଘର	୧୯୬୨	୧୯୬୨	ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
୧୮.	ପରପୁରୁଷ	୧୯୬୮	୧୯୬୮	ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
୧୯.	ନରୋତ୍ତମ ଦାସ କହେ	୧୯୬୯	୧୯୬୯	ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍
୨୦.	ଆବିଷ୍କାର	୧୯୭୦	୧୯୭୦ ୧୫-୮-୭୦	ଆକାଶବାଣୀ, କଟକ
୨୧.	କିସ ପୁଣି ଦେଖା ନ ଯାଏ	୧୯୭୨	୧୯୭୨	ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍
୨୨.	ମୃତ ଆସାମୀ	୧୯୮୧	୧୯୮୧	ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍
୨୩.	ରଜତ ଜୟନ୍ତୀ	୧୯୮୫	୧୯୮୫	ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍
୨୪.	ଆଶା ନିରାଶା	୧୯୯୧	୧୯୯୧	ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍

Digitized by srujanika@gmail.com

୨୫.	ମନ୍ତ୍ରୀ ଆସିବେ	୧୯୯୧	୧୯୯୧	ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍
୨୬.	ଚୋଟ ସଂସାର	୧୯୯୧	୧୯୯୧	ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍
୨୭.	ଅର୍ଥ ଅନର୍ଥ	୧୯୯୨	୧୯୯୨	ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍
୨୮.	ପାଞ୍ଚ ଏକର ଜମି (ଅସଂପୂର୍ଣ୍ଣ)	୧୯୯୨		
୨୯.	କଳାପାହାଡ଼ (ଅସଂପୂର୍ଣ୍ଣ)			
୩୦.	ବିବାହିତା (ଉପନ୍ୟାସ)	୧୯୫୧ ପ୍ରକାଶ		ରାଧାମୋହନ ପୁସ୍ତକାଳୟ- ବାଙ୍କା ବଜାର, କଟକ
୩୧.	ସେଇ ଲକ୍ଷ୍ମୀପୁର (ଉପନ୍ୟାସ)	୧୯୯୩ ପ୍ରକାଶ		ଆର୍ଯ୍ୟ ପ୍ରକାଶନ- ଲିଙ୍କ ରୋଡ୍, କଟକ
୩୨.	ଲୋକନାଟକ ଆଲୋଚନା	୧୯୯୮ ପ୍ରକାଶ		ଓଡ଼ିଶା ବୁକ୍ ଷ୍ଟୋର୍, ବାଲୁ ବଜାର, କଟକ

Digitized by srujanika@gmail.com

ପରିଶିଷ୍ଟ - 'ଗ'

ରାମଚନ୍ଦ୍ରଙ୍କ ସ୍ୱହସ୍ତ ଲିପି - ୧



Digitized by srujanika@gmail.com

ରାମଚନ୍ଦ୍ରଙ୍କ ସ୍ୱହସ୍ତଲିପି - ୨



Digitized by srujanika@gmail.com

ରାମଚନ୍ଦ୍ରଙ୍କ ସ୍ୱହସ୍ତଲିପି - ୩



Digitized by srujanika@gmail.com

ନାଟ୍ୟପୁରୁଷ ରାମଚନ୍ଦ୍ର ମିଶ୍ର



ସାଧନାରତ ନାଟ୍ୟକାର

Digitized by srujanika@gmail.com

ଅଜୟ କୁମାର ମିଶ୍ର ଓଡ଼ିଆ ସାହିତ୍ୟରେ ପିଏଚ୍.ଡି ଓ ଡି.ଲିଟ୍ ଡିଗ୍ରୀ ଲାଭ କରିଛନ୍ତି । ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରି ସେ ଏଯାବତ୍ ଚାଳିଶିରୁ ଅଧିକ ଗ୍ରନ୍ଥ ପ୍ରଣୟନ କରିଛନ୍ତି । ସଂପ୍ରତି ସେ ସାଲେପୁର ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟାପକ ।

ରାମଚନ୍ଦ୍ର ମିଶ୍ର (୧୯୨୦-୯୨) ଆଧୁନିକ ଓଡ଼ିଆ ନାଟ୍ୟ ସାହିତ୍ୟର ଅନ୍ୟତମ ନିର୍ମାତା । ତାଙ୍କ ରଚିତ ମୁକ୍ତିଆ, ଘରସଂସାର, ଭାଇଭାଉଜ ପ୍ରଭୃତି ସାମାଜିକ ସମସ୍ୟାମୂଳକ ନାଟକ ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ଦ୍ୱାରା ମଞ୍ଚସ୍ଥ ହୋଇ ବିପୁଳ ଜନପ୍ରିୟତା ଅର୍ଜନ କରିଥିଲା । ବିଂଶ ଶତାବ୍ଦୀର ଚତୁର୍ଥ ଦଶକରୁ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ନାଟ୍ୟ ରଚନା, ଅଭିନୟ ଓ ନିର୍ଦ୍ଦେଶନା ଇତ୍ୟାଦିରେ ନିଜକୁ ନିୟୋଜିତ କରି ରଖିଥିଲେ । ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସେ ପୁରସ୍କୃତ ହୋଇଥିଲେ ।

ତଥ୍ୟ ଓ ଗବେଷଣା ଉପରେ ଆଧାରିତ ଏହି ମନୋଗ୍ରାଫ୍‌ଟି ରାମଚନ୍ଦ୍ର ମିଶ୍ରଙ୍କର ଜୀବନ ଓ କୃତିର ଏକ ମୂଲ୍ୟବାନ ଆଲେଖ୍ୟ ।

ଗଣେଶ୍ୱର ମିଶ୍ର
ସଭାପତି
ଓଡ଼ିଶା ସାହିତ୍ୟ ଏକାଡେମୀ

ISBN : 81-7586-118-5

Digitized by srujanika@gmail.com